# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୨୦/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, March 20 / 2019 ★★

୧୫ଶ ଭାଗ ୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଟପ୍ସରେ ପାରା ଆଥଲେଟ୍ ପ୍ରମୋଦ**

ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ସରକାରଙ୍କ 'ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)ରେ ଓଡ଼ିଶା ପାରା ଆଥଲେଟ୍ ପ୍ରମୋଦ ଭଗତ ସାମିଲ ହୋଇଛନ୍ତି।

୧୮

୦୭

**ପ୍ରଭାବଶାଳୀ ମହିଳା ତାଲିକାରେ ପ୍ରିୟଙ୍କା**

ବିଶ୍ୱ ଆଇକନ୍ ପ୍ରିୟଙ୍କା ଚୋପ୍ରା ଜୋନାସ୍ ୟୁଏସ୍ଏ ଟୁଡେଜ୍ ଲିଷ୍ଟର ୫୦ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି।



# ଜଳିଗଲା ସ୍କୁଲ ଭ୍ୟାନ୍

■ ବର୍ତ୍ତିଲେ ୧୧ ଛାତ୍ରୀଛାତ୍ର



ଜାତୀୟ ରାଜପଥରେ ଜଳୁଥିବା ସ୍କୁଲ ଭ୍ୟାନ।

ପାଟଣା,୧୯।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ନିକଟସ୍ଥ ୨୨୦ନଂ ଜାତୀୟ ରାଜପଥର ଧାନବେଣୀ ନିକଟରେ ମଙ୍ଗଳବାର ୧୧ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ଘରୋଇ ଟାଟା ମ୍ୟାଜିକରେ ଦିନ ସାଢ଼େ ୧୨ଟାରେ ଅଚାନକ ନିଆଁ ଲାଗି ଜଳିଯାଇଛି। ତେବେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଗାଡ଼ିଟି ହୁ ହୁ ହୋଇ ଜଳିବାରୁ ରାସ୍ତାରେ କିଛି ସମୟ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଶର୍ଟସର୍କିଟ ଯୋଗୁଁ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

ସବୁ ଦିନ ଭଳି ଏହି ଗାଡି ପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୯ଜଣ ଛାତ୍ରୀ ଓ ୨ଜଣ ଛାତ୍ରଙ୍କୁ ନେଇ ୨୨୦ନଂ. ଜାତୀୟ ରାଜପଥ ଦେଇ ବଡ଼ବିଲ ଯାଉଥିଲା। ପାଟଣା-କରଞ୍ଜିଆ ମଝି ଧାନବେଣୀ ନିକଟରେ ଗାଡ଼ି ଇଞ୍ଜିନରେ ହଠାତ୍ ନିଆଁ ଲାଗି ଯାଇଥିଲା। ଚାଳକ ଲାଲମୋହନ ମହାନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ି ଅଟକାଇ ଛାତ୍ରୀଛାତ୍ରଙ୍କୁ ବାହାରକୁ ନେଇଆସିଥିଲେ। ☞ପୃଷ୍ଠା-୧୫

# ସବୁଠି ଅସନ୍ତୋଷ

**ବିଜେଡି, କଂଗ୍ରେସରେ ବିଦ୍ରୋହ ଡାକରା**

- ■ ବିଜେଡିରୁ ୨ନେତାଙ୍କ ଇସ୍ତଫା
- ■ ଅର୍କ, ପ୍ରତ୍ୟୁଷାଙ୍କ କ୍ଷୋଭ
- ■ କଂଗ୍ରେସରୁ ସାଧୁ ନେପାକଙ୍କ ଇସ୍ତଫା
- ■ ସୁରେନ୍ଦ୍ର ସିଂ ଭୋଇଙ୍କ ବିକ୍ଷୋଭ
- ■ ଟିଟିଲାଗଡ଼ରେ ଦୋକାନ ବଜାର ବନ୍ଦ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଟିକେଟରୁ ଆମକୁ ବଞ୍ଚିତ କରାଯାଇଛି। ଆମ ପ୍ରତି ବିଶ୍ୱାସଘାତ କରାଯାଇଛି। ଡାକି ଆଲୋଚନା କରିବା ପରେ ମଧ୍ୟ ଅଣଦେଖା କରାଯାଇଛି। ଆଉ ଦଳରେ ରହିବୁ ନାହିଁ। ଚଳିତ ନିର୍ବାଚନରେ ସ୍ୱାଧୀନରେ ହେଉ କିମ୍ବା ଅନ୍ୟ ଦଳରୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ନିଶ୍ଚିତ। ଏଭଳି ବିଷୋଦ୍‌ଗାର କରିଛନ୍ତି ବିଜେଡି ଓ କଂଗ୍ରେସର ଟିକେଟରୁ ବଞ୍ଚିତ ହୋଇଥିବା କେତେଜଣ ଏମପି, ବିଧାୟକ ଓ ଆଶାୟୀ ପ୍ରାର୍ଥୀ । ବିଜେଡି ପ୍ରଥମ ଦଫାରେ ୯ ଲୋକ ସଭା ଓ ୫୪ ବିଧାନସଭା ଆସନ ପାଇଁ ଏବଂ କଂଗ୍ରେସ ୬ ଲୋକ ସଭା ଓ ୩୬ ବିଧାନସଭା ଆସନ ସକାଶେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଟିକେଟ ମିଳି ନ ଥିବାରୁ ଆଶାୟୀମାନେ ଦଳୀୟ ନେତୃତ୍ୱଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରାର୍ଥୀ ତାଲିକା ଘୋଷଣା ହେବାର ୨୪ ଘଣ୍ଟା ନ ପୂରୁଣୁ ଟିକେଟ ପାଇ ନ ଥିବା ବିଜେଡି ଓ କଂଗ୍ରେସର ଆଶାୟୀମାନେ ଦଳ ନେତୃତ୍ୱଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। ଟିକେଟ ପାଇ ନ ଥିବା ବିଜେଡି ଓ କଂଗ୍ରେସର କେତେଜଣ ନେତା ଦଳରୁ ଇସ୍ତଫା ଦେଇଛନ୍ତି। ଏପରି କି ଅନ୍ୟ ଦଳକୁ ନ ଗଲେ ମଧ୍ୟ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ସୂଚନା ଦେଇଛନ୍ତି। ସୁନ୍ଦରଗଡ଼, ନୟାଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼, ସଇଁତଳା, ପାରଳାଖେମୁଣ୍ଡି, ବ୍ରହ୍ମଗିରି, ଫୁଲବାଣୀ ଆଦି ବିଭିନ୍ନ ଆସନରୁ ଟିକେଟ ନ ମିଳିବାରୁ ଦଳ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଛି।

୨୦୧୪ ବିଧାନସଭା ନିର୍ବାଚନରେ ସୁନ୍ଦରଗଡ଼ରୁ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ଟିକେଟ ପାଇବାରୁ ବଞ୍ଚିତ ହେବା ଯୋଗୁ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଆଉ ଜଣେ ବିଜେଡି ଆଶାୟୀ ପ୍ରାର୍ଥୀ ପ୍ରମୋଦ ପଟ୍ଟନାୟକ କଳାହାଣ୍ଡି ଜିଲା ବିଜେଡିର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ପ୍ରମୋଦ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଟିକେଟ ନ ମିଳିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ଅନୁରୂପ ଭାବେ ଟିକେଟ ନ ପାଇବାରୁ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେହିପରି କନ୍ଧମାଳ ଲୋକ ସଭା ଆସନରୁ ଟିକେଟ ପାଇ ନ ଥିବା କନ୍ଧମାଳ ଏମପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମଧ୍ୟ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ନୟାଗଡ଼ ବିଧାନସଭାରୁ ଯଦି ଦଳ ତାଙ୍କୁ ଟିକେଟ ନ ଦେବ ତେବେ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ନିଷ୍ପତ୍ତି ନେବେ। ରାଜ୍ୟ ସଭା ସଦସ୍ୟ ଥିବା ଅଚ୍ୟୁତ ସାମନ୍ତଙ୍କୁ ବିଜେଡି କନ୍ଧମାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏହାକୁ ନେଇ ପ୍ରତ୍ୟୁଷା କ୍ଷୁବ୍ଧ ହେବା ସହ ନୟାଗଡ଼ ବିଧାନସଭା ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ନୟାଗଡ଼ରୁ ବିଧାୟକ ଥିବା ଅରୁଣ ସାହୁ ପୁଣିଥରେ ସେହି ଆସନରୁ ନିର୍ବାଚନ ଲଢ଼ିବା ନେଇ ଜୋରସୋର କସରତ ଆରମ୍ଭ କରିଛନ୍ତି। ନୟାଗଡ଼ରୁ ବିଜେଡି କାହାକୁ ପ୍ରାର୍ଥୀ କରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ। ସେହିପରି ଟିକେଟ ନ ପାଇବାରୁ କ୍ଷୁବ୍ଧ ହୋଇଛନ୍ତି କଳାହାଣ୍ଡି ଏମପି ଅର୍କ କେଶରୀ ଦେଓ। ସେ ଗଣମାଧ୍ୟମକୁ କହିଛନ୍ତି ☞ପୃଷ୍ଠା-୧୫




**ଆଜିର ସମ୍ପାଦକୀୟ**

**ଛଦ୍ମ ଦେଶପ୍ରେମ**

**ଆଜିର ମନ୍ତବ୍ୟ**

" ନରେନ୍ଦ୍ର ମୋଦି ପୁନଃ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ଚାଇନା ଭଳି ଭାରତରେ ମଧ୍ୟ ଆଉ ନିର୍ବାଚନ ହୋଇ ନ ପାରେ।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

# ଭାରତର ପ୍ରଥମ ଲୋକପାଳ ନିଯୁକ୍ତ

ନୂଆଦିଲ୍ଲୀ,୧୯।୩ (ପି.ଟି)



ପିନାକୀ ଚନ୍ଦ୍ର ଘୋଷ

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ପିନାକୀ ଚନ୍ଦ୍ର ଘୋଷ୍‌ଙ୍କୁ ମଙ୍ଗଳବାର ଦେଶର ପ୍ରଥମ ଲୋକପାଳ ଭାବେ ନିଯୁକ୍ତି ଦିଆଯାଇଛି। ୨୦୧୭ ମେ'ରେ ଅବସର ନେଇଥିବା ଜଷ୍ଟିସ୍ ଘୋଷ୍ ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ର ସଦସ୍ୟ ଅଛନ୍ତି। ଜଷ୍ଟିସ୍ ଦିଲୀପ ବି. ଭୋସ୍‌ଲେ, ପ୍ରଦୀପ କୁମାର ମହାନ୍ତି, ଅଭିଲାଷ କୁମାରୀ ଏବଂ ଅଜୟ କୁମାର ତ୍ରିପାଠୀଙ୍କୁ ଲୋକପାଳର ଜୁଡିସିଆଲ ମେମ୍ବର ଭାବେ ନିଯୁକ୍ତି ଦିଆଯାଇଛି।

ପୂର୍ବତନ ସଶସ୍ତ୍ର ସୀମାବଳ ମୁଖ୍ୟ ଅର୍ଚ୍ଚନା ରାମସୁନ୍ଦରମ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ଶାସନ ସଚିବ ଦିନେଶ କୁମାର ଜୈନ, ମହେନ୍ଦର ସିଂ ଏବଂ ଇନ୍ଦ୍ରଜିତ ପ୍ରସାଦ ଗୌତମଙ୍କୁ ଲୋକପାଳର ଅଣ-ବିଚାରବିଭାଗୀୟ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ଉକ୍ତ ନିଯୁକ୍ତିକୁ ସୁପାରିସ କରିଥିବାବେଳେ ରାଷ୍ଟ୍ରପତିଙ୍କ ଦ୍ୱାରା ଏହା ଅନୁମୋଦନ ଲାଭ କରିଥିଲା।

# ଦୁଇଟି ଆସନର ରହସ୍ୟ

ସୁନୀତ୍ ମିଶ୍ର

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ରାଜ୍ୟରେ ଦୀର୍ଘ ୧୯ବର୍ଷ ଶାସନ କ୍ଷମତାରେ ରହିବା ପରେ ବିଜେଡି ଏବେ କିଛି ମାତ୍ରାରେ ବିରୋଧୀଙ୍କୁ ମୁକାବିଲା କରିବା ପାଇଁ ଚିନ୍ତିତ ଥିବାଭଳି ମନେ ହେଉଛି। ଏକାଧିକ ଟିକେଟ ଆଶାୟୀ ଏବଂ କେତେଜଣ ବରିଷ୍ଠ ନେତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ବିରୋଧରେ ବାହାରେ ଖୋଲାଖୋଲି ମୁହଁ ଖୋଲିବା ସହ ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏମାନଙ୍କୁ ବୁଝାଇ ଶୁଝାଇ ରଖିବାରେ ଦଳର କ୍ରାଇସିସ୍ ମ୍ୟାନେଜର ଭାବେ ପରିଚିତ ଥିବା ନେତାମାନେ ମଧ୍ୟ ବିଫଳ ହେଉଛନ୍ତି। ଏପରି କି ଟିକେଟ ନ ମିଳିବା ପରେ କଳାହାଣ୍ଡି ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ପଟ୍ଟନାୟକ ନବୀନ ପଟ୍ଟନାୟକଙ୍କ ଉପରେ ଦୋଷାରୋପ କରି ତାଙ୍କୁ 'ମିଛୁଆ' ବୋଲି କହି ଦଳ ଛାଡିଛନ୍ତି। ଫଳରେ ପୂର୍ବରୁ ଏହିସବୁ ପରିସ୍ଥିତିର ସମ୍ମୁଖୀନ ହୋଇ ନ ଥିବା ବିଜେଡି କିଛି ନୂଆ କରିବା ଚେଷ୍ଟାରେ ଅଛି। ବିଗତ ଦିନରେ ଦଳରୁ ବହିଷ୍କୃତ ଏବଂ ନିଲମ୍ବିତ ହୋଇଥିବା ଅଧିକାଂଶ ନେତାଙ୍କୁ ପୁଣିଥରେ ଫେରାଇ ଆଣିବାର ଯେଉଁ ପ୍ରୟାସ ଆରମ୍ଭ ହୋଇଛି ଏହା ବୋଧହୁଏ ତାହାର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ମୁଖ୍ୟତଃ ବରିଷ୍ଠ ନେତା ଦିଲୀପ ରାୟ ଏବଂ ବିଜୟ ମହାପାତ୍ର ୩ମାସ ତଳେ ଭାଜପାରୁ ଇସ୍ତଫା ଦେବା ପରେ ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ଲାଗି ରହିଛି। ଦୀର୍ଘଦିନ ଏଭଳି ଆଲୋଚନା ଚାଲିଥିଲେ ମଧ୍ୟ ଉଭୟ ନେତା ଏନେଇ କୌଣସି ସ୍ପଷ୍ଟ ସୂଚନା ନ ଦେବା ଘଟଣାକୁ ଶିଥିଳ କରି ଦେଇଥିଲା। ମାତ୍ର ଗତ ଶନିବାର ଦିଲୀପ ନବୀନ ନିବାସ ଯିବା ପରେ ପୁଣିଥରେ ଉଭୟ ନେତା ବିଜେଡି ଫେରିବେ ବୋଲି ସାଧାରଣରେ ବିଶ୍ୱାସ କରାଯାଉଛି। ଏହାପର ଠାରୁ ପ୍ରତିଦିନ ଆଜି ନୁହେଁ କାଲି ଦିଲୀପ ଆସି ବିଜେଡିରେ ଯୋଗଦେବେ ଏଭଳି ଆଲୋଚନା ଚାଲିଛି। ନବୀନ ନିବାସରୁ ଦିଲୀପ ଫେରିବା ପରେ ଏସବୁ ଆଲୋଚନା ଫସରଫାଟି ଯାଇଥିବା ଭିତିରି ମହଲରୁ ଜଣାପଡିଛି। ଉଭୟ ଦିଲୀପ ଏବଂ ବିଜୟ ବିଜେଡି ନୁହେଁ ବରଂ ପୁନର୍ବାର ଭାଜପା ଫେରିବେ ଏଭଳି କଥା ଶୁଣିବାକୁ ମିଳିଲାଣି। ☞ପୃଷ୍ଠା-୧୫







NATIONAL EGG CO-ORDINATION COMMITTEE 19.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 90 | 145 | 155 |
| DKL | 90 | 145 | 155 |
| BDK | 92 | 148 | 158 |
| BLS | 92 | 148 | 158 |
| ANG | 90 | 145 | 155 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers












“ପୁଲୱାମା ଆକ୍ରମଣ ପରେ ଭାଜପା ୨୦୧୯ ଭୋଟକୁ ‘ଖାକି ନିର୍ବାଚନ’ରେ ପରିଣତ କରିବାକୁ ଉଦ୍ୟମ କରୁଛି।
–ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା

## ■ ଏପ୍ରିଲ ୧୮ରେ ୩୯ ଆସନରେ ଭୋଟ

# ସ୍ଥିତି ସୁଧାରିବେ ଷ୍ଟାଲିନ୍

ଚେନ୍ନାଇ/ନୂଆଦିଲ୍ଲୀ,୧୯।୩

ତାମିଲନାଡୁରେ ପ୍ରଥମଥର ପାଇଁ ଦୁଇ ବଡ଼ ନେତା ଏଆଇଏଡିଏମ୍‌କେର ଜେ. ଜୟଲଳିଥା ଏବଂ ଡିଏମ୍‌କେର କେ. କରୁଣାନିଧିଙ୍କ ଅବର୍ତ୍ତମାନରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ଲୋକ ସଭା ନିର୍ବାଚନ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ (ଇପିଏସ୍) ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲଭମ୍(ଓପିଏସ୍)ଙ୍କ ନେତୃତ୍ୱ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ପାଲଟିଛି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିବା ବିରୋଧୀ ଦଳ ନେତା ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍‌ଙ୍କ ପାଇଁ ଏହା ଅଗ୍ନିପରୀକ୍ଷା ସଦୃଶ। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଏଥର ରାଜ୍ୟ ରାଜନୀତିରେ ଅନେକ ପରିବର୍ତ୍ତନ ଆସିଥିବାରୁ ସମୀକରଣ ଓ ଫଳାଫଳ ମଧ୍ୟ ଭିନ୍ନ ପ୍ରକାର ଆସିପାରେ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଉଛନ୍ତି।

ତାମିଲନାଡୁର ୩୯ ଲୋକ ସଭା ଆସନରେ ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ଗୋଟିଏ ଆସନରେ ମଧ୍ୟ ଏହି ଦିନ ଭୋଟଗ୍ରହଣ କରାଯିବ। ତାମିଲନାଡୁ ଓ ପୁଡୁଚେରୀରେ ଏଆଇଏଡିଏମ୍‌କେ ଏନ୍‌ଡିଏର ନେତୃତ୍ୱ ନେଉଛି। ଏହି ମେଣ୍ଟରେ ଭାଜପା, ଡିଏମ୍‌ଡିକେ, ପିଏମ୍‌କେ, ଟିଏମ୍‌ସି, ପୁଥିୟା ନିଥି କଟଚି ଏବଂ ପୁଥିୟା ତମିଝାଗମ୍ ରହିଛି। ଏଆଇଏଡିଏମ୍‌କେ ୨୦ ଓ ଭାଜପା ୫ ଆସନରେ ନିର୍ବାଚନ ଲଢ଼ିବେ। ଅବଶିଷ୍ଟ ୧୪ ଆସନରେ ଅନ୍ୟ ସହଯୋଗୀ ଦଳଗୁଡ଼ିକର ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷରେ ବିରୋଧୀ ଡିଏମ୍‌କେ ୨୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ୨୦ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ ନୂଆମୁହଁ। ଡିଏମ୍‌କେ ନେତୃତ୍ୱାଧୀନ ଧର୍ମନିରପେକ୍ଷ ପ୍ରଗତିଶୀଳ ମେଣ୍ଟ (ଏସ୍‌ପିଏ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କଂଗ୍ରେସକୁ ୧୦ ଆସନ ଛାଡ଼ିଦେଇଥିବାବେଳେ ଅନ୍ୟ ସହଯୋଗୀ ଏମ୍‌ଡିଏମ୍‌କେ, ଭିସିକେ, ସିପିଆଇ, ସିପିଏମ୍, ଆଇୟୁଏମ୍‌ଏଲ୍‌କୁ ଅବଶିଷ୍ଟ ୧୯ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସୁଯୋଗ ଦେଇଛନ୍ତି। ସେପଟେ ଟିଟିଭି ଦିନାକରନଙ୍କ ଏଏମ୍‌ଏମ୍‌କେ ଏବଂ ଅଭିନେତା କମଲ ହାସନଙ୍କ ମକ୍କଲ ନିଧି ମୈୟମ୍ ଏକାକୀ ନିର୍ବାଚନ ଲଢ଼ିବେ। ତେଣୁ ଏଥର ତାମିଲନାଡୁରେ ଚତୁଷ୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ।

ଦକ୍ଷିଣ ଚେନ୍ନାଇ, କାଞ୍ଚିପୁରମ୍ (ଏସ୍‌ସି), ଥିରୁଭନ୍ନାମଲାଇ, ଥିରୁନେଲଭେଲି, ମୟିଲାଦୁଥୁରାଇ, ସାଲେମ, ନୀଳଗିରି (ଏସ୍‌ସି) ଏବଂ ପୋଲାଚି ଆସନରେ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ମଧ୍ୟରେ କଡ଼ା ମୁକାବିଲା ହେବ। ସେହିପରି ଲୋକ ସଭା ନିର୍ବାଚନ ସହ ରାଜ୍ୟର ୧୮ଟି ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ କରାଯାଇଛି। ଅନ୍ୟପକ୍ଷରେ କଂଗ୍ରେସ ଶାସିତ ପୁଡୁଚେରୀର ଗୋଟିଏ ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ ଏନ୍‌ଡିଏ ପକ୍ଷରୁ ନିର୍ବାଚନ ଲଢ଼ିବ। ତାମିଲନାଡୁରେ ଏନ୍‌ଡିଏକୁ ମାତ୍ର ୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ ଏବଂ ବିରୋଧୀ ମେଣ୍ଟ ୩୪ ଆସନରେ

ହେଉଛି। ଏଥିସକାଶେ ମଙ୍ଗଳବାର ଉଭୟ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି ବିଜୟୀ ହେବ ବୋଲି ଟାଇମ୍ସ ନାଓ-ଭିଏମ୍‌ଆର୍ ପକ୍ଷରୁ ସଦ୍ୟ ପ୍ରକାଶିତ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି।

୨୦୧୪ ସାଧାରଣ ନିର୍ବାଚନରେ ଏଆଇଏଡିଏମ୍‌କେ ୩୯ ଆସନରୁ ୩୭ଟିରେ ବିଜୟୀ ହୋଇଥିଲା। ଭାଜପା ଏବଂ ପିଏମ୍‌କେକୁ ଗୋଟିଏ ଲେଖାଏ ଆସନ ମିଳିଥିଲା। ଅନ୍ୟପକ୍ଷରେ ଡିଏମ୍‌କେ ଏବଂ କଂଗ୍ରେସ ଅଲଗା ଅଲଗା ହୋଇ ନିର୍ବାଚନ ଲଢ଼ିଥିବାରୁ ଖାତା ଖୋଲିପାରି ନ ଥିଲେ। ଏହାର ଦୁଇବର୍ଷ ପରେ ୨୩୫ ସଦସ୍ୟତା ବିଶିଷ୍ଟ ତାମିଲନାଡୁ ବିଧାନସଭାର ନିର୍ବାଚନ ହୋଇଥିଲା। ୨୦୧୬ ମେ’ରେ ଅନୁଷ୍ଠିତ ଏହି ନିର୍ବାଚନରେ ଜୟଲଳିଥାଙ୍କ ନେତୃତ୍ୱରେ ଏଆଇଏଡିଏମ୍‌କେ ୧୩୪ ଆସନ ଦଖଲ କରି ସରକାର ଗଢ଼ିଥିଲା। କରୁଣାନିଧିଙ୍କ ନେତୃତ୍ୱାଧୀନ ଡିଏମ୍‌କେକୁ ୮୮ ଆସନରେ ସଫଳତା ସହ ମୁଖ୍ୟ ବିରୋଧୀ ଦଳର ମାନ୍ୟତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କଂଗ୍ରେସ ୮, ଆଇୟୁଏମ୍‌ଏଲ୍ ୧ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ ଜିତିଥିଲେ।



ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଦଳର ଘୋଷଣାପତ୍ର ଉନ୍ମୋଚନ କରୁଛନ୍ତି।



ଏଆଇଏଡିଏମ୍‌କେର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି ମୁଖ୍ୟମନ୍ତ୍ରୀ ଇ.କେ.ପାଲିନିସ୍ୱାମୀ (ଡାହାଣ) ଏବଂ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲ୍‌ଭମ୍ (ବାମ) ।

### ତାମିଲନାଡୁରେ ଉଣେଇଶ ଗଣିତ

- ■ଜୟଲଳିଥା ଓ କରୁଣାନିଧିଙ୍କ ପରଲୋକ ପରେ ପ୍ରଥମ ଲୋକ ସଭା ନିର୍ବାଚନ
- ■୨୦ଟି ଲେଖାଏ ଆସନରେ ଲଢୁଛନ୍ତି ଏଆଇଏଡିଏମ୍‌କେ-ଡିଏମ୍‌କେ
- ■ଅବଶିଷ୍ଟ ୧୯ ଲେଖାଏ ଆସନ ମେଣ୍ଟ ସହଯୋଗୀଙ୍କୁ ଛାଡ଼ିଦେଇଛନ୍ତି
- ■୮ ଆସନରେ ଶାସକ-ବିରୋଧୀ ଦଳ ମଧ୍ୟରେ କଡ଼ା ମୁକାବିଲା

### ୨୦୧୪ର ସ୍ଥିତି

| ଦଳ | ଆସନ |
|---|---|
| ଏଆଇଏଡିଏମ୍‌କେ | ୩୭ |
| ଭାଜପା | ୧ |
| ପିଏମ୍‌କେ | ୧ |

### ଡିଏମ୍‌କେ ଘୋଷଣାପତ୍ରରେ ବିବାଦୀୟ ପ୍ରତିଶ୍ରୁତି

## ମୁକ୍ତହେବେ ରାଜୀବଙ୍କ ହତ୍ୟାକାରୀ

ଚେନ୍ନାଇ,୧୯।୩

ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

କଂଗ୍ରେସ ସହ ମେଣ୍ଟ କରିଥିବା ଡିଏମ୍‌କେର ଇସ୍ତାହାରରେ ଉଲ୍ଲେଖ କରାଯାଇଛି ଯେ, ରାଜୀବ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍‌ରେ ଥିବା ସମସ୍ତ ୭ ଦୋଷୀଙ୍କୁ ମୁକ୍ତ କରିଦିଆଯିବ। ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଗୋଟିଏପଟେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦେଶର ପ୍ରଧାନମନ୍ତ୍ରୀ କରିବା ପାଇଁ ଓକିଲାତି କରୁଥିବାବେଳେ ଅନ୍ୟପଟେ ତାଙ୍କ ବାପାଙ୍କ ହତ୍ୟାକାରୀଙ୍କୁ ମୁକ୍ତ କରିବା ପାଇଁ ଇସ୍ତାହାରରେ ଘୋଷଣା କରିବା ବିବାଦୀୟ ସ୍ଥିତି ସୃଷ୍ଟି କରିଛି। ପ୍ରକାଶ ଯେ, ୭ ଦୋଷୀ ନଳିନୀ, ମୁରୁଗାନ୍ ସନ୍ଥନ୍ , ଏଜି ପେରାରିଭାଲାନ୍, ରବର୍ଟ ପେୟାସ୍, ଏସ୍. ଜୟକୁମାର ଏବଂ ରବିଚନ୍ଦ୍ରନ୍ ପ୍ରାୟ ୩ ଦଶନ୍ଧି ଧରି ଜେଲ୍ ଦଣ୍ଡାଦେଶ ଭୋଗୁଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୬୧ ଅନୁସାରେ ଏମାନଙ୍କୁ ମୁକ୍ତ କରାଯାଉ ବୋଲି ତାମିଲନାଡୁର ଏଆଇଏଡିଏମ୍‌କେ ସରକାର ଗତ ସେପ୍ଟେମ୍ବର ୯ରେ ସୁପାରିସ କରିଥିଲେ।



ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନା ମଙ୍ଗଳବାର ପ୍ରମୋଦ ସାୱନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଉଛନ୍ତି।

## ଗୋଆରେ ସାୱନ୍ତ ସରକାର

ପଣଜୀ,୧୯।୩ (ପି.ଟି)

ମନୋହର ପାରିକରଙ୍କ ପରଲୋକ ପରେ ଗୋଆର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ଭାଜପା ବିଧାୟକ ପ୍ରମୋଦ ସାୱନ୍ତ। ସୋମବାର ରାତି ପ୍ରାୟ ୨ଟାରେ ଗୋଆ ରାଜ୍ୟପାଳ ମୃଦୁଳା ସିହ୍ନା ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ।

୪୬ ବର୍ଷ ବୟସ୍କ ସାୱନ୍ତ ଉତ୍ତର ଗୋଆର ସଙ୍କ୍ଲିମ୍ ବିଧାନସଭା ଆସନରୁ ବିଧାୟକ ଅଛନ୍ତି। ରାଜ୍ୟପାଳ ସାୱନ୍ତଙ୍କ ସହ ଅନ୍ୟ ୧୧ଜଣ ମନ୍ତ୍ରୀଙ୍କୁ ମଧ୍ୟ ଶପଥପାଠ କରାଇଥିଲେ। ସେମାନଙ୍କ ମଧ୍ୟରେ ଭାଜପାର ମିତ୍ରଦଳ ଏମ୍‌ଜିପି ଏବଂ ଜିଏଫ୍‌ପି ସଦସ୍ୟ ସ୍ଥାନ ପାଇଛନ୍ତି। ମନୋହର ପାରିକରଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ଯେଉଁମାନେ ସ୍ଥାନ ପାଇଥିଲେ ସେମାନେ ସମସ୍ତେ ନୂଆ ମନ୍ତ୍ରିମଣ୍ଡଳରେ ଅଛନ୍ତି। ମିତ୍ରଦଳ ସହିତ କ୍ଷମତା ବଣ୍ଟନର ଅଂଶ ସ୍ୱରୂପ ଦୁଇଟି ଛୋଟ ଦଳର ବିଧାୟକ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ଗୋଆ ଫରୱାର୍ଡ ପାର୍ଟି ମୁଖ୍ୟ ବିଜୟୀ ସରଦେଶାଇ ଏବଂ ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି ବିଧାୟକ ସୁଦିନ ଢାବଲିକର।

### ବୁଧବାର ଶକ୍ତିପରୀକ୍ଷା

ଗୋଆର ନୂତନ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବା ପରେ ବୁଧବାର ବିଧାନସଭାରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ। ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ୪୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୧ଜଣ ସଦସ୍ୟଙ୍କ ସମର୍ଥନ ରହିବା ଆବଶ୍ୟକ। ବର୍ତ୍ତମାନ ଗୋଆ ବିଧାନସଭାରେ ଭାଜପାର ୧୨ ବିଧାୟକ ଥିବାବେଳେ ଏହାର ମିତ୍ରଦଳ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି), ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି(ଏମ୍‌ଜିପି)ରୁ ୩ ଲେଖା ବିଧାୟକ ଏବଂ ୩ ସ୍ୱାଧୀନ ବିଧାୟକ ଅଛନ୍ତି। ଭାଜପା ବିଧାୟକ ଫ୍ରାନ୍ସିସ୍ ଡି’ ସୁଜା ଓ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ମୃତ୍ୟୁ ଏବଂ ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ବର୍ତ୍ତମାନ ଗୋଆ ବିଧାନସଭାର ସଭ୍ୟସଂଖ୍ୟା ୪୦ରୁ ୩୬କୁ ହ୍ରାସ ପାଇଛି। କଂଗ୍ରେସର ୧୪ ବିଧାୟକ ଥାଇ ଏହା ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ପାଇଛି।

## ଡାକ୍ତରରୁ ମୁଖ୍ୟମନ୍ତ୍ରୀ

ପ୍ରମୋଦ ସାୱନ୍ତ ଜଣେ ଆୟୁର୍ବେଦିକ୍ ଡାକ୍ତର ଭାବେ କ୍ୟାରିୟର ଆରମ୍ଭ କରି ଗୋଆର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ଉତ୍ତର ଗୋଆର ସଙ୍କ୍ଲିମ୍ ଆସନରୁ ଦୁଇଥର ବିଧାୟକ ହୋଇଥିବା ସାୱନ୍ତ ବିଧାନସଭାର ବାଚସ୍ପତି ହୋଇଥିଲେ। ସେ ଜଣେ ଉତ୍ସର୍ଗୀକୃତ ଆରଏସ୍‌ଏସ୍ କର୍ମୀ। ଗୋଆରେ ଏକ ସର୍ବୋଚ୍ଚ ରାଜନୈତିକ ପଦବୀକୁ ତାଙ୍କର ଅଭ୍ୟୁଦୟ ଦ୍ୱାରା ଭାଜପା ଓ ଏହାର ମିତ୍ରଦଳ ମଧ୍ୟରେ ଏହି ପଦ ପାଇଁ ଲାଗିଥିବା ବିବାଦର ପରିସମାପ୍ତି ଘଟିଛି। ପାରିକରଙ୍କ ଜଣେ ଦୃଢ଼ ସମର୍ଥକ ତଥା ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ସାୱନ୍ତ ଅନେକ କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ପୂର୍ବରୁ କଂଗ୍ରେସର ଗଡ କୁହାଯାଉଥିବା ଉତ୍ତର ଗୋଆର ସଙ୍କ୍ଲିମ୍ ନିର୍ବାଚନମଣ୍ଡଳୀରୁ ସେ ୨୦୧୨ ଏବଂ ୨୦୧୭ରେ ବିଜୟୀ ହୋଇଥିଲେ।




## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୧୯।୩(ପି.ଟି.)

### ଏପ୍ରିଲ ୧୮ରେ ୯୭ ଆସନରେ ଭୋଟ

ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ହେବ। ଏହି ଦିନ ୧୩ ରାଜ୍ୟର ୯୭ ଆସନରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି ହେବା ସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨୬ରେ ଶେଷ ହେବ। ମାର୍ଚ୍ଚ ୨୭ରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୯ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ। ୯୭ ଲୋକ ସଭା ଆସନରେ କେତେଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ମାର୍ଚ୍ଚ ୨୯ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ। ଏହି ପର୍ଯ୍ୟାୟରେ ତାମିଲନାଡୁର ସମସ୍ତ ୩୯ ଏବଂ ପୁଡୁଚେରୀର ଗୋଟିଏ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯିବ। ସେହିପରି ଆସାମର ୫, ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ଣ୍ଣାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଆସନରେ ମଧ୍ୟ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି।



ମିର୍ଜାପୁରସ୍ଥିତ ବିନ୍ଧ୍ୟବାସିନୀ ମନ୍ଦିରରେ କଂଗ୍ରେସ ସାଧାରଣ ସମ୍ପାଦକ (ଉତ୍ତରପ୍ରଦେଶ-ପୂର୍ବ ପ୍ରଭାରୀ) ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

### [ଇତିହାସର ଆଇନାରେ] ମାର୍ଚ୍ଚ ୨୦ର ପ୍ରମୁଖ ଘଟଣା

୨୦୧୨ ମାର୍ଚ୍ଚ ୨୦ରେ ଇରାକ୍‌ର ୧୦ଟି ସହରରେ ଏକକାଳୀନ ଆତଙ୍କବାଦୀ ଆକ୍ରମଣ ଯୋଗୁ ୫୨ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫୦ ଆହତ ହୋଇଥିଲେ। ୨୦୧୧ରେ ଆମେରିକା ଇରାକ୍‌ରୁ ସେନା ପ୍ରତ୍ୟାହାର କରିବା ପରେ ଏହା ଥିଲା ଦ୍ୱିତୀୟ ବଡ଼ ଧରଣର ଆକ୍ରମଣ।

୨୦୧୫ ମାର୍ଚ୍ଚ ୨୦ରେ ସୂର୍ଯ୍ୟୋପରାଗ, ସୁପରମୁନ୍ ଏବଂ ସମଦିବାରାତ୍ର ଏକକାଳୀନ ସଂଘଟିତ ହୋଇଥିଲା। ଏହିଦିନ ବିଷୁବରେଖାର ଠିକ୍ ଉପରିଭାଗରେ ସୂର୍ଯ୍ୟଙ୍କର କେନ୍ଦ୍ରସ୍ଥଳ ଦୃଶ୍ୟମାନ ହୁଏ।

# ନିର୍ଣ୍ଣାୟକ ଭୂମିକା ନେବ ସୋସିଆଲ ମିଡିଆ

ହାଇଦ୍ରାବାଦ,୧୯।୩ (ପି.ଟି)




ସୋସିଆଲ ମିଡିଆ ସାଧାରଣ ନିର୍ବାଚନରେ ପ୍ରମୁଖ ଭୂମିକା ନିର୍ବାହ କରିପାରିବ ବୋଲି ଆଇଟି (ସୂଚନା ଓ ପ୍ରଯୁକ୍ତି) ବିଶେଷଜ୍ଞମାନେ ମତ ଦେଇଛନ୍ତି। ପୂର୍ବ ନିର୍ବାଚନଗୁଡ଼ିକରେ ଅନ୍ୟ ପାରମ୍ପରିକ ମାଧ୍ୟମ ସହିତ ସୂଚନା ପ୍ରଯୁକ୍ତିକୁ ଖୁବ୍ କମ୍ ବ୍ୟବହାର କରାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟ ବଦଳିଯାଇଛି ବୋଲି ପୂର୍ବତନ ଟେଲିକମ୍ ସଚିବ ତଥା ‘ନାସକମ୍’ର ପୂର୍ବତନ ସଭାପତି ଆର୍. ଚନ୍ଦ୍ରଶେଖର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଲୋକ ସଭା ନିର୍ବାଚନ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପ୍ରମୁଖ ଭୂମିକା ଗ୍ରହଣ କରିବ। ନିର୍ବାଚନ ବିଶ୍ଳେଷଣ ଅଥବା ରଣକୌଶଳ ସବୁ କ୍ଷେତ୍ରରେ ଟେକ୍ନୋଲୋଜି ଗୁରୁତ୍ୱ ବହନ କରିବ। ବର୍ତ୍ତମାନ ଯୁବପିଢ଼ି ବହୁଳ ଭାବେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏଥିସହିତ ଯୁବତୀଯୁବକମାନେ ପ୍ରଥମଥର ଭୋଟର ଭାବେ ଅଧିକ ସଂଖ୍ୟାରେ ମତଦାନ କରିବେ। ବିଭିନ୍ନ ରାଜନୈତିକ ଦଳ ରଣକୌଶଳ ପ୍ରସ୍ତୁତ କରିବାବେଳେ ପ୍ରଯୁକ୍ତିର ସହାୟତା ନେବେ ଓ ସୋସିଆଲ ମିଡିଆ ଏବଂ ଡିଜିଟାଲ୍ ମିଡିଆର ଉପଯୋଗ ଉପରେ ନିର୍ବାଚନ ଫଳାଫଳ ନିର୍ଭର କରିବ ବୋଲି ସେ ପ୍ରକାଶ କରିଛନ୍ତି । ମଜାର ବିଷୟ ହେଉଛି ନିର୍ବାଚନ କମିଶନ୍ ଏବଂ ଅନ୍ୟାନ୍ୟ ସଂସ୍ଥା ସୋସିଆଲ ମିଡିଆକୁ ସକାରାତ୍ମକ ଭାବେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ମତଦାତାଙ୍କ ମଧ୍ୟରେ ସଚେତନତା ବୃଦ୍ଧିପାଇବା ସହିତ ଅଧିକ ସଂଖ୍ୟାରେ ଭୋଟର ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପୃଷ୍ଠଭୂମି ସମ୍ପର୍କରେ ସୋସିଆଲ ମିଡିଆ ୟୁଜର୍ସ ଅବଗତ ହୋଇପାରିବେ। ଫଳରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ବୋଲି ସେ କହିଛନ୍ତି।



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।

- ଚାଣକ୍ୟ




# ଇସ୍ତଫା ଦେଲେ ଓୟୁଏଟି କୁଳପତି

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପଦରୁ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ଡାକ ଯୋଗେ ସେ ନିଜର ଇସ୍ତଫାପତ୍ର ରାଜ୍ୟପାଳଙ୍କ ପାଖକୁ ପଠାଇଥିବା ଜଣାପଡ଼ିଛି। ସୂଚନାଥାଉ କି, ଚଳିତମାସ ପଶୁପାଳକ ଚାକିରିରୁ ଅବସର ନେଇଥାଆନ୍ତେ। ସେ ତାଙ୍କ ପଦବୀର ଅପବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଓୟୁଏଟିରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଭିଜିଲାନ୍ସ ମଧ୍ୟ ଏହାର ତଦନ୍ତ କରୁଥିଲା। ଅଭିଯୋଗକୁ ଭିତ୍ତିକରି କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପଶୁପାଳକଙ୍କୁ କାରଣ ଦର୍ଶାଅ ନୋଟିସ୍ ମାଗିଥିଲେ। କିନ୍ତୁ ସେ ଏହାର କୌଣସି ଉତ୍ତର ରଖି ନ ଥିଲେ। ଫଳରେ ତାଙ୍କୁ କିଛିଦିନ ପୂର୍ବରୁ ରାଜ୍ୟପାଳ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମଧ୍ୟ ପଶୁପାଳକ ଏହାକୁ ବିରୋଧ କରିଥିଲେ। ମୁଁ କିଛି ଭୁଲ କରିନାହିଁ, ଜାଣିଶୁଣି କେତେଜଣ କୁଚକ୍ରୀ ବ୍ୟକ୍ତି ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି ବୋଲି ପଶୁପାଳକ କହିଥିଲେ। ତାଙ୍କୁ ପକ୍ଷ ରଖିବା ପାଇଁ ସୁଯୋଗ ଦେଉ ନ ଥିବା ସେ ଅଭିଯୋଗ କରିଥିଲେ। ତେବେ ବୁଧବାର ଅପରାହ୍ନ ୪ଟାରେ ପଶୁପାଳକଙ୍କୁ ରାଜ୍ୟପାଳଙ୍କ ନିକଟରେ ପକ୍ଷ ରଖିବା ପାଇଁ କୁହାଯାଇଥିବା ବେଳେ ଏହା ପୂର୍ବରୁ ସେ ମଙ୍ଗଳବାର ଇସ୍ତଫା ଦେଇଦେଇଛନ୍ତି।

# ଲହଡ଼ି ମାଡ଼ରେ ୨ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଲା

**ପୁରୀ ଅଫିସ,୧୯।୩:** ମଙ୍ଗଳବାର ସମୁଦ୍ର ସ୍ନାନ ବେଳେ ଲହଡ଼ି ମାଡ଼ରେ ଦୁଇ ବଙ୍ଗୀୟ ପର୍ଯ୍ୟଟକଙ୍କ ଗୋଡ଼ ଭାଙ୍ଗିଛି। ଲାଇଫଗାର୍ଡମାନେ ଉଭୟଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗର ଅର୍ପଣ ମିଶ୍ର(୧୯) ଓ ଇନ୍ଦ୍ରଜିତ ଚାଟାର୍ଜୀ(୪୮)। ଅପରାହ୍ନ ପ୍ରାୟ ୧ଟା ବେଳେ ହୋଟେଲ ଭିକ୍ଟୋରିଆ ସମ୍ମୁଖ ସମୁଦ୍ରରେ ଉଭୟେ ଗାଧୋଇବା ବେଳେ ଆହତ ହୋଇଥିଲେ।











| GAT Ranks | JEE Main Ranks | AP & TS EAMCET | Fee concession |
|---|---|---|---|
| 1-10 | 1 - 250 | 1 - 50 | 100 % |
| 11-100 | 251 - 2500 | 51 - 500 | 75 % |
| 101-500 | 2501 - 6000 | 501 - 2000 | 50 % |
| 501-2000 | 6001-35000 | 2001-15000 | 25 % |







କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍‌ସିସ୍ ବାକନ୍


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଆରାଧ୍ୟା
ପରିବାରବର୍ଗ



ସତ୍ୟନାରାୟଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





### BRIDE WANTED

Sundhi boy 32/5'6" senior software Engineer, Deloitte USA at Hyderabad looking for fair beautiful working bride from Engineering/ Banking background from Sundhi or other communities (Except SC/ST). Contact: 9853851122. D-61047

ତେଲି ପାତ୍ର ୫୫ମାଟ୍ରିକ୍, କମ୍ପାନୀ ଚାକିରିଙ୍କ ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59928

Khandayat boy age about 34yrs,working as Director of Public Limited Company, salary per month 1.5 lakhs, Rasi: Dhanistha Kumbha (23/11), Qualification: BSc, MBA, height 5'5" with sound health. Need suitable Khandayat girl age about 25-30 years, Qualification: Masters or any Professional Qualification. For immediate contact: 7681802625 or email to muktikantabadu85@gmail.com. D-66413

### GROOM WANTED

ଭୁବନେଶ୍ୱରର ବ୍ରାହ୍ମଣ ଘରର ଝିଅ 34+, B.A. ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-11661

Divorcee bride Teacher 35, Business 40 (caste-no-bar). Contact: 7873374269. D-66412

Hindu, Teli, 32/5'2", MA (Hindi), fair, divorced searching a suitable groom any caste except SC/ST. 7381500497.D-11735

Educated Odia brahmin girl 27-31 required for boy 34 Leo MBA finance Senior Analyst MNC Bangalore. No dowry, Early Marriage, 08986826298. D-11741

Now Matrimonial ads. only on Wednesday & Sunday Book 1 Get 1 FREE

## classified

### automobile

### SALE

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100.D-11548

### real estate

### SALE

Limited plots available near Mancheswar Rajadhani Engineering College just 3.5km. from Hi-Tech Chhak, Bhubaneswar. 9040686695. D-62167

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65861

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102.D-11721

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

500 sqft. office space 1st floor road side at Ashoknagar for sale. Contact: 9438015558. D-61049

Book 4BHK flat (3 toilet), AIIMS Square 150mtr. Aiginia Over Bridge, NH-5, 1622 sqft. @65 lac including parking. 7978584549. D-66044

### GENERAL

### SALE

World Vision India, Bhubaneswar Urban ADP old electronic and wooden assets for sale. Last date of quotation apply 22.03.2019. Contact: 06742545695, 7978653187. D-11739

### to-let

Furnished 3BHK house 2nd floor, At- N/4, Nayapalli for rent. Contact: 9438015558. D-61048

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### healthcare

Newly ayurvedic fullbody messege ledies, gens. 7609923705, 7438851534. D-38551



## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ଆରାଧ୍ୟା ପାଣିଗ୍ରାହୀ**
ବସେରା ଆପାର୍ଟମେଣ୍ଟ, ଓଲଡ୍ ଟାଉନ, ଭୁବନେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ। **ଶୁଭେଚ୍ଛା ସହ :** ଜେଜେ, ବୋଉ, ବାପା, ମା, କକା, ରୋହନ ଓ ପରିବାର ବର୍ଗ
ଧ-୧୧୭୪୩


# ଘୁଞ୍ଚିଲା ଜେଇଇ ଆଡ୍‌ଭାନ୍ସ ପରୀକ୍ଷା

■ ମେ' ୧୯ ପରିବର୍ତ୍ତେ ୨୭ରେ ହେବ

ଭୁବନେଶ୍ୱର,୧୯ ।୩(ବ୍ୟୁରୋ)–ସାଧାରଣ ନିର୍ବାଚନ ପାଇଁ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା ଘୁଞ୍ଚାଯାଇଛି। ଆସନ୍ତା ମେ' ୧୯ ପରିବର୍ତ୍ତେ ୨୭ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଦ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି), ରୁର୍‌କି ପକ୍ଷରୁ ଏହି ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ମେ' ୧୯ରେ ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟ ଭୋଟ ରହିଛି। ଏହି ଦିନ ୫୯ଟି ଲୋକ ସଭା ଆସନରେ ଭୋଟ୍ ଗ୍ରହଣ କରାଯିବ। ଏହାକୁ ଆଖି ଆଗରେ ରଖି ପରୀକ୍ଷା ଘୁଞ୍ଚାଯାଇଛି। ମେ' ୨୭ ତାରିଖ ସୋମବାର ଦୁଇଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଥିବାବେଳେ ପେପର-୨ ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ରହିଛି।

# ଗୋଇନ୍ଦା ରିପୋର୍ଟକୁ ନେଇ ବିଜେଡି-ଭାଜପା ମୁହାଁମୁହିଁ

■ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲେ ଦୁଇଦଳ
■ ଉକ୍ତ ରିପୋର୍ଟର ସିବିଆଇ ତଦନ୍ତ କରାଯାଉ: ଭାଜପା
■ ଜାଲ ଚିଠି ଦେଖାଇ ବିଭ୍ରାନ୍ତ କରୁଛି ଭାଜପା: ବିଜେଡି
■ ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ : ପୋଲିସ କମିଶନର

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢିଲେ ହରିଯିବେ ବୋଲି ଗୋଇନ୍ଦା ରିପୋର୍ଟ ଦେଇଥିବା ନେଇ ସୋମବାର ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠି ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏ ସଂକ୍ରାନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କୁ ଦିଆଯାଇଥିବା ସେ କହିଥିଲେ। ଏହା ପରେ ପୋଲିସ ଡିଜି ଟ୍ୱିଟ୍ କରି ଏହା ଫେକ୍ ବୋଲି କହିଥିଲେ। ଉକ୍ତ ଗୋଇନ୍ଦା ରିପୋର୍ଟକୁ ନେଇ ମଙ୍ଗଳବାର ମୁହାଁମୁହିଁ ହୋଇଛନ୍ତି ବିଜେଡି ଓ ଭାଜପା। ବିଜେଡି ମୁଖପାତ୍ର ପ୍ରତାପ ଦେବ ଖବରଦାତା ସମ୍ମିଳନୀରେ କହିଛନ୍ତି, ଭାଜପା ଏହି ଜାଲ୍ ଚିଠି ଦେଖାଇ ଲୋକଙ୍କୁ ବିଭ୍ରାନ୍ତ କରୁଛି। ଭାଜପା ନିର୍ବାଚନ ପୂର୍ବରୁ ହାରିବାକୁ ନେଇ ଭୟଭୀତ ହୋଇଯାଇଛି। ତେଣୁ ମିଛର ସାହାରା ନେବାକୁ ପଛାଉନାହିଁ। କର୍ନାଟକରେ ମଧ୍ୟ ଭାଜପା ସମାନ ନୀତି ଆପଣାଇଥିଲା। କର୍ନାଟକ ଓ ଓଡିଶାରେ ଭାଜପା ଦେଖାଇଥିବା ଚିଠିର କ୍ରମିକ ନମ୍ବର ସମାନ ଥିବା ସେ କହିଛନ୍ତି। କର୍ଣ୍ଣାଟକରେ ସମାନ ଧରଣର ଏକ ଚିଠିକୁ ଅଦଳବଦଳ କରି ଭାଜପା ଏଭଳି ମନଗଢା ଅଭିଯୋଗ ଆଣିଛି ବୋଲି ପ୍ରତାପ ଦେବ କହିଛନ୍ତି।

ବିଜେଡି ଖବରଦାତା ସମ୍ମିଳନୀର କିଛି ସମୟ ପରେ ଭାଜପାର ଏକ ଟିମ୍ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା। ଗୋଇନ୍ଦା ସଂସ୍ଥା ଦ୍ୱାରା ଏଭଳି ରିପୋର୍ଟ ପ୍ରସ୍ତୁତ ନିର୍ବାଚନ ଆଚାରଣବିଧିର ଖୋଲଖୋଲି ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଗୋଇନ୍ଦା ବିଭାଗର ଏଭଳି କାର୍ଯ୍ୟ ନିର୍ବାଚନରେ ସ୍ୱଚ୍ଛତା ଓ ନିରପେକ୍ଷତାର ପରିପନ୍ଥୀ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରିପୋର୍ଟରେ ବୈଧତା ନ ପରଖି ପୋଲିସ ଡିଜି ଯେଭଳି ଟ୍ୱିଟ୍ କରି ଏହାକୁ ଜାଲ ରିପୋର୍ଟ ବୋଲି କହିଲେ ଓ ଥାନାରେ ଅଭିଯୋଗ କରାଗଲା ସେଥିବରୁ ପୋଲିସ ସରକାରଙ୍କ ନିର୍ଦ୍ଦେଶରେ କାମ କରୁଥିବା ସ୍ପଷ୍ଟ ହୋଇଛି। ସୋସିଆଲ ମିଡିଆରେ ବୁଲୁଥିବା ଏହି ରିପୋର୍ଟକୁ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ତେଣୁ ଉଭୟ ପୋଲିସ ଡିଜି ଓ ଗୋଇନ୍ଦା ବିଭାଗ ଡିଜିଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ଅନ୍ୟତ୍ର ବଦଳି ଲାଗି ନିର୍ବାଚନ ଅଧିକାରୀଙ୍କୁ ନିକଟରେ ଦାବି କରାଯାଇଥିବା ଗୋଲକ କହିଛନ୍ତି। ସେହିଭଳି ଏନ୍‌ଆଇଏ କିମ୍ବା ସିବିଆଇ ଦ୍ୱାରା ଏହାର ତଦନ୍ତ କରାଯାଉ। ଉକ୍ତ ରିପୋର୍ଟର ବୈଧତା ଯାଞ୍ଚ ସହ ଏହାକୁ ଫରେନସିକ୍ ଲାବୋଟୋରିକୁ ପଠାଇବା ଲାଗି ଭାଜପା ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ଏକ ଟିମ୍ ମଧ୍ୟ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଜାଲ୍ ରିପୋର୍ଟ ସମ୍ପର୍କରେ ଅଭିଯୋଗ ଜଣାଇଛନ୍ତି। ଭାଜପା ଜାଲ ରିପୋର୍ଟ ଦେଖାଇଥିବାରୁ ୪୮ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦୁଇ ଦଳର ଅଭିଯୋଗ ଓ ପ୍ରତିଅଭିଯୋଗକୁ ଆଧାର କରି ପୋଲିସ ଉକ୍ତ ରିପୋର୍ଟକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଦୁଇ ରାଜନୈତିକ ଦଳର ମିଡିଆ ସେଲ୍ କର୍ମଚାରୀ ଓ ଖବରଦାତା ସମ୍ମିଳନୀ କରିଥିବା ବ୍ୟକ୍ତିବିଶେଷ ତଦନ୍ତ ପରିସରଭୁକ୍ତ ହେବେ। ସେମାନଙ୍କୁ ଡାକି ପୋଲିସ ପଚରାଉଚରା କରିବ। କିଏ ଓ କେଉଁ ଉଦ୍ଦେଶ୍ୟରେ ଏଭଳି ଜାଲ ରିପୋର୍ଟ ସୋସିଆଲ ମିଡିଆରେ ଭାଇରାଲ କଲେ ତାହାର ତଦନ୍ତ ହେବ ବୋଲି ସେ କହିଛନ୍ତି।


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜୟକୃଷ୍ଣ ନାୟକ**
ହରିପୁର, ସୁକିନ୍ଦା, ଯାଜପୁର
ଆବିର୍ଭାବ: ୧୩।୦୩।୧୯୪୯
ତିରୋଧାନ: ୧୧।୦୩।୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୧୧୭୪୪

### ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ହରେକୃଷ୍ଣ ମହାନ୍ତି**
QRS No.- IVR-PF-19, Unit-6, Bhubaneswar
ଆବିର୍ଭାବ: ୧୪।୦୪।୧୯୪୩
ତିରୋଧାନ: ୦୭।୦୩।୨୦୧୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୧୧୭୪୮

### ୬ଷ୍ଠ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବଦ୍ରିନାରାୟଣ ହୋତା**
ଜନ୍ମ: ୨୨ ଅଗଷ୍ଟ ୧୯୮୦
ଆଖି ପିଛୁଳାକେ ଛଅ ବର୍ଷ ବିତିଗଲା। ତୋର ଅନୁପସ୍ଥିତି ଏବେବି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁ ଆମ ସମସ୍ତଙ୍କ ହୃଦୟରେ ଅଛୁ। ତୋର ଷଷ୍ଠ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାପା, ମାଆ, ସ୍ତ୍ରୀ, ପୁଅ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୭୪୯

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଚିନ୍ତାମଣି ମହାପାତ୍ର**
କୁମୁଟିପାଟଣା, ଜଗନ୍ନାଥ କଲୋନୀ, ପୁରୀ
ଆବିର୍ଭାବ: ୧୪।୮।୧୯୫୪
ତିରୋଧାନ: ୧୦।୩।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ଅସୀମ ମହାପାତ୍ର, ଝିଅ, ଜ୍ୱାଇଁ, ପରିବାର ଓ ବନ୍ଧୁବର୍ଗ। ଧ-୬୩୭୬୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀ କୃଷ୍ଣଚନ୍ଦ୍ର ପଟ୍ଟନାୟକ**
ମକୁବନ, ଲେନ୍ ନଂ-୪, ପୁରୀ
ଆମ୍ଭର ପିତା ଗତ ୧୧।୦୩।୨୦୧୯ ସକାଳ ଘ ୮.୩୦ମିରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରଲୋକ ଗମନ କରିଛନ୍ତି। ତାଙ୍କର ଦଶାହ ଉପଲକ୍ଷେ ଶୋକସନ୍ତପ୍ତ ପରିବାରବର୍ଗ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଇତି ହତଭାଗ୍ୟ ପୁତ୍ରମାନେ (ବାପି ଓ ହାପି) ଶୋକସନ୍ତପ୍ତ: ପରିବାରବର୍ଗ ପୁରୀ। ଧ-୬୪୦୫୨

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବ୍ରଜକିଶୋର ମହାନ୍ତି**
ପ୍ଲଟ ନଂ-୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୦।୦୩।୨୦୧୫
ବାପା, ଆପଣ ଆମକୁ ଛାଡିଯିବାର ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ମୋ ଜାଣତ କିମ୍ବା ଅଜାଣତରେ କରିଥିବା ସବୁ ଭୁଲକୁ ତୁମେ ଦୂରରେ ଥାଇ କ୍ଷମା କରିବେ। ଆପଣ ଯେଉଁଠି ବି ଥାଆନ୍ତୁ ଆପଣଙ୍କ ଆଶୀର୍ବାଦ ଆମ ଉପରେ ସବୁବେଳେ ଥାଉ। ଶୋକସନ୍ତପ୍ତ: ପୁଅ- ଲୁଲୁ, ବୋହୂ- ମଧୁମିତା। ଧ-୫୬୧୬୮

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶ୍ରୀମତୀ ରମାସୁନ୍ଦରୀ ମହାରଥୀ**
ଆବିର୍ଭାବ: ୧୮।୧୨।୧୯୩୬
ତିରୋଧାନ: ୦୯।୦୩।୨୦୧୯
ବୋଉ, ଚାହୁଁ ଚାହୁଁ ସମୟର କରାଳ ସ୍ରୋତରେ ତୁ ଆମକୁ ଛାଡି ଚାଲିଯିବା ୧୦ଦିନ ବିତିଗଲା। ତୋର ସେଇ ହସ ହସ ମୁହଁ, ଅପାସୋରା ସ୍ନେହ, ଅନାବିଳ ପ୍ରେମ ତଥା ଅନ୍ତରଙ୍ଗ ଶ୍ରଦ୍ଧା ଓ ଆଶିଷକୁ ପାଥେୟ କରି ବଞ୍ଚିଛୁ। ଆଜି ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜି, ନାତି, ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୧୧୭୫୫

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପରିବାରର ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗପୀଡା, ପୂର୍ବଶତ୍ରୁତା ବିଚଳିତତାର କାରଣ ହୋଇପାରେ। କର୍ମକ୍ଷେତ୍ରର ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ କିଛି ଅସୁବିଧା ହେବନାହିଁ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନ ସାଙ୍ଗକୁ ବ୍ୟବସାୟିକସ୍ଥିତି ପ୍ରାୟତଃ ହାଲୁକା ରହିବ। ସଭାସମିତି, ସଙ୍ଗୀତ ଚର୍ଚ୍ଚା, କଳା, ସାହିତ୍ୟ ସବୁଦିଗରୁ ଖୁସି ମନେଇବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବନ୍ଧୁମିଳନର ସୁଯୋଗ ମାନସିକ ପ୍ରଫୁଲ୍ଲତା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ କାମ ହାସଲ ଦିଗରେ ସାହାଯ୍ୟ କରିବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା କିମ୍ବା ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ଓ ପରୋକ୍ଷ ଶତ୍ରୁତା ହେତୁ ଚିନ୍ତା କରିପାରନ୍ତି।

**ମିଥୁନ** ମନ ଅନୁଯାୟୀ କାମ କରିବାର ସୁବିଧା ସୁଯୋଗ ପାଇ ଖୁସି ହେବେ। ଧାର ନେଇଥିବା ବନ୍ଧୁଙ୍କୁ ବକେୟା ମାଗିବା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ବ୍ୟବସାୟ ଓ ପରିବହନରେ କିଛିଟା ସମସ୍ୟାର ସୂଚନା ପାଇବେ। ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି।

**କର୍କଟ** କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇ କାମ କରିବାକୁ ପଡିବ। ସହକର୍ମୀ ଦୋଷାରୋପ କରି ସମସ୍ୟାକୁ ବଢାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟାଗୁଡିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ବାଣିଜ୍ୟ, ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ସମୟ ଅନୁକୂଳ ରହିବ।

**ସିଂହ** ବନ୍ଧୁ ଗହଣରେ ମନ କଥା ମନରେ ରଖି ଯଥା ସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବନାହିଁ। ପାଖ ପଡୋଶୀଙ୍କ ସହାୟତାରେ ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ। ପରିବହନ, ବ୍ୟବସାୟ, ନିର୍ମାଣ, ସଙ୍ଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ। ନୂତନ କର୍ମାରମ୍ଭ, ମନୋରଞ୍ଜନ କାର୍ଯ୍ୟକ୍ରମ ସକାଶେ ପ୍ରସ୍ତୁତି ପର୍ବରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସହକର୍ମୀଙ୍କ ଘରୋଇ ବ୍ୟାପାର କିମ୍ବା ସ୍ପର୍ଶକାତର କଥାରେ ଚିହ୍ନା ପଡିବା ସମସ୍ୟାକୁ ବଢାଇ ଦେଇପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଲୋକ ସମ୍ପର୍କ, ଗଠନ ମୂଳକ କିମ୍ବା ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ।

**ତୁଳା** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ କରିବା ସକଶେ ଟଙ୍କା ଯୋଗାଡ କରିବାରେ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ନୂତନଗାଡି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବା ପାଇଁ ମନ ବଳାଇ ପାରନ୍ତି। ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମଉଛବ, ସଙ୍ଗୀତ ଆସରରେ ନିଜକୁ ସାମିଲ କରିପାରନ୍ତି।

**ବିଛା** ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ସଭା ସମିତି କ୍ଷେତ୍ରରେ ନିୟୋଜିତ ହୋଇପାରନ୍ତି। ଶନିଙ୍କ ପ୍ରଭାବରେ ଆର୍ଥିକ ସ୍ଥିତି ଦୁର୍ବଳ ରହିବ, ଫଳରେ କେତେକ କାମ ଅଟକି ରହିଯାଇପାରେ। ପୂର୍ବ ସ୍ଥିରୀକୃତ ଯୋଜନା ପରିସ୍ଥିତି ଅନୁଯାୟୀ ବଦଳିଯିବାର ସୂଚନା ରହିଛି।

**ଧନୁ** ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉଚ୍ଚପଦାଧିକାରୀଙ୍କ ଅନୁକମ୍ପାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଜିର ଯାତ୍ରା, କଳା ସାହିତ୍ୟ, ସଙ୍ଗୀତ, କ୍ରୀଡା,ଚଳଚ୍ଚିତ୍ରାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅର୍ଥ ସଂକଟ ଦୂରେଇ ଯିବାର ସମ୍ଭାବନା ରହିଛି।

**ମକର** ଅଷ୍ଟମ ଚନ୍ଦ୍ରଜନିତ କେତେକ ଅତୀତ ସ୍ମୃତିଚାରଣ ମାନସିକ ଅସ୍ଥିରତାର କାରଣ ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। ଯାତ୍ରାକାଳରେ ଅନ୍ୟମନସ୍କ ହେତୁ କୌଣସି ଭୁଲ୍ କରିପାରନ୍ତି। ଆଇନ, ଅଦାଲତ, ପ୍ରଶାସନ, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ** ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିଭିନ୍ନ ପ୍ରକାରର ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଭ୍ରମଣ, ସଭାସମିତି, ଆଲୋଚନା ଓ ବନ୍ଧୁମିଳନର ସୁଯୋଗ ପାଇବେ।

**ମୀନ** ଆଜିର ଦିନଟିରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କଠିନ ଶ୍ରମ ଓ ଭ୍ରମଣଜନିତ ଅସୁସ୍ଥତା ଉପଲବ୍ଧି କରିବେ। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ବୁଧବାର, ବରାହ ଦୋଳ ଓ ରାଜାଗ୍ନି, ଅଇଘରା ପୋଡି, ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, କର୍କଟ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୨ମି. ଗତେ ଘ୮।୫୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୨୨ମି. ମଧ୍ୟେ ଘ୧୦।୧୫ମି. ଗତେ, ଘ୧୧।୪୨ମି. ମଧ୍ୟେ, ଘ୪।୨୭ମି. ଗତେ, ଘ୫।୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୫୪ମି. ଗତେ ଘ୧।୨୫ମି. ମଧ୍ୟେ ରାହୁକାଳ।

# ବିଜେଡିରୁ କେପିଙ୍କ ପୁତ୍ରବଧୂ ପ୍ରାର୍ଥୀ ହେବା ଚର୍ଚ୍ଚା

**ଢେଙ୍କାନାଳ ଅଫିସ, ୧୯।୩**




ବିଜେଡିର ଅନ୍ୟତମ ହେଭିଓ୍ୱେଟ ନେତା ତଥା ୪ ଥର ଏମ୍‌ପି ରହି ଆସିଥିବା ତଥାଗତ ସତପଥୀ ୨୦୧୯ ନିର୍ବାଚନରେ ଭାଗ ନେବେନାହିଁ ବୋଲି କହିବା ପରେ ଢେଙ୍କାନାଳରୁ ଶାସକ ଦଳରୁ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ଲାଗିରହିଛି କଳ୍ପନାଜଳ୍ପନା। ସହରର ଜନଗହଳିପୂର୍ଣ୍ଣ ସ୍ଥାନ, ଖଟି ପଏଣ୍ଟ ସବୁଠି ଏବେ ଗୋଟିଏ ପ୍ରସଙ୍ଗ, ତଥାଗତଙ୍କ ବିକଳ୍ପ ହେବେ କିଏ। ଯଦିଓ ଶାସକ ଦଳ ପକ୍ଷରୁ ଜିଲା ସଭାପତି ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଏବଂ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଆଶାୟୀ ଦୌଡ଼ରେ ରହିଥିବା ଆଲୋଚନା ହେଉଛି, ତଥାପି ସମସ୍ତଙ୍କ ନଜର ଅଟକିଛି ରାଜ ପରିବାର ଉପରେ। ୨୦୦୪ ନିର୍ବାଚନ ପରଠାରୁ ସକ୍ରିୟ ରାଜନୀତିରୁ ଦୂରେଇ ରହିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି)ଙ୍କ ପୁତ୍ରବଧୂ ତଥା ବଡ଼ପୁଅ ଅମରଜ୍ୟୋତି ସିଂଦେଓଙ୍କ ସ୍ତ୍ରୀ ମିନାଲ କୁମାରୀ ବିଜେଡି ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି ବୋଲି ଆରମ୍ଭ ହୋଇଥିବା ଚର୍ଚ୍ଚା ଢେଙ୍କାନାଳ ରାଜନୈତିକ ବାତାବରଣକୁ ସରଗରମ କରିଛି।

କେପି କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି। ଏଥିଲାଗି ସେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିଛନ୍ତି। ତାଙ୍କୁ କଂଗ୍ରେସରୁ ଦୂରେଇ ରଖିବା ଏବଂ ଢେଙ୍କାନାଳ ବିଧାନସଭା ଆସନରୁ ବିଜେଡି ଆଶାୟୀ ଥିବା ତାଙ୍କ ପୁତୁରା ହର୍ଷବର୍ଦ୍ଧନ ସିଂଦେଓଙ୍କୁ ସନ୍ତୁଷ୍ଟ କରିବା ଲାଗି ଶାସକ ଦଳ ପକ୍ଷରୁ ଏପରି ଗୋଟି ଚାଳନା କରାଯାଉଥିବା ଶୁଣିବାକୁ ମିଳୁଛି। ଅନୁରୂପ ଭାବେ କେପିଙ୍କ ପୁତୁରା ବୋହୂ ତଥା ରାଜୀବ ଲୋଚନ ସିଂଦେଓଙ୍କ ସ୍ତ୍ରୀ ସୁସ୍ମିତା ସିଂଦେଓ ଭାଜପା ଲୋକ ସଭା ଆଶାୟୀ ଦୌଡ଼ରେ ଅଛନ୍ତି। ଏହାକୁ ଦଳ କେତେଦୂର ଗୁରୁତ୍ୱଦେବ ତାହା ମଧ୍ୟ ଏବେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷେ ଯଦି ଢେଙ୍କାନାଳ ଲୋକ ସଭା ଆସନ ବିଜେଡି ସପକ୍ଷରେ ନ ଯାଏ, ତେବେ ଏହା କଂଗ୍ରେସ ପରିବର୍ତ୍ତେ ଭାଜପା ଭାଗରେ ପଡ଼ିପାରେ ବୋଲି ରାଜନୈତିକ ବିଷାରଦମାନେ ମତ ଦେଲେଣି।

କଂଗ୍ରେସ ଟିକେଟ ଆଶାୟୀ କେପିଙ୍କ ପ୍ରାର୍ଥିତ୍ୱକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପ୍ରଥମେ କେପିଙ୍କ ସାନପୁଅ ଅଶୋକବର୍ଦ୍ଧନ ସିଂଦେଓ ଦଳରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଥିଲା। ଏହା ବିଜେଡି ଲାଗି ଅଡୁଆ ସୃଷ୍ଟି କରିବା ଆଶଙ୍କା ଥିବାରୁ ମିନାଲଙ୍କୁ ନେଇ ଗୋଟିଚାଳନା କରିବାକୁ ଶାସକ ଦଳ ପକ୍ଷରୁ ଯୋଜନା ଆରମ୍ଭ ହୋଇଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୩୩% ମହିଳା ଥିଓରିରେ ଢେଙ୍କାନାଳ ଲୋକ ସଭା ଆସନ ଆସିପାରେ ବୋଲି ହେଉଥିବା ଆଲୋଚନା ଏହାକୁ ଅଧିକ ଖୋରାକ ଯୋଗାଇଛି। ଏ ସଂକ୍ରାନ୍ତରେ ଅମରଜ୍ୟୋତି କୁହନ୍ତି, ଅନେକ ପିଢ଼ି ହେଲା ଜନସାଧାରଣଙ୍କ ସେବାରେ ରହିଆସିଛୁ। ବର୍ତ୍ତମାନ ସୁଦ୍ଧା ପ୍ରାର୍ଥିତ୍ୱକୁ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଯେଉଁଥ୍ଥାନରୁ ସୁଯୋଗ ମିଳିବ ଢେଙ୍କାନାଳବାସୀଙ୍କ ସେବା କରୁଥିବୁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ମିନାଲଙ୍କୁ ନେଇ ହେଉଥିବା ଆଲୋଚନାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଜିଲାର ଅନ୍ୟତମ ବରିଷ୍ଠ ବିଜେଡି ନେତା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଏ ନେଇ ପ୍ରଫୁଲ୍ଲ କୁହନ୍ତି, କିଏ ଏମ୍‌ପି ପ୍ରାର୍ଥୀ ହେବେ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ତାଙ୍କ ପ୍ରାର୍ଥିତ୍ୱକୁ ନେଇ ହେଉଥିବା ଆଲୋଚନା ସମ୍ପର୍କରେ ସେ କୁହନ୍ତି, ଦଳୀୟ ସଭାପତି ଯାହା ନିର୍ଦ୍ଦେଶ ଦେବେ ତାହାକୁ ଗ୍ରହଣ କରିବୁ ବୋଲି କହି ସେ ପ୍ରସଙ୍ଗ ଏଡ଼ାଇଦେଇଥିଲେ।

ସେହିପରି ଭାଜପାର ଅନ୍ୟତମ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ନିଜର ପ୍ରାର୍ଥିତ୍ୱକୁ ନେଇ ନିଶ୍ଚିତ ଥିବା କହିଛନ୍ତି। ଏ ସଂକ୍ରାନ୍ତରେ ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଆଲୋଚନା ଶେଷ ହୋଇଥିବା ସେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ ଲୋକ ସଭା ଆସନରୁ ତଥାଗତ ସତପଥୀ ୧୯୯୮, ଏବଂ ୨୦୦୪, ୨୦୦୯,୨୦୧୪ରେ ବିଜେଡିରୁ ଏମ୍‌ପି ରହିଆସିଛନ୍ତି। ସେହିପରି ବିଭିନ୍ନ ସମୟରେ କେ.ପି. ସିଂଦେଓ ୬ଥର ଏମ୍‌ପି ଭାବେ ବିଜୟୀ ହୋଇଛନ୍ତି। ଏସବୁ ମଧ୍ୟରେ ଚଳିତ ନିର୍ବାଚନରେ ତଥାଗତଙ୍କ ବିକଳ୍ପ ଭାବେ ବିଜେଡିରୁ କିଏ ପ୍ରାର୍ଥୀ ହେବେ ତାହା ଜାଣିବା ଲାଗି ଜିଲାବାସୀ ଅପେକ୍ଷା କରିଛନ୍ତି।


କେପି ସିଂଦେଓ


ମିନାଲ କୁମାରୀ


ପ୍ରଫୁଲ୍ଲ କୁମାର ମଲ୍ଲିକ

# ଆଜି ହିଞ୍ଜିଳିରୁ ନାମାଙ୍କନପତ୍ର ଦାଖଲ କରିବେ ନବୀନ

**ଭୁବନେଶ୍ୱର,(ବ୍ୟୁରୋ)/ଛତ୍ରପୁର,୧୯।୩(ଡି.ଏନ.ଏ.)**



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥର ୨ଟି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି। ଗଞ୍ଜାମ ଜିଲାର ହିଞ୍ଜିଳି ଏବଂ ବରଗଡ଼ ଜିଲାର ବିଜେପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବୁଧବାର ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ପାଇଁ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନବୀନ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି। ନାମାଙ୍କନ ଦାଖଲ ବେଳେ ଜିଲାର ପ୍ରମୁଖ ବିଜେଡି ନେତା ଉପସ୍ଥିତ ରହିବେ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବା ନେଇ ସୋମବାର ଘୋଷଣା କରିଥିଲେ। ଏଥିପାଇଁ ଦିନକ ପୂର୍ବରୁ ପଶ୍ଚିମ ଓଡ଼ିଶା ବିଜେଡି ନେତାମାନେ ରବିବାର ନବୀନ ନିବାସ ଆସି ପଶ୍ଚିମ ଓଡ଼ିଶାରୁ ନିର୍ବାଚନ ଲଢ଼ିବାକୁ ଅନୁରୋଧ କରିଥିଲେ। ନବୀନଙ୍କ ଉପରୋକ୍ତ ଘୋଷଣାକୁ ବିରୋଧୀ ଭାଜପା ଓ କଂଗ୍ରେସ କଡ଼ା ସମାଲୋଚନା କରିଥିଲେ। ନିର୍ବାଚନ ହାରିଯିବା ଭୟରେ ନବୀନ ଦୁଇଟି ଆସନରେ ନିର୍ବାଚନ ଲଢୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।




# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ)**

- ୧୯ରୁ ୨୬ ପ୍ରାର୍ଥିପତ୍ର ଦାଖଲ
- ୨୭ରେ ଯାଞ୍ଚ, ୨୯ରେ ଚୂଡ଼ାନ୍ତ ତାଲିକା
- ଏପ୍ରିଲ ୧୮ରେ ହେବ ୫ ଲୋକ ସଭା, ୩୫ ବିଧାନସଭା ଆସନରେ ନିର୍ବାଚନ

ରାଜ୍ୟରେ ଆସନ୍ତା ଏପ୍ରିଲ ୧୮ରେ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧୯ରୁ ୨୬ ଯାଏ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୨୭ ତାରିଖରେ ପ୍ରାର୍ଥିପତ୍ରଗୁଡ଼ିକୁ ଯାଞ୍ଚ କରାଯିବ। ୨୯ ତାରିଖରେ ଯେଉଁମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହିଁବେ ନାହିଁ, ସେମାନେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରିବେ। ସେହିଦିନ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ।

ଏପ୍ରିଲ ୧୮ରେ ବରଗଡ଼ (ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦମ୍ପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନ, କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡ଼ା, ଜି. ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସିକା (ସାଧାରଣ ବର୍ଗ)ଲୋକ ସଭା ଆସନ ସହିତ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### କିଛି ତଥ୍ୟ

ଚଳିତ ବର୍ଷ ଫେବୃୟାରୀରେ ଦେଶର ତୈଳ ଚାହିଦା ୩.୮% ବୃଦ୍ଧି ଘଟିଛି।

—ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ୍




ହୋଲି ରଙ୍ଗର ପର୍ବ। ପରସ୍ପରକୁ ରଙ୍ଗ ଏବଂ ଫଗୁ ବୋଳି ଖୁସି ମନେଇବା ଅବସର। ଅନେକଙ୍କର ଅପେକ୍ଷା ଥାଏ ଏହି ପର୍ବକୁ। ସେଥିପାଇଁ ବଜାରରେ ମେଳିଗଲାଣି ବିଭିନ୍ନ କିସମର ରଙ୍ଗର ପସରା। ଖାଲି ଆଖିରେ ସୁନ୍ଦର ଦେଖାଯାଉଥିବା ରଙ୍ଗ ମାରାତ୍ମକ ରାସାୟନିକ ଦ୍ରବ୍ୟରୁ ପ୍ରସ୍ତୁତ। କେତେକ ଲାଭଖୋର ବ୍ୟବସାୟୀ ଏହି ରଙ୍ଗ ଏବଂ ଫଗୁରେ ଇଞ୍ଜିନ ତେଲ ଏବଂ କାରଖାନାର ବର୍ଜ୍ୟ ତୈଳ ମିଶାଇଥାନ୍ତି। ଏଗୁଡ଼ିକ ଶରୀର ପ୍ରତି କ୍ଷତିକାରକ। ତେଣୁ ରଙ୍ଗ କିଣିବା ବେଳେ ସତର୍କ ରୁହନ୍ତୁ। ପ୍ରାକୃତିକ ରଙ୍ଗର ବ୍ୟବହାର ଅଧିକ ମାତ୍ରାରେ କରନ୍ତୁ। ଜନହିତ ପାଇଁ ଧରିତ୍ରୀ ପକ୍ଷରୁ ଏପରି ରଙ୍ଗ ସମ୍ପର୍କରେ ସତର୍କ କରିଦିଆଯାଉଛି।

- ସବୁଜ ରଙ୍ଗରେ କପର ସଲ୍‌ଫେଟ୍ ମିଶିଥାଏ। ଏହା ଆଖି ରୋଗର କାରଣ ହେବା ସହ ମଣିଷକୁ ଅଣନିଃଶ୍ୱାସୀ କରିଦିଏ। ଏହି ରଙ୍ଗ ମଧ୍ୟ ଆଂଶିକ ଭାବେ ଅନ୍ଧ କରିଦେଇପାରେ।
- ରୁପେଲି ରଙ୍ଗରେ ଆଲୁମିନିୟମ୍ କ୍ରୋମାଇଟ୍ ରହିଛି। ଏଥିଯୋଗୁ କର୍କଟ ରୋଗ ହେବାର ସମ୍ଭାବନା ଅଧିକ। ହାଲୁକା ବାଇଗଣୀ ରଙ୍ଗରେ କ୍ରୋମିୟମ୍‌ବାଇଡାଇଡ୍ ମିଶିଥାଏ। ଏହି ରଙ୍ଗ ବ୍ୟବହାର କଲେ ଶ୍ୱାସରୋଗ ଏବଂ ଆଲର୍ଜି ସୃଷ୍ଟି ହୋଇଥାଏ। ନୀଳରଙ୍ଗରେ ଥିବା ପ୍ରୁସିଆନ୍ ବ୍ଲୁ ରାସାୟନିକ ଯୋଗୁ ବିଭିନ୍ନ ପ୍ରକାର ଚର୍ମରୋଗ ହେବା ସମ୍ଭାବନା ଥାଏ।
- ଲାଲ ରଙ୍ଗରେ ମର୍କ୍ୟୁରି ସଲ୍‌ଫାଇଡ୍ ମିଶିଥାଏ। ସେଥିଯୋଗୁ ଚର୍ମ କର୍କଟ ସହ ମାନସିକ ଅବସାଦ, ପକ୍ଷାଘାତ ଏବଂ ଦୃଷ୍ଟିଦୋଷ ପରି ବିଭିନ୍ନ ରୋଗ ଦେଖାଦେଇଥାଏ। ଚକ୍‌ଚକ୍ କରୁଥିବା ରଙ୍ଗଗୁଡ଼ିକରେ ଗୁଣ୍ଡକାଚ ମିଶିଥାଏ। ଏହାଛଡ଼ା ତରଳ ରଙ୍ଗରେ ଥିବା ଆଲ୍‌କାଲାଇନ୍ ପଦାର୍ଥ ଶରୀର ପ୍ରତି ବହୁ କ୍ଷତିକାରକ।
- ରଙ୍ଗ ଛଡ଼ାଇବା ଲାଗି ଶରୀରକୁ ସାବୁନ କିମ୍ବା କିରୋସିନରେ ଧୁଅନ୍ତୁ ନାହିଁ।
- ହାଲ୍‌କା ସ୍କିନ୍ କ୍ରିମ୍ ବ୍ୟବହାର କରି ଧୀରେ ଧୀରେ ରଙ୍ଗ ଲାଗିଥିବା ସ୍ଥାନକୁ ଘଷନ୍ତୁ।
- ରଙ୍ଗ ଖେଳରେ ମାତିବା ପୂର୍ବରୁ ଦେହରେ ସ୍କିନ୍ କ୍ରିମ୍, ନଡ଼ିଆତେଲ କିମ୍ବା ସନ୍‌ସ୍କିନ୍ ଲୋଶନ ବ୍ୟବହାର କରନ୍ତୁ।
- ଆଖିରେ ରଙ୍ଗ ଭର୍ତ୍ତି ବେଲୁନ୍ ମାଡ଼ ହେଲେ ସଙ୍ଗେ ସଙ୍ଗେ ଆଖିକୁ ପାଣିରେ ଧୋଇଦିଅନ୍ତୁ। ଏହାସତ୍ତ୍ୱେ ଆଖି ଜଳାପୋଡ଼ା ହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଦେଖାନ୍ତୁ।



■ବ୍ରଜରାଜନଗର ଆସନ ପାଇଁ ରାଜଧାନୀରେ ଆଲୋଚନା

# ଆଜି ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା

**ଝାରସୁଗୁଡ଼ା ଅଫିସ,୧୯।୩**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଚୟନ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ମଙ୍ଗଳବାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ଏହି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଜିଲା ସଭାପତି ତଥା ପୂର୍ବତନ ବାଚସ୍ପତି କିଶୋର କୁମାର ମହାନ୍ତିଙ୍କୁ ଦଳ ବ୍ରଜରାଜନଗରରୁ ପ୍ରାର୍ଥୀ କରିବାକୁ ସ୍ଥିର କରିଛି। ବୁଧବାର ଏ ନେଇ ବିଧିବଦ୍ଧ ଘୋଷଣା ହେବା ସମ୍ଭାବନା ରହିଛି। ସେହିପରି ଏହି ଆସନ ପାଇଁ ଅନ୍ୟତମ ପ୍ରମୁଖ ଟିକେଟ ଦାବିଦାର ଅନୁପ କୁମାର ସାଏଙ୍କୁ କୌଣସି ପଦପଦବୀରେ ଥଇଥାନ କରିବାକୁ ଦଳ ପ୍ରତିଶ୍ରୁତି ଦେଇଥିବା ଶୁଣିବାକୁ ମିଳିଛି। କିଶୋର ମହାନ୍ତି ବ୍ରଜରାଜନଗରରୁ ପ୍ରାର୍ଥୀ ହେଉଥିବା ଖବର ପ୍ରସାରିତ ହେବା ପରେ ବିଜେଡି କର୍ମୀ ଏବଂ କିଶୋରଙ୍କ ସମର୍ଥକ ଖୁସିବ୍ୟକ୍ତ କରିଛନ୍ତି। ଖୋଲାଖୋଲି ଭାବେ ଉତ୍ସବ ପାଳି ନ ଥିଲେ ମଧ୍ୟ ବିଜେଡି କର୍ମୀମାନେ ଖୁସିଥିବା କହିଛନ୍ତି। ତେବେ ଦଳର ଏହି ନିଷ୍ପତ୍ତି ଯୋଗୁ ଅନୁପ ଓ ତାଙ୍କ ସମର୍ଥକମାନେ ନିରାଶ ହୋଇଛନ୍ତି। ଅନୁପଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ସୋମବାର ବିଜେଡି ଦଳୀୟ ପ୍ରାର୍ଥୀ ଭାବେ ନବ କିଶୋର ଦାସଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବ୍ରଜରାଜନଗର ଆସନକୁ ଝୁଲାଇ ରଖାଯାଇଥିଲା।

ବିଜେଡିରେ ନବଙ୍କ ଯୋଗଦାନ ପରେ ଝାରସୁଗୁଡ଼ା ଆସନରେ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ପୂର୍ବରୁ ଏକପ୍ରକାର ସ୍ପଷ୍ଟ ହୋଇଯାଇଥିଲା। ତେବେ ବ୍ରଜରାଜନଗର ଆସନ ପାଇଁ କିଶୋର ଏବଂ ଅନୁପଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ଏପରି କି ବ୍ରଜରାଜନଗରରୁ ଅନୁପଙ୍କୁ ଟିକେଟ ମିଳିଲେ, କିଶୋର ଭାଜପାରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ୯ ଲୋକସଭା ଆସନ ଓ ସେଗୁଡ଼ିକ ଅନ୍ତର୍ଗତ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବ୍ରଜରାଜନଗର ଆସନରୁ କାହାରି ନାମ ଘୋଷଣା କରି ନ ଥିଲେ। ମଙ୍ଗଳବାର ଏ ସଂକ୍ରାନ୍ତରେ ଆଲୋଚନା କରାଯାଇ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ଦଳୀୟ ମହଲରୁ ସୂଚନା ମିଳିଛି। ଏ ବାବଦରେ ଜିଲା ସଭାପତି କିଶୋର ମହାନ୍ତିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।


## ODISHA JOINT ENTRANCE EXAMINATION-2019 (OJEE - 2019)

No: OJEE-19/098 Date: 19.03.2019

### NOTICE REGARDING EXTENSION OF LAST DATE FOR ONLINE APPLICATION

CANDIDATES WHO WISH TO TAKE ADMISSION TO B.PHARM / M.TECH/ M.TECH(PART TIME)/ M.ARCH/ M.PHARM/M. PLAN/ MCA/ MBA /INT. MBA AND LATERAL ENTRY TO B.TECH/ B.PHARM/ MCA COURSES IN UNIVERSITIES, GOVERNMENT AND PRIVATE COLLEGES OF ODISHA HAVE TO APPEAR

### OJEE - 2019

Entrance Examination for B.PHARM, INT. MBA, LATEL ENTRY TO B.TECH/ B.PHARM Courses will be pen-and-paper mode as per previous practice.
However there will be Computer Based Test (CBT) for all PG courses such as MBA, MCA, LATERAL ENTRY TO MCA, M.PHARM, M.ARCH, M.PLAN AND All M.TECH courses.
Last dates for online application is extended as follows

| | |
|---|---|
| Date of Examination for Pen-and-paper mode | : 12th May, 2019 (Sunday) |
| Tentative Dates for CBT | : 12th to 20th May, 2019 |
| Last date to fill-up Online Application form | : 5th April, 2019 |
| Last date of online application fee payment | : 10th April, 2019 |
| Downloading of admit card onwards | : 20th April,2019 |

For other details, please visit our website: **www.ojee.nic.in/www.odishajee.com.**

Sd/-
CHAIRMAN, OJEE


# ଏମ୍‌ପି ପ୍ରାର୍ଥୀ ଅଚ୍ୟୁତଙ୍କୁ ଛାତ୍ର ସମାଜର ବିରୋଧ

**ଫୁଲବାଣୀ ଅଫିସ, ୧୯।୩**

କନ୍ଧମାଳ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ବିରୋଧ ଜାରି ରହିଛି। ମଙ୍ଗଳବାର ଜିଲା ଛାତ୍ର ସମାଜ ସ୍ଥାନୀୟ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ଦଳୀୟ ଲୋକଙ୍କୁ ଏମ୍‌ପି ପ୍ରାର୍ଥୀ କରାଯିବାକୁ ଆମର ଦାବି। ବାହାର ପ୍ରାର୍ଥୀଙ୍କୁ ଏଠାରେ ବରଦାସ୍ତ କରାଯିବ ନାହିଁ। ଆମେ ସେମାନଙ୍କୁ ଚିହ୍ନିନୁ କି ଜାଣିନୁ। ସେମାନେ ଆସି ଜିଲାର କ'ଣ ଉନ୍ନତି କରିବେ ବୋଲି ଛାତ୍ରମାନେ କହିବା ସହ ଅଚ୍ୟୁତଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଏଥିସହ ଅନ୍ୟ ଦଳ ମଧ୍ୟ ଜିଲା ଭିତରୁ କାହାକୁ ପ୍ରାର୍ଥୀ କରିବାକୁ ଦାବି କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲା। ସୂଚନାଯୋଗ୍ୟ, ସୋମବାର ବିଜେଡି ଅଚ୍ୟୁତଙ୍କୁ ଏମ୍‌ପି ପ୍ରାର୍ଥୀ ଘୋଷଣା କରିବା ପରେ ଦଳୀୟ ମହଲରେ ଅସନ୍ତୋଷ ଦେଖାଦେଇଥିଲା । ସ୍ଥାନୀୟ ବିଜୁ ପଟ୍ଟନାୟକ ଚକରେ ଦଳୀୟ କର୍ମୀ ଏବଂ ନେତା ଏହାକୁ ବିରୋଧ କରି ଟାୟାର ଜାଳି ପ୍ରତିବାଦ କରିଥିଲେ।



ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡ଼ୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା !

-ଶ୍ରୀମା



# ଛଦ୍ମ ଦେଶପ୍ରେମ

ସାଧାରଣତଃ ଉତ୍ତରପ୍ରଦେଶ ଓ ବିହାର ବୋର୍ଡ ପରୀକ୍ଷାରେ ପିଲାମାନେ ବହୁ ସମୟରେ ଅଜବ ଓ ଅଦ୍ଭୁତ ଉତ୍ତର ଲେଖିଥିବା ଶୁଣିବାକୁ ମିଳିଛି। ଏପରିକି ଭଲ ମାର୍କ୍ସ ପାଇବା ପାଇଁ ଉତ୍ତର ଖାତାରେ ଟଙ୍କା ଷ୍ଟାପଲ୍ କରିବାର ନଜିର ଅଛି। 'ବାପା ଗରିବ ଲୋକ, ପୁଣି ଥରେ ପରୀକ୍ଷା ଦେବା ଲାଗି ଟଙ୍କା ଦେଇପାରିବେ ନାହିଁ, ତେଣୁ ମୋତେ ପାସ୍ କରିଦିଅନ୍ତୁ' କହି କେତେକ ପରୀକ୍ଷାର୍ଥୀ ଖାତା ମୂଲ୍ୟାୟନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିବେଦନ କରିଥିବା ବିଷୟ ଜଣାଶୁଣା। କିନ୍ତୁ ଏବେ ଉତ୍ତରପ୍ରଦେଶ ବୋର୍ଡ ପରୀକ୍ଷାରେ 'ଦେଶପ୍ରେମ'କୁ ମାର୍କ୍ସ ପାଇବାର ମାଧ୍ୟମ ଭାବେ ଅନେକ ଛାତ୍ର ବ୍ୟବହାର କରିଥିବା ବିଷୟ ପଦାକୁ ଆସିଛି। କେତେ ଜଣ ଶିକ୍ଷକ ଖାତା ମୂଲ୍ୟାୟନ ବେଳେ ଏହିଭଳି ଆବେଗପୂର୍ଣ୍ଣ ବାକ୍ୟ ଦେଖିବାକୁ ପାଇଥିବା ପ୍ରକାଶ କରିଛନ୍ତି। ଅନେକ ଉତ୍ତର ଖାତାରେ ଲେଖାଯାଇଛି, 'ସାର୍, ମୁଁ ଯବାନ ହୋଇ ଦେଶ ସେବା କରିବାକୁ ଚାହୁଁଛି ଓ ଆପଣଙ୍କ ପିଲାଙ୍କୁ ସୁରକ୍ଷା ଦେବା ସହ ଦେଶକୁ ଶତ୍ରୁ କବଳରୁ ରକ୍ଷା କରିବି। ତେଣୁ ମୋତେ ମାର୍କ୍ସ ଦେବା ପୂର୍ବରୁ ଆପଣଙ୍କ ପିଲାଙ୍କ ଭବିଷ୍ୟତ କଥା ଭାବନ୍ତୁ।' ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପରୀକ୍ଷା ଗତ ଫେବୃୟାରୀରେ ଅନୁଷ୍ଠିତ ହୋଇଥିଲା, ଯେତେବେଳେ ପୁଲଓ୍ୱାମା ଆକ୍ରମଣ ଓ ତା' ପରବର୍ତ୍ତୀ ବାଲାକୋଟ କାର୍ଯ୍ୟାନୁଷ୍ଠାନ ଚାଲିଥିଲା।

ପିଲାମାନେ ଲେଖିଥିବା ବାକ୍ୟକୁ ଦେଖିଲେ ଯେଉଁ ଛାତ୍ରୀଛାତ୍ର ଏଭଳି କରିଛନ୍ତି ସେମାନେ ନିଶ୍ଚିତ ଭାବେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନ ଥିବା ବୁଝାଯାଉଛି । ପୁଲଓ୍ୱାମା ଓ ବାଲାକୋଟ ଘଟଣା ସମୟରେ ଦେଶବାସୀଙ୍କୁ ଭାରତୀୟ ନେତୃତ୍ୱ ଦେଶପ୍ରେମ ବିଷୟରେ କଥା କହିଚାଲୁଥିଲେ। ଦେଶପ୍ରେମକୁ ନେଇ ସୋସିଆଲ ମିଡିଆରେ ଅସଂଖ୍ୟ ବାର୍ତ୍ତା ଓ ଚିତ୍ର ପ୍ରସାରିତ ହୋଇଯାଇଛି। ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନ ଥିବା ପିଲାଙ୍କୁ ଗୁରୁବାକ୍ୟ ଦେବାକୁ ଯାଇ କିଛି ଅଭିଭାବକ ଓ ଶିକ୍ଷକ ଏଭଳି ଛଦ୍ମ ଦେଶପ୍ରେମର ସାହାରା ନେବାକୁ ଉପଦେଶ ଦେଇଥାଇପାରନ୍ତି। ଏକାସଙ୍ଗେ ଏକାଧିକ ପିଲାଙ୍କ ଉତ୍ତରଖାତାରୁ ଏଭଳି ସମାନ ଧରଣର ଚିନ୍ତାଧାରା ପ୍ରକାଶ ପାଇବା ବିଷୟରୁ ଏହା ବୁଝାଯାଇପାରେ। ଏଥିପାଇଁ ଦେଶର ନେତୃତ୍ୱ ନେଉଥିବା ବ୍ୟକ୍ତି, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ଭଳି ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଦାୟୀ କରାଯାଇପାରେ। କାରଣ ପିଲାମାନଙ୍କୁ ସଚ୍ଚୋଟ ଭାବେ କିଛି ଭଲ କରିବା ଲାଗି ସେଭଳି ଉପଦେଶ ଦିଆଯାଉନାହିଁ। ଏକ ଭୁଲ ରାସ୍ତା ଆପଣାଇ ସଫଳତା ପାଇଲେ ତାହା ଦୀର୍ଘମିଆଦୀ ହୋଇ ନ ଥାଏ। କିନ୍ତୁ ଆଜିର ବସ୍ତୁବାଦୀ ଦୁନିଆରେ ଅଚାନକ ପ୍ରଚୁର ଅର୍ଥ ସହ କ୍ଷମତା ହାସଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲୁଛି। ଭବିଷ୍ୟତ ପିଢ଼ି ଉପରେ ବରିଷ୍ଠମାନେ ଚାପ ପକାଉଥିବାରୁ ଏଭଳି ଅସଙ୍ଗତି ଦେଖା ଦେଉଛି ବୋଲି କୁହାଯାଇପାରେ। ଏଠାରେ ମନେରଖିବାକୁ ହେବ ଯେ, ପରୀକ୍ଷାରେ ଯିଏ ଶର୍ଟକଟ୍ ଉପାୟ ଅବଲମ୍ବନ କରିବ, ସେହି ପିଲା ଯୁଦ୍ଧକ୍ଷେତ୍ରରେ ଅନୁରୂପ ମାନସିକତା ପ୍ରଦର୍ଶନ କରିବାର ସବୁ ସମ୍ଭାବନା ରହିଛି। ତାହା କଲେ ନିଜେ ଗୁଳିଖାଇ ମରିବା ସହିତ ସାଥୀମାନଙ୍କୁ ମଧ୍ୟ ବିପଦମୁଖୀ କରିଦେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏଭଳି ଚିନ୍ତାଧାରା ରଖିଥିବା ପିଲା କେବେହେଲେ ସେନାରେ ଯୋଗଦେବେ ନାହିଁ।

ବିହାର, ଉତ୍ତରପ୍ରଦେଶ ଓ ଚଳିତବର୍ଷ ଓଡ଼ିଶାରେ ମାଟ୍ରିକ୍ ପରୀକ୍ଷା ବେଳେ ପରୀକ୍ଷାର୍ଥୀଙ୍କୁ କପି ଯୋଗାଇବାକୁ ଯାଇ ଅଭିଭାବକ ଓ ସମ୍ପର୍କୀୟମାନେ ଯେଉଁଭଳି ପରୀକ୍ଷା କେନ୍ଦ୍ରର ବାଉଣ୍ଡାରି ଓ ଝରକା ପାଖରେ ମାଳମାଳ ଓହଳିଥିଲେ, ସେହି ଲଜ୍ଜାଜନକ ଚିତ୍ର ଦେଖିଲେ ଏ ଜାତି କଷ୍ଟକରି କିଛି ଉପାର୍ଜନ କରିବାକୁ ଚାହୁଁଥିଲା ଭଳି ହୃଦ୍‌ବୋଧ ହେଉନାହିଁ। ଏକ ଉନ୍ନତ ଦେଶ ଗଢ଼ିବାକୁ ଚାହୁଁଥିବା ଛାତ୍ର କେବେହେଲେ ଛଦ୍ମ ଦେଶପ୍ରେମର ଆଶ୍ରା ନେବାକୁ ପସନ୍ଦ କରିବେ ନାହିଁ। ଯେଉଁମାନେ ଦେଶପ୍ରେମ ନାମରେ ଛାତ୍ରସମାଜକୁ ବିଭ୍ରାନ୍ତ କରୁଛନ୍ତି, ସେମାନେ ସିଧାସଳଖ ଏ ଦେଶର କ୍ଷତି କରୁଛନ୍ତି ବୋଲି କୁହାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୪

- ଇରାକ ବିରୋଧରେ ଲାଗୁ ହୋଇଥିବା ବାଣିଜ୍ୟ କଟକଣାକୁ ପ୍ରତ୍ୟାହାର କରିବା କିମ୍ବା କୋହଳ କରିବା ନେଇ ଇରାକର ଅନୁରୋଧକୁ ଜାତିସଂଘ ନିରାପତ୍ତା ପରିଷଦରେ ପ୍ରତ୍ୟାଖ୍ୟାନ।
- ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏ.କେ. ବୀରଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଲାବଣ୍ୟପ୍ରୀତି' ଓସାକାଠାରେ ଅନୁଷ୍ଠିତ ଦ୍ୱିତୀୟ ଏସିଆନ୍ ଟେଲିଭିଜନ ଉତ୍ସବରେ ଶ୍ରେଷ୍ଠ ଚଳଚ୍ଚିତ୍ର ରୂପେ ବିବେଚିତ ହୋଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | 1 | | | | | | | | A |
| 7 | | 5 | 1 | E | | | | | | | 9 | | 8 | 2 |
| 3 | | | 8 | | D | | | | | | 7 | B | 4 | |
| | D | 8 | | 2 | C | | 6 | 5 | | | 1 | 7 | | |
| E | 2 | | | 6 | | | | D | 0 | A | | | | |
| 5 | | | D | | 8 | 6 | | 9 | | 4 | C | | | |
| | | | 6 | | | | | 3 | 8 | B | 0 | | | |
| | 7 | | 4 | 3 | | | D | | 1 | | | | | C |
| 1 | | 0 | | | B | | | | D | 7 | | 5 | | E |
| | 6 | D | E | | 1 | | | | A | | | | 2 | |
| | 8 | | 0 | | | B | | 1 | | | | 4 | | |
| | | A | | | | | | 7 | 3 | C | 4 | 8 | | |
| 0 | | 7 | | | | 5 | | | | D | | | | |
| 4 | 5 | | | C | | 2 | | | E | | | A | B | |
| | | | 2 | | | | 0 | | | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 7 | D | 9 | C | 0 | 8 | 4 | E | 6 | B | 2 | 3 | A |
| 8 | 2 | 6 | 4 | E | B | 7 | 1 | A | 5 | 3 | 0 | C | 9 | D |
| 4 | B | A | 8 | 0 | 3 | 9 | 2 | E | C | D | 7 | 6 | 5 | 1 |
| 9 | 0 | D | 6 | 5 | 1 | 3 | B | C | 2 | A | 8 | E | 4 | 7 |
| E | C | 3 | A | 2 | 7 | 6 | D | 5 | 4 | 1 | 9 | 0 | B | 8 |
| C | 6 | B | 1 | D | 2 | A | E | 9 | 3 | 0 | 5 | 7 | 8 | 4 |
| 1 | 7 | 4 | C | A | 8 | 5 | 3 | 2 | B | E | 6 | 9 | D | 0 |
| A | E | 9 | 0 | 4 | 5 | C | 6 | D | 7 | 8 | 1 | 3 | 2 | B |
| 0 | 3 | 8 | 9 | 7 | 6 | B | 4 | 1 | D | C | 2 | 5 | A | E |
| 2 | D | 5 | B | 3 | E | 8 | 0 | 7 | 9 | 4 | A | 1 | C | 6 |
| B | 4 | 0 | 7 | 8 | 9 | E | A | 3 | 1 | 5 | C | D | 6 | 2 |
| 6 | 5 | 2 | 3 | 1 | A | 4 | 9 | 0 | 8 | 7 | D | B | E | C |
| 7 | 8 | C | E | B | 0 | D | 5 | 6 | A | 2 | 3 | 4 | 1 | 9 |
| 3 | 9 | E | 2 | C | D | 1 | 7 | 8 | 6 | B | 4 | A | 0 | 5 |
| D | A | 1 | 5 | 6 | 4 | 2 | C | B | 0 | 9 | E | 8 | 7 | 3 |

ଗତକାଲିର ଉତ୍ତର

# ସ୍ୱାସ୍ଥ୍ୟସେବାରେ ଦଳୀୟ ସ୍ୱାର୍ଥ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଚିକିତ୍ସାଳୟରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଆଖି ଆଗରେ କାହାର ଛବି ନାଚି ଉଠିଥାଏ? କିଛି ସାଧାରଣ ଲୋକ ମନେ କରୁଥିବେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀଙ୍କ ମୁଖମଣ୍ଡଳ। ଏମିତି ଏକ ଧାରଣା ଜନ୍ମିବା ପଛରେ ବିଭିନ୍ନ ନେତା ଓ ସମର୍ଥକମାନଙ୍କ ଜବରଦସ୍ତ ପ୍ରଚାର, ଅସଂଖ୍ୟ ବିଜ୍ଞାପନ ଏବଂ ରାସ୍ତାକଡ଼ର ତତ୍ସମ୍ପର୍କିତ ଏକାଧିକ ହୋର୍ଡିଂର ପ୍ରଭାବ ବିଦ୍ୟମାନ। ଏହାର ପୃଷ୍ଠଭୂମି ସମ୍ପର୍କରେ ଜ୍ଞାତ ହେବା ପାଇଁ ବର୍ତ୍ତମାନ ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନା ପ୍ରତି ଦୃଷ୍ଟି ଦିଆଯାଉ।

ସମ୍ପ୍ରତି ସ୍ୱାସ୍ଥ୍ୟବୀମା ଯୋଜନା ଏକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଭାବେ ଅନୁସୃତ ହେବା ଲକ୍ଷ୍ୟ କରାଯାଉଛି। ୨୦୧୮ ମସିହାରେ 'ଆୟୁଷ୍ମାନ୍ ଭାରତ' ଅର୍ଥାତ୍ 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' (ପିଏମ୍‌ଜେଏୱାଇ) କେନ୍ଦ୍ର ସରକାର ଘୋଷଣା କଲେ। ଏହି ଯୋଜନା ଅନୁସାରେ ପ୍ରତିବର୍ଷ ଗରିବ ପରିବାର ପିଛା ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଉପଲବ୍ଧ ହେବ। ବିଭିନ୍ନ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବା ସକାଶେ ଏଥିରେ ବ୍ୟବସ୍ଥା ରହିଛି। କିନ୍ତୁ ସର୍ବସାଧାରଣଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ଓଡ଼ିଶା, ଦିଲ୍ଲୀ, ତେଲେଙ୍ଗାନା ପରି ରାଜ୍ୟଗୁଡ଼ିକ ଗ୍ରହଣ କଲେ ନାହିଁ। ସେମାନଙ୍କ ଯୁକ୍ତି ହେଲା, ଏହି ରାଜ୍ୟଗୁଡ଼ିକରେ ପ୍ରଣୀତ ସ୍ୱାସ୍ଥ୍ୟ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଆରୋଗ୍ୟ ଯୋଜନା ଅପେକ୍ଷା ଅଧିକ ଉତ୍ତମ ଓ ଲୋକଙ୍କ ପାଇଁ ଲାଭଦାୟକ। ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରର ଆର୍ଥିକ ସହାୟତା ଯଥାକ୍ରମେ ଶତକଡ଼ା ଷାଠିଏ ଓ ଚାଳିଶ ଭାଗ। ତେଣୁ ରାଜ୍ୟ ସରକାରଙ୍କ ସମର୍ଥନ ବିନା ଏହା ବିଫଳ ହେବ।

ଉକ୍ତ କାର୍ଯ୍ୟକ୍ରମକୁ କେତୋଟି ରାଜ୍ୟ ସମ୍ପୂର୍ଣ୍ଣ ଭାବେ ନିଜ ନିଜ କାରଣ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ପଶ୍ଚିମବଙ୍ଗ ସରକାରଙ୍କ ଆଭିମୁଖ୍ୟ ଏହି ମାମଲାରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ରେ ଏହି ରାଜ୍ୟର ଏକ କୋଟିରୁ ଅଧିକ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇସାରିଲେଣି। ତେବେ ଏଥିରେ ଦିଦିଙ୍କ ସରକାର ଆଉ ସମ୍ପୃକ୍ତ ହେବାକୁ ଅମଙ୍ଗ। ତାଙ୍କ ମତ ପରିବର୍ତ୍ତନର କାରଣ ମୂଳତଃ ରାଜନୈତିକ ସ୍ୱାର୍ଥଜଡ଼ିତ। ଦିଦିଙ୍କ ଯୁକ୍ତି ହେଉଛି ଯେ, କେନ୍ଦ୍ର ହିତାଧିକାରୀମାନଙ୍କୁ ଡାକ ଦ୍ୱାରା ଯେଉଁ ପତ୍ର ଦେଉଛି, ସେଥିରେ ମୋଦିଙ୍କ ଛବି ଓ ପଦ୍ମଫୁଲ ପରି ଦେଖାଯାଉଥିବା ଚିହ୍ନ ରହିଛି। ଏହାଦ୍ୱାରା ଜନସମୁଦାୟରେ ପ୍ରଧାନମନ୍ତ୍ରୀ ଭୋଟ-ରାଜନୀତି ଦୃଷ୍ଟିରୁ ଅଧିକ ଲାଭବାନ୍ ହେବେ। ରାଜ୍ୟର ଏଥିରେ ଅବଦାନ ଥିଲେ ସୁଦ୍ଧା ଏହା ଲୋକଙ୍କ ଅଗୋଚରରେ ରହୁଛି। ତେଣୁ ଦିଦି ଏହି ମର୍ମରେ ପ୍ରତିରୋଧାତ୍ମକ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ। ତାଙ୍କ ଦଳର କର୍ମୀମାନେ ଡାକ ବିଭାଗ କର୍ମଚାରୀଙ୍କ ଉପରେ ଚାପ ପକାଇ ଏ ସମ୍ପର୍କିତ ଚିଠିମାନ ହିତାଧିକାରୀଙ୍କୁ ନ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଦିଦିଙ୍କୁ ଟକ୍କର ଦେବା ଲକ୍ଷ୍ୟରେ ମୋଦି ସରକାର ଚିନ୍ତା କରୁଥିବା ଜଣାପଡ଼ିଛି। ସେହି ଅନୁଯାୟୀ କେନ୍ଦ୍ର ଏହି ରାଜ୍ୟକୁ ଉପେକ୍ଷା କରି ସିଧାସଳଖ ହିତାଧିକାରୀଙ୍କୁ ହସ୍ପିଟାଲ ସୂଚୀରେ ନାମ ଲେଖାଇବା ବ୍ୟବସ୍ଥା କରିବେ। ସେ ଯାହା ହେଉ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏତାଦୃଶ ଆତ୍ମ-ବିଜ୍ଞାପନ ମନୋବୃତ୍ତି ଯୋଗୁ ସ୍ୱାସ୍ଥ୍ୟବୀମା ଯୋଜନାର ସଫଳ ରୂପାୟନ ବିଘ୍ନିତ ହେବ।

ଜନସାଧାରଣ ବିଶେଷତଃ ଗରିବଙ୍କ ସ୍ୱାସ୍ଥ୍ୟରକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳୀୟ ଟଣାଓଟରା ଆଦୌ ସ୍ପୃହଣୀୟ ନୁହେଁ। ଏହାର ଗମ୍ଭୀରତା ଜାଣିବା ପାଇଁ କିଛି ପରିସଂଖ୍ୟାନ ପ୍ରତି ଦୃଷ୍ଟି ଦିଆଯାଇପାରେ। ନିକଟରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମାଟ୍ରିକ୍ସ ଆଣ୍ଡ୍ ଇଭାଲ୍ୟୁଏଶନ୍ ତରଫରୁ ଯେଉଁ ତଥ୍ୟ ପ୍ରକାଶିତ, ତାହାର ବିଶ୍ଳେଷଣ ବ୍ଲୁମ୍‌ବର୍ଗ ସଂସ୍ଥା କରିଛି। ତଦନୁସାରେ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟକ୍ତି ପିଛା ସ୍ୱାସ୍ଥ୍ୟ ବାବଦରେ ୧୧,୦୦୦ ଡଲାର ଖର୍ଚ୍ଚ କରୁଥିବା ବେଳେ ବ୍ରିଟେନ ପାଇଁ ଏହି ଧନରାଶି ୪୦୦୦ ଡଲାର। କିନ୍ତୁ ଭାରତ କ୍ଷେତ୍ରରେ ଏହି ରାଶି ମୋଟେ ୨୪୦ ଡଲାର। ପୁଣି ଭାରତୀୟମାନେ ସରକାରୀ ଅପେକ୍ଷା ବେସରକାରୀ ଚିକିତ୍ସାଳୟକୁ ଅଧିକ ପସନ୍ଦ କରିଥାନ୍ତି।

ବ୍ଲୁମ୍‌ବର୍ଗ ହେଲ୍‌ଦିଏଷ୍ଟ କଣ୍ଟ୍ରି ଇଣ୍ଡେକ୍ସ (୨୦୧୯) ଅନୁସାରେ ୧୬୯ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୨୦। ଆମଠାରୁ ଉନ୍ନତ ସ୍ଥିତିରେ ଅଛନ୍ତି ଆମର କେତେକ ପଡ଼ୋଶୀ ଦେଶ, ଯଥା- ଚାଇନା(୫୨), ଶ୍ରୀଲଙ୍କା(୬୬), ବାଂଲାଦେଶ(୯୧) ଓ ନେପାଳ(୧୧୦)। ବିଶ୍ୱବ୍ୟାଙ୍କ ଅନୁସାରେ 'କ୍ୟୁବା' 'ଉଚ୍ଚ ଆୟକାରୀ' ଦେଶ ତାଲିକାର ଅନ୍ତର୍ଭୁକ୍ତ ନ ହୋଇଥିଲେ ସୁଦ୍ଧା, ଏହି କ୍ଷୁଦ୍ର ରାଷ୍ଟ୍ରର ର୍ୟାଙ୍କ୍ ହେଉଛି ୩୦। ଦୁର୍ଭାଗ୍ୟର ବିଷୟ ଯେ, ଭାରତ ୨୦୧୭ ମସିହାରେ ୧୧୯ ସ୍ଥାନରେ ଥିବାବେଳେ ଏବେ ଗୋଟିଏ ସ୍ଥାନ ତଳକୁ ଖସିଛି।

ଆମ ଦେଶରେ ଚିକିତ୍ସକଙ୍କ ସଂଖ୍ୟା ମଧ୍ୟ ଆଶାଜନକ ନୁହେଁ। କେନ୍ଦ୍ରର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଲୋକ ସଭାରେ ପ୍ରଶ୍ନୋତ୍ତର କାଳରେ ଜଣାଇଥିଲେ ଯେ, ଆମ ଦେଶରେ ୩୧ ମାର୍ଚ୍ଚ ୨୦୧୭ ସୁଦ୍ଧା ୧୦,୨୨,୮୫୯ ଜଣ ଏଲୋପାଥିକ୍ ଡାକ୍ତର ଅଛନ୍ତି। ଅର୍ଥାତ୍ ପ୍ରତି ଏକ ହଜାର ଲୋକସଂଖ୍ୟା ପାଇଁ ମାତ୍ର ୦.୬୨ ଜଣ ଡାକ୍ତର। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାନଦଣ୍ଡ ପାଇଁ ଏହା ଅତିକମ୍‌ରେ ଏକ ହେବା କଥା, ଯାହାକି ଭାରତ ପାଇଁ ମାତ୍ର ୦.୬୨। ଏପରି କି ପାକିସ୍ତାନ ପାଇଁ ଏହା ଆମଠାରୁ ଉନ୍ନତତର, ଯେଉଁଠାରେ ଏହି ଅନୁପାତ ହେଉଛି ୦.୮୬। ଲାଇଭ୍ ମିଣ୍ଟରେ ପ୍ରକାଶିତ ତଥ୍ୟାନୁସାରେ ୨୦୩୦ ସୁଦ୍ଧା ୨.୦୭ ନିୟୁତ ଅଧିକ ଡାକ୍ତର ନିଯୁକ୍ତ ହେଲେ, ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମାପଦଣ୍ଡରେ ପହଞ୍ଚିପାରିବ।

ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ଆମ ସ୍ୱାସ୍ଥ୍ୟସେବା ଶୋଚନୀୟ। କେବଳ ଚିକିତ୍ସକଙ୍କ ଅଭାବ ନୁହେଁ, ଭିତ୍ତିଭୂମି ମଧ୍ୟ ସନ୍ତୋଷଜନକ ନୁହେଁ। ତେଣୁ ଯେତେବେଳେ ରୋଗୀକୁ ନେଇ ସମ୍ପର୍କୀୟମାନେ ହସ୍ପିଟାଲରେ ପ୍ରବେଶ କରନ୍ତି, ସେମାନଙ୍କ ତ୍ରାଣକର୍ତ୍ତା ଭାବେ ପ୍ରଧାନମନ୍ତ୍ରୀ ବା କୌଣସି ମୁଖ୍ୟମନ୍ତ୍ରୀଙ୍କ ବିଜ୍ଞାପିତ ମୁଖମଣ୍ଡଳ ସେମାନଙ୍କୁ ଦୃଶ୍ୟ ହେବ ନାହିଁ ବରଂ ସେମାନେ ଜପ କରିବେ ଯମ ଗାୟତ୍ରୀ ମନ୍ତ୍ର: ''ଓଁ ସୂର୍ଯ୍ୟପୁତ୍ରାୟ ବିଦ୍ମହେ/ମହାକଳାୟ ଧୀମହି/ତନ୍ନୋ ଯମଃ ପ୍ରଚୋଦୟାତ୍।''ଅଥବା 'ଧନ୍ୱନ୍ତରୀ ମନ୍ତ୍ର'। ସାଗରମନ୍ଥନ ବେଳେ ଆବିର୍ଭୂତ ତଥା ଗୋଟିଏ ହାତରେ ଅମୃତପୂର୍ଣ୍ଣ କଳସ ଓ ଅନ୍ୟ ହାତରେ ଚିକିତ୍ସା ଗ୍ରନ୍ଥ ଧରିଥିବା ଚିକିତ୍ସାର ଦେବତା ପ୍ରଭୁ ବିଷ୍ଣୁଙ୍କ ଏକ ଅବତାର ଧନ୍ୱନ୍ତରୀଙ୍କୁ ଆରୋଗ୍ୟ ଲାଭ ପାଇଁ ରୋଗୀ ଓ ଆତ୍ମୀୟସ୍ୱଜନ ସ୍ମରଣ କରିବେ। ସଂସ୍କୃତ ଶ୍ଳୋକ ମନେ ନ ପଡ଼ିଲେ ବା ଜାଣି ନ ଥିଲେ, ଅନ୍ତତଃ ମୃଗୁଣୀ ସ୍ତୁତି, ଗଜ ଉଦ୍ଧାରଣ ଜଣାଣ ମନେ ମନେ ଆତୁର ଭାବେ ଆବୃତ୍ତି କରିବେ। ବହୁ ଅଭାବ ଅସୁବିଧା, ବାଧାବିଘ୍ନରେ ଚାଲୁଥିବା 'ଦ୍ୱିତୀୟ ଈଶ୍ୱର'ଙ୍କ ଡାକ୍ତରଖାନାରେ ଅନୁପସ୍ଥିତି ବା ଅସାମର୍ଥ୍ୟରେ ଛଟପଟ ହୋଇ ହସ୍ପିଟାଲ ବେଡ୍‌ରେ ଜୀବନ ହାରିବା ଦୁର୍ଯୋଗ ଯେମିତି ସେମାନଙ୍କ ଫଟା କପାଳରେ ନ ଜୁଟୁ। ଅରକ୍ଷିତଙ୍କୁ ବିଭୁ କୃପା ସହାୟ ହେଉ।

ମୋ :୯୪୩୭୦୨୬୬୫୧

# ଘରଚଟିଆର ତୁଳନା ନାହିଁ



ପୀତାମ୍ବର ରାଉତ

ମହାନ୍ ପରିବେଶବିତ୍ ମହମ୍ମଦ ଦିଲଓ୍ୱାର୍‌ଙ୍କ ଉଦ୍ୟମରେ ୨୦୧୦ରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଇ ଆସୁଛି। ଘରଚଟିଆର ବୈଜ୍ଞାନିକ ନାମ ପାସେରିଡ଼ି। ଭୂମଧ୍ୟସାଗରୀୟ ଅଞ୍ଚଳରୁ ଆରମ୍ଭ କରି ବ୍ରିଟେନ୍, ଫ୍ରାନ୍ସ, ପ୍ୟାରିସ୍, ଜର୍ମାନୀ, ବେଲଜିୟମ୍, ଇଟାଲୀ, ନେଦରଲାଣ୍ଡ ଓ ଫିନ୍‌ଲାଣ୍ଡରେ ଏମାନେ ବସବାସ କରୁଥିଲେ ହେଁ ଏମାନଙ୍କ ସଂଖ୍ୟା ଦ୍ରୁତବେଗରେ ହ୍ରାସ ପାଇବାରେ ଲାଗିଛି। ୨୦୦୪ରେ ବିଶ୍ୱ ଜୈବ ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେ ଆଧାରରେ ବିଗତ ୪୦-୫୦ ବର୍ଷ ମଧ୍ୟରେ ଶତକଡ଼ା ୯୦ ଭାଗ ଘରଚଟିଆ ବିଲୁପ୍ତ ହୋଇଯାଇଛନ୍ତି। ବାକି ଶତକଡ଼ା ୧୦ ଭାଗ ଜୀବିତ ପକ୍ଷୀମାନଙ୍କର ଯତ୍ନନେବା ଆମ ପାଇଁ ଅପରିହାର୍ଯ୍ୟ। ଦିଲ୍ଲୀ ସରକାର ୨୦୧୨ରେ ଘରଚଟିଆକୁ ଦିଲ୍ଲୀ ରାଜ୍ୟ ପକ୍ଷୀର ମାନ୍ୟତା ଦେଇଛନ୍ତି। ବ୍ୟାପକ କାର୍ଯ୍ୟକ୍ରମ ସହ ଘରଚଟିଆକୁ ପାଠ୍ୟ ପୁସ୍ତକରେ ସ୍ଥାନିତ କରିଛନ୍ତି।

ଘରଚଟିଆ ଧୂସର ରଙ୍ଗର କ୍ଷୁଦ୍ର ପକ୍ଷୀଟିଏ। ଏମାନେ ପ୍ରାୟତଃ ଚାଳଘରେ ରୁହନ୍ତି। ଗଛ, ପାହାଡଖୋଲ, ପୋଲ, ନଦୀକୂଳ ଇତ୍ୟାଦି ଜାଗାରେ ମଧ୍ୟ ବସା ବାନ୍ଧନ୍ତି। ରହଣି ସ୍ଥଳରୁ ୧.୫ରୁ ୨ ମାଇଲ୍ ପର୍ଯ୍ୟନ୍ତ ଖାଦ୍ୟ ଅନ୍ୱେଷଣରେ ଯାଆନ୍ତି। ଘରଚଟିଆ ପକ୍ଷୀର ଲମ୍ବ ୧୪ରୁ ୧୫ ସେମି। ଡେଣାର ଲମ୍ବ ୧୯-୨୮ ସେମି। ପୁରୁଷ ଘରଚଟିଆର ମଥା, ଗଳା ଧୂସର, ଈଷତ୍ କଳାରଙ୍ଗର। ଏମାନଙ୍କ କଳରବ କ୍ଷୁଦ୍ର ଏବଂ ଅବିଶ୍ରାନ୍ତ। ଅଣ୍ଡାରୁ ଛୁଆ ଫୁଟିବାକୁ ୧୦ରୁ ୧୨ଦିନ ଲାଗିଥାଏ।

ମାତ୍ର ଆଜିର ଅସନ୍ତୁଳିତ ପରିବେଶ ଯଥା- ଜଙ୍ଗଲ ପରିମାଣ ହ୍ରାସ, ପକ୍କାଘର, ରାସାୟନିକ ସାର ବ୍ୟବହାର, କୀଟନାଶକ ଔଷଧ, ପେଟ୍ରୋଲ, ଡିଜେଲ୍ ଧୂଆଁ, ଗାଡିର ହର୍ନ, ଏବଂ ମୋବାଇଲ ଟାଓ୍ୱାରର ବିକିରଣ ପ୍ରଭାବରେ ଏମାନଙ୍କ ଅବସ୍ଥା ବିଲୁପ୍ତି ଆଡକୁ ଗତି କରୁଛି। ଇଣ୍ଡିଆନ୍ କ୍ରେନ୍ସ ଆଣ୍ଡ ୱେଟ୍‌ଲ୍ୟାଣ୍ଡସ୍ ଓ୍ୱାର୍କିଂ ଗ୍ରୁପ୍‌ର କେ.ଏସ୍. ଗୋପୀ ସୁନ୍ଦରଙ୍କ ମତରେ ଚାଷଜମିରେ ରାସାୟନିକ ସାର ଓ କୀଟନାଶକ ସିଞ୍ଚନ ଯୋଗୁ ଘରଚଟିଆର ଖାଦ୍ୟ ଉପଯୋଗୀ କୀଟ ଓ ପୋକ ମରିଯାଉଛନ୍ତି। ତେଣୁ ଖାଦ୍ୟ ଅଭାବ ସେମାନଙ୍କ ମୃତ୍ୟୁର ମୁଖ୍ୟ କାରଣ ପାଲଟୁଛି।

ବିଶିଷ୍ଟ ହିନ୍ଦୀ ଲେଖିକା ମହାଦେବୀ ବର୍ମା ତାଙ୍କ ଗଳ୍ପ 'ଗୋରେୟା'ରେ ଏକଦା ବର୍ଣ୍ଣନା କରିଥିଲେ, ଘରଚଟିଆମାନେ କିପରି ତାଙ୍କ ହାତରୁ ଖାଦ୍ୟ ନେଇ କାନ୍ଧରେ ବସି ପଡୁଛନ୍ତି। ଏହି କାହାଣୀକୁ ବାସ୍ତବରୂପ ଦେଇଛନ୍ତି ମୁମ୍ବାଇର ରାଧିକା ଚୋପ୍ରା ଏବଂ ଦିଲ୍ଲୀର ନିନ୍‌ଜିତ୍ ତନେଜା। ୧୭ ମହଲା କୋଠାଘର ବାଲକୋନିରେ ଖାଦ୍ୟ ପକେଇ ଘରଚଟିଆଙ୍କ ସଂଖ୍ୟା ବଢ଼ାଇବାରେ ସେମାନେ ସମର୍ଥ ହୋଇଛନ୍ତି।

ଆଜିର ଉଜୁଡ଼ା ପରିବେଶ ଘରଚଟିଆଙ୍କ

## ବିଶ୍ୱ ଘରଚଟିଆ ଦିବସ ଉପଲକ୍ଷେ

ପାଇଁ କାଳ। ଏହାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ବାଞ୍ଛନୀୟ। ନ ହେଲେ ଶାଗୁଣା ଭଳି ଏମାନଙ୍କୁ ବାହାର ରାଜ୍ୟରୁ ଆଣି ଚିଡ଼ିଆଖାନାରେ ରଖିବାକୁ ହେବ। ୧୯୯୯ ମହାବାତ୍ୟା ପୂର୍ବରୁ ଶାଗୁଣା ବଂଶ ଲୋପପାଇଛି। ମହାବାତ୍ୟାରେ ହଜାର ହଜାର ଗୋରୁ ମରି ପଡ଼ିଥିଲେ ମଧ୍ୟ ଗୋଟିଏ ହେଲେ ଶାଗୁଣା ଦେଖିବାକୁ ମିଳି ନ ଥିଲା। ୨୬।୬।୨୦୧୮ରେ ୧୨ଟି ଶାଗୁଣା ଗ୍ୱାଲିୟରରୁ ନନ୍ଦନକାନନକୁ ଅଣାଯାଇଥିଲା। ୧।୩।୨୦୧୯ରେ ପ୍ରଥମ ଶାଗୁଣା ଶାବକଟି ଜନ୍ମ ହୋଇଛି।

ମଣିଷସମାଜ ପାଇଁ ଘରଚଟିଆ ଏକ ଅତ୍ୟନ୍ତ ଉପକାରୀ ପ୍ରାଣୀ। ଶସ୍ୟକ୍ଷେତ୍ରର ଅପକାରୀ କୀଟ ଯଥା ଉଇ, ଝିଣ୍ଟିକା, ଲେଡ଼ାପୋକ ଆଦିକୁ ଖାଇଦିଅନ୍ତି। ତେଣୁ ଏହି କ୍ଷୁଦ୍ର ପକ୍ଷୀ କୃଷକର ବନ୍ଧୁ। ତେବେ ପ୍ରଶ୍ନ ଉଠେ ରାଜ୍ୟ ସରକାରଙ୍କ ଯୋଜନା କ'ଣ କେବଳ ମଣିଷମାନଙ୍କ ପାଇଁ! ପଶୁପକ୍ଷୀ, ପରିବେଶର ଦାୟିତ୍ୱ ନେବ କିଏ? କଥା କହିପାରୁ ନ ଥିବା ସେମାନଙ୍କ ପାଇଁ କିଛିନାହିଁ। ପଶୁପକ୍ଷୀ ଓ ଜଙ୍ଗଲ ବିନା ଆମେ ବଞ୍ଚିପାରିବା ନାହିଁ। ତେଣୁ ସେମାନଙ୍କୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ବାସ ଓ ଖାଦ୍ୟ ଅଭାବରୁ ବାଘ, ହାତୀ ସହର ଆଡକୁ ମୁହାଁଉଛନ୍ତି। ଇଏ ନିତିଦିନିଆ ଘଟଣା ପାଲଟିଲାଣି। ସରକାର ଏକା ନୁହନ୍ତି, ଆମେ ସାଧାରଣ ମଣିଷ ଏବଂ ସ୍କୁଲ ପିଲା ମିଳିମିଶି ପ୍ରତିଦିନ ମୁଠିଏ ଚାଉଳ ଘରଅଗଣା କିମ୍ବା ଛାତ ଉପରେ ଥୋଇବା। ପାଖରେ ପାଣି ପାତ୍ରଟିଏ ରଖିବା। ସରକାରୀ ନିର୍ଦ୍ଦେଶ ଏମିତି ହୁଅନ୍ତାନି! ସର୍ବଶିକ୍ଷାରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରୁ ମାତ୍ର ୨ ମୁଠା ପ୍ରତିଦିନ ପିଲାଏ ଦେଲେ ପରିବେଶ ବିଜ୍ଞାନକୁ ବୁଝିବା ସହଜ ହେବା ସହ ସେମାନଙ୍କୁ ନୈତିକ ଶିକ୍ଷା ମିଳିପାରିବ। ସୁଖର କଥା କଟକସ୍ଥିତ ସିଡିଏ କାର୍ଯ୍ୟାଳୟର ଉପବିତ୍ତ ଅଧିକାରୀ ତଥା ଜଣେ ପରିବେଶବିତ୍‌ଙ୍କ ନିଷ୍ପାପର ଉଦ୍ୟମ ଯୋଗୁ ଅଫିସ ଛାତରେ ପକ୍ଷୀମାନଙ୍କ ପାଇଁ ଗହମ, ଚାଉଳ, ସୋରିଷ ଏବଂ ପାଣିକୁଣ୍ଡର ବ୍ୟବସ୍ଥା ହୋଇଛି। ଏପରି କାର୍ଯ୍ୟ ଅନ୍ୟ ସରକାରୀ ତଥା ବେସରକାରୀ ଅଫିସରେ କରାଗଲେ ନିଶ୍ଚିତ ଭାବେ ଏକ ଭଲ ପଦକ୍ଷେପ ହେବ।

ଏ ପୃଥିବୀ ଯେହେତୁ କେବଳ ମଣିଷଙ୍କ ପାଇଁ ନୁହେଁ, ଯୋଜନା ମଧ୍ୟ କେବଳ ମଣିଷମାନଙ୍କ ପାଇଁ ନ ହେଉ। ପଶୁପକ୍ଷୀଙ୍କ ପାଇଁ ବି ହେଉ। ଆମ ନୀତିଶାସ୍ତ୍ରରେ ଅଛି- ''ତତୋଽନ୍ୟଦନ୍ନମାଦାୟ ନିର୍ଗତ୍ୟ ଭଗବାନ୍ ବହିଃ। କାକେଭ୍ୟଃ ଶ୍ୱପଚେଭ୍ୟଶ୍ଚ ନିକ୍ଷିପେଦ୍ ଗ୍ରାସମେଦତ୍।।'' (ବ୍ୟାସସ୍ମୃତି ୩/୩୬) ପଶୁପକ୍ଷୀଙ୍କୁ କିଛି କିଛି ଖାଦ୍ୟ ଦାନ କରିବା ଦ୍ୱାରା ଆମର ରିଷ୍ଟ ଖଣ୍ଡନ ହେବା ସହିତ ଚଲାପଥ କୁସୁମିତ ହେବ। ଘରଚଟିଆର ଗୁଣଗାନ କରି ଡ. ଲିଙ୍ଗରାଜ ରଥ ଲେଖିଛନ୍ତି- ''ଘରଚଟିଆରେ ଘରଚଟିଆ/ପକ୍ଷୀଟିଏ ତୁହି ଭାରି ବୁଦ୍ଧିଆ/ପୋକଜୋକ ଯେତେ ଖାଇ/ଉପକାର କରୁ ମଣିଷଜାତିର/ତୋ'ର ତୁଳନା ନାହିଁ।''

ନିଆଳି, କଟକ, ମୋ-୯୯୩୭୬୬୨୧୮୭

## ଏଇ ଭାରତରେ

ଜଣେ ବ୍ୟକ୍ତି ୧୦ଲକ୍ଷ ଟଙ୍କା ରାସ୍ତାପାର୍ଶ୍ୱରୁ ପାଇ ଫେରାଇଦେବା ଘଟଣା ତାଙ୍କୁ ମହାନତାର ପରିଚୟ ଦେଇଛି। ଏଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ପୁରସ୍କାର ସ୍ୱରୂପ ୨ଲକ୍ଷ ଟଙ୍କା ଦିଆଯାଇଛି। ଦିଲୀପ ପୋଦାର ନାମକ ଜଣେ ବ୍ୟକ୍ତି ସୁରଟର ଉମ୍ରା ଅଞ୍ଚଳରେ ଶାଢ଼ି ଶୋ'ରୁମ୍‌ରେ ସେଲ୍ସମ୍ୟାନ୍ ଭାବେ କାମ କରନ୍ତି। ପୋଦାର ମଧ୍ୟାହ୍ନଭୋଜନ ସାରି ଡ୍ୟୁଟିକୁ ଫେରୁଥିବା ବେଳେ ରାସ୍ତାପାର୍ଶ୍ୱରେ ଏକ ବ୍ୟାଗ୍ ପଡ଼ିଥିବାର ଦେଖିବାକୁ ପାଇଥିଲେ। ବ୍ୟାଗ୍‌ଟି ଖୋଲିବା ପରେ ସେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ସମୁଦାୟ ୧୦ଲକ୍ଷ ଟଙ୍କାର ୨୦୦୦ ଟଙ୍କିଆ ନୋଟ୍ ଏଥିରେ ରହିଥିଲା। ଚାହିଁଥିଲେ ଏତେଗୁଡ଼ିଏ ଟଙ୍କା ସେ ରଖିଦେଇ ପାରିଥାଆନ୍ତେ। କିନ୍ତୁ ତାହା ନ କରି ସେ ତାଙ୍କ ଶୋ'ରୁମ୍ ମ୍ୟାନେଜରଙ୍କୁ ଏ ବିଷୟ ଜଣାଇଥିଲେ। ଟଙ୍କା ହରାଇଥିବା ଲୋକର ସନ୍ଧାନ ନ ମିଳିବା ପର୍ଯ୍ୟନ୍ତ ବ୍ୟାଗ୍ ନିଜ ହେପାଜତରେ ରଖିବାକୁ ମ୍ୟାନେଜର ତାଙ୍କୁ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ଉମ୍ରା ପୋଲିସକୁ ସୂଚନା ଦିଆଯିବା ପରେ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଟଙ୍କା ବ୍ୟାଗ୍‌ର ପ୍ରକୃତ ମାଲିକଙ୍କୁ ଠାବ କରାଯାଇଥିଲା। ଏହାପରେ ପୋଲିସ ପୋଦାରଙ୍କୁ ଡକାଇ ବ୍ୟାଗ୍‌କୁ ପ୍ରକୃତ ମାଲିକଙ୍କୁ ଫେରାଇ ଦେବାକୁ କହିଥିଲେ। ପୋଦାରଙ୍କ ସଚ୍ଚୋଟତା ପାଇଁ ମାଲିକ ତାଙ୍କୁ ୧ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ। ଏଥିସହିତ ସ୍ଥାନୀୟ ଅଳଙ୍କାର ଦୋକାନୀ ମଧ୍ୟ ତାଙ୍କ ନିଜ ପକେଟରୁ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପୋଦାରଙ୍କ ସଚ୍ଚୋଟତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ
ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ
କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ!

(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଯୁବ ପିଢ଼ିଙ୍କ ପାଇଁ ବାଟ ଛାଡ଼

ମହାଶୟ,

ସାଂସଦ ତଥାଗତ ସତପଥୀଙ୍କ ଆହ୍ୱାନ 'ଯୁବବର୍ଗ ପାଇଁ ବାଟ ଛାଡ଼' ପଢ଼ି ତାଙ୍କୁ ଅଭିନନ୍ଦନ ଜଣାଉଛି। ଅନେକ ରାଜନେତା ବାରମ୍ବାର ବିଧାନସଭା ଓ ଲୋକ ସଭାକୁ ନିର୍ବାଚିତ ହୋଇ ଦେଶସେବା କରିବା ପରିବର୍ତ୍ତେ ନିଜ ସେବା କରୁଛନ୍ତି। ଦେଶରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ପୋଲିସକୁ ଦିନ ଦ୍ୱିପ୍ରହରରେ ରାଜଧାନୀରେ ସରକାରୀ ଦଳ ସମର୍ଥିତ ଯୁବଗୋଷ୍ଠୀ ମାଡ଼ ମାରୁଛନ୍ତି। ନାରୀ ସୁରକ୍ଷା ବିପନ୍ନ। ଏହା ବିରୋଧରେ ବିଧାୟକ ଓ ମନ୍ତ୍ରୀମାନେ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ ନୀରବ ରହୁଛନ୍ତି। ଏସବୁକୁ ଲକ୍ଷ୍ୟକରି ତଥାଗତବାବୁ ଅସନ୍ତୋଷ ପ୍ରକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ରାଜନୀତିରେ ପ୍ରବେଶ ପାଇଁ ଆହ୍ୱାନ ଦେଇଛନ୍ତି। ଏତଦ୍‌ବ୍ୟତୀତ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ରାଜନେତାମାନେ ରାଜନୀତିରୁ ଅବସର ନେବାକୁ ପରାମର୍ଶ ଦେଇଛନ୍ତି। ଦେଖାଯାଉ ଲୋକେ ତାଙ୍କ ଆହ୍ୱାନକୁ କେତେଦୂର ଗ୍ରହଣ କରୁଛନ୍ତି!

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### 'ମୋ ବସ୍'ର ନିର୍ଘଣ୍ଟ ଓ ଦେୟ ପ୍ରଦର୍ଶିତ ହେଉ

ରାଜଧାନୀ ଭୁବନେଶ୍ୱରରେ ବର୍ତ୍ତମାନ ସରକାରଙ୍କ ଅନେକ ବାତାନୁକୂଳିତ 'ମୋ ବସ୍' ଚାଲୁଛି। ଟାଉନ୍ ବସ୍ ଓ ଅଟୋ ଭଡ଼ାଠାରୁ ଏହା ଶସ୍ତା କି ମହଙ୍ଗା ତାହା ସାଧାରଣ ଯାତ୍ରୀ ଜାଣିପାରୁ ନାହାନ୍ତି। ବସ୍ କେତେବେଳେ ଆସିବ ଓ ଯିବ ତାହା ମଧ୍ୟ ଜାଣିପାରୁ ନାହାନ୍ତି। କେତେ ସମୟ ପରେ ବସ୍ ଆସିବ ଜାଣିପାରିଲେ ଲୋକେ ଅପେକ୍ଷା କରନ୍ତେ ଓ ଅଧୀର ହୋଇ ଅଟୋ ପ୍ରଭୃତିରେ ଯାଆନ୍ତେ ନାହିଁ। ଏହାଦ୍ୱାରା 'ମୋ ବସ୍'ର ଯାତ୍ରୀ ସଂଖ୍ୟା ଓ ଆୟ ବୃଦ୍ଧି ପାଆନ୍ତା। ଏଣୁ ଯାତ୍ରୀ ପ୍ରତୀକ୍ଷାଳୟଗୁଡ଼ିକରେ ଡିସ୍‌ପ୍ଲେ ଜରିଆରେ ବସ୍‌ର ଯାତାୟାତ ନିର୍ଘଣ୍ଟ ଓ ଭଡ଼ା ପରିମାଣ ପ୍ରଦର୍ଶିତ ହେଲେ ସମସ୍ତଙ୍କ ପାଇଁ ସୁବିଧା ହୁଅନ୍ତା।

ରାମଚନ୍ଦ୍ର ଦାଶ, ଉମେଶ ଚନ୍ଦ୍ର ମିଶ୍ର, ଭୋଇନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଘ ଚମଡ଼ା ଜବତ ଘଟଣା ଫରେନ୍‌ସିକ୍ ଟେଷ୍ଟ ପାଇଁ ଡବ୍ଲ୍ୟୁଆଇଆଇକୁ ପଠାଯିବ ନମୁନା

**ଭୁବନେଶ୍ୱର,୧୯।୩(ବ୍ୟୁରୋ):** ସମ୍ବଲପୁର ଜିଲା କୁଚିଣ୍ଡାରୁ ଜବତ ୪ କଲରାପତରିଆ ବାଘ ଚମଡ଼ାର ଫରେନ୍‌ସିକ୍ ଟେଷ୍ଟ ହେବ। ଏଥିପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)କୁ ନମୁନା ପଠାଯିବ। ଶିକାର ବେଳେ ବାଘକୁ କେତେ ବୟସ ହୋଇଥିଲା, ଗୁଳିମାଡ଼ ସହ କରେଣ୍ଟ୍ ଦିଆଯାଇ ଶିକାର କରାଯାଇଛି କି ନାହିଁ, ଏ ସମସ୍ତ ତଥ୍ୟ ଫରେନ୍‌ସିକ୍ ଟେଷ୍ଟ ପରେ ଜଣାପଡ଼ିବ। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଗିରଫ ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିବା ବେଳେ ପ୍ରାଥମିକ ତଦନ୍ତରୁ ବାଘ ଶିକାର ଓଡ଼ିଶା ଜଙ୍ଗଲରେ ହୋଇଥିବା ସନ୍ଦେହ କରାଯାଉଛି। ବାଘ ଶିକାର କିଏ କରିଛନ୍ତି, ଚୋରା ବନ୍ଧୁକ କେଉଁଠୁ ଆସିଲା ଏବଂ ଏହି ର୍ୟାକେଟ୍ କେତେ ଦୂର ଲମ୍ବିଛି, ସେ ନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି।

# ଶହୀଦ ପ୍ରଦୀପ କୁମାର ପଣ୍ଡାଙ୍କୁ ମରଣୋତ୍ତର 'କୀର୍ତ୍ତି ଚକ୍ର'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଅବଦାନ ଲାଗି ପ୍ରଦାନ କରାଯାଉଥିବା ଦେଶର ଦ୍ୱିତୀୟ ବୃହତ୍ ବୀରତା ପୁରସ୍କାର 'କୀର୍ତ୍ତି ଚକ୍ର' ପ୍ରଦାନ କରିଛନ୍ତି। ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି କୋବିନ୍ଦ ସାହସ ଓ ବୀରତ୍ୱର ପରାକାଷ୍ଠା ଦେଖାଇଥିବା ଯବାନମାନଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ସିଆର୍‌ପିଏଫ୍ କନେଷ୍ଟବଳ ପ୍ରଦୀପ କୁମାର ପଣ୍ଡାଙ୍କୁ ମରଣୋତ୍ତର 'କୀର୍ତ୍ତି ଚକ୍ର' ପୁରସ୍କାର ପ୍ରଦାନ କରାଯାଇଛି। ଶହୀଦଙ୍କ ସ୍ତ୍ରୀ ମୀନତି ପଣ୍ଡା ରାଷ୍ଟ୍ରପତିଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦୀ ଏନ୍‌କାଉଣ୍ଟରରେ ପ୍ରଦୀପ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

୨୦୧୭ରେ ଦକ୍ଷିଣ କଶ୍ମୀରର ଅୱନ୍ତିପୋରାର ଏକ ସିଆର୍‌ପିଏଫ୍ ଟ୍ରେନିଂ କ୍ୟାମ୍ପ ଉପରେ ଜୈଶ୍-ଏ-ମହମ୍ମଦ ଆତଙ୍କବାଦୀ ଅଚାନକ ଆକ୍ରମଣ କରିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ପ୍ରାୟ ୩୬ ଘଣ୍ଟା ଧରି ଚାଲିଥିବା ଏହି ଅପରେଶନରେ ୩ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା। ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟର ବେଳେ ପ୍ରଦୀପ ଶହୀଦ ହୋଇଥିଲେ। ସୁନ୍ଦରଗଡ଼ ଜିଲା ଲିପିଲୋଇ ଗାଁର ଏହି ବୀର ଶହୀଦ ନିଜ ଜୀବନକୁ ଖାତିର ନ କରି ଜଣେ ଆତଙ୍କବାଦୀଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ପୁରସ୍କାର ଗ୍ରହଣ କରିବା ଅବସରରେ ମୀନତି ପଣ୍ଡା କହିଥିଲେ, ଏହା ମୋ ପାଇଁ ଓ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପାଇଁ ଗର୍ବର ବିଷୟ। ଦେଶସେବା ପାଇଁ ମୁଁ ମୋ ଦୁଇ ପୁଅଙ୍କୁ ଆଗାମୀ ଦିନରେ ସେନାରେ ଯୋଗଦେବା ପାଇଁ ପଠାଇବି। ତେବେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ଶହୀଦଙ୍କ ପରିବାରକୁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ସେ ଦାବି କରିଥିଲେ। ରାଷ୍ଟ୍ରପତି କୋବିନ୍ଦ ମଙ୍ଗଳବାର ଦୁଇଟି କୀର୍ତ୍ତି ଚକ୍ର ସହ ୧୫ଟି ସୌର୍ଯ୍ୟ ଚକ୍ର, ୧୩ଟି ପରମ ବିଶିଷ୍ଟ ସେବା ମେଡାଲ, ୨ଟି ଉତ୍ତମ ଯୁଦ୍ଧ ସେବା ମେଡାଲ ଏବଂ ୨୬ଟି ବିଶିଷ୍ଟ ସେବା ମେଡାଲ ପ୍ରଦାନ କରିଥିଲେ।



ଶହୀଦଙ୍କ ସ୍ତ୍ରୀ ମୀନତି ପଣ୍ଡା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ପ୍ରଭାବଶାଳୀ ମହିଳା ତାଲିକାରେ ଅଭିନେତ୍ରୀ ପ୍ରିୟଙ୍କା



ଲସ୍ ଏଞ୍ଜେଲସ୍

ବିଶ୍ୱ ଆଇକନ୍ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଅନ୍ତର୍ଜାତୀୟ ସେଲିବ୍ରିଟି ତାଲିକାରେ ସ୍ଥାନ ପାଇଛନ୍ତି। ୟୁଏସ୍ଏ ଟୁଡେଜ୍ ଲିଷ୍ଟର ୫୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଓପ୍‌ରା ୱିନ୍‌ଫ୍ରେ ଏବଂ ମେରିଲ୍ ଷ୍ଟ୍ରିପ୍‌ଙ୍କ ସମେତ ପ୍ରିୟଙ୍କା ଚୋପ୍ରା ଅନ୍ୟତମ। ଏହି ତାଲିକାରେ ସ୍ଥାନ ପାଇଥିବାରୁ ପ୍ରିୟଙ୍କା ପ୍ରତିକ୍ରିୟାରେ କହନ୍ତି, ନିଜ କ୍ୟାରିୟରରେ ଚମତ୍କାରିତା ପ୍ରଦର୍ଶନ କରିଥିବା ମହିଳାଙ୍କ ପ୍ଲାଟଫର୍ମରେ ସାମିଲ ହୋଇଥିବାରୁ ଖୁସି ଅନୁଭବ କରୁଛି। ଏଣ୍ଟରଟେନ୍‌ମେଣ୍ଟ ଦୁନିଆରେ ବହୁ ଚ୍ୟାଲେଞ୍ଜର ମୁକାବିଲା କରି ସେମାନେ ନିଜର ପରିଚୟ ସୃଷ୍ଟି କରିବା ସହିତ ନିଜ ପସନ୍ଦର କ୍ୟାରିୟରରେ ନିଜେ ପ୍ରତିଷ୍ଠିତ ହୋଇ ପାରିଛନ୍ତି।

ଆମେରିକାନ୍ ଟିଭି ଡ୍ରାମା ଥ୍ରିଲର ସିରିଜ୍ 'କ୍ୱାଣ୍ଟିକୋ'ରେ ପ୍ରମୁଖ ଭୂମିକା (ଆଲେକ୍ସ ପ୍ୟାରିସ୍)ରେ ଅଭିନୟ କରି ପ୍ରିୟଙ୍କା ପାଶ୍ଚାତ୍ୟ ଜଗତରେ ଲୋକପ୍ରିୟତା ହାସଲ କରିପାରିଥିଲେ। ସେ ମଧ୍ୟ ହଲିଉଡ୍‌ରେ 'ଦି ରକ୍'ରେ ଡାୱାନେଙ୍କ ବିପକ୍ଷରେ ପ୍ରଥମ ଅଭିନୟ କରିଥିଲେ। ଏଥିସହିତ ୨୦୧୭ରେ ଆକ୍ସନ-କମେଡି ଡ୍ରାମା 'ବେୱାଚ୍' ରେ ଜନସନ୍ ଏବଂ ଜାକ୍ ଏଫରନ୍‌ଙ୍କ ବିପକ୍ଷରେ ଅଭିନୟ କରି ଅନ୍ତର୍ଜାତୀୟ ପରିଚିତି ହାସଲ କରିଥିଲେ।

ଉକ୍ତ ପ୍ରଭାବଶାଳୀ ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଗାୟିକା ବିଓନ୍ସ, ଟେଲିଭିଜନ୍ ଷ୍ଟାର ଏଲେନ ଡିଜେନରସ୍, ଓସ୍କାର ବିଜୟୀ ଜେନିଫର ଲରେନ୍ସ ଏବଂ ଅନ୍ତର୍ଜାତୀୟ ପପ୍ ଆଇକନ୍ ଜେନିଫର ଲୋପେଜ୍। ପ୍ରିୟଙ୍କାଙ୍କ ଅଭିନୀତ ପରବର୍ତ୍ତୀ ଫିଲ୍ମ ହେଉଛି 'ଦି ସ୍କାଏ ଇଜ୍ ପିଙ୍କ୍'। ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଫାରହାନ୍ ଅଖ୍‌ତାର ଏବଂ ଜାଇରା ୱାସିମ।

# ଏକାଠି ବସିଲେ ଦୁଇ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ

ସମ୍ବଲପୁର,୧୯।୩ (ବ୍ୟୁରୋ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୀତି ସରଗରମ ହୋଇଛି। ନେତାମାନେ ଦଳର ହାଇକମାଣ୍ଡଙ୍କ ଆଗରେ ଟିକେଟ ପାଇଁ ଦାବି କରିଛନ୍ତି। ରାଜନୈତିକ ଦଳ ଗୁଡିକ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ କରୁଛନ୍ତି। ସରକାରଙ୍କ ଅପାରଗାତକୁ ନେଇ ନାରାବାଜି କରି ପ୍ରଚାର କରୁଛନ୍ତି। ହେଲେ ରେଢାଖୋଲରେ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। କଂଗ୍ରେସରୁ ଆଶାୟୀ ପ୍ରାର୍ଥୀ ଆଶଫ ଅଲାଖାନ ଓ ବିଜେଡିରୁ ଆଶାୟୀ ହୋଇ ଟିକେଟ ଦାବି କରିଥିବା ପ୍ରଦୀପ ପ୍ରଧାନଙ୍କୁ ଏକାଠି ବସି ଆଲୋଚନା କରୁଥିବା ଫଟୋ ଭାଇରାଲ ହୋଇଛି। ଏହାକୁ ନେଇ ଏବେ ଚର୍ଚ୍ଚାର ବିଷୟ ହୋଇଛି। ରେଢାଖୋଲ ନିର୍ବାଚନ ମଣ୍ଡଳୀର ଦୁଇ ପ୍ରମୁଖ ବିରୋଧ ଦଳର ଆଶାୟୀ ଏହି ଗଡି ସନ୍ଧି ମୁହୂର୍ତ୍ତରେ ଯେପରି ଏକାଠି ବସି ଆଲୋଚନା କରୁଛନ୍ତି ତାହା ଅନ୍ୟ କିଛି ସଙ୍କେତ ଦେଉଥିବା ଚର୍ଚ୍ଚା ହେଉଛି। ନିକଟରେ ପ୍ରଦୀପ ରେଢାଖୋଲରେ ନିଜ ସମର୍ଥକଙ୍କୁ ନେଇ ଏକ ବୈଠକ କରିଥିଲେ। ଏହା ଜାଣି ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ପହଞ୍ଚି ଆପୋଷ ବୁଝାମଣା କରିଥିଲେ। ଦିନକ ପରେ କଂଗ୍ରେସ ଦଳର ଅଶାୟୀ ଆଶଫଙ୍କ ସହ ଆଲୋଚନା କରିବା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ହେଲେ ଏହି ଘଟଣାକୁ ନେଇ ରାଜନୀତି କରିବାର ଆବଶ୍ୟକତା ନାହିଁ। ବ୍ୟକ୍ତିଗତ ସମ୍ପର୍କ ରହିଥିବା ଦୁଇ ନେତା କହିଛନ୍ତି। ଆଶଫ କହିଛନ୍ତି ଯେ, ପ୍ରଦୀପଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଭଲ। ପ୍ରଦୀପ ପୂର୍ବରୁ କଂଗ୍ରେସରେ ଥିଲେ। ପରେ ବିଜେଡିରେ ମିଶିଛନ୍ତି। ସମ୍ପର୍କ ଭଲ ଥିବାରୁ ଯୋଗୁ ଭେଟ ହେଲେ ସୌଜନ୍ୟତା ଦୃଷ୍ଟିରୁ କଥା ହେଉ ବୋଲି ଆଶଫ କହିଛନ୍ତି। ସେହିଭଳି ପ୍ରଦୀପ କହିଛନ୍ତି ଯେ, ଆମେ ବସିଥିବା ସମୟରେ ସେହି ରାସ୍ତାଦେଇ ଯାଉଥିବା ଆଶଫ ପାଖକୁ ଆସିଥିଲେ। ମାତ୍ର କିଛି ସମୟ ବ୍ୟକ୍ତିଗତ କଥା ହୋଇ ଚାଲିଯାଇଥିଲେ। ନିର୍ବାଚନ ସମୟରେ ବ୍ୟକ୍ତିଗତ ସମ୍ପର୍କ ଦେଖା ଯାଏନାହିଁ। ମୁଁ ବିଜେଡିକୁ ବିଜୟୀ କରିବା ପାଇଁ କାମ କରେ ବୋଲି ପ୍ରଦୀପ କହିଥିଲେ।



ରେଢାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଓ କଂଗ୍ରେସର ଆଶାୟୀ ଏକାଠି ବସିଛନ୍ତି।

■ବେଦାନ୍ତରେ ଆନ୍ଦୋଳନବେଳେ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ହତ୍ୟା ମାମଲା ରୁଜୁ ସହ ମ୍ୟାନେଜରଙ୍କ ଗିରଫ ଦାବି

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦନା ଆଲୁମିନା ପ୍ଲାଣ୍ଟ୍ ସମ୍ମୁଖରେ ବିସ୍ଥାପିତଙ୍କ ଆନ୍ଦୋଳନବେଳେ ସୋମବାର କମ୍ପାନୀରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କମ୍ପାନୀ ବିରୋଧରେ ମାମଲା ରୁଜୁ ସହ ମ୍ୟାନେଜରଙ୍କ ଗିରଫ ଦାବି କରିଛନ୍ତି ଲୋକ ଶକ୍ତି ଅଭିଯାନର ସଭାପତି ପ୍ରଫୁଲ ସମାନ୍ତରା ଓ ସାମାଜିକ କର୍ମୀ ମାନସ ପଟ୍ଟନାୟକ। ମଙ୍ଗଳବାର ଭୁବନେଶ୍ୱରର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେମାନେ ଏହି ଦୁଃଖ ଘଟଣା ପାଇଁ କମ୍ପାନୀର ଔଦ୍ଧତ୍ୟ ଓ ସରକାରଙ୍କ କମ୍ପାନୀ ପ୍ରୀତିକୁ ଦାୟୀ କରିଛନ୍ତି। ପୋଲିସ ପ୍ରଶାସନ ସର୍ବଦା କମ୍ପାନୀ ପାଇଁ ସାଧାରଣ ଆଦିବାସୀଙ୍କ ଉପରେ ଦମନଲୀଳା ଚଳାଇଛନ୍ତି। ନିଜର ଜୀବିକା ଓ ଥଇଥାନ ଦାବିକରି ଆସୁଥିବା ନିରୀହ ବିସ୍ଥାପିତ ଗ୍ରାମବାସୀ ଓ ଦୋକାନୀଙ୍କ ପାଟି ଚୁପ୍ ପାଇଁ କମ୍ପାନୀ ସୁରକ୍ଷା କର୍ମୀଙ୍କୁ ଲଗାଇ ଏପରି ହିଂସା ଘଟାଇଛନ୍ତି। ରେଙ୍ଗୋପାଲି ସମେତ ୩ଟି ଗାଁର ବିସ୍ଥାପିତ ପରିବାରଗୁଡିକର ନିଯୁକ୍ତି ଦାବି ଯଥାର୍ଥ। କିନ୍ତୁ ସେମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ଓ ଥଇଥାନ କରିବାକୁ ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ପ୍ରସ୍ତୁତ ନୁହନ୍ତି। ଅନ୍ୟପକ୍ଷରେ ନିୟମଗିରିରେ ଖଣି ଖନନ ବନ୍ଦ ହେବା ପରେ ବେଦାନ୍ତ ହଟିଯିବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ନିୟମଗିରିର ଓ ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବେଦାନ୍ତ ତା'ର ପ୍ଲାଣ୍ଟକୁ ଅନ୍ୟତ୍ର ଉଠାଇନେବା ଏକାନ୍ତ ଜରୁରୀ।

■ବିଜେଡି କାଉନସିଲର୍ ହତ୍ୟା ମାମଲା

# ଗୋଲକ, ଭୃଗୁଙ୍କ ଅନ୍ତରୀଣ ସୁରକ୍ଷା ଅବଧି ବୃଦ୍ଧି

**ସିଡି ଦାଖଲ କରିପାରିଲାନି ପୋଲିସ**

କଟକ ଅଫିସ,୧୯।୩

ଗଞ୍ଜାମ ଜିଲା ଛତ୍ରପୁରର ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ପୋଲିସ କେସ୍ ଡାଏରୀ (ସିଡି) ହାଇକୋର୍ଟରେ ଦାଖଲ କରିବାରେ ବିଫଳ ହୋଇଛି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ସିଡି ଦାଖଲ କରିବା ପାଇଁ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ପାଇଥିବା ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କ ସୁରକ୍ଷା ଅବଧିକୁ ହାଇକୋର୍ଟ ମେ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଆଦେଶ ରହିଛି।

ସୂଚନାଥାଉକି, ୨୦୧୭ ସେପ୍ଟେମ୍ବର ୧୬ରେ କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ତାଙ୍କ ଘର ଆଗରେ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ମୃତ ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଏତଲାକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିବା ସହ ଜିଲା ଭାଜପା ନେତା କୃଷ୍ଣ ନାୟକଙ୍କ ସମେତ କେତେଜଣଙ୍କୁ ଉତ୍ତରାଖଣ୍ଡର ଡେରାଡୁନ ଗେଷ୍ଟ ହାଉସରୁ ଗିରଫ କରିଥିଲା। ତେବେ ଗେଷ୍ଟ ହାଉସ୍‌ରେ ଆତ୍ମଗୋପନ କରିବାରେ ଭାଜପା ନେତା ଗୋଲକ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ପୋଲିସ ପକ୍ଷରୁ ଗୋଲକଙ୍କୁ ନୋଟିସ ଜାରି କରାଯାଇଥିଲା। ତେବେ ଗୋଲକଙ୍କ ପରେ ପୋଲିସ ଉକ୍ତ ମାମଲାରେ ଅନ୍ୟତମ ଭାଜପା ନେତା ଭୃଗୁ ବକ୍ସିପାତ୍ରଙ୍କୁ ମଧ୍ୟ ନୋଟିସ କରିଥିଲା। ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ଉଭୟ ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସେମାନଙ୍କୁ ପୂର୍ବରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଲୋକାୟୁକ୍ତ ଚୟନ କମିଟି ବୈଠକ: ୨ ସଦସ୍ୟଙ୍କ ନାମ ସୁପାରିଶ

**ରାଜ୍ୟପାଳଙ୍କ ଅନୁମୋଦନ ପରେ ପ୍ରକାଶ ପାଇବ ବିଜ୍ଞପ୍ତି**

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ରାଜ୍ୟ ଅତିଥିଭବନଠାରେ ବସିଥିବା ଚୟନ କମିଟି ବୈଠକରେ ୨ ଜଣ ଲୋକାୟୁକ୍ତ ସଦସ୍ୟଙ୍କ ନାମ ସୁପାରିଶ କରାଯାଇଛି। ଦୁଇଜଣଙ୍କ ମଧ୍ୟରୁ ଜଣେ ନ୍ୟାୟ ପାଳିକା ଓ ଅନ୍ୟ ଜଣେ ଅଣ ନ୍ୟାୟପାଳିକାରୁ ଚୟନ କରାଯାଇଛି। ଉକ୍ତ ଦୁଇଜଣ ସଦସ୍ୟଙ୍କ ନାମ ରାଜ୍ୟପାଳଙ୍କ ସୁପାରିଶ ପାଇଁ ପଠାଯିବ। ରାଜ୍ୟପାଳଙ୍କ ଅନୁମୋଦନ ପରେ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବେ। ଚୟନ କମିଟି ବୈଠକ ପରେ ଏହି ସୂଚନା ଦେଇଛନ୍ତି କମିଟିର ସଦସ୍ୟ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି, ହାଇକୋର୍ଟ ମୁଖ୍ୟ ବିଚାରପତି, ବିରୋଧୀ ଦଳ ନେତା ଯୋଗ ଦେଇଥିଲେ। ଲୋକାୟୁକ୍ତ ପାଇଁ ୫ ଜଣ ସଦସ୍ୟ ନାମ ଚୟନ କରାଯିବ। ମାର୍ଚ୍ଚ ୩୧ ତାରିଖରୁ ଲୋକାୟୁକ୍ତ ଗଠନ ହେବ। ଏପ୍ରିଲ ୮ ତାରିଖରୁ ଏହା କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରିଥିଲେ। ସୂଚନା ଯୋଗ୍ୟ, ଗୌହାଟି ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଅଜିତ ସିଂଙ୍କୁ ରାଜ୍ୟ ସରକାର ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।

# ପୋଲିସର ଭୁଲ୍ ଗିରଫଦାରିକୁ ନେଇ ଉତ୍ତେଜନା

■ଲାଲ୍‌ବାଗ ଥାନା ଘେରିଲେ ଶତାଧିକ ଲୋକେ
■ପୁନଃ ତଦନ୍ତ ଦାବିକଲେ ପରିବାର ସଦସ୍ୟ

କଟକ ଅଫିସ, ୧୯।୩

ଲାଲବାଗ୍ ଥାନା ପୋଲିସ ଗତ ସୋମବାର ଚାନ୍ଦୀନଚୌକ ବ୍ରାହ୍ମଣସାହି ଅଞ୍ଚଳର ଚନ୍ଦନ ମହାରଣାଙ୍କୁ ଗିରଫ କରିଥିଲା। ତେବେ ଚନ୍ଦନଙ୍କୁ ପୋଲିସ ଭୁଲ୍‌ରେ ଗିରଫ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ମଙ୍ଗଳବାର ଥାନା ଘେରାଉ କରିଛନ୍ତି। ଚନ୍ଦନଙ୍କ ପରିବାର ସଦସ୍ୟଙ୍କ ସମେତ ଶତାଧିକ ଲୋକ ପୂର୍ବାହ୍ନ ପ୍ରାୟ ୧୦ଟାରେ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟଜଣେ ଚନ୍ଦନ ମହାରଣାଙ୍କ ବଦଳରେ ପୋଲିସ ସେହି ନାମରେ ଥିବା ଜଣେ ନିରୀହ ଓ ନିର୍ଦ୍ଦୋଷୀଙ୍କୁ ଦୋଷୀ ସଜାଇ ଗିରଫ କରିଥିବା ସେମାନେ ଅଭିଯୋଗ କରିଥିଲେ। ପରିସ୍ଥିତି କ୍ରମଶଃ ଅଣାୟତ ହୋଇପଡୁଥିବାବେଳେ ଏସିପି ନାରାୟଣ ଚନ୍ଦ୍ର ବାରିକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଚନ୍ଦନଙ୍କ ପରିବାର ଲୋକେ ଘଟଣାର ପୁନଃ ତଦନ୍ତ ଦାବି କରି ଏକ ଅଭିଯୋଗପତ୍ର ଏସିପିଙ୍କୁ ଦେଇଥିଲେ।

ଏସିପି ବାରିକ କହିଛନ୍ତି, ୨୦୧୩ରେ ଏକ ମାମଲା (ନଂ.୩୩ /୧୩)ରେ ପୋଲିସ ଚନ୍ଦନଙ୍କୁ ଗିରଫ କରିଥିଲା। ବେଆଇନ ଗୋରୁ ଚାଲାଣବେଳେ ଏକ ଟ୍ରକ୍‌କୁ ଅଟକାଇ ଚନ୍ଦନ ଏବଂ ତାଙ୍କର ସହଯୋଗୀମାନେ ଗାଡି ଚାଳକଙ୍କୁ ମାଡ଼ ମାରିବା ସହ ତାଙ୍କଠାରୁ ଟଙ୍କା ଛଡାଇ ନେଇଥିଲେ। ଏହି ମାମଲାରେ କୋର୍ଟ ଚନ୍ଦନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହା ବଳରେ ଗତ ସୋମବାର ପୋଲିସ ଚନ୍ଦନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଟଙ୍କିକିଆ ଚାଉଳ ପାଇଁ ଧସ୍ତାଧସ୍ତି

**ଯୁବକଙ୍କ ଗଳାଧକ୍କାରେ ବୃଦ୍ଧ ମୃତ, ଅଭିଯୁକ୍ତ ଗିରଫ**

ଦିଗପହଣ୍ଡି,୧୯।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସାତପେଣ୍ଠ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଟଙ୍କିକିଆ ଚାଉଳ ପାଇଁ ଜଣେ ଯୁବକଙ୍କ ମାଡ଼ରେ ପ୍ରତାପଗିରି ଗ୍ରାମର ବୃଦ୍ଧ କେଶବ ପାଣିଗ୍ରାହୀଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୬୫/୧୯ରେ ମାମଲା ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତ ଯୁବକ ହରିହର ସ୍ୱାଇଁଙ୍କୁ ଗିରଫ କରିଛି।

ପୋଲିସର ପ୍ରାଥମିକ ସୂଚନାନୁସାରେ, କେଶବ ରାଶନକାର୍ଡ ନେଇ ଚାଉଳ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଲୋକେ ଧାଡ଼ିବାନ୍ଧି ଠିଆ ହୋଇଥିଲେ। କିନ୍ତୁ କେଶବ ଧାଡ଼ି ଭାଙ୍ଗି ଆଗକୁ ଚାଲିଯିବାରୁ ହରିହର ତାଙ୍କ ସହ ଯୁକ୍ତିତର୍କ କରିବା ପରେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ହରିହର ଉତ୍କ୍ଷିପ୍ତ ହୋଇ କେଶବଙ୍କୁ ଗଳା ଧକ୍କା ଦେବାରୁ ସେ ବାରଣ୍ଡା କଡ଼ରେ ଥିବା ଏକ ଗଛରେ ପିଟି ହୋଇ ତଳେ ପଡ଼ିଯାଇଥିଲେ। ସେଠାରୁ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଲୋକେ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ପାଟପୁର ପୋଲିସକୁ ଜଣାଇଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। କେଶବଙ୍କ ସ୍ତ୍ରୀ ସୀମାଞ୍ଚଳ ପାଢ଼ୀଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରୀତିରଞ୍ଜନ ଗଡ଼ନାୟକ କହିଛନ୍ତି।

# ବିହାରୀ ମଦ ମାଫିଆଙ୍କ ସମେତ ୨ ଗିରଫ

■ ମଦ ବୋଝେଇ ବୋଲେରୋ ଜବତ ■ ବାଲେଶ୍ୱରରୁ ଭଦ୍ରକ ଆସୁଥିଲା

ଭଦ୍ରକ ଅଫିସ, ୧୯।୩

ବାଲେଶ୍ୱରରୁ ଭଦ୍ରକ ଚୋରାମଦ ଚାଲାଣ ହେଉଥିବାବେଳେ ସୋମବାର ବିଳମ୍ବିତ ରାତିରେ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ରାଣୀତାଲ ବଜାର ନିକଟରେ ଚଢ଼ାଉ କରି ଏକ ବୋଲେରୋକୁ ଜବତ କରିଛି। ଏଥିରୁ ୪୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ ଗୋଇନ୍ଦା ତଥ୍ୟକୁ ଭିତ୍ତିକରି ଡେପୁଟି କମିଶନର ରାମଚନ୍ଦ୍ର ପାଲଟାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ କେନ୍ଦ୍ରାଞ୍ଚଳ, ଅବକାରୀ ଗୋଇନ୍ଦା ବିଭାଗ ଇନ୍‌ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ଗୋଲୁରାମ ସୋରେନ ପ୍ରମୁଖ ଏହି ଚଢ଼ାଉ କାର୍ଯ୍ୟ କରିଥିଲେ। ଗିରଫ ୨ ଜଣ ହେଲେ ବୋଲେରୋ ଡ୍ରାଇଭର ମୟୂରଭଞ୍ଜ ଜିଲାର ଗଜେନ୍ଦ୍ର ମହନ୍ତ ଓ ମଦ ମାଫିଆ ବିହାରର ରବିରଞ୍ଜନ କୁମାର। ଏହି ଚୋରା ଚାଲାଣ ର୍ୟାକେଟ ପଛରେ ଆଉ କେଉଁମାନେ ଅଛନ୍ତି, ସେ ନେଇ ତଦନ୍ତ ଜାରି ରହିଛି।



କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଜବତ ମଦ।

**ଫର୍ମ ନଂ. ଆଇଏନ୍‌ସି-୨୫ଏ**

**ସର୍ବସାଧାରଣ କମ୍ପାନୀକୁ ଘରୋଇ କମ୍ପାନୀରେ ପରିବର୍ତ୍ତନ ସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞାପନ**

ଆଞ୍ଚଳିକ ନିର୍ଦ୍ଦେଶକ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ପୂର୍ବାଞ୍ଚଳଙ୍କ ସମ୍ମୁଖରେ

କମ୍ପାନୀ ଅଧିନିୟମ, ୨୦୧୩, କମ୍ପାନୀ ଅଧିନିୟମ, ୨୦୧୩ର ସେକ୍ସନ୍ ୧୪ ଏବଂ କମ୍ପାନୀ (ଗଠନ) ନିୟମାବଳୀ, ୨୦୧୪ର ନିୟମ ୪୧ ମାମଲାରେ

ଏବଂ

ମେସର୍ସ ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ୍, ପଞ୍ଜୀକୃତ କାର୍ଯ୍ୟାଳୟ - ପ୍ଲଟ୍ ନଂ.-୩୮, ଗ୍ରାମ-କିରାରାମା, ପୋ- ବନ୍ଧବାହାଲ, ତହସିଲ-ଲଖନପୁର, ଝାରସୁଗୁଡ଼ା, ଓଡ଼ିଶା - ୭୬୮୨୧୧ ମାମଲାରେ।

ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀୟ ଅଧିନିୟମ, ୨୦୧୩ର ସେକ୍ସନ୍ ୧୪ ସହିତ ପଠନପୂର୍ବକ ଉପରଦର୍ଶିତ ନିୟମାବଳୀ ଅଧୀନରେ କମ୍ପାନୀ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ଚାହୁଁଛି ଏବଂ ତା୧୬।୦୩।୨୦୧୯ରିଖରେ ଅନୁଷ୍ଠିତ ଅସାଧାରଣ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ ଏହାକୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ପରିବର୍ତ୍ତନ କରିବାକୁ ଇଚ୍ଛୁକ, ଯାହାଦ୍ୱାରା କମ୍ପାନୀ ଏପରି ପରିବର୍ତ୍ତନକୁ ଲାଗୁ କରିବାରେ ସକ୍ଷମ ହେବ। ପ୍ରସ୍ତାବିତ କମ୍ପାନୀର ପରିବର୍ତ୍ତନ/ସ୍ଥିତି ଦ୍ୱାରା ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ନିଜ ଆପତ୍ତିକୁ ସ୍ୱାର୍ଥର ପ୍ରକୃତି ଏବଂ ବିରୋଧର କାରଣ ଦର୍ଶାଇ ଏକ ସତ୍ୟପାଠ ସହିତ ଏହି ନୋଟିସ ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ଆଞ୍ଚଳିକ ନିର୍ଦ୍ଦେଶକ, କୋଲକାତା, ନିଜାମ ପ୍ୟାଲେସ୍, ।। ଏମ୍ଏସ୍ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତାଙ୍କ ନିକଟକୁ ତଥା ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀକୁ ତାହାର ପଞ୍ଜୀକୃତ ଠିକଣାରେ ପଠାଇବେ କିମ୍ବା ପଠାଇବାର ବ୍ୟବସ୍ଥା କରିବେ।

ଆବେଦନକାରୀ ଆର୍ଥ ମିନେରାଲ୍ସ କମ୍ପାନୀ ଲିମିଟେଡ୍ ପାଇଁ ଏବଂ ତରଫରୁ।

ସ୍ୱା/-
ପୱନ କୁମାର ଅଗ୍ରୱାଲ
ନିର୍ଦ୍ଦେଶକ
ଡିଆଇଏନ୍: ୦୦୫୧୬୧୯୭
ଠିକଣା: ୭, ହିଲ୍‌ସ କଲୋନୀ ଆର୍/୫
କ୍ରାନ୍ତି ନଗର
ଜୈନ ମନ୍ଦିର ନିକଟ
ବିଳାସପୁର (ଛତିଶଗଡ଼)-୪୯୫୦୦୧

ତାରିଖ: ୧୬।୦୩।୨୦୧୯
ସ୍ଥାନ: ଝାରସୁଗୁଡ଼ା

**କର୍ପୋରେଶନ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୯.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୮.୦୩.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ବଡବିଲ ଶାଖା, ମାୟା କମ୍ପ୍ଲେକ୍ସ, ମେନ୍ ରୋଡ, ସା/ପୋ.: ବଡବିଲ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍-୭୫୮୦୩୫, ମୋ.: ୭୬୮୨୮୨୦୩୮୩** | | |
| **ଅମିତ ଚକ୍ରବର୍ତ୍ତୀ,** ପିତା: ଅଜିତେଶ ଚକ୍ରବର୍ତ୍ତୀ, ୱାର୍ଡ ନଂ.: ୧୧, ସୁନ୍ଦରା ବସ୍ତି, ଆରତୀ ମେଡିକାଲ ନିକଟ, ବଡବିଲ, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୫ / **ଆକାଉଣ୍ଟ ନଂ.: ସିଏଡିଏଲ୍ଏନ/୫୬୦୯୧୧୭୦୭୭୭୨୬୫ / ୨୩.୧୦.୨୦୧୭** | ୫୭.୦୦ | ଟ.୮୨,୧୦୫/- |
| **ଚନ୍ଦ୍ରଶେଖରପୁର ଶାଖା, ୩୦୭/ସି, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର ଫୋ: ୦୬୭୪-୨୭୪୫୨୧୧, ମୋ: ୭୬୮୨୮୨୦୩୫୮** | | |
| **ଜ୍ୟୋତ୍ସ୍ନା ପ୍ରଧାନ,** ହରେକୃଷ୍ଣ ନଗର, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୨୧ / **ଆକାଉଣ୍ଟ ନଂ.: ସିଏଡିଏଲ୍ଏନ/୫୬୦୯୧୦୦୨୪୬୫୧୭୩/ ୦୪.୦୧.୨୦୧୭** | ୩୧.୧୬ | ଟ.୫୭,୮୯୯/- |
| **ବାରିପଦା ଶାଖା, ହୋଲଡିଂ ନଂ.: ୫୩୩, ରକ୍ସି ମେନ୍ ରୋଡ, ସା/ପୋ.: ବାରିପଦା, ଜିଲ୍ଲା: ମୟୁରଭଞ୍ଜ, ଓଡିଶା, ପିନ୍-୭୫୭୦୦୧, ମୋ.: ୬୩୭୦୧୨୧୯୨୫** | | |
| **ଶ୍ରୀ ପ୍ରଣବ କୁମାର ସାହୁ,** ପିତା: ପ୍ରଫୁଲ୍ଲ କୁମାର ସାହୁ, ସା/ପୋ.: ଷଠିଲୋ, ବେତନଟି-୭୫୭୦୨୫ / **ଆକାଉଣ୍ଟ ନଂ.: ସିଏଡିଏଲ୍ଏନ/୫୬୦୯୧୧୭୦୯୩୯୫୨୮ / ୨୨.୧୧.୨୦୧୭** | ୨୧.୭୯ | ଟ.୪୫,୩୧୭/- |
| **ଶ୍ରୀମତୀ ଭାରତୀ ଦାସ,** ସ୍ୱାମୀ: ପ୍ରଶାନ୍ତ କୁମାର ଦାସ, ଲାଲବଜାର, ବାରିପଦା-୭୫୭୦୦୧ / **ଆକାଉଣ୍ଟ ନଂ.: ସିଏଡିଏଲ୍ଏନ/୫୬୦୯୯୧୧୭୦୭୯୩୩୯୭ / ୨୭.୧୦.୨୦୧୭** | ୭.୦୦ | ଟ.୧୨,୫୫୯/- |
| **କଙ୍କରଡା ଶାଖା, ପ୍ଲଟ୍ ନଂ.: ୨୩୭୯/୩୨୦୫ ଏବଂ ୨୩୭୯/୩୨୩୦, ମେନ୍ ରୋଡ୍, ସା/ପୋ.: କଙ୍କରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪, ମୋ.: ୭୦୦୪୩୬୯୩୮୮** | | |
| **ସାଗର ପ୍ରଧାନ,** ପିତା: ଚନ୍ଦ୍ରହାସ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୪୪୨୦୨୦୬ / ୦୮.୧୨.୨୦୧୭** | ୧୧.୩୦ | ଟ.୧୫,୭୩୭/- |
| **ରବିନ୍ଦ୍ର ଗୌଡ,** ପିତା: ବିଜୟ ଗୌଡ, ପି ପେଣ୍ଠ, ଏସ୍ ଗୋପାଳପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୪୮୭୪୩ / ୧୭.୦୨.୨୦୧୭** | ୪୩.୩୦ | ଟ.୬୫,୯୦୫/- |
| **ଭୀମସେନ ମଲ୍ଲିକ,** ପିତା: ୪ ମୋହନ ମଲ୍ଲିକ, ମାଦଳପଲି, ଏସ୍ ଗୋପାଳପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୨୨୧୬ / ୦୧.୦୩.୨୦୧୭** | ୩୮.୪୦ | ଟ.୪୨,୫୮୬/- |
| **କାଳିଆ ନାୟକ,** ପିତା: ଯୋଗୀ ନାୟକ, ପ୍ରତାପଗିରି, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୩୧୦୧୩ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୨୫୪୬ / ୨୦.୦୩.୨୦୧୭** | ୩୦.୮୦ | ଟ.୫୯,୨୭୨/- |
| **ମିଟୁ ବରଡା,** ପିତା: ସତ୍ୟ ନାରାୟଣ ବରଡା, ନିସ୍ତିପୁର, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୫୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୯୦୪୪୮ / ୧୨.୦୪.୨୦୧୭** | ୨୩.୧୭ | ଟ.୪୨,୧୩୬/- |
| **ରବିନ୍ଦ୍ର ଦାସ,** ପିତା: ରାମ ଦାସ, ଲକ୍ଷ୍ମୀପୁର, କୁରୁଳ, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୨୮୫୬ / ୦୫.୦୬.୨୦୧୭** | ୩୨.୩୮ | ଟ.୩୭,୪୪୦/- |
| **ବଚନ ପ୍ରଧାନ,** ପିତା: କାଳୁ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୪୧୧୫ / ୦୭.୦୬.୨୦୧୭** | ୨୫.୭୪ | ଟ.୪୯,୭୮୯/- |
| **ବଚନ ପ୍ରଧାନ,** ପିତା: କାଳୁ ପ୍ରଧାନ, କଉଡିଆ, ପାଟପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪ / **ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୩୬୭୦ / ୧୯.୦୫.୨୦୧୭** | ୧୫.୦୮ | ଟ.୨୯,୭୯୬/- |

ତାରିଖ: ୧୯.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ



> ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
> - ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



୧୪ ତମ ଭାରତୀୟ କୁଲିନାରୀ ଆର୍ଟ ପ୍ରତିଯୋଗିତା

# ଓଡ଼ିଆ ସେଫ୍ ସାହାଜାନଙ୍କୁ ରୌପ୍ୟ ପଦକ




**କୋଣାର୍କ, ୧୯।୩(ଡି.ଏନ୍.ଏ.)**

ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଗତ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୪ତମ 'ଭାରତୀୟ କୁଲିନାରୀ ଆର୍ଟ' ଭାରତୀୟ ପ୍ରାମାଣିକ ଆଞ୍ଚଳିକ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଣାର୍କର ସେଫ୍ ସାହାଜାନ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟପଦକ ଅର୍ଜନ କରିଛନ୍ତି। ୧୬ଟି ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ୩୦୦ରୁ ଊର୍ଦ୍ଧ୍ୱ ସେଫ୍ ଭାଗ ନେଇଥିଲେ। ସାହାଜାନ୍ ଓଡ଼ିଶାର ପାରମ୍ପରିକ ବ୍ୟଞ୍ଜନ ଡାଲମା, ଘାଣ୍ଟ, ଛେନାପୋଡ, ଛେନା ରାବିଡ଼ି, ମାଟିହାଣ୍ଡି ମଟନ, ଖଇମୁଆଁ ଓ ଫେଣି ଆଦି ଖାଦ୍ୟ ପ୍ରସ୍ତୁତ କରି ଜୁରୀ ଓ ଦର୍ଶକଙ୍କ ମନ ଜିଣିଥିଲେ। ଦୀର୍ଘ ୧୬ ବର୍ଷ ହେବ ସେ ଭାରତର ବିଭିନ୍ନ ବଡ଼ ବଡ଼ ହୋଟେଲରେ ସେଫ୍ ଭାବେ କାର୍ଯ୍ୟ କରୁଛନ୍ତି।

# ସପ୍ତାହରେ ଥରେ ଖୋଲିବ ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡି

**ପୁରୁଣା ଭୁବନେଶ୍ୱର, ୧୯।୩(ଡି.ଏନ.ଏ.)**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହୁଣ୍ଡି ପ୍ରତ୍ୟେକ ମାସରେ ଥରେ ଖୋଲାଯାଉଥିଲା। ଦୀର୍ଘବର୍ଷ ଧରି ଏହି ବ୍ୟବସ୍ଥାରେ ଏବେ ପରିବର୍ତ୍ତନ କରାଯାଇଛି। ଏଣିକି ପ୍ରତ୍ୟେକ ମାସ ପରିବର୍ତ୍ତେ ସପ୍ତାହରେ ଥରେ ହୁଣ୍ଡି ଖୋଲାଯିବ। ତାହା ପୁଣି ପ୍ରତ୍ୟେକ ମଙ୍ଗଳବାର ହୁଣ୍ଡି ଖୋଲାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏଥିସହ ନାଟ ମଣ୍ଡପ ନିକଟରେ ଥିବା ମା' ପାର୍ବତୀଙ୍କ ହୁଣ୍ଡି, ମନ୍ଦିର ସିଂହଦ୍ୱାର ନିକଟରେ ଥିବା ଅନ୍ୟ ଏକ ହୁଣ୍ଡି ମଧ୍ୟ ଖୋଲାଯିବ। ଏଥିପାଇଁ ପ୍ରତ୍ୟେକ ନିଯୋଗ ପ୍ରମୁଖ, ଆହ୍ଲାବାଦ ଏବଂ ଗ୍ରାମ୍ୟବ୍ୟାଙ୍କ ପ୍ରବନ୍ଧକଙ୍କୁ ଲିଙ୍ଗରାଜ ଥାନା ଅଧିକାରୀ, ଲିଙ୍ଗରାଜ ଫାଣ୍ଡି ପୋଲିସ ଦେବତ୍ତର କମିଶନରଙ୍କୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ନୋଟିସ୍ କରାଯାଇଛି।

# ଡାକୁଛି ପଖାଳ କଂସା...

## ଭଳିକି ଭଳି ପଖାଳ

ଜିରା ପଖାଳରୁ ଆରମ୍ଭକରି ଦହି ପଖାଳ, ସାଦା ପଖାଳ, ଛୁଙ୍କ ପଖାଳ, ସଜ ପଖାଳ, ପରିବା ପଖାଳ, ଖଟା ବା ବାସି ପଖାଳ ଭଳି ବିଭିନ୍ନ ଭେରାଇଟିର ପଖାଳ ହୋଟେଲଗୁଡ଼ିକରେ ରହୁଛି। ଭୃସୁଙ୍ଗ ପତ୍ର ସହ ଜିରା ଛୁଙ୍କ ହୋଇ ଜିରା ପଖାଳ ପ୍ରସ୍ତୁତ ହେଉଥିବା ବେଳେ ସିଝା ପରିବାକୁ ଛୁଙ୍କ କରି ପରିବା ପଖାଳ ପ୍ରସ୍ତୁତ ହେଉଛି। ସେହିଭଳି ସୋରିଷ, ଶୁଖିଲା ଲଙ୍କା, ଭୃସୁଙ୍ଗ ପତ୍ର ସହ ଦହି ଛୁଙ୍କ କରି ତିଆରି ହେଉଥିବା ଦହି ପଖାଳର ଲୋକପ୍ରିୟତା ସବୁଠାରୁ ଅଧିକ ରହୁଛି। ପଖାଳ ଦିବସର ଗୋଟିଏ ଦିନ ପୂର୍ବରୁ ହୋଟେଲ 'ବମ୍ବେ କ୍ୟାଣ୍ଟିନ୍'ର ଜଣେ ସେଲିବ୍ରିଟି ସେଫ୍ ନିଜ ଟୁଇଟର୍ ହ୍ୟାଣ୍ଡେଲରେ ପୋଷ୍ଟ କରିଥିବା 'ଦ ପମ୍ପକିନ୍ ଫ୍ଲାୱାର ପଖାଳ ଭାତ' ବା କଖାରୁ ଫୁଲ ପଖାଳ ଭାତ ଏବେ ଭାଇରାଲ ହୋଇଛି।



**ସସ୍ମିତା ପାଇକରାୟ**
**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

### ବଢୁଛି ଚାହିଦା

ଗାଁ ଓ ଗରିବ ଲୋକଙ୍କ ଖାଦ୍ୟ ପଖାଳ, ଏହି ଭ୍ରାନ୍ତଧାରଣାକୁ ଦୂର କରିଛି ସହରବାସୀଙ୍କ ପଖାଳ କ୍ରେଜ୍। ୨୦୧୧ରେ ପଖାଳ ଦିବସ ଆରମ୍ଭ ହେବାଠାରୁ ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ପଖାଳର କ୍ରେଜ୍ ଅଧିକ ଦେଖିବାକୁ ମିଳୁଛି। ସ୍ୱସ୍ତି ପ୍ରିମିୟମ୍, ମେ'ଫେୟାର, ହୋଟେଲ କ୍ରାଉନ୍, ମ୍ୟାରିୟନ୍, ହୋଟେଲ କଳିଙ୍ଗ ଅଶୋକ ଭଳି ତାରକା ହୋଟେଲ ଖରାଦିନ ପାଇଁ ସ୍ୱତନ୍ତ୍ର ପଖାଳର ବ୍ୟବସ୍ଥା କରୁଛନ୍ତି। ଏପରି କି, ବିଦେଶୀ ଖାଦ୍ୟଠାରୁ ପଖାଳର ମୂଲ୍ୟ ଅଧିକା ରହୁଛି।

ଗାଁଠୁ ସହର ପର୍ଯ୍ୟନ୍ତ, ଝୁମ୍ପୁଡ଼ିରୁ ତାରକା ହୋଟେଲ ଯାଏ। 'ପଖାଳ' କେବଳ ଏକ ନିତିଦିନିଆ ଖାଦ୍ୟ ନୁହେଁ, ବରଂ ଓଡ଼ିଆଙ୍କ ମନ ଓ ହୃଦୟ ସହ ଜଡ଼ିତ ଏକ ଭାବପ୍ରବଣତା। ପ୍ରତି ପରିବାରକୁ ଓ ପ୍ରତି ମନକୁ ଯୌଥ ସୂତ୍ରରେ ଯୋଡ଼ି ଧରିବାର ଏକ ମାଧ୍ୟମ। ଓଡ଼ିଆ ଜନଜୀବନ



ସହ ପଖାଳର ସମ୍ପର୍କ ବହୁ ପୁରୁଣା। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ରହିଆସିଛି ସେମାନଙ୍କ ଆକର୍ଷଣ। ସଭ୍ୟତା ଯେତେ ଆଗକୁ ଗଲେ ବି ଏହି ପାରମ୍ପରିକ ଖାଦ୍ୟ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସଫଳ ହୋଇଛି। ଧୀରେ ଧୀରେ ସହର ସଂସ୍କୃତିରେ ମଧ୍ୟ ସାମିଲ ହୋଇଛି ପଖାଳ କଂସା। ଗାଁ ଚାଳଘରେ ଥିବା ପଖାଳ ଏବେ ଏସି ରୁମ୍‌ରେ ଶୋଭାପାଉଛି। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି।

ଦିନକୁ ଦିନ ତାପମାତ୍ରା ସବୁ ବନ୍ଧବାଡ଼ ଡେଉଁଥିବା ବେଳେ ପଖାଳ କଂସାର ଆବଶ୍ୟକତା ଅଧିକ ହୋଇପଡ଼ିଛି। ଦ୍ୱିପ୍ରହର ହେଲେ ସହରରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ପରଷାଯାଉଛି ଭଳିକି ଭଳି ପଖାଳ କଂସା। ଏହାସାଙ୍ଗକୁ ଚୂନାମାଛ, ଶୁଖୁଆ ରାଇ, ଶୁଖୁଆ ପୋଡ଼ା, ଶାଗଭଜା, ବଡ଼ିଚୂରା, କଖାରୁ ଫୁଲ ପିଠଉ, ଚିଙ୍ଗୁଡ଼ି ଛେଚା, ମାଛଭଜା, ଆଳୁ ଭରତା ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟର ପସରା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଅଧିକାଂଶ ହୋଟେଲ ଇଣ୍ଡିଆନ୍, କଣ୍ଟିନେଣ୍ଟାଲ, ଚାଇନିଜ୍, ସି-ଫୁଡ୍ ଛାଡ଼ି ପଖାଳ ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସହରର ଚାକଚକ୍ୟ ଏବଂ ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ମଧ୍ୟ ରାଜଧାନୀବାସୀ ପଖାଳ ଲୋଡ଼ୁଛନ୍ତି। ଏପରି କି, ଗ୍ରାମୀଣ ପରିବେଶ ମଧ୍ୟରେ ବସି ପଖାଳର ମଜା ନେବା ପାଇଁ ନଡ଼ା ଛପରର ସ୍ୱତନ୍ତ୍ର କଟେଜମାନ ତିଆରି ହୋଇଛି। ପାରମ୍ପରିକ ଶୈଳୀରେ ପଖାଳ ପ୍ରସ୍ତୁତି ଲାଗି ତାରକା ହୋଟେଲର ସେଫ୍‌ମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଉଛନ୍ତି।

### କେଉଁଠି ଖାଇବେ

ଖାଣ୍ଟି ଓଡ଼ିଆ ଖାଦ୍ୟ ପାଇଁ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିବା 'ଡାଲ୍‌ମା' ଚେନ୍ ରେଷ୍ଟୁରାଣ୍ଟ, ମେ'ଫେୟାରରେ ଥିବା ପାରମ୍ପରିକ ଓଡ଼ିଆ ରେଷ୍ଟୁରାଣ୍ଟ 'କାନିକା', ଭୁବନେଶ୍ୱରର ପଖାଳ ହବ୍ କୁହାଯାଉଥିବା ଏକାମ୍ର ହାଟ, ଚନ୍ଦ୍ରଶେଖରପୁର ଓ ଶହୀଦନଗରରେ ଥିବା 'ଓଡ଼ିଶା ହୋଟେଲ', ଏହି ସ୍ଥାନଗୁଡ଼ିକ ସୁସ୍ୱାଦୁ ପଖାଳ ପାଇଁ ବେଶ୍ ପ୍ରସିଦ୍ଧ। ସେହିଭଳି ଖାରବେଳ ନଗରର 'ପଖାଳ' ରେଷ୍ଟୁରାଣ୍ଟ, ବମିଖାଲର 'ଆମ ଓଡ଼ିଶା' ହୋଟେଲ, ପଟିଆ ଏବଂ ୟୁନିଟ୍-୪ରେ ଥିବା 'ଷୋହଳ ଅଣା ଓଡ଼ିଆ', ବାପୁଜୀ ନଗରରେ ଥିବା 'ଭାଇନା ହୋଟେଲ', ଗଜପତି ନଗରରେ ଥିବା 'ଭାତ ମାଂସ ସାଲାଡ୍' ଭଳି କେତେକ ଓଡ଼ିଆ ହୋଟେଲ ପଖାଳ ପରଷିବାରେ ଖ୍ୟାତି ଅର୍ଜନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ପୂନେଇଁ ଫଗୁ**
**ଯେ ଯା'ର ସେ ତା'ର।**
**କହିଲା ଲୋକ ଲଘୁ।**

ଯିଏ ଯାହାର ସିଏ ତାହାର । ତାଙ୍କ ମଧ୍ୟରେ ରହିଥିବା ସମ୍ପର୍କ ସବୁବେଳେ ଅତୁଟ ହୋଇ ରହିଥାଏ। ଯେତେବେଳେ ହେଲେ ବି ସେମାନେ ମିଶିଯିବାକୁ ବା ଏକାଠି ହୋଇଯିବାକୁ ବେଶି ସମୟ ଲାଗି ନ ଥାଏ। ପରନ୍ତୁ ତାଙ୍କ ଭିତରେ ରହି ବାହାର ଲୋକ ଶେଷରେ ଧରାପଡ଼ି ଯାଇଥାଏ। ଯିଏ ଯାହା ସଙ୍ଗେ ରହିବା କଥା ରହୁଥିବା ସ୍ଥଳେ ଅନ୍ୟ ଲୋକ ଖରାପ ନାମ ନେଇ ସେଠାରୁ ବାଦ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦଇବ ! ଏହା କାହା ଦେହ ସହିବ।**
**ଝିଅ ପାଳିଥିଲି ଚମ୍ପାଫୁଲ ପରି**
**ସେ ପର ପୁଅ ଘେନି ରହିବ।**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ହାତକୁ ଦି'ହାତ କରିଦିଆଯାଏ, ତେବେ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ତାକୁ ସହ୍ୟ କରିବା ପିତାମାତା ପକ୍ଷେ ଅତିବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଜ କାମ ପ୍ରତି ଯତ୍ନବାନ ହେଲେ ମହାପ୍ରଭୁଙ୍କ ସେବା ଠିକ୍ ଚାଲିବ

**ପୁରୀ ଅଫିସ, ୧୯।୩**

ଶ୍ରୀମନ୍ଦିରର ଏକ ଶୃଙ୍ଖଳିତ ପରମ୍ପରା ରହିଛି। ଏହା ଯେପରି ବଜାୟ ରହିବ ସେ ଦିଗରେ ସମସ୍ତଙ୍କ ସହଯୋଗ ଦରକାର। କିଏ କ'ଣ କଲା ନ କଲା ସେଥିପ୍ରତି ଧ୍ୟାନ ନ ଦେଇ ନିଜ କାମ ପ୍ରତି ଯତ୍ନବାନ ହେଲେ ମହାପ୍ରଭୁଙ୍କ ସେବାପୂଜା ଠିକ୍ ଭାବେ ହୋଇପାରିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର। ଦଇତାପତି ନିଯୋଗ ପକ୍ଷରୁ ମଙ୍ଗଳବାର ନୂତନ ଭକ୍ତ ନିବାସ ପରିସରରେ ବୟୋଜ୍ୟେଷ୍ଠ ସେବକମାନଙ୍କୁ ସମ୍ବର୍ଦ୍ଧନା ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଦଇତାପତି ସେବକମାନେ ନିଷ୍ଠାର ସହ ସେବା କରୁଛନ୍ତି। ମହାପ୍ରଭୁଙ୍କୁ ପହଣ୍ଡି କରୁଥିବା ସମୟରେ ବେଳେ ବେଳେ କ୍ଷତବିକ୍ଷତ ହେଉଛନ୍ତି। ସେମାନଙ୍କ ପାଇଁ ଏଥର ବୀମା ବ୍ୟବସ୍ଥା କରାଯିବ। ଏଥିସହ ସେବାୟତଙ୍କ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳମ୍ ଦାୟିତ୍ୱ ବହନ କରିବା ଲାଗି ଦାତା ଆଗ୍ରହୀ ଅଛନ୍ତି। ଏ ନେଇ ଆସନ୍ତା ୪ ତାରିଖରେ ଭୁବନେଶ୍ୱରରେ ଏକ ବୈଠକ ବସିବ ଏବଂ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ୨୦୨୦ ମାର୍ଚ୍ଚ ସୁଦ୍ଧା ଏଠାରେ ପିଲା ପଢିବେ ବୋଲି ଆଶା ରହିଥିବା ମୁଖ୍ୟ ପ୍ରଶାସକ କହିଥିଲେ।

ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଯୋଗ ସମ୍ପାଦକ ଦୁର୍ଗାପ୍ରସାଦ ଦାସମହାପାତ୍ର ସମ୍ପାଦକୀୟ ବିବରଣୀ ଓ ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର ନିଯୋଗ ଓ ବରିଷ୍ଠ ସେବାୟତଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକଙ୍କୁ ଦଇତାପତି ନିଯୋଗ ସ୍ଥାୟୀ ସଭାପତି ନବକିଶୋର ପତିମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଦଇତାପତି ବିଶ୍ୱନାଥ ପତିମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପତିମହାପାତ୍ର, ବିଶ୍ୱନାଥ ଦାସମହାପାତ୍ର, କାଶୀନାଥ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ଦାସମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



# ନୃତ୍ୟରେ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

**ଗୁରୁ ପଙ୍କଜ ଉତ୍ସବର ୩ୟ ସନ୍ଧ୍ୟା**

ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଗୁରୁ ପଙ୍କଜ ଉତ୍ସବର ମଙ୍ଗଳବାର ଥିଲା ୩ୟ ସନ୍ଧ୍ୟା। ଏହି ଅବସରରେ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କୁ ଶିଳ୍ପୀମାନେ ନୃତ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୁଇଟି ଅଧିବେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ 'ଗୁରୁ ବନ୍ଦନା' ଓ ଗୀତଗୋବିନ୍ଦ ଅଷ୍ଟପଦୀ 'ସଖୀ ହେ କୈସୀ ମଥନ ମୁଦାରମ୍'କୁ ପରିବେଷଣ କରିଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର। ପରେ ପରେ ଶର୍ମିଳା ବିଶ୍ୱାସଙ୍କ ଦ୍ୱାରା ପରିବେଷିତ ନୃତ୍ୟାଭିନୟ 'ଯଶୋଦାଙ୍କ ରାମାୟଣ' କୃଷ୍ଣଙ୍କ ପ୍ରତି ଯଶୋଦାଙ୍କ ବାତ୍ସଲ୍ୟ ମମତା ଦର୍ଶାଇଥିଲା। ସେହିଭଳି ନୃତ୍ୟଶିଳ୍ପୀ ଲୀନା ମହାନ୍ତି 'ଭମର ଗୀତା'ରେ ଶ୍ରୀରାଧାଙ୍କ ଅଭିମାନ ବ୍ୟକ୍ତ କରିଥିଲେ। ଏହାପରେ ପୁଷ୍ପିତା ମିଶ୍ରଙ୍କ ଦ୍ୱାରା ଆଦିଗୁରୁଙ୍କ ସଂଯୋଜିତ ପଞ୍ଚକନ୍ୟା ଅନ୍ତର୍ଗତ 'ଅହଲ୍ୟା' ପରିବେଷିତ ହୋଇଥିଲା। ଗୁରୁ ଯୁଧିଷ୍ଠିର ନାୟକଙ୍କ ନିର୍ଦ୍ଦେଶନାରେ 'ସ୍ୱକୀୟା' ଅନୁଷ୍ଠାନର ଶିଳ୍ପୀମାନେ ଦଳଗତ ଭାବେ ମାତୃବନ୍ଦନା ମଞ୍ଚସ୍ଥ କରିଥିଲେ। ଅପରାହ୍ନରେ ଶ୍ରୁତି ସ୍ୱୟଂସିଦ୍ଧା 'ତୋ ଲାଗି ଗୋପଦାଣ୍ଡ ମନା', ଦୀପ୍ତିମୟୀ ସାହୁ 'ନାଟ ପସରା', ସୌମ୍ୟ ବୋଷ 'ଅଷ୍ଟପଦୀ', ପ୍ରାଚୀ ହୋତା 'ମଧୁରାଷ୍ଟକମ୍', କବିତା ମିଶ୍ର 'ଆହେ ନୀଳଶୈଳ', ଇନ୍ଦୁ କାନନ୍ ଅଷ୍ଟପଦୀ 'ରମତେହରିମିହଂ' ଓ ସ୍ୱୟଂପ୍ରଜ୍ଞା ସାହୁ କୁନ୍ତି ଆଖ୍ୟାନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ, ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଡ. ରାମକୃଷ୍ଣ ସାହୁ ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏଜିଏମ୍ ପି.କେ. ଦାଶ ଯୋଗଦେଇଥିଲେ। ଏହି ଅବସରରେ ଗୀତ, ବାଦ୍ୟ ଓ ନୃତ୍ୟ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ଶରତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଗୁଜରାଟରେ ଫସିଛନ୍ତି ଦାଦନ ଶ୍ରମିକ

## ଉଦ୍ଧାର ପାଇଁ ସମ୍ପର୍କୀୟଙ୍କ ନିବେଦନ

**ରାଉରକେଲା ଅଫିସ, ୧୯।୩**

ମଧ୍ୟସ୍ଥ ପ୍ରରୋଚନାରେ ଦାଦନ ଖଟିବାକୁ ଗୁଜରାଟକୁ ଯାଇଥିବା ବିଶ୍ରା ଅଞ୍ଚଳର ନିରୀହ ଶ୍ରମିକ ସେଠାରୁ ଫେରିପାରୁ ନାହାନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ପୀଡ଼ିତଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ଶ୍ରମିକ ନେତା ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ଜିଲା ସହକାରୀ ଶ୍ରମ କମିଶନରଙ୍କୁ ସୋମବାର ନିବେଦନ କରିଛନ୍ତି। ଶ୍ରମିକ ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକ ନେତା ମହାନ୍ତି ଦାବି କରିଛନ୍ତି।

ସେକ୍ଟର-୬ ଓ ବିଶ୍ରା ଅଞ୍ଚଳର ଦୁଇଜଣ ଶ୍ରମିକ ଚାଲାଣକାରୀ ମଧ୍ୟସ୍ଥ ଗୁଜରାଟରେ କାମ ଦେବାକୁ କହି ଗତ ଫେବୃଆରୀ ୩ରେ ୬ଜଣଙ୍କୁ ଏଠାରୁ ଟ୍ରେନ୍ ଯୋଗେ ଚାଲାଣ କରିଥିଲେ। ଶ୍ରମିକଙ୍କ ମଧ୍ୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳକ ଅଛନ୍ତି। ଅନ୍ୟମାନେ ହେଲେ ସୁଫଳ ମିଞ୍ଜ (୪୦), ମନୋହର ଟପ୍ପୋ (୨୪), ଉଷା ବଡ଼ାଇକ (୨୮), ସନ୍ତୋଷ ସୁରନ, ଆଶିଷ ଖାଲକୋ (୨୬)। ସେଠାରେ ଏମାନଙ୍କୁ ଏକ ଟାଇଲ କାରଖାନାରେ ଦିନକୁ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯାଉଥିଲା। ହେଲେ ପାରିଶ୍ରମିକ ଦୂର କଥା ଭଲରେ ଗଣ୍ଡେ ଖାଇବାକୁ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ୮ ତାରିଖରେ ମନୋହର, ଉଷା ଓ ସନ୍ତୋଷ କୌଣସି ମତେ ଫେରି ଆସିଥିବାବେଳେ ନାବାଳକ ଓ ଅନ୍ୟ ୨ଜଣ ଫସି ରହିଛନ୍ତି। ଫେରି ଆସିଥିବା ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ ଆଦୌ ପାରିଶ୍ରମିକ ଦେଇନାହାନ୍ତି। ଫଳରେ ସେଠାରେ ଫସି ରହିଥିବା ୩ଜଣ ଶ୍ରମିକଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାନ୍ତି ଉପଶ୍ରମ କମିଶନରଙ୍କ ସମେତ ସୁନ୍ଦରଗଡ଼ ଜିଲାପାଳ, ରାଉରକେଲା ଏସ୍‌ପି ଓ ଏଡିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ଦାଦନ ଚାଲାଣ ରୋକିବାକୁ ସେ ଦୃଢ଼ ଦାବି କରିଛନ୍ତି।

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GENERAL ELECTION 2019
FLEX PRINTING
POSTER PRINTING
LEAFLET
PUSHING CARDS
T-SHIRTS & CAPS
FLAGS
In Very Very Competitive Rates
Same Day Delivery
For Special Rate Contact :
7008994500
7894410000

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

AAROHAN FOUNDATION
Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଊର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୂର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

| TARIFF | MORE SPACE • SAME PRICE | | | | | | | | *GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍, ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ଧମା, ୧୯।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଳତୀଗୁଣ୍ଡେରପୁର ଫାଣ୍ଡି ନିକଟସ୍ଥ ସୁବନପୁର ଗାଁ ବ୍ରିଜ ଉପରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍ ଚାଳକ ବଦୁଆପାଲି ଗ୍ରାମର ରାମକୃଷ୍ଣ ଭୋଇ (୫୨) ଗୁରୁତର ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପୋଲିସ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ଗ୍ରସ୍ତ ବାଇକ (ନଂ. ଓଡି ୧୫ ଇ- ୬୯୭୫)କୁ ପୋଲିସ ଜବତ କରି ମାମଲା ରୁଜୁ କରିଛି ।

### ଡୁମାଲ ସମାଜର ବୈଠକ

ରେଢ଼ାଖୋଲ,୧୯।୩(ଡି.ଏନ.ଏ.)

ରେଢ଼ାଖୋଲ ବୁର୍ଡା ସର୍କଲ ଡୁମାଲ ସମାଜର ଏକ ବୈଠକ ମଙ୍ଗଳବାର ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସଭାପତି ସୁବ୍ରତ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଦବ୍ରହ୍ମା ମହାକୁଡ, ସୁରେଶ ମହାକୁଡ, ବନ ପାତ୍ର, ପର୍ଶୁରାମ ଗିରୀ, ପିତାମ୍ବର ମହାକୁଡ, ବୃନ୍ଦାବନ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ କେତେକ ନୂତନ ସଭ୍ୟ ଯୋଗ ଦେବା ନେଇ ଆଲୋଚନା ହୋଇଥିଲା। ସମ୍ପାଦକ ଶ୍ରୀବତ୍ସ ମହାକୁଡ ସମାଜର ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଅବଗତ କରିଥିଲେ।

### ବଳବସପୁରରେ ରକ୍ତଦାନ ଶିବିର

ହୀରାକୁଦ, ୧୯।୩ (ଡି.ଏନ.ଏ)

ବଳବସପୁର ଗ୍ରାମରେ ହୀରାକୁଦ ରକ୍ତଦାତା ଗ୍ରୁପ ତରଫରୁ ବୁର୍ଲା ବ୍ଲଡ ବ୍ୟାଙ୍କ ସହାୟତାରେ ପଞ୍ଚମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରକୁ ବଳବସପୁର ଯୁବକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ । କରୁଣାକର ବିଶ୍ୱାଳ, ପ୍ରଦୀପ ମାହାନା, ଅମିତ ମିଶ୍ର, କେ. ସାଇ ପ୍ରସାଦ ରାଓ, ଜଗଦୀଶ ମିଶ୍ର, ହରେକୃଷ୍ଣ ବେହେରା, ବଳବସପୁରର ସୁବାସ ବେହେରା, ଦିନେଶ ବେହେରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

■ ଆୟୁବଙ୍କୁ ଟିକେଟ ନ ମିଳିବା ପରେ

# କଣ୍ଟାବାଞ୍ଜି ବିଜେଡିରେ ବିଦ୍ରୋହ ଆଶଙ୍କା

କଣ୍ଟାବାଞ୍ଜି,୧୯।୩(ଡି.ଏନ.ଏ.)

କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ୍‌ଙ୍କୁ ଚଳିତ ନିର୍ବାଚନ ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଟିକେଟ ମିଳିନାହିଁ। ତାଙ୍କ ସ୍ଥାନରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡି ଦଳକୁ ଡିଆଁ ମାରିଥିବା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଧାନସଭା ଆସନରୁ ଟିକଟ ଦିଆଯାଇଛି। ଏନେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଭାବ ଦେଖାଦେଇଛି।

ଟିକଟ ଆଶାୟୀ ଖାନ୍ ଭୁବନେଶ୍ୱରରୁ ଖାଲି ହାତରେ ଫେରିବା ପରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ମାରାଥନ୍ ବୈଠକ କରିଥିଲେ। ଏଥିରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ସହ ତୁରେକେଲା ବ୍ଲକ୍ ବିଜେଡି ସଭାପତି ଆସାଦୁଲ୍ଲା ଖାନ୍, ମୁରିବାହାଲ ବ୍ଲକ୍ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ମୁରିବାହାଲ ଯୁବ ବିଜେଡି ସଭାପତି ହରିବନ୍ଧୁ ମେହେର, ତୁରେକେଲା ଯୁବ ବିଜେଡି ସଭାପତି ସୁଦାମ ବେହେରା, ବିଜେଡି ନେତା ବିଷ୍ଣୁ ଜୁଏଲ୍, ଚୈତନ୍ୟ ହଂସ, ବିଭିନ୍ନ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଖାନ୍‌ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକଟ ଦିଆଯାଇ ନ ଥିବାରୁ ଏହାକୁ ନିନ୍ଦା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟ ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଥିବା ସତ୍ତ୍ୱେ ତାଙ୍କୁ ବିଜେଡି ବିଧାୟକ ଟିକେଟ ଦିଆଯାଇ ନ ଥିବାରୁ ଏହାକୁ ବହୁ ସମର୍ଥକ ବିରୋଧ କରିଥିଲେ। ଆବଶ୍ୟକ ପଡିଲେ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ କରି ଆୟୁବ୍ ଖାନ୍‌ଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏହା ନ ହେଲେ ଖାନ୍ ଏଥର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ମତ ଜଣାଇଥିଲେ। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଅଜୟ ଦାସଙ୍କ ବିରୋଧରେ ବୈଠକରେ ସ୍ଲୋଗାନ ଦିଆଯାଇଥିଲା। ବିଜେଡି ଏମ୍‌ପି ସିଂଦେଓଙ୍କ ଯୋଗୁ ଆୟୁବ୍‌ଙ୍କ ଟିକଟ କଟିଥିବା ଅଭିଯୋଗ କରାଯାଇ ତାଙ୍କୁ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଏଭଳି ପ୍ରତିକ୍ରିୟା ଶୁଣିବା ପରେ ବିଧାୟକ ଆୟୁବ୍ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ଦେବାକୁ ଦାବି କରିବେ ବୋଲି କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀର ଆସନରେ ହରେକୃଷ୍ଣ ଷଡଙ୍ଗୀଙ୍କ ନାମ ଘୋଷଣା ପରେ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଅନଙ୍ଗ ଉଦୟ ସିଂଦେଓ ପ୍ରାର୍ଥୀ ହୋଇଥିବା ଉଦାହରଣ ଦେଇ କଣ୍ଟାବାଞ୍ଜିରେ ମଧ୍ୟ ପ୍ରାର୍ଥୀ ନାମ ପରିବର୍ତ୍ତନ କରିବାକୁ ଦାବି ଜଣାଇବେ ବୋଲି କହିଥିଲେ। ଏହା ନ ହେଲେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯାହା ନିଷ୍ପତ୍ତି ନେବେ ସେ ଗ୍ରହଣ କରିବେ ବୋଲି ବିଧାୟକ ଖାନ୍ ଜଣାଇଛନ୍ତି । ବୈଠକ ପରେ ଖବରାଦାତା ସମ୍ମିଳନୀ କରି ଉପରୋକ୍ତ ବିଷୟରେ ବିଧାୟକ ଖାନ୍ ସୂଚନା ଦେଇଥିଲେ। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ବଦଳ ପରେ ଦଳୀୟ ବିଦ୍ରୋହ ଆଶଙ୍କା ଦେଖାଦେଇଛି।

**କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ**
- ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ବୈଠକ
- ସାମୂହିକ ଇସ୍ତଫା ଧମକ
- ସ୍ୱାଧୀନ ପ୍ରାର୍ଥୀ ହେବାକୁ ପରାମର୍ଶ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଷ୍ପତ୍ତି ନେବେ ଆୟୁବ୍

### ଟ୍ରକ୍ ପଛରେ ପିଟି ହେଲା ସରକାରୀ ବସ୍

ରେଢ଼ାଖୋଲ,୧୯।୩(ଡି.ଏନ.ଏ.)

ରେଢ଼ାଖୋଲ ସହରର ୫୫ନଂ ଜାତୀୟ ରାଜପଥ ଅରବିନ୍ଦ ସ୍କୁଲ ନିକଟରେ ମଙ୍ଗଳବାର ସନ୍ଧ୍ୟା ସାଢେ ୮ଟା ବେଳେ ଏକ ଟ୍ରକ ପଛରେ ଗୋଟିଏ ସରକାରୀ ବସ୍ ଧକ୍କା ଦେଇଛି। ଫଳରେ ଜଣେ ମହିଳା ଆହତ ହୋଇଛନ୍ତି। ମହିଳା ଜଣକ ହେଲେ ଅନୁଗୋଳର ପାଞ୍ଚାଳି ବାଗ । ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। କଟକରୁ ସମ୍ବଲପୁର ଆସୁଥିବା ରାଜ୍ୟ ସଡକ ପରିବହନ ନିଗମର ଏସି ଡିଲକ୍ସ ବସ (ନଂ ଓଡି୦୨ ଏ.ଜେଡ ୩୫୯୪)ଟି ଅରବିନ୍ଦ ସ୍କୁଲ ଛକଠାରେ ଜାତୀୟ ରାଜପଥ ଉପରେ ଥିବା ହମ୍ପକୁ ଏକ ଟ୍ରକ୍ ଅତିକ୍ରମ କରୁଥିବା ବେଳେ ପଛ ପାଖରୁ ଧକ୍କା ଦେଇଥିଲା। ଫଳରେ ବସର ସମ୍ମୁଖ ସିଟରେ ବସିଥିବା ମହିଳା ଜଣକ ଆହତ ହୋଇଥିଲେ। ବସ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚ ଥିଲା। ମହିଳାଙ୍କୁ ଡାକ୍ତରଖାନା ନେବା ସହ ଦୁର୍ଘଟଣାଗ୍ରସ୍ତ ବସକୁ ରାସ୍ତାରୁ ହଟାଇଥିଲା। ହେଲେ ଟ୍ରକଟି ଫେରାର ହୋଇଯାଇଥିଲା। ଏ ନେଇ ଏକ ମାମଲା ରେଢ଼ାଖୋଲ ଥାନାରେ ରୁଜୁ ହୋଇଛି।

# ସମ୍ବଲପୁର ବିକାଶରେ କେବଳ ବିଜେଡି ଗୁରୁତ୍ୱ ଦେଇ ଆସୁଛି



ମଙ୍ଗଳବାର ସମ୍ବଲପୁର ଗୋବିନ୍ଦଟୋଲାଠାରେ ଆୟୋଜିତ ବିଜେଡି ୱାର୍ଡ ବୈଠକରେ ମହିଳା ଓ ପୁରୁଷମାନେ ।

ସମ୍ବଲପୁର,୧୯।୩(ବ୍ୟୁରୋ)

ଗୋବିନ୍ଦଟୋଲାରେ ବିଜେଡିର ୱାର୍ଡ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡର ବିଜେଡି କର୍ମୀ ଓ ନେତାମାନେ ସମବେତ ହୋଇ ଦଳୀୟ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ । ସମ୍ବଲପୁର ବିକାଶରେ କେବଳ ବିଜେଡି ଗୁରୁତ୍ୱ ଦେଇ ଆସୁଛି । ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିଆସୁଛି । ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଦିଆଯାଉଥିବା ବିଷୟରେ ନେତା ଓ କର୍ମୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶଙ୍କ ସଂଯୋଜନାରେ ସଭା ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ୨୦୧୪ ମସିହାରୁ ସହରରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ଅଶୋକ ସେନାପତି, ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ମମତା ପଣ୍ଡା, ସୁନନ୍ଦା ଚୟନି, ସତିଶ ବିଶି, ହରେକୃଷ୍ଣ ଚୟନି ଆଲୋଚନାରେ ଭାଗ ନେଇଥିଲେ । ସୁମନ୍ତ୍ର ପଣ୍ଡା, ପ୍ରଦୀପ ଦୋରା, ପ୍ରଶାନ୍ତ ଥାପ୍ପା, ସତ୍ୟେନ୍ଦ୍ର ଦାଶ, ଦୁଲାଲ ଚନ୍ଦ୍ର ରାୟ, ଅନୀଲ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସଗରା ଗୋବର୍ଦ୍ଧନ କୁମୁରାଙ୍କ ମୃତ୍ୟୁ ଘଟଣା

# ହତ୍ୟା ମାମଲା ରୁଜୁ, ସାନ ଭାଇ ଅଟକ

ବାମରା, ୧୯।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ସଗରାର ଗୋବର୍ଦ୍ଧନ କୁମୁରା (୪୦) ଫେବୃୟାରୀ ୨୩ରେ ରାଉରକେଲା ସରକାରୀ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଏହି ଘଟଣାରେ ଗଡ଼ପୋଷ ପୋଲିସ ମଙ୍ଗଳବାର ଦଫା ୩୦୨ରେ ଏକ ହତ୍ୟା ମାମଲା (ନଂ. ୩୫/୧୯) ରୁଜୁ କରି ଗୋବର୍ଦ୍ଧନଙ୍କ ସାନ ଭାଇ ଅଭିଯୁକ୍ତ ତପୋବନଙ୍କୁ ପୋଲିସ ଅଟକ ରଖିଛି। ପୂର୍ବ ବିବାଦକୁ ନେଇ ତପୋବନ ତାଙ୍କ ବଡ ଭାଇ ଗୋବର୍ଦ୍ଧନଙ୍କୁ ଫେବୃୟାରୀ ୨୦ ତାରିଖ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ରାଉରକେଲାରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିବାରୁ ଗଡପୋଷ ଫାଣ୍ଡି ପୋଲିସ ଅଭିଯୋଗ ସତ୍ତ୍ୱେ ଏ ପର୍ଯ୍ୟନ୍ତ ମାମଲା ରୁଜୁ କରିବାକୁ ଗୁରୁତ୍ୱ ଦେଉ ନ ଥିଲା। ହେଲେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଓ ଗ୍ରାମବାସୀଙ୍କ ଅସନ୍ତୋଷକୁ ଦେଖି ପୋଲିସ ଶେଷରେ ଛାନିଆ ହୋଇପଡିଛି। ଗୋବର୍ଦ୍ଧନଙ୍କ ପୁଅ ପଞ୍ଚାନନ କୁମୁରାଙ୍କ ଅଭିଯୋଗକୁ ଭିତ୍ତି କରି ଶେଷରେ ବାଧ୍ୟ ହୋଇ ଏକ ମାମଲା ରୁଜୁ କରିଛି। ମଙ୍ଗଳବାର କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ରାଙ୍କ ନେତୃତ୍ୱରେ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା, ଗଡପୋଷ ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ସଗରା ଗାଁକୁ ଯାଇଥିଲେ । ଆଇଆଇସି ପ୍ରତାପ ରଣା ତଦନ୍ତ ଦାୟିତ୍ୱ ନେଇଛନ୍ତି।

# ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକଉତ୍ସବ

ସମ୍ବଲପୁର, ୧୯।୩ (ବ୍ୟୁରୋ)




ସମ୍ବଲପୁର ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଜମାଦାରପାଲିସ୍ଥିତ ଗାୟତ୍ରୀ ବିହାରଠାରେ ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକଉତ୍ସବ ଅଭିନନ୍ଦନ- ୨୦୧୯ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ରବିଶଙ୍କର ଶୁକ୍ଳା ଇନଭର୍ସିଟି ଇନଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ସରାଫ ମୁଖ୍ୟ ଅତିଥି, ପ୍ରଫେସର ସ୍ୱର୍ଣ୍ଣଲତା ସରାଫ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ହଳଧର ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗାୟତ୍ରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ ସମ୍ପାଦକ ଶିବନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ର, ଉନ୍ନୟନ ଓ କର୍ମ ନିଯୁକ୍ତି ଅଧିକାରୀ ଅତିଶ କୁମାର ଶତପଥୀ କଲେଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ପ୍ରଫେସର ଶମ୍ଭୁ ପ୍ରସାଦ ମିଶ୍ର, ଅବଦୁଲ ମଜିଦ୍ ଫୈଜି, ସୀମା ଦାଶ, ପ୍ରଫେସର ଏସ.ଏନ. ବାଗ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଛାତ୍ରୀଛାତ୍ର ସମ୍ବଲପୁରୀ ନାଟକ ‘ହଲୁଆ’ ମଞ୍ଚସ୍ଥ କରିଥିଲେ । ବିଭୂତିଭୂଷଣ ମିଶ୍ର, ପାର୍ବତୀ ପାଢ଼ୀ, ନିମାଇଁଚରଣ ମିଶ୍ର, ସୁଧାଂଶୁ କୁମାର ରଣବିଡାଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଗୌତମ କୁମାର ଜାନା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ । ପ୍ରଫେସର ସୌମଜିତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ସମ୍ବଲପୁର, ୧୯।୩ (ବ୍ୟୁରୋ)

ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ଚତୁର୍ଥ ସୋପାନ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ଶିଶୁ ବାଟିକା ସହ ପ୍ରମୁଖ ସୁଭାଷ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଶ୍ଚିମ ସମ୍ଭାଗ ସହସଂଯୋଜକ ପ୍ରଦୀପ କୁମାର ମିଶ୍ର, ସ୍କୁଲ ପରିଚାଳନା ସମିତି ସମ୍ପାଦକ ହେମାଞ୍ଚଳ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଭୀଷ୍ମ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବାଟିକା ପ୍ରମୁଖ ନିଲିମା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ

# ସମ୍ବଲପୁରକୁ ହରାଇ ରାଉରକେଲା ଫାଇନାଲରେ

ସମ୍ବଲପୁର/ହୀରାକୁଦ,୧୯।୩ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁଭାଷ ମଇଦାନଠାରେ ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଉରକେଲା ଦଳ ୪-୦ ଗୋଲରେ ସମ୍ବଲପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚରେ ରାଉରକେଲା ଦଳର ଅଖିଳେଶ ଟପ୍ପୋ ୨ଟି ଦର୍ଶନୀୟ ଗୋଲ କରିଥିଲେ । ତେଣୁ ତାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ହୀରାକୁଦ କ୍ରୀଡା ସଂଘ ଉପଦେଷ୍ଟା ବାଳକୃଷ୍ଣ ତ୍ରିପାଠୀ ଓ ଗୌରାଙ୍ଗ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ ହୀରାକୁଦ କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି, ଫୁଟବଲ ସମ୍ପାଦକ କ୍ଷୀରୋଦ ନାୟକ, କ୍ରିକେଟ ସମ୍ପାଦକ ବିଘ୍ନ ପାଣିଗ୍ରାହୀ, ସୁଦେଶ ନାଗ, ତ୍ରିଲୋଚନ ନାୟକ, ଅଭିଷେକ ଦାଶ, ଶରଥ ସେଠୀ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ସାର୍ବଜନୀନ ଗ୍ରନ୍ଥାଗାର, ସାମାଜିକ ଜ୍ଞାନ ଆଲୋଚନାଚକ୍ର




ମଙ୍ଗଳବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ପ୍ରଫେସର ଏ.କେ. ଦାସ ଗୁପ୍ତା ସୂଚନା ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୧୯।୩ (ବ୍ୟୁରୋ)

ସାର୍ବଜନୀନ ଗ୍ରନ୍ଥାଗାର ଓ ସାମାଜିକ ଜ୍ଞାନ ଶୀର୍ଷକ ଆଲୋଚନା ଚକ୍ର ମଙ୍ଗଳବାର ରାତିରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଅମରକଣ୍ଟକସ୍ଥିତ ଇନ୍ଦିରାଗାନ୍ଧୀ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରଫେସର ରଞ୍ଜୁବାସିନୀ ସାହୁ ଓ କାନପୁର ଆଇଆଇଟି ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏସଆର ଶ୍ରୀବାସ୍ତବ ବକ୍ତାଭାବେ ଯୋଗଦେଇ ସାର୍ବଜନୀନ ଗ୍ରନ୍ଥାଗାରର ଆବଶ୍ୟକତା ଓ ଜ୍ଞାନର ପରିପ୍ରକାଶ ବିଷୟରେ ମତବ୍ୟକ୍ତ କରିଥିଲେ । ଆୟୋଜକ ଅନୁଷ୍ଠାନ ସଭ୍ୟ ସଚିବ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୋସିଓଲୋଜି ବିଭାଗ ପ୍ରଫେସର ଏ.କେ. ଦାସ ଗୁପ୍ତା ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ପାନମସଲା ବୋଝେଇ ଟ୍ରକ୍ ଓଲଟିଲା

ବାମରା,୧୯।୩ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ସିଆଲଯୋର ପୁଲିଆଠାରେ ସୋମବାର ବିଳମ୍ବିତ ରାତିରେ ଏକ ପାନମସଲା ବୋଝେଇ ଟ୍ରକ୍ ଓଲଟି ପଡିଛି। ସେଥିରେ ଥିବା ପାନମସଲା ବିଲ୍‌କୁ ସନ୍ଦେହ କରି ବିକ୍ରୟକର ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ସମ୍ବଲପୁର ଶାସନର ନାରାୟଣ ଟ୍ରେଡିଂରୁ ଝାଡଖଣ୍ଡ ରାଞ୍ଚିର ବାଲମୁକୁନ୍ଦ ଆଣ୍ଡ ସନ୍ସକୁ ଏକ ୧୦ ଚକିଆ ଟ୍ରକ (ଓଡି ୧୫ କେ- ୫୦୪୭)ରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପାନମସଲା ବୋଝେଇ ହୋଇ ଯାଉଥିଲା। ହେଲେ ଗାଡିଟି ବାମରା-ଲଇକେରା ମୁଖ୍ୟ ମାର୍ଗ ସିଆଲଯୋର ପୁଲିଆଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଚାଳକ ଓ ସହଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ଉକ୍ତ ଗାଡିରେ ପାନମସଲା (ଗୁଟଖା) ଥିବା ଜାଣିବା ପରେ ଗୋବିନ୍ଦପୁର ପୋଲିସ ବିକ୍ରୟ କର ବିଭାଗକୁ ଖବର ଦେଇଥିଲା। ଖବର ପାଇ ଝାରସୁଗୁଡା ବିକ୍ରୟ କର ବିଭାଗର ସୁବୋଧ ପଣ୍ଡାଙ୍କ ସହ ଅନ୍ୟ ଅଧିକାରୀ ଆସି ଯାଞ୍ଚ ଆରମ୍ଭ କରିଥିଲେ।

# ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ସଚେତନତା ଶିବିର



ରେଢ଼ାଖୋଲ ଶୁଣ୍ଠିମୁଣ୍ଡାସ୍ଥିତ ଏସ.ଏସ.ଡି ଗର୍ଲ୍ସ ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ଓଡ୍ରାଫ୍ ଟିମ୍ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବାର ଉପାୟ ବତାଉଛନ୍ତି ।

ରେଢ଼ାଖୋଲ,୧୯।୩(ଡି.ଏନ.ଏ.)

ରାଜ୍ୟ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ପକ୍ଷରୁ ଶୁଣ୍ଠିମୁଣ୍ଡାସ୍ଥିତ ଏସ.ଏସ.ଡି ଗର୍ଲ୍ସ ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଚେତନତା ଶିବିରରେ ଓଡ୍ରାଫ୍ ଟିମ୍ ଛାତ୍ରୀଛାତ୍ରମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିବା ସହ ଲୋକଙ୍କୁ ସୁରକ୍ଷିତ କରାଯାଇପାରିବ ସେ ଉପରେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଓଡ୍ରାଫର ଡେପୁଟି ସୁବେଦାର ବିରଞ୍ଚି ନାରାୟଣ ମିଶ୍ର, ନରୋତ୍ତମ ଧରୁଆ, ଗଣେଶ୍ୱର ଛତ୍ରିଆ, ଯୋଗେଶ୍ୱର ବେହେରା, ସୁମନ୍ତ କଟକିଆ, ଆଲୋକଚନ୍ଦ୍ର ପ୍ରଧାନ, ମିତ୍ରଭାନୁ ପ୍ରଧାନ, ଅରବିନ୍ଦ ଭୋଇ, ଉମାକାନ୍ତ ବାଗ, ଗୋବର୍ଦ୍ଧନ ସ୍ୱାଇଁ, ମୁକ୍ତେଶ୍ୱର ମହାକୁଡ ପ୍ରମୁଖ କୌଶଳ ପ୍ରଦର୍ଶନ କରିଥିଲେ। ସାପ କାମୁଡା, ପାଣିରେ ବୁଡିବା, ବନ୍ୟା ବାତ୍ୟା, ବଜ୍ରପାତ, ଭୂମିକମ୍ପ ପ୍ରଭୃତି ପ୍ରାକୃତିକ ଓ ମାନବାକୃତ ବିପର୍ଯ୍ୟୟ ସମୟରେ କିପରି ନିଜକୁ ରକ୍ଷା କରିବା ସହିତ ଅନ୍ୟକୁ ସାହାଯ୍ୟ କରି ପ୍ରାଥମିକ ଚିକିତ୍ସା କରାଯିବ ସେ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଶିବିରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ଜଗଦୀଶ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାରେ ପ୍ରକାଶ ବଦଳୁଛି ସମୀକରଣ

**ନିର୍ମଳ ପଣ୍ଡା**

**କଟକ ଅଫିସ,୧୯।୩**

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ପ୍ରକାଶ ଚନ୍ଦ୍ର ବେହେରା | ୭୮,୩୪୩ |
| ବିଜେଡି | ପ୍ରଶାନ୍ତ ବେହେରା | ୭୬,୨୨୬ |
| ଭାଜପା | ଚୌଧୁରୀ ହେମନ୍ତ ସାହୁ | ୭,୭୧୨ |

**ମୋଟ୍ ଭୋଟର**
୨,୩୩,୮୬୮

**ପୁରୁଷ ଭୋଟର**
୧,୨୧,୨୨୩

**ମହିଳା ଭୋଟର**
୧,୧୨,୬୨୨

**ଅନ୍ୟାନ୍ୟ**
୨୩




କଟକ ଜିଲାର ସାଲେପୁର ବିଧାନସଭା ଆସନକୁ ନେଇ ସମୀକରଣ ବଦଳିବାରେ ଲାଗିଛି। ବିଶେଷକରି ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା କଂଗ୍ରେସ ଛାଡ଼ି ରବିବାର ଭାଜପାରେ ଯୋଗଦେବା ପରେ ସାଲେପୁର ରାଜନୀତି ହଠାତ୍ କଡ଼ ଲେଉଟେଇଛି। ୨୦ ବର୍ଷ ଧରି ସାଲେପୁର କଂଗ୍ରେସର ମଙ୍ଗୁଆଳ ସାଜିଥିବା ପ୍ରକାଶ ହଠାତ୍ ଦଳ ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଭାଜପାକୁ ଲମ୍ଫ ଦେବା କଂଗ୍ରେସ କର୍ମୀମାନଙ୍କୁ ମଧ୍ୟ ଚକିତ କରିଛି। ଏଭଳି ପରିସ୍ଥିତିରେ କେବଳ ଯେ କଂଗ୍ରେସ ଶିବିର ହଲ୍‌ଚଲ ହୋଇନି, ଭାଜପା ଶିବିରରେ ମଧ୍ୟ ପ୍ରକାଶଙ୍କ ଯୋଗଦାନକୁ ନେଇ ଆଲୋଡ଼ନ ଖେଳିଯାଇଛି। କାରଣ ପ୍ରକାଶ କଂଗ୍ରେସ ଛାଡ଼ିବା ପରେ ହଠାତ୍ ସାଲେପୁରରେ ଦଳ ପାଇଁ ନେତୃତ୍ୱ ସଙ୍କଟ ଦେଖାଦେଇଥିବା ବେଳେ ଭାଜପାରେ ଯେଉଁମାନେ ଟିକେଟ ଆଶାୟୀ ଥିଲେ ସେମାନେ ମଧ୍ୟ ନିଜ ପ୍ରାର୍ଥିତ୍ୱକୁ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି।

କଟକ ଜିଲାର ଟାଙ୍ଗୀ ବ୍ଲକର ୧୩ ଓ ସାଲେପୁର ବ୍ଲକ ୩୫ ପଞ୍ଚାୟତକୁ ନେଇ ଗଠିତ ସାଲେପୁର ବିଧାନସଭା ଆସନର ଇତିହାସକୁ ଦେଖିଲେ କଂଗ୍ରେସ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ କରି ଆସିଛି। ମାତ୍ର ଅଣକଂଗ୍ରେସ ଅର୍ଥାତ୍ ଜନତା ଦଳ ଓ ପରବର୍ତ୍ତୀ ଅବସ୍ଥାରେ ବିଜେଡିର କ୍ଷମତା କେନ୍ଦ୍ର କାଳିନ୍ଦୀ ବେହେରାଙ୍କ ପରିବାର ହାତରେ ନ୍ୟସ୍ତ ଥିଲା। ୧୯୭୭ରୁ ୨୦୦୪ ପର୍ଯ୍ୟନ୍ତ କାଳିନ୍ଦୀ ସାଲେପୁର ଆସନରୁ ଅଣକଂଗ୍ରେସ ଦଳର ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ୨୦୦୯ରେ ତାଙ୍କ ପୁଅ ଚନ୍ଦ୍ରସାରଥି ବିଜେଡି ଟିକେଟରେ ବିଜୟୀ ହୋଇଥିଲେ। ସେହିପରି ଅତୀତରେ ମାୟାଧର ସେଠୀ, ବାଇଧର ବେହେରା ଓ ରବୀନ୍ଦ୍ର ନାଥ ବେହେରା କଂଗ୍ରେସକୁ ନେତୃତ୍ୱ ଦେଇ ଆସୁଥିଲେ। ୨୦୦୦ ମସିହା ବେଳକୁ ସାଲେପୁର କଂଗ୍ରେସ ରାଜନୀତିରେ ପ୍ରକାଶଙ୍କର ଅପ୍ରତ୍ୟାଶିତ ଆବିର୍ଭାବ ଘଟିଥିଲା। ୧୯୯୫ ନିର୍ବାଚନରେ ସାଲେପୁର ଆସନରୁ ନବାଗତ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ନାଥ ବେହେରା ବିଜୟୀ ହୋଇଥିଲେ ମଧ୍ୟ ପ୍ରକାଶଙ୍କ ଉପରେ କଂଗ୍ରେସ ଭରସା କରିଥିଲା। ମାତ୍ର ପ୍ରକାଶ ୨୦୦୦ରୁ ୨୦୦୯ ମଧ୍ୟରେ ହୋଇଥିବା ୩ଟି ନିର୍ବାଚନରେ ପରାଜୟବରଣ କରିଥିଲେ। ୨୦୧୪ରେ ବିଜେଡି ସାଲେପୁରରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ଚନ୍ଦ୍ରସାରଥିଙ୍କୁ କଟକ ସଦର ଆସନକୁ ପଠାଇ କାଳିନ୍ଦୀଙ୍କୁ ଟିକେଟରୁ ବଞ୍ଚିତ କରିଥିଲା। ଫଳରେ ସାଲେପୁର ଆସନରେ ବିଜେଡି ଚୌଦ୍ୱାରର ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ପୁଅ ତଥା କଟକ ଜିଲା ପରିଷଦ ସଭାପତି ପ୍ରଶାନ୍ତ ବେହେରାଙ୍କୁ ପ୍ରାର୍ଥୀ କରିଥିଲା। ୨୦୧୪ରେ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ବିପୁଳ ହାୱା ସତ୍ତ୍ୱେ ସାଲେପୁର ଆସନ ବିଜେଡି ହାତରୁ ଖସି ଯାଇଥିଲା। କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨ ହଜାର ୧୧୭ ଭୋଟରେ ପ୍ରଶାନ୍ତଙ୍କୁ ପରାସ୍ତ କରିଥିଲେ। ନିର୍ବାଚନୀ ଫଳାଫଳର ତର୍ଜମା ସମୟରେ କୁହାଯାଉଥିଲା ଯେ ତିନି ଥର ହାରିବା ପରେ ପ୍ରକାଶଙ୍କୁ ଅନୁକମ୍ପାମୂଳକ ଭୋଟ ମିଳିଥିଲା। ଏହାବାଦ୍ ଆଉ ଏକ ଚର୍ଚ୍ଚା ଜୋର ଧରିଥିଲା ଯେ କାଳିନ୍ଦୀଙ୍କ ପରିବାରକୁ ବିଜେଡି ସାଲେପୁରରେ ଅଣଦେଖା କରିବାରୁ କେତେଜଣ ପୁରୁଖା ବିଜେଡି କର୍ମୀ ପ୍ରଶାନ୍ତଙ୍କୁ ଗ୍ରହଣ କରିପାରି ନ ଥିଲେ। ଏଭଳି ସ୍ଥିତିରେ ପ୍ରକାଶ ପ୍ରଥମ ଥର ପାଇଁ ବିଜୟର ସ୍ୱାଦ ଚାଖିଥିଲେ। ହେଲେ ଏବେ ପ୍ରକାଶ ନୂଆ ଦଳରେ। ଯଦିଓ ଭାଜପା ପ୍ରାର୍ଥୀ ତାଲିକା ଘୋଷଣା କରିନାହିଁ, କିନ୍ତୁ ପ୍ରକାଶ ଭାଜପାରୁ ପ୍ରାର୍ଥୀ ହେଉଥିବା ନେଇ ତାଙ୍କ କର୍ମୀମାନେ ଦୃଢ ନିଶ୍ଚିତ।

୨୦୧୭ ପଞ୍ଚାୟତ ନିର୍ବାଚନରେ ସାଲେପୁର ବିଧାନସଭା କ୍ଷେତ୍ରର ୬ଟି ଜିଲା ପରିଷଦ ଜୋନ ବିଜେଡି ଦଖଲ କରିଥିଲା। ମାତ୍ର ପଞ୍ଚାୟତ ନିର୍ବାଚନରେ ଭାଜପା ୪୦ହଜାରରୁ ଉର୍ଦ୍ଧ୍ୱ ଭୋଟ ନେଇ ସାଲେପୁରରେ ନିଜ ଦୃଢ ଉପସ୍ଥିତି ଜାହିର କରିଥିଲା, ଯେଉଁଠି ବିଗତ ଦୁଇଟି ସାଧାରଣ ନିର୍ବାଚନ (୨୦୦୯, ୨୦୧୪)ରେ ଭାଜପାର ଭୋଟ ସଂଖ୍ୟା ୧୦ହଜାର ଟପି ନ ଥିଲା। କାରଣ ୨୦୦୯ରେ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ରାୟ ୫୯୦୬ ଭୋଟ ପାଇଥିବା ବେଳେ ୨୦୧୪ରେ ଭାଜପା ପ୍ରାର୍ଥୀ ତଥା ଦଳର ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ ୭୭୧୨ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ ପାଇଁ ଭାଜପାରୁ ଚୌଧୁରୀ ହେମନ୍ତ ସାହୁ, ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜମୋହନ ସେଠୀ, ଦଳର ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି ଓ ଯୁବ ନେତା ରଶ୍ମିରଞ୍ଜନ ଲେଙ୍କା ପ୍ରମୁଖ ଟିକେଟ ଆଶାୟୀ ଅଛନ୍ତି। ପ୍ରକାଶଙ୍କ ଦଳରେ ଯୋଗଦାନ ପରେ ଏମାନଙ୍କର ଆଶା ମଉଳିଯାଇଛି।

ଭାଜପା ଜିଲା ସଭାପତି ତଥା ୨୦୧୪ର ପରାଜିତ ପ୍ରାର୍ଥୀ ସାହୁ କୁହନ୍ତି, ଦଳର ଆଭିମୁଖ୍ୟ ହେଉଛି ତାଙ୍କର ଆଭିମୁଖ୍ୟ। ପ୍ରକାଶ ଭାଜପାରେ ମିଶିଛନ୍ତି। କିନ୍ତୁ ଅଦ୍ୟାବଧି ତାଙ୍କୁ ଟିକେଟ ମିଳିବ ବୋଲି ଦଳ ପକ୍ଷରୁ କୌଣସି ଘୋଷଣା କରାଯାଇ ନାହିଁ। ଯଦି ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରେ, ତାଙ୍କର କୌଣସି ଅସୁବିଧା ନାହିଁ। ଯୁବ ମୋର୍ଚ୍ଚା ଉପସଭାପତି ଚଇନି କୁହନ୍ତି, ୧୨୦ ମିଶନ ପୂରଣ ପାଇଁ ଯଦି ଦଳ ଏଭଳି ନିଷ୍ପତ୍ତି ନେଉଛି, ତେବେ ଆମର ସେଥିରେ ପ୍ରତିବାଦ କରିବାର ନାହିଁ। ଅନ୍ୟତମ ଆଶାୟୀ ସେଠୀ କୁହନ୍ତି, ସେ ଜଣେ ଶୃଙ୍ଖଳିତ କର୍ମୀ। ଦଳର ନିଷ୍ପତ୍ତି ସହିତ ସେ ଏକମତ।

ପ୍ରକାଶ କଂଗ୍ରେସ ଛାଡ଼ିବା ପରେ ଏବେ ସାଲେପୁର କଂଗ୍ରେସର ମଙ୍ଗ ଧରିବା ପାଇଁ ଆଗକୁ ବାହାରିଛନ୍ତି ପୂର୍ବତନ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ପ୍ରକାଶଙ୍କ ବିରୋଧୀ ରବୀନ୍ଦ୍ର ନାଥ କର। କର କୁହନ୍ତି, ପ୍ରକାଶ କଂଗ୍ରେସ ଛାଡ଼ିଦେବା ପରେ ଯେ ସମସ୍ତ କଂଗ୍ରେସ କର୍ମୀ ତାଙ୍କ ସହିତ ଚାଲିଯିବେ ସେ ଆଶା କରିବା ନିରର୍ଥକ। କଂଗ୍ରେସର ଭୋଟ ଦଳ ସହିତ ରହିଛି। ତେଣୁ ପ୍ରକାଶଙ୍କ ଦଳ ଛାଡ଼ିବା କୌଣସି ଫରକ ପକାଇବ ନାହିଁ। କଂଗ୍ରେସ ଜିଲା ସଭାପତି ଗୁରୁପଦ ନନ୍ଦ କୁହନ୍ତି, ସାଲେପୁରରେ ଅନେକ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି। ପ୍ରକାଶଙ୍କ ଦଳ ଛାଡ଼ିବାର ପ୍ରଭାବ କଂଗ୍ରେସ ଉପରେ ପଡ଼ିବ ନାହିଁ ବୋଲି ନନ୍ଦ କହିଛନ୍ତି।

ବିଜେଡିରୁ ପ୍ରଶାନ୍ତ ବେହେରାଙ୍କ ସହିତ ଯୁବନେତା ବିଶ୍ୱରଞ୍ଜନ ଖଟାଇ ଟିକେଟ ପାଇଁ ଦୃଢ ଦାବିଦାର ଅଛନ୍ତି। ଦୁଇବର୍ଷ ହେବ ଖଟାଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ସଭାସମିତି ଆୟୋଜନ କରୁଥିବା ଦେଖାଯାଇଛି। ପ୍ରାର୍ଥିତ୍ୱ ସମ୍ପର୍କରେ ଖଟାଇ କୁହନ୍ତି, ସେ ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି। ତେବେ ସବୁକିଛି ଦଳର ସଭାପତିଙ୍କ ଉପରେ ନିର୍ଭର କରୁଛି। ଯଦି ଟିକେଟ ନ ମିଳେ ତେବେ ଦଳର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ପ୍ରଶାନ୍ତ କହିଛନ୍ତି ଯେ, ଟିକେଟ କିଏ ପାଇବ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। କିନ୍ତୁ ସାଲେପୁରରେ ବିଜେଡି ଶକ୍ତିଶାଳୀ, ଆଉ ଏଠାରେ ଦଳର ବିପୁଳ ବିଜୟ ଘଟିବ। ସେ ଜଣେ ଶୃଙ୍ଖଳିତ କର୍ମୀ। ଦଳର ସଭାପତିଙ୍କ ନିର୍ଦ୍ଦେଶ ତାଙ୍କ ପାଇଁ ଶିରୋଧାର୍ଯ୍ୟ ବୋଲି ସେ କହିଛନ୍ତି।

କଂଗ୍ରେସରେ ରବୀନ୍ଦ୍ର ନାଥ ବେହେରାଙ୍କ ସମେତ ଜିଲା ସଭାପତି ଗୁରୁପଦ ନନ୍ଦଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ରବୀନ୍ଦ୍ର କୁହନ୍ତି, ସେ ଟିକେଟ ପାଇଁ ଆବେଦନ କରିଛନ୍ତି। ନିଷ୍ପତ୍ତି ଦଳର ଉଚ୍ଚ କର୍ତ୍ତୃପକ୍ଷ ନେବେ। କିନ୍ତୁ କଂଗ୍ରେସରେ ଥିଲେ ଓ ଆଗକୁ ମଧ୍ୟ ରହିବେ। ଗୁରୁପଦଙ୍କ ମତରେ ଅନେକ ଲୋକ ଟିକେଟ ଆବେଦନ କରିଛନ୍ତି। ପିସିସି ସଭାପତିଙ୍କ ସହିତ ଆଲୋଚନା କରାଯାଇ ଯୋଗ୍ୟ ପ୍ରାର୍ଥୀ ଦିଆଯିବ। ଯଦି ଦଳ ତାଙ୍କୁ ଚାହେଁ ତାଙ୍କର ଲଢିବାରେ ଆପତ୍ତି ନାହିଁ। କିନ୍ତୁ ଦଳ ଯାହାକୁ ପ୍ରାର୍ଥୀ ଦେବ ତାଙ୍କ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।



ପ୍ରକାଶ ଚନ୍ଦ୍ର ବେହେରା



ପ୍ରଶାନ୍ତ ବେହେରା



ବିଶ୍ୱରଞ୍ଜନ ଖଟାଇ



ଚୌଧୁରୀ ହେମନ୍ତ ସାହୁ



ରବୀନ୍ଦ୍ର ନାଥ କର

# ଦେଖିବାକୁ ମିଳିପାରେ ନୂଆ ସମୀକରଣ

**ହର୍ଷବର୍ଦ୍ଧନ ବେହେରା**

**ଯାଜପୁର ଅଫିସ,୧୯।୩**

**ମୋଟ୍ ଭୋଟର**
୧୪,୪୩,୫୭୭

**ପୁରୁଷ ଭୋଟର**
୭,୫୬,୨୩୦

**ମହିଳା ଭୋଟର**
୬,୮୭,୨୬୫

**ଅନ୍ୟାନ୍ୟ**
୮୨

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ରୀତା ତରାଇ | ବିଜେଡି | ୫,୪୧,୩୪୯ |
| ଅଶୋକ ଦାସ | କଂଗ୍ରେସ | ୨,୨୧,୦୭୮ |
| ଅମିୟକାନ୍ତ ମଲ୍ଲିକ | ଭାଜପା | ୧,୫୦,୭୮୯ |

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ଯାଜପୁର, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, କୋରେଇ ଓ ସୁକିନ୍ଦାକୁ ନେଇ ଯାଜପୁର ଲୋକ ସଭା ଆସନ ଗଠିତ। ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଏହି ଆସନରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେବା ନିଶ୍ଚିତ। ଏଥିପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏକ ପ୍ରକାର ଆରମ୍ଭ ହୋଇଯାଇଛି। ଦଳୀୟ ସାଂଗଠନିକ ସ୍ଥିତି ଓ ଜନସମର୍ଥନର ପୃଷ୍ଠଭୂମି ପ୍ରାର୍ଥୀ ଚୟନର ମାପକାଠି ହେବ ବୋଲି ଆଲୋଚନା ହେଉଥିବାବେଳେ ଚାଷୀ ଓ ଚାଷ ପ୍ରସଙ୍ଗ ମଧ୍ୟ ପ୍ରମୁଖ ବିଷୟବସ୍ତୁ ହୋଇଛି। ତେଣୁ ଏମ୍‌ପି କ୍ଷମତା ପାଇଁ ୩ ପ୍ରମୁଖ ଦଳରେ ଏକ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ପ୍ରକାଶ ଯେ, ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ସମୁଦାୟ ୧୪,୪୩,୫୭୭ ଭୋଟର ରହିଛନ୍ତି। ଜିଲାର ଅଧିକାଂଶ ଅଞ୍ଚଳ ଅଣଜଳସେଚିତ ହୋଇଥିଲେ ହେଁ ଏଠାରେ ଚାଷ ହିଁ ଲୋକଙ୍କ ମୁଖ୍ୟ ଜୀବିକା। ଗତ ପ୍ରାୟ ୫ବର୍ଷ ହେଲା ଯାଜପୁର ଜିଲାର ଉପରୋକ୍ତ ଅଞ୍ଚଳରେ ଦଳମତ ନିର୍ବିଶେଷରେ ଏକ ଶକ୍ତିଶାଳୀ ଚାଷୀ ସଂଗଠନ ଗଢି ଉଠିଛି। ଧାନ ଓ ପନିପରିବା କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିର ପ୍ରତିକାର ପାଇଁ ଚାଷୀ ସଂଗଠନ ଆନ୍ଦୋଳନ କରି କିଛିଟା ସଫଳତା ପାଇଛି। ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ଶାସକ ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଚାଷୀ ସଂଗଠନ ଯଦିଓ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପକ୍ଷଧର ହୋଇନାହିଁ, ତଥାପି ସଂଗଠନ ଓ ଏହାର ଆନ୍ଦୋଳନରେ ସାମିଲ ହୋଇଥିବା ରାଜନେତାଙ୍କ ପ୍ରତି ଚାଷୀ ମହଲରେ ସମର୍ଥନ ରହିଛି। ଯାଜପୁର ଜିଲାରେ ଅନାଦୀ ଚରଣ ମଲ୍ଲିକ ଓ ରାମଚନ୍ଦ୍ର ମଲ୍ଲିକ ୩ଥର ଲେଖାଏ ଏମ୍‌ପି ଭାବେ ନିର୍ବାଚିତ ହୋଇଥିବାବେଳେ ଭୁବନାନନ୍ଦ ଦାସ, ଲକ୍ଷ୍ମୀଧର ଜେନା, ବାଇଧର ବେହେରା, ଅନନ୍ତ ପ୍ରସାଦ ସେଠୀ, ଅଞ୍ଚଳ ଦାସ, ଜଗନ୍ନାଥ ମଲ୍ଲିକ, ମୋହନ ଜେନା(୨୦୦୪ ଓ ୨୦୦୯) ଏବଂ ରୀତା ତରାଇ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଗତ ନିର୍ବାଚନରେ ରୀତା ତରାଇ ୫,୪୧,୩୪୯ ଭୋଟ ପାଇ ବିପୁଳ ବ୍ୟବଧାନରେ ଭାଜପାର ଅମିୟକାନ୍ତ ମଲ୍ଲିକଙ୍କୁ ପରାଜିତ କରିଥିଲେ। ଏହି କ୍ରମରେ ବିଜେଡି ଚଳିତ ନିର୍ବାଚନରେ ମଧ୍ୟ ବିଜୟୀ ହେବ ବୋଲି ଆଶା ରଖିଛି। ଚଳିତ ଲୋକ ସଭା ନିର୍ବାଚନ ପାଇଁ ଏହି ଆସନ ଲାଗି ଟିକେଟ ଦୌଡରେ ବର୍ତ୍ତମାନର ଏମ୍‌ପି ରୀତା ତରାଇ, ସ୍ୱେଚ୍ଛାକୃତ ଅବସର ନେଇଥିବା ପ୍ରଶାସନିକ ଅଧିକାରିଣୀ ଶର୍ମିଷ୍ଠା ସେଠୀ,ପୂର୍ବତନ ଏମ୍‌ପି ମୋହନ ଜେନା, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନାମ ଆଲୋଚନା ହେଉଛି। ସେହିପରି ଭାଜପାରୁ ବବିତା ମଲ୍ଲିକ, ଅମିୟକାନ୍ତ ମଲ୍ଲିକ ଓ ଭାସ୍କର ଜେନା ଆଶାୟୀ ରହିଥିବାବେଳେ କଂଗ୍ରେସରୁ ମାନସ ଜେନା, ଆଲୋକ ଜେନା ଓ ଅର୍ଜ୍ଜୁନ ଦାସ ଟିକେଟ ଦୌଡ଼ରେ ରହିଛନ୍ତି। ଲୋକ ସଭା ନିର୍ବାଚନ ପାଇଁ ସେହି ପୁରୁଣା ନେତାଙ୍କ ନାମ ସୁପାରିସ କରାଯାଇଥିବାବେଳେ ସେମାନଙ୍କୁ ଟିକେଟ ମିଳିଲେ କଂଗ୍ରେସ ସେତେଟା ଫାଇଦା ନେଇପାରିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଗତ ପଞ୍ଚାୟତ, ପୌର ଓ ବିଧାନସଭା ନିର୍ବାଚନର ଜନମତକୁ ଜିଲାରେ ରାଜନୈତିକ ସ୍ଥିତିର ଏକ ମୋଟାମୋଟି ମାପଦଣ୍ଡ ଭାବେ ନିଆଗଲେ ଜନାଧାର ବିଶେଷ ପରିବର୍ତ୍ତନ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି। ତେଣୁ ଜିଲାର ଏମ୍‌ପି ପ୍ରାର୍ଥିତ୍ୱ ଓଲଟପାଲଟ ହେବ ବୋଲି ଆଶା କରାଯାଉଛି। ଏହି ଆସନକୁ କଂଗ୍ରେସ ୮ଥର ଅକ୍ତିଆର କରିଛି। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନ ପରେ କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଥିବାବେଳେ ଭାଜପା ଓ ବିଜେଡି ପାଇଁ ଏହା ଏକ ଆହ୍ୱାନ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବିଜେଡି ନିଜର ରଣନୀତିକୁ ବଦଳାଇବାକୁ ଯାଜପୁରରେ ଜଣେ ଅଭିଜ୍ଞ ପୁରୁଖା ନେତାଙ୍କୁ ଦିଲ୍ଲୀ ପଠାଇବାକୁ ଯୋଜନା କରୁଥିବାବେଳେ ଭାଜପା ପଞ୍ଚାୟତ ନିର୍ବାଚନର ସଫଳତାକୁ ଦୋହରାଇବା ପାଇଁ ଜଣେ ଦକ୍ଷ ପ୍ରାର୍ଥୀଙ୍କୁ ଟିକେଟ ଦେବାକୁ ଯୋଜନା କରୁଥିବା ସୂଚନା ମିଳୁଛି।

ଗତ ୫ ବର୍ଷ ମଧ୍ୟରେ ଯାଜପୁର ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଯାଜପୁରରୋଡଠାରେ ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଜିଲାର ରେଳଷ୍ଟେଶନଗୁଡିକର ଉନ୍ନତି ସହ ଦ୍ରୁତଗାମୀ ଟ୍ରେନ ରହଣି ଦାବି, ଯାଜପୁର-କେନ୍ଦୁଝର ରୋଡଠାରୁ ବିରଜାକ୍ଷେତ୍ରକୁ ନୂତନ ରେଳପଥ ନିର୍ମାଣ ଦାବି, ପାନୀୟ ଜଳ, ପର୍ଯ୍ୟଟନ କ୍ଷେତ୍ର, ଜାତୀୟ ରାଜପଥ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପାର୍ଲାମେଣ୍ଟରେ ଦାବି ହେବା ସହ ସଫଳ ମଧ୍ୟ ହୋଇଛି। ତେଣୁ ପୁଣି ଥରେ ରୀତା ତରାଇ ଏମ୍‌ପି ହେବାକୁ ଜିଲାବାସୀ ଚାହୁଁଛନ୍ତି। ବିଜେଡି ସଭାପତିଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବା ଏମ୍‌ପି ତରାଇ କହିଛନ୍ତି। ଗତ ୩ଦଶନ୍ଧି ହେଲା ବିଞ୍ଝାରପୁରବାସୀଙ୍କ ସ୍ନେହ, ମମତାରେ ସେ ବିଧାୟିକା ନିର୍ବାଚିତ ହୋଇ ଆସୁଛନ୍ତି। ବିଧାୟିକା ହେବାକୁ ଇଚ୍ଛା ରହିଛି। ତେବେ ବିଜେଡି ସଭାପତି ଯାହା ଚାହିଁବେ ତାହାକୁ ସେ ଗ୍ରହଣ କରିବେ ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି। ଅପରପକ୍ଷରେ ଗତ ଲୋକ ସଭା ନିର୍ବାଚନରେ ଅମିୟକାନ୍ତ ମଲ୍ଲିକ ଭାଜପାରୁ ପ୍ରାର୍ଥୀ ହୋଇ ଲୋକଙ୍କ ଆସ୍ଥାଭାଜନ ହୋଇ ପାରିଥିଲେ। ତେଣୁ ଏଥର ବି ଭାଜପାରୁ ଏମ୍‌ପି ଟିକେଟ ମିଳିଲେ ନିଶ୍ଚିତ ଭାବରେ ବିଜୟୀ ହେବାର ଆଶା ରଖିଛନ୍ତି ବୋଲି ଅମିୟ କହିଛନ୍ତି। ସେହିପରି କଂଗ୍ରେସରୁ ଆଶାୟୀ ଥିବା ଅର୍ଜୁନ ଚରଣ ଦାସ କହିଛନ୍ତି ଯେ, ସ୍କ୍ରିନିଂ କମିଟିକୁ ତାଙ୍କ ନାମ ଯାଇଛି। ତାଙ୍କୁ ଟିକେଟ ମିଳିଲେ ସେ ନିଶ୍ଚିତ ଭାବେ ବିଜୟୀ ହେବେ।






ରୀତା ତରାଇ



ପ୍ରମିଳା ମଲ୍ଲିକ



ମୋହନ ଜେନା



ଅମିୟକାନ୍ତ ମଲ୍ଲିକ



ଅର୍ଜ୍ଜୁନ ଦାସ

# ବିଜେଡି ଟିକେଟ ପାଇଁ ବଳ କଷାକଷି

**ଅନୀଲ ଦାସ/ନୀଳମାଧବ ସାହୁ**

**ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା,୧୯।୩(ବ୍ୟୁରୋ)**

ଭୁବନେଶ୍ୱର ସହର ଉପକଣ୍ଠ ବାଲିଅନ୍ତା ଓ ବାଲିପାଟଣା ବ୍ଲକକୁ ନେଇ ଗଠନ ହୋଇଛି ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଏହି ଆସନ ଭୁବନେଶ୍ୱର ଲୋକ ସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଛି। ଆସନ୍ତା ଏପ୍ରିଲ ୨୩ରେ ଏଠାରେ ନିର୍ବାଚନ ହେବାକୁ ଥିବାବେଳେ ବିଜେଡି, କଂଗ୍ରେସ ଓ ଭାଜପାରୁ ଟିକେଟ ପାଇବା ପାଇଁ ଏକାଧିକ ଆଶାୟୀ ଲବି ଚଳାଇଛନ୍ତି, ଯାହା ଦଳୀୟ ନେତୃତ୍ୱଙ୍କୁ ଚିନ୍ତାରେ ପକାଇଛି। ବିଦ୍ରୋହୀ ପ୍ରାର୍ଥୀଙ୍କୁ କିପରି ମନାଇବେ ସେ ନେଇ ରାଜନୈତିକ ଦଳଗୁଡ଼ିକ କସରତ ଚଳାଇଛନ୍ତି।

ଜୟଦେବ ନିର୍ବାଚନମଣ୍ଡଳୀରେ ୨୦୦୯ରେ ବିଜେଡି ପ୍ରାର୍ଥୀଭାବେ ଅରବିନ୍ଦ ଢାଲି ଓ ୨୦୧୪ରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ବିଜୟୀ ହୋଇଛନ୍ତି। ଅରବିନ୍ଦ ଆସନ୍ତା ବିଧାନସଭା ନିର୍ବାଚନରେ ପୁଣି ବିଜେଡି ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ଶଶିଭୂଷଣ ଦଳର ପ୍ରମୁଖ ଟିକେଟ୍ ଦାବିଦାର ରହିଛନ୍ତି। ଉଭୟେ ଟିକେଟ୍ ପାଇବା ନେଇ ବଳ କଷାକଷି ଚଳାଇଛନ୍ତି। ଶଶିଭୂଷଣ ଦଳ ଭିତରେ ଅରବିନ୍ଦଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ ଭାବୁ ନ ଥିଲେ ମଧ୍ୟ ବିଜେଡିରେ ଯେ ଗୋଷ୍ଠୀ କନ୍ଦଳ ଚାଲିଛି ତାହା ସ୍ପଷ୍ଟ ହେଉଛି। ଅରବିନ୍ଦ କହିଛନ୍ତି ଯେ, ଗତ ନିର୍ବାଚନରେ ତାଙ୍କୁ ଲଢିବାକୁ ସୁଯୋଗ ଦିଆଗଲା ନାହିଁ। ଏଥର କିନ୍ତୁ ନିର୍ବାଚନ ନିଶ୍ଚିତ ଲଢିବେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କର ତାଙ୍କ ଉପରେ ଆସ୍ଥା ଅଛି। ଯିଏ ଦଳକୁ ବିଜୟୀ କରିପାରିବ ସେ ଟିକେଟ ପାଇବ। ମୁଁ ଘରେ ଘରେ ଲୋକଙ୍କ ସହ ପରିଚିତ। ଦଳ ଯଦି ଟିକେଟ ନ ଦେବ ତେବେ ଆପଣଙ୍କ ରଣନୀତି କ'ଣ ହେବ ପ୍ରଶ୍ନରେ ସେ କହିଛନ୍ତି, ସମୟ କହିବ କାହାକୁ ଟିକେଟ ମିଳିବ। ଟିକେଟ ନ ମିଳିଲେ ବି ନିର୍ବାଚନ ଲଢିବେ। ଯଦି ନ ଲଢିବେ ତେବେ ତାଙ୍କର ରାଜନୈତିକ ଜୀବନ ଶେଷ ହୋଇଯିବ ବୋଲି ଢାଲି କହିଛନ୍ତି। ଶଶିଭୂଷଣ କହିଛନ୍ତି ଯେ, ୨୦୧୪ ନିର୍ବାଚନରେ ୪୨,୦୦୦ରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ଦଳରେ ଯିଏ ଟିକେଟ ପାଇଁ ଆସକ୍ତ ହେଉଛନ୍ତି ସେମାନଙ୍କର ଏଠାରେ କୌଣସି ପରିଚୟ ନାହିଁ। ତେବେ ଦଳ ଯାହାଙ୍କୁ ପ୍ରାର୍ଥୀ କରିବ ସେ ଏଠାରୁ ଲଢିବେ। ତାଙ୍କୁ ଦଳ ଟିକେଟ ଦେବ ବୋଲି ସେ ଆଶା ରଖିଛନ୍ତି। ଯଦି ଟିକେଟ ନ ମିଳିବ ତେବେ ଦଳର ସଭାପତିଙ୍କ ପ୍ରତି ଆନୁଗତ୍ୟ ରହିବ। ଯାହା ଦାୟିତ୍ୱ ମିଳିବ ନିର୍ବାହ କରିବେ ବୋଲି ଶଶିଭୂଷଣ କହିଛନ୍ତି।

ଏଠାରୁ ବିଜେଡିକୁ ହଟାଇବା ପାଇଁ ଭାଜପା ପୂରା ଦମ ଲଗାଇ ଦେଇଛି। ହେଲେ ଦଳରେ ଏକାଧିକ ଆଶାୟୀ ମୁଣ୍ଡବ୍ୟଥାର କାରଣ ହୋଇଛନ୍ତି। ଆସନ୍ତା ନିର୍ବାଚନରେ ଭାଜପାରୁ ଲଢିବାକୁ ନରେନ୍ଦ୍ର ନାଥ ନାୟକ ଆଶା ବାନ୍ଧିଛନ୍ତି। ସେ ୨୦୦୪ ଓ ୨୦୦୯ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। ସେ ବର୍ତ୍ତମାନ ଭାଜପା ରାଜ୍ୟ ଅନୁସୂଚିତ ମୋର୍ଚ୍ଚାର ଉପସଭାପତି ଅଛନ୍ତି। ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ନରେନ୍ଦ୍ର ଆଶାବାଦୀ ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କୌଣସି ଆଖିଦୃଶିଆ କାମ ହୋଇ ନାହିଁ। ବିଜେଡିର ଏହା ଥଇଥାନ କେନ୍ଦ୍ର ପାଲଟିଛି। ବିଜେଡି ଟିକେଟରୁ ଜିତିଥିବା ଅରବିନ୍ଦ ଓ ଶଶିଭୂଷଣ ନିର୍ବାଚନମଣ୍ଡଳୀ ବାହାର ଲୋକ। ହାୱାରେ ଜିତୁଥିଲେ। ଏବେ ଲୋକମାନେ ମନ ବଦଳାଇ ସାରିଛନ୍ତି। ଆସନ୍ତା ନିର୍ବାଚନରେ ବିଜେଡିକୁ ଉଚିତ ଶିକ୍ଷା ମିଳିବ। ଭାଜପା ଏଠାରେ ନିଶ୍ଚୟ ବିଜୟୀ ହେବ ବୋଲି ନରେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୨୦୧୪ରେ ଭାଜପା ପ୍ରାର୍ଥୀ ହୋଇଥିବା ବସନ୍ତ ନାୟକ ଏଥର ପୁଣି ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛନ୍ତି। ବସନ୍ତ କହିଛନ୍ତି, ଆସନ୍ତା ନିର୍ବାଚନରେ ଏଠାରେ ଚିତ୍ର ଭିନ୍ନ ହେବ। ଗତ ଥର ପ୍ରବଳ ପଇସା ଖର୍ଚ୍ଚ କରି ବିଜେଡି ବିଜୟୀ ହୋଇଥିଲା। ଏହି ନିର୍ବାଚନମଣ୍ଡଳୀରେ ବିକାଶର ନା ଗନ୍ଧନାହିଁ। ଏଥର ଭାଜପା ପ୍ରାର୍ଥୀ ନିଶ୍ଚୟ ବିଜୟୀ ହେବେ। ଯଦି ଟିକେଟ ନ ମିଳେ ତେବେ କ'ଣ କରିବେ ପ୍ରଶ୍ନରେ ବସନ୍ତ କହିଛନ୍ତି, ଟିକେଟ ନ ମିଳିଲେ ମଧ୍ୟ ଦଳ ପାଇଁ କାମ କରିବେ।

ଏଠାରେ କଂଗ୍ରେସ ମଧ୍ୟ ଏକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଦଳ। ବିଜେଡି ଓ ଭାଜପାକୁ କଡା ଟକ୍କର ଦେବା ମୁଡ୍‌ରେ ରହିଛି କଂଗ୍ରେସ। ଏହି ନିର୍ବାଚନମଣ୍ଡଳୀରୁ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବେଣୁଧର ଭୋଇଙ୍କ ସମେତ ଜୟନ୍ତ ଭୋଇ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ବେଣୁଧର କହିଛନ୍ତି, ଗତ ନିର୍ବାଚନରେ ସେ ୨୮,୬୮୪ ଭୋଟ୍ ପାଇଥିଲେ। ବିଜେଡିର ଅର୍ଥ ବଳ ଯୋଗୁ ତାଙ୍କୁ ପରାଜିତ ହେବାକୁ ପଡ଼ିଲା। ତେବେ ଆସନ୍ତା ନିର୍ବାଚନରେ କଂଗ୍ରେସ ନିଶ୍ଚୟ ବିଜୟୀ ହେବ। ରାହୁଲ ଗାନ୍ଧୀଙ୍କ ଚାଷୀମାନଙ୍କ ପାଇଁ ରଣଛାଡ଼ ଘୋଷଣାକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ। ବିଜେଡିର କାଳିଆ ଯୋଜନା ପାଇଁ ଘରେ ଘରେ ଗଣ୍ଡଗୋଳ ଲାଗି ରହିଛି। ଆସନ୍ତା ନିର୍ବାଚନରେ ଲୋକମାନେ ବିଜେଡିକୁ ଉଚିତ ଜବାବ ଦେବେ। ଗତ ୧୦ ବର୍ଷ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ କିଛି ବିକାଶ ହୋଇ ନାହିଁ। ଚାଷୀ ଓ ଚାଷ ଉଜୁଡିଗଲାଣି। ତାଙ୍କ ନାମ କଂଗ୍ରେସ ସ୍କ୍ରିନିଂ କମିଟିକୁ ଯାଇଛି। ଏଥର ସେ ନିଶ୍ଚୟ ପ୍ରାର୍ଥୀ ହେବେ। ଟିକେଟ ନ ମିଳିଲେ ମଧ୍ୟ ଦଳ ପାଇଁ କାମ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦଳୀୟ ନେତୃତ୍ୱଙ୍କ ଉପରେ ଆଶା ରଖି କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଜୟନ୍ତ ଭୋଇ ମଧ୍ୟ ଆଶା ରଖିଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିବା କହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଶଶିଭୂଷଣ ବେହେରା | ୬୯,୬୩୭ |
| କଂଗ୍ରେସ | ବେଣୁଧର ଭୋଇ | ୨୮,୬୩୬ |
| ଭାଜପା | ବସନ୍ତ ନାୟକ | ୨୦,୦୦୭ |




**ମୋଟ ଭୋଟର**
୧,୭୫,୪୭୫



ଶଶିଭୂଷଣ ବେହେରା



ଅରବିନ୍ଦ ଢାଲି



ନରେନ୍ଦ୍ର ନାଥ ନାୟକ



ବସନ୍ତ ନାୟକ



ବେଣୁଧର ଭୋଇ



ଜୟନ୍ତ ଭୋଇ

## ନବୀନ ନିବାସରେ ଭିଡ଼



ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ମଙ୍ଗଳବାର ନବୀନ ନିବାସରେ ଆଶାୟୀ, ଟିକେଟ ପାଇଥିବା ପ୍ରାର୍ଥୀ ଓ ନେତାଙ୍କ ଭିଡ଼।

# ବିଜେଡି ଛାଡ଼ିଲେ ପୂର୍ବତନ ବିଧାୟକ କେ. ନାରାୟଣ ରାଓ

**୨ ବ୍ଲକ ଅଧକ୍ଷ, ୩ ଜିଲା ପରିଷଦ ସଦସ୍ୟ, ୩୦ ସରପଞ୍ଚ, ୩୨ ସମିତି ସଭ୍ୟ ବି ଇସ୍ତଫା ଦେଲେ**



**ପାରଳାଖେମୁଣ୍ଡି, ୧୯।୩(ସ୍ୱ.ପ୍ର.)** ଗଜପତି ଜିଲା ବିଜେଡିର ବରିଷ୍ଠ ନେତା ତଥା ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କ ସମେତ ୬୭ଜଣ ନେତା ମଙ୍ଗଳବାର ବିଜେଡିରୁ ସମୂହ ଭାବେ ଇସ୍ତଫା ଦେଇଛନ୍ତି। ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରୁ ନାରାୟଣଙ୍କ ପରିବର୍ତ୍ତେ କଲ୍ୟାଣୀ ଗଜପତିଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯିବା ପ୍ରତିବାଦରେ ସେମାନେ ଏଭଳି ପଦକ୍ଷେପ ନେଇଛନ୍ତି। ଦଳ ଛାଡ଼ିଥିବା ନେତାମାନଙ୍କ ମଧ୍ୟରେ ୨ଜଣ ବ୍ଲକ ଅଧ୍ୟକ୍ଷ, ୩ଜଣ ଜିଲା ପରିଷଦ ସଦସ୍ୟ, ୩୦ଜଣ ସରପଞ୍ଚ, ୩୨ଜଣ ସମିତି ସଭ୍ୟ ରହିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧.୩୦ ମିନିଟରେ ରାଣୀପେଣ୍ଠଠାରେ ଏହି ନେତାମାନେ ଏକାଠି ହୋଇ ଏକ ସଭା କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ୩ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗଦେଇଥିଲେ। ଦୀର୍ଘବର୍ଷ ଧରି ନାରାୟଣ ଦଳ ପାଇଁ କାର୍ଯ୍ୟ କରିଆସୁଥିବାବେଳେ କର୍ମୀମାନଙ୍କ ସହ ସମ୍ପର୍କ ରଖିଥିଲେ। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ତାଙ୍କ ଭଳି ଜଣେ ଟାଣୁଆ ନେତାଙ୍କୁ ଟିକେଟ ଦିଆ ନ ଯାଇ ତାଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଟିକେଟ ନ ମିଳିଲେ ମଧ୍ୟ ନାରାୟଣଙ୍କ ସହ ରହିବୁ ବୋଲି କର୍ମୀମାନେ କହିଥିଲେ। ଏହାପରେ ଅପରାହ୍ନରେ ନାରାୟଣଙ୍କ ସମେତ କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସୀମାଦ୍ରି, ଗୋଷାଣି ବ୍ଲକ ଅଧ୍ୟକ୍ଷା ସି.ଏଚ୍. ତାରେକେଶ୍ୱରୀ, ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକ, ଜିଲା ଯୁବ ସଭାପତି ପି.କ୍ରିଷ୍ଣା, ୩ଜଣ ଜିଲାପରିଷଦ ସଭ୍ୟ, ୩୦ଜଣ ସରପଞ୍ଚ ଏବଂ ୩୨ଜଣ ସମିତିସଭ୍ୟ ସମୂହ ଭାବେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ। ସେମାନେ ଇସ୍ତଫାପତ୍ର ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ନାରାୟଣ ରାଓ କହିଛନ୍ତି ଯେ, 'ଦଳୀୟ କର୍ମୀଙ୍କ ପରିବର୍ତ୍ତେ ଜଣେ ଅଜଣା ଲୋକଙ୍କୁ ଟିକେଟ ଦିଆଯାଇଛି। ସେ ବିଜେଡିର ପ୍ରାଥମିକ ସଦସ୍ୟ ନୁହଁନ୍ତି। ନିଜ ନିର୍ବାଚନମଣ୍ଡଳୀରେ କେତେ ବ୍ଲକ ଅଛି ସେ ଜାଣି ନ ଥିବେ। ସେହିପରି ତାଙ୍କର ଲୋକ ସମ୍ପର୍କ କିମ୍ବା ସଙ୍ଗଠନ ନାହିଁ।' ଅନ୍ୟପକ୍ଷେ ଇସ୍ତଫା ପ୍ରଦାନ ପରେ ବର୍ତ୍ତମାନ ସୁଦ୍ଧା ନାରାୟଣ ରାଓ ସ୍ୱାଧୀନ ଭାବେ କିମ୍ବା ଅନ୍ୟ କୌଣସି ଦଳୀୟ ଟିକେଟରେ ଲଢିବେ ତାହା ସ୍ପଷ୍ଟ କରିନାହାନ୍ତି। ସମର୍ଥକମାନଙ୍କ ସହ ବିଚାର ବିମର୍ଶ ପରେ ଆଗାମୀ ପଦକ୍ଷେପ ବିଷୟରେ ଘୋଷଣା କରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ନାରାୟଣ କଂଗ୍ରେସରୁ ୨ଥର କାଶୀନଗର ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ପରେ ୨୦୦୦ ମସିହାରେ ବିଜେଡିରେ ଯୋଗଦେବା ପରେ ତାଙ୍କୁ ବିଧାୟକ ପଦ ପାଇଁ ଦଳୀୟ ଟିକେଟ ମିଳି ନ ଥିଲେ ମଧ୍ୟ ସେ ସ୍ୱାଧୀନ ଭାବେ ଲଢି ହାରିଯାଇଥିଲେ। ୨୦୦୪ରେ ମଧ୍ୟ ତାଙ୍କୁ ଟିକେଟ ନ ମିଳିବା ସତ୍ତ୍ୱେ ସ୍ୱାଧୀନ ଭାବେ ଲଢି ପରାସ୍ତ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ସେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟକ ହୋଇଥିଲେ। ୨୦୧୪ରେ ନାରାୟଣ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ କେ. ସୂରିୟା ରାଓଙ୍କୁ କଡ଼ା ଟକ୍କର ଦେଇ କମ୍ ବ୍ୟବଧାନରେ ପରାଜିତ ହୋଇଥିଲେ।

# ବିଜେଡି ଛାଡିଲେ କୁସୁମ ଟେଟେ

**କହିଲେ ଆଗାମୀ ନିର୍ବାଚନ ନିଶ୍ଚିତ ଲଢ଼ିବେ**

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)** ୨୦୧୪ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସୁନ୍ଦରଗଡ ଆସନରୁ ବିଜେଡି ତାଙ୍କୁ ପ୍ରାର୍ଥୀ ନ କରିବାରୁ ଅସନ୍ତୋଷ ପ୍ରକାଶ କରି ସେ ତାଙ୍କର ଇସ୍ତଫାପତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ଇସ୍ତଫା ପ୍ରସଙ୍ଗରେ ଘୋଷଣା କରିବାବେଳେ ଗଣମାଧ୍ୟମ ସମ୍ମୁଖରେ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ଟେଟେ କହିଛନ୍ତି ଯେ, ବିଜେଡି ମହିଳାମାନଙ୍କୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେବା କଥା ସମ୍ପୂର୍ଣ୍ଣ ମିଛ। ୫ ବର୍ଷ କାଳ ଦଳ ତାଙ୍କୁ ଚାକର ଭଳିଆ ଖଟାଇଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ରୁ ତାଙ୍କୁ ପ୍ରାର୍ଥୀ କରିଥିଲେ। ୫ ବର୍ଷ ହେଲା ଦଳ ପାଇଁ ଅନେକ କାମ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଯାହା ଆଦେଶ ଥିଲା ତାହା ପାଳନ କରିଛନ୍ତି। ବିଜେଡିକୁ ନିଜ ପରିବାର ବୋଲି ଭାବିଥିଲି। ଆଜି ତାଙ୍କୁ ଏହି ପୁରସ୍କାର ମିଳିଛି। ଦଳରୁ ଇସ୍ତଫା ହେବା ପରେ ଅନ୍ୟ କେଉଁ ଦଳକୁ ଯିବେ କି ବୋଲି ପଚରାଯିବାରୁ ଟେଟେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ଦଳରୁ ଡାକରା ଆସି ନାହିଁ। କର୍ମୀଙ୍କ ସହ ଆଲୋଚନା କରିବେ। ଆଗାମୀ ନିର୍ବାଚନ ନିଶ୍ଚିତ ଲଢ଼ିବେ ବୋଲି ସେ କହିଛନ୍ତି।



ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ କଂଗ୍ରେସରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେବା ପରେ ଟେଟେଙ୍କ ପ୍ରାର୍ଥିତ୍ୱକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ସୋମବାର ମୁଖ୍ୟମନ୍ତ୍ରୀ ୯ ଲୋକ ସଭା ଓ ୫୪ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସୁନ୍ଦରଗଡ଼ରୁ ଯୋଗେଶ ସିଂଙ୍କୁ ବିଜେଡି ପ୍ରାର୍ଥୀଭାବେ ଘୋଷଣା କରିବା ପରେ ଟେଟେ ନିରାଶ ହୋଇଥିଲେ। ଯୋଗେଶ ବିଜେଡିରେ ଯୋଗଦେବା ପରେ ଟେଟେଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଆସନ୍ତା ୨ ବର୍ଷ ପାଇଁ ସେ ଏହି ପଦବୀରେ ରହିଥାନ୍ତେ। ବିଧାନସଭା ଟିକେଟ ନ ମିଳିବାରୁ କୁସୁମ ଏହି ପଦରୁ ଇସ୍ତଫା ଦେଇଥିଲେ।

# କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ ସାଧୁ ନେପାକ

**ବରଗଡ଼ ଅଫିସ, ୧୯।୩** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୋମବାର ବିଳମ୍ବିତ ରାତିରେ ପ୍ରକାଶିତ କଂଗ୍ରେସ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିଛନ୍ତି ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ। ଏଥିରେ ଅସନ୍ତୋଷ ପ୍ରକାଶ କରି ସେ ମଙ୍ଗଳବାର ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି। ଆଗାମୀ ଦିନରେ ତାଙ୍କର କୌଣସି ଦଳରେ ଯୋଗଦେବା ଯୋଜନା ନାହିଁ। ଜନସାଧାରଣ, ନିଜ କର୍ମୀ ଓ ସମର୍ଥକମାନେ ହିଁ ତାଙ୍କ ଦଳ। ସେମାନେ ଯାହା ନିଷ୍ପତ୍ତି ନେବେ, ତାକୁ ପାଥେୟ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ନେପାକ କହିଛନ୍ତି। ପ୍ରକାଶଥାଉକି, ନେପାକ ଗତ ୨୦୦୪ ସାଧାରଣ ନିର୍ବାଚନରେ ପ୍ରଥମେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଏବଂ ସେତେବେଳେ ତତ୍କାଳୀନ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କଠାରୁ ହାରିଥିଲେ। କିନ୍ତୁ ୨୦୦୯ ନିର୍ବାଚନରେ ନେପାକ ସ୍ୱର୍ଗତ ଆଚାର୍ଯ୍ୟଙ୍କୁ ହରାଇଥିଲେ। ସେହିପରି ୨୦୧୪ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ଆଚାର୍ଯ୍ୟଙ୍କ ପୁଅ ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାଜିତ ହୋଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ତାଙ୍କୁ ପୁଣି ପ୍ରାର୍ଥୀ କରିବ ବୋଲି ନେପାକ ଓ ତାଙ୍କ ସମର୍ଥକମାନେ ଆଶା ରଖିଥିଲେ। ମାତ୍ର ସେଥିରୁ ତାଙ୍କୁ ବଞ୍ଚିତ କରାଯିବାରୁ ସେ ଓ ତାଙ୍କ ସମର୍ଥକମାନେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିବା ନେପାକ କହିଛନ୍ତି।





ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଗଣ୍ଡ ସମାଜ କଲ୍ୟାଣ ପରିଷଦ ପ୍ରତିଷ୍ଠା ଦିବସ

ଚିପିଲିମା,୧୯।୩ (ଡି.ଏନ.ଏ.)
ସମ୍ବଲପୁର ବୁର୍ଲା ହାଇସ୍କୁଲ ଖେଳ ପଡିଆରେ ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ୨୦ତମ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦର ରାଜୁ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ବୁର୍ଲା ପିଜି ଛକରୁ ଏକ ଶୋଭାଯାତ୍ରା ବାହାରି ସମାରୋହ ସ୍ଥଳରେ ପହଞ୍ଚିଥିଲା । କଲ୍ୟାଣ ପରିଷଦର ସଭାପତି ଜୟ ଲୁହାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପରିଷଦର ସାଧାରଣ ସମ୍ପାଦକ ମହାବୀର ଦୀପ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବରେ ନିହାଲ ସିଂ ଯୋଗ ଦେଇ ପରିଷଦକୁ ଅଧିକ ସକ୍ରିୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଭାବରେ ଶାନ୍ତନୁ ସୁନା ଯୋଗ ଦେଇଥିଲେ । ବାବୁଲୁ ଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ । କୃଷ୍ଣଚନ୍ଦ୍ର ବଗର୍ତ୍ତି, ବାବୁଲୁ ଛୁରିଆ, ନାରାୟଣ ସୁନା, ପୁରନ୍ଦର ସାହୁ, ଶାର୍ଦ୍ଦୁଲ ବାଗ, ସୁନାରାମ ନନ୍ଦ, ରବି ବାରିକ, ମୁରଲୀ ମଲ୍ଲିକ, ସାଧୁଆ ମହାନନ୍ଦ, ଅନିରୁଦ୍ଧ ସୁନା, ଚନ୍ଦ୍ରମଣୀ ବାଗ, ଦେବରାଜ ବାଗ, ନିଳାଞ୍ଚଳ ସୁନା, ଉଦ୍ଧବ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

### ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ସମ୍ବଲପୁର, ୧୯।୩ (ବ୍ୟୁରୋ)
ଅନଗୁଳିଆପଡାସ୍ଥିତ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଆୟୋଜକ ସମ୍ବଲପୁର ଲାୟନ୍ସ କ୍ଲବ ଗ୍ରେଟର୍ ବରିଷ୍ଠ ସଭ୍ୟ ଦିଲବାଗ ସିଂ ଚାୱଲା ମୁଖ୍ୟଅତିଥି ଭାବେ ଯୋଗଦେଇ ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ସତ୍ୟନାରାୟଣ ପଣ୍ଡା, ସମ୍ପାଦକ ଓମପ୍ରକାଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଗୋପାଳ ସାମନ୍ତରାୟ, ରାକେଶ ଟିବ୍ରିୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବେଆଇନ ବନ୍ଧୁକ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୧୯।୩
ଝାରସୁଗୁଡ଼ା ଜିଲା ବଡ଼ମାଲ ପୋଲିସ ମଙ୍ଗଳବାର ଏକ ବେଆଇନ ମାଉଜର ଜବତ କରିଛି। ମାଉଜର ରଖିଥିବା ବେହେରାପାଲିର ମୃତ୍ୟୁଞ୍ଜୟ ଅଡ଼ା (୪୦)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ ବେଆଇନ ବନ୍ଧୁକ ରଖିଥିବାବେଳେ ପୂର୍ବରୁ ତାଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଥିଲା। ଏ ବାବଦରେ ବଡ଼ମାଲ ଥାନାରେ ସୂଚନା ରହିଥିଲା।

# ଦୋଳପର୍ବ ପାଇଁ ଦେବଗଡ଼ ଚଳଚଞ୍ଚଳ

- ସହରରେ ୧୦ରୁ ଊର୍ଦ୍ଧ୍ୱ ରଙ୍ଗଦୋକାନ ଖୋଲିଛି
- ବିଭିନ୍ନ ରକମର ଅବିର, ପିଚକାରି, ଖେଳନା ବିକ୍ରି
- ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ଲାଗିଛି ଭିଡ଼
- ଦୋଳଯାତ୍ରା ପାଇଁ ବିଭିନ୍ନ ସାହିରେ ଚାଲିଛି ପ୍ରସ୍ତୁତି

ଦେବଗଡ, ୧୯।୩(ସ୍ୱ.ପ୍ର.)

ଦୋଳପର୍ବ ପାଇଁ ଦେବଗଡ ସହର ତଥା ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସହରର ମଧ୍ୟସ୍ଥଳୀରେ ଥିବା ଡେଲିମାର୍କେଟ ଏବଂ ଆଖପାଖର ଅସ୍ଥାୟୀ ରଙ୍ଗ ଦୋକାନଗୁଡ଼ିକରେ ଭିଡ଼ ଲାଗିଛି। ବ୍ୟବସାୟୀମାନେ ଭଲ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। କେବଳ ଦେବଗଡ ସହରରେ ୧୦ରୁ ଊର୍ଦ୍ଧ୍ୱ ରଙ୍ଗ ଦୋକାନ ଖୋଲିଛି। ଦୋକାନଗୁଡ଼ିକରେ ବିଭିନ୍ନ ରଙ୍ଗର ଅଭିର ସାଙ୍ଗକୁ ବିଭିନ୍ନ ରକମର ଟୋପି, ପିଚକାରୀ, ଖେଳନା ଆଦି ରହିଛି। ସେସବୁ କିଣିବା ପାଇଁ ପିଲାଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ଭିଡ ଜମାଉଥିବା ଦେଖିବାକୁ ମିଳିଛି। ସେହିପରି ଦୋଳପୂର୍ଣ୍ଣିମା ଉପଲକ୍ଷେ ପୌରାଞ୍ଚଳର ହାତୀଶାଳସାହିର ସମଲେଶ୍ୱରୀ କ୍ଲବ, ଭୂୟାଁ ସାହି, ଦୋଳମଣ୍ଡପ ସାହି, ଶାସନ ସାହି ରାଧାକୃଷ୍ଣ ମନ୍ଦିର, ମହୁଲଡିପା ସାହି ସମେତ ଆଖପାଖ ଅଞ୍ଚଳରେ ଦୋଳଯାତ୍ରା ଜାକଜମକ ସହିତ ପାଳନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷରେ ଏହି ଉତ୍ସବ ପାଇଁ ବିଭିନ୍ନ ସ୍ଥାନରେ, ବିଭିନ୍ନ ସାହିରେ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ। ଆକର୍ଷଣୀୟ ପୁରସ୍କାର ପ୍ରତିଯୋଗୀମାନଙ୍କୁ ପ୍ରଦାନ କରାଯିବ ବୋଲି ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସୂଚନା ଦେଇଛନ୍ତି।



ଦେବଗଡ଼ ସହରରେ ଏକ ଦୋକାନରେ ରଙ୍ଗ ବିକ୍ରି ପାଇଁ ପସରା ମେଳିଛି।

### ସେମାନେ ଯାହା କହନ୍ତି....



ପୂର୍ବେ ବସନ୍ତ ଋତୁରେ ବସନ୍ତ, ମିଳିମିଳା ରୋଗ ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଫୁଲଗୁଣ୍ଡରୁ ଫଗୁ ତିଆରି ହେଉଥିଲା। ଏହାକୁ ବ୍ୟବହାର କରାଯାଉଥିଲା। ବର୍ତ୍ତମାନ ତ ମାର୍କେଟରେ ଲୋକେ ଅଧିକାଂଶ ରାସାୟନିକ ରଙ୍ଗ ବ୍ୟବହାର କରି ହୋଲି ଖେଳୁଛନ୍ତି। ଏଣୁ ସମସ୍ତେ ସେହି ପୁରୁଣା ପରମ୍ପରାକୁ କେମିତି ଉଜ୍ଜିବିତ ରଖିବେ ସେଥିପାଇଁ ଚେଷ୍ଟା କରିବା ଦରକାର।
-**ପ୍ରଫୁଲ୍ଲ କୁମାର ନାୟକ**, ସାମାଜିକ କର୍ମୀ, ଦେବଗଡ




ଦୀର୍ଘବର୍ଷ ହେବ ଆମେ ଏହି ଅସ୍ଥାୟୀ ବେପାର କରି ଆସୁଛୁ। ଏଥିପାଇଁ ଭଲ ରୋଜଗାର ମଧ୍ୟ ହୋଇଥାଏ। ଦୋକାନ ଖୋଲିବା ଦିନଠୁ ଗ୍ରାହକଙ୍କୁ ରଙ୍ଗ କିଣାବିକା ସମୟରେ ଆମେ ରଙ୍ଗରେ ରଙ୍ଗେଇ ହୋଇ ଫଗୁ ବିକିଥାଉ। ସମସ୍ତ ଦୋକାନୀ ଭାଇ ସେଇଠି ହିଁ ରଙ୍ଗ ଖେଳିଥାଉ। ଏହି ପର୍ବ ଭାଇଚାରର ପର୍ବ। ହୋଲି ପରେ ସମସ୍ତ ଦୋକାନୀ ବଣଭୋଜି କରିବାକୁ ଚାଲିଯାଉ ।
-**ଆଶିଷ ପୃଷ୍ଟି**, ରଙ୍ଗ ଦୋକାନୀ, ଦେବଗଡ।



ସ୍ନେହ ଓ ଭାଇଚାରାର ପର୍ବହୋଲି ପାଇଁ ପ୍ରଥମେ ଅଭିନନ୍ଦନ। ଦୁଇଦିନ ଧରି ସକାଳୁ ପ୍ରଥମେ ରାଧାକୃଷ୍ଣ ତଥା ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ସହ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ, ସାହିପଡିଶାରେ ଛୋଟବଡ ସାଙ୍ଗସାଥୀଙ୍କ ମେଳରେ ହୋଲି ଖେଳି ଖୁବ ମଜା ଉଠାଇଥାଉ । ଦଧିହାଣ୍ଡି ଭଙ୍ଗାରେ ମଜା ଉଠାଇଥାଉ। ହୋଲିଖେଳ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିଥାଏ।
-**ଶ୍ରୀତମ ଝାଙ୍କର**, ଛାତ୍ର, ଦେବଗଡ



ଦୁଇଦିନ ଧରି ସମସ୍ତେ ଏହି ଉତ୍ସବକୁ ଧୁମଧାମରେ ପାଳନ କରିଥାଉ। ଏଥିସହ ଛକଛକରେ ଆୟୋଜିତ ହେଉଥିବା ଦଧିହାଣ୍ଡି ଭଙ୍ଗା ଉତ୍ସବରେ ଯୋଗଦେଇ ଏହାର ମଜ୍ଜା ଉଠାଉ। ବୁଲିବୁଲି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ପରେ ବଣଭୋଜିର ମଜା ଉଠାଉ। ତେବେ ରାସାୟନିକ ରଙ୍ଗକୁ ସମ୍ପୂର୍ଣ୍ଣ ବାରଣ କରିଥାଉ। ବିଭିନ୍ନ ସାହିରେ ହେଉଥିବା ଦୋଳଯାତ୍ରା ବେଶ ନିଆରା।
-**ମୋତିଲାଲ ଶର୍ମା**, ବ୍ୟବସାୟୀ, ଦେବଗଡ଼

### ଜିଏମ୍‌ୟୁ ପଦାର୍ଥ, ରସାୟନ ବିଜ୍ଞାନ କର୍ମଶାଳା

ସମ୍ବଲପୁର,୧୯।୩ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଏସ.କେ. ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ସମ୍ମାନୀତ ଅତିଥି ଥିଲେ । ଅତିଥିମାନେ ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ମେଟେରିଆଲ ସାଇନ୍ସ ବିଷୟରେ ଆଲୋଚନା କରିଥିଲେ। ଉପ କୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣଦେଇଥିବା ବେଳେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସତ୍ୟନାରାୟଣ ଚାଉଳିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । କର୍ମଶାଳା ସଂଯୋଜକ ଡ. ନିରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କୁଳସଚିବ ଗିରିଶ ଚନ୍ଦ୍ର ସିଂ ସୂଚନା ପ୍ରଦାନ କରିଥିଲେ । ଶେଷରେ ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଏସ.ଏସ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପ୍ରଫେସର ଶଙ୍କରପ୍ରସାଦ ପତି, ଡ. ପ୍ରସନ୍ନ କୁମାର ମିଶ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳାରେ ସଭାପତିତ୍ୱ କରିଥିଲେ । ଏଥିରେ ରାଉରକେଲା ଏନଆଇଟି, ବିଲାସପୁର, ନାଗପୁରର ଅଧ୍ୟାପକମାନେ ସାମିଲ ହୋଇ ଥିଲେ।

- ଏସ୍‌ଏଚ୍‌ଜି ସଭାଗୃହ ନିର୍ମାଣ ସ୍ଥାନ ନିରୂପଣକୁ ବିରୋଧ

# ପଞ୍ଚାୟତ ଅଫିସ ଘେରିଲେ ମହିଳା

ଲଖନପୁର,୧୯।୩(ଡି.ଏନ୍.ଏ.)

ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ଅସନ୍ତୋଷ ଦେଖାଦେଉଛି। ଫଳରେ ବିକାଶରେ ବାଧା ସୃଷ୍ଟି ହେଉଛି। ଏଭଳି ସ୍ଥିତି ଦେଖାଦେଇଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କଣ୍ଡେଇକେଲା ପଞ୍ଚାୟତରେ। କଣ୍ଡେଇକେଲା ଗ୍ରାମରେ ଏସ୍‌ଏଚ୍‌ଜି ସଭାଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଛି। ତେବେ ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା ନ କରି ସଭାଗୃହ ନିର୍ମାଣ ପାଇଁ ଗ୍ରାମ ବାହାରେ ସ୍ଥାନ ନିରୂପଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଗ୍ରାମର ୭ ଏସ୍‌ଏଚ୍‌ଜିର ଶତାଧିକ ମହିଳା ବିରୋଧ କରି ମଙ୍ଗଳବାର ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ମା' ଗଙ୍ଗା, ମା' ତାରିଣୀ, ମା' ସରସ୍ୱତୀ, ମା' ପତ୍ରାହାସିନୀ, ମା' ଲକ୍ଷ୍ମୀ, ମା' ଦୁର୍ଗା ଆଦି ଏସ୍‌ଏଚ୍‌ଜିର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ।



ଏସ୍‌ଏଚ୍‌ଜି ସଦସ୍ୟାମାନେ ପଞ୍ଚାୟତ ଅଫିସ ଘେରାଉ କରି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦାବି ମୁତାବକ ଆମ ଗାଁ ଆମ ବିକାଶ ଯୋଜନାରେ ସାଢ଼େ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସଭାଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଗ୍ରାମ ବାହାରେ ଥିବା ଏକ ଜଳାଶୟ ନିକଟରେ ଏହି ସଭାଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇ ପ୍ରକଳ୍ପର ନାମଫଳକ ଲଗାଯାଇଛି। ଏହି ସ୍ଥାନ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ। ମହିଳାମାନେ ଏହାକୁ ବିରୋଧ କରୁଛନ୍ତି। ତେଣୁ ଏଠାରେ କାହା ସ୍ୱାର୍ଥରେ ସଭାଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ପ୍ରଶ୍ନ କରାଯାଇଛି। ଯଦି ସଭାଗୃହ ନିର୍ମାଣ ସ୍ଥାନ ପରିବର୍ତ୍ତନ କରା ନ ଯାଏ ତେବେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଗାମୀ ଦିନରେ ପଞ୍ଚାୟତ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ କଂସରାଳୀ କହିଛନ୍ତି, ସରପଞ୍ଚ ଓ ସମିତିସଭ୍ୟ ସ୍ଥାନ ନିରୂପଣ କରିଛନ୍ତି। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି କଂସରାଳୀ ସଫେଇ ଦେଇଛନ୍ତି। ସରପଞ୍ଚ ଯାଜ୍ଞସେନୀ ଖଡ଼ିଆ କହିଛନ୍ତି, ସମ୍ପୃକ୍ତ ଜଳାଶୟ ନିକଟରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ମନ୍ଦିରକୁ ବହୁ ଭକ୍ତ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସେଠାରେ ସଭାଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯଦି ମହିଳାମାନେ ଏହାକୁ ବିରୋଧ କରୁଛନ୍ତି ତେବେ ଅନ୍ୟ ସ୍ଥାନରେ ନିର୍ମାଣ କରାଯିବ ବୋଲି ଖଡ଼ିଆ କହିଛନ୍ତି।

# ୧୪ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଗଲା

- ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ୍‌ର ଚଢ଼ାଉ ଜାରି
- ଅବକାରୀ ବିଭାଗ ନିଶାଦ୍ରବ୍ୟ କାରବାର ରୋକିବାକୁ ଅଣ୍ଟା ଭିଡିଛି

ଲଇକେରା / ଲଖନପୁର,୧୯।୩ (ଡି.ଏନ୍.ଏ.)

ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଅବକାରୀ ଚଢ଼ାଉ ଜୋରଦାର କରାଯାଇଛି। ମଙ୍ଗଳବାର ଝାରସୁଗୁଡ଼ା ଜିଲା ଲଇକେରା ଓ ରେଙ୍ଗାଲି ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪ କୁଇଣ୍ଟାଲରୁ ଅଧିକ ମହୁଲ ପୋଚ ନଷ୍ଟ କରିଛି। ଲଇକେରା ଥାନାଧିକାରୀ ବିଶ୍ୱପତି ପଣ୍ଡାଙ୍କ ନିର୍ଦ୍ଦେଶରେ ସାହାସପୁର ଫାଣ୍ଡି ଅଧିକାରୀ ସୁନାପଡ଼ା ଜଙ୍ଗଲରେ ଚଢ଼ାଉ କରି ୩.୫ କୁଇଣ୍ଟାଲରୁ ଅଧିକ ପୋଚ ନଷ୍ଟ କରିଛନ୍ତି। ସେଠାରୁ ୫୦ ଲିଟର ମହୁଲ ମଧ୍ୟ ଜବତ କରାଯାଇଛି। ସେହିପରି ବାଗଡିହି ଫାଣ୍ଡି ଅଧିକାରୀ ଦେଓପାଏନ, କୁବାପଡ଼ା ଜଙ୍ଗଲରେ ଚଢ଼ାଉ କରି ୬.୫ କୁଇଣ୍ଟାଲ ପୋଚ ନଷ୍ଟ କରିବା ସହ ୧୦ ଲିଟର ମହୁଲ ଜବତ କରିଛନ୍ତି। ତେବେ ଏହି ଦୁଇ ଘଟଣାରେ କାହାକୁ ଗିରଫ କରାଯାଇ ପାରିନାହିଁ। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

ରେଙ୍ଗାଲି ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ ଲିମ୍‌ଡିହି ଗ୍ରାମ ନାଳ ନିକଟରେ ଚଢ଼ାଉ କରି ୪ କୁଇଣ୍ଟାଲ ପୋଚ ନଷ୍ଟ କରିଛି। ପୋଲିସର ଏଭଳି ଚଢ଼ାଉ ଯୋଗୁ ବେଆଇନ ମଦ ବ୍ୟସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚଢ଼ାଉରେ ଥାନା ଏସ୍‌ଆଇ ସବିତା ନାୟକ, ଏଏସ୍‌ଆଇ ପ୍ରହ୍ଲାଦ ପ୍ରଧାନ, ବିଜୟ ପ୍ରଧାନ, ଦୀପକ ଭୋଇ, ସୌଦାମିନୀ ପାଣିଗ୍ରାହୀ, ମନୋଜ ଭୋଇ, ସୁରେଶ ପୂଜାରୀ, ହୃଦାନନ୍ଦ ପ୍ରଧାନ, ଧିରଜ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

- ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

# ପ୍ରଥମ ଦିନରେ ୧୩ ନାମାଙ୍କନ ଫର୍ମ ବିକ୍ରି

ଝାରସୁଗୁଡ଼ା ଅଫିସ,୧୯।୩

ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳ ଓ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଝାରସୁଗୁଡ଼ା ଉପଜିଲାପାଳ ତଥା ନିର୍ବାଚନ ରିଟର୍ନିଂ ଅଫିସର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶ ପରେ ମଙ୍ଗଳବାରଠାରୁ ହିଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ ମଧ୍ୟ ୧୩ ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ଜିଲାର ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ୧୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଫର୍ମ କ୍ରୟ କରିଛନ୍ତି। ନାମାଙ୍କନପତ୍ର କ୍ରୟ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ଏପରି କି କେତେକ ରାଜନୈତିକ ଦଳ ଟିକେଟ ଆଶାୟୀ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି।

ଝାରସୁଗୁଡ଼ା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରଥମ ଦିନରେ ୭ ଜଣ ଓ ବ୍ରଜରାଜନଗର ପାଇଁ ୬ ଜଣ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ବ୍ରଜରାଜନଗର ଆସନ ପାଇଁ ଭାଜପାରୁ ରାଧାରାଣୀ ପଣ୍ଡା, ବିଜେଡିରୁ ଆଇନଜୀବୀ ସନ୍ଦୀପ ଅୱସ୍ଥୀ, ସିପିଆଇରୁ ରମେଶ ତ୍ରିପାଠୀ, ଏନ୍‌ସିପିରୁ ଶଙ୍କର ପ୍ରସାଦ ପାତ୍ର ଏବଂ ସ୍ୱାଧୀନ ଭାବେ ଅଜୟ ପ୍ରସାଦ ମଣ୍ଡଳ ଓ ପାର୍ବତୀ ବେହେରା ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ସେହିପରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ବିଜେଡିରୁ ପୂର୍ବତନ ବାର୍ ସଭାପତି ରଘୁମଣି ପଟେଲ, କଂଗ୍ରେସରୁ ଅଶୋକ ମିଶ୍ର, ସୁଦୀପ୍ତା ପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ଲକ୍ଷ୍ୟରେ ସୀୟାରାମ ଦାସ, ମାନସ ଦାସ, ଲକ୍ଷ୍ମଣ ଯାଦବ ଏବଂ ଦୀପକ କୁମାର ପଟେଲ ମଙ୍ଗଳବାର ନାମାଙ୍କନ ଫର୍ମ କ୍ରୟ କରିଥିବା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

- ବଲାଙ୍ଗୀରରୁ କଂଗ୍ରେସ ପ୍ରାର୍ଥୀ ନରସିଂହ

# ବିଜେଡି, ଭାଜପାର ଗଣିତ ଛିଣ୍ଡୁନି

ବଲାଙ୍ଗୀର ଅଫିସ, ୧୯।୩

ବଲାଙ୍ଗୀର ବିଧାନସଭା ଆସନ ପାଇଁ ପୁରୁଖା ନେତା, ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପୁଣି ଦଳୀୟ ଟିକେଟ ଦେଇଛି । ଏନେଇ ସୋମବାର ବିଳମ୍ବିତ ରାତ୍ରିରେ ବିଧିବଦ୍ଧ ଘୋଷଣା ହେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ, ନେତା ଓ ସମର୍ଥକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନ୍ୟପଟେ ପ୍ରତିପକ୍ଷ ବିଜେଡି ଓ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଗଣିତ ଛିଣ୍ଡୁ ନ ଥିବା ଜଣାପଡିଛି । ବିଜେଡି ପକ୍ଷରୁ ୫୪ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଥିଲେ ମଧ୍ୟ ବଲାଙ୍ଗୀର ଜିଲାର ବଲାଙ୍ଗୀର ସଦର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କଂଗ୍ରେସ ମିଶ୍ରଙ୍କ ନାମ ଘୋଷଣା କରି ପ୍ରତିପକ୍ଷ ବିଜେଡି ଓ ଭାଜପା ଉପରେ ଚାପ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଶୁଣିବାକୁ ମିଳୁଛି। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ଆସନ ଯଥା ପାଟଣାଗଡ଼, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଆସନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବିଜେଡି ଶିବିରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ପୁଅ ଅର୍କେଶ ନାରାୟଣ ସିଂଦେଓ, ସମାଜିକ କର୍ମୀ ଲଳିତ କୁମାର ନାୟକ, ହରେକୃଷ୍ଣ ଷଡଙ୍ଗୀ, ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ନବୀନ ନିବାସରେ ତନାଘନା ଉଦ୍ୟମ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନଙ୍ଗଙ୍କ ବଡପୁଅ ତଥା ଲୋକସଭା ଏମପି କଲିକେଶ ନାରାୟଣ ସିଂଦେଓଙ୍କୁ ଚଳିତ ନିର୍ବାଚନ ପାଇଁ ଦଳ ପୁଣି ଥରେ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି। ଏଭଳି କ୍ଷେତ୍ରରେ ଗୋଟିଏ ପରିବାରରୁ ଅନଙ୍ଗଙ୍କ ସାନପୁଅ ଅର୍କେଶଙ୍କୁ ଆଉ ଗୋଟିଏ ଦଳୀୟ ଟିକେଟ ମିଳିବ କି ନାହିଁ ସେନେଇ ବିଜେଡି କର୍ମୀ ଓ ସମର୍ଥକ ମହଲରେ ବି ଆଶଙ୍କା ଦେଖାଦେଇଛି । ଅର୍କେଶଙ୍କ କିଛି ସମର୍ଥକ ଦଳୀୟ ଟିକେଟ ନିଶ୍ଚୟ ପାଇବେ ବୋଲି ଦୃଢ଼ ଆଶାବାଦୀ ଥିଲେ ମଧ୍ୟ ଟିକେଟ ଘୋଷଣାକୁ ନେଇ ବିଳମ୍ବ ହେଉଥିବାରୁ ଚାପର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଜେଡି ଆଶାୟୀ ତାଲିକାରେ ଥିବା ଲଳିତ, ଷଡଙ୍ଗୀ, ଶ୍ରୀମୟୀ ଟିକେଟ ହାତେଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିବା କୁହାଯାଉଛି ।

ଭାଜପାରେ ଡା. ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ଅନନ୍ତ ଦାଶ ଟିକେଟ ଦୌଡରେ ରହିଥିଲେ ମଧ୍ୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ସମର୍ଥକଙ୍କ ମହଲରେ ମଧ୍ୟ ଶଙ୍କା ବଢ଼ିବାରେ ଲାଗିଛି। ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ନିଧନ ପରେ ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବା କୁହାଯାଉଛି । ତେବେ କଂଗ୍ରେସ ପ୍ରଥମରୁ ନରସିଂହ ମିଶ୍ରଙ୍କ ନାମ ଘୋଷଣା କରିଥିବାରୁ ହେଭିୱେଟ୍ ନେତାଙ୍କୁ ଟକ୍କର ଦେବାପାଇଁ ପ୍ରତିପକ୍ଷ ଭାଜପା ଓ ବିଜେଡି କେଉଁ ଆଶାୟୀଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେବ ତାହା ଚର୍ଚ୍ଚାର ବିଷୟ ହୋଇଛି।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ



## ସଂକ୍ଷେପରେ

### ଗଛକୁ ପିଟିଲା ବାଇକ୍: ୨ ଗୁରୁତର

**ଘଣ୍ଟାପଡ଼ା, ୧୯।୩ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ କୁଲୁତାଯୋରଠାରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯିବାରୁ ଦୁଇଜଣ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ପଶ୍ଚିମବଙ୍ଗ ରାଜ୍ୟର ମିଲୁ ଓ ମିରାଜ ନୂଆପାଲି ଗ୍ରାମରେ ରହି ମିସ୍ତ୍ରୀ କାମ କରୁଥିଲେ । ସେମାନେ ମଙ୍ଗଳବାର ଘର ମାଲିକଙ୍କ ବାଇକ (ନଂ.ଓଡି଼୦୩ଏ/୭୭୯୧) ଯୋଗେ ନୂଆପାଲିରୁ କୁଲୁତାଯୋର ଆସୁଥିବା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯାଇଥିଲା। ଫଳରେ ଦୁଇ ଜଣ ଛିଟିକି ପଡିଥିଲେ । ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ଘଣ୍ଟାପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

### ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ସ୍ଥିତ ଏଟିଏମରେ ଚୋରି ଉଦ୍ୟମ ହୋଇଛି। ସୋମବାର ରାତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏହି ଏଟିଏମରୁ କେହି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରିଥିଲା। ସକାଳୁ ଏହା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏଟିଏମକୁ ଲୁହା ରଡରେ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଟଙ୍କା ଚୋରି ହୋଇ ନ ଥିବା ଜଣାପଡିଛି । ଝାରବନ୍ଧ ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ସିସି କ୍ୟାମେରାକୁ ଭଙ୍ଗା ଯାଇଥିବାରୁ ଚୋରକୁ ଧରିବାରେ ବିଳମ୍ବ ହେଉଛି ।

### ଷୋହଳ ପ୍ରହର ନାମଯଜ୍ଞ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛେଲିଆପାଲି, ଭଗତପୁର, ମେମରା, ପଗାରପାଣି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଗାଁରେ ଥିବା ଜଗନ୍ନାଥ ମନ୍ଦିର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଅବସରରେ ଗ୍ରାମବାସୀଙ୍କ ତରଫରୁ ଏହି ଆୟୋଜନ କରାଯାଇଥିଲା । ଗାଁର ଗୌନ୍ତିଆ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ପଣ୍ଡିତ ଝସକେତନ ନନ୍ଦ ପୂଜା କାର୍ଯ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ନାଏକ, ଚୁନୁଲାଲ ଝଗରା, ସୁବାଷ କଳାରୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ପ୍ରତିଦିନ ଅନ୍ନଭୋଗର ଆୟୋଜନ କରାଯାଇଥିଲା ।



### ବେଆଇନ ଇଟାଭାଟିକୁ ଲଗାମ ନାହିଁ

**ମନମୁଣ୍ଡା, ୧୯।୩ (ଡି.ଏନ.ଏ):** କଣ୍ଟାମାଳ ତହସିଲ ଅନ୍ତର୍ଗତ ମନମୁଣ୍ଡା ଓ ପରା ଆର୍‌ଆଇ ସର୍କଲ ଅଞ୍ଚଳରେ କେତେକ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ହୋଇଛି । ଇଟା ପୋଡିବାରେ ବ୍ୟାପକ କାଠ ବ୍ୟବହାର କରାଯାଉଛି । ଏତେ ପରିମାଣର କାଠ କେଉଁଠୁ ଆସୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ତହସିଲଦାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ହରିଶ୍ଚନ୍ଦ୍ର ଯୋଜନା ବାଟବଣା

**ମନମୁଣ୍ଡା, ୧୯।୩ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘିକୁଣ୍ଡି ପଞ୍ଚାୟତ ରତାଖଣ୍ଡି ଗାଁର ବୃନ୍ଦାବନ ଦନ୍ତା, ବିନୋଦିନୀ ତରିଆ, ମଦନ ଖମାରୀ, ବେଦ ମେହେର, କୃଷ୍ଣ ବଗର୍ତ୍ତି, ସୁନ୍ଦର ଦେହୁରୀଙ୍କ ମୃତ୍ୟୁ ଘଟିବାର ଦୀର୍ଘ ମାସ ପରେ ବି ସେମାନଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନ କରାଯାଇନାହିଁ। ମୃତକଙ୍କ ପରିବାର ପକ୍ଷରୁ ଶୁଶୀଳା ଦନ୍ତା, ତ୍ରିନାଥ ତରିଆ, ବିଦେଶୀ ଖମାରୀ, ଓମ୍‌ପ୍ରକାଶ ମେହେର, ବାକ ବଗର୍ତ୍ତି ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି । ଏ ନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

# ପ୍ରାର୍ଥୀ ଘୋଷଣା ପରେ ବଢ଼ିଲା ତାତି

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ଜିଲା
- କଂଗ୍ରେସ ଶିବିରରେ ଉଠିଲା ଝଡ଼
- ଭାଜପାର ପ୍ରାର୍ଥୀ ତାଲିକା ବିଳମ୍ବିତ
- ମନ୍ତ୍ରୀ ପଦକୁ ନେଇ ଏବେଠୁ ଅଡୁଆ

ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବରଗଡ଼ ଜିଲା ରାଜନୀତି ଚଳଚଞ୍ଚଳ ହୋଇ ପଡ଼ିଛି । ଭାଜପା ପଛରେ ପଡ଼ିଯାଇ ଥିବାବେଳେ ସୋମବାର ଦିନ ବେଳା ବିଜେଡ଼ି ଏବଂ ମଧ୍ୟରାତିରେ କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏହାପରେ ଜିଲାରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି । ବିଜେପୁର ଆସନରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରାର୍ଥୀ ଭାବେ ପାଇ ଜିଲାର ଦଳୀୟ ନେତା ଓ କର୍ମୀଙ୍କଠାରୁ ଆରମ୍ଭ କରି ପ୍ରାର୍ଥୀ ପର୍ଯ୍ୟନ୍ତ ସମସ୍ତେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଛନ୍ତି। ଅନ୍ୟପଟେ ବରଗଡ଼ ବିଧାନସଭା ସମେତ ଲୋକସଭା ଆସନରେ ଦୁଇ ନୂଆମୁହଁ ନିର୍ବାଚନକୁ ମଇଦାନକୁ ଓହ୍ଲାଇବା ଏବଂ ଦଳୀୟ ଟିକେଟ୍‌ରୁ ବଞ୍ଚିତ ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ନିଜ ସମର୍ଥକଙ୍କ ସହିତ ଦଳ ଛାଡ଼ିବା କଂଗ୍ରେସ ଶିବିରରେ ଝଡ଼ ସୃଷ୍ଟି କରିଛି । ସେହିପରି ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାବେଳେ ତାଲିକାରେ କାହାକୁ ସ୍ଥାନିତ କରିବ ଏବଂ କିଏ ବାଦ୍ ପଡ଼ିବେ, ତାକୁ ନେଇ ମଧ୍ୟ ସସ୍‌ପେନ୍ସ ଜାରି ରହିଛି। ଏଭଳି ସ୍ଥିତିରେ ଜିଲା ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି ।

ବହୁଚର୍ଚ୍ଚିତ ବିଜେପୁର ଆସନରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଦଳ ପକ୍ଷରୁ କୌଣସି ସୂଚନା ମିଳି ନ ଥିଲେ ମଧ୍ୟ ସେ ଆସନ୍ତା ୨୫ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ ବୋଲି ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯିବା ସ୍ୱାଭାବିକ। କିନ୍ତୁ ମୁଖ୍ୟମନ୍ତ୍ରୀ ଯଦି ବିଜେପୁର ଆସନରୁ ବିଜୟୀ ହେବା ସହିତ ଆଗକୁ ରାଜ୍ୟର ଶାସନଭାର ନିଅନ୍ତି ଏବଂ ଜିଲାର ଏକାଧିକ ଦଳୀୟ ପ୍ରାର୍ଥୀ ନିର୍ବାଚିତ ହୁଅନ୍ତି। ସେତେବେଳେ ମନ୍ତ୍ରୀମଣ୍ଡଳରେ ବର୍ତ୍ତମାନ ଭଳି ଏକାଧିକ ନିର୍ବାଚିତ ପ୍ରାର୍ଥୀଙ୍କୁ ମନ୍ତ୍ରୀପଦ ମିଳିବ କି ନାହିଁ, ତାକୁ ନେଇ ଏବେଠାରୁ କଳ୍ପନାଜଳ୍ପନା ପ୍ରକାଶ ପାଇବା ଆରମ୍ଭ ହୋଇଗଲାଣି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ପ୍ରାର୍ଥୀ ହେବା ପରେ ବିଜେଡ଼ି ପ୍ରତି ଅହେତୁକ ଜନସମର୍ଥନ ବୃଦ୍ଧି ପାଇଛି । ଗତ ବର୍ଷେ ତଳେ ମୁଖ୍ୟମନ୍ତ୍ରୀ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଘୋଷଣା କରିଥିଲେ ଏବଂ ଏଠାରୁ ପ୍ରାର୍ଥୀ ହୋଇ ତାକୁ ସେ ପ୍ରତିପାଦିତ ମଧ୍ୟ କରିଛନ୍ତି । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜିଲାର ବିକାଶଧାରା ଆଶାତୀତ ଭାବେ ଆଗେଇବ, ଏଥିରେ ସନ୍ଦେହ ନାହିଁ।

କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ପରେ ଜିଲାରେ ବିଜେଡ଼ି ଦୁର୍ଗ ଭାଙ୍ଗି ଏଥର ସଫଳତା ହାସଲ କରିବ ବୋଲି କଂଗ୍ରେସ ଆଶାବାଦୀ ରହିଛି । ମାତ୍ର ପ୍ରାର୍ଥୀ ତାଲିକା ଘୋଷଣା ପରେ କଂଗ୍ରେସ ଶିବିରରେ ଝଡ଼ ସୃଷ୍ଟି ହୋଇଛି । ପୂର୍ବତନ ବିଧାୟକ ନେପାକ ନିଜ ସମର୍ଥକଙ୍କ ସହ ଇସ୍ତଫା ଦେଇଛନ୍ତି। ତାହା ଦଳ ଉପରେ କିଛି ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ଅନୁମାନ କରାଯାଉଛି । ସେହିପରି ଇତିମଧ୍ୟରେ ବିଜେପୁର ଓ ଭଟଲି ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଏହି ଦୁଇ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହେବା ପରେ ସମ୍ପୃକ୍ତ ନିବାଚନ ମଣ୍ଡଳୀର ଦଳୀୟ ନେତା ଓ କର୍ମୀଙ୍କ ମନୋବଳ କିଭଳି ରହିବ, ତାହା ସମୟ କହିବ । ବରଗଡ଼ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ନିପନ କୁମାର ଦାଶ କହିଛନ୍ତି, କଂଗ୍ରେସ ଦଳର କର୍ମୀ କେବେ ମଧ୍ୟ ଦଳକୁ ଛାଡ଼ି ପାରିବ ନାହିଁ । ଆଉ ଯଦି ଜଣେ କେବଳ ଦଳୀୟ ଟିକେଟ୍ ଆଶା ନେଇ ଦଳରେ ରହିଥିବ, ତାହା ମଧ୍ୟ ସମୀଚୀନ ନୁହେଁ। ଏଥର ଦଳ ମୋ ପ୍ରତି ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବା ଯୋଗୁ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ଧନ୍ୟବାଦ ଜଣାଉଛି । ଦଳର ସମସ୍ତ ନେତା, କର୍ମୀ ଓ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହଯୋଗରେ କଂଗ୍ରେସ ଏଥର ଏଠାରୁ ନିଶ୍ଚୟ ବିଜୟ ଲାଭ କରିବ ବୋଲି ଆଶା ରଖିଛି ।

ଭାଜପା ମଧ୍ୟ ସେଭଳି ଚର୍ଚ୍ଚାରୁ ପଛରେ ପଡ଼ିନାହିଁ । ବିଜେପୁର ଉପନିର୍ବାଚନବେଳେ ପ୍ରାର୍ଥିତ୍ୱକୁ ନେଇ ଦଳକୁ ଆରମ୍ଭରୁ ଯେଉଁଭଳି ଝଟ୍‌କା ଲାଗିଲା, ଏହି ନିର୍ବାଚନରେ ତାର ପୁନରାବୃତ୍ତି କରିବାକୁ ଭାଜପା ଚାହୁଁନାହିଁ। ଫଳରେ ମାପଚୁପ କରି ଦଳ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରୁଥିବା ସାଧାରଣରେ ଆଲୋଚନା ହେଉଛି । କିନ୍ତୁ ଅନ୍ୟ ଦଳ ଭଳି ଭାଜପାରେ ମଧ୍ୟ ଆଶାୟୀଙ୍କ ତାଲିକା ଲମ୍ବା ରହିଥିବାରୁ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ସମ୍ଭାବ୍ୟ ଦଳୀୟ ଅସନ୍ତୋଷକୁ ଏଡ଼ାଇ ଦେଇ ହେଉନାହିଁ। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏଥର ବରଗଡ଼ ଲୋକସଭା ଆସନ ସମେତ ଜିଲାର ୫ଟି ବିଧାନସଭା ଆସନକୁ ଭାଜପା ନିଜ ଦଖଲକୁ ନେବ । ଦଳ ଠିକଣା ସମୟରେ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବ ।

## ପାଣିରେ ବୁଡ଼ି ଯୁବକ ମୃତ

**ଲଇକେରା,୧୯।୩(ଡି.ଏନ୍.ଏ.)**

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲଇକେରା ଗ୍ରାମର ଟେକରାମ ନାଗ (୨୭) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ଟେକରାମଙ୍କର ପୂର୍ବରୁ ବାତ ରୋଗ ଥିଲା । ମଙ୍ଗଳବାର ସକାଳେ ସେ ବାଘରବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଆସିଥିଲେ। ଘାଟରେ ନିଜ ଚପଲ, କପଡ଼ା ଓ ମୋବାଇଲ ରଖି ପାଣିରେ ପଶିଥିଲେ। ଏହି ସମୟରେ ତାଙ୍କୁ ବାତ ମାରିଥିଲା। ଫଳରେ ସେ ବୁଡ଼ିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପୋଖରୀ ନିକଟକୁ ଆସି ଘାଟରେ ଟେକରାମଙ୍କ ଚପଲ ଓ ଗାମୁଛା ଥିବା ଦେଖିଥିଲେ। ସନ୍ଦେହରେ ପାଣିରେ ପଶି ଖୋଜିବା ବେଳକୁ ତାଙ୍କ ମୃତଦେହ ମିଳିଥିଲା। ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ମହିମା ଆଶ୍ରମରେ ବାଲ୍ୟଲୀଳା ଆରମ୍ଭ

**ଅମ୍ବାଭୋନା, ୧୯।୩ (ଡି.ଏନ.ଏ)**



ମହିମା ଆଶ୍ରମରେ ବାଲ୍ୟଲୀଳା ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

ପଶ୍ଚିମ ଓଡିଶାର ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ ବରଗଡ ଜିଲା ଅମ୍ବାଭୋନା ବ୍ଲକର ଚିଚୋଲି-ଭୁକ୍ତା ମହିମା ଆଶ୍ରମଠାରେ ମଙ୍ଗଳବାର ବାଲ୍ୟଲୀଳା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭୁକ୍ତା ସ୍ଥିତ ଶିବମନ୍ଦିର ନିକଟସ୍ଥ ବନ୍ଧରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ଆଣିଥିଲେ । ଅଲେଖ ମହିମା ଧର୍ମୀ ସାଧୁସନ୍ଥଙ୍କ ମଧ୍ୟ ବିଶାଳ ସମାବେଶ ହୋଇଥିଲା। ଖଞ୍ଜଣୀ ଆଠଭଜନ ସାଙ୍ଗକୁ ପ୍ରକାଶପୁର ହାତଗୁଣ୍ଡି ପଡିଆଠାରେ ସ୍ୱଧର୍ମ ଚେତନା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରବକ୍ତା ଅନନ୍ତ ଚରଣ ଦାସ ପ୍ରବଚନ ମାଧ୍ୟମରେ ଆଧ୍ୟାତ୍ମିକ ଚେତନାରେ ଭକ୍ତମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ସହସ୍ରାଧିକ ଭକ୍ତଙ୍କୁ ଅନ୍ନପ୍ରସାଦ ଦିଆଯାଇଥିଲା। ବ୍ରହ୍ମାବଧୁତ ଉଦ୍ଧବ ଚରଣ ବାବା, ସନ୍ଥ ଦାରୁକ, ସ୍ୱରୂପା, କାହ୍ନା ପ୍ରମୁଖ ଏହି ବାଲ୍ୟଲୀଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମହିମା ଆଶ୍ରମ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଧାନ, ସମ୍ପାଦକ ଦାମୋଦର ପଟେଲ, ସଭ୍ୟ ଗୌତମ ଦୁଆନ, ଫକୀର ପଧାନ, ମହେନ୍ଦ୍ର ସାହୁ, ଧନୀରାମ ପଟେଲ, ବର୍ଦ୍ଧୁ ସା, ଭଗତ ପଧାନ, ରାଜାରାମ ସା ପ୍ରମୁଖ ସହଯୋଗ କରିଥିଲେ ।

## ଜୁନିୟର ରେଡ଼କ୍ରସ ଶିବିର

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନବଜ୍ୟୋତି ହାଇସ୍କୁଲ ପ୍ରାଙ୍ଗଣରେ ଚାଲିଥିବା ଜୁନିୟର ରେଡ଼କ୍ରସ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ରାଜ୍ୟ ସାଧନ କର୍ମୀ ଗୁରୁଚରଣ ବେହେରା ରେଡ଼କ୍ରସ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଏଏନଏମ ପୁଷ୍ପାଞ୍ଜଳି ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ଉପରେ ଶିବିରାର୍ଥୀଙ୍କୁ ବୁଝାଇଥିଲେ । ରାଜ୍ୟ ସାଧନ କର୍ମୀ ସତ୍ୟନାରାୟଣ ହୋତା ସ୍କୁଲ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । ସେହିପରି ଡଃ ଡୋଲାମଣି ଶତପଥୀ ବନୀକରଣ, ସ୍ୱାସ୍ଥ୍ୟସେବା ଉପରେ ଅଭିଭାଷଣ ରଖିଥିବାବେଳେ ଚୂଡ଼ସୁନ୍ଦର ମେହେର ରେଡ଼କ୍ରସର ଇତିହାସ ଉପରେ କହିଥିଲେ । ଧର୍ମରାଜ ପ୍ରଧାନ ରେଡ଼କ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରବନ୍ଧ, ପେଣ୍ଟିଂ ଏବଂ କୁଇଜ୍ ପ୍ରତିଯୋଗିତାକୁ ଭୁବନେଶ୍ୱର ମହାକୁର, ମନୋଜ ସାହୁ, କିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ପରେ ଦଳ ଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଉପସ୍ଥିତ ଥିଲେ। ରାଜ୍ୟ ବରିଷ୍ଠ ସାଧନ କର୍ମୀ ଗୁରୁଚରଣ ବେହେରା, ଡଃ ସତ୍ୟ ନାରାୟଣ ହୋତାଙ୍କୁ ଜିଲା ଶିକ୍ଷା ଅଧିକାରୀ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ । କନିଷ୍ଠ ଶାରୀରିକ କ୍ରୀଡ଼ା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ, ମୁନସୀ ପାତ୍ର, ଡୋଲାମଣି ସାହୁ, ପରିତୋଷ ବେହେରା, ସରୋଜିନୀ ବାରିକ, ଆଲୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଇଆଇଏଚଟିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଜଣେ କୃତୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ସହର ଉପକଣ୍ଠ ଖେଦାପାଲିରେ ରହିଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ୍ ଟେକ୍ନୋଲୋଜି(ଆଇଆଇଏଚଟି)ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଗତ ୧ତାରିଖରୁ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱଚ୍ଛତା ଉପରେ ସ୍ଲୋଗାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସମସ୍ତେ ସ୍ୱଚ୍ଛତାକୁ ନେଇ ଶପଥ ଗ୍ରହଣ କରିଥିଲେ । ଡିଜାଇନର ରାଜେନ୍ଦ୍ର ସିକନ୍ଦର, ଏମ.ଭି ସାପତ୍‌ଲେକରଙ୍କ ସମେତ ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚାଇନା ସାମଗ୍ରୀ ପୋଡ଼ିଦେଲେ ବ୍ୟବସାୟୀ

**ଝାରସୁଗୁଡ଼ା ଅଫିସ,୧୯।୩**

ପୁଲଓ୍ୱାମା ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରକୁ ଆନ୍ତର୍ଜାତିକ ଆତଙ୍କବାଦୀ ଘୋଷଣାରେ ଚାଇନାର ପ୍ରତିବନ୍ଧକକୁ ଦୃଢ଼ ବିରୋଧ କରିଛି ଝାରସୁଗୁଡ଼ା ଚାମ୍ବର ଅଫ୍ କମର୍ସ। ମଙ୍ଗଳବାର ଚାମ୍ବର ସଦସ୍ୟମାନେ ଝଣ୍ଡା ଛକଠାରେ ଚାଇନା ପ୍ରସ୍ତୁତ ସାମଗ୍ରୀ ପୋଡ଼ି ଏହାର ପ୍ରତିବାଦ କରିଛନ୍ତି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଡାକରାରେ ମଙ୍ଗଳବାର ସମଗ୍ର ଦେଶରେ ଏଭଳି ପ୍ରତିବାଦ କରାଯାଇଛି। ଦୋକାନବଜାରରୁ ସଂଗୃହୀତ ଚାଇନା ସାମଗ୍ରୀ ପୋଡ଼ାଯାଇଛି। ଏହାସହ ଚାଇନା ସାମଗ୍ରୀ ବ୍ୟବହାର ଏବଂ ବିକ୍ରିନ କରିବାକୁ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ହୀରାଲାଲ ଲୋକଚନ୍ଦାନୀ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ଗୋପାଳରାୟ ଅଗ୍ରୱାଲ, ଚୁନିଲାଲ ଖଦ୍ଧାନି, ଶୈଳେଶ ଗିଦୱାନୀ, ଫକୀର ମୋହନ ବାରିକ, ଘନଶ୍ୟାମ ମନୋଜା, ରଘୁମଣି ପଟେଲ, ଦୟାଳ ନିରୱାନି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଥମଦିନରେ ନାମାଙ୍କନ ଶୂନ

**ବରଗଡ଼ ଅଫିସ୍,୧୯।୩**

ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସ ଥିଲା । ପ୍ରଥମ ଦିନରେ ଜିଲାର ବରଗଡ଼, ଅତାବିରା, ଭଟଲି, ପଦ୍ମପୁର କିମ୍ବା ବିଜେପୁର ଆସନ ପାଇଁ କେହି ନାମାଙ୍କନ ଦାଖଲ କରି ନ ଥିବା ଜଣାପଡ଼ିଛି । ଅନ୍ୟପଟେ କେବଳ ପଦ୍ମପୁର ଆସନ ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଥିବା ସୂଚନା ମିଳିଛି । ସେହିପରି ବରଗଡ଼ ଲୋକସଭା ଆସନ ପାଇଁ ମଧ୍ୟ କେହି ନାମାଙ୍କନ ପତ୍ର ନେଇ ନ ଥିବା ଜଣାପଡ଼ିଛି ।

## ନାମମଣ୍ଡପ ପ୍ରତିଷ୍ଠା ଉତ୍ସବ, କଳସ ଶୋଭାଯାତ୍ରା

**ମନମୁଣ୍ଡା, ୧୯।୩ (ଡି.ଏନ.ଏ)**

ବୌଦ୍ଧ ଜିଲା ବରଗୋଛାଠାରେ ନିର୍ମିତ ନାମମଣ୍ଡପର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ମଙ୍ଗଳବାର ଗଙ୍ଗାବରଣ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଘନଦୀରୁ ୧୦୮ ଜଣ ମହିଳା କଳସରେ ଜଳ ଧାରଣ କରି ଶୋଭାଯାତ୍ରାରେ ନାମମଣ୍ଡପକୁ ଆସିଥିଲେ । ଏଥିରେ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ । ଏହି ଉପଲକ୍ଷେ ନାମଯଜ୍ଞ, ତୁଳସୀ ରାମାୟଣ, ସୁନ୍ଦରାକାଣ୍ଡ, ମହିଳା ଏବଂ ପୁରୁଷ କୀର୍ତ୍ତନ ବୈଠକି, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳିକା ତଥା ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟି ଜଣାଇଛନ୍ତି । କମିଟି ସଭାପତି ଟିକେଶ୍ୱର ମଲିକ, ସମ୍ପାଦକ ବନମାଳୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସାମାଜିକ କର୍ମୀ ଶାନ୍ତନୁ କୁମାର ଥାଟି ଓ ତାଙ୍କ ସ୍ତ୍ରୀ ମମିତା ଥାଟି ଏବଂ ମୁଖ୍ୟ ପୂଜକ ଭାବେ କ୍ଷମାନିଧି ମିଶ୍ର କାର୍ଯ୍ୟ ନିର୍ବାହ କରୁଛନ୍ତି ।



ନାମମଣ୍ଡପ ପ୍ରତିଷ୍ଠା ପାଇଁ ମହିଳାମାନେ ବାଘ ନଦୀରୁ କଳସ ଶୋଭାଯାତ୍ରାରେ ବାହାରିଛନ୍ତି ।

କଲେଜ ଛାତ୍ର ମୃତ୍ୟୁ ଘଟଣା

## ପରିବାର ଲୋକେ ଏସ୍‌ପିଙ୍କୁ ଫେରାଦ ହେଲେ

**ବରଗଡ଼ ଅଫିସ୍,୧୯।୩**



ମୃତ ଛାତ୍ରଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟିବା ପାଇଁ ବରଗଡ଼ ଆସିଛନ୍ତି ।

ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

ବରଗଡ଼ ଜିଲା ଭଟଲି ଦଧିବାମନ ଜୁନିୟର କଲେଜର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ରାଜେଶ ସାହୁଙ୍କ ମୃତ୍ୟୁ ଘଟଣାକୁ ଆଉ ୬ ଦିନ ପରେ ମାସେ ପୂରିବ। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ପରିବାର ଲୋକେ ଭଟଲି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ, ଅଧ୍ୟାପକ ସୁବ୍ରତ ଷଡ଼ଙ୍ଗୀ ଏବଂ ଅନ୍ୟମାନଙ୍କ ବିରୋଧରେ ଦଫା ୩୨୩, ୨୯୪, ୩୦୬, ୩୦୨, ୫୦୬, ୩୪ ଆଇପିସିରେ ଏକ ମାମଲା(ନଂ.୩୭/୧୯) ରୁଜୁ କରିଛି । ହେଲେ ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ । ଏହାକୁ ନେଇ ମୃତ ଛାତ୍ରଙ୍କ ପରିବାର ଲୋକେ ସ୍ଥାନୀୟ ପୋଲିସ ପ୍ରତି ଆସ୍ଥା ହରାଇଛନ୍ତି ଏବଂ ମଙ୍ଗଳବାର ଏ ନେଇ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଛନ୍ତି । ସେମାନେ ଏସ୍‌ପି ଭାମୁଙ୍କୁ ଲିଖିତ ଭାବେ ଜଣାଇବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିବେଦନ କରିଛନ୍ତି ।

ମୃତ ଛାତ୍ରଙ୍କ ବାପା ବରଗଡ଼ ସଦର ଥାନା ପଥର୍ଲା ନିବାସୀ ଦୁର୍ଲ୍ଲଭ ସାହୁ ଅଭିଯୋଗ କରିଛନ୍ତି, ତାଙ୍କ ପୁଅ ରାଜେଶ କଲେଜ ଛାତ୍ରାବାସରେ ରହି ଭଟଲି ଦଧିବାମନ ଜୁନିୟର କଲେଜରେ ପଢୁଥିଲେ । ଗତ ମାସ ୨୦ତାରିଖ ରାତ୍ରି ପ୍ରାୟ ୯ଟା ୫୦ ମିନିଟ୍‌ରେ ରାଜେଶ ଗୁରୁତର ଅସୁସ୍ଥ ଥିବା ଏବଂ ତାଙ୍କୁ ବରଗଡ଼ ହସ୍‌ପିଟାଲ ନିଆଯାଉଥିବା ନେଇ ଫୋନ ଆସିଥିଲା। ଫଳରେ ଦୁର୍ଲ୍ଲଭ ବରଗଡ଼ ହସ୍‌ପିଟାଲକୁ ରାତ୍ରି ୧୦ଟା ୧୦ମିନିଟ୍ ସୁଦ୍ଧା ପହଞ୍ଚିଥିଲେ । କିନ୍ତୁ ସେତେବେଳକୁ ରାଜେଶଙ୍କୁ ହସ୍‌ପିଟାଲ ଅଣାଯାଇ ନ ଥିଲା ଏବଂ ରାତ୍ରି ପ୍ରାୟ ୧୧ଟାରେ ତାଙ୍କୁ ସେଠାକୁ ଅଣାଯାଇଥିଲା । ଏହାପରେ ହସ୍‌ପିଟାଲର ଜରୁରୀକାଳୀନ ୱାର୍ଡ଼ରେ ତାଙ୍କ ଚିକିତ୍ସା କରାଯାଇଥିଲା । ପରଦିନ ସକାଳେ ଜଣେ ଡାକ୍ତର ରାଜେଶ ବିଷ ଖାଇଥିବା ଜାଣିବା ପରେ ତାଙ୍କୁ ତୁରନ୍ତ ବୁର୍ଲା ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ରାଜେଶଙ୍କୁ ବୁର୍ଲା ନେଇ ସେଠାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ୨୨ତାରିଖ ରାତ୍ରିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କୁ ଭର୍ତ୍ତି କରାଗଲା। ସେତେବେଳେ ତାଙ୍କ ବଡ଼ ଭାଇ ପଦ୍ମଲୋଚନ ସାହୁ ରାଜେଶଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ ଏବଂ ନିଜ ମୋବାଇଲରେ ରେକର୍ଡ଼ିଂ କରିଥିଲେ। ସେତେବେଳେ ରାଜେଶ ଏହି ଘଟଣା ପାଇଁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପକ, ଜଣେ ଛାତ୍ର ଏବଂ ଆଉ କିଛି ଲୋକଙ୍କୁ ଦାୟୀ କରିଥିଲେ । ତେବେ ସେଠାରେ ୨୪ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ରାଜେଶ ମୃତ୍ୟୁବରଣ କରିବା ପରେ ୨୫ ତାରିଖରେ ଘଟଣା ସମ୍ପର୍କରେ ପରିବାର ଲୋକେ ପୋଲିସରେ ଏତଲା ଦେଇଥିଲେ। ଏଯାଏ ପୋଲିସ କାହାରିକୁ ଗିରଫ କରି ନ ଥିବା ଯୋଗୁ ଏହି ଘଟଣାରେ ପୋଲିସର ଭୂମିକାକୁ ନେଇ ପରିବାର ଲୋକେ ସନ୍ଦେହ କରିଛନ୍ତି ।

## ସଂକ୍ଷେପରେ

### ସୁବର୍ଣ୍ଣପୁର ଜିଲା ପ୍ରଥମ ଦିବସରେ କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କଲେନି

ସୋନପୁର,୧୯।୩(ନି.ପ୍ର)

ଆସନ୍ତା ଏପ୍ରିଲ ୧୮ ତାରିଖରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବା ନାମାଙ୍କନ ପତ୍ର ଦାଖଲ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାର ୬୪-ବୀରମହାରାଜପୁର ଓ ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଉଭୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। କିନ୍ତୁ ପ୍ରଥମ ଦିବସରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ପ୍ରମୁଖ ଦଳଗୁଡିକ ମଧ୍ୟରେ ବିଜେଡି ବୀରମହାରାଜପୁର ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଦ୍ମନାଭ ବେହେରା ଓ କଂଗ୍ରେସ ବିନୋଦ ପାତ୍ରଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ସେହିପରି ସୋନପୁରରେ ବିଜେଡି ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଓ ଭାଜପା ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ୨୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ସକାଶେ ସୁଯୋଗ ରହିଛି। କିନ୍ତୁ ଛୁଟି ରହୁଥିବାରୁ ହାତରେ ଆଉ କମ୍ ଦିନ ରହୁଛି। ଏଭଳି ସ୍ଥିତିରେ ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇ ନ ପାରିବା ଆଶୟୀଙ୍କୁ ନିରାଶ କରିଛି। ୨୫ ଓ ୨୬ତାରିଖ ଶେଷ ଦୁଇ ଦିନ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିବା ପାଇଁ ସଜବାଜ ହେଉଛନ୍ତି। ଅନ୍ୟପକ୍ଷେ ଆସନ୍ତା ୨୭ରେ ପ୍ରାର୍ଥୀପତ୍ରଗୁଡିକ ସମ୍ପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କ ପ୍ରକୋଷ୍ଠରେ ଯାଞ୍ଚ କରାଯିବ। ନାମାଙ୍କନ ପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ମତଦାନ ୧୮ ତାରିଖ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଗ୍ରହଣ କରାଯିବ ବୋଲି ଗଣମାଧମକୁ ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି ।



ବିଜେଡିର ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କରି କନ୍ଧମାଳରେ ଅସନ୍ତୁଷ୍ଟ କର୍ମୀମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

# ବିଧାୟକଙ୍କ ପ୍ରାର୍ଥିତ୍ୱକୁ ବିରୋଧ

**କନ୍ଧମାଳ ନିର୍ବାଚନମଣ୍ଡଳୀ**

କଣ୍ଟାମାଳ,୧୯।୩ (ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ବିଧାୟକ ମହିଧର ରଣାଙ୍କୁ ପୁଣି ପ୍ରାର୍ଥୀ କରିଛି। ଫଳରେ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ମଙ୍ଗଳବାର ଦଳୀୟ କର୍ମୀମାନେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ବସ୍ତୁତଃ ଦୁଇ ଭାଗ ହୋଇ ଯାଇଛି।

ସୋମବାର ପ୍ରକାଶ ପାଇଥିବା ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ମହୀଧର ରଣାଙ୍କୁ ନାମଥିବା ଜଣାପଡିବା ପରେ ତାଙ୍କ ବିରୋଧୀ ଗୋଷ୍ଠୀରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଅପରାହ୍ଣ ୧ଟାରେ ଶତାଧିକ ବିଜେଡି କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତି କଣ୍ଟାମାଳ କଲ୍ୟାଣ ମଣ୍ଡପଠାରେ ଏକ ବୈଠକରେ ଏକାଠି ହୋଇଥିଲେ । ଏଥିରେ ଓକିଲ ସଂଘ ସଭାପତି ଦୁତିଆ ଚରଣ ସାହୁ ସଭାପତିତ୍ୱ କରିଥିଲେ । ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସ୍ୱାଧୀନ ପ୍ରାର୍ଥୀ ଦେବାକୁ ସହମତି ପ୍ରକାଶ ପାଇଥିଲା। ଏପରିକି ଆବଶ୍ୟକ ପଡିଲେ ଦଳ ଛାଡିବାକୁ ପ୍ରସ୍ତୁତ ବୋଲି ପୂର୍ବତନ ବିଧାୟକ ଭଗବାନ କହଁର ଓ ଯୁବନେତା ଶଙ୍କର୍ଷଣ ପ୍ରଧାନ ଗଣମାଧ୍ୟମକୁ କହିଥିଲେ। ଏହି ସଭାରେ ସମବାୟ ସଙ୍ଗଠକ ଶେଷଦେବ ମେହେର, ଆଦିବାସୀ ନେତା ବିବସ୍ଵ କହଁର, ସାମନ୍ତ ମାଝୀ, କୃଷ୍ଣ କହଁର, ଗୁମାନ ରଣା, ସତ୍ୟ ସାହୁ, ଶ୍ରୀମନ୍ତ ମିଶ୍ର, ମନୋଜ ଶର୍ମା, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଅଶୋକ ସାହୁ, ବାଳମୁକୁନ୍ଦ ମେହେର, ସୁରଥ ମିଶ୍ର, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ସ୍ୱାଧୀନ ପ୍ରାର୍ଥୀ ଚୟନ କରିବା ପାଇଁ ୧୧ଜଣିଆ କୋର କମିଟି ଗଠନ କରାଯାଇଥିଲା। ଏହି କମିଟି ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଚୟନ କଲା ପରେ ୨୬ ତାରିଖରେ ନାମାଙ୍କନପତ୍ର ଦାଖଲ ହେବ ବୋଲି ସୂଚନା ଦିଆଯାଇଥିଲା। ତେବେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକାରେ ଶେଷଦେବ ମେହେର, ଭଗବାନ କହଁର, ଶଙ୍କର୍ଷଣ ପ୍ରଧାନ ଓ ଶ୍ରୀକାନ୍ତ ମିଶ୍ର ରହିଛନ୍ତି। ବୈଠକ ପରେ ଅପରାହ୍ଣ ୫ଟାରେ ଦଳୀୟ ନେତା ଓ କର୍ମୀମାନେ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରାରେ ବ୍ଲକ ଅଫିସ୍ ଯାଏଁ ଆସି ଦୁଇଟି ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ସେଠାରେ ମହିଧର ବିରୋଧୀ ନାରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ବଳଭଦ୍ରଙ୍କୁ ଟିକେଟ ଦେବା ଦାବି: ରାସ୍ତାରୋକୋ

### ଟିକେଟ୍ ନ ଦେଲେ ବିଜେଡି ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କୁ ବିରୋଧ ଚେତାବନୀ

**ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ**

ଲାଞ୍ଜିଗଡ/ ଜୟପାଟଣା, ୧୯।୩( ଡି.ଏନ.ଏ.)

ନିର୍ବାଚନ ତାରିଖ ଘୋଷଣା ପରେ ବିଜ୍ଞପ୍ତି ମଧ ପ୍ରକାଶ ପାଇଛି। ବିଜେଡି ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷାଣା ସରିଥିବାବେଳେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ବଣ୍ଟନକୁ ଝୁଲାଇ ରଖିଛନ୍ତି। ଏଥର ଦଳ ନୂଆ ପ୍ରାର୍ଥୀ ଦେବାକୁ ବିଚାର କରୁଥିବା ବେଳେ ଦଳୀୟ କର୍ମୀମାନେ ଏହାକୁ ବିରୋଧ କରି ଆସୁଛନ୍ତି । ଏପରିକି ଦଳର ବର୍ତ୍ତମାନ ବିଧାୟକ ବଳଭଦ୍ର ମାଝିଙ୍କୁ ଦଳୀୟ ଟିକେଟ ଦିଆଯାଉ ବୋଲି ଶତାଧିକ କର୍ମୀ ନବୀନ ନିବାସରେ ଭିଡ ଜମାଇ ଥିଲେ। ତେବେ ଆଶା ଓ ଆଶଙ୍କାରେ ଥିବା କର୍ମୀମାନେ ମଙ୍ଗଳବାର ବଳଭଦ୍ରଙ୍କ ସପକ୍ଷରେ ବାହାରିବା ସହ ଭବାନୀପାଟଣା-ରାୟଗଡା ୬ ନଂ. ରାଜ୍ୟ ରାଜପଥର ସିକେରକୁପା ଛକରେ ରାସ୍ତାରୋକୋ କରିଥିଲେ । ବରିଷ୍ଠ କର୍ମୀ ତଥା ପୂର୍ବତନ ସମିତି ସଦସ୍ୟ ଦୀପକ କୁମାର ମହାପାତ୍ର, ଦଳର ବ୍ଲକ ଉପସଭାପତି ସୁବନ ଭୋଇ, କିରଣ ମାଝି, ଲମ୍ୱୋଦର ପତି, ସୀମାଞ୍ଚଳ ମହାକୁଡ, ସେନାପତି ମହାରଣା, ସୌରଭ ପାତ୍ରଙ୍କ ସମେତ ଅନେକ ମହିଳା ଏଥିରେ ସାମିଲ ହୋଇଥିଲେ। ବିଧାୟକଙ୍କ ସମର୍ଥନରେ କର୍ମୀମାନେ ରାସ୍ତାକୁ ଓହ୍ଲାଇ ଆସିଥିବାବେଳେ ବରିଷ୍ଠତା ଓ ବିଜୟ ସମ୍ଭାବନା ଥିବାରୁ ମାଝିଙ୍କୁ ହିଁ ଟିକେଟ ଦିଆଯିବା କଥା ବୋଲି ସେମାନେ ଦାବି କରିଛନ୍ତି । ସେହିପରି ବିଧାୟକ ବଳଭଦ୍ର ମାଝିଙ୍କୁ ଟିକେଟ୍ ନ ଦେଲେ ବ୍ଲକ୍‌ରେ ବିଜେଡି ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କୁ ବିରୋଧ କରାଯିବ ବୋଲି ସମର୍ଥକମାନେ ଚେତାବନୀ ଦେଇଛନ୍ତି । ଜୟପାଟଣା ମାରୱାଡ଼ୀ ଧର୍ମଶାଳାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାଝିଙ୍କ ଶହ ଶହ ସମର୍ଥକମାନେ ଏହା କହିଛନ୍ତି। ଜୟପାଟଣା ବ୍ଲକ୍ ବିଜେଡି ସଭାପତି ମୀନକେତନ ପୂଝାରୀଙ୍କ ଅଧକ୍ଷତାରେ ହୋଇଥିବା ସମ୍ମିଳନୀରେ ବଳଭଦ୍ରଙ୍କୁ ଚଳିତ ବିଧାନ ସଭା ନିର୍ବାଚନ ପାଇଁ ଲାଞ୍ଜିଗଡ଼ ଟିକେଟ୍‌କୁ ନେଇ ଆଶଙ୍କା ପ୍ରକାଶ କରିବା ସହିତ ଏହା କଳାହାଣ୍ଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହ ଦେଓଙ୍କ ସୁଚିନ୍ତିତ ଅଭିସନ୍ଧି ବୋଲି ଆରୋପ କରିଥିଲେ। କିଛି ଦିନ ତଳେ ବିଜେଡିରେ ଯୋଗଦେଇଥିବା ଗତ ନିର୍ବାଚନର କଂଗ୍ରେସ ପ୍ରାର୍ଥୀଙ୍କୁ ଟିକେଟ୍ ଦେବା ଷଡ଼ଯନ୍ତ୍ରର ଆଶଙ୍କା କରାଯାଇଛି । ପାଞ୍ଚ ଥର ବିଧାୟକ ହୋଇଥିବା ଓ ଦୁଇଥର ମନ୍ତ୍ରୀ ହୋଇଥିବା ବଳଭଦ୍ର ମାଝିଙ୍କୁ ଟିକେଟ୍ ନ ଦେଲେ ସମସ୍ତ ସହଯୋଗୀ ଓ ବ୍ଲକ୍‌ର ନିର୍ବାଚିତ ପ୍ରତିନିଧିମାନେ ନିର୍ବାଚନରେ ନୀରବ ରହି କଠୋର ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି । ଗତ ସୋମବାର ମଙ୍ଗଳପୁର ଆର୍‌ଏମ୍‌ସି. ମଣ୍ଡିରେ ଆୟୋଜିତ ଜବାବ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମରେ ସମ୍ଭାବ୍ୟ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କ ନେତୃତ୍ୱରେ ଆୟୋଜିତ କରାଯାଇଥିବା ବେଳେ ସଙ୍ଗଠନର ସେଠାରେ କୌଣସି ବ୍ୟକ୍ତି ଯୋଗ ଦେଉ ନ ଥିବା ସଭାପତି ପୂଝାରୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ମୀନକେତନ ପୂଝାରୀଙ୍କ ସମେତ ବିଧାୟକ ପ୍ରତିନିଧି ପ୍ରଭାକର ପଟ୍ଟନାୟକ, ସରପଞ୍ଚ ସଙ୍ଗଠନ ସଭାପତି ଦିଲୀପ ରାଉତ, ଅବଦୁଲ ଗନୀ, ୧୫ଜଣ ସରପଞ୍ଚ, ୧୪ଜଣ ସମିତି ସଭ୍ୟ, ୱାର୍ଡ଼ ସଦସ୍ୟ, ମହିଳା ମୋର୍ଚ୍ଚା ସଭାପତି କାର୍ତ୍ତିକା ନାଏକ, ଅନୁରାଧା ବୈଠାରୁ, ସମସ୍ତ ପଞ୍ଚାୟତ ସଭାପତି ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ଆସନରେ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

### ଲୋକସଭା ଆସନ ପାଇଁ ୩, ବିଧାନସଭା ଆସନ ପାଇଁ ୩ ଆବେଦନପତ୍ର



ବିପିନ କୁଶଲିଆ ଓ ଦ୍ୱିଜ ଦଳପତି ବଲାଙ୍ଗୀର ଉପଜିଲାପାଳ କାର୍ଯ୍ୟାଳୟରୁ ପ୍ରାର୍ଥୀ ଆବେଦନପତ୍ର ନେଇ ଆସୁଛନ୍ତି।

ବଲାଙ୍ଗୀର ଅଫିସ,୧୯।୩

ବଲାଙ୍ଗୀର ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିସକାଶେ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପରେ ମଙ୍ଗଳବାର ବଲାଙ୍ଗୀର ଲୋକ ସଭା ଆସନ ପାଇଁ ୩ଜଣ ପ୍ରାର୍ଥୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ଦାଖଲ ସକାଶେ ଆବେଦନପତ୍ର ନେଇଛନ୍ତି। ବଲାଙ୍ଗୀରର ଡ. ବିପିନ କୁଶଲିଆ, ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କଁସଲାପଡାର ହୃଦାନନ୍ଦ କରୁଆଁ ଓ ପୁଇଁନ୍ତଲା ବ୍ଲକ ଲଣ୍ଡୁଲା ଗ୍ରାମର କୁବେର ସୁନା ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକସଭା ଆସନ ପାଇଁ ଆବେଦନପତ୍ର ନେଇଛନ୍ତି। ସେହିପରି ବଲାଙ୍ଗୀର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୩ ଜଣ ପ୍ରାର୍ଥୀ ବଲାଙ୍ଗୀର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ଆବେଦନପତ୍ର ନେଇଛନ୍ତି। ଲୋଇସିଂହା ବିଧାନସଭା(ସଂରକ୍ଷିତ) ଆସନ ପାଇଁ ଡ. ବିପିନ କୁଶଲିଆ ସ୍ୱାଧୀନ ପ୍ରାର୍ଥୀ ଭାବେ ଆବେଦନପତ୍ର ନେଇଛନ୍ତି। ବଲାଙ୍ଗୀର ବିଧାନସଭା ଆସନ ସକାଶେ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଦିବାସୀ ନେତା ଦ୍ୱିଜ ଦଳପତି, କପିଳ କୁମ୍ଭାର ଆବଦନପତ୍ର ଆଣିଥିବା ଜଣାପଡିଛି। ଜିଲାର କଣ୍ଟାବାଞ୍ଜି ବିଧାନସଭା ଆସନରେ ସୁରଥ ବେହେରା ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଜିଲାର ଏକମାତ୍ର ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୨୬ତାରିଖ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ଶେଷ ଅବଧି ରହିଛି। ଛୁଟିଦିନ ବ୍ୟତୀତ ଅନ୍ୟଦିନ ନାମାଙ୍କନପତ୍ର ଦାଖଲ କରାଯାଇପାରିବ ବୋଲି କୁହାଯାଇଛି।

# ଆଦିବାସୀ ନେତାଙ୍କୁ ବିଜେଡି ଟିକେଟ ନ ମିଳିବାର ପ୍ରତିବାଦ

ପାଟଣାଗଡ, ୧୯।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ(ବିଜେଡି) ଆଦିବାସୀ ନେତା ନିରଞ୍ଜନ ବିଶିଙ୍କୁ ଟିକେଟ ଦେବାକୁ ଆଶା ରଖିଥିଲା ଜିଲା ଆଦିବାସୀ କଲ୍ୟାଣ ସଂଘ। ହେଲେ ରବିବାର ପ୍ରକାଶିତ ବିଜେଡି ପ୍ରାର୍ଥୀ ତାଲିକାରେ ସରୋଜ ମେହେରଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି। ଆଦିବାସୀଙ୍କୁ ଟିକେଟ ଦେବାକୁ ପ୍ରତିଶ୍ରୁତି ଦେଇ ଜିଲା ବିଜେଡି ସଭାପତି କଳିକେଶ ନାରାୟଣ ସିଂଦେଓ ପ୍ରତାରିତ କରିଥିବା ସଂଘ ଅଭିଯୋଗ କରିଛି। ଏଣୁ ଚଳିତ ନିର୍ବାଚନରେ ସଂଘ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ହୋଇଥିବା କଳିକେଶଙ୍କୁ ବିରୋଧ କରିବା ପାଇଁ ଅଣ୍ଟା ଭିଡିଛି । ମଙ୍ଗଳବାର ଅପରାହ୍ଣରେ ପାଟଣାଗଡ ବିଶ୍ୱକର୍ମା ମନ୍ଦିର ପ୍ରାଙ୍ଗଣରେ ଏ ନେଇ ଏକ ପ୍ରତିବାଦ ସଭା କରାଯାଇ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେ ଏହି ଅଞ୍ଚଳକୁ ପ୍ରଚାର ପାଇଁ ଆସିଲେ ଗାଁ ଗାଁରେ ବିରୋଧ କରାଯିବା ବୋଲି ଆଦିବାସୀମାନେ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ପାଟଣାଗଡ ବ୍ଲକ ସଭାପତି ଅଷ୍ଟରନ୍ ବରିହା, ଜିଲାର ସମସ୍ତ ବ୍ଲକ ସଭାପତିଙ୍କ ସମେତ ଶହଶହ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ ।



ଆଦିବାସୀମାନେ କଳିକେଶ ନାରାୟଣ ସିଂଦେଓଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ଅଭିନବ ଉପାୟରେ ସିପିଆଇର ଭୋଟ ଭିକ୍ଷା

ବୌଦ୍ଧ,୧୯।୩(ସ୍ୱ.ପ୍ର)

ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ଏପ୍ରିଲ ୧୮ ତାରିଖରେ ଭୋଟ ହେବ। ଏଥିପାଇଁ ମଙ୍ଗଳବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ନିଜର ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଓ କଂଗ୍ରେସ ଅଦ୍ୟାବଧି ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ସେପଟେ ସିପିଆଇର ଯୁବନେତା ତଥା ଆଶାୟୀ ପ୍ରାର୍ଥୀ ଅବକାଶ ସାହୁ ଅଭିନବ ଉପାୟରେ ଆଜିଠାରୁ ଭୋଟ ଓ ନୋଟ୍ ଭିକ୍ଷା ଆରମ୍ଭ କରିଛନ୍ତି। ସେ ନିଜର କିଛି ସମର୍ଥକଙ୍କ ସହ ବୌଦ୍ଧ ସହରରେ ଘର ଘର ବୁଲି କଂଗ୍ରେସ, ସିପିଏମ ଓ ସିପିଆଇ ମିଳିତ ପ୍ରାର୍ଥୀ ଭାବେ ଛିଡା ହେଉଥିବା କହୁଛନ୍ତି। ବିଜେଡି ୨୦ ବର୍ଷ ଶାସନ କରିଥିବାବେଳେ ଜିଲାରେ ସମସ୍ୟା ଭର୍ତ୍ତି ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏପେଟ ବୌଦ୍ଧରେ ଆଦୌ କଂଗ୍ରେସ ପ୍ରାର୍ଥୀ ଦେବ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। କଂଗ୍ରେସ ଓ ସିପିଆଇର ମିଳିତି ପ୍ରାର୍ଥୀ ଅବକାଶ ହେଉଥିବା ବେଳେ ଭାଜପା କାହାକୁ ପ୍ରାର୍ଥୀ କରିବ ଏହାକୁ ନେଇ ଜିଲାରେ ଉଷ୍ମତା ଦେଖା ଦେଇଛି।




ବୌଦ୍ଧରେ ସିପିଆଇ କର୍ମୀମାନେ ପ୍ରଚାର ଚଳାଇଛନ୍ତି ।

# ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା

ଲୋଇସିଂହା,୧୯।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅଧୀନ ପଥର୍ଲା, ମହିମୁଣ୍ଡା, କୁରୁଲ, ଆଟଗାଁ ଗ୍ରାମରେ ଭାଜପାର ବିଜୟ ସଙ୍କଳ୍ପ ଯାତ୍ରା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ପ୍ରଭାରୀ ସରୋଜ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ଜିଲା ସଭାପତି ଭକ୍ତ ବନ୍ଧୁ ନାଏକ ମୁଖ୍ୟଅତିଥି, ଡା. ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଥର୍ଲାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଭାସ୍କର ପଧାନଙ୍କ ନେତୃତ୍ୱରେ ଝସକେତନ କମ୍ପଙ୍କ ସମେତ ୩୦ଜଣ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ରାଜକିଶୋର ନାଏକ, ମାଧବ ସାଏ, ଜଗଦୀଶ ଉଦ୍‌ଗାତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାଜପାର ବିଜୟ ସଙ୍କଳ୍ପ ସମାବେଶ



ବସନ୍ତପୁର ପଞ୍ଚାୟତ ଖେଳ ପଡିଆରେ ଭାଜପାର ସଙ୍କଳ୍ପ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।

ଚିପିଲିମା, ୧୯।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧନକଉଡା ବ୍ଲକ ଜୋନ-୨ର ବସନ୍ତପୁର ପଞ୍ଚାୟତ ଖେଳ ପଡିଆରେ ଭାଜପାର ସଙ୍କଳ୍ପ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତୃବୃନ୍ଦ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରର ସମସ୍ତ ଯୋଜନାକୁ ନବୀନ ସରକାର ନିଜସ୍ୱ ଯୋଜନା ବୋଲି କହି ବାହାବା ନେଉଥିବା କହି ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁଗଳ କିଶୋର ଅଗ୍ରୱାଲ, ନାଉରି ନାୟକ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ପୂର୍ବତନ ନଗର ଉପାଧ୍ୟକ୍ଷ ଗିରୀଶ ପଟେଲ, ମନଜିତ କଅଁର, ଲବ ବଗର୍ତ୍ତି, ଘନଶ୍ୟାମ କରଙ୍କ ସମେତ ଭାଜପା ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଦେବେନ୍ଦ୍ର ନାୟକ ସଭା ପରିଚାଳନା କରିଥିବା ବେଳେ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସ ଟିକେଟ ଦାବିରେ ରାସ୍ତାରେ ବସିଲେ

### ସୁରେନ୍ଦ୍ର-ଶରତଙ୍କ କଳିରୁ ଲାଭ ଉଠାଇବେ ପ୍ରତିଦ୍ୱନ୍ଦ୍ୱୀ



ସଇଁତଲା ଠାରେ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ ଓ ବନ୍ଦ ପାଳନ କରୁଛନ୍ତି।

ସଇଁତଲା, ୧୯।୩ (ଡି.ଏନ.ଏ.)

ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ସ୍ଥାନରେ ରାଜନୈତିକ ଉଷ୍ମତା ସେତିକ ବ୍ୟାପକ ହେବାରେ ଲାଗିଛି। ବଲାଙ୍ଗୀର ଜିଲା ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ସଇଁତଲାଠାରେ ମଙ୍ଗଳବାର ରାସ୍ତାରୋକୋ ଓ ବନ୍ଦ ପାଳନ କରାଯାଇଛି । କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କୁ ଦଳୀୟ ଟିକଟ ଦିଆଯିବା ଦାବି କରି ଶତାଧିକ ସମର୍ଥକ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରି ୧୨ଘଣ୍ଟିଆ ବନ୍ଦ ପାଳନ କରିଥିଲେ। କଂଗ୍ରେସ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ୬ଟି ଲୋକସଭା ଓ ୩୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ଆସନ ମଧ୍ୟରୁ କେବଳ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନରସିଂହ ମିଶ୍ରଙ୍କୁ ଦଳ ପୁଣି ଥରେ ପ୍ରାର୍ଥୀ କରିଥିବା ଘୋଷଣା କରିଛି। ଜିଲାର ଅନ୍ୟ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା, ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼ ଓ ଲୋଇସିଂହା (ସଂରକ୍ଷିତ) ଆସନ ପାଇ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ତେବେ ଟିଟିଲାଗଡ଼ ବିଧାନସଭା ଆସନ ପାଇଁ ଚଳିତ ନିର୍ବାଚନରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ସ୍ଥାନରେ ଏଥର ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏଭଳି ଚର୍ଚ୍ଚା ପରେ ପୂର୍ବତନ ବିଧାୟକ ସିଂଭୋଇଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇ ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଏପରି କି ଆନ୍ଦୋଳନକାରୀମାନେ ସଇଁତଲା ସହର ପରିକ୍ରମା କରି ସୁରେନ୍ଦ୍ର ସିଂ ଭୋଇ ଜିନ୍ଦାବାଦ ନାରା ଦେଇଥିଲେ। ଟିଟିଲାଗଡ଼ ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଭାବେ ସୁରେନ୍ଦ୍ରଙ୍କୁ ଦଳୀୟ ଟିକେଟ ଦିଆଯାଉ ବୋଲି ଦାବି କରିଥିଲେ। କଂଗ୍ରେସ ଟିଟିଲାଗଡ଼ ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାବେଳେ ମଙ୍ଗଳବାର ସୁରେନ୍ଦ୍ର ସିଂଦେଓଙ୍କ ସମର୍ଥକମାନେ ଟିକଟ ଦାବି କରି ରାସ୍ତାରୋକୋ ଓ ବନ୍ଦ ପାଳନ କରିବା ଘଟଣାକୁ ଅନେକ ବୁଝିପାରି ନ ଥିଲେ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ଚଳିତ ନିର୍ବାଚନରେ ଟିଟିଲାଗଡ଼ ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଭାବେ ଶରତ ପଟ୍ଟନାୟକଙ୍କ ନାମ ଘୋଷଣା ହେବାକୁ ସ୍ଥିରୀକୃତ ହୋଇଥିବା ଜାଣିବା ପରେ ଦଳୀୟ ନେତୃମଣ୍ଡଳୀରେ ଚାପ ସୃଷ୍ଟି କରିବାକୁ ଏଭଳି ପ୍ରତିବାଦ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ଟିକେଟ ଆଶାୟୀ ସୁରେନ୍ଦ୍ର ସିଂଭୋଇଙ୍କୁ ପଚାରିବାରୁ ସେ ଗତ ୫ବର୍ଷ ହେଲା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳକୁ ସଂଗଠିତ କରିଛନ୍ତି। ତାଙ୍କ ନେତୃତ୍ୱରେ ସମସ୍ତ ଦଳୀୟ ସଭାସମିତି ହୋଇଛି। ଏପରିସ୍ଥଳେ ତାଙ୍କୁ ଟିକେଟ ନ ଦେଇ ଅନ୍ୟ କାହାକୁ ଦେଲେ କଂଗ୍ରେସ ନିଶ୍ଚିତ ଅଡୁଆରେ ପଡିବ ବୋଲି ସେ କହିଛନ୍ତି। କଂଗ୍ରେସର ଏଭଳି ଅବସ୍ଥାରେ ଟିଟିଲାଗଡ଼ ଆସନର ବିଜେଡି ପ୍ରାର୍ଥୀ ଟୁକୁନୀ ସାହୁ ଓ ଭାଜପା ଆଶାୟୀ ପ୍ରାର୍ଥୀମାନେ ବେଶ୍ ଉତ୍ସାହିତ ହୋଇଥିବା ଜଣାପଡିଛି।

# ଧାନଚାଷର ଜଳ, ରୋଗପୋକ ଓ ଅମଳ ପରିଚାଳନା



ଡ.ପରେଶ କୁମାର ପଣ୍ଡା

**ଜଳ ପରିଚାଳନା:** ଧାନ ରୋଇବା ସମୟରେ ଅଧଇଞ୍ଚ ଭିତରେ ପାଣି ରଖାଯାଏ। ତାହାର ପାଞ୍ଚଦିନଠାରୁ ସର୍ବାଧିକ ୨ଇଞ୍ଚ ପାଣି ପିଲ ଦେବା ପର୍ଯ୍ୟନ୍ତ ରଖା ଯାଇପାରିବ। ଅଧିକ ପାଣି ରଖିଲେ ପିଲ ମାରିବା କମିଯାଏ। ପିଲ ଦେବା, ଗର୍ଭଧାରଣ, ଫୁଲ ଉଡାଇବାରୁ କ୍ଷୀର ଢୋକିବା ସଙ୍କଟଜନକ ଅବସ୍ଥାରେ ପାଣିର ଅଭାବ ନ ରହିବା ଦରକାର। ସୁବିଧା ଥିଲେ ସାର ଦେବାର ଏକରୁ ଦୁଇଦିନ ପୂର୍ବରୁ ପାଣି କାଟି ଦିଆଯାଏ ଓ ସାର ଦେବାର ଏକରୁ ଦୁଇଦିନ ପରେ ପାଣି ମଡାଯାଏ। ଶେଷଥର ଥୋଡସାର ପ୍ରୟୋଗରୁ କ୍ଷୀର ଢୋକିବା ପର୍ଯ୍ୟନ୍ତ ସର୍ବାଧିକ ୩ଇଞ୍ଚ ପାଣି ରଖାଯିବା ଭଲ। ଧାନ ଅଗ ପାଚିଲା ଆରମ୍ଭ ହେଲେ ଜମିରୁ ପାଣି କାଟି ଦିଆଯାଏ। ସେହି ସମୟରେ ଅମୁହାଁ ବା ପାଇରା ଫସଲ ରୂପେ ଡାଲି ଜାତୀୟ ଓ ତୈଳବୀଜ ଫସଲ କରାଯାଇପାରିବ।

**ସମନ୍ୱିତ ରୋଗପୋକ ପରିଚାଳନା:** ଚାଷକାର୍ଯ୍ୟ ମଧ୍ୟରେ ଖରାଟିଆ ଚାଷ, ବିହନ ବିଶୋଧନ, ସଅଳ ବୁଣା ବା ରୁଆ, ପ୍ରତି ୨୦ଧାଡି ପରେ ଏକଟି ଧାଡି ଛାଡି ରୋଇବା,ସୁଷମ ସାର ପ୍ରୟୋଗ, ଜଳ ଠିକ୍ ପରିମାଣରେ ଦେବା, ସବୁଜ ସାର ପ୍ରୟୋଗ, ଜୀବାଣୁ ସାର ପ୍ରୟୋଗ, ୨ରୁ ୩ବର୍ଷରୁ ଥରେ ଗଭୀର ଚାଷ କରିବା ଆବଶ୍ୟକ। ଯାନ୍ତ୍ରିକ ଉପାୟରେ ବାଉଁଶ ଯନ୍ତା,ଫେରୋମୋନ ବା ସଙ୍ଗ ଆକର୍ଷକ ଯନ୍ତା, ଆଲୋକ ଯନ୍ତା ଦଉଡି ଟାଣି ଗଛରୁ ପତ୍ରମୋଡା ଓ ନଳୀପୋକକୁ ଝଡାଇ କିରୋସିନ ଭାସୁଥିବା ପାଣିରେ ପକାଇବା, ତଳି ରୋଇବା ପୂର୍ବରୁ ଅଗ ଛିଡାଇ ବା କାଟି ଲଗାଇବା ଦ୍ୱାରା ପୋକ ସଂକ୍ରମଣ କମ୍ ହୋଇଥାଏ।

ଜୈବ ନିୟନ୍ତ୍ରଣ ସ୍ୱରୂପ– ଟ୍ରାଇକୋଗ୍ରାମା, ପରାଶ୍ରୟୀ କୀଟ ଛାଡିବା, ଫସଲରେ ଏକର ପ୍ରତି ୫ରୁ ୧୦ଟି କଣି ବା ଡାଳପୋତି ପକ୍ଷୀ ଆଶ୍ରୟସ୍ଥଳ ତିଆରି କରିବା, ବି.ଟି ଔଷଧ ଓ ନିମ୍ବ ଜାତୀୟ ଔଷଧ ପ୍ରୟୋଗ କରିବା ଭଲ। ହାଣ୍ଡିଖତ ୧:୫୦ ଅନୁପାତର ବା ନିମ୍ବଜୈବ କୀଟନାଶକ ୫ ମିଲିଲିଟର ପ୍ରତି ବ୍ୟବହାର ଫସଲର ତଳି ଅବସ୍ଥାରୁ ୮ରୁ ୧୦ଦିନ ଅନ୍ତରରେ ସିଞ୍ଚନ କଲେ ଫସଲ ଯତ୍ନର ସହ ବଢ଼ିଥାଏ। ଏକର ପ୍ରତି ୨୦୦ ଲିଟର ବା ୧୫ ଲିଟରିଆ ୧୩ ଡ୍ରମ୍ ଦ୍ରବଣ ନିଶ୍ଚିତ ରୂପେ ସିଞ୍ଚନ କରିବା ଆବଶ୍ୟକ। ଔଷଧର ପରିମାଣ ଠିକ୍ ମାତ୍ରାରେ ପ୍ରୟୋଗ ହୋଇଥିବା ଦରକାର। ସର୍ବଦା ସକାଳ ୧୦ଟା ପୂର୍ବରୁ ବା ଅପରାହ୍ନ ୧୦ଟା ପରେ ସିଞ୍ଚନ କରିବା ଭଲ। ଔଷଧକୁ ବାହାରେ ଗୋଳାଇ ଟିକେ ଶାମ୍ପୋ ଫେଣ୍ଟି ଦ୍ରବଣ ପ୍ରସ୍ତୁତ ହେଲେ ଗଛରେ ଠିକ୍‌ଭାବେ ପଡିଥାଏ। ସ୍ଥଳ ବିଶେଷରେ ପୋକ ଆକ୍ରମଣ ଆର୍ଥିକ ଦେହଳି ସୀମାଠାରୁ ଅଧିକ ହେଲେ ରାସାୟନିକ କୀଟନାଶକ ପ୍ରୟୋଗ କରିବା ଦରକାର ପଡିଥାଏ। ଜମିରେ ରିଜେଣ୍ଟ ଏକର ପ୍ରତି ୪ କିଗ୍ରା ପ୍ରୟୋଗ କରି ଫସଲକୁ ରୋଗ ପୋକ ଦାଉରୁ ୩୦–୪୦ଦିନ ପର୍ଯ୍ୟନ୍ତ ରକ୍ଷା କରାଯାଇପାରିବ।

**ଧାନ ଫସଲର ରୋଗ:** ମହିଷା ରୋଗ ନିୟନ୍ତ୍ରଣ ପାଇଁ କାର୍ବେଣ୍ଡାଜିମ୍ ୫୦ଡବ୍ଲ୍ୟୁ.ପିର ୨୦ଗ୍ରାମ୍/ମାଙ୍କୋଜେବ୍ ୭୫ପ୍ରତିଶତ ଡବ୍ଲ୍ୟୁ.ପି ୩୫ଗ୍ରାମ୍/ଟ୍ରାଇସାଇକ୍ଲାଜୋଲ୍ ୭୫ ପ୍ରତିଶତ ଡବ୍ଲ୍ୟୁ.ପିର ୬ ଗ୍ରାମ୍ ଏବଂ ପତ୍ରପୋଡା ରୋଗ ନିୟନ୍ତ୍ରଣ ନିମନ୍ତେ କପର ଅକ୍ସିକ୍ଲୋରାଇଡ୍‌ର ୫୦ ପ୍ରତିଶତର ୨୦ ଗ୍ରାମ୍ ୧୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ମହିଷା/ପତ୍ରପୋଡା ରୋଗ ଦେଖିଲେ ଯବକ୍ଷାରଜାନ ସାର ପ୍ରୟୋଗ କମ୍ କରାଯାଏ।

ପତ୍ରାଛାଦ/ପୋଡା, ମୂଳଶଢ଼ା ରୋଗ ନିୟନ୍ତ୍ରଣ ନିମିତ୍ତ କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁ. ପିର ୨୦ଗ୍ରାମ୍ /ପ୍ରୋପିକୋନାଜୋଲ୍ ୨୫ ପ୍ରତିଶତ ଇସିର ୧୦ ମିଲିକୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ପତ୍ରଚିତା ଓ ଦାନାଚିତା ରୋଗ ହେଲେ ପତ୍ରରେ ଗୋଲାକାର ବା ଡିମ୍ବାକୃତି ଦାଗ ଦେଖାଯାଇ ବାଦାମିରୁ କଳା ବାଦାମି ରଙ୍ଗର ହୋଇଥାଏ। ଦାନା ବଙ୍କା, କୁଜା ଓ ବେରଙ୍ଗୀ ଦେଖାଯାଏ। ନିରାକରଣ ନିମନ୍ତେ କାପ୍‌ଟାନ୍ ୭୫ ପ୍ରତିଶତ ଡବ୍ଲ୍ୟୁ.ପିର ୨୦ଗ୍ରାମ୍ ୧୦ ଲିଟର ପାଣି ମିଶାଇ ସିଞ୍ଚନ କରାଯାଏ ଓ ଦରକାର ପଡିଲେ ୧୫ଦିନ ଅନ୍ତରରେ ଦ୍ୱିତୀୟଥର ଲାଗି ସିଞ୍ଚନ କରାଯାଏ। ସାଆାରା ରୋଗରେ କେଣ୍ଡାର ଦାନା ମେଞ୍ଚାଏ ସବୁଜ ମିଶା ହଳଦିଆ ରଙ୍ଗ ରେଣୁରେ ପରିଣତ ହୋଇଥାଏ। ନିୟନ୍ତ୍ରଣ ଲାଗି କାର୍ବେଣ୍ଡାଜିମ୍ ୫୦ ପ୍ରତିଶତର ୧୫ଗ୍ରାମ୍/କପର ହାଇଡ୍ରୋକ୍ସାଇଡ୍ ୭୭ ପ୍ରତିଶତ ଡବ୍ଲ୍ୟୁ.ପିର ୨୫ଗ୍ରାମ୍ ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ଦରକାର ପଡିଲେ ୧୦ଦିନ ପରେ ପୁନର୍ବାର ଏହି ଔଷଧକୁ ସିଞ୍ଚନ କରନ୍ତୁ।



ଧାନଫସଲର ମୁଖ୍ୟ ପୋକଗୁଡିକ ହେଲା– ଲେଡା ପୋକ,ମାଟିଆଗୁଣ୍ଡି ପୋକ, କାଣ୍ଡବିନ୍ଧା ପୋକ,କାହାଳିଆ ପୋକ, ପତ୍ରମୋଡା ପୋକ,ସବୁଜ ପତ୍ରଡିଆଁ ପୋକ, ନଳୀ ପୋକ,ଗନ୍ଧିପୋକ,ବିରିହା, ଦହିଆପୋକ ଓ କେଣ୍ଡାକଟା ପୋକ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ଲେଡାପୋକ ତଳି ଓ ମୁଖ୍ୟ ଫସଲର ପତ୍ର ଖାଇଥାଆନ୍ତି। ଆକ୍ରାନ୍ତ ଫସଲ ଗୋରୁ ଚରିଲା ପରି ଦିଶିଥାଏ। ଲେଡା ଓ କେଣ୍ଡାକଟା ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୫୦ ପ୍ରତିଶତ ଇସି+ସାଇପରମେଥ୍ରିନ୍ ୫ପ୍ରତିଶତ ଇସି ମିଶ୍ରଣର ୨୦ ମିଲି /ପୋଫେନଫସ ୫୦ ପ୍ରତିଶତ ଇସିର ୨୦ ମିଲି ୧୦ ଲିଟର ପ୍ରତି ସିଞ୍ଚନ କରାଯାଏ। ମାଟିଆଗୁଣ୍ଡି ପୋକ ଖୁବ୍‌ଶୀଘ୍ର ବଂଶବୃଦ୍ଧି କରି ଗଛ ମୂଳରେ ରହି ଫସଲରୁ ରସ ଶୋଷି ଖାଇବା ଫଳରେ ଗଛ ହଳଦିଆ ପଡି ଶୁଖିଯାଏ। କିଆରିରେ ମଳାମଳା ଧାନ ପୋଡିଯାଇଥିବାର ଦେଖାଯାଏ। ସବୁଜ ପତ୍ରଡିଆଁ ପୋକ ଦେଖାଗଲେ ଆକ୍ରାନ୍ତ ପତ୍ର ଅଗରୁ ତଳ ଆଡକୁ ଫିକା ହଳଦିଆ ହୋଇ ପରେ ଧୂସର ପଡିଯାଏ। ଏମାନେ ଟୁଙ୍ଗ୍ରୋ ଭୂତାଣୁକୁ ସଂକ୍ରମଣ କରିବାରେ ସହାୟକ ହୋଇଥାନ୍ତି। ଏହି ଦୁଇପୋକର ନିୟନ୍ତ୍ରଣ ନିମନ୍ତେ ଇମିଡା କ୍ଲୋପ୍ରିଡ୍ ୧୭.୮ ପ୍ରତିଶତ ଏସ.ଏଲ ୨.୮ ମିଲି / ପାଇମେଟ୍ରୋଜିନ୍ ୫୦ ପ୍ରତିଶତ ଡବ୍ଲ୍ୟୁ.ଜି ୬ଗ୍ରାମ୍ /ଫ୍ଲୋନିକାମିଡ୍ ୫୦ପ୍ରତିଶତ ଡବ୍ଲ୍ୟୁ.ଜି ୩ଗ୍ରାମ୍/ଥାୟୋମେଥୋକ୍ସଜାମ୍ ୨୫% ଡବ୍ଲ୍ୟୁ.ଜିର ୨ଗ୍ରାମ୍ ୧୦ ଲିଟର ପାଣି ପ୍ରତି ମିଶାଇ ଫସଲରେ ସିଚନ କରିବା ଜରୁରୀ।

କାଣ୍ଡବିନ୍ଧା ପୋକ କ୍ଷେତ୍ରରେ ପୋକର ଶୂକ କାଣ୍ଡ ମଧ୍ୟରେ ପ୍ରବେଶ କରି ମଞ୍ଜ ଖାଇଯାଏ। ଯାହାକୁ ମଲାମଞ୍ଜ କୁହାଯାଏ। କେଣ୍ଡା ବାହାରିବା ଅବସ୍ଥାରେ ଆକ୍ରାନ୍ତ ଗଛରୁ ମଲା କେଣ୍ଡା ବାହାରିଥାଏ। ସାମାନ୍ୟ ଟାଣି ଦେଲେ ଏହା ବାହାରିଯାଏ। ଏହାକୁ ଧଳା କେଣ୍ଡା ବା ବଗ ପକ୍ଷିଆ ବୋଲି ମଧ୍ୟ କୁହାଯାଏ। ଆର୍ଥିକ ଦେହଳି ସୀମା ହେଲା–ମଲାମଞ୍ଜ ୫ପ୍ରତିଶତ। କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍.ସି ୨୦ରୁ ୩୦ ମିଲି/ମନୋକ୍ରୋଟଫସ ୩୬ପ୍ରତିଶତ ଏସ୍.ଏଲ ୨୫ ମିଲି ଏବଂ କାହାଳିଆ ପୋକ ନିୟନ୍ତ୍ରଣ ନିମନ୍ତେ କାର୍ବୋସଲଫାନ୍ ୨୫ ପ୍ରତିଶତ ଇସି ୧୬–୨୦ ମିଲି /କ୍ଲୋରୋପାଇରିଫସ ୨୦ ଇସିର ୨୫ ମିଲି/ଥାୟୋମେଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୨ ଗ୍ରାମ୍ ୧୦ଲିଟର ପାଣି ପ୍ରତି ମିଶାଇ ସିଞ୍ଚନ କରାଯାଏ। ପତ୍ରମୋଡା ପୋକ ଆକ୍ରମଣ କଲେ ପତ୍ରର ଉପର ତଳକୁ କିମ୍ବା ୨ଟି ପତ୍ରକୁ ମୋଡି ଦେଇ ତହିଁରେ ରହି ସବୁଜ ଅଂଶ କୋରି ଖାଇଥାଏ।

–ସହକାରୀ କୃଷି ଅଧିକାରୀ,
ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦

# କୃଷି ବନୀକରଣ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି



**ଓ**ଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ଶତକଡ଼ା ୮୮ ଭାଗ ଗାଁଗଣ୍ଡାରେ ବାସ କରନ୍ତି। ରାଜ୍ୟର ଜନସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଛି। ସେହି ହିସାବରେ ଆମର ଚାଷ ଜମି ବଢୁନାହିଁ ଏବଂ ମୁଣ୍ଡ ପିଛା ଚାଷ ଜମି କମି ଯାଉଛି। ୧୯୫୦–୫୧ ମସିହାରେ ମୁଣ୍ଡ ପିଛା ଚାଷ ଜମି ୦.୩୯ ହେକ୍ଟର ଥିବା ବେଳେ, ବର୍ତ୍ତମାନ ୦.୧୩ ହେକ୍ଟରରୁ କମ ଜମି ଅଛି। ସେଥିରେ ଯେ ଚାଷ କରିବ, ସେ ଚଳିବ କିପରି। ଆମ ରାଜ୍ୟରେ ଯେଉଁ ପରିମାଣରେ ଆବାଦ ଯୋଗ୍ୟ ଜମି ଥିଲା ତାହାକୁ ଲୋକମାନେ ଆବାଦ କରି ଚାଷ ଜମିରେ ପରିଣତ କରିସାରିଲେଣି। ଗୋଚର ଓ ମୂଲ୍ୟବାନ ଚାଷ ଜମିରେ ଘର, କଳକାରଖାନା, ରାସ୍ତାଘାଟ ଆଦି ତିଆରି ହେଉଛି। ଆମର ଚାଷଜମିର ଘୋର ଅଭାବ ପାଇଁ ଅଚିରେ ଖାଦ୍ୟଶସ୍ୟର ସଙ୍କଟ ଆମକୁ ଡାକି ଆଣିବ। ସେଥିପାଇଁ ସମୟ ଥାଉ ଥାଉ ଉଚିତ ପଦ୍ଧତିରେ ଚାଷ କରିବାକୁ ପଡିବ। ଏଣୁ ଆମର ଯେତିକି ଜମି ଅଛି, ସେଥିରୁ କିପରି ସର୍ବାଧିକ ଅମଳ ମିଳିବ ଓ ଆମର ସର୍ବାଧିକ ଲାଭ ହେବ, ସେଥିପ୍ରତି ଆମେ ସଜାଗ ରହି ଯୋଜନା ପ୍ରସ୍ତୁତ କରିବା ଦରକାର। ସେଥିମଧ୍ୟରୁ କୃଷିବନୀକରଣ ଏକ ଅଭିନବ ଚାଷ ପଦ୍ଧତି। ଏହାଦ୍ୱାରା ଚାଷୀମାନେ କୃତ୍ରିମ ଜଙ୍ଗଲ ସୃଷ୍ଟି କରି ନିଜେ ଲାଭବାନ ହେବା ସହିତ ନିଜର ପରିବେଶକୁ ସୁରକ୍ଷା କରିପାରିବେ। କୃଷି ବନୀକରଣରୁ ଲୋକମାନେ ସେମାନଙ୍କର ମୌଳିକ ଆବଶ୍ୟକତା ଯଥା– ଖାଦ୍ୟ ପଦାର୍ଥ, ଜାଳେଣି କାଠ, କୃଷି ଉପକରଣ ଓ ବାସଗୃହ ପାଇଁ କାଠ, ବାଉଁଶ, ଗାଈଗୋରୁ ଲାଗି ଚାରଣ ତଥା ଗୋଖାଦ୍ୟ, କୁଟୀର ଶିଳ୍ପ ସକାଶେ କଞ୍ଚାମାଲ ଆଦି ପାଇ ପାରିଥାଆନ୍ତି।

କୃଷି ବନୀକରଣରେ ଗୋଟାଏ କିସମର ଗଛ ନ ଲଗାଇ, ଭିନ୍ନ ଭିନ୍ନ କିସମର ଗଛ ରୋପଣ କରାଯାଇଥାଏ, ଯାହାକୁ କୁହାଯାଏ ମିଶ୍ରିତ ଗଛ ଚାଷ। ଏଥିରେ ଲୋକମାନେ ନିଜର ଢିପ ତଥା ପତିତ ଜମି, ଘରବାଡି, ହତା, ବଗିଚା ବାଡ଼, ଚାଷ ଜମି, ପୋଖରୀ ହୁଡା ଓ ବିଲ ହିଡ଼ରେ ଗଛ ଲଗାଇ ପାରିବେ। ଲୋକମାନେ ଦୁଇଧାଡ଼ି ଗଛ ମଧ୍ୟରେ ପ୍ରଥମ ତିନିବର୍ଷ ମୁଗ, ବିରି, ବିନ୍‌ସ, ଆଳୁ, ଚିନାବାଦାମ, ପନିପରିବା ଆଦି ଚାଷ କରିପାରିବେ। ଏଥିପାଇଁ ୪ ମିଟର ବ୍ୟବଧାନରେ ଦୁଇଧାଡ଼ି ଗଛ ଲଗାଯାଏ। ସେହିପରି ଧାଡ଼ିର ଗଛ ମଧ୍ୟରେ ବ୍ୟବଧାନ ୧ ମିଟର। ସେହି ସ୍ଥାନରେ ତିନିବର୍ଷ ପରେ ଛାଇରେ ବଢି ପାରୁଥିବା ଫସଲ ଯଥା ଓଲୁଅ, ସାରୁ, ଅଦା, ହଳଦୀ, ଦେଶୀ ଆଳୁ, ସପୁରି ଆଦି ଚାଷ କରାଯାଏ। ଏହି ଚାଷ ପଦ୍ଧତିରେ ଗଛରୁ ଫସଲକୁ ଉପକାର ମିଳେ ଓ ସେହିପରି ଫସଲ ଚାଷ ଦ୍ୱାରା ଗଛର ମଧ୍ୟ ଉପକାର ହୋଇଥାଏ। ବାସ୍ତବରେ କୃଷି ବନୀକରଣ ଏକ ଅଭିନବ ପଦକ୍ଷେପ, ଏହାର ସଫଳ ରୂପାୟନ ହେଲେ ଲୋକମାନେ ନିଜ ନିଜ ଜମିରୁ ବା ବାଡ଼ି ବଗିଚାରୁ ଆବଶ୍ୟକ ଖାଦ୍ୟ ପଦାର୍ଥ ଓ ଆନୁଷଙ୍ଗିକ ଉପକରଣ ପାଇବା ସହିତ ନିଜର ଅର୍ଥନୈତିକ ଅଭିବୃଦ୍ଧି ହେବ।

–ଗୟାଧର ଶିଅଳ
କାର୍ଯ୍ୟକ୍ରମ ସହଯୋଗୀ (ବନବିଜ୍ଞାନ)
–ଉମାଶଙ୍କର ନାୟକ
ବରିଷ୍ଠ ବୈଜ୍ଞାନିକ, ଓୟୁଏଟି,ଭୁବନେଶ୍ୱର
ମୋ: ୯୪୩୭୦୩୧୨୦୯

# ନଳିତା କିସମ



**ନ**ଳିତା ମାର୍ଚ୍ଚମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ –୫୨୪(ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡସଢ଼ା ଓ ମୂଳସଢ଼ା ରୋଗ ନହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କି.ଗ୍ରା ଯବକ୍ଷାରଜାନ ,୧୨କି.ଗ୍ରା ଫସଫରସ ଓ ୧୨କି.ଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮କି.ଗ୍ରା ଯବକ୍ଷାରଜାନ,୮କି.ଗ୍ରା ଫସଫରସ ଓ ୮କି.ଗ୍ରା ପଟାସ୍ ମୂଳ ସାର ଆକାରରେ ପ୍ରୟୋଗ କରନ୍ତୁ।

# ଆଖୁରେ ପିଲ ବାହାରୁଥିଲେ...



**ଆ**ଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩କି.ଗ୍ରା ଯବକ୍ଷାରଜାନ ଓ ୧୨କି.ଗ୍ରା ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ରଦ୍ୱାରା ନାଳୀ ଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମ ଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (ଏକ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଚରୁ ଛଡାଇ ଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ଦୁଇଧାଡିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡିଯାଏ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ସବୁଠି ...

ପ୍ରଥମ ପୃଷ୍ଠାରୁ...

ମୋତେ ଓ ମୋ ସ୍ତ୍ରୀଙ୍କୁ ଡାକି ଆଲୋଚନା କଲେ। ଅନ୍ୟ ଜଣଙ୍କୁ ଟିକେଟ ଦେଲେ। ଏ ସବୁ ବିଶ୍ୱାସଘାତ କଲାଭଳି କାର୍ଯ୍ୟ। ଆଲୋଚନା ବେଳେ ଦଳ ପାଇଁ କାମ କରିବାକୁ କହି ପାରିଥାଆନ୍ତେ। ଦଳ ବିରୋଧୀ ଲୋକଙ୍କୁ ଟିକେଟ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ତାଙ୍କର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେ ନେଇ ଅର୍କ କିଛି ସ୍ପଷ୍ଟ କରିନାହାନ୍ତି। ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ଟିକେଟ କଟିଥିବାରୁ ସେ ମଧ୍ୟ ଦଳ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ସେ କହିଛନ୍ତି ଯେ, ବିଧାୟକ ଭାବେ ନିର୍ବାଚନ ମଣ୍ଡଳୀରେ ଅନେକ କାମ କରିଛନ୍ତି। କ'ଣ ପାଇଁ ଟିକେଟ କଟିଲା ଜାଣି ପାରୁ ନାହାଁନ୍ତି। ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ସ୍ୱର୍ଗତ ଏମପି ଲଡୁ କିଶୋର ସ୍ୱାଇଁଙ୍କ ସ୍ତ୍ରୀ ମଞ୍ଜୁଳା ସ୍ୱାଇଁଙ୍କୁ ବିଜେଡି ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ କରିଛି। ସେହିପରି ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ବିଜେଡି ଦ୍ୱିତୀୟ ଥର ଲଢ଼ିବା ପାଇଁ ସୁଯୋଗ ଦେଇ ନାହିଁ। ତାଙ୍କ ସ୍ଥାନରେ ରମେଶ ବେହେରାଙ୍କୁ ଟିକେଟ ଦିଆଯାଇଛି। ଏନେଇ ପୂର୍ଣ୍ଣଚନ୍ଦ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଦଳ ପାଇଁ ନିଷ୍ଠାପର ଭାବେ କାମ କରୁଥଲେ। କାହିଁକି ଟିକେଟ କଟାଗଲା ଜାଣିପାରୁନାହାଁନ୍ତି। କର୍ମୀମାନଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ବ୍ରହ୍ମପୁର ଏମପି ସିଦ୍ଧାନ୍ତ ମହାପାତ୍ର ଏବଂ ବ୍ରହ୍ମପୁର ବିଧାୟକ ରମେଶ ଚ୍ୟାଉ ପଟ୍ଟନାୟକଙ୍କ ଟିକେଟ କଟାଯାଇଥିବାରୁ ସେମାନେ ମଧ୍ୟ ଦଳ ସଭାପତିଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

କଂଗ୍ରେସ ଦଳରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଲୋକ ସଭା କିମ୍ବା ବିଧାନସଭା ଟିକେଟ ପାଇ ନ ଥିବାରୁ ଆଶାୟୀ କଂଗ୍ରେସ ପ୍ରାର୍ଥୀ ବିଦ୍ରୋହ ଆରମ୍ଭ କରିଛନ୍ତି। କେତେଜଣ ଦଳରୁ ଇସ୍ତଫା ଦେବା ସହ ଅନ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବରଗଡ଼ର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସାଧୁ ନେପାକ ଟିକେଟ ପାଇ ନ ଥିବାରୁ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିବା ସହ ଦଳରୁ ଇସ୍ତଫା ଦେଇଛନ୍ତି। ସାଧୁଙ୍କ ସହ ତାଙ୍କର ଶହ ଶହ ସମର୍ଥକ ମଧ୍ୟ ଦଳ ଛାଡ଼ିଛନ୍ତି। କଂଗ୍ରେସ ବରଗଡ଼ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ବିଧାନସଭା ଆସନ ପାଇଁ ନିପନ ଦାସଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ଟିକେଟ କଟିବା ଆଶଙ୍କାରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇଙ୍କ ସମର୍ଥକମାନେ ମଙ୍ଗଳବାର ଟିଟିଲାଗଡ଼ ବନ୍ଦ ଡାକରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା ମଧ୍ୟ ପ୍ରାର୍ଥୀ ଚୟନକୁ ନେଇ ସନ୍ତୁଷ୍ଟ ନାହାନ୍ତି। ସେ କହିଛନ୍ତି ଯେ ଆମେ ୫୨ ଜଣ ମହିଳାଙ୍କ ନାମ ସୁପାରିସ କରିଛୁ। ସେହି ଅନୁଯାୟୀ ପ୍ରାର୍ଥୀ କରା ନ ଗଲେ ଆମେ ମଧ୍ୟ ସ୍ୱର ଉତ୍ତୋଳନ କରିବୁ ବୋଲି କହିଛନ୍ତି। ପ୍ରାର୍ଥୀ ତାଲିକାକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋଟପାଡ଼ ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଟିକେଟ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବାରୁ ତାରା କ୍ଷୋଭ ପ୍ରକାଶ କରିଛନ୍ତି। ନବରଙ୍ଗପୁରା ପୂର୍ବତନ ଏମପି ପ୍ରଦୀପ ମାଝି ଚାହିଁଲେ ଟିକେଟ ଦିଅନ୍ତି ଓ କାଟନ୍ତି। ଟିକେଟ ବଣ୍ଟାରେ ତାଙ୍କ୍ୱର କିଛି ଭୂମିକା ନାହିଁ ବୋଲି ତାରା କହିଛନ୍ତି। ତେବେ ତାରାଙ୍କ ମନ୍ତବ୍ୟ ଉପରେ ପ୍ରଦୀପଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ଅନ୍ୟ ପକ୍ଷରେ ଭାଜପା ଟିକେଟ ବଣ୍ଟନ ହୋଇ ନ ଥିବାରୁ ସେହି ଦଳରେ ଅସନ୍ତୋଷ ଆରମ୍ଭ ହୋଇନାହିଁ।

### ଦୁଇଟି ଆସନର ...

ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଇନ୍ଦା ରିପୋର୍ଟ ଆଧାରରେ ପ୍ରଥମ କରି ଦୁଇଟି ସ୍ଥାନରୁ ନିର୍ବାଚନ ଲଢିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସହ ରାଉରକେଲାରୁ ହିଁ ନିର୍ବାଚନ ଲଢିଲେ ଭଲ ଫଳ ମିଳିବ ଏବଂ ପଶ୍ଚିମ ଓଡିଶାରେ ଦଳର ଲକ୍ଷ୍ୟ ମଧ୍ୟ ସଫଳ ହୋଇପାରିବ ବୋଲି ଦର୍ଶାଯାଇଥିଲା। ହେଲେ ରାଉରକେଲାରେ ଶାସକ ଦଳ ମୁଖିଆଙ୍କ ପାଇଁ ଦିଲୀପ ହିଁ ଏକମାତ୍ର ପ୍ରତିବନ୍ଧକ ଥିଲେ। ଭାଜପା ଛାଡିବା ପରଠାରୁ ଦିଲୀପଙ୍କୁ ଫେରାଇ ଆଣିବାକୁ ବିଜେଡିର ଗୋଟିଏ ଗୋଷ୍ଠୀ ଚେଷ୍ଟା କରି ବିଫଳ ହୋଇଥିଲା। ସେଥିଲାଗି ବର୍ତ୍ତମାନ ପରିସ୍ଥିତିରେ ଏକଥା ଦିଲୀପଙ୍କୁ କହିବାକୁ ମୁଖିଆଙ୍କଠାରୁ ଦାୟିତ୍ୱ ନେଇଥିବା ନେତାମାନେ ହାତ ଟେକି ଦେଇଥିଲେ ବୋଲି ଯାହା ଆଲୋଚନାରୁ ଜଣାପଡିଛି। ହେଲେ ଏହାକୁ ଏକ ସଫଳ ରୂପ ଦେବା ପାଇଁ କିଛିଦିନ ଲାଗି ଓଡିଶା ଗସ୍ତରେ ଆସିଥିବା ନବୀନଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ସହଯୋଗ ଲୋଡାଯାଇଥିଲା। ଶେଷରେ ଗୀତା ହିଁ ଦିଲୀପ ଏବଂ ବିଜେଡି ମଧ୍ୟରେ ବୁଝାମଣା କରାଇବାକୁ ଚେଷ୍ଟା କରିଥିଲେ। ସେହି କ୍ରମରେ ଗୀତାଙ୍କ କଥାକୁ ରକ୍ଷା କରି ଦିଲୀପ ୧୬।୩।୧୯ରେ ନବୀନ ନିବାସରେ ପହଞ୍ଚିଥିଲେ। ଦିଲୀପଙ୍କ ସବୁ ସର୍ତ୍ତ ପୂରଣ କରିବାକୁ ଆଲୋଚନା ସମୟରେ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଯୋଜନା ଥିଲା ମୁଖିଆ ରାଉରକେଲାକୁ ହିଁ ନିଜର ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିବେ। ଏକାଥରେ ଦୁଇଟି ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଶାସକ ଦଳର ବିଶ୍ୱାସ ଥିଲା। ପ୍ରଥମତଃ ଉଭୟ ଦିଲୀପ ଏବଂ ଶାସକ ଦଳରୁ ପ୍ରାର୍ଥୀ ହୋଇଥିବା ସାରଦା ନାୟକଙ୍କ ସମର୍ଥନ ପାଇ ନବୀନ ବିନା ଦ୍ୱିଧାରେ ନିର୍ବାଚନ ଲଢିପାରିବେ। ଏହାଛଡା ରାଉରକେଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସୁପରସ୍ପେଶିଆଲିଟି ହସ୍ପିଟାଲ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ ପ୍ରସଙ୍ଗରେ ଦିଲୀପଙ୍କ ସହଯୋଗରେ ବିଜେଡି ଭାଜପା ବିରୋଧରେ ପ୍ରଚାର କରିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ପୂର୍ବଥରଗୁଡିକ ଭଳି ବିଜୟ ମହାପାତ୍ରଙ୍କ ବିଷୟ ସବୁ ଆଲୋଚନାରେ ପାଣି ଢାଳିଦେଇଥିଲା। ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଫେରାଇ ଆଣିବା ପାଇଁ ଗ୍ରୀନ୍ ସିଗ୍‌ନାଲ ଦେଇ ନ ଥିଲେ, ଯେଉଁଥିପାଇଁ ଦିଲୀପ ସର୍ତ୍ତରେ ରାଜି ନ ହୋଇ ଫେରି ଆସିଥିବା ଶୁଣିବାକୁ ମିଳିଛି। ଏଥିପାଇଁ ଦିଲୀପଙ୍କୁ ରବିବାର ପର୍ଯ୍ୟନ୍ତ ମଧ୍ୟ ଚିନ୍ତା କରି ଜଣାଇବାକୁ କୁହାଯାଇଥିଲା। ତାଙ୍କ ଜବାବ ଅପେକ୍ଷାରେ ରବିବାର ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିବାକୁ ଥିଲେ ମଧ୍ୟ ତାହାକୁ ଘୁଞ୍ଚାଇ ସୋମବାର କରି ଦିଆଯାଇଥିଲା। ବିଜେଡି ତା'ର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ ଉଭୟ ଦିଲୀପ ଏବଂ ବିଜୟଙ୍କୁ ପୁଣିଥରେ ଫେରାଇ ଆଣିବା ପାଇଁ ଭାଜପାର ଏକ ନେତୃମଣ୍ଡଳୀ ଆଲୋଚନା ଜାରି ରଖିଛନ୍ତି।

ଏଥିରୁ ଦୁଇଟି ବିଷୟ ବୁଝାପଡୁଛି। ନବୀନ ପଟ୍ଟନାୟକ ତାଙ୍କ ଦୀର୍ଘଦିନର ନିର୍ବାଚନମଣ୍ଡଳୀ ହିଞ୍ଜିଳିରୁ ହୁଏତ ଜିଣିପାରିବେ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ କରିପାରୁ ନାହାନ୍ତି। ହିଞ୍ଜିଳି ହାତରୁ ଖସିଲେ ଦକ୍ଷିଣ ଓଡିଶାରେ ବିଜେଡିର ପ୍ରଭାବ ହ୍ରାସ ପାଇବ ବୋଲି ଜାଣିବାଶୁଣିବା ମହଲରେ ବିଶ୍ୱାସ କରାଯାଉଛି। ହିଞ୍ଜିଳିର ଦୁର୍ବଳ ପରିସ୍ଥିତି ସମ୍ପର୍କିତ ଗୋଇନ୍ଦା ରିପୋର୍ଟ ଯାହାକି ବର୍ତ୍ତମାନ ସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି। ଦ୍ୱିତୀୟତଃ ଏହି ରିପୋର୍ଟକୁ ପୋଲିସ ପକ୍ଷରୁ ଟୁଇଟ୍ କରି ଜାଲ୍ ବୋଲି କୁହାଯାଉଥିଲେ ମଧ୍ୟ କେଉଁ ସ୍ତରରୁ ଏହା ବାହାରେ ପ୍ରଘଟ ହେଲା ବୋଲି ସରକାରୀ ଅଫିସରମାନଙ୍କ ମଧ୍ୟରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ଏହା ସତ୍ୟ ଯେ, ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ମଙ୍ଗଳବାର ଉକ୍ତ ରିପୋର୍ଟ ଅସତ୍ୟ ବୋଲି କହି ଖଣ୍ଡନ କରାଯାଇଛି। ଅନ୍ୟପଟେ ଏଭଳି ରିପୋର୍ଟ ବିରୋଧୀଙ୍କ ପାଖରେ ପହଞ୍ଚିବାର ଏକମାତ୍ର ଅର୍ଥ ତଳସ୍ତରର ପୋଲିସ କର୍ମଚାରୀ ଏବେକା ଶାସକ ଦଳଠାରୁ ମୁହଁ ମୋଡିବା ଆରମ୍ଭ କରିସାରିଲେଣି। ଏହା ଯଦି ବାସ୍ତବ ହୋଇଥାଏ ତେବେ ଆସନ୍ତା ଦିନରେ ବିଜେଡି ପାଇଁ କଠିନ ପରିସ୍ଥିତି ସୃଷ୍ଟି ହେବାର ଅନେକ ସମ୍ଭାବନା ରହିଛି।

### ଜଳିଗଲା ସ୍କୁଲ...

ଫଳରେ ଛାତ୍ରୀଛାତ୍ର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ପାଟଣା ଥାନା ଏଏସଆଇ ସୁଧାଂଶୁଶେଖର ଜେନା, ମହେଶ୍ୱର ମୁଣ୍ଡା ଓ ଅଶୋକ କୁମାର ନାଏକ ପ୍ରମୁଖ ଦୁର୍ଘଟଣା ସ୍ଥଳରେ ଉପସ୍ଥିତ ରହି ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ। ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବାବେଳେ ଉପଯୁକ୍ତ ଯାଞ୍ଚ ଅଭାବରୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ମନୁଆଙ୍କୁ ଏନ୍‌କାଉଣ୍ଟର, ମିଳିଲା ୩ ବୋମା

**କଟକ ଅଫିସ, ୧୯।୩**

ଚିନି ବ୍ୟବସାୟୀ ଦାମୋଦର ଭଇଁଶଙ୍କାଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ମନୋଜ କୁମାର ସ୍ୱାଇଁ ଓରଫ ମନୁଆ(୨୮)ଙ୍କୁ ସୋମବାର ବିଳମ୍ବିତ ରାତିରେ ମାଲଗୋଦାନ ପୋଲିସ ଏନ୍‌କାଉଣ୍ଟର କରିଛି। ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଏନ୍‌କାଉଣ୍ଟରବେଳେ ମନୁଆଙ୍କ ବୋମା ମାଡ଼ରେ ଥାନାଧିକାରୀ ରବି ନାରାୟଣ ଭଞ୍ଜ, ଏସ୍‌ଆଇ ସୁନିଲ ଯାଦବଙ୍କ ସମେତ ଜଣେ ହାବିଲ୍‌ଦାର ଆହତ ହୋଇଛନ୍ତି। ଏଥିସହ ମନୁଆଙ୍କଠାରୁ ପୋଲିସ ୩ ବୋମା ଜବତ କରିବା ସହ ଆଇପିସି ଦଫା ୩୦୭, ୩୨୩, ୩୫୩ ଓ ଆଇଇ ଆକ୍ଟ ୯(୧–ବି)ରେ ମାମଲା (ନଂ.୬୨/୧୯) ରୁଜୁ କରିଛି। ମନୁଆଙ୍କ ଘର ଜଗତସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ବୀରକିଶୋରପୁର ଅଞ୍ଚଳରେ। ସୋମବାର ରାତି ପ୍ରାୟ ୧ଟାବେଳେ ମନୁଆ ଓ ତାଙ୍କର କେତେଜଣ ସହଯୋଗୀ ମାଲଗୋଦାମ ଥାନା ଅନ୍ତର୍ଗତ ବିଶ୍ୱଗୁରୁ ଆଇନ ମହାବିଦ୍ୟାଳୟ ପଛ ମହାନଦୀ କୂଳରେ ଥିବା ପାଣି ଟାଙ୍କି ନିକଟରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ଥାନା ଅଧିକାରୀ ରବି ନାରାୟଣଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ପୋଲିସକୁ ଦେଖି ସେମାନେ ଖସି ଯାଉଥିଲେ। ପୋଲିସ ପିଛା କରୁଥିବା ଦେଖି ମନୁଆ ପାଖରେ ରଖିଥିବା ୪ଟି ବୋମାରୁ ଗୋଟିଏ ପକାଇଥିଲେ। ପୋଲିସ ଆହତ ହୋଇଥିଲେ ମଧ୍ୟ ମନୁଆଙ୍କୁ କାବୁ କରିନେଇଥିଲେ।

## ସେଲ୍ଫି କର୍ଣ୍ଣର



@ ଶୁମନ୍ତ



@ ପ୍ରିତେଶ



@ ଶ୍ରବାଶିଷ



@ ଚନ୍ଦ୍ରକାନ୍ତ



@ ଅଭିଶେକ



@ ସରୋଜିନୀ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)



ମଙ୍ଗଳବାର ଅନୁଷ୍ଠିତ ସମ୍ବଲପୁର ଗାୟତ୍ରୀ ଫାର୍ମାସୀ କଲେଜର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

### ନିର୍ବାଚନ ପାଇଁ ସାରାବଙ୍ଗବାସୀଙ୍କ ପ୍ରସ୍ତୁତି

# ମଦ, ଟଙ୍କା ବାଣ୍ଟିଲେ ଭୋଟ ଦେବୁନାହିଁ

**ନୂଆପଡା ଅଫିସ,୧୯।୩**

ନିର୍ବାଚନ ବେଳେ ମଦ କିମ୍ବା ଟଙ୍କା ଦେଇ ମତଦାତାଙ୍କୁ କେହି ଯେପରି ପ୍ରଭାବିତ କରି ନ ପାରେ ସେଥିପାଇଁ ପ୍ରଶାସନ ସବୁବେଳେ ନିଘା ରଖିଥାଏ। ତଥାପି ନିର୍ବାଚନ ସମୟରେ ଏସବୁର ବହୁ ବ୍ୟବହାର ହେଉଥିବା ଅନେକ ସମୟରେ ଦେଖିବାକୁ ମିଳିଥାଏ। ହେଲେ ଏଥର ନୂଆପଡା ଜିଲାର ଆଦର୍ଶ ଗ୍ରାମପଞ୍ଚାୟତ ଭାବେ ପରିଗଣିତ ହେଉଥିବା ସାରାବଙ୍ଗ ଗ୍ରାମବାସୀ ନିଜ ତରଫରୁ ଏଥିପ୍ରତି ରୋକ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଆଗତୁରା ଖୁଚୁରା ମଦ ବେପାରୀମାନଙ୍କୁ ଧରି ଜରିମାନା କରୁଥିବାବେଳେ ନିର୍ବାଚନ ବେଳେ ଯେଉଁ ଦଳ କିମ୍ବା ନେତା ମଦ, ଟଙ୍କା ବାଣ୍ଟିବାର ଉଦ୍ୟମ କରନ୍ତି ତାଙ୍କୁ ମତଦାନ ନ ଦେବାକୁ ମଙ୍ଗଳବାର ସ୍ଥାନୀୟ ଛକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଚେତାଇ ଦେଇଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ଜିଲା ସଦର ମହକୁମାଠାରୁ ମାତ୍ର ୭ କି.ମି. ଦୂର ସାରାବଙ୍ଗ ଗ୍ରାମପଞ୍ଚାୟତରେ ଅନ୍ୟୂନ ସତୁରି ପ୍ରତିଶତ ଲୋକ ସାକ୍ଷର ରହିଛନ୍ତି । ଏଠିକାର ଲୋକଙ୍କ ଜୀବନ ଜୀବିକା କହିଲେ ଚାଷ ମୁଖ୍ୟ ବେଉସା। ଏହି ଅଞ୍ଚଳରେ ଗତ ଦିନର ବିଭିନ୍ନ ନିର୍ବାଚନକୁ ଦୃଷ୍ଟି ଦେଲେ ଏଠାରେ ମତଦାନ ହାର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଅଧିକ ରହିଥାଏ। ହେଲେ ବିଭିନ୍ନ ସମୟରେ ଏଠାରେ ମଦ୍ୟପଙ୍କ ସଂଖ୍ୟା ବଢି ଚାଲିଥିବାରୁ ଏହା ଉପରେ ଅଂକୁଶ ଲଗାଇବାକୁ ବହୁ ଉଦ୍ୟମ ଚଳାଇଛନ୍ତି ବୁଦ୍ଧିଜୀବୀମାନେ ।



ବୈଠକରେ ଯୋଗଦେଇଥିବା ନାଗରିକ ସଂଘ କର୍ମକର୍ତ୍ତାଗଣ ।

ସୂଚନାଯୋଗ୍ୟ ଯେ, ଦୀର୍ଘ ପଚିଶ ବର୍ଷ ଧରି ଗାଁ ମୁଣ୍ଡରେ ଚାଲିଥିବା ଦେଶୀ ମଦଭାଟିକୁ ସଚେତନ ମହିଳା ପୁରୁଷମାନେ ଏକଜୁଟ ହୋଇ ବନ୍ଦ କରିଦେଇଥିବା ଏକ ଉଦାହରଣ ହୋଇଛି । ସେହିଭଳି ଆଗାମୀ ସାଧାରଣ ନିର୍ବାଚନ ପାଇଁ ମଧ୍ୟ ବେଶ ପ୍ରସ୍ତୁତି ଚଳାଇଛନ୍ତି । ମଦଭାଟି ବନ୍ଦ କରିଦେବା ପରେ ଗାଁର ବିଭିନ୍ନ ଛକ ଜାଗାରେ ଖୁଚୁରା ବେପାରୀମାନେ ବାହାରୁ ମଦ ଆଣି ବିକ୍ରି କରୁଛନ୍ତି । ଏହାକୁ ଅବକାରୀ କି ପୋଲିସ ମଧ୍ୟ ଧରିପାରୁନାହିଁ। ଏହାକୁ ଗୁରୁତ୍ୱର ସହ ବିଚାରକୁ

#### ମଦବେପାରୀଙ୍କୁ ଜରିମାନା କଲେ

ନେଇ ମଙ୍ଗଳବାର ସ୍ଥାନୀୟ ଛକରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ସଚେତନ ନାଗରିକ ସଂଘ ତରଫରୁ ପ୍ରକାଶ ଦୀକ୍ଷିତ ସଭାପତିତ୍ୱ କରିଥିବାବେଳେ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ଅଶୋକ ଦୀକ୍ଷିତ, କମଳେଶ ଦୀକ୍ଷିତ, ଲାଲସିଂ ମାଝି, ପୁନିତ ରାଉତ, ଶୋଭନ କେଉଁଟ ପ୍ରମୁଖ । ଏହି ଅବସରରେ ଏକ ସ୍ୱଚ୍ଛ ଗଣତନ୍ତ୍ର ରାଷ୍ଟ୍ର ଗଠନରେ ସାଧାରଣ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ଆମକୁ ଏବେ ହିଁ ତାର ପରିଚୟ ଦେବାକୁ ଠିକ ସମୟ ଆସିଛି । ତେଣୁ କରି ନିଶାମୁକ୍ତ ଏବଂ ଲାଞ୍ଚ ମୁକ୍ତ ଭାବେ ନିର୍ବାଚନକୁ ପରିଚାଳନାରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ କେତେଜଣ ହାତଗଣତି ଖୁଚୁରା ମଦ ବେପାରୀଙ୍କୁ ଜରିମାନା କରି ଏଣିକି ମଦ ବିକ୍ରି ବନ୍ଦ କରି ଅନ୍ୟ ରୋଜଗାର ଦେଖିବାକୁ ପରାମର୍ଶ ଦେଇଥିଲେ। କୌଣସି ଦଳର ନେତା ମଧ୍ୟ ଏଭଳି ପ୍ରଲୋଭିତ କରି ଭୋଟରଙ୍କୁ ଭ୍ରମିତ କରିବାର ଖବର ଆସିଲେ ତାଙ୍କୁ ଭୋଟ ନ ଦେବାକୁ କୁହାଯାଇଛି। ଏଥିରେ ଶତାଧିକ ଲୋକ ଯୋଗଦେଇ ସମର୍ଥନ ଜଣାଇଥିଲେ। ବୈଠକ ଶେଷରେ ଆଇନଜୀବୀ କମଳେଶ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ ।

ଓସ୍କାର ଚିଟ୍‌ଫଣ୍ଡ ଠକେଇ ମାମଲା

## ଗିରଫ ହେଲେ ନିର୍ଦ୍ଦେଶକ ରବୀନ୍ଦ୍ର ସ୍ୱାଇଁ

**ଭୁବନେଶ୍ୱର,୧୯।୩ (ବ୍ୟୁରୋ)**

ଦୀର୍ଘ ଧରି ଫେରାର ଥିବା ଓସ୍କାର ଚିଟ୍‌ଫଣ୍ଡ ସଂସ୍ଥାର ନିର୍ଦ୍ଦେଶକ ରବୀନ୍ଦ୍ର ପ୍ରସାଦ ସ୍ୱାଇଁ(୪୫)ଙ୍କୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମଙ୍ଗଳବାର ଗିରଫ କରିଛି। ତାଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଥିବା ଜଣାପଡିଛି। ତାଙ୍କ ଘର ଗଞ୍ଜାମ ଜିଲା ପୋଲସରା ଅଞ୍ଚଳରେ। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ କେସ୍ ନଂ. କେସ୍ ନଂ.୧୦/୨୦୧୫ ଓ ଦଫା ୪୬୭, ୪୬୮, ୪୭୧, ୪୨୦, ୪୦୬, ୧୨୦(ବି)ରେ କଟକ ଓପିଆଇଡି କୋର୍ଟକୁ ପଠାଇ ଦେଇଛି।

ସୂଚନା ଅନୁଯାୟୀ,୨୦୦୬ରେ ଓସ୍କାର ଚିଟ୍‌ଫଣ୍ଡ କମ୍ପାନୀ ମହାରାଷ୍ଟ୍ର, ଗୁଜରାଟ ଓ ଓଡିଶାରେ ଏହାର ଅଫିସର ଖୋଲି ବ୍ୟବସାୟ ଆରମ୍ଭ କରିଥିଲା। ଅଧିକ ସୁଧ ଓ କମ୍ ଦିନରେ ଅର୍ଥ ଦ୍ୱିଗୁଣିତ ହେବାର ଦେବାର ପ୍ରତିଶ୍ରୁତି ଦେଇ ସଂସ୍ଥା ଲୋକଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲା। ଉକ୍ତ ଟଙ୍କାକୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲଗାଯିବା ସହ ସଂସ୍ଥା ପ୍ରତି ଜମାକାରୀଙ୍କ ବିଶ୍ୱାସକୁ ବଢ଼ାଇବା ପାଇଁ କେତେଜଣ ପ୍ରତିଷ୍ଠିତ ନେତା ଓ ଅଭିନେତାଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିଲା। ୨୦୧୫ ପର୍ଯ୍ୟନ୍ତ ଏହି ସଂସ୍ଥା ୩ ରାଜ୍ୟରୁ ୧୩୦ କୋଟି ଟଙ୍କା ଠକି ନେଇ ସଂସ୍ଥା ବନ୍ଦ ହୋଇଯାଇଥିଲା। ସଂସ୍ଥାର ଚେୟାରମ୍ୟାନ ପ୍ରଭାସ ଚନ୍ଦ୍ର ରାଉତ ଓ ନିର୍ଦ୍ଦେଶକ ଥିଲେ ରବୀନ୍ଦ୍ର ପ୍ରସାଦ ସ୍ୱାଇଁ ଫେରାର ହୋଇଯାଇଥିଲେ। ଠକେଇର ଶିକାର ଜଣେ ଜମାକାରୀ ଗଞ୍ଜାମର ଜଗଦୀଶ ରାଉତ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାମଲା ରୁଜୁ କରିବା ସହ ପ୍ରଭାସଙ୍କ ସମେତ ୬ଜଣଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରୁ ୪ଜଣ ଜେଲ୍‌ରେ ଥିବାବେଳେ ତାରା ପ୍ରସାଦ ହୋତା ଓ ପ୍ରଭାତ କୁମାର ପଟ୍ଟନାୟକ ହାଇକୋର୍ଟରୁ ଜାମିନ ପାଇଥିଲେ। ଗିରଫ ଭୟରେ ନିର୍ଦ୍ଦେଶକ ରବୀନ୍ଦ୍ର ଓ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ।

## ନକଲି ଜର୍ଦ୍ଦା କାରଖାନା ଠାବ

- ଲକ୍ଷାଧିକ ଟଙ୍କାର ଜର୍ଦ୍ଦା ଓ ଯନ୍ତ୍ରାଂଶ ଜବତ

**ଭଦ୍ରକ ଅଫିସ,୧୯।୩**

ଭଦ୍ରକ ସହରର ପୁରୁଣା ବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରବାର କିପରି ଅବାଧରେ ଚାଲିଥିଲା ତାହାର ନଜୀର ପଦାକୁ ଆସିଛି। ଗୋଟିଏ ପରେ ଗୋଟିଏ ନକଲି ଜର୍ଦ୍ଦା କାରଖାନା ଠାବ ଏଠି ଚର୍ଚ୍ଚାକୁ ଆସିଛି। ସୋମବାର ବିଳମ୍ବିତ ରାତିରେ ଭଦ୍ରକ ପୁରୁଣାବଜାର ପୋଲିସ ଚଢାଉ କରି ଆଉ ଏକ ନକଲି ଜର୍ଦ୍ଦା କାରଖାନା ଠାବ କରିଛି। ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ନେତୃତ୍ୱରେ ଛଡ଼ାକମହଲା ସୁଲତାନ ନଗରରେ ବହୁଦିନଧରି ଚାଲିଥିବା ଉକ୍ତ ନକଲି ଜର୍ଦ୍ଦା କାରଖାନା ଉପରେ ଚଢାଉ କରାଯାଇଥିଲା।



ଜବତ ନକଲି ଜର୍ଦ୍ଦା ସାମଗ୍ରୀ।

ସେଠାରୁ ଲକ୍ଷାଧିକ ଟଙ୍କାର ନାମୀଦାମୀ କମ୍ପାନୀର ନକଲି ଜର୍ଦ୍ଦା, ପ୍ୟାକିଂ ମେସିନ ଓ କଞ୍ଚାମାଲ ଜବତ ହୋଇଛି। କାରଖାନା ମାଲିକ ଫେରାର ହୋଇଯାଇଛନ୍ତି । ଉଲ୍ଲେଖନୀୟ ଯେ, ଏଥିପୂର୍ବରୁ ପ୍ରାୟ ୧୦ ରୁ ଉର୍ଦ୍ଧ୍ୱ ଅନୁରୂପ ନକଲି ଜର୍ଦ୍ଦା କମ୍ପାନୀକୁ ପୋଲିସ ଠାବ କରି ୧୦ ରୁ ଉର୍ଦ୍ଧ୍ୱ ବେପାରୀଙ୍କୁ ଗିରଫ କରିଛି। ଏହାସତ୍ତ୍ୱେ ପୁରୁଣାବଜାର ଅଞ୍ଚଳରେ ନକଲି ଜର୍ଦ୍ଦା କାରଖାନା ଏକ କୁଟୀର ଶିଳ୍ପ ରୂପ ନେଇଛି।


ଧରିତ୍ରୀ **CAREER APPOINTMENT** every Wednesday & Saturday

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
**Qualification:** 10th Pass
Driving License Must.
**CALL: 9040033665**

**REQUIRED**
- Banking Asst.( Field) - 2 Nos.
- Civil Supervisor- 1 No
- Purchase Executive- 1 No

Salary 8000/-+ fuel
Mail your C.V :
careersgarggroup@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

**WANTED**
COMPUTER OPERATOR FOR BHUBANESWAR BASED SHOP.
Qualification- +2 with Tally. And Knowledge in Accounts.
CONTACT - WHATSAPP :- 7978646669
CALL-7894430954

**REQUIRED**
STAFF WITH COMPUTER KNOWLEDGE for Packing, Embossing and Stickering works at Bhubaneswar, Berhampur, Rourkela, Sambalpur, Balasore, Jajpur.
Contact : 9348195700
Email: btisteels@gmail.com

**WANTED**
ଭୁବନେଶ୍ୱରରେ ଥିବା ଏକ ଲଣ୍ଡ୍ରୀ Workshopପାଇଁ ପିକ୍ ଅପ୍ ଡେଲିଭରୀ ପିଲା, ଇସ୍ତ୍ରୀ କରିବାପାଇଁ କାରିଗର ଓ ଥାକ ସଜାଡିବା ପାଇଁ ପୁଅ କିମ୍ବା ଝିଅ ପିଲା ଆବଶ୍ୟକ ।
Contact : 9238356740
Versa care, Rabi Talkies, BBSR

**MNC କମ୍ପାନୀରେ ଚାକିରୀ**
VACANCY- 10 (Male) & 7 (Female)
No Registration Fee / No Experience
ଯୋଗ୍ୟତା-10th/+2/+3. Age Below 30 yrs
Monthly : 8000-10000 ଓ ରହିବା ସୁବିଧା
ଆସନ୍ତା ୫ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ
BHUBANESWAR : 9437186335

**WANTED**
- TALLY ACCOUNTANT
- SAP Data Entry Operator
- House Keeping staff
- Transport Asst.
- Driver

Salary with ESI
Office: Hanspal, Rudrapur, BBSR
Email: e4consulting@gmail.com

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

**VACANCY 22 FOR 10TH & +2 CANDIDATES**
Direct job / No Charges, ବୟସ ସୀମା ୧୮ରୁ ୨୮ ବର୍ଷ,ମାସିକ ଆୟ Rs.7000 to Rs.10000/- ସହ ରହିବା ସୁବିଧା ଅଛି ।
Contact Immediately For Joining.
MICRO EXPANSION, N/6-315, Jaydev Vihar, Bhubaneswar,
Mob : 9040255491

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ । ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ଭୁବନେଶ୍ୱର କଣ୍ଟାବାଡ଼ଠାରେ ସିକ୍ୟୁରିଟି ଗାର୍ଡ ଚାକିରି ପାଇଁ ପୁରୁଷ ପ୍ରାର୍ଥୀ ଆବଶ୍ୟକ। ଦରମା- 7500-8000, ଡ୍ୟୁଟି-12 ଘଣ୍ଟା।
ଫ୍ୟୁଚର୍ ଗ୍ରୁପ୍ ଅଫ୍ କମ୍ପାନୀ।
ଯୋଗାଯୋଗ ନଂ. 9002223933, 9733008295

**ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ**
21/4 ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି-628501 (ତାମିଲନାଡୁ)
**ଆବଶ୍ୟକ**
ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଆଇଏମ୍‌ଏସ୍ ପ୍ରମାଣଧାରୀ ତଥା ବାର୍ଷିକ ଟ.1400 କୋଟିର ବିଶ୍ୱବ୍ୟାପୀ କାରବାରଧାରୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଫୋର୍ ଷ୍ଟାର୍ ଏକ୍ସପୋର୍ଟ ହାଉସ୍ ଏହାର କୋଭିଲପାଟ୍ଟି, ତାମିଲନାଡୁସ୍ଥିତ ୟୁନିଟ୍ ପାଇଁ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ କରୁଛି।
**ନିଯୁକ୍ତି ଅଧିକାରୀ / ମ୍ୟାନ୍‌ପାୱାର୍ ମୋବିଲାଇଜର୍**
ଡିଗ୍ରୀ ସହିତ ସ୍ପିନିଂ, ୱିଭିଂ ଏବଂ ଗାର୍ମେଣ୍ଟ କାରଖାନା ନିମନ୍ତେ ଅଣକୁଶଳୀ କର୍ମଚାରୀ ନିଯୁକ୍ତି (ପୁରୁଷ/ମହିଳା)ରେ ଶ୍ରମବଳ କ୍ଷେତ୍ରରେ 5-7 ବର୍ଷର ଅଭିଜ୍ଞତା। ମନୋନୀତ ପ୍ରାର୍ଥୀ ନିଜସ୍ୱ ସହରରୁ କାମ କରିବେ। ପଦବୀରେ ଆକର୍ଷଣୀୟ ବେତନ ଏବଂ କାର୍ଯ୍ୟ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ରହିଛି। ଉପଯୁକ୍ତ ପ୍ରାର୍ଥୀମାନେ ସେମାନଙ୍କ ରିଜ୍ୟୁମ୍ ତଥା ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍ 10 ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ପଠାଇପାରନ୍ତି।
ଭାଇସ୍ ପ୍ରେସିଡେଣ୍ଟ - ୱାର୍କସ୍, ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ, 21/4, ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି - 628501 (ତାମିଲନାଡୁ)।
ଇମେଲ୍: hr@loyaltextiles.com, ଫୋନ୍: 6379226900, 9442530210

**REQUIRED**
(1) MBA with A/c knowledge-2
(2) Commerce Degree with Computer knowledge-3
(3) Marketing Executives-2
(4) Plastic Manufacturing Technician-1
(5) I.T with Social Media knowledge-1
(6) Maid Servant Female/Male above (30) Thirty years.
Please contact with Bio-data
M/S PADMA SALES, Ganeswarpur, Januganj, Balasore-756019.
M: 9437297718 (Ajay)
9338060650 (Dibas)
Mail: puspak_roadway@rediffmail.com
pallavi_syndicate@rediffmail.com

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ମେଶିନ ଅପରେଟର**
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
**ମେଶିନ ସହଯୋଗୀ**
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

**RAJDHANI Pvt. I.T.I Group of Institutions**
(Affiliated to N.C.V.T & S.C.T.E & V.T, Govt. of Odisha)
**BBSR Campus:** Plot: 137, District Centre, Chandrasekharpur, Bhubaneswar-751016.
**CUTTACK Campus:** Plot: 81, Patapur, Brahmanigaon, Trisulia, Cuttack-754005.
**KHORDA Campus:** Plot:180, At/Po: Daleiput, Khurda.
**Contact: 7749836754, 9338822999, 9040009990. Email: rajdhaniitc06@gmail.com**
**WALK-IN INTERVIEW**

| POST | EXPERIENCE | QUALIFICATION |
|---|---|---|
| T.O (Electrician-4 Nos. / Fitter-4 Nos.) | Minimum 3 yrs in respective post & CTI trained preferred. | Diploma (Mech./Elect.) |
| A.T.O (Elect.- 8 Nos. & Fitter- 8 Nos.) | Minimum 2 yrs for Diploma/ 3 years ITI in respective post with Knowledge in Engg. Drawing (More Preference to CTI certified). | Diploma/ ITI (Elect./Fitter) |
| A.T.O (IT)- 3Nos. | Minimum 3 Years in respective Post (Freshers can also apply) | BCA / BSc. Comp. Sc. / COPA/ DOEACC O Level. |
| A.T.O Employability Skill)- cum- Office - 3 nos. | 3 Years Teaching Experience with proficient Computer Knowledge | BBA with DOEACC A Level. |
| Accountant-2 Nos. | Minimum 5 yrs experience in the respective field | B. Com with tally |
| Supporting Staff Peon- 4 nos. Cook- 4nos. Sweeper- 4Nos. | Minimum 3 yrs experience in respective post (Most preferred for Cook with Peon) | Matriculation / Under Matric |

**Above Posts are for CUTTACK, BHUBANESWAR & KHORDA Campus.**
Walk-in Interview with your **complete bio-data with original certificates, Experience , Aadhar Copy, Recent Photograph etc.** for verification from **Dt.21.03.2019 to Dt.28.03.2019** from **11a.m to 2p.m** except Sunday & Govt. Holidays at **Rajdhani Pvt. I.T.I, Plot No.- 137, District Centre, Chandrasekharpur, Bhubaneswar-751016.**
Sd/-Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

କୃଷି ବ୍ୟବସ୍ଥାର ବିକାଶ ବିନା ଦେଶର ଦ୍ରୁତ ଅଭିବୃଦ୍ଧି ସାଧନ ହୋଇ ପାରିବ ନାହିଁ।

–ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



ଚାଇନା ବ୍ୟାଙ୍କ ସହ ସହଯୋଗିତା ଦ୍ୱାରା ଗ୍ରାହକମାନେ ସୁବିଧା ଲାଭ କରିବା ନେଇ ଆଶାବାଦୀ।

–ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ



## ସଂକ୍ଷେପରେ

### ଏପ୍ରିଲରୁ ଘର କିଣା ହେବ ଶସ୍ତା ନୂଆ ନିୟମକୁ ଜିଏସ୍‌ଟି କାଉନ୍‌ସିଲ୍‌ର ଅନୁମୋଦନ



ନୂଆଦିଲ୍ଲୀ,୧୯-୩: ଆସନ୍ତା ଏପ୍ରିଲର ପହିଲାରୁ ଘର/ଫ୍ଲାଟ୍ କିଣିବା ଶସ୍ତା ହେବ। ମଙ୍ଗଳବାର ଅନୁଷ୍ଠିତ ଜିଏସ୍‌ଟି କାଉନ୍‌ସିଲର ୩୪ ତମ ବୈଠକରେ ନୂଆ ଟିକସ ଢାଞ୍ଚା ଏବଂ ନିୟମକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ସଚିବ ଏ.ବି.ପାଣ୍ଡେ ଜିଏସ୍‌ଟି କାଉନସିଲ ବୈଠକ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାରଗୁଡ଼ିକ ସହ ଆଲୋଚନା କରିବା ପରେ ଗୃହ ବିକାଶରେ କାର୍ଯ୍ୟରତ କମ୍ପାନୀଗୁଡ଼ିକୁ ନୂଆ ଟିକସ ଢାଞ୍ଚା ପାଳନ ଲାଗି ପର୍ଯ୍ୟାପ୍ତ ସମୟ ଦିଆଯିବ। ଏହି ବୈଠକରେ ରିୟଲ ଇଷ୍ଟେଟ ସେକ୍ଟରରେ ବର୍ତ୍ତମାନର ଟିକସ ଢାଞ୍ଚା ବଦଳରେ ନୂଆ ଢାଞ୍ଚା ଲାଗୁ କରିବା ନେଇ ବ୍ୟବସ୍ଥା ଉପରେ ଏବଂ ଏହାର ପାଳନ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଦେଶରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକରେ କୌଣସି ନୀତିଗତ ନିଷ୍ପତ୍ତି ନିଆଯାଇ ନଥିଲା।

### ୩୧,୮୦୦ ପେଟ୍ରୋଲ ପମ୍ପ ବଣ୍ଟନ: ଇସିଙ୍କ ଅନୁମତି ନେବାକୁ ତୈଳ କମ୍ପାନୀଙ୍କ ଉଦ୍ୟମ

ନୂଆଦିଲ୍ଲୀ,୧୯-୩: ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ୩୧,୮୦୦ ପେଟ୍ରୋଲ ପମ୍ପ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଦେଶରେ ଏବେ ଆଚରଣ ବିଧି ଲାଗୁ କରାଯାଇଛି। ଏଣୁ ପେଟ୍ରୋଲ ପମ୍ପ ବଣ୍ଟନ ପାଇଁ ୩ଟି ତୈଳ ବିତରଣ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ,ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଓ ଇଣ୍ଡିଆନ ଅଏଲ କର୍ପୋରେଶନ ଏବେ ଇସିଙ୍କ ଅନୁମତି ଚାହୁଁଛି। ଏହାକୁ ଦୃଷ୍ଟିରେ ରଖି ଇସିଙ୍କଠାରୁ ଅନୁମତି ଆଣିବା ଉଦ୍ଦେଶ୍ୟରେ ତୈଳ ବିତରଣ କମ୍ପାନୀଗୁଡ଼ିକ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ସୂଚନାଥାଉ କି, ଦେଶରେ ୭୮,୪୯୩ ଟି ପେଟ୍ରୋଲ ପମ୍ପ ପ୍ରତିଷ୍ଠା ଉଦ୍ଦେଶ୍ୟରେ ତୈଳ କମ୍ପାନୀଗୁଡ଼ିକ ଆବେଦନ ଆହ୍ୱାନ କରିଥିଲେ। ତନ୍ମଧ୍ୟରୁ ୩୧,୮୦୦ ପାଇଁ ବିଡ୍ ଧାର୍ଯ୍ୟ ହୋଇଛି। ଇତିମଧ୍ୟରେ ସେମାନେ ୨୫୭୯ ସ୍ଥାନରେ ପେଟ୍ରୋଲ ପମ୍ପ ସ୍ଥାପନ ଲାଗି ଏଲ୍‌ଓଆଇ ପ୍ରଦାନ କରିସାରିଛନ୍ତି।

# ଜେଟ୍ ଏୟାରୱେଜର ସଙ୍କଟ ଟାଳିବାକୁ ଉଦ୍ୟମ

- ଜରୁରୀ ବୈଠକ ଡାକିଲେ ସରକାର
- ସହାୟତା ଲାଗି ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯-୩

ଆଗକୁ ସାଧାରଣ ନିର୍ବାଚନ। ଏ ସମୟରେ ଜେଟ୍ ଏୟାରୱେଜ ସଙ୍କଟ ଯୋଗୁ କର୍ମଚାରୀ ଚାକିରି ହରାନ୍ତୁ ଏହା ଚାହୁଁନାହାନ୍ତି ଏନ୍‌ଡିଏ ସରକାର। କାରଣ ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏବେ ଏହି ଘରୋଇ କମ୍ପାନୀକୁ ବଞ୍ଚାଇବା ଲାଗି ମଇଦାନକୁ ଓହ୍ଲାଇଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଜେଟ୍ ଏୟାରୱେଜକୁ ଆର୍ଥିକ ସଙ୍କଟରୁ ବାହାର କରିବା ଲାଗି ପ୍ରୟାସ ଆରମ୍ଭ କରନ୍ତୁ ବୋଲି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହାର ସମାଧାନ ନେଇ ଜରୁରୀ ବୈଠକ ଡାକିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍‌ର ଆର୍ଥିକ ସ୍ଥିତି ସମ୍ପର୍କରେ ତଥ୍ୟ ଉପଲବ୍ଧ କରାଇବା ଲାଗି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ଏକ ବ୍ୟାଙ୍କ ସମୂହକୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ। ନିକଟ ଅତୀତରେ ଜେଟ୍‌ର ପୁନରୁଦ୍ଧାର ଯୋଜନା ନେଇ ବ୍ୟାଙ୍କଗୁଡ଼ିକ ସାପ୍ତାହିକ ଭିତ୍ତିରେ ସରକାରଙ୍କୁ ସୂଚନା ଦେଉଥିଲେ ଓ ଏ ସଂକ୍ରାନ୍ତରେ ପରାମର୍ଶ ଦେବା ପାଇଁ କୁହାଯାଇଥିଲା। ଏକ ଘରୋଇ ବିମାନ କମ୍ପାନୀକୁ ବଞ୍ଚାଇବା ଲାଗି ଟିକସଦାତାଙ୍କ ଅର୍ଥକୁ ସରକାର ବାଜିରେ ଲଗାଇବାକୁ ସରକାର ଏବେ ବଦ୍ଧପରିକର। ନିଜର ୪୯% ଅଂଶଧନ ଥିବା ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକଚର ଫଣ୍ଡ(ଏନ୍‌ଆଇଆଇଏଫ୍)କୁ ସରକାର ଜେଟ୍‌ରେ ନିବେଶ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। କମ୍ପାନୀର ଋଣକୁ ଇକ୍ୱିଟିରେ ପରିବର୍ତ୍ତନ କରିବା ଏବଂ ଜେଟ୍‌ରେ ଅଂଶଧନ କିଣିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ଏହା ଏକ ଅସ୍ଥାୟୀ ଯୋଜନା ହେବ। ଜେଟ୍‌ର ଆର୍ଥିକ ସ୍ଥିତି ସୁଧୁରିଯିବା ପରେ ନିବେଶକାରୀ ବ୍ୟାଙ୍କ ନିଜର ଅଂଶଧନକୁ ବିକ୍ରି କରି ଦେବେ। ସରକାରଙ୍କ ଭୟ ଯେ, ଜେଟ୍ ବୁଡ଼ିଗଲେ ବିମାନ ଭଡ଼ା ମାତ୍ରାଧିକ ଭାବେ ବଢ଼ିଯିବ ଏବଂ ଦେଶରେ ବେସାମରିକ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶ ପ୍ରଭାବିତ ହେବ। ଏହାଛଡ଼ା ଏହି କ୍ଷେତ୍ରଟି ନିଯୁକ୍ତି ସୃଷ୍ଟିର ସବୁଠୁ ବଡ଼ ମାଧ୍ୟମ ହୋଇଥିବାରୁ ନିର୍ବାଚନ ସମୟରେ ଏ କ୍ଷେତ୍ର ପ୍ରଭାବିତ ହେଉ ସରକାର ଚାହୁଁନାହାନ୍ତି। ଏହି କାରଣରୁ ଜେଟ୍ ଏୟାରୱେଜରେ ଉପୁନ୍ନ ସଙ୍କଟ ଟାଳିବା ଉଦ୍ଦେଶ୍ୟରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଜରୁରିକାଳୀନ ବୈଠକ ଡକାଇବାକୁ ମଙ୍ଗଳବାର ମନ୍ତ୍ରଣାଳୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ତୁରନ୍ତ ରିପୋର୍ଟ ପଠାଇବାକୁ ସେ କହିଛନ୍ତି।



### ଜେଟ୍‌ର ଏବେ ଉଡୁଛି ୪୧ ବିମାନ

ଜେଟ୍ ଏୟାରୱେଜର ଅଧିକାରୀଙ୍କ ସହ ମଙ୍ଗଳବାର ଆଲୋଚନା ପରେ କମ୍ପାନୀର ଏବେ ମାତ୍ର ୪୧ ବିମାନ ଉଡ଼ାଣ ଭରୁଛି ବୋଲି ଡିଜିସିଏ ପ୍ରକାଶ କରିଛି। ପରିସ୍ଥିତି ଭଲ ନ ଥିବାରୁ ଆଗାମୀ ଦିନରେ ଆହୁରି ବିମାନ ଛିଡ଼ା ହେବ ବୋଲି ଏହା କହିଛି। ବିମାନ ଉଡ଼ାଣ ସଂକ୍ରାନ୍ତରେ ନିୟମ ପାଳନ କରିବାକୁ ଏହି ବୈଠକରେ ଡିଜିସିଏ ନିର୍ଦ୍ଦେଶ ଦେଇଛି।

### ଉଡ଼ାଣ ରଦ୍ଦ କରିବାକୁ ପାଇଲଟଙ୍କ ଧମକ

୩ ମାସ ହେବ ଦରମା ପାଇ ନ ଥିବା ଜେଟ୍ ଏୟାରୱେଜର ଇଞ୍ଜିନିୟର ଓ ପାଇଲଟ ଏବେ ଏପ୍ରିଲ ପହିଲାରୁ ଉଡ଼ାଣ ରଦ୍ଦ କରିବାକୁ ଧମକ ଦେଇଛନ୍ତି। ଜେଟ୍ ବିମାନର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇ ହେବ ନାହିଁ ବୋଲି ଇଞ୍ଜିନିୟରମାନେ ଚେତାବନୀ ଦେଇ କେନ୍ଦ୍ର ସରକାରଙ୍କୁ ହସ୍ତକ୍ଷେପ କରିବାକୁ ପତ୍ର ଲେଖିଛନ୍ତି। ଅନ୍ୟପକ୍ଷରେ ପାଇଲଟମାନେ ମାର୍ଚ୍ଚ ୩୧ ସୁଦ୍ଧା ରିଜୋଲ୍ୟୁଶନ ଯୋଜନା ପ୍ରଣୟନ ଏବଂ ଦରମା ପ୍ରଦାନ କରିବାକୁ ସମୟ ଦେଇଛନ୍ତି। ନଚେତ୍ ସେମାନେ ଏପ୍ରିଲ ପହିଲାରୁ ବିମାନ ଉଡ଼ାଇବେ ନାହିଁ ବୋଲି ସଫା ସଫା କହିଦେଇଛନ୍ତି।

■ସରକାରୀ ଡାଟା ବିଶ୍ୱସନୀୟତାକୁ ନେଇ ପ୍ରଶ୍ନବାଚୀ

# ଅର୍ଥନୀତିଜ୍ଞଙ୍କ ବିରୋଧରେ ମୁହଁ ଖୋଲିଲେ ଜେଟ୍‌ଲୀ

ନୂଆଦିଲ୍ଲୀ,୧୯-୩



ସରକାରୀ ଡାଟାର ବିଶ୍ୱସନୀୟତା ଉପରେ ଦେଶର ୧୦୮ ଅର୍ଥନୀତିଜ୍ଞ ଗତ ସପ୍ତାହରେ ପ୍ରଶ୍ନବାଚୀ ଲଗାଇଥିବା ବେଳେ ଏହାକୁ ନେଇ ଅର୍ଥମନ୍ତ୍ରୀ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ମୁହଁ ଖୋଲଛନ୍ତି। ୭୦ % ଅର୍ଥନୀତିଜ୍ଞ ଅଧିକାଂଶ କ୍ଷେତ୍ରରେ ବିରୋଧାତ୍ମକ ଆଚରଣ କରୁଥିବା ଜେଟଲୀ କହିଛନ୍ତି। ଟୁଇଟରରେ ଜାରି ଏକ ଭିଡ଼ିଓରେ ଜେଟଲୀ କହିଛନ୍ତି ଯେ, ବିଭିନ୍ନ ଦିଗକୁ ଦେଖିଲେ ଅର୍ଥନୀତିରେ ଅଭିବୃଦ୍ଧି ଆସିଛି। ଏପରି ସ୍ଥିତିରେ ନିଯୁକ୍ତି ସୃଷ୍ଟି ହେଉ ନ ଥିବା କିଭଳି ଜଣେ କହିପାରିବ ବୋଲି ଅର୍ଥମନ୍ତ୍ରୀ ଯୁକ୍ତି ବାଢିଛନ୍ତି। ସରକାରୀ ତଥ୍ୟର ସଠିକତାକୁ ନେଇ ୧୦୮ ଅର୍ଥନୀତିଜ୍ଞ ପ୍ରଶ୍ନ ଉଠାଇବା ପରେ ଜେଟଲୀ ଏଭଳି ପ୍ରତିକ୍ରିୟା ରଖିଛନ୍ତି।

ଏହି ଅର୍ଥନୀତିଜ୍ଞମାନେ ଗତ ପାଞ୍ଚ ବର୍ଷ ହେବ ସରକାରଙ୍କୁ ବିଭିନ୍ନ କ୍ଷେତ୍ରରେ ସମାଲୋଚନା କରୁଛନ୍ତି। ରାଜନୈତିକ କିମ୍ବା ଅର୍ଥନୈତିକ ପ୍ରସଙ୍ଗରେ ଏମାନେ ଯୁକ୍ତି ବାଢୁଛନ୍ତି। ସରକାରୀ ତଥ୍ୟକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥା ସର୍ବଦା ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ କହିଛନ୍ତି। ମାତ୍ର ଦେଶର ଅର୍ଥନୀତିଜ୍ଞମାନେ ନିଯୁକ୍ତି ସୃଷ୍ଟି ହେଉ ନ ଥିବା କହୁଛନ୍ତି। ଏନ୍‌ଡିଏ ସରକାରଙ୍କ ସମୟରେ ଭିତ୍ତିଭୂମିରେ ଢେର ଉନ୍ନତି ହୋଇଥିବା ଜେଟ୍‌ଲୀ ଯୁକ୍ତିରେ କହିଛନ୍ତି। ପ୍ରତିବର୍ଷ ୧୦,୦୦୦ କିମି ରାଜପଥ, ସବୁ ଗ୍ରାମକୁ ବିଜୁଳି, ସମସ୍ତଙ୍କ ଲାଗି ପରିମଳ ସୁବିଧା, ବାସଗୃହ, ସହରୀ ଭିତ୍ତିଭୂମି ଭଳି ବିଭିନ୍ନ ଦିଗ ଉପରେ ଜେଟଲୀ ମତ ରଖିଛନ୍ତି।

# ‘ଆତ୍ମଘାତୀ ଥିଲା ବିମୁଦ୍ରୀକରଣ’

ନୂଆଦିଲ୍ଲୀ,୧୯-୩

୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା ଦ୍ୱାରା ବଜାରରେ ପ୍ରଚଳିତ ବଡ ବଡ ନୋଟଗୁଡ଼ିକୁ ଅଚଳ କରି ଦେଇଥିଲେ। ଏହା ଦ୍ୱାରା ଅର୍ଥନୀତି ଗଭୀର ପ୍ରଭାବିତ ହୋଇଥିବା ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହା ସରକାରଙ୍କ ଲାଗି ଆତ୍ମଘାତୀ ଥିଲା ବୋଲି ରାଜନୈତିକ ବିଶ୍ଳେଷକ ସଲମାନ ଆନିସ ସୋଜ ତାଙ୍କର ପୁସ୍ତକରେ ଉଲ୍ଲେଖ କରିଛନ୍ତି। ପୁସ୍ତକରେ ମୋଦି ସରକାରଙ୍କ ସମୟର ଅର୍ଥନୀତି ଉପରେ ଗଭୀର ବିଶେଷଣ କରାଯାଇଛି। ସାଧାରଣ ଲୋକଙ୍କଠାରୁ ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। କଳାଟଙ୍କା, ଆତଙ୍କବାଦ ଏବଂ ନକଲି ନୋଟ କାରବାରକୁ ରୋକିବାରେ ସରକାରଙ୍କ ଏହି ପଦକ୍ଷେପ କେତେ ଫଳପ୍ରଦ ହୋଇଛି ତା’ର ତର୍ଜମା ମଧ୍ୟ ପୁସ୍ତକରେ ହୋଇଛି। ଅପରପକ୍ଷରେ ଭାରତକୁ କ୍ୟାଶଲେସ ଅର୍ଥନୀତି ଦିଗରେ ନେବାକୁ ଏହା ସକ୍ଷମ ହୋଇ ନ ଥିବା ପୁସ୍ତକରେ କୁହାଯାଇଛି। ସେହିଭଳି ବିମୁଦ୍ରୀକରଣ ଯୋଗୁ ୧୦୦ରୁ ଅଧିକ ଲୋକଙ୍କ ଜୀବନ ହାନି ଏବଂ ନିଯୁତାଧିକ ଲୋକଙ୍କର ନିଯୁକ୍ତି ଚାଲି ଯାଇଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ) ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ ରହିଛି। ଏହାବାଦ ନିଯୁତାଧିକ ଲୋକ ଶ୍ରମ ଶକ୍ତିରୁ ବାହାର ହୋଇଥିବା ପ୍ରସଙ୍ଗ ଏଥିରେ ସ୍ଥାନିତ ହୋଇଛି। ବିମୁଦ୍ରୀକରଣ ଦ୍ୱାରା ଅର୍ଥନୀତି କ୍ଷତିଗ୍ରସ୍ତ ହୋଇ ନ ଥିବା ଯେଉଁ ସମର୍ଥକମାନେ କହୁଛନ୍ତି ,ଅର୍ଥନୈତିକ ସର୍ଭେ ରିପୋର୍ଟ କିଭଳି ଏହା ଦର୍ଶାଇଛି ବୋଲି ସୋଜ ଯୁକ୍ତି ବାଢିଛନ୍ତି।

# ଅଭିବୃଦ୍ଧି ଲାଗି ମୁଦ୍ରାନୀତି ଆଣିବାକୁ ପରାମର୍ଶ

### ଗଭର୍ନରଙ୍କୁ ଭେଟିଲେ ଅର୍ଥନୀତିଜ୍ଞ

ନୂଆଦିଲ୍ଲୀ,୧୯-୩

ପ୍ରାୟ ଏକ ଡଜନରୁ ଊର୍ଦ୍ଧ୍ୱ ଦେଶର ବିଶିଷ୍ଟ ଅର୍ଥନୀତିଜ୍ଞ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଭେଟି ଦେଶର ଅର୍ଥନୀତି ଧିମା ହେଉଥିବା ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ନିଜର ମୁଦ୍ରାନୀତି ପ୍ରଣୟନ ମାଧ୍ୟମରେ ଅର୍ଥନୀତି ଅଭିବୃଦ୍ଧି ବଢ଼ାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

ଏପ୍ରିଲ ୪ରୁ ରିଜର୍ଭ ବ୍ୟାଙ୍କର ମନିଟାରି ପଲିସି କମିଟି(ଏମ୍‌ପିସି)ର ୩ ଦିନିଆ ବୈଠକ ବସିବାକୁ ଯାଉଛି। ରେପୋ ରେଟକୁ ଆହୁରି ୫୦ ବେସିସ୍ ପଏଣ୍ଟ ହ୍ରାସ କରିବାକୁ ସେମାନେ ଗଭର୍ନରଙ୍କ ନିକଟରେ ଦାବି କରିଥିବା ଜଣେ ଅର୍ଥନୀତିଜ୍ଞ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ତେବେ ଆର୍‌ବିଆଇ ରେପୋ ରେଟ କେତେ କମାଇବା ସମ୍ଭାବନା ରହିଛି ତାହା ସେ ପ୍ରକାଶ କରିନାହାନ୍ତି। ଅନ୍ୟ ଜଣେ ଅର୍ଥନୀତିଜ୍ଞ କହିଛନ୍ତି ଯେ, ମୁଦ୍ରାନୀତିରେ ଅର୍ଥନୀତି ଅଭିବୃଦ୍ଧି ପାଇଁ ବ୍ୟବସ୍ଥା ହେଉ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଆଶାବ୍ୟକ୍ତ କରିଛନ୍ତି। ସୂଚନାଥାଉ କି, ଦେଶର ଅର୍ଥନୀତି ବିକାଶ ହାର ଅକ୍ଟୋବର-ଡିସେମ୍ବରରେ ୬.୬% ହୋଇଛି, ଯାହାକି ୫ ତ୍ରୈମାସରେ ସର୍ବନିମ୍ନ। ଅଭିବୃଦ୍ଧି ଧିମା ହେବା କାରଣରୁ ସରକାରଙ୍କ ରାଜସ୍ୱ ଆଦାୟ କମିବାରେ ଲାଗିଛି। ତେବେ ଗଭର୍ନର କିମ୍ବା ଆର୍‌ବିଆଇ ଅଧିକାରୀ ଅର୍ଥନୀତିଜ୍ଞଙ୍କୁ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି।



■ଆୟୁଷ୍ମାନ ଭାରତ ଯୋଜନା

# ହସ୍ପିଟାଲଗୁଡ଼ିକୁ ଦିଆଯିବ ଷ୍ଟାର ରେଟିଂ

ନୂଆଦିଲ୍ଲୀ,୧୯-୩

ଗରିବ ପରିବାରଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ଆରମ୍ଭ ହୋଇଥିବା ମାଗଣା ବୀମା ସୁବିଧା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଆୟୁଷ୍ମାନ ଭାରତ ଯୋଜନା) ଅଧୀନରେ ଏବେ ଚିକିତ୍ସା କରୁଥିବା ହସ୍ପିଟାଲଗୁଡ଼ିକର ପ୍ରଦର୍ଶନ ଉପରେ କେନ୍ଦ୍ର ସରକାର ନଜର ରଖିବେ। ଏହାକୁ ଭିତ୍ତିକରି ସେମାନଙ୍କୁ ଷ୍ଟାର ରେଟିଂ ଦିଆଯିବ।

ଆୟୁଷ୍ମାନ ଯୋଜନା ପରିଚାଳନା କରୁଥିବା ଏଜେନ୍ସି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ସିଇଓ ଡ.ଇନ୍ଦୁ ଭୂଷଣ ମଙ୍ଗଳବାର କହିଛନ୍ତି ଯେ, ଦେଶର ପ୍ରାୟ ୧୧ କୋଟି ଗରିବ ପରିବାରର ୫୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ସରକାରୀ ଓ ଘରୋଇ ହସ୍ପିଟାଲରେ ନଗଦ ରହିତ ଚିକିତ୍ସା ସୁବିଧା ଉପଲବ୍ଧ କରାଯାଉଥିବା ଉକ୍ତ ଯୋଜନାରେ ଅଦ୍ୟାବଧି ୧୫ ହଜାର ହସ୍ପିଟାଲ ଯୋଡି ହୋଇଛନ୍ତି। ଚିକିତ୍ସାର ଗୁଣବତ୍ତା ଉପରେ ସରକାରଙ୍କ ନଜର ରହିଛି। ଯୋଜନାରେ ସାମିଲ ହସ୍ପିଟାଲଗୁଡ଼ିକର ଗୁଣବତ୍ତାରେ ସୁଧାର ଲାଗି ପ୍ରଦର୍ଶନ ଆଧାରିତ ଦେୟ ପ୍ରଣାଳୀ ବିକଶିତ କରାଯାଇଛି ବୋଲି ସେ କହିଛନ୍ତି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
**ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧**
ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org

ପତ୍ର ସଂଖ୍ୟା 2686 **ବିଜ୍ଞାପନ** ତା 11.03.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ ଦ୍ୱିତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ-ଏଲ୍.ଆଇ.ଜି.-୧-୬୫ (LIG-1-65)କୁ ଶ୍ରୀମତୀ ମିନାକ୍ଷୀ ବିଶ୍ୱାଳ, ସ୍ୱା-ଭାବଗ୍ରାହୀ ବିଶ୍ୱାଳ, ଗ୍ରା-ସୁସୁଆ, ପୋ-ଈଶ୍ୱରପୁର, ଥା/ଜି-ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ମିନାକ୍ଷୀ ବିଶ୍ୱାଳ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଲମ୍ବୋଦର ପାତ୍ର, ପି-ନଟବର ପାତ୍ର, ଗ୍ରା-ରଘୁନାଥପୁର, ପୋ-କୁରୁଣ୍ଟା, ଥା-ଖୋଇରା, ଜି- ବାଲେଶ୍ୱରଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ/ପ୍ଲଟ/ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


# ପଛଦ୍ୱାର ବାଟେ ମାଇଣ୍ଡଟ୍ରିର କବ୍ଜା ଚାହୁଁଛି ଏଲ୍‌ଆଣ୍ଡଟି

### ଆଇଟି କ୍ଷେତ୍ରରେ ଅଭିନବ ଅଧିଗ୍ରହଣ ଉଦ୍ୟମ

ନୂଆଦିଲ୍ଲୀ,୧୯-୩

ଦେଶର ଆଇଟି ଶିଳ୍ପରେ ଏବେ ଏକ ଅଭିନବ ଅଧିଗ୍ରହଣ ଲଢ଼େଇ ଆରମ୍ଭ ହୋଇଯାଇଛି। ଦେଶର ଦୁଇ ଶୀର୍ଷ କମ୍ପାନୀ ଲାର୍ସନ ଆଣ୍ଡ୍ ଟୁବ୍ରୋ(ଏଲ୍‌ଆଣ୍ଡଟି) ଆଇଟି କମ୍ପାନୀ ମାଇଣ୍ଡଟ୍ରିକୁ ଜବରଦସ୍ତ ଅଧିଗ୍ରହଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ଏହି ଅଭିଯୋଗ ଆଣିଛନ୍ତି। କମ୍ପାନୀ ମ୍ୟାନେଜମେଣ୍ଟକୁ ଆଡେଇ ଦେଇ ଏଲ୍‌ଆଣ୍ଡଟି ଶେୟାରଧାରୀଙ୍କ ଜରିଆରେ ପଛଦ୍ୱାର ବାଟେ ଏହି ଅଧିଗ୍ରହଣ ପ୍ରୟାସ କରୁଥିବା ମାଇଣ୍ଡଟ୍ରି କହିଛି।

ବ୍ୟବସାୟିକ ଭାଷାରେ ଏହାକୁ ‘ହୋଷ୍ଟାଇଲ ଟେକ୍‌ଓଭର’ କୁହାଯାଏ। ଏହାର ଅର୍ଥ କମ୍ପାନୀକୁ କିଣିବା ଲାଗି ଏହାର ମ୍ୟାନେଜମେଣ୍ଟ ସହ ଆଲୋଚନା ନ କରି ସିଧାସଳଖ ଶେୟାରଧାରୀଙ୍କ ସହ ଡିଲ୍ କରାଯାଏ। ଏହି ଟେକ୍‌ଓଭର ବେଳେ ଅନେକ ସମୟରେ ଟାର୍ଗେଟ କମ୍ପାନୀର ମ୍ୟାନେଜମେଣ୍ଟକୁ ବଦଳାଇ ଦିଆଯିବାର ଉଦ୍ୟମ କରାଯାଏ। କିନ୍ତୁ ବିକ୍ରି ହେବାକୁ ଥିବା କମ୍ପାନୀ ଏହି ଟେକ୍‌ଓଭରକୁ ବିରୋଧ କରେ। ଏକ୍ଷେତ୍ରରେ ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ବିରୋଧ ଆରମ୍ଭ କରିଛି। ଏହା ସତ ଯେ, କୌଣସି କମ୍ପାନୀରେ ପ୍ରତିଷ୍ଠାତା ବା ପ୍ରମୋଟର ଅଥବା ମ୍ୟାନେଜମେଣ୍ଟର ଅଂଶଧନ ଶେୟାରଧାରୀଙ୍କଠାରୁ ଅଧିକ ହୋଇଥାଏ। କିନ୍ତୁ ଏଲ୍‌ଆଣ୍ଡଟି ପକ୍ଷରୁ ମାଇଣ୍ଡଟ୍ରିର ୬୭ ପ୍ରତିଶତ ଅଂଶଧନକୁ କିଣାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ କମ୍ପାନୀ ପ୍ରାୟ ୧୦,୮୦୦ କୋଟି ଟଙ୍କା ବ୍ୟୟ କରିବ ବୋଲି ଜଣାପଡିଛି। ଏହା ଦେଶର ଆଇଟି ସେକ୍ଟରରେ ପ୍ରଥମ ଶତ୍ରୁତାପୂର୍ଣ୍ଣ ଅଧିଗ୍ରହଣ ହେବାକୁ ଯାଉଛି। ଯୋଜନାନୁଯାୟୀ, ଏଲ୍‌ଆଣ୍ଡଟି କ୍ୟାଫେ ଡେ ମାଲିକ ବି.ଜି.ସିଦ୍ଧାର୍ଥଙ୍କର ମାଇଣ୍ଡଟ୍ରିରେ ଥିବା ୨୦.୩୨ ପ୍ରତିଶତ ଅଂଶଧନକୁ କିଣିବା ଲାଗି ଚୁକ୍ତି କରିଛି। ଏହା ୩୨୬୯ କୋଟି ଟଙ୍କାର ନଗଦ କାରବାର ହେବ। ଏହାବ୍ୟତୀତ କମ୍ପାନୀ ବ୍ରୋକରଙ୍କୁ ମାଇଣ୍ଡଟ୍ରିର ୧୫% ଅତିରିକ୍ତ ଅଂଶଧନ କିଣିବାକୁ ନିର୍ଦ୍ଦେଶ ଦେଇସାରିଛି। ଏଥିଲାଗି କମ୍ପାନୀ ପ୍ରାୟ ୨୫୦୦ କୋଟି ଟଙ୍କା ପ୍ରଦାନ କରିବ। ସେହିପରି ଖୋଲା ପ୍ରସ୍ତାବ ମାଧ୍ୟମରେ ୫୦୩୦ କୋଟି ଟଙ୍କାରେ ୩୧% ଅଂଶଧନ କିଣିବାକୁ ଏଲ୍‌ଆଣ୍ଡଟି ପ୍ରସ୍ତାବ ଦେଇଛି। ଏଥିଲାଗି କମ୍ପାନୀ ଶେୟାର ପିଛା ୯୮୦ ଟଙ୍କା ଦେବ। ଏଭଳି ଭାବେ ମାଇଣ୍ଡଟ୍ରିର ୬୭% ଅଂଶଧନ ଏଲ୍‌ଆଣ୍ଡଟି ଅକ୍ତିଆର କରିନେବ। ଅନ୍ୟପକ୍ଷରେ ମାଇଣ୍ଡଟ୍ରି ମ୍ୟାନେଜମେଣ୍ଟ ଏଭଳି ଜବରଦସ୍ତ ଅଧିଗ୍ରହଣକୁ ବିରୋଧ କରିଛି ଓ ଏହା କମ୍ପାନୀ ଲାଗି ଏକ ବିପଦଘଣ୍ଟି ବୋଲି କହିଛି। ଆଇଟି କମ୍ପାନୀକୁ ବଞ୍ଚାଇବା ଲାଗି ଏବେ ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ କୃଷ୍ଣକୁମାର ନଟରାଜନ, ସହ ପ୍ରତିଷ୍ଠାତା ସୁବ୍ରତ ବାଗ୍‌ଚୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଷ୍ଟୋ ରେବନନ ଏବଂ କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଏବଂ ଏମ୍‌ଡି ପାର୍ଥସାରଥି ଏନ୍.ଏସ୍ ଏବେ ମଇଦାନକୁ ଓହ୍ଲାଇଛନ୍ତି। କମ୍ପାନୀର ପ୍ରଗତିକୁ ଏଲ୍‌ଆଣ୍ଡଟି ବରବାଦ୍ କରିଦେବ ବୋଲି ସେମାନେ କହିଛନ୍ତି। ୧ ଲକ୍ଷ ୨୦ ହଜାର କୋଟି ଟଙ୍କାର ଇଞ୍ଜିନିୟରିଂ କମ୍ପାନୀ କାହିଁକି ନିଜର ଏକ ଆଇଟି କମ୍ପାନୀ ଖୋଲୁନି ବୋଲି ମାଇଣ୍ଡଟ୍ରି ସହ ପ୍ରତିଷ୍ଠାତା କ୍ରିଷ୍ଣକୁମାର ନଟରାଜନ୍ ପ୍ରଶ୍ନ କରିଛନ୍ତି। ଜବରଦସ୍ତ ଅଧିଗ୍ରହଣ ହେଲେ ସମସ୍ତ କର୍ମଚାରୀ କମ୍ପାନୀ ଛାଡ଼ି ଚାଲିଯିବେ ବୋଲି ସେ ଧମକ ଦେଇଛନ୍ତି। ଅନ୍ୟପକ୍ଷରେ ମାଇଣ୍ଡଟ୍ରି ଅଧିଗ୍ରହଣ ନେଇ ଏଲ୍‌ଆଣ୍ଡଟିର ଏମ୍‌ଡି ତଥା ସିଇଓ ଏସ.ଏନ୍. ସୁବ୍ରମଣ୍ୟନ୍ କହିଛନ୍ତି ଯେ, ଏବେ ମାଇଣ୍ଡଟ୍ରିକୁ ଏହାର ଆଇଟି କମ୍ପାନୀ ସହ ମିଶ୍ରଣ କରାଯିବ ନାହିଁ। ବର୍ତ୍ତମାନ ଏହାକୁ ଏକ ସ୍ୱତନ୍ତ୍ର କମ୍ପାନୀ ଭାବେ ପରିଚାଳନା କରାଯିବ। ଉଭୟ କମ୍ପାନୀ ସ୍ୱତନ୍ତ୍ର ଭାବେ ଷ୍ଟକ ମାର୍କେଟରେ ତାଲିକାଭୁକ୍ତ ହୋଇରହିବେ।




### ନୀରବଙ୍କ ପ୍ରତ୍ୟର୍ପଣ ନେଇ ଚେଷ୍ଟା ଚାଲିଛି:ସିବିଆଇ

ନୂଆଦିଲ୍ଲୀ,୧୯-୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଘୋଟାଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଲଣ୍ଡନରୁ ଭାରତକୁ ପ୍ରତ୍ୟର୍ପଣ ଲାଗି ସମସ୍ତ ପ୍ରକାରର ଉଦ୍ୟମ କରାଯାଉଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ଜଣେ ଅଧିକାରୀ ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି।


OFFICE OF THE PRINCIPAL
S.K.C.G.(AUTONOMOUS) COLLEGE,
PARALAKHEMUNDI, GAJAPATI

L.No. 775 Dt. 19.03.2019

S.K.C.G. Auto College, Paralakhemundi, Gajapati invited sealed quotation for supply of manpower (one DEO) on outsourcing basis and supply of Water purifier cooler and Library books under IDP, OHEPEE, Odisha by 27th March 2019. For details, firms interested are requested to visit the college website www. principal@skcgparala.ac.in.

Sd./- PRINCIPAL

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ଭୁବନେଶ୍ୱର
ସମ୍ପଦ ବିଭାଗ

**ଟେଣ୍ଡର ବିଜ୍ଞପ୍ତି**

**ବ୍ୟାଙ୍କର ମୁଖ୍ୟ ପରିସର ମଧ୍ୟରେ ମାଇକ୍ରୋପ୍ରୋସେସର ଉପରେ ଆଧାରିତ ସିକ୍ୟୁରିଟି ଆଲାର୍ମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କାର୍ଯ୍ୟକ୍ଷମ କରଣ ।**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱରଙ୍କ ତରଫରୁ ଉପରୋକ୍ତ କାର୍ଯ୍ୟ (ଅନୁମାନିକ ମୂଲ୍ୟ ୧୨.୮୬ ଲକ୍ଷ) ପାଇଁ ଯୋଗ୍ୟ ଠିକାଦାରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । **MSTC Portal** ରେ ଏହି ଟେଣ୍ଡର ଜମା କରିବାର ଶେଷ ସମୟ ଦିନାଙ୍କ ୧୮-ଏପ୍ରିଲ-୨୦୧୯ ଅପରାହ୍ନ ୨ଟା ଅଟେ । ଅଧିକ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ **www.rbi.org.in** କୁ ଦେଖନ୍ତୁ ।

କ୍ଷେତ୍ରୀୟ ନିର୍ଦ୍ଦେଶକ

**N.P.C.C. Ltd.**
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.

**NOTICE INVITING TENDER**

E-tenders are invited under two bid system from the interested architectural agencies for the following works by 05.04.2019 (completion period is 24 months):

NIT No.600216/BZO/S&T/NIT/975 Date : 20.03.2019
Construction of District Science Centre in Koraput & Planetarium in Rayagada Dist., Odisha of estimated cost Rs 17.20 Cr.

&

NIT No.600216/BZO/S&T/NIT/974 Date : 20.03.2019
Construction of District Science Centre in Mayurbhanj, Keonjhar & Bhadrak and Planetarium in Keonjhar & Mayurbhanj Dist., Odisha of estimated cost Rs 39.60 Cr.

For further details please visit our official website.www.npcc.gov.in, https://npcc.tenderpro.in

Zonal Manager

No.02-YY:-

सत्यमेव जयते

GOVERNOR'S SECRETARIAT, ODISHA
RAJBHAVAN, BHUBANESWAR-751008

No. 89/SG Dated 19.03.2019

To
Prof. S.N. Pasupalak
Vice Chancellor (On Leave)
O.U.A.T., Bhubanewar

Sir,

With reference to your reply vide letter dated 18.03.2019, I am directed to inform that Hon'ble Chancellor, O.U.A.T. has been pleased to grant an opportunity of personal hearing on 20.03.2019 at 4.00 PM in his office chamber relating to the issues involved in the show cause notices communicated to you on 02.03.2019 and 14.03.2019.

You are, therefore, requested to make it convent to meet the Hon'ble Chancellor for personal hearing in the matter.

Sd./
Special Secretary to the Governor

41001/11/0002/1819



ବିଶ୍ୱକପରେ ଭାରତ ରିଷଭ ପନ୍ତଙ୍କୁ ଯଦି ୪ର୍ଥ ସ୍ଥାନରେ ବ୍ୟାଟିଂ ସୁଯୋଗ ଦିଏ, ତେବେ ସେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ଇଂଲଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ଅନ୍ୟତମ ବିଧ୍ୱଂସକାରୀ ବ୍ୟାଟ୍ସମ୍ୟାନ ।
–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ କ୍ରିକେଟର

## ସଂକ୍ଷେପରେ

### ଟେନିସ୍ ଇଭେଣ୍ଟ ହରାଇଲା ଭାରତ

**ନୂଆଦିଲ୍ଲୀ, ୧୯।୩ (ପି.ଟି.):** ବାଲାକୋଟ୍ ବିମାନ ଆକ୍ରମଣ ପରେ ପାକିସ୍ତାନ ଆକାଶମାର୍ଗକୁ ବନ୍ଦ ରଖାଯାଇଥିବାରୁ ଭାରତକୁ ଜୁନିୟର ଡେଭିସ୍ କପ୍ ଓ ଫେଡ୍ କପ୍ ହରାଇବାକୁ ପଡ଼ିଛି। ଜାତୀୟ ଫେଡେରେଶନ ସୂତ୍ରରୁ ମଙ୍ଗଳବାର ଏବିଷୟ ଜଣାପଡ଼ିଛି। ଟେନିସ୍‌ର ବିଶ୍ୱକପ୍ ବୋଲି ବିବେଚନା କରାଯାଉଥିବା ଏହି ବାର୍ଷିକ ପ୍ରତିଯୋଗିତାରେ ଭାଗ ନେବା ଲାଗି ପାକିସ୍ତାନ ସମେତ ମୋଟ ୧୬ଟି ଡେଭିସ୍ କପ୍ ଦଳ ଭାରତ ଆସିଥାନ୍ତେ। ଡେଲ୍ଟା କମ୍ପ୍ଲେକ୍ସରେ ଜୁନିୟର ଡେଭିସ୍ କପ୍ ଏପ୍ରିଲ ୮ରୁ ୧୩ ଏବଂ ଫେଡ୍ କପ୍ ଏପ୍ରିଲ ୧୫ରୁ ୨୦ ପର୍ଯ୍ୟନ୍ତ ଖେଳାଯାଇଥାନ୍ତା। ପାକିସ୍ତାନ ଆକାଶ ମାର୍ଗକୁ ବନ୍ଦ ରଖାଯାଇଥିବା ବେଳେ ଭାରତୀୟ ବିମାନବନ୍ଦରଗୁଡ଼ିକୁ ହାଇ ଆଲର୍ଟ ରଖାଯାଇଛି। ଏଭଳି ଅନିଶ୍ଚିତ ପରିସ୍ଥିତି କେତେଦିନ ଧରି ଲାଗି ରହିବ ତାହା କେହି କହିପାରିବେ ନାହିଁ। ଏହି ପରିପ୍ରେକ୍ଷୀରେ ଭେନ୍ୟୁ ସ୍ଥାନାନ୍ତର ଅପରିହାର୍ଯ୍ୟ ହୋଇପଡ଼ିଥିଲା। ଉଭୟ ପ୍ରତିଯୋଗିତା ବର୍ତ୍ତମାନ ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ହେବ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ରୁ ଊର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନ ନିହତ ହେବା ପରେ ଦୁଇ ପଡୋଶୀ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା କଥା ପାକିସ୍ତାନରେ ଥିବା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନିଜକୁ ଦାୟୀ କରିଥିଲା। ଜବାବରେ ଭାରତ ଫେବୃଆରୀ ୨୬ରେ ଏହି ସଂଗଠନର ଏକ ଟ୍ରେନିଂ କ୍ୟାମ୍ପ ଉପରେ ବିମାନ ଆକ୍ରମଣ କରିଥିଲା। ଏହାପରଠାରୁ ପାକିସ୍ତାନ ଏହାର ଆକାଶ ମାର୍ଗକୁ ବନ୍ଦ ରଖିଛି। ଏଥିଯୋଗୁ କେତେକ ବିଦେଶୀ ଦଳକୁ ଅଧିକ ବାଟ ଯାତ୍ରା କରିବାକୁ ପଡ଼ିବ। ସେମାନଙ୍କୁ ଅଧିକ ବ୍ୟୟଭାର ମଧ ବହନ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ ବର୍ତ୍ତମାନ ପରିସ୍ଥିତିରେ କାଜାଖସ୍ଥାନ ଦଳକୁ ନୂଆଦିଲ୍ଲୀରେ ପହଞ୍ଚିବାକୁ ୩ରୁ ୪ ଘଣ୍ଟା ଅତିରିକ୍ତ ସମୟ ଲାଗିବ। ଇତିମଧ୍ୟରେ ଇଣ୍ଟରନ୍ୟାଶନାଲ ଟେନିସ୍ ଫେଡେରେଶନ (ଆଇଟିଏଫ୍), ଆୟୋଜକ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ (ଆଇଟା), ଏସିଆନ ଟେନିସ୍ ଫେଡେରେଶନ (ଏଟିଏଫ୍) ଏବଂ ଅନ୍ୟ କେତେକ ଅଂଶୀଦାର ଆଲୋଚନା କରିବା ପରେ ଭେନ୍ୟୁକୁ ଅନ୍ୟତ୍ର ସ୍ଥାନାନ୍ତର ନିଷ୍ପତ୍ତି ନିଆଯାଇଥିଲା।

### ମୁମ୍ବାଇ କୋଚ୍ କୋଷ୍ଟାଙ୍କ କାର୍ଯ୍ୟକାଳ ବୃଦ୍ଧି

**ମୁମ୍ବାଇ, ୧୯।୩(ପି.ଟି.):** ପର୍ତ୍ତୁଗାଲର ପ୍ରାକ୍ତନ ଅନ୍ତର୍ଜାତୀୟ ଫୁଟ୍‌ବଲ ତାରକା ଜର୍ଜ କୋଷ୍ଟା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସଂସ୍କରଣରେ ମଧ ମୁମ୍ବାଇ ସିଟି ଏଫ୍‌ସିର କୋଚ୍ ରହିବେ। କୋଷ୍ଟାଙ୍କ କାର୍ଯ୍ୟକାଳ ସୀମାକୁ ଆଉ ଏକ ବର୍ଷ ବୃଦ୍ଧି କରାଯାଇଥିବା ନେଇ ମୁମ୍ବାଇ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ନିକଟରେ ସମାପ୍ତ ହୋଇଥିବା ଆଇଏସ୍‌ଏଲ୍‌ର ୫ମ ସଂସ୍କରଣରେ କୋଷ୍ଟାଙ୍କ ପ୍ରଶିକ୍ଷଣରେ ମୁମ୍ବାଇ ପ୍ରାରମ୍ଭରୁ ଖରାପ ପ୍ରଦର୍ଶନ କରି ଟେବୁଲର ନିମ୍ନରେ ରହିଥିଲା। କିନ୍ତୁ ପରେ ସଫଳ ପ୍ରତ୍ୟାବର୍ତ୍ତନ କରି ୨ ନମ୍ବର ସ୍ଥାନକୁ ଉଠିବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ତେବେ ସେମିଫାଇନାଲରେ ଦଳ ଏଫ୍‌ସି ଗୋଆ ନିକଟରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲା। କୋଷ୍ଟାଙ୍କ ନଜର ଏବେ ଚଳିତ ମାସ ଶେଷଭାଗରେ ଭୁବନେଶ୍ୱରରେ ହେବାକୁ ଥିବା ହିରୋ ଇଣ୍ଡିଆନ ସୁପର୍ କପ୍ ଉପରେ ରହିଛି। ଆଇଏସ୍‌ଏଲ୍‌ର ଗତ ସିଜନରେ ଆଲେକ୍ସଜାଣ୍ଡ୍ରେ ଗୁଇମରଙ୍କ ବିଦାୟ ପରେ କୋଷ୍ଟା ମୁମ୍ବାଇ ଦଳର ପ୍ରଶିକ୍ଷକ ଦାୟିତ୍ୱ ନେଇଥିଲେ। ତାଙ୍କର କାର୍ଯ୍ୟକାଳ ବୃଦ୍ଧି ଫଳରେ ସେ ଆଇଏସ୍‌ଏଲ୍‌ର ଆଗାମୀ ୨୦୧୯-୨୦ ସିଜନ ପର୍ଯ୍ୟନ୍ତ ଦଳ ସହ ରହିବା ସ୍ପଷ୍ଟ ହୋଇଯାଇଛି।

## ସର୍ବଭାରତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ

# ନୌସେନା, ବାୟୁସେନା ଦଳ ବିଜୟୀ

**ବନ୍ତ,୧୯।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୨୬ତମ ସର୍ବଭାରତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୬ଷ୍ଠ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ପୁଲ୍-ସିର ବିଜୟା ବ୍ୟାଙ୍କ ବାଙ୍ଗାଲୋର ବନାମ ଭାରତୀୟ ନୌସେନା, ମୁମ୍ବାଇ ଏବଂ ୨ୟ ମ୍ୟାଚ୍ ପୁଲ୍-ଡିର ଭାରତୀୟ ବାୟୁସେନା, ଦିଲ୍ଲୀ ବନାମ ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ବିଜୟା ବ୍ୟାଙ୍କକୁ ୯ ଉଇକେଟ୍‌ରେ ହରାଇ ନୌସେନା ଏବଂ ୨ୟ ମ୍ୟାଚ୍‌ରେ ବିହାରକୁ ୯୬ ରନ୍‌ରେ ହରାଇ ବାୟୁସେନା ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ବିଜୟା ବ୍ୟାଙ୍କ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ଅଭିନବ ମନୋହରଙ୍କ ୮୪ ଓ ନାଗା ଭରତଙ୍କ ୨୪ ରନ୍ ରନ୍ ସହାୟତାରେ ୪ ଉଇକେଟ୍ ହରାଇ ୧୭୩ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ପୁନଂ ପୁନିଆଁ ଓ ଲଖନ୍ ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତୀୟ ନୌସେନା ଦଳ ୧୨.୫ ଓଭରରେ ଅନଶୁଲ ଗୁପ୍ତାଙ୍କ ୭୭ ଓ ଲଖନ୍ ସିଂ ୬୮ ରନ୍ ସହାୟତାରେ ଗୋଟିଏ ଉଇକେଟ୍ ହରାଇ ୧୭୪ ରନ୍ କରି ବିଜୟୀ ହୋଇଥିଲା । ପ୍ରତିପକ୍ଷ ବୋଲର ନାଗା ଭରତ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ । ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭାରତୀୟ ନୌସେନାର ଅନଶୁଲ ଗୁପ୍ତାଙ୍କୁ ଆଦାନୀ ଧାମରା ପୋର୍ଟ ପ୍ରଦତ୍ତ ପୁରସ୍କାରକୁ ଅତିଥି ସୁବାସ ଦାସ, ଲିଙ୍ଗରାଜ ସ୍ୱାଇଁ, ରମେଶ ବେହୁରା ପ୍ରଦାନ କରିଥିଲେ । ସେହିପରି ୨ୟ ମ୍ୟାଚ୍‌ରେ ବିହାର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତୀୟ ବାୟୁସେନା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ଦେବେନ୍ଦ୍ର ଲହଛବ୍‌ଙ୍କ ୪୪ ଓ ବିକାଶ ସିଂଙ୍କ ୩୧ ରନ୍ ସହାୟତାରେ ୬ ଉଇକେଟ ହରାଇ ୧୭୪ ରନ୍ କରିଥିଲା । ପ୍ରତିପକ୍ଷ ବୋଲର ରାହୁଲ ଚୌଧୁରୀ ୩ ଓ ଆଶିଷ କୁମାର ୨ଟି ଉଇକେଟ ଅକ୍ତିଆର କରିଥିଲେ । ୧୭୫ ରନର ବିଜୟ ଲକ୍ଷ୍ୟର ପିଛା କରି ବିହାର ୧୪.୨ ଓଭରରେ ୭୮ ରନ୍ କରି ଅଲ ଆଉଟ ହୋଇ ଯାଇଥିଲା । ପ୍ରତିପକ୍ଷର ବୋଲର ରାଜ ବାହାଦୁର ପାଲ ୪ ଓ ଅଭିଷେକ ତିୱାରୀ ୩ଟି ଉଇକେଟ ନେଇଥିଲେ । ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଭାରତୀୟ ବାୟୁସେନାର ରାଜ ବାହାଦୁର ପାଲଙ୍କୁ ଅତିଥି ପ୍ରଦ୍ୟୁମ୍ନ ସାହୁ, ପ୍ରେମାନନ୍ଦ ବେହେରା, ରାଜେନ୍ଦ୍ର ଧଳ ପ୍ରମୁଖ ପୁରସ୍କୃତ କରିଥିଲେ । ଉଭୟ ମ୍ୟାଚ୍‌କୁ ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ ଓ ଶରତ ଜେନା ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, ଅପୂର୍ବ ଚାନ୍ଦ, କହ୍ନେୟା ଲାଲ, ସ୍କୋରର ଭାବେ ସୁଧାଂଶୁ ନାୟକ, ସୁଶାନ୍ତ ନାୟକ, କ୍ଷୀରୋଦ ରଣା, ପ୍ରଜ୍ଞାବିତ୍ ରାଉତ, ଶରତ ସ୍ୱାଇଁ, କ୍ରିକ୍ ହିରୋଜ୍, ମିଥୁନ ସ୍ୱାଇଁ ଦାୟିତ୍ୱ ତୁଲାଇ ଥିଲେ। ବୁଧବାରର ପ୍ରଥମ ମ୍ୟାଚ୍ ପୁଲ୍-ସିର ଏୟାର ଇଣ୍ଡିଆ ବନାମ ବିଜୟା ବ୍ୟାଙ୍କ, ବାଙ୍ଗାଲୋର ଏବଂ ୨ୟ ମ୍ୟାଚ୍ ହେବ ପୁଲ୍-ଡିର କାନାଡା ବ୍ୟାଙ୍କ, ବାଙ୍ଗାଲୋର ବନାମ ବିହାର ମଧ୍ୟରେ ହେବ ବୋଲି ଆସୋସିଏଶନର ସଭାପତି ଇଂ.ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ଜଣାଇଛନ୍ତି ।



ଭାରତୀୟ ବାୟୁସେନା ଦଳର ରାଜ ବାହାଦୁର ପାଲଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ଟପ୍ସରେ ସାମିଲ ହେଲେ ଓଡ଼ିଶାର ପ୍ରମୋଦ ଭଗତ

**ନୂଆଦିଲ୍ଲୀ, ୧୯।୩(ପି.ଟି.)**

ଅଲିମ୍ପିକରେ ପଦକ ହାସଲ କରିବା ପାଇଁ ସରକାରଙ୍କ ପକ୍ଷରୁ ଆଥ୍‌ଲେଟ୍‌ଙ୍କ ପ୍ରସ୍ତୁତି ଲାଗି ସହାୟତା କରାଯାଉଥିବା 'ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ)'ରୁ ରିତୁ ଫୋଗଟ୍‌ଙ୍କୁ ମଙ୍ଗଳବାର ବାଦ୍ ଦିଆଯାଇଛି। ଚର୍ଚ୍ଚିତ 'ଫୋଗଟ୍ ଭଗିନୀ'ଙ୍କ ମଧ୍ୟରୁ ରିତୁ ସର୍ବକନିଷ୍ଠ ଥିଲେ। ମିକ୍ସଡ ମାର୍ସାଲ ଆର୍ଟ୍ସ (ଏମ୍‌ଏମ୍‌ଏ) ଟ୍ରେନିଂ ପାଇଁ ରିତୁ ସିଙ୍ଗାପୁର ଚାଲିଯିବାରୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ତାଙ୍କୁ ଟପ୍ସରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିଲା। ରିତୁ ରାଜ୍ୟଗୋଷ୍ଠୀ ରେସ୍‌ଲିଂରେ ସ୍ୱର୍ଣ୍ଣ ସମେତ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିଭଳି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ୨୦୨୦ ଟୋକିଓ ପାରା ଅଲିମ୍ପିକ ଗେମ୍ସ ପାଇଁ ୫ ଜଣ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ଟପ୍ସରେ ସାମିଲ କରିବା ଲାଗି ଚିହ୍ନଟ କରାଯାଇଛି। ଏହି ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାର ଜଣାଶୁଣା ସଟ୍‌ଲର ପ୍ରମୋଦ ଭଗତ୍ ରହିଛନ୍ତି। ପ୍ରମୋଦଙ୍କ ବ୍ୟତୀତ ମନୋଜ ସର୍କାର, ସୁକାନ୍ତ କଦମ, ତରୁଣ ଓ ସୁହାସ ଯଥୀରାଜ ମଧ ତାଲିକାରେ ସ୍ଥାନ ପାଇଛନ୍ତି। ଏସମସ୍ତ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପୁରୁଷ ସିଙ୍ଗଲ୍ସର ବିଭିନ୍ନ ବର୍ଗରେ ପ୍ରତିନିଧିତ୍ୱ କରୁଛନ୍ତି। ସେହିଭଳି ଦୁଇ ମହିଳା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପାରୁଲ ପର୍ମର ଓ ମାନସୀ ଜୋଶିଙ୍କୁ ଟପ୍ସ ପାଇଁ ନଜରରେ ରଖାଯାଇଛି। ୨୦୨୪ ଅଲିମ୍ପିକ୍ସକୁ ନଜରରେ ରଖି ୬ଜଣ ସନ୍ତରଣକାରୀଙ୍କୁ ମଧ ଡେଭଲପମେଣ୍ଟ ଗ୍ରୁପ୍‌ରେ ରଖାଯାଇଛି।



ପ୍ରମୋଦ ଭଗତ

# କ୍ୱାର୍ଟରରେ ନିମପୁର ସ୍ପୋର୍ଟିଂ



ଅଜୟ ରାଉତ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)**

ବିଏମ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ପ୍ରି-କ୍ୱାର୍ଟରରେ ବୃହତ୍ ବିଜୟ ସହ କଟକର ନିମପୁର ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ନିମପୁର ଦଳ ୧୦୫ ରନରେ ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନିମପୁର ୪୦ ଓଭରରେ ୭ ଉଇକେଟ ହରାଇ ୨୫୬ ରନ କରିଥିଲା। ଦଳ ପକ୍ଷରୁ ଅଜୟ ରାଉତ ୬୧ ବଲ୍‌ରୁ ଦ୍ରୁତ ୯୪ ଓ ମନୋରଞ୍ଜନ ଦାସ ୫୬ ବଲ୍‌ରୁ ୬୨ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ତାପସ ଲେଙ୍କା ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ୩୩.୫ ଓଭରରେ ୧୫୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଦୀପକ ରଞ୍ଜନ ସର୍ବାଧିକ ୫୮ ରନ କରିଥିବାବେଳେ ବିଜୟୀ ଦଳର ମହମ୍ମଦ ଡାନିଶ୍ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅଜୟ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଯୁବ ନେତା ଜୟନ୍ତ କୁମାର, ଶୁଭଙ୍କର ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ଜ୍ୟୋତି ରଞ୍ଜନ ବେହେରା, ନିହାର ରଞ୍ଜନ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବାବେଳେ ରମଣି ଜେନା ଓ କ୍ରିଷ୍ଣା ଆଚାର୍ଯ୍ୟ ସ୍କୋରର ଥିଲେ। ବୁଧବାର ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍: ଟପ୍-୧୦୦ରେ ଲକ୍ଷ୍ୟ

**ନୂଆଦିଲ୍ଲୀ, ୧୯।୩(ପି.ଟି.)–** ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍ ପକ୍ଷରୁ ସଦ୍ୟ ପ୍ରକାଶିତ ତାଲିକାରେ ଦୁଇ ଭାରତୀୟ ଷ୍ଟାର୍ ସଟ୍‌ଲର ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଯଥାକ୍ରମେ ପୂର୍ବବତ୍ ୬ଷ୍ଠ ଓ ୯ମ ସ୍ଥାନରେ ସୁରକ୍ଷିତ ରହିଛନ୍ତି। ତେବେ ଯୁବ ଖେଳାଳି ଲକ୍ଷ୍ୟ ସେନ୍ ଓ ରିୟା ମୁଖାର୍ଜୀ ଟପ୍-୧୦୦ରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ଏକାଥରରେ ୨୮ଟି ପାହାଚ ଉପରକୁ ଉଠି ୭୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ରିୟା ୧୧୩ରୁ ୯୪ତମ ସ୍ଥାନକୁ ଉଠିଛନ୍ତି। ନିକଟରେ ଶେଷ ହୋଇଥିବା ସୁଇସ୍ ଓପନ୍‌ରେ ରନର୍ସଅପ୍ ହୋଇଥିବା ତଥା ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଚେନ୍ ଲଙ୍ଗ୍‌ଙ୍କୁ ପରାସ୍ତ କରିଥିବା ବି. ସାଇ ପ୍ରଣୀଥ୍‌ଙ୍କ ମାନ୍ୟତାରେ ମଧ ଉନ୍ନତି ହୋଇଛି। ସେ ୩ଟି ପାହାଚ ଉପରକୁ ଉଠି ୧୯ତମ ସ୍ଥାନରେ ରହିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟମାନଙ୍କ ମଧ୍ୟରେ କିଡାମ୍ବି ଶ୍ରୀକାନ୍ତ, ସମୀର ବର୍ମା (୧୪ତମ), ଏଚ୍.ଏସ୍. ପ୍ରଣୟ (୨୪ତମ), ଶୁଭଙ୍କର ଦେ (୪୩ତମ), ପାରୁପଲ୍ଲୀ କାଶ୍ୟପ (୪୮ତମ), ଅଜୟ ଜୟରାମ (୫୨ତମ) ଓ ସୌରଭ ବର୍ମା (୫୩ତମ) ପୂର୍ବଭଳି ନିଜ ନିଜ ସ୍ଥାନ ବଜାୟ ରଖିଛନ୍ତି। ଶ୍ରେଷ୍ଠ ଭାରତୀୟ ଭାବେ ଶ୍ରୀକାନ୍ତ ୭ମ ସ୍ଥାନରେ ରହିଛନ୍ତି। ପୂର୍ବଭଳି ଜାପାନର କେଣ୍ଟୋ ମୋମୋଟା ପୁରୁଷ ସିଙ୍ଗଲ୍ସ ମାନ୍ୟତାର ଶୀର୍ଷରେ ରହିଛନ୍ତି।

# ଜାତୀୟ ଖୋଖୋରେ ଭାଗନେବ ଓଡ଼ିଶା



ପ୍ରଶିକ୍ଷକଙ୍କ ସହ ଓଡ଼ିଶା ବାଳିକା ଓ ବାଳକ ଖୋଖୋ ଦଳ।

**ବାଲେଶ୍ୱର ଅଫିସ, ୧୯।୩**

ରାଜସ୍ଥାନ ଜୟପୁରଠାରେ ଆସନ୍ତା ୨୪ରେ ଜାତୀୟସ୍ତରୀୟ ସିନିୟର ଖୋ–ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୧୦ ବାଳିକା ଓ ୧୨ଜଣ ବାଳକ ଭାଗନେବେ। ମଙ୍ଗଳବାର କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଭୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ପୂର୍ବରୁ କୃତୀ ଖେଳାଳିଙ୍କୁ ଉକ୍ତ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ଖେଳାଳିମାନଙ୍କୁ ମାର୍ଚ୍ଚ ୧୪ରୁ ୨୧ପର୍ଯ୍ୟନ୍ତ କୋଚ୍ ମଳୟ ରଞ୍ଜନ ବେହେରା ପ୍ରଶିକ୍ଷଣ ଦେଉଛନ୍ତି। ଆସନ୍ତା ୨୧ ତାରିଖ ରାତିରେ ଖେଳାଳିମାନେ ରାଜସ୍ଥାନର ଜୟପୁରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ବାଳିକା ଦଳରେ ବାଲେଶ୍ୱରର ସାବିଲା ଖାତୁନ୍, ସବନମ ଖାତୁନ, ପ୍ରିୟଙ୍କା ସିଂ, ଆଶା ମାରାଣ୍ଡି, ରଞ୍ଜିତା ବାରିକ, ଭୁବନେଶ୍ୱରରୁ ମନ୍ଦାକିନୀ ମାଝି, ଶୁଭଶ୍ରୀ ସିଂ, ସବିତା କାରୋକା, ଶିବାନୀ ଗମାଙ୍ଗୋ, ଜଗତ୍‌ସିଂହପୁରରୁ ମଧୁସ୍ମିତା ଓଝା, ସସ୍ମିତା ନାଥ ଶର୍ମା, ପୁରୀରୁ ରଞ୍ଜିତା ଖଟେଇ ସ୍ଥାନ ପାଇଛନ୍ତି। ବାଳକ ଦଳରେ ବାଲେଶ୍ୱରରୁ ସତ୍ୟଜିତ୍ ସିଂ, ଜଗନ୍ନାଥ ମୁର୍ମୁ, ଶୁକନାଥ ସିଂ, ଦିବ୍ୟରଞ୍ଜନ ସିଂ, ସିଦ୍ଧେଶ୍ୱର ଟୁଡୁ, ଲିପୁନ ମାଝି, ଭୁବନେଶ୍ୱରରୁ ଅର୍ଜୁନ ସିଂ, ପ୍ରଦୀପ କୁମାର ଦେହୁରି, ଜଗତ୍‌ସିଂପୁରରୁ ଦେବେନ୍ଦ୍ର ନାଥ, ଗଣେଶ ନାଥ, ପୁରୀରୁ ସନ୍ତୋଷ କୁମାର ପ୍ରଧାନ, କଟକରୁ ଟି. ଜଗନ୍ନାଥ ଦାସ ସାମିଲ ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, କାର୍ତ୍ତିକ ନାୟକ, ସଞ୍ଜୟ ଲେଙ୍କା, ଅମର ମହାନ୍ତି, ପ୍ରଦୀପ କୁମାର ଦାସ, ପ୍ରଶିକ୍ଷକ ପ୍ରଶାନ୍ତ ମଲ୍ଲିକ, ସେକ୍ ଅବଦୁଲ ହାକିମ୍ ଏବଂ ବୀରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍ ଓଡ଼ିଶା ଓପନ ଚେସ୍ ୩୦ରୁ

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ୧୪ତମ ଅଲ୍ ଓଡ଼ିଶା ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୩୦ ଓ ୩୧ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଚାମ୍ପିୟନଙ୍କୁ ଟ୍ରଫି ସହ ୫୦୦୦ଟଙ୍କା ସମେତ ମୋଟ ୨୫ କୃତୀ ପ୍ରତିଯୋଗୀଙ୍କୁ ୪୦,୦୦୦ଟଙ୍କାର ପୁରସ୍କାର ରାଶି ଦିଆଯିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଏଥିରେ ଭାଗ ନେବାକୁ ଚାହୁଁଥିବା ଖେଳାଳିଙ୍କ ପାଇଁ ୩୫୦ ଟଙ୍କାର ଏଣ୍ଟ୍ରି ଫି' ରଖାଯାଇଛି। ପ୍ରତିଯୋଗୀମାନେ କ୍ଲବର ସାଧାରଣ ସମ୍ପାଦକ ମାନଗୋବିନ୍ଦ ଦଳାଇ କିମ୍ବା ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀଙ୍କୁ ୨୮ ତାରିଖ ସୁଦ୍ଧା ଯୋଗାଯୋଗ କରିବାକୁ କୁହାଯାଇଛି।

# କ୍ରିଷ୍ଣା ରାଓ, ପ୍ରାଣକୃଷ୍ଣଙ୍କୁ ସ୍ୱର୍ଣ୍ଣ ପଦକ

## ପୂର୍ବ ଭାରତ ସୁନ୍ଦରସ୍ୱାସ୍ଥ୍ୟ

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)**

ବିହାରର ପାଟନାସ୍ଥିତ ନିତ୍ୟ କଳା ମନ୍ଦିର ପରିସରରେ ଗତ ୨ ଦିନଧରି ୯ମ ପୂର୍ବ ଭାରତ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକ ମଧ୍ୟରେ ଆସାମ, ମଣିପୁର, ମେଘାଳୟ, ମିଜୋରାମ, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ପାଖାପାଖି ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ୨ ପ୍ରତିଯୋଗୀ ଏସ. କ୍ରିଷ୍ଣା ରାଓ(୫୫ କେଜି) ଓ ପ୍ରାଣକୃଷ୍ଣ ସାହୁ (୭୫ କେଜି) ନିଜ ନିଜ ଓଜନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପ୍ରତିଯୋଗିତା ଅବସରରେ ପୂର୍ବ ଭାରତ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ସର୍ବସମ୍ମତିକ୍ରମେ ସଭାପତି ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାବୁଲି ସ୍ୱାଇଁ ଉପସଭାପତି, ତରୁଣ କୁମାର ଚାଟାର୍ଜୀ ସାଙ୍ଗଠନିକ ସମ୍ପାଦକ, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ କାର୍ଯ୍ୟକାରୀ ସଭ୍ୟଭାବେ ନିର୍ବାଚିତ ହୋଇଛନ୍ତି।

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ

# ରାଜଶ୍ରୀଙ୍କୁ ରୌପ୍ୟ, ମୁକ୍ତା ଜିତିଲେ ବ୍ରୋଞ୍ଜ



ରାଜଶ୍ରୀ ମହାପାତ୍ର



ମୁକ୍ତା ମୁଣ୍ଡା

**ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି):** ଆବୁଧାବିଠାରେ ଚାଲିଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଓଡ଼ିଶାର ରାଜଶ୍ରୀ ମହାପାତ୍ର ଓ ମୁକ୍ତା ମୁଣ୍ଡା ନିଜ ନିଜ ଟିମ୍ ଗେମ୍ସରେ ପଦକ ହାସଲ କରିଛନ୍ତି। ୫-ଏ ସାଇଡ୍ ମହିଳା ଫୁଟସାଲ ଇଭେଣ୍ଟରେ ଭାରତ ୩-୧ ଗୋଲରେ ପାକିସ୍ତାନକୁ ହରାଇ ରୌପ୍ୟ ପଦକ ପାଇଛି। ଭାରତୀୟ ଦଳର ସଦସ୍ୟାଭାବେ ରାଜଶ୍ରୀ ରୌପ୍ୟ ପଦକ ପାଇଛନ୍ତି। ଏହି ଇଭେଣ୍ଟରେ ଇଣ୍ଡୋନେସିଆ ସ୍ୱର୍ଣ୍ଣ ପଦକ ପାଇଛି। ସେହିପରି ୭-ଏ ସାଇଡ୍ ମହିଳା ୟୁନିଫାଏଡ୍ ଫୁଟବଲରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳର ସଦସ୍ୟାଭାବେ ଓଡ଼ିଶାର ମୁକ୍ତା ମୁଣ୍ଡା ବ୍ରୋଞ୍ଜ ପଦକ ପାଇଛନ୍ତି।




ପୂର୍ବଭାରତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

❝ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପିଠିରେ ଇଞ୍ଜୁରୀ ସମସ୍ୟା ରହିଥିବାରୁ ତାଙ୍କ କାର୍ଯ୍ୟଭାର ଉପରେ ନଜର ରଖାଯିବା ଉଚିତ୍ ।
–ଜାହିର ଖାଁ, ପୂର୍ବତନ ଭାରତୀୟ ପେସ୍ ବୋଲର



❝ ଆଇପିଏଲ୍‌ରେ ଖେଳିବା ଦ୍ୱାରା ବିଶ୍ୱର ଯେକୌଣସି ବ୍ୟାଟ୍ସମ୍ୟାନ ବିପକ୍ଷରେ ବୋଲିଂ କରିବାର ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି ।
–ବାସିଲ ଥାମ୍ପି, କେରଳ ଯୁବ ପେସ୍ ବୋଲର



## ସଂକ୍ଷେପରେ

### ପ୍ରଜନେଶ ବିଜୟୀ

**ମାୟାମି, ୧୯।୩ (ପି.ଟି.):** ଫର୍ମରେ ଥିବା ପ୍ରଜନେଶ ଗୁଣେଶ୍ୱରନ ମାୟାମି ମାଷ୍ଟର୍ସ ଟେନିସ୍ ଟୁର୍ନାମେଣ୍ଟର ଫାଇନାଲ କ୍ୱାଲିଫାଇଙ୍ଗ ରାଉଣ୍ଡରେ ପ୍ରବେଶ କରିଥିବାବେଳେ ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରମାନାଥନ ଏଠାରେ ତାଙ୍କ ପ୍ରଥମ ବାଧା ଅତିକ୍ରମ କରିପାରି ନାହାନ୍ତି। ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିପାରିଥିବା ପ୍ରଜନେଶ ଏଠାରେ ଓପନିଂ ରାଉଣ୍ଡରେ ସ୍ପେନ୍‌ର ଆଣ୍ଡ୍ରିଆନ୍ ମେନେଞ୍ଜ୍-ମାସିରାସଙ୍କୁ ୬-୨, ୬-୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ବ୍ରିଟିଶ ୱାଇଲ୍ଡ କାର୍ଡ ଜେ କ୍ଲାର୍କଙ୍କୁ ଭେଟିବେ। ରାମକୁମାର କିନ୍ତୁ ତାଙ୍କ ମ୍ୟାଚ ବିଶ୍ୱର ୧୦୬ ନମ୍ବର ଖେଳାଳି ତଥା ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କଠାରୁ ୪-୬, ୧-୬ ସେଟ୍‌ରେ ହାରିଯାଇଛନ୍ତି। ଡବଲ୍ସ ମୁଖ୍ୟ ଡ୍ର'ରେ ଭାରତର ଜଣେ ମାତ୍ର ଖେଳାଳି ରୋହନ ବୋପାନ୍ନା ଅଂଶଗ୍ରହଣ କରିଛନ୍ତି। ସେ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ତାଙ୍କ ପାର୍ଟନର କରିଛନ୍ତି।

### ଭାରତ-ବାଂଲାଦେଶ ସେମିଫାଇନାଲ ଆଜି

**ବିରାଟନଗର (ନେପାଳ), ୧୯।୩ (ପି.ଟି.):** ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ବୁଧବାର ଡିଫେଣ୍ଡିଂ ଚାମ୍ପିୟନ ଭାରତ ପଡ଼ୋଶୀ ବାଂଲାଦେଶକୁ ଭେଟିବାକୁ ଯାଉଛି। ଟୁର୍ନାମେଣ୍ଟରେ ବର୍ତ୍ତମାନ ସୁଦ୍ଧା ଅପରାଜେୟ ରହିସାରିଥିବା ୪ଥରର ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ଏହି ମ୍ୟାଚ୍‌ରେ ଫେଭରିଟ୍ ବିବେଚନା କରାଯାଉଛି। ୨୦୧୦ରୁ ଆରମ୍ଭ ହୋଇଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ କେବେବି ଫାଇନାଲରେ ପରାସ୍ତ ହୋଇନାହିଁ। ସମସ୍ତ ୪ଟି ଯାକ ସଂସ୍କରଣରେ ଭାରତ ଟାଇଟଲ ହାସଲ କରିବାର ସୌଭାଗ୍ୟ ଲାଭ କରିଛି। ୨୦୧୬ ସଂସ୍କରଣ ଫାଇନାଲ ମ୍ୟାଚ୍‌ରେ ଭାରତ ୩-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚଳିତ ସଂସ୍କରଣରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ମାଳଦ୍ୱୀପକୁ ୬-୦ରେ ଏବଂ ଶ୍ରୀଲଙ୍କାକୁ ୫-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ଓ ବାଂଲାଦେଶ ଶେଷଥର ପାଇଁ ଗତ ନଭେମ୍ବରରେ ମ୍ୟାନମାରରେ ଅନୁଷ୍ଠିତ ୨୦୨୦ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଏଥିରେ ଭାରତ ୭-୧ ଗୋଲର ବୃହତ ବ୍ୟବଧାନରେ ବିଜୟୀ ହୋଇଥିଲା।

### ଶଟ୍‌ଗନ ବିଶ୍ୱକପ୍‌ରେ ପୃଥ୍ୱୀରାଜ, କିନାନଙ୍କ ପ୍ରଭାବୀ ପ୍ରଦର୍ଶନ

**ନୂଆଦିଲ୍ଲୀ, ୧୯।୩(ପି.ଟି.):** ମେକ୍ସିକୋର ଅକାପୁଲକୋଠାରେ ଚାଲିଥିବା ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ଶଟ୍‌ଗନ ବିଶ୍ୱକପ୍‌ରେ ଦୁଇ ଭାରତୀୟ ଶୁଟର୍ ପୃଥ୍ୱୀରାଜ ତୋଣ୍ଡାଇମାନ ଓ କିନାନ ଚେନାଇ ପ୍ରଭାବୀ ପ୍ରଦର୍ଶନ କରି ପୁରୁଷ ଟ୍ରାପ୍ ଇଭେଣ୍ଟର ଫାଇନାଲ ପଥରେ ଅଗ୍ରସର ହୋଇଛନ୍ତି। ପୁରୁଷ ଟ୍ରାପ୍ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ଦୁଇ ରାଉଣ୍ଡରେ ପୃଥ୍ୱୀରାଜ ୫୦ ପଏଣ୍ଟ ସ୍କୋର କରିଥିବାବେଳେ ଚେନାଇ ଗୋଟିଏରେ ଲକ୍ଷ୍ୟଭ୍ରଷ୍ଟ ହୋଇ ୪୯ ପଏଣ୍ଟରେ ସନ୍ତୁଷ୍ଟ ରହିଛନ୍ତି। ସେହିଭଳି ମାନବଜିତ୍ ସାନ୍ଧୁଙ୍କୁ ୪୬ ପଏଣ୍ଟ ମିଳିଥିଲା। ମଙ୍ଗଳବାର ଯୋଗ୍ୟତା ପର୍ଯ୍ୟାୟର ଆଉ ୩ଟି ରାଉଣ୍ଡ ଅନୁଷ୍ଠିତ ହେବ। ଏଥିରୁ ଶ୍ରେଷ୍ଠ-୬ ଶୁଟର୍ ଫାଇନାଲରେ ପ୍ରବେଶ କରିବେ। ୨୦୨୦ ଟୋକିଓ ଅଲିମ୍ପିକ ପାଇଁ ଏହି ଇଭେଣ୍ଟରୁ ୨ଟି କୋଟା ରହିଛି। ଅପରପକ୍ଷରେ ଭାରତୀୟ ମହିଳା ଟ୍ରାପ୍ ଟିମ୍ ନୈରାଶ୍ୟଜନକ ପ୍ରଭାବୀ ପ୍ରଦର୍ଶନ କରି ଆଇଏସ୍ଏସ୍ଏଫ୍‌ର ଏହି ଇଭେଣ୍ଟରୁ ବାଦ୍ ପଡ଼ିଛି। ଇଟାଲୀର ପ୍ରାକ୍ତନ ଅଲିମ୍ପିକ ତଥା ବିଶ୍ୱଚାମ୍ପିୟନ ଜେସିକା ରୋସି ଏହି ପ୍ରତିଯୋଗିତାରେ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ୨୦୨୦ ଅଲିମ୍ପିକକୁ ଟିକେଟ୍ ହାସଲ କରିଛନ୍ତି। ଜେସିକା ମହିଳା ଟ୍ରାପ୍ ଇଭେଣ୍ଟରେ ସଫଳତା ପାଇଥିଲେ। ଏହି ଇଭେଣ୍ଟରେ ଶ୍ରେଷ୍ଠ ଭାରତୀୟ ଶୁଟର୍ ଭାବେ ଶାଗୁନ ଚୌଧାରୀ ୧୨୫ରୁ ୧୧୬ ପଏଣ୍ଟ ସ୍କୋର କରି ୧୯ତମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

# କେକେଆର୍‌ର ସବୁ ଘରୋଇ ମ୍ୟାଚ୍ ଇଡେନ୍‌ରେ

ଆଇପିଏଲ୍ ୧୨

**ନୂଆଦିଲ୍ଲୀ, ୧୯।୩ (ପି.ଟି.)**

ଦୁଇ ଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ଜିତିଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ତା'ର ସବୁ ଘରୋଇ ମ୍ୟାଚ୍ ଐତିହାସିକ ଇଡେନଗାର୍ଡେନରେ ଖେଳିବ। ପଶ୍ଚିମବଙ୍ଗରେ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଇଡେନ୍‌ରେ କୋଲକାତା ତା'ର ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଆଗାମୀ ୨୩ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ଦ୍ୱାଦଶ ସଂସ୍କରଣର ରାଉଣ୍ଡ ରବିନ୍ ମ୍ୟାଚ୍‌ଗୁଡିକର କାର୍ଯ୍ୟସୂଚୀ ଘୋଷଣା କରିଛି। ମେ ୫ ତାରିଖ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟର ମ୍ୟାଚ୍‌ଗୁଡିକ ଖେଳାଯିବ। ଚିରାଚରିତ ଢଙ୍ଗରେ ୬ ସପ୍ତାହ ମଧ୍ୟରେ ୫୬ଟି ମ୍ୟାଚ୍ ଖେଳାଯିବ। ଏହି ରାଉଣ୍ଡ ରବିନ୍ ମ୍ୟାଚ୍‌ଗୁଡିକ ମଧ୍ୟରୁ ୧୨ଟି ଅପରାହ୍ନ ୪ଟାରେ ଆରମ୍ଭ ହେବ। କୌଣସି ଦଳ ସେମାନଙ୍କ ଘରୋଇ ମ୍ୟାଚ୍ କୌଣସି ବିକଳ୍ପ ଭେନ୍ୟୁରେ ଖେଳିବେ ନାହିଁ। ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୨ରୁ ଆରମ୍ଭ ହୋଇ ମେ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏପରିକି କିଙ୍ଗ୍ସ ଏକାଦଶ ପଞ୍ଜାବ ପୂର୍ବ ସଂସ୍କରଣଗୁଡିକରେ ତା'ର କିଛି ଘରୋଇ ମ୍ୟାଚ୍ ଇନ୍ଦୋରରେ ଖେଳିଥାଏ। କିନ୍ତୁ ଏଥର ସେ ସବୁ ଘରୋଇ ମ୍ୟାଚ୍ ମୋହାଲିରେ ଖେଳିବ। ପଶ୍ଚିମବଙ୍ଗରେ ୭ଟି ତାରିଖରେ ନିର୍ବାଚନ ହେଉଥିବା ବେଳେ କୋଲକାତା ତା'ର ସବୁ ଘରୋଇ ମ୍ୟାଚ୍ ଇଡେନ୍ ଗାର୍ଡେନରେ ଖେଳିବ। କୋଲକାତା ଓ ପାଖାପାଖି ସ୍ଥାନଗୁଡିକରେ ମେ ୧୯ରେ ନିର୍ବାଚନ ହେବ। ତେଣୁ ଏହି ଦିନ କିପରି ମ୍ୟାଚ ବିନା କୌଣସି ସମସ୍ୟାରେ ଆୟୋଜନ ହେବ ସେ ନେଇ ଆମେ ପଶ୍ଚିମ ବଙ୍ଗ ସରକାର ଓ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛୁ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।



## ୫ ହଜାର ରନ୍ ଦୌଡ଼ରେ ରାଇନା, କୋହଲି

**ନୂଆଦିଲ୍ଲୀ, ୧୯।୩:** ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ ପ୍ରତିଯୋଗିତା ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ଦ୍ୱାଦଶ ସଂସ୍କରଣ ଆସନ୍ତା ୨୩ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଚେନ୍ନାଇର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବାକୁ ଥିବାରୁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଘରୋଇ ଚେନ୍ନାଇ ଏହି ମ୍ୟାଚ୍ ଜିତି ଅଭିଯାନ ଆରମ୍ଭ ଲକ୍ଷ୍ୟରେ ରହିଛି। ତେବେ ଏହି ମ୍ୟାଚ୍‌ରେ କେତୋଟି ମାଇଲଷ୍ଟୋନ ସୃଷ୍ଟି ହେବାର ମଧ୍ୟ ସମ୍ଭାବନା ରହିଛି। ଆଇପିଏଲ୍ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୫ ହଜାର ରନ୍ ସଂଗ୍ରହ କରିବା ଦୌଡ଼ରେ ଭାରତର ଦୁଇ ଷ୍ଟାର୍ କ୍ରିକେଟର ସୁରେଶ ରାଇନା ଓ ବିରାଟ କୋହଲି ରହିଛନ୍ତି। ତେବେ ଉଭୟଙ୍କ ମଧ୍ୟରୁ କିଏ ପ୍ରଥମେ ଏହି ମାଇଲଷ୍ଟୋନ ଅତିକ୍ରମ କରୁଛି ତାହା ପ୍ରଥମ ମ୍ୟାଚ୍ ଅବସରରେ ଜଣାପଡ଼ିବ। ମିଷ୍ଟର ଆଇପିଏଲ୍ ଭାବେ ପରିଚିତ ରାଇନା ଯଦି ପ୍ରଥମ ମ୍ୟାଚ୍‌ରେ ଆଉ ୧୫ ରନ ସଂଗ୍ରହ କରନ୍ତି ତେବେ ସେ ୫ ହଜାର ରନ କ୍ଲବରେ ସାମିଲ ହେବାର କୃତିତ୍ୱ ଅର୍ଜନ କରିବେ। ଉତ୍ତରପ୍ରଦେଶର ଏହି ବାମହାତୀ ବ୍ୟାଟ୍ସମ୍ୟାନ ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ୩୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କିନ୍ତୁ ଯଦି ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରେ ତେବେ ରାଇନାଙ୍କ ପୂର୍ବରୁ କୋହଲିଙ୍କ ନିକଟରେ ମଧ୍ୟ ୫ ହଜାର ରନ୍ କରିବାର ସୁଯୋଗ ରହିବ। ଏହି ମ୍ୟାଜିକ ସଂଖ୍ୟା ଛୁଇଁବାକୁ କୋହଲି ଆଉ ୪୨ ରନ ଆବଶ୍ୟକ କରୁଛନ୍ତି। ଆଇପିଏଲ୍‌ରେ କୋହଲିଙ୍କ ନାମରେ ୩୪ଟି ଅର୍ଦ୍ଧଶତକ ଓ ୪ଟି ଶତକ ଲିପିବଦ୍ଧ ରହିଛି। ସେହିଭଳି ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇ ସାରିଥିବା ଦକ୍ଷିଣ ଆଫ୍ରିକା ଷ୍ଟାର୍ ଏବି ଡି ଭିଲର୍ସ ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିବା ପାଇଁ ଆଉ ୪୭ ରନ ଆବଶ୍ୟକ କରୁଛନ୍ତି।

## କାର୍ଯ୍ୟସୂଚୀ: (ଘରୋଇ ମ୍ୟାଚ୍)

**ଚେନ୍ନାଇ ସୁପର କିଙ୍ଗ୍ସ**
- ମାର୍ଚ୍ଚ ୨୩: ବନାମ ବାଙ୍ଗାଲୋର (ରାତି ୮ଟା)
- ମାର୍ଚ୍ଚ ୩୧: ବନାମ ରାଜସ୍ଥାନ (ରାତି ୮ଟା)
- ଏପ୍ରିଲ ୬: ବନାମ ପଞ୍ଜାବ (ଅପରାହ୍ନ ୪ଟା)
- ଏପ୍ରିଲ ୯: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୨୩: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୨୬: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ମେ ୧: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)

**ଦିଲ୍ଲୀ କ୍ୟାପିଟାଲ୍ସ**
- ମାର୍ଚ୍ଚ ୨୬: ବନାମ ଚେନ୍ନାଇ (ରାତି ୮ଟା)
- ମାର୍ଚ୍ଚ ୩୦: ବନାମ କୋଲକାତା (ରାଜି ୮ଟା)
- ଏପ୍ରିଲ ୪: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୧୮: ବନାମ ମୁମ୍ବାଇ ଇଣ୍ଡିଆନ୍ (ରାତି ୮ଟା)
- ଏପ୍ରିଲ ୨୦: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୨୮: ବନାମ ବାଙ୍ଗାଲୋର (ଅପରାହ୍ନ ୪ଟା)
- ମେ ୪: ବନାମ ରାଜସ୍ଥାନ (ଅପରାହ୍ନ ୪ଟା)

**କିଙ୍ଗ୍ସ ଇଲେଭେନ ପଞ୍ଜାବ**
- ମାର୍ଚ୍ଚ ୩୦: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୧: ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୮: ବନାମ ସନରାଇଜର୍ସ (ରାତି ୮ଟା)
- ଏପ୍ରିଲ ୧୩: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୧୬: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମେ ୩: ବନାମ କୋଲକାତା (ରାତି ୮ଟା)
- ମେ ୫: ବନାମ ଚେନ୍ନାଇ (ଅପରାହ୍ନ ୪ଟା)

**କୋଲକାତା ନାଇଟ ରାଇଡର୍ସ**
- ମାର୍ଚ୍ଚ ୨୪: ବନାମ ସନରାଇଜର୍ସ (ଅପରାହ୍ନ ୪ଟା)
- ମାର୍ଚ୍ଚ ୨୭: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୧୨: ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୧୪: ବନାମ ଚେନ୍ନାଇ (ଅପରାହ୍ନ ୪ଟା)
- ଏପ୍ରିଲ ୧୯: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୨୫: ବନାମ ରାଜସ୍ଥାନ (ରାତି ୮ଟା)
- ଏପ୍ରିଲ ୨୮: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)

**ମୁମ୍ବାଇ ଇଣ୍ଡିଆନ୍ସ**
- ମାର୍ଚ୍ଚ ୨୪: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୩: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୧୦: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୧୩: ବନାମ ରାଜସ୍ଥାନ (ଅପରାହ୍ନ ୪ଟା)
- ଏପ୍ରିଲ ୧୫: ବନାମ ବାଙ୍ଗାଲୋର (ରାତି ୮ଟା)
- ମେ ୨: ବନାମ ସନରାଇଜର୍ସ (ରାତି ୮ଟା)
- ମେ ୫: ବନାମ କୋଲକାତା (ରାତି ୮ଟା)

**ରାଜସ୍ଥାନ ରୟାଲ୍ସ**
- ମାର୍ଚ୍ଚ ୨୫: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୨: ବନାମ ବାଙ୍ଗାଲୋର (ରାତି ୮ଟା)
- ଏପ୍ରିଲ ୭: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୧୧: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୦: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୨୨: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୨୭: ସନରାଇଜର୍ସ (ରାତି ୮ଟା)

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
- ମାର୍ଚ୍ଚ ୨୮: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ଏପ୍ରିଲ ୫: ବନାମ କୋଲକାତା (ରାତି ୮ଟା)
- ଏପ୍ରିଲ ୭: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ଅପରାହ୍ନ ୪ଟା)
- ଏପ୍ରିଲ ୨୧: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୪: ବନାମ ପଞ୍ଜାବ (ରାତି ୮ଟା)
- ଏପ୍ରିଲ ୩୦: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମେ ୪: ବନାମ ସନରାଇଜର୍ସ (ରାତି ୮ଟା)

**ସନରାଇଜର୍ସ ହାଇଦ୍ରାବାଦ**
- ମାର୍ଚ୍ଚ ୨୯: ବନାମ ରାଜସ୍ଥାନ ରୟାଲ୍ସ (ରାତି ୮ଟା)
- ମାର୍ଚ୍ଚ ୩୧: ବନାମ ବାଙ୍ଗାଲୋର (ଅପରାହ୍ନ ୪ଟା)
- ଏପ୍ରିଲ ୬: ବନାମ ମୁମ୍ବାଇ ଇଣ୍ଡିଆନ୍ସ (ରାତି ୮ଟା)
- ଏପ୍ରିଲ ୧୪: ବନାମ ଦିଲ୍ଲୀ କ୍ୟାପିଟାଲ୍ସ (ରାତି ୮ଟା)
- ଏପ୍ରିଲ ୧୭: ବନାମ ଚେନ୍ନାଇ (ରାତି ୮ଟା)
- ଏପ୍ରିଲ ୨୧: ବନାମ କୋଲକାତା (ଅପରାହ୍ନ ୪ଟା)
- ଏପ୍ରିଲ ୨୯: ବନାମ ପଞ୍ଜାବ (ରାତି ୮ଟା)

## ୨୦୧୯ ପରେ ହକି ସିରିଜ ଇଭେଣ୍ଟ ଉଚ୍ଛେଦ କରିବ ଏଫ୍ଆଇଏଚ୍

**ଲାଉସାନେ, ୧୯।୩(ପି.ଟି.):** ଚଳିତ ବର୍ଷ ପରେ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍ଆଇଏଚ୍) ହକି ସିରିଜ ଇଭେଣ୍ଟଗୁଡିକୁ ଉଚ୍ଛେଦ କରିବ। ଏହା ବଦଳରେ ସଭ୍ୟ ଆସୋସିଏଶନଗୁଡିକୁ କଣ୍ଟିନେଣ୍ଟାଲ କ୍ୱାଲିଫାୟର୍ସ ଓ ଚାମ୍ପିୟନଶିପ୍ ଉପରେ ମନୋନିବେଶ କରିବାକୁ ଏଫ୍ଆଇଏଚ୍ ପ୍ରବର୍ତ୍ତାଇବ ବୋଲି କହିଛି। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣ ଆଶାତୀତ ସଫଳତା ହାସଲ କରିଛି। ଏହା ବିଶ୍ୱକପ୍ ଓ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ରୂପେ ଗଣାହେବ। ତେଣୁ ହକି ସିରିଜ ଇଭେଣ୍ଟଗୁଡିକ ବାତିଲ କରିବାର ସମୟ ଉପନୀତ ହୋଇଛି ବୋଲି ଏଫ୍ଆଇଏଚ୍ କହିଛି। ବଦଳରେ କଣ୍ଟିନେଣ୍ଟାଲ ଟୁର୍ନାମେଣ୍ଟଗୁଡିକ ବିଶ୍ୱକପ୍ ଓ ଅଲିମ୍ପିକ୍ସ ପାଇଁ କିପରି କ୍ୱାଲିଫାୟର ରୂପେ କାର୍ଯ୍ୟକରିବ ସେ ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି। ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କ ଅଧ୍ୟକ୍ଷତାରେ ଗତ ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ଏଫ୍ଆଇଏଚ୍ କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ୨୦୧୯ ପରେ ଏଫ୍ଆଇଏଚ୍ ସିରିଜ ଇଭେଣ୍ଟଗୁଡିକୁ ବନ୍ଦ କରାଯିବ। ସବୁ ଦେଶ ତଥା ଆସୋସିଏଶନଗୁଡିକ କଣ୍ଟିନେଣ୍ଟାଲ କ୍ୱାଲିଫାୟର୍ସ ଓ ଚାମ୍ପିୟନଶିପ୍‌ରେ କିପରି ଅଂଶଗ୍ରହଣ କରିବେ ସେ ନେଇ କାର୍ଯ୍ୟକରାଯିବ ବୋଲି ଏଫ୍ଆଇଏଚ୍ ତରଫରୁ କୁହାଯାଇଛି। ବିଶ୍ୱକପ୍ ଯୋଗ୍ୟତା ହାସଲ ଓ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଉପରେ ଅଗ୍ରାଧିକାର ଦିଆଯିବ।

ଏଫ୍ଆଇଏଚ୍ ପ୍ରୋ ଲିଗ୍ ହେଉଛି ଏକ ଦୁଇ ପର୍ଯ୍ୟାୟ ବିଶିଷ୍ଟ ଟୁର୍ନାମେଣ୍ଟ। ଏଫ୍ଆଇଏଚ୍ ର୍‌ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୯ଟି ଦଳ ଓପନ୍ ଟୁର୍ନାମେଣ୍ଟ ନ ଖେଳି ସିଧାସଳଖ ଫାଇନାଲ୍ସକୁ ଉଠିବେ। ତେବେ ବାକି ଅନ୍ୟ ଦେଶଗୁଡିକ ହକି ସିରିଜ ଓପନ ଖେଳିବେ। ହକି ସିରିଜ୍ ଓପନରୁ ୧୫ଟି ଦଳ ହକି ସିରିଜ ଫାଇନାଲ୍ସକୁ କ୍ୱାଲିଫାଏ କରିବେ। ଫଳରେ ମୋଟ ଉପରେ ଫାଇନାଲ୍ସରେ ୨୪ଟି ଦଳ ସାମିଲ ହୋଇପାରିବେ। ଏହି ଦଳଗୁଡିକ ଫାଇନାଲ୍ସରେ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଇଭେଣ୍ଟରେ ୮ଟି ଦଳ ଭାଗନେବେ। ପ୍ରତ୍ୟେକ ଫାଇନାଲ୍ସ ଇଭେଣ୍ଟର ଶ୍ରେଷ୍ଠ ଦୁଇ ଦଳ ଅଲିମ୍ପିକ୍ସ କ୍ୱାଲିଫିକେଶନ ଇଭେଣ୍ଟଗୁଡିକ ଖେଳିବାକୁ ଯୋଗ୍ୟତା ହାସଲ କରିବେ। ଏଥି ସହିତ ମ୍ୟାଚ୍ ଉପରେ ପର୍ଯ୍ୟବସିତ ନୂଆ ବିଶ୍ୱ ର୍‌ୟାଙ୍କିଙ୍ଗ୍ ପ୍ରଣାଳୀ ଆରମ୍ଭ ପାଇଁ ଏଫ୍ଆଇଏଚ୍ ନିଷ୍ପତ୍ତି ନେଇଛି। ଗତ ୩ ବର୍ଷରେ ସବୁ ଆନ୍ତର୍ଜାତିକ ମ୍ୟାଚ୍ ପ୍ରଦର୍ଶନକୁ ଭିତ୍ତି କରି ର୍‌ୟାଙ୍କିଙ୍ଗ୍ ସ୍ଥିର ହେବ। ଜଳ ସଂରକ୍ଷଣ ପାଇଁ ଏଫ୍ଆଇଏଚ୍ ୨୦୨୪ ସୁଦ୍ଧା ନୂଆ କୃତ୍ରିମ ହକି ଟର୍ଫ ଲଞ୍ଚ୍ କରିବାକୁ ନିଷ୍ପତ୍ତି ନେଇଛି। ପୁଣି ଏଫ୍ଆଇଏଚ୍ ବିଶ୍ୱ ନିଶା ନିବାରଣ ସଂସ୍ଥା (ୱାଡ଼ା)ର ନୂଆ ଆଣ୍ଟି ଡୋପିଂ ପ୍ରୋଗ୍ରାମକୁ ସ୍ୱୀକୃତି ପ୍ରଦାନ କରିଛି। ସବୁ ଦୃଷ୍ଟିରୁ ବିଚାର କରି ଏକ ସନ୍ତୁଳିତ ୪ ବର୍ଷୀୟା କ୍ୟାଲେଣ୍ଡର ପ୍ରଣୟନ କରିବାକୁ ମଧ୍ୟ ଏଫ୍ଆଇଏଚ୍ ନିଷ୍ପତ୍ତି ନେଇଛି।

## ଧୂପରଙ୍କ ୯୦ ସତ୍ତ୍ୱେ ପୂର୍ବାଞ୍ଚଳ ପରାସ୍ତ

ଭିଜି ଟ୍ରଫି



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାଜେଶ ଧୂପର।

**କଟକ ଅଫିସ, ୧୯।୩:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ମଧ୍ୟପ୍ରଦେଶ ଗ୍ୱାଲିୟରର ସିନ୍ଧିଆ ସ୍କୁଲ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଭିଜି ଟ୍ରଫିର ଏକ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳ ୩ ଉଇକେଟରେ ପୂର୍ବାଞ୍ଚଳକୁ ପରାସ୍ତ କରିଛି । ଦଳ ପରାଜିତ ହୋଇଥିଲେ ହେଁ ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଖେଳାଳି ରାଜେଶ ଧୂପର ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ସେ ୯୦ରନ୍‌ର ଇନିଂସ ଖେଳିଥିଲେ । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଉତ୍ତରାଞ୍ଚଳଠାରୁ ୪୬ରନରେ ହାରିଥିବା ପୂର୍ବାଞ୍ଚଳ ପରବର୍ତ୍ତୀ ମ୍ୟାଚ୍ ଗୁରୁବାର ପଶ୍ଚିମାଞ୍ଚଳ ବିପକ୍ଷରେ ଖେଳିବ । ୨ଟି ପରାଜୟ ସହ ପୂର୍ବାଞ୍ଚଳ ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି।

ମଙ୍ଗଳବାର ମ୍ୟାଚ୍‌ରେ ପୂର୍ବାଞ୍ଚଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଓଡ଼ିଆ ଖେଳାଳି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ଦଳର ଅଧିନାୟକ ନିର୍ନିମେଷ ଜେନା ଖାତା ଖୋଲିବା ପୂର୍ବରୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରିଥିଲେ । ପରେ ଅନ୍ୟତମ ଓପନର ଭି. ନିରଜ ମଧ୍ୟ ୫ରନରେ ଆଉଟ ହୋଇଥିଲେ । ବ୍ୟାଟିଂ କ୍ରମ ୩ନଂରେ କ୍ରିଜକୁ ଆସିଥିବା ରାଜେଶ ପ୍ରାରମ୍ଭରୁ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ । ଦଳ ୨୭ରନରେ ୩ଟି ଉଇକେଟ ହରାଇଥିବା ବେଳେ ରାଜେଶ ଓ ଅନ୍ୟତମ ଓଡ଼ିଆ ଖେଳାଳି ତଥା ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ତ୍ତିକ ବିଶ୍ୱାଳ ୪ର୍ଥ ଉଇକେଟରେ ୧୨୨ରନର ଭାଗୀଦାରି ସୃଷ୍ଟି କରିଥିଲେ। ୫୯ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ରାଜେଶ ୯୦ରନରେ ଆଉଟ ହେବା ପରେ କାର୍ତ୍ତିକ ମଧ୍ୟ ୪୬ରନରେ ପ୍ୟାଭିଲିୟନ ଫେରିଥିଲେ । ଏହା ପରେ ପୂର୍ବାଞ୍ଚଳର ବ୍ୟାଟିଂ ଲାଇନଅପ ଭୁଶୁଡ଼ି ପଡ଼ିଥିଲା। ଦଳ ସମସ୍ତ ଉଇକେଟ ହରାଇ ୧୯୧ରନ କରିଥିଲା। ୪୩.୫ ଓଭରରେ ୭ ଉଇକେଟ ବିନିମୟରେ ବିଜୟଲକ୍ଷ୍ୟ ହାସଲ କରିଥିଲା ଦକ୍ଷିଣାଞ୍ଚଳ। ଏସ୍.ଏମ. ରାଜକୁମାର ୬୦ ଓ ଅଭିରଥ ରେଡ୍ଡୀ ୫୧ରନର ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ଅଧିନାୟକ ଦିବ୍ୟପ୍ରକାଶ ସିଂ ଓ ବିପିନ ଚନ୍ଦ୍ରଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା । ଶୁଭମ ଓ ଆଶୁତୋଷ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

## ଆବୁଧାବି ଷ୍ଟାଡିୟମ ନୂଆ ଭେନ୍ୟୁ

**ଦୁବାଇ, ୧୯।୩(ପି.ଟି.):** ଆବୁଧାବିସ୍ଥିତ ଜାୟେଦ କ୍ରିକେଟ ଷ୍ଟାଡିୟମ ଟି୧୦ କ୍ରିକେଟ ଲିଗ୍‌ର ନୂତନ ଭେନ୍ୟୁ ହୋଇଛି। ୨୦୧୯ ସିଜନଠାରୁ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏଠାରେ ଟି୧୦ କ୍ରିକେଟ ଅନୁଷ୍ଠିତ ହେବ। ୨୦୧୭ରେ ଆରମ୍ଭ ହୋଇଥିବା ଏହି ଲିଗ୍‌ରେ କ୍ରିସ୍ ଗେଲ୍ ସୋଏବ ମଲିକ, ଶେନ ୱାଟସନଙ୍କ ପରି ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଟାଟା ଫୁଟବଲ ଏକାଡେମୀ ଚାମ୍ପିୟନ

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଟାଟା-ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ (ଟିଏଫଏ) ୨-୧ ଗୋଲରେ ଫୁଲବାଣୀ ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ରଜତ ନାଗ୍‌ଙ୍କ ୭ମ ମିନିଟ ଗୋଲ ବଳରେ ଫୁଲବାଣୀ ଦଳ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଟାଟା ଦଳ ପ୍ରଭାବୀ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୬୨ତମ ମିନିଟରେ ରବି ଗୋଲଟିକୁ ପରିଶୋଧ କରିଥିବାବେଳେ ୮୬ତମ ମିନିଟରେ କିଲଙ୍ଗଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଅତିଥିଭାବେ ଅନୁଗୋଳ-ସୁକିନ୍ଦା ରେଲୱେ ଏମ୍‌ଡି ଦିଲୀପ କୁମାର ସାମନ୍ତରାୟ, ଟାଟାର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ, ଦେବାଶିଷ ଜେନା, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ମନୋଜ ପାଢ଼ୀ, ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲ, ରୁଦ୍ର ପାଣିଗ୍ରାହୀ, ଭକ୍ତବତ୍ସଳ ଦାସ, ଅନଙ୍ଗ ଦ୍ୱିବେଦୀ, ତତୁ ପରିଡ଼ା, ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଟିଏଫଏର କିଲଙ୍ଗ ମ୍ୟାନ ଅଫ ଦି ଫାଇନାଲ, ସୁଦର୍ଶନ ଶ୍ରେଷ୍ଠ ଗୋଲ ରକ୍ଷକ, ମର୍ତ୍ତ୍ୟ ଶ୍ରେଷ୍ଠ ଡିଫେଣ୍ଡର, ନରେନ ସୋନା ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ଫୁଲବାଣୀ ଏକାଦଶର ରଜତ ନାଗ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସଅପ୍ ଦଳକୁ ୧୫,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ଟାଟା ଉତ୍କଳିକା କପ୍‌ର ସ୍ମରଣିକା ପ୍ରଦାନ କରାଯାଇଥିଲା। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ମହାନ୍ତି, ଅଶୋକ କନହାର, ରାଜେନ୍ଦ୍ର ବାରିକ ଓ ଶେଖାୱତ ଖାଁ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ।




ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଟାଟା ଫୁଟବଲ ଏକାଡେମୀର ଖେଳାଳିମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମାର୍ଚ୍ଚ ୨୦/୨୦୧୯ Sambalpur, Wednesday, March 20 / 2019

## ସଂକ୍ଷେପରେ

### ଝଡାଫୁଙ୍କା ବାହାନାରେ ବଳାତ୍କାର ଉଦ୍ୟମ

**ବାମରା, ୧୯।୩ (ସ୍ୱ.ପ୍ର.):** ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଞ୍ଚଳର ଜଣେ ବିବାହିତ ମହିଳାଙ୍କୁ ଝଡାଫୁଙ୍କା ବାହାନାରେ ବଳାତ୍କାର ଉଦ୍ୟମ ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ପିଣ୍ଟୁ ପାସୱାନ (୪୦)। ମହିଳାଙ୍କୁ ପେଟ ଦରଜ ହେଉଥିବାରୁ ଅଭିଯୁକ୍ତ ପିଣ୍ଟୁ ତାଙ୍କୁ ଝଡାଫୁଙ୍କା କରିଦେବାକୁ ସୋମବାର ରାତିରେ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସାଙ୍ଗରେ ମହିଳାଙ୍କ ମା’ ଓ ଭଉଣୀ ବି ଥିଲେ। ହେଲେ ମା’ ଭଉଣୀଙ୍କଠାରୁ କିଛି ଦୂରକୁ ନେଇ ଅଭିଯୁକ୍ତ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ, ମାତ୍ର ଚିତ୍କାର କରିବାରୁ ଛାଡି ଦେଇଥିଲେ। କାହାକୁ ନ କହିବାକୁ ଧମକ ବି ଦେଇଥିଲେ। ହେଲେ ମଙ୍ଗଳବାର ମହିଳା ଜଣକ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ଏକ ମାମଲା (ନଂ. ୩୬/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ସ୍କୁଟି ଡିକିରୁ ଧରା ପଡ଼ିଲା ଗଞ୍ଜେଇ

**ଧମା, ୧୯।୩ (ଡି.ଏନ.ଏ.)** ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ସାହାସପୁରଠାରେ ମଙ୍ଗଳବାର ଚେକିଂ ଚାଲିଥିବା ବେଳେ ଜଣେ ସ୍କୁଟି ଚାଳକଙ୍କଠାରୁ ୬୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଧମା ଥାନା ଅନ୍ତର୍ଗତ ସାହାସପୁର ନିକଟସ୍ଥ ପିପଲିକାନି ଗ୍ରାମର ସୁଦାମ ପାଣ୍ଡେଙ୍କୁ ଏହି ଘଟଣାରେ ଗିରଫ କରାଯାଇଛି। ସେ ସ୍କୁଟି (ନଂ. ଓଡି ୦୫ ଏପି- ୩୩୦୬)ରେ ସୋନପୁରରୁ ସମ୍ବଲପୁର ଯାଉଥିଲେ। ଅପରାହ୍ନ ୪ଟାରେ ଧମା ପୋଲିସ ତରଫରୁ ସାହାସପୁର ଛକରେ ଗାଡି ଯାଞ୍ଚ କରାଯାଉଥିଲା। ଏହି ସମୟରେ ତାଙ୍କ ସ୍କୁଟି ଡିକିରୁ ଏକ ବ୍ୟାଗରେ ଥିବା ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା । ଧମା ପୋଲିସ ଏ ନେଇ ଏକ ମାମଲା (୪୬/୧୯) ରୁଜୁ କରିଛି। ପ୍ରକାଶ ଯୋଗ୍ୟ, ନିର୍ବାଚନକୁ ଆଖି ଆଗରେ ରଖି ଗାଡିମୋଟର ଯାଞ୍ଚ କଡାକଡି କରାଯାଉଛି। ଏହାଦ୍ୱାରା ଟଙ୍କା, ନିଶାଦ୍ରବ୍ୟ ଧରା ପଡୁଛି। ହେଲେ ଚୋରା ନିଶାଦ୍ରବ୍ୟ କାରବାରରେ ଜଡିତ ବ୍ୟକ୍ତିଙ୍କ ପୋଲିସକୁ ଭୟ ରହୁନି। ବିଶେଷକରି ଗଞ୍ଜେଇ ଚୋରା ଚାଲାଣ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

# ଘର ଅଭାବୁ ଗଛତଲେ ଦିନ୍ ବିତଉଛନ୍ ରାମସିଂ

**ନୂଆପଡା ଅଫିସ/ବୋଡେନ,୧୯।୩**

କେନ୍ଦ୍ର ଆର ରାଏଜ ସରକାର ଲୁକ୍‌କୁ ଚିକିତ୍ସା ସେବା ଯୁଗେଇଦେବାକେ ଅନେକ ଯୋଜ୍‌ନା କାର୍ଯ୍ୟକାରୀ କରୁଛନ୍। ହେଲେ ଅନେକ ଜାଗାରେ ପରଶାସନିକ ଉଦାସୀନତା ଲାଗି ଲୋକ ଯୋଜନାର ସୁଫଳ ପାଏବାରୁ ବଁଚିତ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖି୍‌ବାକେ ମିଲିଛେ ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଫର୍ସରା ପଁଚେତ୍‌ର ସର୍ଗିଗୁଡ଼ା ଗଁରେ। ଇ ଗାଁର ବାସୀନ୍‌ଦା ହେଉଛନ୍ ରାମସିଂ ପଟେଲ। ସେ ନିହାତି ଗରିବ୍ ହେଇଥିଲାବେଲେ ଚିକିତ୍ସା ଅଭାବୁ ତାକର ଟଁଟିରେ ଗୁଟେ ଆବୁ ହେଇ ଦିନୁ ଦିନ୍‌କେ ବଢ଼ତେଲ ଯାଉଛେ। ଏହେଦେ ତାକର ଅବସ୍‌ତା ଏନ୍‌ତା ଯେ, ତାହାକୁ ଯେ ଦେଖି୍‌ବା ଗୁଲଗୁଲା ଲାଗ୍‌ବା। ସେ ବଡ଼ାଦୁଖେ କଷ୍‌ଟେ ଚଲୁଥିଲା ବେଲେ ବଛରର ଅଧା ସମିଆ ଗାଁମୁଡ଼େ ଥିବାର ଗୁଟେ ଗଛତଲେ ମଉନ୍ ହେଇ ଅଶ୍‌ରେ ନେଉଥିବାର ଦେଖି୍‌ବାକେ ମିଲିଛେ। ସୂଚନା ଅନ୍‌ସାରେ ସର୍ଗିଗୁଡ଼ାର ରାମସିଂ ପଟେଲ। ବଏସ୍ ସତୁର ଟପିଗଲାନ। ନିହାତି ଗରିବ୍ ହେଥିଲାବେଲେ ଜମିବାଡ଼ି ଅଭାବୁ ବଛରକୁତା ଅଭାବ ଅନାଟନରେ



ବୁରୁଧ୍ ରାମସିଂ ପଟେଲ।

## ଦାଉ ସାଧୁଛେ ରୋଗ୍

ଚଲୁଛନ୍। ରାମସିଂକର ଦୁଇ ପୁଓ, ମାଏକିନା ଯମୁନା ଆଏଜ୍‌କେ ୧୦ ବଛତଲେ ଆରପାରକେ ଚାଲିଯାଇଛନ୍। ସେଦିନ୍‌ଠାନୁ ରାମସିଂ ଏକ୍‌ଲିଆ ଜୀବନ୍ ବିତଉଛନ୍। ମାସକେତେ ତଲେ ରାମସିଂକର ଟଁଟିରେ ଗୁଟେ ଛୁଟିଆ ଚନା ଟାକର ଆବୁ ବାହାରିଥିଲା। ହେଲେ ସେଟା ଦିନୁଦିନ୍‌କେ ବଢ଼ତେଲ ଗଲାରୁ ସେ ଥାନୀୟ ବୈଦ୍ୟକେ ଦେଖେଇ ଉଷୋକଷା କରିଥିଲେ। ହେଲେ ସେଥିରେ କିଛି ଲାଭ ନାଇଁହେଲା। ଏହେଦେ ଆବୁଟା ବଢ଼ି ପାଖାପାଖି ୩ କେ.ଜି ହେଇଗଲାନ। ଇଆଡ଼େ ବାହାରକେ ଯାଇ ଚିକିତ୍ସା କଲେ ବହୁତ୍ ଟଁକା ଖରଚା ହେବା ବଲି ରାମସିଂ ଡରିଯାଉଛନ୍। ଏନ୍‌ତା କି ଅଭାବ ଅନାଟନ ଲାଗି ଖରଚାକେ ହଦରି ରାମସିଂ ଡାକ୍‌ତରଖାନା ନାଇଁ ଯାଇଥିବାର କହିଛନ୍। ଇଆଡ଼େ ଘରେ ଖାଏବାକେ ଅଡ଼ିଆ ନାଇଁଥିଲା ବେଲେ ରାମସିଂକେ ରୋଗ୍ ଦାଉ ସାଧୁଛେ। ସେନ୍‌ତା ମୁଡ଼ ରଖବାର ଲାଗି କୁଡ଼ିଆ ଘରଟିକେ ନାଁଇଁନ, ଇ ବାବ୍‌ଦେ ସେ ବାରବାର ବ୍ଲକ କତୃରପକ୍ଷକୁଁ ଗୁହାରି କରି ନିରାଶ ହେଇଛନ୍। ସେ ଉପେ ଶୂଇନ୍ ହେଇ ବଛରକୁତା ଅଧା ସମିଆ ଖରା, ବର୍ଷା, ଶୀତ କାକରରେ ଗାଁମୁଡ଼ସାନେ ଥିବାର ମହୁଲ ଗଛତଲେ ବିତଉଥିବାର ଦେଖି୍‌ବାକେ ମିଲୁଛେ। ଇ ବାବ୍‌ଦେ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ପୂର୍ଣ୍ୟବ୍ରତ ମହାପାତ୍ରକୁଁ ପଚରାଲାରୁ ମୁଇଁ ଆଗ୍‌ରୁ ଇ ବାବ୍‌ଦେ ଅଭିଯୋଗ ନାଇଁପାଇ। ଏହେଦେ ରାମସିଂକୁ ଚିକିତ୍ସା ସୁବିଧା ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ଦାଦନ ଖଟିବାକୁ ଯାଇ ଆନ୍ଧ୍ର ଇଟାଭାଟିରେ ୨୬ ଅଟକ

**ବୀରମହାରାଜପୁର, ୧୯।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଅଡାଲ ଗ୍ରାମର ୯ ଗରିବ ପରିବାର ଆନ୍ଧ୍ରପ୍ରଦେଶକୁ ଇଟା ଗଢ଼ିବାକୁ ଯାଇ ସେଠାରେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଗତ ପୌଷ ପୂର୍ଣ୍ଣିମା ପରଦିନ ଦାଦନ ଖଟିବାକୁ ଯାଇଥିବା ପରିବାରଙ୍କ ମଧ୍ୟରେ ୮ ଶିଶୁଙ୍କ ସହ ୯ ମହିଳା ଅଛନ୍ତି। ଅଭିଯୋଗ ମୁତାବକ, ବଲାଙ୍ଗୀର ଜିଲା ସାଲେଭଟା ଅଞ୍ଚଳର ୨ଜଣ ଦଲାଲ ପ୍ରଲୋଭନ ଦେଖାଇ ଉକ୍ତ ୯ ଶ୍ରମଜୀବୀ ପରିବାରଙ୍କୁ ଇଟାଗଢ଼ିବା ପାଇଁ ଟ୍ରେନ ଯୋଗେ ଆନ୍ଧ୍ରପ୍ରଦେଶ ନେଇଯାଇଥିଲେ। ପରେ ଦଲାଲ ଦ୍ୱୟ ସେମାନଙ୍କୁ ରଘୁନାଥପୁରପଲ୍ଲୀସ୍ଥିତ କଥନପୁରର ଏକ ଇଟାଭାଟି ମାଲିକଙ୍କ ପାଖରେ ଛାଡି ସେମାନେ ଚାଲିଆସିଥିଲେ। ତେବେ ସମ୍ପୃକ୍ତ ଇଟାଭାଟି ମାଲିକ ଉକ୍ତ ଶ୍ରମଜୀବୀ ପରିବାରଙ୍କ ଖଟଣି ବିନିମୟରେ ଚୁକ୍ତିମତେ ମଜୁରି ଦେଉ ନ ଥିବା ଏବଂ ଟଙ୍କା ମାଗିଲେ ଶାରୀରିକ ତଥା ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସେମାନେ ଘରକୁ ଆସିବା ପାଇଁ ଉଦ୍ୟମ କରି ବିଫଳ ହେବାରୁ ଘଟଣା ସଂକ୍ରାନ୍ତରେ ଶ୍ରମିକମାନେ ସମ୍ପର୍କୀୟଙ୍କୁ ଫୋନ କରି ଜଣାଇଥିଲେ। ମଙ୍ଗଳବାର ଏ ନେଇ ସମ୍ପର୍କୀୟ ନାରାୟଣ ପୁଅାଁର, ମିଲୁ ଭାଟି, ରହିତ ପୁଅାଁର ପ୍ରମୁଖ ବୀରମହାରାଜପୁର ଉପଜିଲାପାଳଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇବା ସହ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଆନ୍ଧ୍ର ଇଟାଭାଟିରେ ଅଟକଥିବା ପରକ୍ଷିତ ପୁଅାଁର, ସୁମିତ୍ରା ପୁଅାଁର, ରିତ ପୁଅାଁର, ଲତା ବ୍ରାହ୍ମଣୀ, ସୁଶାନ୍ତ ବ୍ରାହ୍ମଣୀ, ଶାନ୍ତି ଗିରି, ଦୀପା ଭାଟି, କୃତ୍ତିବାଷ ଭାଟି, କୃପାସିନ୍ଧୁ ଭାଟି, ଘାସୀରାମ ବ୍ରାହ୍ମଣୀ, ଲକ୍ଷ୍ମୀ ବ୍ରାହ୍ମଣୀ, ବ୍ରଜ ପୁଅାଁର, ଅସତୀ ପୁଅାଁର, ସନ୍ତୋଷ ଦେଉତା, ଶୈଳେନ୍ଦ୍ରୀ ଦେଉତା, ରମେଶ ଚୌହାନ, ଯଶୋବନ୍ତ ଚୌହାନ ଓ ଶ୍ରବଣ ପୁଅାଁରଙ୍କ ସହ ସେମାନଙ୍କ ନାବାଳକ ଝିଅପୁଅ ରହିଥିବା ଅଭିଯୋଗ କରାଯାଇଛି। ନିର୍ଯାତନାର ଶିକାର ହେଉଥିବା ଉପରୋକ୍ତ ୯ ପରିବାରର ୨୬ ସଦସ୍ୟଙ୍କୁ ଉଦ୍ଧାର କରିବାକୁ ସମ୍ପର୍କୀୟମାନେ ନିବେଦନ କରିଛନ୍ତି।

### ଉଦ୍ଧାର ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ସମ୍ପର୍କୀୟ











Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍ସିସ୍ ବାକନ୍

## ସଂକ୍ଷେପରେ

### ଜମାକାରୀ ମିଳିତ ମଞ୍ଚର ଗଣଧାରଣା

ବାସୁଦେବପୁର,୧୯।୩(ଡି.ଏନ.ଏ.)
ବିଭିନ୍ନ ଆର୍ଥିକ ସଂସ୍ଥା ଦ୍ୱାରା ଚିଟ୍‌ଫଣ୍ଡ କାରବାରରେ ଠକେଇର ଶିକାର ହୋଇଥିବା ଜମାକାରୀଙ୍କୁ ଏଯାଏ ଜମା ଅର୍ଥ ଫେରସ୍ତ ମିଳି ନାହିଁ। ଏହାର ପ୍ରତିବାଦରେ ଭଦ୍ରକ ଜିଲା ବାସୁଦେବପୁର ତହସିଲ କାର୍ଯ୍ୟାଳୟ ସାମ୍ନାରେ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ମଧ୍ୟାହ୍ନରେ ଧାରଣା ଦିଆଯାଇଥିଲା। ଏଥିରେ ଶତାଧିକ ଚିଟ୍‌ଫଣ୍ଡ ଜମାକାରୀ ସାମିଲ ହୋଇଥିଲେ। ଛୋଟବଡ଼ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା, ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦେବା ଏବଂ ଏ ସଂକ୍ରାନ୍ତ ତ୍ରୁଟିପୂର୍ଣ୍ଣ ଆଇନର ସଂଶୋଧନ ଆଦି ଦାବି କରି ଜମାକାରୀମାନେ ଧାରଣାରେ ବସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ଲୋକେ ଏ ନେଇ ଉଚିତ ଜବାବ ଦେବେ ବୋଲି ଚିଟ୍‌ଫଣ୍ଡ ଜମାକାରୀମାନେ ସୂଚନା ଦେଇଥିଲେ। ମିଳିତ ମଞ୍ଚର ଜିଲା ଆବାହକ ଉମେଶ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ଅପରାହ୍ନରେ ଜମାକାରୀମାନେ ଅତିରିକ୍ତ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ଘରେ ପଶି ବଳାତ୍କାର ଉଦ୍ୟମ, ଲୁଟ୍

**ଭଣ୍ଡାରିପୋଖରୀ, ୧୯।୩(ଡି.ଏନ.ଏ.):** ମଙ୍ଗଳବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୁରିକଣ ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ଘରେ ବଳାତ୍କାର ଉଦ୍ୟମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଥାନାରେ ମାମଲା ରୁଜୁ ହୋଇ ନ ଥିଲେ ମଧ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକଙ୍କ ଆକ୍ରମଣରେ ଯୁବତୀ ଜଣକ ଲହୁଲୁହାଣ ହୋଇଥିବା ଓ ସେ ପିନ୍ଧିଥିବା ସୁନାହାର ଲୁଟି ନିଆଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତ ଜଣକ ଛାତକୁ ଚଢ଼ି ଘରେ ପଶି ଏଭଳି କାଣ୍ଡ ଘଟାଇଥିଲେ। ସେ ଖସିଯିବା ବେଳେ ନିଜ ସାର୍ଟ, ଟୋପି ଓ ମଦ ବୋତଲ ଛାଡି ଯାଇଥିବା ପୋଲିସ କହିଛି।

### କମ୍ପାନୀ ବିରୋଧରେ ହତ୍ୟା ମାମଲା ରୁଜୁ ଦାବି

**ଭବାନୀପାଟଣା,୧୯।୩(ଡି.ଏନ.ଏ.):** ଭବାନୀପାଟଣାଠାରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ଆବାହକ ସତ୍ୟ ମାହାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ଚାଲିଥିବା ଆନ୍ଦୋଳନକୁ ରୋକିବା ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ପୋଲିସ ସହାୟତାରେ ହତ୍ୟାକାଣ୍ଡ ଭିଆଉଥିବା ଯୋଗୁ କର୍ତ୍ତୃପକ୍ଷଙ୍କୁ ବିରୋଧରେ ହତ୍ୟା ମାମଲା ରୁଜୁ କରିବା, ସୁପ୍ରିମକୋର୍ଟ ଖଣି ଖନନକୁ ବନ୍ଦ କରିଥିବା ବେଳେ ବିସ୍ଥାପିତମାନଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ ନ କରିବା, କେନ୍ଦ୍ର, ରାଜ୍ୟ ଓ କମ୍ପାନୀ ମିଳିତ ଭାବେ ସୋମବାରର ଘଟଣା ପାଇଁ ଦାୟି ଅଟନ୍ତି। ତେଣୁ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା।

# ୬ ଲୋକ ସଭା, ୩୬ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଚୂଡ଼ାନ୍ତ


ଭକ୍ତଚରଣ ଦାସ


ପ୍ରଦୀପ ମାଝି


ଜର୍ଜ ତିର୍କୀ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ରାଜ୍ୟରେ ହେବାକୁ ଥିବା ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପ୍ରଥମ ଦଫାରେ ୬ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ହୋଇଛି। ପୂର୍ବଥର ଭଳି ନବରଙ୍ଗପୁର ଏବଂ କଳାହାଣ୍ଡି ଲୋକ ସଭା ପାଇଁ ଯଥାକ୍ରମେ ପ୍ରଦୀପ ମାଝି ଏବଂ ଭକ୍ତ ଦାସଙ୍କ ନାମ ଘୋଷଣା କରାଯାଇଛି। ବରଗଡ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ସୁନ୍ଦରଗଡ ଆସନରେ ଜର୍ଜ ତିର୍କୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ଆସନରୁ ମନୋଜ କୁମାର ଆଚାର୍ଯ୍ୟ ଏବଂ ବ୍ରହ୍ମପୁର ପାଇଁ ଚନ୍ଦ୍ର ଶେଖର ନାଇଡୁଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ନୂଆପଡାରୁ ଘାସିରାମ ମାଝି, ଡାବୁଗାଁରୁ ବିଧାୟକ ଭୁଜବଳ ମାଝି, ଲାଞ୍ଜିଗଡରୁ ଶିବାଜୀ ମାଝି, ସାନଖେମୁଣ୍ଡିରୁ ରମେଶ ମାଝି, ମୋହନାରୁ ଦାଶରଥୀ ଗମାଙ୍ଗ, ଜୟପୁରରୁ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ବାକିଥିବା ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଦଳ ପକ୍ଷରୁ ଘୋଷଣା କରାଯିବ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଭାରୀ ମୁକୁଲ ୱାସନିକ୍‌ଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି।

### ଲୋକ ସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | କଳାହାଣ୍ଡି: ଭକ୍ତଚରଣ ଦାସ | ୪ | ନବରଙ୍ଗପୁର: ପ୍ରଦୀପ ମାଝି |
| ୨ | ବରଗଡ଼: ପ୍ରଦୀପ କୁମାର ଦେବତା | ୫ | କନ୍ଧମାଳ: ମନୋଜ କୁମାର ଆଚାର୍ଯ୍ୟ |
| ୩ | ସୁନ୍ଦରଗଡ଼: ଜର୍ଜ ତିର୍କୀ | ୬ | ବ୍ରହ୍ମପୁର: ଭି. ଚନ୍ଦ୍ରଶେଖର ନାଇଡୁ |

### ବିଧାନସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | ପଦମପୁର: ସତ୍ୟ ଭୂଷଣ ସାହୁ | ୧୯ | ଭଞ୍ଜନଗର: ସଞ୍ଜୟ କୁମାର ତ୍ରିପାଠୀ |
| ୨ | ବରଗଡ଼: ନୀପନ ଦାସ | ୨୦ | ପୋଲସରା: ହରିଚରଣ ସ୍ୱାଇଁ |
| ୩ | ଅତାବିରା: ନିହାର ମହାନନ୍ଦ | ୨୧ | କବିସୂର୍ଯ୍ୟନଗର: ବିଜୟ କୁମାର ସାହୁ |
| ୪ | ବୀରମିତ୍ରପୁର: ରୋହିତ ଯୋଶେଫ ତିର୍କୀ | ୨୨ | ଆସିକା: ମନୋଜ କୁମାର ଜେନା |
| ୫ | ରାଜଗାଙ୍ଗପୁର: ଡ. ସି.ଏସ୍. ରାଜନ | ୨୩ | ସାନଖେମୁଣ୍ଡି: ରମେଶ ଚନ୍ଦ୍ର ଜେନା |
| ୬ | ବୀରମହାରାଜପୁର: ବିନୋଦ କୁମାର ପାତ୍ର | ୨୪ | ହିଞ୍ଜିଳି: ରାମକୃଷ୍ଣ ପଣ୍ଡା |
| ୭ | ବଲାଙ୍ଗୀର: ନରସିଂହ ମିଶ୍ର | ୨୫ | ଗୋପାଳପୁର: ଏସ୍. ଧର୍ମରାଜ ରେଡ୍ଡି |
| ୮ | ନୂଆପଡ଼ା: ଘାସିରାମ ମାଝି | ୨୬ | ବ୍ରହ୍ମପୁର: ଲିଙ୍ଗରାଜ ଚୌଧୁରୀ |
| ୯ | ଖଡ଼ିଆଳ: ଅଧିରାଜ ପାଣିଗ୍ରାହୀ | ୨୭ | ଦିଗପହଣ୍ଡି: ବିସ୍ମୟ ମହାପାତ୍ର |
| ୧୦ | ଝରିଗାଁ: ଉଲାଧର ମାଝି | ୨୮ | ଚିକିଟି: ସୁବାସ ଚନ୍ଦ୍ର ରାଉତ |
| ୧୧ | ନବରଙ୍ଗପୁର: ସଦନ ନାୟକ | ୨୯ | ମୋହନା: ଦାଶରଥୀ ଗମାଙ୍ଗ |
| ୧୨ | ଡାବୁଗାଁ: ଭୁଜବଳ ମାଝି | ୩୦ | ଗୁଣପୁର: ପୁରୁଷୋତ୍ତମ ଗମାଙ୍ଗ |
| ୧୩ | ଲାଞ୍ଜିଗଡ଼: ଶିବାଜୀ ମାଝି | ୩୧ | ବିଷମକଟକ: ନୀଳମାଧବ ହିକ୍‌କା |
| ୧୪ | ଧର୍ମଗଡ଼: ଦିଗମ୍ବର ଦୁରିଆ | ୩୨ | ଜୟପୁର: ତାରାପ୍ରସାଦ ବାହିନୀପତି |
| ୧୫ | ବାଲିଗୁଡ଼ା: ସାଇମନ ମଲ୍ଲିକ | ୩୩ | କୋରାପୁଟ: କୃଷ୍ଣଚନ୍ଦ୍ର କୁଳଦୀପ |
| ୧୬ | ଫୁଲବାଣୀ: କିଶୋର ଚନ୍ଦ୍ର କହଁର | ୩୪ | ପଟାଙ୍ଗୀ: ରାମଚନ୍ଦ୍ର କାଡାମ |
| ୧୭ | କଣ୍ଟାମାଳ: ପ୍ରଶାନ୍ତ ସାହୁ | ୩୫ | ମାଲକାନଗିରି: ମାଲା ମାଡ଼ି |
| ୧୮ | ଦଶପଲ୍ଲା: ପ୍ରଶାନ୍ତ କୁମାର ନାୟକ | ୩୬ | ଚିତ୍ରକୋଣ୍ଡା: ଲକ୍ଷ୍ମୀପ୍ରିୟା ନାୟକ |

## ଡାକ୍ତରଖାନା ପାଇଁ କାଳ ସାଜିଛି ତାଳଗଛ

ବୀରମହାରାଜପୁର, ୧୯।୩(ଡି.ଏନ୍.ଏ.)


ସୋନପୁର ରାସ୍ତା ପାର୍ଶ୍ୱ ଚକ୍ଷୁଚିକିତ୍ସାଳୟ ଫାଟକ ସମ୍ମୁଖରେ ରହିଥିବା ବିପଦପୂର୍ଣ୍ଣ ତାଳଗଛ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର–ସୋନପୁର ମୁଖ୍ୟରାସ୍ତାର ପଣ୍ଡାପାଲି ନିକଟ ରାସ୍ତାପାର୍ଶ୍ୱ ତାଳଗଛଗୁଡିକ ପଥଚାରୀମାନଙ୍କ ପାଇଁ ବିପଦ ପାଲଟିଛି। ବିଶେଷକରି ଏଠାରେ ଅବସ୍ଥିତ ଚକ୍ଷୁ ଚିକିତ୍ସାଳୟ ଫାଟକ ସମ୍ମୁଖ କେତୋଟି ତାଳଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଏଠାକୁ ଆସୁଥିବା ରୋଗୀ ତଥା ସର୍ବସାଧାରଣଙ୍କ ସକାଶେ ମରଣଯନ୍ତା ପାଲଟିଥିବା କୁହାଯାଉଛି। ଗତ ରବିବାର ସନ୍ଧ୍ୟାବେଳେ ହୋଇଥିବା ଝଡବର୍ଷାରେ ଏହିସ୍ଥାନର ଏକ ତାଳଗଛ ଭାଙ୍ଗି କେତେକଙ୍କୁ କ୍ଷତାହତ କରିବା ଘଟଣା ଲୋକଙ୍କ ଆଶଙ୍କାକୁ ବଢାଇ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୀରମହାରାଜପୁରଠାରୁ ପ୍ରାୟ ୪ କିଲୋମିଟର ଦୂର ଏହି ବିପଦସଙ୍କୁଳ ସ୍ଥାନରେ ୨୦ରୁ ଊର୍ଦ୍ଧ୍ୱ ଅତିପୁରୁଣା ତାଳଗଛ ରାସ୍ତାକଡକୁ ଲାଗିରହିଛି। ଅନେକ ସମୟରେ ତାଳବରଡାଗୁଡିକ ଖସି ଦୁର୍ଘଟଣାମାନ ଘଟିଥିବାର ମଧ ନଜିର ରହିଛି। ତେବେ ତାସତ୍ତ୍ୱେ ଗଛ କାଟିବା ନେଇ ସରକାରୀ କଟକଣା ଯୋଗୁଁ କେହି ବି ଏ ଦିଗରେ ପଦକ୍ଷେପ ନେବାକୁ ଆଗଭର ହେଉ ନ ଥିବା ଜଣାପଡିଛି। କେତୋଟି ତାଳଗଛ ଅତିପୁରୁଣା ହୋଇପଡିଥିବା ଯୋଗୁଁ ବଡ ଧରଣର ଦୁର୍ଘଟଣାକୁ ମଧ ଏଡାଇ ଦିଆଯାଇ ନପାରେ। ସମ୍ପ୍ରତି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ବିପଦସଙ୍କୁଳ ଅବସ୍ଥାରେ ଥିବା ତାଳଗଛ ହଟାଇବାକୁ ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଡାକ୍ତରଖାନା ପାଇଁ କାଳ ସାଜିଥିବା ଏହିଗଛ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ ଚକ୍ଷୁ ଚିକିତ୍ସାଳୟର ଅଧୀକ୍ଷକ ଡା. ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ ଏନେଇ ଜିଲା ବନ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବା ସକାଶେ ପତ୍ରମାଧ୍ୟମରେ ଅନୁରୋଧ କରିବା ସଙ୍ଗେସଙ୍ଗେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

## ବେଆଇନ୍ ବନ୍ଧୁକ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୧୯।୩

ଝାରସୁଗୁଡ଼ା ଜିଲା ବଡ଼ମାଲ ପୋଲିସ ମଙ୍ଗଳବାର ଏକ ବେଆଇନ ମାଉଜର ଜବତ କରିଛି। ମାଉଜର ରଖିଥିବା ବେହେରାପାଲିର ମୃତ୍ୟୁଞ୍ଜୟ ଅଡ୍ଡା (୪୦)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ ବେଆଇନ ବନ୍ଧୁକ ରଖିଥିବାବେଳେ ପୂର୍ବରୁ ତାଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଥିଲା। ଏ ବାବଦରେ ବଡ଼ମାଲ ଥାନାରେ ସୂଚନା ରହିଥିଲା।

## ନିରଞ୍ଜନଙ୍କୁ ସ୍ୱାଗତ କଲେ ବିଜେଡି କର୍ମୀ, ସମର୍ଥକ

ସୋନପୁର,୧୯।୩(ନି.ପ୍ର.)

ସୋନପୁର ବିଧାୟକ ତଥା ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ କ୍ରମାଗତ ପଞ୍ଚମ ଥର ପାଇଁ ବିଜେଡି ଟିକେଟ ପାଇଛନ୍ତି। ପ୍ରାର୍ଥୀ ତାଲିକାରେ ତାଙ୍କ ନାମ ଘୋଷଣା ପରେ ମଙ୍ଗଳବାର ମନ୍ତ୍ରୀ ନିରଞ୍ଜନ ଭୁବନେଶ୍ୱରରୁ ଫେରିଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ଜିଲାର ସୀମା ତେଲନଦୀ ବ୍ରିଜ୍‌ରେ ପହଞ୍ଚିବା ପରେ ପୂର୍ବରୁ ଅପେକ୍ଷା କରି ରହିଥିବା ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଏକ ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ। ପୂଜାରୀ ତାଙ୍କ ପ୍ରତକ୍ରିୟାରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଭରସା ରଖି ପୁଣି ଟିକେଟ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ବିକାଶମୂଳକ କାର୍ଯ୍ୟକୁ ନେଇ ସେ ଆସନ୍ତା ନିର୍ବାଚନ ଲଢିବେ। ନିର୍ବାଚନମଣ୍ଡଳୀରେ ଶାନ୍ତି, ବଜାୟ ରଖିବା ଓ ପ୍ରଗତି ଆଣିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ଗଣମାଧ୍ୟମକୁ କହିଥିଲେ। ଜିଲା ବିଜେଡି ସଭାପତି ସରୋଜ କୁମାର କର୍ଣ୍ଣ, ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ରମେଶ ପୂଜାରୀ, ପ୍ରକାଶ ସାହୁ, ପ୍ରବୀଣ ନାଗ, ଗୋପାଳ ଚନ୍ଦ୍ର ବରେଇ, ଜନ୍ମେଜୟ ପାତ୍ର, ରାଜ କୁମାର ସୁନା, ମାନଭଞ୍ଜନ ମିଶ୍ର, ସୁବାସ ସେଠୀ, ପ୍ରହଲ୍ଲାଦ ନାୟକ, ହରିବନ୍ଧୁ ପ୍ରଧାନ, ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର, ଅଭିଶେକ ଶର୍ମା ଓ ଅମୀୟ ରଞ୍ଜନ ଦାସ ପ୍ରମୁଖ ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ପୂନେଇଁ ଫଗୁ**
**ଯେ ଯା'ର ସେ ତା'ର ।**
**କହିଲା ଲୋକ ଲଘୁ ।**

ଯିଏ ଯାହାର ସିଏ ତାହାର । ତାଙ୍କ ମଧ୍ୟରେ ରହିଥିବା ସମ୍ପର୍କ ସବୁବେଳେ ଅତୁଟ ହୋଇ ରହିଥାଏ। ଯେତେବେଳେ ହେଲେ ବି ସେମାନେ ମିଶିଯିବାକୁ ବା ଏକାଠି ହୋଇଯିବାକୁ ବେଶି ସମୟ ଲାଗି ନ ଥାଏ। ପରନ୍ତୁ ତାଙ୍କ ଭିତରେ ରହି ବାହାର ଲୋକ ଶେଷରେ ଧରାପଡ଼ି ଯାଇଥାଏ। ଯିଏ ଯାହା ସଙ୍ଗେ ରହିବା କଥା ରହୁଥିବା ସ୍ଥଳେ ଅନ୍ୟ ଲୋକ ଖରାପ ନାମ ନେଇ ସେଠାରୁ ବାଦ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଦଇବ ! ଏହା କାହା ଦେହ ସହିବ ।**
**ଝିଅ ପାଳିଥିଲି ଚମ୍ପାଫୁଲ ପରି**
**ସେ ପର ପୁଅ ଘେନି ରହିବ ।**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ହାତକୁ ଦି'ହାତ କରିଦିଆଯାଏ, ତେବେ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ତାକୁ ସହ୍ୟ କରିବା ପିତାମାତା ପକ୍ଷେ ଅତିବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ଡିଏଲ୍‌ଇଡି ପାଠ୍ୟକ୍ରମର ଉଦ୍‌ଯାପନୀ ସଭାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କ ସହ ଅତିଥି ।

## ସୁବଳୟା କଲେଜରେ ଡିଏଲ୍‌ଇଡି ପାଠ୍ୟକ୍ରମ ଉଦ୍‌ଯାପିତ

ବୀରମହାରାଜପୁର, ୧୯।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ଗତ ଦୁଇବର୍ଷ ଧରି ଚାଲିଥିବା ଡିଏଲ୍‌ଇଡି(ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ୍) ପାଠ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରଶିକ୍ଷକ ସଦାନନ୍ଦ ରଥ, ମୁକୁନ୍ଦ କର୍ଡ଼ିଆ, କାମପାଳ ମହାପାତ୍ର ଓ ବିଶ୍ୱାମିତ୍ର ସାହୁ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇବର୍ଷର ତାଲିମରେ ହାସଲ କରିଥିବା ଜ୍ଞାନକୁ କର୍ମକ୍ଷେତ୍ରରେ ଉପଯୋଗ କରି ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧିରେ ସହାୟକ ହେବାପାଇଁ ପରାମର୍ଶ ଦିଆଯାଇଥିଲା। କଲେଜ ଅଧ୍ୟାପକ ଶିବଶଙ୍କର ମହାନନ୍ଦ ସଭା କାର୍ଯ୍ୟ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଠାରେ ସରକାରୀ ବ୍ୟବସ୍ଥା ଅନୁଯାଇ ୫୦ଜଣ ଅଣତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉକ୍ତ ପାଠ୍ୟକ୍ରମ ଅନୁଯାୟୀ ତାଲିମ ପ୍ରଦାନ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ପ୍ରତାପପୁର ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ସୋନପୁର,୧୯।୩(ନି.ପ୍ର)

ସୋନପୁର ବ୍ଲକର ପ୍ରତାପପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତ ଶିଗୁଳି ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନା ସିକଲ ସେଲ ୟୁନିଟ ଓ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପେଶ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଇକେନପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସରୋଜ କୁମାର ପଟେଲ, ଟେକ୍ନିସିଆନ ହୃଷୀକେଶ ମିଶ୍ର ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ନାଗ, ମହେନ୍ଦ୍ରୀ ପଣ୍ଡା, ଲମ୍ବୋଦର ପ୍ରଧାନ ଓ ଜୟରାମ ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ଶିବିରରେ ଜଣେ ଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GENERAL ELECTION 2019
FLEX PRINTING
POSTER PRINTING
LEAFLET
PUSHING CARDS
T-SHIRTS & CAPS
FLAGS
In Very Very Competitive Rates
Same Day Delivery
For Special Rate Contact :
7008994500
7894410000

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

AAROHAN FOUNDATION | Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଊର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୁର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF | MORE SPACE • SAME PRICE | *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ
- ରବର୍ଟ ବର୍ଟନ

## ସଂକ୍ଷେପରେ

### ଖର୍ସେଲବାଞ୍ଜିରେ ସୁନ୍ଦରାକାଣ୍ଡ ପାରାୟଣ

**ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ରାମଚରିତ ମାନସ ମଣ୍ଡଳି ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମ ଦାଶ ବ୍ୟାସ ରହିଥିଲେ। ସିକୁନ ମାଝି, ଟିକେନନ୍ଦ ମାଝି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ବେହେରା ପ୍ରବଚନ ଦେଇଥିଲେ। ହୃଷୀକେଶ ନାଏକ, ତୃତୀୟା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଦର୍ଶ ଯୁବକ ସଂଘ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି: ଟିକ୍ରାପଡ଼ା ଅନ୍ଧାରରେ

**ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ମଙ୍ଗଳବାର ସକାଳୁ କରେଣ୍ଟ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ଜଣାପଡିଛି। ଏନେଇ ସ୍ଥାନୀୟ କର୍ମଚାରୀମାନେ ଘଟଣା ସଂକ୍ରାନ୍ତରେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବା ଦିଗରେ ଉର୍ଦ୍ଧ୍ୱ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମଦ, ବାଇକ୍ ଜବତ: ୪ ଗିରଫ

**ରାଜଗାଙ୍ଗପୁର, ୧୯।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ଓ ବଡ଼ଗାଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବେଆଇନ ଦେଶୀମଦ ବିକ୍ରି କରୁଥିବା ସ୍ଥାନରେ ଚଢ଼ାଉ କରି ୯୦ ଲିଟର ଦେଶୀ ମଦ ଜବତ କରିବା ସାଙ୍ଗକୁ ଏକ ବାଇକ ଜବତ କରାଯାଇଛି। ଏଥିରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲଙ୍କଠାରୁ ଜାଣିବାକୁ ମିଳିଛି ଯେ, ରାଜଗାଙ୍ଗପୁର ଓ ବଡଗାଁ ଅବକାରୀ ବିଭାଗ ମିଳିତ ଭାବେ ରାଜଗାଙ୍ଗପୁର ବ୍ଲକର ଝଗରପୁରଠାରେ ଚଢ଼ାଉ କରି ସିମନ ଏକ୍କାଙ୍କୁ ଗିରଫ କରିବା ସାଙ୍ଗକୁ ତାଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି କାର୍ଯ୍ୟରେ ବ୍ୟବହାର କରାଯାଇଥିବା ଏକ ବାଇକ ନଂ. ଓଆର ୧୬ ସି-୯୧୨୬କୁ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି ବଡଗାଁ ବ୍ଲକର ସାହାଜବାହାଲ ଗ୍ରାମରେ ଚଢ଼ାଉ କରି ଜୈସ୍ନା ସାହୁଙ୍କଠାରୁ ୨୦ ଲିଟର, ସଞ୍ଜୟ ନାୟକଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଓ ଗୌତମ ଗରତିଆଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁନ୍ଦରଗଡ ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡା ଓ ସତ୍ୟଜିତ ଖଟୁଆଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲ, ରବୀନ୍ଦ୍ର ପ୍ରଧାନ ଓ ବଡଗାଁ ଅଧିକାରୀ ହୀରା ଦଳପତି ଓ ରବୀନ୍ଦ୍ର ପ୍ରଧାନଙ୍କ ସମେତ କନଷ୍ଟେବଲ ରାଜେଶ ପଟେଲ, ଚନ୍ଦ୍ରଶେଖର ଖଣ୍ଡା, ଶ୍ରୀନିବାସ ବିଶୋଇ, ସଞ୍ଜୟ କୁମାର ଅମାତ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ସୁଶାନ୍ତ ପଟେଲ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ, ଗାୟତ୍ରୀ ସା, ଜୈତି କେରକେଟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଆୟୁବଙ୍କୁ ଟିକେଟ ନ ମିଳିବା ପରେ

# କଣ୍ଟାବାଞ୍ଜି ବିଜେଡିରେ ବିଦ୍ରୋହ ଆଶଙ୍କା

**କଣ୍ଟାବାଞ୍ଜି,୧୯।୩(ଡି.ଏନ.ଏ.)**

କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ୍‌ଙ୍କୁ ଚଳିତ ନିର୍ବାଚନ ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଟିକେଟ ମିଳିନାହିଁ। ତାଙ୍କ ସ୍ଥାନରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡି ଦଳକୁ ଡିଆଁ ମାରିଥିବା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଧାନସଭା ଆସନରୁ ଟିକଟ ଦିଆଯାଇଛି। ଏନେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଭାବ ଦେଖାଦେଇଛି।

ଟିକଟ ଆଶାୟୀ ଖାନ୍ ଭୁବନେଶ୍ୱରରୁ ଖାଲି ହାତରେ ଫେରିବା ପରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ମାରାଥନ୍ ବୈଠକ କରିଥିଲେ। ଏଥିରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ସହ ତୁରେକେଲା ବ୍ଲକ୍ ବିଜେଡି ସଭାପତି ଆସାତୁଲ୍ଲା ଖାନ୍, ମୁରିବାହାଲ ବ୍ଲକ୍ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ମୁରିବାହାଲ ଯୁବ ବିଜେଡି ସଭାପତି ହରିବନ୍ଧୁ ମେହେର, ତୁରେକେଲା ଯୁବ ବିଜେଡି ସଭାପତି ସୁଦାମ ବେହେରା, ବିଜେଡି ନେତା ବିଷ୍ଣୁ କୁଏଡ୍, ଚୈତନ୍ୟ ହଂସ, ବିଭିନ୍ନ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଖାନ୍‌ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକଟ ଦିଆଯାଇ ନ ଥିବାରୁ ଏହାକୁ ନିନ୍ଦା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟ ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଥିବା ସତ୍ତ୍ୱେ ତାଙ୍କୁ ବିଜେଡି ବିଧାୟକ ଟିକେଟ ଦିଆଯାଇ ନ ଥିବାରୁ ଏହାକୁ ବହୁ ସମର୍ଥକ ବିରୋଧ କରିଥିଲେ। ଆବଶ୍ୟକ ପଡିଲେ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ କରି ଆୟୁବ୍ ଖାନ୍‌ଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏହା ନ ହେଲେ ଖାନ୍ ଏଥର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ମତ ଜଣାଇଥିଲେ। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ଓ ଅଜୟ ଦାସଙ୍କ ବିରୋଧରେ ବୈଠକରେ ଶ୍ଲୋଗାନ ଦିଆଯାଇଥିଲା। ବିଜେଡି ଏମ୍‌ପି ସିଂହଦେଓଙ୍କ ଯୋଗୁ ଆୟୁବ୍‌ଙ୍କ ଟିକଟ କଟିଥିବା ଅଭିଯୋଗ କରାଯାଇ ତାଙ୍କୁ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଏଭଳି ପ୍ରତିକ୍ରିୟା ଶୁଣିବା ପରେ ବିଧାୟକ ଆୟୁବ୍ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ଦେବାକୁ ଦାବି କରିବେ ବୋଲି କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀର ଆସନରେ ହରେକୃଷ୍ଣ ଷଡଙ୍ଗୀଙ୍କ ନାମ ଘୋଷଣା ପରେ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଅନଙ୍ଗ ଉଦୟ ସିଂହଦେଓ ପ୍ରାର୍ଥୀ ହୋଇଥିବା ଉଦାହରଣ ଦେଇ କଣ୍ଟାବାଞ୍ଜିରେ ମଧ୍ୟ ପ୍ରାର୍ଥୀ ନାମ ପରିବର୍ତ୍ତନ କରିବାକୁ ଦାବି ଜଣାଇବେ ବୋଲି କହିଥିଲେ। ଏହା ନ ହେଲେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯାହା ନିଷ୍ପତ୍ତି ନେବେ ସେ ଗ୍ରହଣ କରିବେ ବୋଲି ବିଧାୟକ ଖାନ୍ ଜଣାଇଛନ୍ତି । ବୈଠକ ପରେ ଖବରାଦାତା ସମ୍ମିଳନୀ କରି ଉପରୋକ୍ତ ବିଷୟରେ ବିଧାୟକ ଖାନ୍ ସୂଚନା ଦେଇଥିଲେ। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ବଦଳ ପରେ ଦଳୀୟ ବିଦ୍ରୋହ ଆଶଙ୍କା ଦେଖାଦେଇଛି।

**କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ**
- ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ବୈଠକ
- ସାମୂହିକ ଇସ୍ତଫା ଧମକ
- ସ୍ୱାଧୀନ ପ୍ରାର୍ଥୀ ହେବାକୁ ପରାମର୍ଶ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଷ୍ପତ୍ତି ନେବେ ଆୟୁବ୍

### ଛାତ୍ରୀଛାତ୍ରଙ୍କୁ ନିଆଁଲିଭା କୌଶଳ ତାଲିମ

**ବଡ଼ଗାଁ,୧୯।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଫୁର୍କାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର କୁତ୍ରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବା କୌଶଳ ତାଲିମ ଦେଇଛନ୍ତି। ସ୍ଥାନୀୟ ହିଟରର କ୍ଲବ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଫୁର୍କାପାଲି ହାଇସ୍କୁଲ, ୟୁପି ସ୍କୁଲ ଓ ଲତାଲଗା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁତ୍ରା ଦମକଳ କେନ୍ଦ୍ରର ଅଧିକାରୀ ବାହାଦୁର କୁମାର ସେନାପତି ଓ କର୍ମଚାରୀ ଫାୟାର ଟ୍ରାଙ୍ଗେଲ,ଫାୟାର ସେଫ୍ଟି, ଗ୍ରାଉଣ୍ଡ ରେସକ୍ୟୁ, ରୋଷେଇ ଗ୍ୟାସ ଆଦିରୁ ନିଆଁ ଲାଗିଲେ କିପରି ଲିଭାଇବେ ଓ ଏହା ଉପରେ ସତର୍କତା ସମ୍ବନ୍ଧରେ ପିଲାଙ୍କୁ ବୁଝାଇଥିଲେ। ହାଇସ୍କୁଲର ଶିକ୍ଷକ ତ୍ରିଲୋଚନ ନାଏକ, ଦେବାନନ୍ଦ ରଣା, ମହେନ୍ଦ୍ର କରସେଲ, କ୍ଲବର ସଭାପତି ସୁମନ୍ତ କୁମାର ସା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।

ବଲାଙ୍ଗୀରରୁ କଂଗ୍ରେସ ପ୍ରାର୍ଥୀ ନରସିଂହ

# ବିଜେଡି, ଭାଜପାର ଗଣିତ ଛିଣ୍ଡୁନି

**ଟିକେଟ ଘୋଷଣା ବିଳମ୍ବ: ଚାପରେ ପ୍ରାର୍ଥୀ, କର୍ମୀ**

**ବଲାଙ୍ଗୀର ଅଫିସ, ୧୯।୩**

ବଲାଙ୍ଗୀର ବିଧାନସଭା ଆସନ ପାଇଁ ପୁରୁଖା ନେତା, ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପୁଣି ଦଳୀୟ ଟିକେଟ ଦେଇଛି । ଏନେଇ ସୋମବାର ବିଳମ୍ବିତ ରାତ୍ରିରେ ବିଧିବଦ୍ଧ ଘୋଷଣା ହେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ, ନେତା ଓ ସମର୍ଥକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନ୍ୟପଟେ ପ୍ରତିପକ୍ଷ ବିଜେଡି ଓ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଗଣିତ ଛିଣ୍ଡୁ ନ ଥିବା ଜଣାପଡିଛି । ବିଜେଡି ପକ୍ଷରୁ ୫୪ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଥିଲେ ମଧ୍ୟ ବଲାଙ୍ଗୀର ଜିଲାର ବଲାଙ୍ଗୀର ସଦର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କଂଗ୍ରେସ ମିଶ୍ରଙ୍କ ନାମ ଘୋଷଣା କରି ପ୍ରତିପକ୍ଷ ବିଜେଡି ଓ ଭାଜପା ଉପରେ ଚାପ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଶୁଣିବାକୁ ମିଳୁଛି।

ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ଆସନ ଯଥା ପାଟଣାଗଡ଼, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଆସନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବିଜେଡି ଶିବିରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓଙ୍କ ପୁଅ ଅର୍କେଶ ନାରାୟଣ ସିଂହଦେଓ, ସମାଜିକ କର୍ମୀ ଲଳିତ କୁମାର ନାୟକ, ହରେକୃଷ୍ଣ ଷଡଙ୍ଗୀ, ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ନବୀନ ନିବାସରେ ତନାଘନା ଉଦ୍ୟମ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନଙ୍ଗଙ୍କ ବଡପୁଅ ତଥା ଲୋକସଭା ଏମପି କଳିକେଶ ନାରାୟଣ ସିଂହଦେଓଙ୍କୁ ଚଳିତ ନିର୍ବାଚନ ପାଇଁ ଦଳ ପୁଣି ଥରେ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି। ଏଭଳି କ୍ଷେତ୍ରରେ ଗୋଟିଏ ପରିବାରରୁ ଅନଙ୍ଗଙ୍କ ସାନପୁଅ ଅର୍କେଶଙ୍କୁ ଆଉ ଗୋଟିଏ ଦଳୀୟ ଟିକେଟ ମିଳିବ କି ନାହିଁ ସେନେଇ ବିଜେଡି କର୍ମୀ ଓ ସମର୍ଥକ ମହଲରେ ବି ଆଶଙ୍କା ଦେଖାଦେଇଛି । ଅର୍କେଶଙ୍କ କିଛି ସମର୍ଥକ ଦଳୀୟ ଟିକେଟ ନିଶ୍ଚୟ ପାଇବେ ବୋଲି ଦୃଢ଼ ଆଶାବାଦୀ ଥିଲେ ମଧ୍ୟ ଟିକେଟ ଘୋଷଣାକୁ ନେଇ ବିଳମ୍ବ ହେଉଥିବାରୁ ଚାପର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଜେଡି ଆଶାୟୀ ତାଲିକାରେ ଥିବା ଲଳିତ, ଷଡଙ୍ଗୀ, ଶ୍ରୀମୟୀ ଟିକେଟ ହାତେଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିବା କୁହାଯାଉଛି।

ଭାଜପାରେ ଡା. ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ଅନନ୍ତ ଦାଶ ଟିକେଟ ଦୌଡରେ ରହିଥିଲେ ମଧ୍ୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ସମର୍ଥକଙ୍କ ମହଲରେ ମଧ୍ୟ ଶଙ୍କା ବଢ଼ିବାରେ ଲାଗିଛି। ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ନିଧନ ପରେ ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବା କୁହାଯାଉଛି । ତେବେ କଂଗ୍ରେସ ପ୍ରଥମରୁ ନରସିଂହ ମିଶ୍ରଙ୍କ ନାମ ଘୋଷଣା କରିଥିବାରୁ ହେଭିୱେଟ୍ ନେତାଙ୍କୁ ଟକ୍କର ଦେବାପାଇଁ ପ୍ରତିପକ୍ଷ ଭାଜପା ଓ ବିଜେଡି କେଉଁ ଆଶାୟୀଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେବ ତାହା ଚର୍ଚ୍ଚାର ବିଷୟ ହୋଇଛି।

### ସବୁ ହିତାଧିକାରୀଙ୍କୁ ମିଳି ପାରିନି ଏଲ୍ଇଡି ବଲବ୍

**ଗୁଡ଼ଭେଲା,୧୯।୩(ଡି.ଏନ.ଏ.)**

ରାଜ୍ୟ ସରକାର ସମସ୍ତ ରାଶନ କାର୍ଡଧାରୀଙ୍କୁ କାର୍ଡ ପ୍ରତି ଚାରୋଟି ଏଲଇଡି ବଲବ ଯୋଗାଇ ଦେବାର ବ୍ୟବସ୍ଥା ଆରମ୍ଭ କରିଥିଲେ। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଏ ଯାଏ ସମସ୍ତ ହିତାଧିକାରୀଙ୍କୁ ଏଲ୍ଇଡିବଲବ ମିଳିପାରିନାହିଁ। ବ୍ଲକରେ ୧୨ହଜାରରୁ ଅଧିକ ଖାଉଟି କାର୍ଡଧାରୀ ଥିବା ବେଳେ ପିଠା କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତରେ ତିନି ଶହ ହିତାଧିକାରୀଙ୍କୁ ବଲବ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲା। ହେଲେ ଅନେକ ପଞ୍ଚାୟତରେ ଅବଧି ପର୍ଯ୍ୟନ୍ତ ଶହେ ହିତାଧିକାରୀଙ୍କୁ ବଲବ ଯୋଗାଇ ଦିଆଯାଇପାରି ନଥିବା ଅଭିଯୋଗ ହେଉଛି। ପଞ୍ଚାୟତ ଅଫିସରେ ରହି ଯାଇଥିବା ବଲବଗୁଡିକୁ ଏବେ କାର୍ଟୁନରେ ଭର୍ତ୍ତି କରି ରଖାଯାଇଛି। ନିର୍ବାଚନ ସରିବା ପରେ ପୁଣି ବଣ୍ଟା ଯିବ ବୋଲି ଜିପିଓ ହିମାଂଶୁ ଶେଖର ମିଶ୍ର କହିଛନ୍ତି । ଏ ନେଇ ବିଡିଓ ରାମବିଳାସ ମଙ୍ଗରାଜ କହିଛନ୍ତି ଯେ, ଏଲ୍ଇଡି ବଲବ ବଣ୍ଟନ ଏବେ ବନ୍ଦ କରି ଦିଆଯାଇଛି । ନିର୍ବାଚନ ସରିଲେ ପୁଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ନାତିଙ୍କ ମୁଣ୍ଡରେ ଆଈର ଚିକିତ୍ସା ଚିନ୍ତା

**ଖପ୍ରାଖୋଲ,୧୯।୩(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁର ଅସହାୟ ବୃଦ୍ଧା କ୍ଷୀରବତୀ କପାଟ(୭୦)। ଦୀର୍ଘ ଦିନ ହେଲା ସେ ସ୍ୱାମୀଙ୍କୁ ହରାଇଥିବା ବେଳେ ତାଙ୍କ ପୁଅ, ବୋହୂ ମଧ୍ୟ ଆରପାରିକି ଚାଲିଯାଇଛନ୍ତି। ଘରେ ଦିବ୍ୟାଙ୍ଗ ଝିଅ(୨୩)ଙ୍କ ସହ ୨ ନାତି କମଳ(୧୨), ସୁବଳ(୬), ନାତୁଣୀ ଝରଣା(୮) ରହୁଛନ୍ତି। ଅନ୍ୟ ଦୁଇ ନାତୁଣୀ ଦାଦନ ଖଟିବାକୁ ଯାଇଛନ୍ତି। ସୋମବାର କ୍ଷୀରବତୀ ଜ୍ୱରରେ ଆକ୍ରାନ୍ତ ହୋଇ ତଳେ ପଡିଯାଇଥିଲେ। ପାଖପଡିଶା ଏହା ଜାଣି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ୧୦୮ ଆମ୍ବୁଲାନ୍ସ ପହଞ୍ଚି କ୍ଷୀରବତୀଙ୍କୁ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲ। ଡାକ୍ତର ତାଙ୍କ ଚିକିତ୍ସା କରିଥିଲେ। ହେଲେ ଉଚ୍ଚ ରକ୍ତଚାପ ଯୋଗୁ କ୍ଷୀରବତୀ କୋମାକୁ ଚାଲିଯାଇଥିବା ଜଣାପଡିଛି। ମଙ୍ଗଳବାର ସକାଳେ ଖପ୍ରାଖୋଲ ବିଡିଓ ତରଣି ସୁନା, ମେଡିକାଲ ଅଫିସର ଡା. ଦିଲୀପ ମେହେର, ଫାର୍ମାସିଷ୍ଟ ବିନୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୦୮ ଆମ୍ବୁଲାନ୍ସ ଯୋଗେ ଅସହାୟ କ୍ଷୀରବତୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ରୋଗିଣା ଆଈଙ୍କ ସାଙ୍ଗରେ ନାବାଳକ ନାତି କମଳ ରହିଥିବା ବେଳେ ତାଙ୍କ ମୁଣ୍ଡରେ ବର୍ତ୍ତମାନ ଆଈର ଚିକିତ୍ସା ଚିନ୍ତା। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବୃଦ୍ଧାଙ୍କ ଚିକିତ୍ସା ପାଇଁ ଯାହା ଖର୍ଚ୍ଚ ହେବ ପଞ୍ଚାୟତ ଏବଂ ବ୍ଲକ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏପରି କି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରହିଥିବା କହିଛନ୍ତି।

**ଦୁଇ ଦିନ ହେଲା କୋମାରେ ଆଈ**



ଚିକିତ୍ସିତ ଆଈଙ୍କ ପାଖରେ ନାତି କୋମଳ।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ମହିଳାଙ୍କ ତ୍ରୁଟିପୂର୍ଣ୍ଣ ପରିବାର ନିୟୋଜନ ଅସ୍ତ୍ରୋପଚାର

**ଲୋଇସିଂହା,୧୯।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକର ମାଗୁରବେଡ଼ା ଗ୍ରାମର ଜଣେ ମହିଳାଙ୍କ ପରିବାର ନିୟୋଜନ ଆସ୍ତ୍ରୋପଚାର ତ୍ରୁଟିପୂର୍ଣ୍ଣ ହୋଇଥିବା ଜଣାପଡିଛି। ଅସ୍ତ୍ରୋପଚାର କରୁଥିବା ଡାକ୍ତର ଏହା ଜାଣି ଅଧାରୁ ଅସ୍ତ୍ରୋପଚାର ବନ୍ଦ କରି ମହିଳାଙ୍କ ସ୍ୱତନ୍ତ୍ର ଚିକିତ୍ସା କରୁଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣା ମଙ୍ଗଳବାର ପ୍ରଘଟ ହୋଇଛି।

ମିଳିଥିବା ସୂଚନା ମୁତାବକ, ସୋମବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ୟାମ୍ପ ରହିଥିଲା। କ୍ୟାମ୍ପକୁ ୨ଜଣ ମହିଳା ଅସ୍ତ୍ରୋପଚାର ହେବାକୁ ଆସିଥିଲେ। ପ୍ରଥମେ ବ୍ଲକର ମାଗୁରବେଡା ଗ୍ରାମର ଦଶରଥ ପୁଟେଲଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସ୍ମିତା ଶତପଥୀ ଅସ୍ତ୍ରୋପଚାର କରିଥିଲେ। ହେଲେ ସେ ଭୁଲ କ୍ରମେ ମହିଳାଙ୍କ ଖାଦ୍ୟ ନଳି କାଟିଦେଇଥିବା ଜଣାପଡିଛି। ଏହା ଜାଣି ସେ ଅଧାରୁ ଅସ୍ତ୍ରୋପଚାର ବନ୍ଦ କରି ଦେଇଥିଲେ। ପରେ ସେ ମହିଳା ଓ ତାଙ୍କ ପରିବାର ଲୋକଙ୍କୁ ଫାଇବ୍ରେଡ ଥିବାରୁ ଅସ୍ତ୍ରୋପଚାର ହୋଇ ପାରିବ ନାହିଁ ବୋଲି କହିଥିଲେ। ହେଲେ ଡାକ୍ତର ଅଧିକ ଚିକିତ୍ସା ପାଇଁ ମହିଳାଙ୍କ ସ୍ୱାମୀ ଓ ପରିବାରବର୍ଗଙ୍କୁ ବୁର୍ଲା ନେବାକୁ କହିଥିଲେ। ଏଠି ସବୁ ଠିକ୍ ହୋଇ ଯିବ କହି ପ୍ରମିଳାଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା କରାଯାଉଥିବା ମହିଳାଙ୍କ ସ୍ୱାମୀ ଦଶରଥ ଓ ତାଙ୍କ ସମ୍ପର୍କୀୟ ଜଣେ ମହିଳା ପ୍ରକାଶ କରିଛନ୍ତି। ଏପରି କି ପ୍ରମିଳାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପରେ ଡାକ୍ତରାଣୀ ଜଣକ ମଙ୍ଗଳବାର ମୁଣ୍ଡ ଠିକ ନ ଥିବା କହି ଅନ୍ୟ ଜଣେ ମହିଳାଙ୍କୁ ଅସ୍ତ୍ରୋପଚାର ନ କରି ଫେରାଇ ଦିଆଯାଇଥିବା ଜଣାପଡିଛି। ବର୍ତ୍ତମାନ କୌଣସି ସମସ୍ୟା ହେଉ ନ ଥିବା ପ୍ରମିଳା ପ୍ରକାଶ କରିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ଏ ନେଇ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ସ୍ମିତା ଶତପଥୀଙ୍କୁ ପଚାରିବାରୁ, ମହିଳାଙ୍କୁ ଫାଇବ୍ରେଡ ଥିବାରୁ ଅସ୍ତ୍ରୋପଚାର ଅଧାରୁ ବନ୍ଦ କରାଯାଇଥିଲା। ବର୍ତ୍ତମାନ ମହିଳାଙ୍କ ସ୍ୱତନ୍ତ୍ର ଚିକିତ୍ସା ଚାଲିଛି। ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା କହିଥିଲେ।



ମାଗୁରବେଡ଼ାର ପ୍ରମିଳା ପଟେଲ।

ଜନପ୍ରତିନିଧି, ଜିଲାପ୍ରଶାସନର ଅଣଦେଖା

# ବୁର୍ଡା-ନଅଗାଁ(ଖ) ରାସ୍ତା ଶୋଚନୀୟ

**ଲୋଇସିଂହା,୧୯।୩(ଡି.ଏନ.ଏ)**

ନିର୍ବାଚନ ପରେ ନିର୍ବାଚନ ବିତିଯାଉଛି । ଅଥଚ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମରୁ ନଅଗାଁ(ଖ) ପର୍ଯ୍ୟନ୍ତ ୩ କି.ମି. ରାସ୍ତା ଅବସ୍ଥା ବଦଳି ପାରୁନାହିଁ। ଅଞ୍ଚଳବାସୀଙ୍କ ଦାବି ସତ୍ତ୍ୱେ ଜନପ୍ରତିନିଧି ଓ ପ୍ରଶାସନ ଉକ୍ତ ରାସ୍ତା ପ୍ରତି ଆଖିବୁଜି ଦେଇଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ଯାତ୍ରୀମାନେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋଇସିଂହା ବ୍ଲକ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ରାସ୍ତା ସଂଯୋଗ ରହିଛି । ଏହି ରାସ୍ତା ଦେଇ ଆଗଲପୁର ବ୍ଲକର ନଅଗାଁ(ଖ), ବଡ଼ଟିକା ଓ ଝରନୀପାଲି ପଞ୍ଚାୟତବାସୀ ଲୋଇସିଂହା, ବଲାଙ୍ଗୀର ଯାତାୟାତ କରିଥାନ୍ତି। ଗତ ବର୍ଷ ବୁର୍ଡା-ସିଆଲବାହାଲି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ହୋଇଥିବାରୁ ବୁର୍ଡା ଜାତୀୟ ରାଜପଥରୁ ମାତ୍ର ୧ଶହ ମିଟର ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କରେ କଂକ୍ରିଟ ହୋଇଛି । ବାକି ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ସେହିପରି ବାଟମଙ୍ଗଳା ରାସ୍ତା ଅବସ୍ଥା ନ କହିବା ଭଲ। ମରାମତି ଅଭାବାରୁ ରାସ୍ତାରେ ବଡବଡ ଖାଲ ସୃଷ୍ଟି ହୋଇଛି। ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣ ଜନପ୍ରତିନିଧିଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ସମସ୍ୟା ସଂକ୍ରାନ୍ତରେ ଜଣାଇଛନ୍ତି। ଥିଲେ କୌଣସି ସମାଧାନ ହୋଇପାରୁ ନାହିଁ। ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

# ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀସେବା

**ଲାଠୋର, ୧୯।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡିଛି। ବର୍ତ୍ତମାନ ଆୟୁଷ ଡାକ୍ତରଙ୍କ ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବା ଦେଖାଯାଉଛି। ୧୯୭୫ ମସିହାରୁ ସ୍ଥାପିତ ଏହି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖପ୍ରାଖୋଲ ବ୍ଲକ ଅଞ୍ଚଳର ୩୦, ବେଲପଡା ବ୍ଲକର ୧୦, ତୁରେକେଲା ବ୍ଲକର ୧୫ଗାଁ ସହ ପଡୋଶୀ ନୂଆପଡା ଜିଲା କୋମନା ବ୍ଲକ ୧୦ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ଏଠାରେ ଦୁଇ ଜଣ ଏମବିବିଏସ ଡାକ୍ତର ରହିବାକୁ ଥିବା ବେଳେ ମାତ୍ର ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ରାସ୍ତାକୁ ଓହ୍ଲାଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ପୁନଶ୍ଚ ଯେଉଁ ଏମବିବିଏସ ଡାକ୍ତର ନିଯୁକ୍ତି ହୋଇଥିଲେ ତାଙ୍କର ଅନ୍ୟତ୍ର ପୋଷ୍ଟିଂ ହୋଇଯାଇଥିବାରୁ ସେ ଗତ ତା୧୦।୩।୧୯ରିଖଠାରୁ ଅନ୍ୟତ୍ର ଚାଲି ଯାଇଛନ୍ତି। ସେ ଗଲାପରେ ବିଭାଗ ପକ୍ଷରୁ କୌଣସି ଡାକ୍ତର ଏଠାରେ ନିଯୁକ୍ତି ଦିଆ ନ ଯାଇ ଜଣେ ଆୟୁଷ ଡାକ୍ତରଙ୍କ ଉପରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାର ଲଦି ଦିଆଯାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଆନ୍ଦୋଳନର ଦାନା ବାନ୍ଧୁଛି। ଏ ନେଇ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସଞ୍ଜୁକ୍ତା ସାହୁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ଯୋଗୁଁ ଡାକ୍ତରଙ୍କ ନିଯୁକ୍ତି ଉପରେ କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ। ନିର୍ବାଚନ ପରେ ଏହା ଉପରେ ବିଚାର କରାଯିବ। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି।




**ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**
- ଅବିଳମ୍ବେ ନିଯୁକ୍ତି ନ ଦେଲେ ଆନ୍ଦୋଳନ
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଏମାନେ ଯାହା କୁହନ୍ତି...**

"ଗତ ୧୦ ତାରିଖରୁ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନ୍ୟତ୍ର ଯାଇଥିଲେ ସୁଦ୍ଧା କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ରାଜ୍ୟର ଅନ୍ୟ କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଏଠାରେ ଅଣାଦେଖା କରାଯାଇଛି। **- ସନ୍ତୋଷ କୁମାର ଭଇଁଷାଲ, ବୁଦ୍ଧିଜୀବୀ**

"ମୁଁ ଉଭୟ ଏସ୍‌ଡିଏମ୍‌ଓ ଏବଂ ସିଡିଏମଓଙ୍କ ସହ ଯୋଗାଯୋଗ କରିଛି। ନିର୍ବାଚନ ପରେ ଡାକ୍ତର ନିଯୁକ୍ତି ଦେବେ ବୋଲି କହୁଛନ୍ତି। ସେହି ସମୟ ମଧ୍ୟରେ ଏଠାରେ ସାମୟିକଭାବେ ଡାକ୍ତର ନିଯୁକ୍ତି ନ ଦେଲେ ସମସ୍ୟା ଉପୁଜିବ। **- ପ୍ରବୀଣ କୁମାର ଅଗ୍ରୱାଲ, ସରପଞ୍ଚ**

"ଲାଠୋରରେ ଡାକ୍ତର ସମସ୍ୟା ବହୁ ଦିନ ପୂର୍ବରୁ ଲାଗି ରହିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହାର ସମାଧାନ କରା ନ ଗଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦିଆଯିବ। **-ଘାସିରାମ ଅଗ୍ରୱାଲ, ସାମାଜିକ କର୍ମୀ**

"ଡାକ୍ତର ସମସ୍ୟା ନେଇ ଅନେକ ଥର ଆନ୍ଦୋଳନ କରାଯାଇଛି। ହେଲେ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବହେଳିତ ଅବସ୍ଥାରେ ରଖି ଦିଆଯାଇଛି। ଏହାର ଖୁବଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ନିଶ୍ଚିତ ରୂପେ ଆନ୍ଦୋଳନ କରାଯିବ। **-ସୁଶୀଲ ଅଗ୍ରୱାଲ, ସାମାଜିକ କର୍ମୀ**



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଜିଏମ୍‌ୟୁ ପଦାର୍ଥ, ରସାୟନ ବିଜ୍ଞାନର କର୍ମଶାଳା

ସମ୍ବଲପୁର,୧୯।୩ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଏସ.କେ. ତାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ସମ୍ମାନୀତ ଅତିଥି ଥିଲେ । ଅତିଥିମାନେ ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ମେଟେରିଆଲ ସାଇନ୍ସ ବିଷୟରେ ଆଲୋଚନା କରିଥିଲେ । ଉପ କୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣଦେଇଥିବା ବେଳେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସତ୍ୟନାରାୟଣ ଚାଉଲିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳା ସଂଯୋଜକ ଡ. ନିରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କୁଳସଚିବ ଗିରିଶ ଚନ୍ଦ୍ର ସିଂ ସୂଚନା ପ୍ରଦାନ କରିଥିଲେ। ଶେଷରେ ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଏସ.ଏସ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପ୍ରଫେସର ଶଙ୍କରପ୍ରସାଦ ପତି, ଡ. ପ୍ରସନ୍ନ କୁମାର ମିଶ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳାରେ ସଭାପତିତ୍ୱ କରିଥିଲେ । ଏଥିରେ ରାଉରକେଲା ଏନଆଇଟି, ବିଲାସପୁର, ନାଗପୁରର ଅଧ୍ୟାପକମାନେ ସାମିଲ ହୋଇ ଥିଲେ।

# ଗାଁବାସୀଙ୍କୁ ଦାଉ ସାଧୁଛି କିଡ଼ନୀ ରୋଗ୍

ବିନିକା,୧୯।୩(ଡି.ଏନ୍.ଏ)

**ସାତ୍‌ସପନ ହେଇଛେ ବିକାଶ**

- କିଡ଼ନୀ ରୋଗ୍‌ରେ ୩ ଝନ୍ ମଲେନ, ୪ ଝନ୍ ପଡ଼ିଛନ୍
- ଗମନାଗମନ, ସ୍ୱାସ୍ଥ୍ୟ ସେବାରୁ ବଁଚିତ ଗାଁବାସୀ
- ମଉଲିକ ସୁବିଧାକେ ଗୁରୁତ୍ ଦିଆଯିବା: ଥାନୀୟ ସରପଁଚ୍



ଗାଁରେ ଅଚଲ୍ ହେଇ ପଡ଼ିଥିବାର ନଲ୍‌ତୁଆଁ ।

ଗାଁଗଁଲିର ବିକାଶ ଲାଗି କେନ୍ଦ୍ର ଆର ରାଏଜ୍ ସରକାର ବହୁତ ଯୋଜନା କରିଛନ୍। ହେଲେ କେତେ ଜାଗାରେ ପରଶାସନିକ ଅଧିକାରୀ ଆର ଥାନୀୟ ରାଜନେତାକର ଆଁତରିକତା ଅଭାବୁ ଇ ମହତ୍ ଯୋଜନାମାନ ବାଟବନା ହେଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଁଚେତ୍‌ର ରାଜସ୍ୱ ଗାଁ ତିଲେଇମାଲରେ। ଗାଁର ଲୋକ୍ ସଂଖ୍ୟା ପାଖାପାଖି ୪ଶହ। ଇଠାନେ ବଡ଼ଭାଗି ଆଦିବାସୀ, ହରିଜନ ଆର ପଛୁଆ ବରଗର ଲୋକ୍ ବାସ୍ କରୁଛନ୍। ସରକାର ଗାଁଗଁଲିନୁ ସହର ତକ୍ ସବୁ ଲୁକ୍‌କୁ ନିରମଲ ପିଇଲା ପାଏନ୍ ଯୁଗେଇ ଦେବାର ଲାଗି ପ୍ରକଳ୍ପ ଉପରେ ପ୍ରକଳ୍ପ ତିଆର କରୁଛନ୍। ଇ ଗାଁରେ ବି ଗୁଟେ ପ୍ରକଳ୍ପ ତିଆର ହେଇଛେ, ହେଲେ କାଯ୍‌କ୍ଷମ ନାଇଁ ହେଇପାରବାର। ଗାଁରେ ଲୁକ୍‌କର ବେଭାର ଲାଗି ୩ଟା ନଲ୍‌ତୁଆଁ ରହିଛେ ସତ୍, ହେଲେ ସେଥିରୁ ଗୁଟେ ନଲ୍‌ତୁଆଁର ପାଏନ୍ ବେଭାର କରି ହେଉଛେ। ଗାଁବାସୀକର ଅଭିଯୋଗ ଅନ୍‌ସାରେ ଇ ନଲ୍‌ତୁଆଁର ପାଏନ୍ ବେଭାର କରି ଗାଁର ଅନେକ୍ ଲୋକ୍ କିଡ଼ନୀ ବେମାରରେ ପଡୁଥିବାର କହିଛନ୍। ବଛର କେତେଟା ଭିତରେ ଗାଁର ରଞ୍ଜୁ ଛତର(୨୫), ରାଜକୁମାର ଜାଲ(୪୦), ପ୍ରତିମା ମଲ୍ଲିକ(୪୮) କିଡ଼ନୀ ବେମାରରେ ପଡ଼ି ମରିଛନ୍। ସେନ୍ତା ଗାଁର ଭାନୁମତି ବାଘ(୬୦), ବ୍ରଜମୋହନ କୁଦେଇ(୪୮), ଲମ୍ବୋଦର ବିହାର(୫୦), ଲକ୍ଷ୍ମଣ ମଲ୍ଲିକ(୪୮) କିଡ଼ନୀ ବେମାରରେ ପୀଡ଼ିତ ଥିଲାବେଲେ ରୋଗ୍ ପରଭାବରେ ଦିହିମୁଡ଼ ଫୁଲିଯାଇଛେ। ସେନ୍ତା ଗାଁରେ ରାସ୍‌ତାଘାଟର ବଡ଼ଭାରି ସମସିଆ ରହିଛେ। ଗାଁରେ ଥିବାର ଗୁଟେବଲି ଗାଧୁଆ ବଁଧର ମାଏଟ୍ କାମ୍ କେନ୍ ଯୁଗୁ ନାଇଁ ହେବାର। ତିଲେଇମାଲ-ତାଲମୁଣ୍ଡା ୪ କି.ମି. ଗାଁର ମୁଖିଆ ରାସ୍‌ତା ତିଆର ନାଇଁ ହେଇପାରି। ଇ ରାସ୍‌ତାଟା ଖେତ୍‌ବାହାଲ ହେଇ ଯାଇଥିଲାବେଲେ ବର୍ଷା ଦିନେ ଯିବା ଆଏବାରେ ବଡ଼ଭାରି ଅସ୍‌ବିଧା ହେସି। ଏନ୍ତା କି ବର୍ଷା ହେଲେ ଝନେ ରାସ୍‌ତା ଅଛେ କି ନାଇଁ ଜାନି ନାଇଁପାରେ। ଇ ବାବ୍‌ଦେ ଥାନୀୟ ସରପଁଚ୍ ଚନ୍ଦ୍ର କୁମାର ମହାପାତ୍ରଙ୍କୁ ପଚରାଲାରୁ ପଁଚେତ୍‌ର ନିଜର ପାଁଠିରୁ ତିଲେଇମାଲ-ରାମପୁର କେନାଲ ରାସ୍‌ତା କାମ୍ ଚାଲିଛେ। ତିଲେଇମାଲ-ତାଲମୁଣ୍ଡା ରାସ୍‌ତା କାମ୍ ବି ବହୁତ୍ ଜଲଦି କରାଯିବା। ଆଗ୍‌କେ ଗାଁବାସୀଙ୍କୁ ମଉଲିକ ସୁବିଧା ସୁଯୋଗ ଯୁଗେଇ ଦେବାର ଉପରେ ଅଧିକା ଗୁରୁତ୍ ଦିଆଯିବା ବଲି ସେ କହିଥିଲେ। ସେନ୍ତା ଗାଁରେ କିଡ଼ନୀ ବେମାର ବହ୍‌ପୁଥିବାର ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା.ପ୍ରଭାସ ଚନ୍ଦ୍ର ପ୍ରଧାନଙ୍କୁ ପଚରାଲାରୁ ମୋର ପାସେ ଖବର ନାଇଁଥାଇ। ଯେତେ ଜଲଦି ହେବା ଗୁଟେ ସ୍ୱାସ୍ଥ୍ୟ ଟିମ ଗଠନ କରି ଗାଁକେ ପଠାବାର ବେବସ୍‌ତା କରାଯିବା, ଘଟନା ବାବ୍‌ଦେ ସିଡିଏମ୍‌ଓ, ଜିଲାପାଳଙ୍କୁ ଅବଗତ କରେଇ ସରକାରୀ ନିୟମ ହିସାବେ ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ବ୍ଲକସ୍ତରୀୟ ଶିକ୍ଷକ ସମାବେଶ, ସାଙ୍ଗଠନିକ ନିର୍ବାଚନ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ମାଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନୀ ସଭାରେ ଜିଲା ସଭାପତି ମନୋଜ କୁମାର ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରମୋଦ କୁମାର ବିଶି, ପ୍ରେମଚାନ୍ଦ ମହାପାତ୍ର, ବିରେନ ବାଗ, ଅମରେନ୍ଦ୍ର ପଟ୍ଟନାୟକ, ଜଗଦିସ ପାଣି, ଅକ୍ଷୟ ପଟ୍ଟନାୟକ, ବିଭୁତି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ମାଝି, ବ୍ଲକ ସଂଯୋଜକ ଭାବରେ ଉଦୟ ଭୋଇ, ଯୁଗ୍ମ ସମ୍ପାଦକ ବଶିଷ୍ଠ ଭୋଇ ନିର୍ବାଚିତ ହୋଇଥିଲେ। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଜିଲା ସଙ୍ଗଠନ ପକ୍ଷରୁ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଅଫିସର ବରିଷ୍ଠ କିରାଣୀ ଅଶ୍ୱିନ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ଦାଶ, ପ୍ରଦ୍ୟୁମ୍ନ ହୋତା, ପାର୍ଥବ ମହାନନ୍ଦ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଉଛି ।

# ରାସ୍ତା କାମ ଆରମ୍ଭ, ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କୌଣସି ଉନ୍ନୟନମୂଳକ କାମ କରା ନ ଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ସୋମବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ମୁଣ୍ଡରାଗୁଡା-ଗୋଜିଆପଡା ରାସ୍ତାରେ ମେଟାଲ, ବାଲି ପକା ଯାଇଥିବା ଦେଖିବାକୁ ମିଳିଛି। ଏହାଛଡା ରାସ୍ତାକଡରେ ସୂଚନା ଫଳକରେ କିଛି ଲେଖାଯାଇ ନାହିଁ । ଏପରି କି ସୋମବାର ଟ୍ରାକ୍ଟରରେ ବାଲି ଆଣି ରାସ୍ତା ମଝିରେ ପକାଇ ଦେଇଥିବାରୁ ଲୋକମାନେ ଯାତାୟାତ କରିବାରେ ଅସୁବିଧା ଭୋଗିଥିଲେ। ଏହି କାମ କିଏ କରୁଛି ଓ କେଉଁ ବିଭାଗ କରୁଛି ସେ ସମ୍ପର୍କରେ ଗ୍ରାମବାସୀ ଜାଣିପାରି ନାହାନ୍ତି। ଅନ୍ୟପକ୍ଷେ ନିର୍ବାଚନ ସମୟରେ ଆଚରଣ ବିଧି ଉଲ୍ଲଂଘନ କରାଯାଇ ଏପରି କାମ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଏହି ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର ହୋଇଥିବା ବେଳେ ସୋମବାର ହଠାତ୍ ମେଟାଲ ପକା ଯାଉଥିବାରୁ ଏହା ରାଜନୈତିକ ଚାଲ ବୋଲି ସାଧାରଣରେ ଅଭିଯୋଗ ହେଉଛି ।



ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ମୁଣ୍ଡରାଗୁଡା-ଗୋଜିଆପଡା ରାସ୍ତାରେ ମେଟାଲ ପକାଯାଇଛି ।

# ରାସ୍ତା କଡ଼ରୁ ହଟିଲା ସାପ୍ତାହିକ ହାଟ

ମ.ରାମପୁର,୧୯।୩(ଡି.ଏନ.ଏ.)

**ଟ୍ରାଫିକ ସମସ୍ୟା ସୁଧୁରିବ**

କଳାହାଣ୍ଡି ଜିଲା ମ. ରାମପୁର ମଧ୍ୟ ଭାଗରେ ପ୍ରତି ମଙ୍ଗଳବାର ରାସ୍ତା କଡରେ ବସୁଥିବା ସାପ୍ତାହିକ ହାଟ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ଏହି ହାଟ ସହର ଜନବସତିଠାରୁ ଦୂର ଶ୍ରୀ ରାମେଶ୍ୱର ମହାଦେବ ମନ୍ଦିର ପାଖକୁ ସ୍ଥାନାନ୍ତର କରାଯାଇଛି । ରାସ୍ତା କଡରେ ବସୁଥିବା ସାପ୍ତାହିକ ହଟିବାରୁ ଏବେ ସହରରେ ଦିନକୁଦିନ ବୃଦ୍ଧି ପାଉଥିବା ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇବ ବୋଲି ଆଲୋଚନା ହେଉଛି । ଦୀର୍ଘ ବର୍ଷ ଧରି ବସୁଥିବା ସାପ୍ତାହିକ ହାଟ ପ୍ରାଙ୍ଗଣରେ ସୁଉଚ୍ଚ ବସଷ୍ଟାଣ୍ଡ କୋଠା ନିର୍ମାଣ, ହାଟ ଚତୁଃପାର୍ଶ୍ୱରେ ୭୦ଟି ସ୍ଥାୟୀ ଦୋକାନ ଗୃହ ନିର୍ମାଣ ହେତୁ ସ୍ଥାନ କମ ହୋଇଥିଲା । ଏଥିଯୋଗୁ ହାଟର ପାଖାପାଖି ୩୦ ପ୍ରତିଶତ ବ୍ୟବସାୟୀଙ୍କୁ ସହର ମୁଖ୍ୟ ସଡକ ୨ପାର୍ଶ୍ୱ ରାସ୍ତା କଡରେ ବସିବାକୁ ପଡୁଥିଲା । ଏହା ସାଙ୍ଗକୁ ରାସ୍ତାକୁ ଲାଗି ଦୁଇ ଚକିଆ ଯାନବାହନ ରଖାଯିବା ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇ ପଡିଥିଲା । ଏହି ମୁଖ୍ୟରାସ୍ତା ଦେଇ ପ୍ରତିଦିନ ୪ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀ ଯିବା ଆସିବା, ବୃଦ୍ଧାବୃଦ୍ଧଙ୍କ ଯାତାୟାତରେ ଅସୁବିଧା ହେଉଥିଲା । ଏ ନେଇ ବିଭିନ୍ନ ସଙ୍ଗଠନ ହାଟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦୀର୍ଘ ୨୦ ବର୍ଷ ଧରି ଦାବି କରି ଆସୁଥିଲେ । ଗଣମାଧ୍ୟମରେ ମଧ୍ୟ କ୍ରମାଗତ ତଥ୍ୟ ପ୍ରକାଶିତ ହୋଇଆସୁଥିଲା । ୨୦ ବର୍ଷ ପରେ ସରପଞ୍ଚ ଚିତ୍ତରଞ୍ଜନ ବାଗ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ହାଟ ସ୍ଥାନାନ୍ତର କରିଛନ୍ତି । ସାପ୍ତାହିକ ହାଟ ମ.ରାମପୁର ଗ୍ରାମ ପଞ୍ଚାୟତର ନିଜସ୍ୱ ଜାଗା ହୋଇଥିବା ଯୋଗୁ ହାଟ ନିଲାମ, ଦୁଇ ଚକିଆ ଯାନ ପାର୍କିଂ ନିଲାମ ହେତୁ ବାର୍ଷିକ ପାଖାପାଖି ୫ ଲକ୍ଷ ଟଙ୍କା ରୋଜଗାର ହେଉଥିଲା। ସମ୍ପ୍ରତି ଉକ୍ତ ହାଟ ଶିବ ମନ୍ଦିର କମିଟି ପରିଚାଳିତ ଜାଗାରେ ସ୍ଥାପନ ହେତୁ ଲାଭାଂଶର କିଛି ଅଂଶ ମନ୍ଦିର କମିଟିକୁ ନିଆଯିବ । ହାଟ ସ୍ଥାନାନ୍ତର ଜନିତ ଦୂରତ୍ୱକୁ ଜନ ସାଧାରଣଙ୍କୁ ସାମାନ୍ୟ ଅସୁବିଧା ଭୋଗ କରିବାକୁ ପଡିବ । କିନ୍ତୁ ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ଦୂରିକରଣ ହେବା ନେଇ ଜନସାଧାରଣ ଖୁସି ଜାହିର କରିଛନ୍ତି ।

# ଖବର ପ୍ରକାଶ ପରେ ହୋର୍ଡିଂ କଢ଼ାଗଲା

କୁନାଗଡ,୧୯।୩(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ନିର୍ବାଚନ ତାରିଖ ଘୋଷଣାର ୮ଦିନ ପରେ ମଧ୍ୟ କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଜାରିଙ୍ଗ ଛକ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡର ଏକ କୋଠାର କାନ୍ଥରେ ଓ କନ୍ଦୁପାଟିର ଏକ କୋଠାର କାନ୍ଥରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଏକ ହୋର୍ଡିଂ ଲାଗିଥିଲା । ଏହି ଘଟଣାକୁ ନେଇ ମଙ୍ଗଳବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହା ପରେ ଉକ୍ତ ଦିନ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ହୋର୍ଡିଂ ଲଗାଯାଇଥିବା ଉକ୍ତ ୨ଟି ସ୍ଥାନରୁ ତରବରିଆ ଭାବେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଦେଖିବାକୁ ମିଳିଛି। ନିର୍ବାଚନ ଆଚରଣ ବିଧି ପରେ ମଧ୍ୟ ହୋର୍ଡିଂ ଲାଗି ରହିବା ସ୍ଥାନୀୟ ପ୍ରଶାସନର ଅବହେଳାର ଏକ ନମୁନା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା।




ହୋର୍ଡିଂ ଖୋଲାଯାଉଛି।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଧମା, ୧୯।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଲତୀଗୁଣ୍ଡେରପୁର ଫାଣ୍ଡି ନିକଟସ୍ଥ ସୁବନପୁର ଗାଁ ବ୍ରିଜରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍ ଚାଳକ ବଦୁଆପାଲି ଗ୍ରାମର ରାମକୃଷ୍ଣ ଭୋଇ (୫୨) ଗୁରୁତର ହୋଇଛନ୍ତି । ପୋଲିସ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାଗ୍ରସ୍ତ ବାଇକ (ନଂ.ଓଡି ୧୫ ଇ- ୬୯୭୫)କୁ ପୋଲିସ ଜବତ କରି ମାମଲା ରୁଜୁ କରିଛି ।

### ବଳବସପୁରରେ ରକ୍ତଦାନ ଶିବିର

ହୀରାକୁଦ, ୧୯।୩ (ଡି.ଏନ.ଏ)

ବଳବସପୁର ଗ୍ରାମରେ ହୀରାକୁଦ ରକ୍ତଦାତା ଗ୍ରୁପ ତରଫରୁ ବୁର୍ଲା ବ୍ଲଡ ବ୍ୟାଙ୍କ ସହାୟତାରେ ପଞ୍ଚମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରକୁ ବଳବସପୁର ଯୁବକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ । କରୁଣାକର ବିଶ୍ୱାଳ, ପ୍ରଦୀପ ମାହାନା, ଅମିତ ମିଶ୍ର, କେ. ସାଇ ପ୍ରସାଦ ରାଓ, ଜଗଦୀଶ ମିଶ୍ର, ହରେକୃଷ୍ଣ ବେହେରା, ବଳବସପୁରର ସୁବାଷ ବେହେରା, ଦିନେଶ ବେହେରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ତାଲିମ ନାଁରେ ଶ୍ରମିକଙ୍କୁ ଠକେଇ ଅଭିଯୋଗ

ଭବାନୀପାଟଣା,(ସ୍ୱ.ପ୍ର.)/ନୂଆପଡା ଅଫିସ,୧୯।୩

- ପ୍ରୋତ୍ସାହନ, ପ୍ରମାଣପତ୍ର ପାଇଁ କଳାହାଣ୍ଡିର ଜିଲା ଶ୍ରମିକ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜମରା ପଞ୍ଚାୟତ ଦୁଲକିବନ୍ଧ ଗାଁର ଶ୍ରମିକଙ୍କୁ ତାଲିମ ଦେବା ନାଁରେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଶ୍ରମିକମାନଙ୍କୁ ଅନ୍ୟ ଜିଲାରେ ପ୍ରୋତ୍ସାହନ ଓ ପ୍ରମାଣପତ୍ର ମିଳିବା ଆଶା ଦେଖାଇ ଶ୍ରମିକମାନଙ୍କୁ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ନିକଟକୁ ପଠାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ସେପ୍ଟେମ୍ବର ୧୫ ତାରିଖରେ ଥୁଆମୂଳ ରାମପୁରର ଭାସ୍କର ଫାଉଣ୍ଡେଶନ ନାମକ ସଂସ୍ଥା ଜରିଆରେ କଲମପୁର ବ୍ଲକ ଦୁଲକିବନ୍ଧ ଗାଁର ଅଣକୁଶଳୀ ଶ୍ରମିକମାନଙ୍କୁ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯାଇଥିଲା । ଏଥିରେ ଗାଁର ୩୫ ଜଣ ଶ୍ରମିକ ୧୫ ଦିନ ଧରି ତାଲିମ ନେଇଥିଲେ। ସେହି ସମୟରେ ଶ୍ରମିକମାନଙ୍କୁ ଦୈନିକ ୨୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ ଓ ତାଲିମ ଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ମିଳିବା ବୋଲି କହିଥିଲେ। ସେହି ପ୍ରମାଣପତ୍ର ଜରିଆରେ ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ମିଳିବ ବୋଲି ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ଆଶାରେ ଗରିବ, ଅସହାୟ, ନିରିହ ଶ୍ରମିକମାନେ ୧୫ ଦିନ ଧରି କାମ ଧନ୍ଦା ଛାଡି ତାଲିମ ଗ୍ରହଣ କରିଥିଲେ । ତାଲିମ ଶେଷରେ ଶ୍ରମିକମାନଙ୍କୁ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର କିଛି ନ ଦେଇ ସମ୍ପୃକ୍ତ ସଂସ୍ଥା ଚମ୍ପଟ ମାରିଥିଲା । ଆଜି କାଲି କହି ୬ ମାସ ଧରି ଶ୍ରମିକମାନଙ୍କୁ ଦିନ ଗଡାଇ ଚାଲିଥିଲେ । ଶେଷରେ ସୋମବାର ଉକ୍ତ ସଂସ୍ଥାର ହିମାଞ୍ଚଳ ନାଏକ(ମୁନୁ) ନାମକ ଜଣେ କର୍ମଚାରୀ ଶ୍ରମିକଙ୍କୁ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ମିଳିବ ବୋଲି କହିଥିଲେ । ରାତିରେ ଗାଁରେ ତାଲିମ ନେଇଥିବା ଶ୍ରମିକମାନେ ଏକ ବୈଠକ କରିଥିଲେ। ସେଠାରେ ଜଣ ପିଛା ୨୫୦ ଟଙ୍କା ଆଦାୟ କରି ଏକ ପିକ୍‌ଅପ ଗାଡି ଭଡା କରି ମଙ୍ଗଳବାର ଭୋର ୫ଟାରୁ ଶ୍ରମିକମାନେ ୨ ଶହ କି.ମି. ଅତିକ୍ରମ କରି ଖରିଆରରୋଡସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିରେ ଶ୍ରମିକମାନେ ଜିଲା ଶ୍ରମ ନିରୀକ୍ଷକ ଗୌରାଙ୍ଗ ଚରଣ ସାମନ୍ତରାୟଙ୍କୁ ଭେଟି ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ପାଇଁ ଦାବି କରିଥିଲେ । ସେଠାରେ ଶ୍ରମ ନିରୀକ୍ଷକ ସାମନ୍ତରାୟ ଶ୍ରମିକମାନଙ୍କୁ ବୁଝାଶୁଝା କରି କହିଥିଲେ ଯେ, ଯେଉଁ ଜିଲାର ଶ୍ରମିକମାନଙ୍କୁ ସେହି ଜିଲା ଅଧିକାରୀ କାର୍ଯ୍ୟାଳୟରେ ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ଦେଇ ପାରିବେ ବୋଲି କହିଥିଲେ। ଫଳରେ ଶ୍ରମିକମାନେ ଖର୍ଚ୍ଚାନ୍ତରେ ପଡି ଭୋକ ଉପବାସରେ ଖରାତାତିରେ ନିରାଶ ହୋଇ ଘରକୁ ଫେରିଯାଇଥିଲେ । ଅନ୍ୟପକ୍ଷରେ ଏହି ଗରୀବ ଶ୍ରମିକମାନେ ୧୫ ଦିନ ଧରି କାମ ଧନ୍ଦା ଛାଡି ତାଲିମ ନେଇଥିଲେ । ପରବର୍ତ୍ତି ସମୟରେ ଶ୍ରମିକମାନଙ୍କୁ ଭୁଲ ତଥ୍ୟ ଦେଇ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ପ୍ରୋତ୍ସାହନ ଓ ପ୍ରମାଣ ପତ୍ର ପାଇଁ ପଠାଇଲେ । ଏଭଳି ସ୍ଥିତିରେ ଶ୍ରମିକମାନେ ଖର୍ଚ୍ଚାନ୍ତରେ ପଡି ହଇରାଣ ହରକତ ହୋଇ ଏବେ ହତାଶ ହୋଇ ପଡିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ତଥା ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି । ତୁରନ୍ତ ଶ୍ରମିକମାନଙ୍କୁ ପ୍ରୋତ୍ସାହନ ଓ ପ୍ରମାଣପତ୍ର ଯୋଗାଇ ଦେବାକୁ ରାଜେନ୍ଦ୍ର ଗହୀର, ଯୋଗେନ୍ଦ୍ର ରାଉତ, ପାର୍ଥ ବାଗ, ସୋମନାଥ ରାଉତ, ଅନତ ବାଗ, ଅକ୍ରୁର ମାଝି, ଖଗେଶ୍ୱର ଭୋଇ, ଦୁଷ୍ମନ୍ତ ଗହିର, ଗିରିଧାରୀ ମାଝି, ଦୟା ପୋଡ, ଜୟରାମ ଗହୀର, ତହସିଲ ମାଝି, ଉମ୍ବଧର ନାଏକ, ଦେବେନ୍ଦ୍ର ମାଝି, କୈବଲ ପୋଡ, ବଳିରାମ ମାଝି ପ୍ରମୁଖ ଶ୍ରମିକ ଦାବି କରିଛନ୍ତି । ଏ ନେଇ ଧର୍ମଗଡ ଅତିରିକ୍ତ ଶ୍ରମ ଅଧିକାରୀ ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ, ଆମକୁ ଶ୍ରମିକମାନେ ଲିଖିତ ଅଭିଯୋଗ କଲେ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ପ୍ରକାଶ କରିଥିଲେ।




ଖରିଆରରୋଡସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କଲମପୁର ବ୍ଲକ ବିଜମରା ପଞ୍ଚାୟତ ଦୁଲକିବନ୍ଧ ଗାଁର ଶ୍ରମିକମାନେ ।

### ପୋଡପଡା ଭକ୍ତରାମ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଧର୍ମଗଡ,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିକଟସ୍ଥ ପୋଡପଡା ଗ୍ରାମର ଭକ୍ତରାମ ପୋଢ (୨୦)ଙ୍କ ଗତ ୮ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। କେତେକ ଲୋକ ଏହା ଦୁର୍ଘଟଣା ଜନିତ ଘଟଣା ବୋଲି କହୁଥିବା ବେଳେ ପରିବାର ଲୋକେ ଏହାକୁ ହତ୍ୟା ଅଭିଯୋଗ ଆଣିଛନ୍ତି । ଏ ନେଇ ପରିବାର ଲୋକଙ୍କ ତରଫରୁ ମଙ୍ଗଳବାର ଧର୍ମଗଡ ଥାନାରେ ଲିଖିତ ଏତାଲା ଦେବା ସହ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ପାଖରେ ମଧ୍ୟ ଅଭିଯୋଗ କରିଛନ୍ତି ।
ଅଭିଯୋଗରୁ ଜଣାଯାଇଛି ଯେ, ଗତ ୮ ତାରିଖରେ ଧର୍ମଗଡ ଥାନା ଅନ୍ତର୍ଗତ ପୋଡପଡାର ଭକ୍ତରାମ ପୋଢଙ୍କ ମୃତ୍ୟୁ ହୋଇଯାଇଛି । ସେ ବର୍ତ୍ତମାନ ଧର୍ମଗଡ ଡାକ୍ତରଖାନାରେ ପଡିଥିବା ତାଙ୍କ ବାପା ଜୟରାମଙ୍କୁ ଫୋନ ଯୋଗେ ଖବର ଆସିଥିଲା। ଖବର ପାଇ ପରିବାର ଲୋକେ ହଠାତ ଚକିତ ହୋଇପଡ଼ିଥିଲେ । ଧର୍ମଗଡ ଡାକ୍ତରଖାନାକୁ ଯାଇ ଦେଖିବା ବେଳେ ଭକ୍ତରାମଙ୍କ ମୃତଦେହ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଭକ୍ତରାମଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରକାନାକୁ ଅଣାଯାଇ ଥିବା ସେଠାରେ ଜାଣିବାକୁ ପାଇଥିଲେ । ସେଠାରୁ ହିଁ ପରିବାରବର୍ଗଙ୍କ ସନ୍ଦେହ ଜାତ ହୋଇଥିଲା। ଶବ ବ୍ୟବଚ୍ଛେ ପରେ ମୃତଦେହ ଘରକୁ ଆଣି ଶବ ଦାହ କରିବା ସହ ପୋଲିସରେ ଜଣାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ସେହି ପୂର୍ବ ଦିନ ରାତିରେ ଅର୍ଥାତ ୭ ତାରିଖରେ ଭକ୍ତରାମ ଜଣେ ସାଙ୍ଗଙ୍କ ସହ ଭୋଜି ଖାଇଥିବା ପ୍ରକାଶ କରିଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଧର୍ମଗଡ ଥାନାରେ ଲିଖତ ଏତାଲା ଦିଆଯାଇଛି । ଅପରପକ୍ଷରେ ଯଦି ଭକ୍ତରାମଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ତେବେ ଯେଉଁ ବ୍ୟକ୍ତି ଆମ୍ବୁଲାନ୍ସକୁ ଜଣାଇଥିଲା ସେହି ଲୋକ କାହିଁକି ପରିବାର ଲୋକଙ୍କୁ ଜଣାଇଲା ନାହିଁ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି । ଏହାକୁ ଦୁର୍ଘଟଣାର ରୂପ ଦିଆଯାଇଛି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ ଥାନା ଅଧିକାରୀ ଉମ୍ମ ପରଜାଙ୍କୁ ପଚାରିବାରୁ ଏହାକୁ ପ୍ରଥମେ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଏକ କେସ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ତାଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରୁଥିବାରୁ ସେହି ଦିଗକୁ ନେଇ ତଦନ୍ତ ଚାଲୁ ରହିଥିବା ପ୍ରକାଶ କରିଛନ୍ତି।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ
- ରବର୍ଟ ବର୍ଟନ



## ସଂକ୍ଷେପରେ

### ଗଛକୁ ପିଟିଲା ବାଇକ୍: ୨ ଗୁରୁତର

**ଘଣ୍ଟାପଡ଼ା, ୧୯।୩ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ କୁଲୁତାଯୋରଠାରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯିବାରୁ ଦୁଇଜଣ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ପଶ୍ଚିମବଙ୍ଗ ରାଜ୍ୟର ମିଲୁ ଓ ମିରାଜ ନୂଆପାଲି ଗ୍ରାମରେ ରହି ମିସ୍ତ୍ରୀ କାମ କରୁଥିଲେ । ସେମାନେ ମଙ୍ଗଳବାର ଘର ମାଲିକଙ୍କ ବାଇକ (ନଂ.ଓଡି୦୩ଏ/୭୭୯୧) ଯୋଗେ ନୂଆପାଲିରୁ କୁଲୁତାଯୋର ଆସୁଥିବା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯାଇଥିଲା। ଫଳରେ ଦୁଇ ଜଣ ଛିଟିକି ପଡିଥିଲେ । ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ଘଣ୍ଟାପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

### ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ସ୍ଥିତ ଏଟିଏମରେ ଚୋରି ଉଦ୍ୟମ ହୋଇଛି। ସୋମବାର ରାତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏହି ଏଟିଏମରୁ କେହି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରିଥିଲା। ସକାଳୁ ଏହା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏଟିଏମକୁ ଲୁହା ରଡରେ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଟଙ୍କା ଚୋରି ହୋଇ ନ ଥିବା ଜଣାପଡିଛି । ଝାରବନ୍ଧ ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ସିସି କ୍ୟାମେରାକୁ ଭଙ୍ଗା ଯାଇଥିବାରୁ ଚୋରକୁ ଧରିବାରେ ବିଳମ୍ବ ହେଉଛି ।

### ଷୋହଳ ପ୍ରହର ନାମଯଜ୍ଞ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛେଲିଆପାଲି, ଭଗତପୁର, ମେମରା, ପଗାରପାଣି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଗାଁରେ ଥିବା ଜଗନ୍ନାଥ ମନ୍ଦିର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଅବସରରେ ଗ୍ରାମବାସୀଙ୍କ ତରଫରୁ ଏହି ଆୟୋଜନ କରାଯାଇଥିଲା । ଗାଁର ଗୌନ୍ତିଆ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଦାୟୀତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ପଣ୍ଡିତ ଝସକେତନ ନନ୍ଦ ପୂଜା କାର୍ଯ୍ୟ କରିଥିଲେ । ଅନ୍ୟମାନଙ୍କ ମଧରେ ନୀଳମଣି ନାଏକ, ଚୁନୁଲାଲ ଝଗରା, ସୁବାଷ କଳାରୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ପ୍ରତିଦିନ ଅନ୍ନଭୋଗର ଆୟୋଜନ କରାଯାଇଥିଲା ।



### ବେଆଇନ ଇଟାଭାଟିକୁ ଲଗାମ ନାହିଁ

**ମନମୁଣ୍ଡା, ୧୯।୩ (ଡି.ଏନ.ଏ):** କଣ୍ଟାମାଳ ତହସିଲ ଅନ୍ତର୍ଗତ ମନମୁଣ୍ଡା ଓ ପରା ଆର୍‌ଆଇ ସର୍କଲ ଅଞ୍ଚଳରେ କେତେକ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ହୋଇଛି । ଇଟା ପୋଡିବାରେ ବ୍ୟାପକ କାଠ ବ୍ୟବହାର କରାଯାଉଛି । ଏତେ ପରିମାଣର କାଠ କେଉଁଠୁ ଆସୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ତହସିଲଦାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ହରିଶ୍ଚନ୍ଦ୍ର ଯୋଜନା ବାଟବଣା

**ମନମୁଣ୍ଡା, ୧୯।୩ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘିକୁଣ୍ଡି ପଞ୍ଚାୟତ ରତାଖଣ୍ଡି ଗାଁର ବୃନ୍ଦାବନ ଦନ୍ତା, ବିନୋଦିନୀ ତରିଆ, ମଦନ ଖମାରୀ, ବେଦ ମେହେର, କୃଷ୍ଣ ବଗର୍ତ୍ତି, ସୁନ୍ଦର ଦେହୁରୀଙ୍କ ମୃତ୍ୟୁ ଘଟିବାର ଦୀର୍ଘ ମାସ ପରେ ବି ସେମାନଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନ କରାଯାଇନାହିଁ। ମୃତକଙ୍କ ପରିବାର ପକ୍ଷରୁ ଶୁଶୀଳା ଦନ୍ତା, ତ୍ରିନାଥ ତରିଆ, ବିଦେଶୀ ଖମାରୀ, ଓମ୍‌ପ୍ରକାଶ ମେହେର, ବାକ ବଗର୍ତ୍ତି ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି । ଏ ନେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି ।

# ପ୍ରାର୍ଥୀ ଘୋଷଣା ପରେ ବଢ଼ିଲା ତାତି

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧୯।୩**

ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବରଗଡ଼ ଜିଲା ରାଜନୀତି ଚଳଚଞ୍ଚଳ ହୋଇ ପଡ଼ିଛି । ଭାଜପା ପଛରେ ପଡ଼ିଯାଇ ଥିବାବେଳେ ସୋମବାର ଦିନ ବେଳା ବିଜେଡ଼ି ଏବଂ ମଧ୍ୟରାତିରେ କଂଗ୍ରେସ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏହାପରେ ଜିଲାରେ ରାଜନୈତିକ ତାତି ବଢ଼ିବାରେ ଲାଗିଛି । ବିଜେପୁର ଆସନରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରାର୍ଥୀ ଭାବେ ପାଇ ଜିଲାର ଦଳୀୟ ନେତା ଓ କର୍ମୀଙ୍କଠାରୁ ଆରମ୍ଭ କରି ପ୍ରାର୍ଥୀ ପର୍ଯ୍ୟନ୍ତ ସମସ୍ତେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଛନ୍ତି। ଅନ୍ୟପଟେ ବରଗଡ଼ ବିଧାନସଭା ସମେତ ଲୋକସଭା ଆସନରେ ଦୁଇ ନୂଆମୁହଁ ନିର୍ବାଚନକୁ ମଇଦାନକୁ ଓହ୍ଲାଇବା ଏବଂ ଦଳୀୟ ଟିକେଟ୍‌ରୁ ବଞ୍ଚିତ ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ନିଜ ସମର୍ଥକଙ୍କ ସହିତ ଦଳ ଛାଡ଼ିବା କଂଗ୍ରେସ ଶିବିରରେ ଝଡ଼ ସୃଷ୍ଟି କରିଛି । ସେହିପରି ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାବେଳେ ତାଲିକାରେ କାହାକୁ ସ୍ଥାନିତ କରିବ ଏବଂ କିଏ ବାଦ୍ ପଡ଼ିବେ, ତାକୁ ନେଇ ମଧ୍ୟ ସସ୍‌ପେନ୍ସ ଜାରି ରହିଛି। ଏଭଳି ସ୍ଥିତିରେ ଜିଲା ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି ।

ବହୁଚର୍ଚ୍ଚିତ ବିଜେପୁର ଆସନରୁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଦଳ ପକ୍ଷରୁ କୌଣସି ସୂଚନା ମିଳି ନ ଥିଲେ ମଧ୍ୟ ସେ ଆସନ୍ତା ୨୫ତାରିଖରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ ବୋଲି ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯିବା ସ୍ୱାଭାବିକ। କିନ୍ତୁ ମୁଖ୍ୟମନ୍ତ୍ରୀ ଯଦି ବିଜେପୁର ଆସନରୁ ବିଜୟୀ ହେବା ସହିତ ଆଗକୁ ରାଜ୍ୟର ଶାସନଭାର ନିଅନ୍ତି ଏବଂ ଜିଲାର ଏକାଧିକ ଦଳୀୟ ପ୍ରାର୍ଥୀ ନିର୍ବାଚିତ ହୁଅନ୍ତି। ସେତେବେଳେ ମନ୍ତ୍ରୀମଣ୍ଡଳରେ ବର୍ତ୍ତମାନ ଭଳି ଏକାଧିକ ନିର୍ବାଚିତ ପ୍ରାର୍ଥୀଙ୍କୁ ମନ୍ତ୍ରୀପଦ ମିଳିବ କି ନାହିଁ, ତାକୁ ନେଇ ଏବେଠାରୁ କଳ୍ପନାଜଳ୍ପନା ପ୍ରକାଶ ପାଇବା ଆରମ୍ଭ ହୋଇଗଲାଣି। ବରଗଡ଼ ବିଧାୟକ

**ବରଗଡ଼ ଜିଲା**
- କଂଗ୍ରେସ ଶିବିରରେ ଉଠିଲା ଝଡ଼
- ଭାଜପାର ପ୍ରାର୍ଥୀ ତାଲିକା ବିଳମ୍ବିତ
- ମନ୍ତ୍ରୀ ପଦକୁ ନେଇ ଏବେଠୁ ଅଡୁଆ

ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ପ୍ରାର୍ଥୀ ହେବା ପରେ ବିଜେଡ଼ି ପ୍ରତି ଅହେତୁକ ଜନସମର୍ଥନ ବୃଦ୍ଧି ପାଇଛି । ଗତ ବର୍ଷେ ତଳେ ମୁଖ୍ୟମନ୍ତ୍ରୀ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଘୋଷଣା କରିଥିଲେ ଏବଂ ଏଠାରୁ ପ୍ରାର୍ଥୀ ହୋଇ ତାକୁ ସେ ପ୍ରତିପାଦିତ ମଧ୍ୟ କରିଛନ୍ତି । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜିଲାର ବିକାଶଧାରା ଆଶାତୀତ ଭାବେ ଆଗେଇବ, ଏଥିରେ ସନ୍ଦେହ ନାହିଁ।

କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଗସ୍ତ ପରେ ଜିଲାରେ ବିଜେଡ଼ି ଦୁର୍ଗ ଭାଙ୍ଗି ଏଥର ସଫଳତା ହାସଲ କରିବ ବୋଲି କଂଗ୍ରେସ ଆଶାବାଦୀ ରହିଛି । ମାତ୍ର ପ୍ରାର୍ଥୀ ତାଲିକା ଘୋଷଣା ପରେ କଂଗ୍ରେସ ଶିବିରରେ ଝଡ଼ ସୃଷ୍ଟି ହୋଇଛି । ପୂର୍ବତନ ବିଧାୟକ ନେପାକ ନିଜ ସମର୍ଥକଙ୍କ ସହ ଇସ୍ତଫା ଦେଇଛନ୍ତି। ତାହା ଦଳ ଉପରେ କିଛି ପ୍ରତିକୂଳ ପ୍ରଭାବ ପକାଇପାରେ ବୋଲି ଅନୁମାନ କରାଯାଉଛି । ସେହିପରି ଇତିମଧ୍ୟରେ ବିଜେପୁର ଓ ଭଟଲି ଆସନ ପାଇଁ ଦଳ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ଏହି ଦୁଇ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହେବା ପରେ ସମ୍ପୃକ୍ତ ନିବାଚନ ମଣ୍ଡଳୀର ଦଳୀୟ ନେତା ଓ କର୍ମୀଙ୍କ ମନୋବଳ କିଭଳି ରହିବ, ତାହା ସମୟ କହିବ । ବରଗଡ଼ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ନିପନ କୁମାର ଦାଶ କହିଛନ୍ତି, କଂଗ୍ରେସ ଦଳର କର୍ମୀ କେବେ ମଧ୍ୟ ଦଳକୁ ଛାଡ଼ି ପାରିବ ନାହିଁ । ଆଉ ଯଦି ଜଣେ କେବଳ ଦଳୀୟ ଟିକେଟ୍ ଆଶା ନେଇ ଦଳରେ ରହିଥିବ, ତାହା ମଧ୍ୟ ସମୀଚୀନ ନୁହେଁ। ଏଥର ଦଳ ମୋ ପ୍ରତି ଆସ୍ଥା ପ୍ରକଟ କରି ପ୍ରାର୍ଥୀ କରିଥିବା ଯୋଗୁ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ଧନ୍ୟବାଦ ଜଣାଉଛି । ଦଳର ସମସ୍ତ ନେତା, କର୍ମୀ ଓ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହଯୋଗରେ କଂଗ୍ରେସ ଏଥର ଏଠାରୁ ନିଶ୍ଚୟ ବିଜୟ ଲାଭ କରିବ ବୋଲି ଆଶା ରଖିଛି ।

ଭାଜପା ମଧ୍ୟ ସେଭଳି ଚର୍ଚ୍ଚାରୁ ପଛରେ ପଡ଼ିନାହିଁ । ବିଜେପୁର ଉପନିର୍ବାଚନବେଳେ ପ୍ରାର୍ଥିତ୍ୱକୁ ନେଇ ଦଳକୁ ଆରମ୍ଭରୁ ଯେଭଳି ଝଟ୍‌କା ଲାଗିଲା, ଏହି ନିର୍ବାଚନରେ ତାର ପୁନରାବୃତ୍ତି କରିବାକୁ ଭାଜପା ଚାହୁଁନାହିଁ। ଫଳରେ ମାପଚୁପ କରି ଦଳ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରୁଥିବା ସାଧାରଣରେ ଆଲୋଚନା ହେଉଛି । କିନ୍ତୁ ଅନ୍ୟ ଦଳ ଭଳି ଭାଜପାରେ ମଧ୍ୟ ଆଶାୟୀଙ୍କ ତାଲିକା ଲମ୍ବା ରହିଥିବାରୁ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ସମ୍ଭାବ୍ୟ ଦଳୀୟ ଅସନ୍ତୋଷକୁ ଏଡ଼ାଇ ଦେଇ ହେଉନାହିଁ। ଏ ସମ୍ପର୍କରେ ଭାଜପା ଜିଲା ସଭାପତି ଡା. ଅରୂପାନନ୍ଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଏଥର ବରଗଡ଼ ଲୋକସଭା ଆସନ ସମେତ ଜିଲାର ୫ଟି ବିଧାନସଭା ଆସନକୁ ଭାଜପା ନିଜ ଦଖଲକୁ ନେବ । ଦଳ ଠିକଣା ସମୟରେ ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବ ।

## ପାଣିରେ ବୁଡ଼ି ଯୁବକ ମୃତ

**ଲଇକେରା,୧୯।୩(ଡି.ଏନ୍.ଏ.)**

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲଇକେରା ଗ୍ରାମର ଟେକରାମ ନାଗ (୨୭) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଟେକରାମଙ୍କର ପୂର୍ବରୁ ବାତ ରୋଗ ଥିଲା। ମଙ୍ଗଳବାର ସକାଳେ ସେ ବାଘରବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଆସିଥିଲେ। ଘାଟରେ ନିଜ ଚପଲ, କପଡ଼ା ଓ ମୋବାଇଲ ରଖି ପାଣିରେ ପଶିଥିଲେ। ଏହି ସମୟରେ ତାଙ୍କୁ ବାତ ମାରିଥିଲା। ଫଳରେ ସେ ବୁଡ଼ିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପୋଖରୀ ନିକଟକୁ ଆସି ଘାଟରେ ଟେକରାମଙ୍କ ଚପଲ ଓ ଗାମୁଛା ଥିବା ଦେଖିଥିଲେ। ସନ୍ଦେହରେ ପାଣିରେ ପଶି ଖୋଜିବା ବେଳକୁ ତାଙ୍କ ମୃତଦେହ ମିଳିଥିଲା। ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ମହିମା ଆଶ୍ରମରେ ବାଲ୍ୟଲୀଳା ଆରମ୍ଭ

**ଅମ୍ବାଭୋନା, ୧୯।୩ (ଡି.ଏନ.ଏ)**

ପଶ୍ଚିମ ଓଡିଶାର ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ ବରଗଡ ଜିଲା ଅମ୍ବାଭୋନା ବ୍ଲକର ଚିଟୋଲି-ଭୁକ୍ତା ମହିମା ଆଶ୍ରମଠାରେ ମଙ୍ଗଳବାର ବାଲ୍ୟଲୀଳା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭୁକ୍ତା ସ୍ଥିତ ଶିବମନ୍ଦିର ନିକଟସ୍ଥ ବନ୍ଧରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ଆଣିଥିଲେ । ଅଲେଖ ମହିମା ଧର୍ମୀ ସାଧୁସନ୍ଥଙ୍କ ମଧ ବିଶାଳ ସମାବେଶ ହୋଇଥିଲା। ଖଞ୍ଜଣୀ ଆଠଭଜନ ସାଙ୍ଗକୁ ପ୍ରକାଶପୁର ହାତଗୁଣ୍ଡି ପଡିଆଠାରେ ସ୍ୱଧର୍ମ ଚେତନା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରବକ୍ତା ଅନନ୍ତ ଚରଣ ଦାସ ପ୍ରବଚନ ମାଧମରେ ଆଧାତ୍ମିକ ଚେତନାରେ ଭକ୍ତମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ । ସହସ୍ରାଧିକ ଭକ୍ତଙ୍କୁ ଅନ୍ନପ୍ରସାଦ ଦିଆଯାଇଥିଲା। ବ୍ରହ୍ମାବଧୁତ ଉଦ୍ଧବ ଚରଣ ବାବା, ସନ୍ଥ ଦାରୁକ, ସ୍ୱରୂପା, କାହ୍ନା ପ୍ରମୁଖ ଏହି ବାଲ୍ୟଲୀଳା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମହିମା ଆଶ୍ରମ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପଧାନ, ସମ୍ପାଦକ ଦାମୋଦର ପଟେଲ, ସଭ୍ୟ ଗୌତମ ଦୁଆନ, ଫକୀର ପଧାନ, ମହେନ୍ଦ୍ର ସାହୁ, ଧନୀରାମ ପଟେଲ, ବର୍ତ୍ତୁ ସା, ଭଗତ ପଧାନ, ରାଜାରାମ ସା ପ୍ରମୁଖ ସହଯୋଗ କରିଥିଲେ ।



ମହିମା ଆଶ୍ରମରେ ବାଲ୍ୟଲୀଳା ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

## ଜୁନିୟର ରେଡ଼କ୍ରସ ଶିବିର

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନବଜ୍ୟୋତି ହାଇସ୍କୁଲ ପ୍ରାଙ୍ଗଣରେ ଚାଲିଥିବା ଜୁନିୟର ରେଡ଼କ୍ରସ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ରାଜ୍ୟ ସାଧନ କର୍ମୀ ଗୁରୁଚରଣ ବେହେରା ରେଡ଼କ୍ରସ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଏଏନଏମ ପୁଷ୍ପାଞ୍ଜଳି ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ଉପରେ ଶିବିରାର୍ଥୀଙ୍କୁ ବୁଝାଇଥିଲେ । ରାଜ୍ୟ ସାଧନ କର୍ମୀ ସତ୍ୟନାରାୟଣ ହୋତା ସ୍କୁଲ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । ସେହିପରି ଡଃ ଡୋଲାମଣି ଶତପଥୀ ବନୀକରଣ, ସ୍ୱାସ୍ଥ୍ୟସେବା ଉପରେ ଅଭିଭାଷଣ ରଖିଥିବାବେଳେ ଚୂଡ଼ସୁନ୍ଦର ମେହେର ରେଡ଼କ୍ରସର ଇତିହାସ ଉପରେ କହିଥିଲେ । ଧର୍ମରାଜ ପ୍ରଧାନ ରେଡ଼କ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରବନ୍ଧ, ପେଣ୍ଟିଂ ଏବଂ କୁଇଜ୍ ପ୍ରତିଯୋଗିତାକୁ ଭୁବନେଶ୍ୱର ମହାକୁର, ମନୋଜ ସାହୁ, କିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ପରେ ଦଳ ଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଉପସ୍ଥିତ ଥିଲେ। ରାଜ୍ୟ ବରିଷ୍ଠ ସାଧନ କର୍ମୀ ଗୁରୁଚରଣ ବେହେରା, ଡଃ ସତ୍ୟ ନାରାୟଣ ହୋତାଙ୍କୁ ଜିଲା ଶିକ୍ଷା ଅଧିକାରୀ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ । କନିଷ୍ଠ ଶାରୀରିକ କ୍ରୀଡ଼ା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ, ମୁନସୀ ପାତ୍ର, ଡୋଲାମଣି ସାହୁ, ପରିତୋଷ ବେହେରା, ସରୋଜିନୀ ବାରିକ, ଆଲୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆଇଆଇଏଚଟିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଜଣେ କୃତୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ସହର ଉପକଣ୍ଠ ଖେଦାପାଲିରେ ରହିଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ୍ ଟେକ୍ନୋଲୋଜି(ଆଇଆଇଏଚଟି)ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଗତ ୧ତାରିଖିରୁ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱଚ୍ଛତା ଉପରେ ସ୍ଲୋଗାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସମସ୍ତେ ସ୍ୱଚ୍ଛତାକୁ ନେଇ ଶପଥ ଗ୍ରହଣ କରିଥିଲେ । ଡିଜାଇନର ରାଜେନ୍ଦ୍ର ସିକନ୍ଦର, ଏମ.ଭି ସାପତ୍‌ଲେକରଙ୍କ ସମେତ ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚାଇନା ସାମଗ୍ରୀ ପୋଡ଼ିଦେଲେ ବ୍ୟବସାୟୀ

**ଝାରସୁଗୁଡ଼ା ଅଫିସ,୧୯।୩**

ପୁଲୱାମା ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରକୁ ଆନ୍ତର୍ଜାତିକ ଆତଙ୍କବାଦୀ ଘୋଷଣାରେ ଚାଇନାର ପ୍ରତିବନ୍ଧକକୁ ଦୃଢ଼ ବିରୋଧ କରିଛି ଝାରସୁଗୁଡ଼ା ଚାମ୍ବର ଅଫ୍ କମର୍ସ। ମଙ୍ଗଳବାର ଚାମ୍ବର ସଦସ୍ୟମାନେ ଝଣ୍ଡା ଛକଠାରେ ଚାଇନା ପ୍ରସ୍ତୁତ ସାମଗ୍ରୀ ପୋଡ଼ି ଏହାର ପ୍ରତିବାଦ କରିଛନ୍ତି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଡାକରାରେ ମଙ୍ଗଳବାର ସମଗ୍ର ଦେଶରେ ଏଭଳି ପ୍ରତିବାଦ କରାଯାଇଛି। ଦୋକାନ ବଜାରରୁ ସଂଗୃହୀତ ଚାଇନା ସାମଗ୍ରୀ ପୋଡ଼ାଯାଇଛି। ଏହାସହ ଚାଇନା ସାମଗ୍ରୀ ବ୍ୟବହାର ଏବଂ ବିକ୍ରିନ କରିବାକୁ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ହୀରାଲାଲ ଲୋକଚନ୍ଦାନୀ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ଗୋପାଳରାୟ ଅଗ୍ରୱାଲ, ଚୁନିଲାଲ ଖଣ୍ଡାନି, ଶୈଳେଶ ଗିଦୱାନୀ, ଫକୀର ମୋହନ ବାଗି, ଘନଶ୍ୟାମ ମନୋଜା, ରଘୁମଣି ପଟେଲ, ଦୟାଲ ନିରୱାନି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଥମଦିନରେ ନାମାଙ୍କନ ଶୂନ

**ବରଗଡ଼ ଅଫିସ୍,୧୯।୩**

ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସ ଥିଲା । ପ୍ରଥମ ଦିନରେ ଜିଲାର ବରଗଡ଼, ଅତାବିରା, ଭଟଲି, ପଦ୍ମପୁର କିମ୍ବା ବିଜେପୁର ଆସନ ପାଇଁ କେହି ନାମାଙ୍କନ ଦାଖଲ କରି ନ ଥିବା ଜଣାପଡ଼ିଛି । ଅନ୍ୟପଟେ କେବଳ ପଦ୍ମପୁର ଆସନ ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଥିବା ସୂଚନା ମିଳିଛି । ସେହିପରି ବରଗଡ଼ ଲୋକସଭା ଆସନ ପାଇଁ ମଧ୍ୟ କେହି ନାମାଙ୍କନ ପତ୍ର ନେଇ ନ ଥିବା ଜଣାପଡ଼ିଛି ।

## ନାମମଣ୍ଡପ ପ୍ରତିଷ୍ଠା ଉତ୍ସବ, କଳସ ଶୋଭାଯାତ୍ରା

**ମନମୁଣ୍ଡା, ୧୯।୩ (ଡି.ଏନ.ଏ)**

ବୌଦ୍ଧ ଜିଲା ବରଗୋଛାଠାରେ ନିର୍ମିତ ନାମମଣ୍ଡପର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ମଙ୍ଗଳବାର ଗଙ୍ଗାବରଣ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଘନଦୀରୁ ୧୦୮ ଜଣ ମହିଳା କଳସରେ ଜଳ ଧାରଣ କରି ଶୋଭାଯାତ୍ରାରେ ନାମମଣ୍ଡପକୁ ଆସିଥିଲେ । ଏଥିରେ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ । ଏହି ଉପଲକ୍ଷେ ନାମଯଜ୍ଞ, ତୁଳସୀ ରାମାୟଣ, ସୁନ୍ଦରାକାଣ୍ଡ, ମହିଳା ଏବଂ ପୁରୁଷ କୀର୍ତ୍ତନ ବୈଠକି, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପରିଚାଳିକା ତଥା ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟି ଜଣାଇଛନ୍ତି । କମିଟି ସଭାପତି ଟିକେଶ୍ୱର ମଲିକ, ସମ୍ପାଦକ ବନମାଳୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସାମାଜିକ କର୍ମୀ ଶାନ୍ତନୁ କୁମାର ଥାଟି ଓ ତାଙ୍କ ସ୍ତ୍ରୀ ମମିତା ଥାଟି ଏବଂ ମୁଖ୍ୟ ପୂଜକ ଭାବେ କ୍ଷମାନିଧି ମିଶ୍ର କାର୍ଯ୍ୟ ନିର୍ବାହ କରୁଛନ୍ତି ।



ନାମମଣ୍ଡପ ପ୍ରତିଷ୍ଠା ପାଇଁ ମହିଳାମାନେ ବାଘ ନଦୀରୁ କଳସ ଶୋଭାଯାତ୍ରାରେ ବାହାରିଛନ୍ତି ।

କଲେଜ ଛାତ୍ର ମୃତ୍ୟୁ ଘଟଣା

## ପରିବାର ଲୋକେ ଏସ୍‌ପିଙ୍କୁ ଫେରାଦ ହେଲେ

**ବରଗଡ଼ ଅଫିସ୍,୧୯।୩**

ବରଗଡ଼ ଜିଲା ଭଟଲି ଦଧିବାମନ ଜୁନିୟର କଲେଜର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ର ରାଜେଶ ସାହୁଙ୍କ ମୃତ୍ୟୁ ଘଟଣାକୁ ଆଉ ୬ ଦିନ ପରେ ମାସେ ପୂରିବ। ଛାତ୍ର ମୃତ୍ୟୁ ଘଟଣାକୁ ନେଇ ପରିବାର ଲୋକେ ଭଟଲି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଆୟୁଷ୍ମାନ୍ତ ଷଡ଼ଙ୍ଗୀ, ଅଧ୍ୟାପକ ସୁବ୍ରତ ଷଡ଼ଙ୍ଗୀ ଏବଂ ଅନ୍ୟମାନଙ୍କ ବିରୋଧରେ ଦଫା ୩୨୩, ୨୯୪, ୩୦୬, ୩୦୨, ୫୦୬, ୩୪ ଆଇପିସିରେ ଏକ ମାମଲା(ନଂ.୩୭/୧୯) ରୁଜୁ କରିଛି । ହେଲେ ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରିପାରିନାହିଁ । ଏହାକୁ ନେଇ ମୃତ ଛାତ୍ରଙ୍କ ପରିବାର ଲୋକେ ସ୍ଥାନୀୟ ପୋଲିସ ପ୍ରତି ଆସ୍ଥା ହରାଇଛନ୍ତି ଏବଂ ମଙ୍ଗଳବାର ଏ ନେଇ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଛନ୍ତି । ସେମାନେ ଏସ୍‌ପି ଭାମୁଙ୍କୁ ଲିଖିତ ଭାବେ ଜଣାଇବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିବେଦନ କରିଛନ୍ତି ।

ମୃତ ଛାତ୍ରଙ୍କ ବାପା ବରଗଡ଼ ସଦର ଥାନା ପଥର୍ଲା ନିବାସୀ ଦୁର୍ଲ୍ଲଭ ସାହୁ ଅଭିଯୋଗ କରିଛନ୍ତି, ତାଙ୍କ ପୁଅ ରାଜେଶ କଲେଜ ଛାତ୍ରାବାସରେ ରହି ଭଟଲି ଦଧିବାମନ ଜୁନିୟର କଲେଜରେ ପଢୁଥିଲେ । ଗତ ମାସ ୨୦ତାରିଖ ରାତ୍ରି ପ୍ରାୟ ୯ଟା ୫୦ ମିନିଟ୍‌ରେ ରାଜେଶ ଗୁରୁତର ଅସୁସ୍ଥ ଥିବା ଏବଂ ତାଙ୍କୁ ବରଗଡ଼ ହସ୍‌ପିଟାଲ ନିଆଯାଉଥିବା ନେଇ ଫୋନ ଆସିଥିଲା। ଫଳରେ ଦୁର୍ଲଭ ବରଗଡ଼ ହସ୍‌ପିଟାଲକୁ ରାତ୍ରି ୧୦ଟା ୧୦ମିନିଟ୍ ସୁଦ୍ଧା ପହଞ୍ଚିଥିଲେ । କିନ୍ତୁ ସେତେବେଳକୁ ରାଜେଶଙ୍କୁ ହସ୍‌ପିଟାଲ ଅଣାଯାଇ ନ ଥିଲା ଏବଂ ରାତ୍ରି ପ୍ରାୟ ୧୧ଟାରେ ତାଙ୍କୁ ସେଠାକୁ ଅଣାଯାଇଥିଲା। ଏହାପରେ ହସ୍‌ପିଟାଲର ଜରୁରୀକାଳୀନ ୱାର୍ଡ଼ରେ ତାଙ୍କ ଚିକିତ୍ସା କରାଯାଇଥିଲା । ପରଦିନ ସକାଳେ ଜଣେ ଡାକ୍ତର ରାଜେଶ ବିଷ ଖାଇଥିବା ଜାଣିବା ପରେ ତାଙ୍କୁ ତୁରନ୍ତ ବୁର୍ଲା ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ରାଜେଶଙ୍କୁ ବୁର୍ଲା ନେଇ ସେଠାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ୨୨ତାରିଖ ରାତ୍ରିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କୁ ଭର୍ତ୍ତି କରାଗଲା। ସେତେବେଳେ ତାଙ୍କ ବଡ଼ ଭାଇ ପଦ୍ମଲୋଚନ ସାହୁ ରାଜେଶଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ ଏବଂ ନିଜ ମୋବାଇଲରେ ରେକର୍ଡ଼ିଂ କରିଥିଲେ। ସେତେବେଳେ ରାଜେଶ ଏହି ଘଟଣା ପାଇଁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପକ, ଜଣେ ଛାତ୍ର ଏବଂ ଆଉ କିଛି ଲୋକଙ୍କୁ ଦାୟୀ କରିଥିଲେ । ତେବେ ସେଠାରେ ୨୪ତାରିଖରେ ଚିକିତ୍ସାଧିନ ଅବସ୍ଥାରେ ରାଜେଶ ମୃତ୍ୟୁବରଣ କରିବା ପରେ ୨୫ ତାରିଖରେ ଘଟଣା ସମ୍ପର୍କରେ ପରିବାର ଲୋକେ ପୋଲିସରେ ଏତଲା ଦେଇଥିଲେ। ଏଯାଏ ପୋଲିସ କାହାରିକୁ ଗିରଫ କରି ନ ଥିବା ଯୋଗୁ ଏହି ଘଟଣାରେ ପୋଲିସର ଭୂମିକାକୁ ନେଇ ପରିବାର ଲୋକେ ସନ୍ଦେହ କରିଛନ୍ତି ।



ମୃତ ଛାତ୍ରଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟିବା ପାଇଁ ବରଗଡ଼ ଆସିଛନ୍ତି ।

**ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ**



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଗଛକୁ ପିଟିଲା ବାଇକ୍: ୨ ଗୁରୁତର

**ଘଣ୍ଟାପଡ଼ା, ୧୯।୩ (ଡି.ଏନ.ଏ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅନ୍ତର୍ଗତ କୁଲୁତାଯୋରଠାରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯିବାରୁ ଦୁଇଜଣ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ପଶ୍ଚିମବଙ୍ଗ ରାଜ୍ୟର ମିଲୁ ଓ ମିରାଜ ନୂଆପାଲି ଗ୍ରାମରେ ରହି ମିସ୍ତ୍ରୀ କାମ କରୁଥିଲେ । ସେମାନେ ମଙ୍ଗଳବାର ଘର ମାଲିକଙ୍କ ବାଇକ (ନଂ.ଓଡି୦୩ଏ/୭୭୯୧) ଯୋଗେ ନୂଆପାଲିରୁ କୁଲୁତାଯୋର ଆସୁଥିବା ସମୟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇଯାଇଥିଲା। ଫଳରେ ଦୁଇ ଜଣ ଛିଟିକି ପଡିଥିଲେ । ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ଘଣ୍ଟାପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି ।

### ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ସ୍ଥିତ ଏଟିଏମରେ ଚୋରି ଉଦ୍ୟମ ହୋଇଛି। ସୋମବାର ରାତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଥିବା ଏହି ଏଟିଏମରୁ କେହି ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରିଥିଲା। ସକାଳୁ ଏହା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏଟିଏମକୁ ଲୁହା ରଡରେ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା। ହେଲେ ଟଙ୍କା ଚୋରି ହୋଇ ନ ଥିବା ଜଣାପଡିଛି । ଝାରବନ୍ଧ ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ସିସି କ୍ୟାମେରାକୁ ଭଙ୍ଗା ଯାଇଥିବାରୁ ଚୋରକୁ ଧରିବାରେ ବିଳମ୍ବ ହେଉଛି ।

### ଷୋହଳ ପ୍ରହର ନାମଯଜ୍ଞ

**ଝାରବନ୍ଧ, ୧୯।୩ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ପଗାରପାଣି ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛେଲିଆପାଲି, ଭଗତପୁର, ମେମରା, ପଗାରପାଣି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଗାଁରେ ଥିବା ଜଗନ୍ନାଥ ମନ୍ଦିର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଅବସରରେ ଗ୍ରାମବାସୀଙ୍କ ତରଫରୁ ଏହି ଆୟୋଜନ କରାଯାଇଥିଲା । ଗାଁର ଗୌନ୍ତିଆ ଚକ୍ରଧର ସଗର ଓ ତାଙ୍କ ସ୍ତ୍ରୀ ଅଷ୍ଟମୀ ସଗର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

### ବେଆଇନ ଇଟାଭାଟିକୁ ଲଗାମ ନାହିଁ

**ମନମୁଣ୍ଡା, ୧୯।୩ (ଡି.ଏନ.ଏ):** କଣ୍ଟାମାଳ ତହସିଲ ଅନ୍ତର୍ଗତ ମନମୁଣ୍ଡା ଓ ପରା ଆର୍‌ଆଇ ସର୍କଲ ଅଞ୍ଚଳରେ କେତେକ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ହୋଇଛି । ଇଟା ପୋଡିବାରେ ବ୍ୟାପକ କାଠ ବ୍ୟବହାର କରାଯାଉଛି । ଏତେ ପରିମାଣର କାଠ କେଉଁଠୁ ଆସୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ତହସିଲଦାର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

# ୬ ଲୋକ ସଭା, ୩୬ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଚୂଡ଼ାନ୍ତ



ଭକ୍ତଚରଣ ଦାସ



ପ୍ରଦୀପ ମାଝି



ଜର୍ଜ ତିର୍କୀ

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ)**

ରାଜ୍ୟରେ ହେବାକୁ ଥିବା ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପ୍ରଥମ ଦଫାରେ ୬ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ହୋଇଛି। ପୂର୍ବଥର ଭଳି ନବରଙ୍ଗପୁର ଏବଂ କଳାହାଣ୍ଡି ଲୋକ ସଭା ପାଇଁ ଯଥାକ୍ରମେ ପ୍ରଦୀପ ମାଝି ଏବଂ ଭକ୍ତ ଦାସଙ୍କ ନାମ ଘୋଷଣା କରାଯାଇଛି। ବରଗଡ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ସୁନ୍ଦରଗଡ ଆସନରେ ଜର୍ଜ ତିର୍କୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ଆସନରୁ ମନୋଜ କୁମାର ଆଚାର୍ଯ୍ୟ ଏବଂ ବ୍ରହ୍ମପୁର ପାଇଁ ଚନ୍ଦ୍ର ଶେଖର ନାଇଡୁଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ନୂଆପଡାରୁ ଘାସିରାମ ମାଝି, ଡାବୁଗାଁରୁ ବିଧାୟକ ଭୁଜବଳ ମାଝି, ଲାଞ୍ଜିଗଡରୁ ଶିବାଜୀ ମାଝି, ସାନଖେମୁଣ୍ଡିରୁ ରମେଶ ମାଝି, ମୋହନାରୁ ଦାଶରଥୀ ଗମାଙ୍ଗ, ଜୟପୁରରୁ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ବାକିଥିବା ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଦଳ ପକ୍ଷରୁ ଘୋଷଣା କରାଯିବ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଭାରୀ ମୁକୁଲ ୱାସନିକ୍‌ଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି।

## ଲୋକ ସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | କଳାହାଣ୍ଡି: ଭକ୍ତଚରଣ ଦାସ | ୪ | ନବରଙ୍ଗପୁର: ପ୍ରଦୀପ ମାଝି |
| ୨ | ବରଗଡ଼: ପ୍ରଦୀପ କୁମାର ଦେବତା | ୫ | କନ୍ଧମାଳ: ମନୋଜ କୁମାର ଆଚାର୍ଯ୍ୟ |
| ୩ | ସୁନ୍ଦରଗଡ଼: ଜର୍ଜ ତିର୍କୀ | ୬ | ବ୍ରହ୍ମପୁର: ଭି. ଚନ୍ଦ୍ରଶେଖର ନାଇଡୁ |

## ବିଧାନସଭା ଆସନ ପ୍ରାର୍ଥୀ ତାଲିକା

| | | | |
|---|---|---|---|
| ୧ | ପଦମପୁର: ସତ୍ୟ ଭୂଷଣ ସାହୁ | ୧୯ | ଭଞ୍ଜନଗର: ସଞ୍ଜୟ କୁମାର ତ୍ରିପାଠୀ |
| ୨ | ବରଗଡ଼: ନୀପନ ଦାସ | ୨୦ | ପୋଲସରା: ହରିଚରଣ ସ୍ୱାଇଁ |
| ୩ | ଅତାବିରା: ନିହାର ମହାନନ୍ଦ | ୨୧ | କବିସୂର୍ଯ୍ୟନଗର: ବିଜୟ କୁମାର ସାହୁ |
| ୪ | ବୀରମିତ୍ରପୁର: ରୋହିତ ଯୋଶେଫ ତିର୍କୀ | ୨୨ | ଆସିକା: ମନୋଜ କୁମାର ଜେନା |
| ୫ | ରାଜଗାଙ୍ଗପୁର: ଡ. ସି.ଏସ୍. ରାଜନ | ୨୩ | ସାନଖେମୁଣ୍ଡି: ରମେଶ ଚନ୍ଦ୍ର ଜେନା |
| ୬ | ବୀରମହାରାଜପୁର: ବିନୋଦ କୁମାର ପାତ୍ର | ୨୪ | ହିଞ୍ଜିଳି: ରାମକୃଷ୍ଣ ପଣ୍ଡା |
| ୭ | ବଲାଙ୍ଗୀର: ନରସିଂହ ମିଶ୍ର | ୨୫ | ଗୋପାଳପୁର: ଏସ୍. ଧର୍ମରାଜ ରେଡ୍ଡି |
| ୮ | ନୂଆପଡ଼ା: ଘାସିରାମ ମାଝି | ୨୬ | ବ୍ରହ୍ମପୁର: ଲିଙ୍ଗରାଜ ଚୌଧୁରୀ |
| ୯ | ଖଡ଼ିଆଳ: ଅଧିରାଜ ପାଣିଗ୍ରାହୀ | ୨୭ | ଦିଗପହଣ୍ଡି: ବିସ୍ମୟ ମହାପାତ୍ର |
| ୧୦ | ଝରିଗାଁ: ଉଲାଧର ମାଝି | ୨୮ | ଚିକିଟି: ସୁବାସ ଚନ୍ଦ୍ର ରାଉତ |
| ୧୧ | ନବରଙ୍ଗପୁର: ସଦନ ନାୟକ | ୨୯ | ମୋହନା: ଦାଶରଥୀ ଗମାଙ୍ଗ |
| ୧୨ | ଡାବୁଗାଁ: ଭୁଜବଳ ମାଝି | ୩୦ | ଗୁଣପୁର: ପୁରୁଷୋତ୍ତମ ଗମାଙ୍ଗ |
| ୧୩ | ଲାଞ୍ଜିଗଡ଼: ଶିବାଜୀ ମାଝି | ୩୧ | ବିଷମକଟକ: ନୀଳମାଧବ ହିକ୍କା |
| ୧୪ | ଧର୍ମଗଡ଼: ଦିଗମ୍ବର ଦୁରିଆ | ୩୨ | ଜୟପୁର: ତାରାପ୍ରସାଦ ବାହିନୀପତି |
| ୧୫ | ବାଲିଗୁଡ଼ା: ସାଇମନ ମଲ୍ଲିକ | ୩୩ | କୋରାପୁଟ: କୃଷ୍ଣଚନ୍ଦ୍ର କୁଳଦୀପ |
| ୧୬ | ଫୁଲବାଣୀ: କିଶୋର ଚନ୍ଦ୍ର କହଁର | ୩୪ | ପଟାଙ୍ଗୀ: ରାମଚନ୍ଦ୍ର କାଡାମ |
| ୧୭ | କଣ୍ଟାମାଳ: ପ୍ରଶାନ୍ତ ସାହୁ | ୩୫ | ମାଲକାନଗିରି: ମାଲା ମାଡ଼ି |
| ୧୮ | ଦଶପଲ୍ଲା: ପ୍ରଶାନ୍ତ କୁମାର ନାୟକ | ୩୬ | ଚିତ୍ରକୋଣ୍ଡା: ଲକ୍ଷ୍ମୀପ୍ରିୟା ନାୟକ |



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ପୂନେଇଁ ଫଗୁ**
**ଯେ ଯା'ର ସେ ତା'ର ।**
**କହିଲା ଲୋକ ଲଘୁ ।**

ଯିଏ ଯାହାର ସିଏ ତାହାର । ତାଙ୍କ ମଧ୍ୟରେ ରହିଥିବା ସମ୍ପର୍କ ସବୁବେଳେ ଅତୁଟ ହୋଇ ରହିଥାଏ। ଯେତେବେଳେ ହେଲେ ବି ସେମାନେ ମିଶିଯିବାକୁ ବା ଏକାଠି ହୋଇଯିବାକୁ ବେଶି ସମୟ ଲାଗି ନ ଥାଏ। ପରନ୍ତୁ ତାଙ୍କ ଭିତରେ ରହି ବାହାର ଲୋକ ଶେଷରେ ଧରାପଡ଼ି ଯାଇଥାଏ। ଯିଏ ଯାହା ସଙ୍ଗେ ରହିବା କଥା ରହୁଥିବା ସ୍ଥଳେ ଅନ୍ୟ ଲୋକ ଖରାପ ନାମ ନେଇ ସେଠାରୁ ବାଦ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଦଇବ ! ଏହା କାହା ଦେହ ସହିବ ।**
**ଝିଅ ପାଳିଥିଲି ଚମ୍ପାଫୁଲ ପରି**
**ସେ ପର ପୁଅ ଘେନି ରହିବ ।**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ହାତକୁ ଦି'ହାତ କରିଦିଆଯାଏ, ତେବେ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ତାକୁ ସହ୍ୟ କରିବା ପିତାମାତା ପକ୍ଷେ ଅତିବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଡାକ୍ତରଖାନା ପାଇଁ କାଳ ସାଜିଛି ତାଳଗଛ

**ବୀରମହାରାଜପୁର, ୧୯।୩(ଡି.ଏନ୍.ଏ.)**



ସୋନପୁର ରାସ୍ତା ପାର୍ଶ୍ୱ ଚକ୍ଷୁଚିକିତ୍ସାଳୟ ଫାଟକ ସମ୍ମୁଖରେ ରହିଥିବା ବିପଦପୂର୍ଣ୍ଣ ତାଳଗଛ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ସୋନପୁର ମୁଖ୍ୟରାସ୍ତାର ପଣ୍ଡାପାଲି ନିକଟ ରାସ୍ତାପାର୍ଶ୍ୱ ତାଳଗଛଗୁଡିକ ପଥଚାରୀମାନଙ୍କ ପାଇଁ ବିପଦ ପାଲଟିଛି। ବିଶେଷକରି ଏଠାରେ ଅବସ୍ଥିତ ଚକ୍ଷୁ ଚିକିତ୍ସାଳୟ ଫାଟକ ସମ୍ମୁଖ କେତୋଟି ତାଳଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଏଠାକୁ ଆସୁଥିବା ରୋଗୀ ତଥା ସର୍ବସାଧାରଣଙ୍କ ସକାଶେ ମରଣଯନ୍ତା ପାଲଟିଥିବା କୁହାଯାଉଛି। ଗତ ରବିବାର ସନ୍ଧ୍ୟାବେଳେ ହୋଇଥିବା ଝଡବର୍ଷାରେ ଏହିସ୍ଥାନର ଏକ ତାଳଗଛ ଭାଙ୍ଗି କେତେକଙ୍କୁ କ୍ଷତାହତ କରିବା ଘଟଣା ଲୋକଙ୍କ ଆଶଙ୍କାକୁ ବଢାଇ ଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବୀରମହାରାଜପୁରଠାରୁ ପ୍ରାୟ ୪ କିଲୋମିଟର ଦୂର ଏହି ବିପଦସଙ୍କୁଳ ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ଅତିପୁରୁଣା ତାଳଗଛ ରାସ୍ତାକଡକୁ ଲାଗିରହିଛି। ଅନେକ ସମୟରେ ତାଳବରଡାଗୁଡିକ ଖସି ଦୁର୍ଘଟଣାମାନ ଘଟିଥିବାର ମଧ୍ୟ ନଜିର ରହିଛି। ତେବେ ତାସତ୍ତ୍ୱେ ଗଛ କାଟିବା ନେଇ ସରକାରୀ କଟକଣା ଯୋଗୁଁ କେହି ବି ଏ ଦିଗରେ ପଦକ୍ଷେପ ନେବାକୁ ଆଗଭର ହେଉ ନ ଥିବା ଜଣାପଡିଛି। କେତୋଟି ତାଳଗଛ ଅତିପୁରୁଣା ହୋଇପଡିଥିବା ଯୋଗୁଁ ବଡ ଧରଣର ଦୁର୍ଘଟଣାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ। ସମ୍ପ୍ରତି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ବିପଦସଙ୍କୁଳ ଅବସ୍ଥାରେ ଥିବା ତାଳଗଛ ହଟାଇବାକୁ ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଡାକ୍ତରଖାନା ପାଇଁ କାଳ ସାଜିଥିବା ଏହିଗଛ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏ ନେଇ ଚକ୍ଷୁ ଚିକିତ୍ସାଳୟର ଅଧୀକ୍ଷକ ଡା. ଦେବେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ ଏନେଇ ଜିଲା ବନ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବା ସକାଶେ ପତ୍ରମାଧ୍ୟମରେ ଅନୁରୋଧ କରିବା ସଙ୍ଗେସଙ୍ଗେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି।

# ଜୁନିୟର ରେଡ୍‌କ୍ରସ୍ ଶିବିର

**ବରଗଡ଼ ଅଫିସ୍, ୧୯।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦ ନବଜ୍ୟୋତି ହାଇସ୍କୁଲ ପ୍ରାଙ୍ଗଣରେ ଚାଲିଥିବା ଜୁନିୟର ରେଡ଼କ୍ରସ ଶିବିରର ମଙ୍ଗଳବାର ଦ୍ୱିତୀୟ ଦିବସରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ଜିଲା ଶାରୀରିକ ନିରୀକ୍ଷକ ତ୍ରୈଲୋକ୍ୟ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ରାଜ୍ୟ ସାଧନ କର୍ମୀ ଗୁରୁଚରଣ ବେହେରା ରେଡ଼କ୍ରସ ଉପରେ ନିଜ ବକ୍ତବ୍ୟ ରଖିଥିଲେ । ଏଏନଏମ ପୁଷ୍ପାଞ୍ଜଳି ଷଡ଼ଙ୍ଗୀ ସ୍ୱାସ୍ଥ୍ୟ ଉପରେ ଶିବିରାର୍ଥୀଙ୍କୁ ବୁଝାଇଥିଲେ । ରାଜ୍ୟ ସାଧନ କର୍ମୀ ସତ୍ୟନାରାୟଣ ହୋତା ସ୍କୁଲ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ । ସେହିପରି ଡଃ ଡୋଲାମଣି ଶତପଥୀ ବନୀକରଣ, ସ୍ୱାସ୍ଥ୍ୟସେବା ଉପରେ ଅଭିଭାଷଣ ରଖିଥିବାବେଳେ ଚୂଡ଼ସୁନ୍ଦର ମେହେର ରେଡ଼କ୍ରସର ଇତିହାସ ଉପରେ କହିଥିଲେ । ଧର୍ମରାଜ ପ୍ରଧାନ ରେଡ଼କ୍ରସର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରବନ୍ଧ, ପେଣ୍ଟିଂ ଏବଂ କୁଇଜ୍ ପ୍ରତିଯୋଗିତାକୁ ଭୁବନେଶ୍ୱର ମହାକୁର, ମନୋଜ ସାହୁ, କିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ପରେ ଦଳ ଗତ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ଉପସ୍ଥିତ ଥିଲେ। ରାଜ୍ୟ ବରିଷ୍ଠ ସାଧନ କର୍ମୀ ଗୁରୁଚରଣ ବେହେରା, ଡଃ ସତ୍ୟ ନାରାୟଣ ହୋତାଙ୍କୁ ଜିଲା ଶିକ୍ଷା ଅଧିକାରୀ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ । କନିଷ୍ଠ ଶାରୀରିକ କ୍ରୀଡ଼ା ନିରୀକ୍ଷକ ପ୍ରଶାନ୍ତ କୁମାର ଭୋଇ, ମୁନସୀ ପାତ୍ର, ଡୋଲାମଣି ସାହୁ, ପରିତୋଷ ବେହେରା, ସରୋଜିନୀ ବାରିକ, ଆଲୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଡିଇଏଲ୍‌ଇଡି ପାଠ୍ୟକ୍ରମର ଉଦ୍‌ଯାପନୀ ସଭାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କ ସହ ଅତିଥି ।

# ସୁବଳୟା କଲେଜରେ ଡିଇଏଲ୍‌ଇଡି ପାଠ୍ୟକ୍ରମ ଉଦ୍‌ଯାପିତ

**ବୀରମହାରାଜପୁର, ୧୯।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା କଲେଜରେ ଗତ ଦୁଇବର୍ଷ ଧରି ଚାଲିଥିବା ଡିଇଏଲ୍‌ଇଡି(ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ୍) ପାଠ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଭୋଳାନାଥ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପ୍ରଶିକ୍ଷକ ସଦାନନ୍ଦ ରଥ, ମୁକୁନ୍ଦ କର୍ଡିଆ, କାମପାଳ ମହାପାତ୍ର ଓ ବିଶ୍ୱାମିତ୍ର ସାହୁ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇବର୍ଷର ତାଲିମରେ ହାସଲ କରିଥିବା ଜ୍ଞାନକୁ କର୍ମକ୍ଷେତ୍ରରେ ଉପଯୋଗ କରି ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧିରେ ସହାୟକ ହେବାପାଇଁ ପରାମର୍ଶ ଦିଆଯାଇଥିଲା। କଲେଜ ଅଧାପକ ଶିବଶଙ୍କର ମହାନନ୍ଦ ସଭା କାର୍ଯ୍ୟ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଠାରେ ସରକାରୀ ବ୍ୟବସ୍ଥା ଅନୁଯାଇ ୫୦ଜଣ ଅଣତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଉକ୍ତ ପାଠ୍ୟକ୍ରମ ଅନୁଯାୟୀ ତାଲିମ ପ୍ରଦାନ କରାଯାଇଥିଲା।

# ମହିମାଶ୍ରମରେ ବାଲ୍ୟଲୀଳା ଆରମ୍ଭ

**ଅମ୍ବାଭୋନା, ୧୯।୩ (ଡି.ଏନ.ଏ)**

ପଶ୍ଚିମ ଓଡିଶାର ଦ୍ୱିତୀୟ ଯୋରନ୍ଦା ଭାବେ ପରିଚିତ ବରଗଡ ଜିଲା ଅମ୍ବାଭୋନା ବ୍ଲକର ଚିଚୋଲି-ଭୁକ୍ତା ମହିମା ଆଶ୍ରମଠାରେ ମଙ୍ଗଳବାର ବାଲ୍ୟଲୀଳା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭୁକ୍ତା ସ୍ଥିତ ଶିବମନ୍ଦିର ନିକଟସ୍ଥ ବନ୍ଧରୁ ଶତାଧିକ ମହିଳା ଜଳପୂର୍ଣ୍ଣ କଳସ ଆଣି ଆଣିଥିଲେ । ଅଲେଖ ମହିମା ଧର୍ମୀ ସାଧୁସନ୍ଥଙ୍କ ମଧ୍ୟ ବିଶାଳ ସମାବେଶ ହୋଇଥିଲା । ଖଞ୍ଜଣୀ ଆଠଭଜନ ସାଙ୍ଗକୁ ପ୍ରକାଶପୁର ହାତଗୁଣ୍ଡି ପଡିଆଠାରେ ସ୍ୱଧର୍ମ ଚେତନା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ପ୍ରବକ୍ତା ଅନନ୍ତ ଚରଣ ଦାସ ପ୍ରବଚନ ମାଧ୍ୟମରେ ଆଧ୍ୟାତ୍ମିକ ଚେତନାରେ ଭକ୍ତମାନଙ୍କୁ ଉଦ୍‌ବୁଦ୍ଧ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଆଇଆଇଏଚ୍‌ଟିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ଜଣେ କୃତୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

**ବରଗଡ଼ ଅଫିସ୍, ୧୯।୩**

ବରଗଡ଼ ସହର ଉପକଣ୍ଠ ଖେଦାପାଲିରେ ରହିଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏଚଟି)ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଗତ ୧ତାରିଖରୁ ଅନୁଷ୍ଠାନର ନିର୍ଦ୍ଦେଶକ ସୁରେନ୍ଦ୍ର କୁମାରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱଚ୍ଛତା ଉପରେ ସ୍ଲୋଗାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନୁଷ୍ଠାନର ଛାତ୍ରୀଛାତ୍ର ଭାଗ ନେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ସମସ୍ତେ ସ୍ୱଚ୍ଛତାକୁ ନେଇ ଶପଥ ଗ୍ରହଣ କରିଥିଲେ । ଡିଜାଇନର ରାଜେନ୍ଦ୍ର ସିକନ୍ଦର, ଏମ.ଭି ସାପଟ୍‌ଲେକରଙ୍କ ସମେତ ଅନୁଷ୍ଠାନର ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GENERAL ELECTION 2019
▸FLEX PRINTING
▸POSTER PRINTING
▸LEAFLET
▸PUSHING CARDS
▸T-SHIRTS & CAPS
▸FLAGS
In Very Very Competitive Rates
Same Day Delivery
For Special Rate Contact :
7008994500
7894410000

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

AAROHAN FOUNDATION | Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
➔ Employer can contact us for Hiring
➔ Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଉର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୁର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ମାର୍ଚ୍ଚ, ୨୦୧୯



ଯେଉଁ ବ୍ୟକ୍ତି ଇନ୍ଦ୍ରିୟ ଲାଳସାରୁ ମୁକ୍ତ ନ ହୁଅନ୍ତି ଏବଂ ସାଂସାରିକ ବନ୍ଧନରେ ବାନ୍ଧି ହୋଇଥାନ୍ତି, ସେ କେବେହେଲେ ଗୁରୁ ହୋଇ ନ ପାରନ୍ତି।

- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଜିଏମ୍‌ୟୁ ପଦାର୍ଥ, ରସାୟନ ବିଜ୍ଞାନର କର୍ମଶାଳା

ସମ୍ବଲପୁର,୧୯।୩ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଏସ.କେ. ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ସମ୍ମାନିତ ଅତିଥି ଥିଲେ । ଅତିଥିମାନେ ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ମେଟେରିଆଲ ସାଇନ୍ସ ବିଷୟରେ ଆଲୋଚନା କରିଥିଲେ । ଉପ କୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣଦେଇଥିବା ବେଳେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସତ୍ୟନାରାୟଣ ଚାଉଲିଆ ଅତିଥି ପରିଚୟ ପ୍ରଦାନ କରିଥିଲେ । କର୍ମଶାଳା ସଂଯୋଜକ ଡ. ନିରଞ୍ଜନ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କୁଳସଚିବ ଗିରିଶ ଚନ୍ଦ୍ର ସିଂ ସୂଚନା ପ୍ରଦାନ କରିଥିଲେ । ଶେଷରେ ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଏସ.ଏସ. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପ୍ରଫେସର ଶଙ୍କରପ୍ରସାଦ ପତି, ଡ. ପ୍ରସନ୍ନ କୁମାର ମିଶ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳାରେ ସଭାପତିତ୍ୱ କରିଥିଲେ । ଏଥିରେ ରାଉରକେଲା ଏନଆଇଟି, ବିଲାସପୁର, ନାଗପୁରର ଅଧ୍ୟାପକମାନେ ସାମିଲ ହୋଇ ଥିଲେ।

# ସୀମାନ୍ତରେ ନିର୍ବାଚନକୁ ସୁରକ୍ଷିତ, ସ୍ୱଚ୍ଛ କରାଯିବ

ନୂଆପଡା ଅଫିସ,୧୯।୩

ଓଡ଼ିଶା-ଛତିଶଗଡ ସୀମାନ୍ତରେ ଥିବା ନୂଆପଡା ଭଳି ଜିଲାରେ ନିର୍ବାଚନ ଭଳି ଏକ ପ୍ରକ୍ରିୟାକୁ କିପରି ସ୍ୱଚ୍ଛ, ସୁରକ୍ଷିତ କରାଯାଇ ପାରିବ ସେଥିପ୍ରତି ପ୍ରଶାସନ ସବୁବେଳେ ଗୁରୁତ୍ୱ ଦେଇ ଆସିଛି । ଏଥର ମଧ୍ୟ ଏହାକୁ ଆମେ ପ୍ରତି ମୁହୂର୍ତ୍ତରେ ନିଘା ରଖି ପରିଚାଳନା କରାଯାଉଛି ବୋଲି ଜିଲାପାଳ ଡା. ପୋମା ଟୁଡୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଅପରାହ୍ନରେ ସ୍ଥାନୀୟ ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ସମ୍ମିଳନୀରେ ଖବରଦାତାମାନଙ୍କୁ ସୂଚନା ଦେଇ ଜିଲାପାଳ କହିଥିଲେ ଯେ, ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ସକାଶେ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଦ୍ୱିତୀୟ ଦିନ ସୁଦ୍ଧା ଦୁଇଟି ନିର୍ବାଚନ ମଣ୍ଡଳୀ ସକାଶେ ୧୪ଟି ନାମାଙ୍କନ ଆବେଦନ ଫର୍ମ ପ୍ରାର୍ଥୀମାନେ ନେଇଛନ୍ତି । ହେଲେ ଗୋଟିଏ ବି ଆବେଦନ ପଡିନାହିଁ । ବର୍ତ୍ତମାନ ଜିଲାରେ ନିର୍ବାଚନ ପରିଚାଳନା ସକାଶେ ନିୟୋଜିତ ବିଭିନ୍ନ ଦଳ ସକ୍ରିୟ ହୋଇପଡିଛନ୍ତି । ଜିଲାବ୍ୟାପି ଦୁଇଗୋଟି ନିର୍ବାଚନ ମଣ୍ଡଳୀରେ ସଭିଲେନ୍ସ ଟିମ, ଫ୍ଲାଇଙ୍ଗ ସ୍କ୍ୱାର୍ଡ ପରିକ୍ରମା କରିବା ଆରମ୍ଭ କରିଦେଇଛନ୍ତି । ନିର୍ବାଚନ ପ୍ରଚାର ସମୟରେ କୌଣସି ଦଳର ନେତୃବର୍ଗ ୧୦ ହଜାର ଟଙ୍କାରୁ ବେଶୀ ଦେଲେ ଚେକ ଆକାରରେ ଦେଇପାରିବେ । ହାତରେ ୫୦ ହଜାରରୁ ଅଧିକ ଟଙ୍କା ଧରି ଯାଆସ କରିପାରିବେନାହିଁ । ଜିଲାର ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ପର୍ଯ୍ୟବେକ୍ଷଣ କରିବାକୁ ବର୍ତ୍ତମାନ ସୁଦ୍ଧା ଜଣେ ପର୍ଯ୍ୟବେକ୍ଷକ ଆସି ବୁଲୁଥିବା ସୂଚନା ଦେଇଛନ୍ତି ।



ଖବରଦାଦା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟମାନେ।

### ଆଚରଣ ବିଧି ପ୍ରତି କଡା ଦୃଷ୍ଟି

ନିର୍ବାଚନ ପ୍ରକ୍ରିୟାରେ ସ୍ୱେଚ୍ଛାକୃତ ଭାବେ କାମ କରିବାକୁ ସମସ୍ତ ବିଭାଗୀୟ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ କରାଯିବାର ବ୍ୟବସ୍ଥା ରହିଛି । ଏଯାଏଁ ଜଣେ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ସେ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରେ ସ୍ଥାନୀୟ ଖୁଟବନ ଭେରା ହାଇସ୍କୁଲର ଟଙ୍କେଶ୍ୱର ସିଂ ଠାକୁର ନାମକ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଡେପୁଟୀ କଲେକ୍ଟର ଜୟଲାଲ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଶିକ୍ଷକ ସମାବେଶ, ସାଙ୍ଗଠନିକ ନିର୍ବାଚନ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନ ପରିସରରେ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ନିର୍ବାଚନ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ମାଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନୀ ସଭାରେ ଜିଲା ସଭାପପତି ମନୋଜ କୁମାର ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରମୋଦ କୁମାର ବିଶି, ପ୍ରେମଚାନ୍ଦ ମହାପାତ୍ର, ବିରେନ ବାଗ, ଅମରେନ୍ଦ୍ର ପଟ୍ଟନାୟକ, ଜଗଦିସ ପାଣି, ଅକ୍ଷୟ ପଟ୍ଟନାୟକ, ବିଭୁତି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦର ବ୍ଲକ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ମାଝି, ବ୍ଲକ ସଂଯୋଜକ ଭାବରେ ଉଦୟ ଭୋଇ, ଯୁଗ୍ମ ସମ୍ପାଦକ ବଶିଷ୍ଠ ଭୋଇ ନିର୍ବାଚିତ ହୋଇଥିଲେ। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଜିଲା ସଙ୍ଗଠନ ପକ୍ଷରୁ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଅଫିସର ବରିଷ୍ଠ କିରାଣୀ ଅଶ୍ୱିନ ମିଶ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ଦାଶ, ପ୍ରଦ୍ୟୁମ୍ନ ହୋତା, ପାର୍ଥବ ମହାନନ୍ଦ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଉଛି ।

# ରାସ୍ତା କାମ ଆରମ୍ଭ, ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କୌଣସି ଉନ୍ନୟନମୂଳକ କାମ କରା ନ ଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ସୋମବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ମୁଣ୍ଡରାଗୁଡା-ଗୋଜିଆପଡା ରାସ୍ତାରେ ମେଟାଲ, ବାଲି ପକା ଯାଇଥିବା ଦେଖିବାକୁ ମିଳିଛି। ଏହାଛଡା ରାସ୍ତାକଡରେ ସୂଚନା ଫଳକରେ କିଛି ଲେଖାଯାଇ ନାହିଁ । ଏପରି କି ସୋମବାର ଟ୍ରାକ୍ଟରରେ ବାଲି ଆଣି ରାସ୍ତା ମଝିରେ ପକାଇ ଦେଇଥିବାରୁ ଲୋକମାନେ ଯାତାୟାତ କରିବାରେ ଅସୁବିଧା ଭୋଗିଥିଲେ। ଏହି କାମ କିଏ କରୁଛି ଓ କେଉଁ ବିଭାଗ କରୁଛି ସେ ସମ୍ପର୍କରେ ଗ୍ରାମବାସୀ ଜାଣିପାରି ନାହାନ୍ତି। ଅନ୍ୟପକ୍ଷେ ନିର୍ବାଚନ ସମୟରେ ଆଚରଣ ବିଧି ଉଲ୍ଲଂଘନ କରାଯାଇ ଏପରି କାମ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଏହି ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର ହୋଇଥିବା ବେଳେ ସୋମବାର ହଠାତ୍ ମେଟାଲ ପକା ଯାଉଥିବାରୁ ଏହା ରାଜନୈତିକ ଚାଲ ବୋଲି ସାଧାରଣରେ ଅଭିଯୋଗ ହେଉଛି ।



ଜୟପାଟଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ମୁଣ୍ଡରାଗୁଡା-ଗୋଜିଆପଡା ରାସ୍ତାରେ ମେଟାଲ ପକାଯାଇଛି ।

# ରାସ୍ତା କଡ଼ରୁ ହଟିଲା ସାପ୍ତାହିକ ହାଟ

ମ.ରାମପୁର,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ମଧ୍ୟ ଭାଗରେ ପ୍ରତି ମଙ୍ଗଳବାର ରାସ୍ତା କଡରେ ବସୁଥିବା ସାପ୍ତାହିକ ହାଟ ମଙ୍ଗଳବାର ସ୍ଥାନାନ୍ତର କରାଯାଇଛି। ଏହି ହାଟ ସହର ଜନବସତିଠାରୁ ଦୂର ଶ୍ରୀ ରାମେଶ୍ୱର ମହାଦେବ ମନ୍ଦିର ପାଖକୁ ସ୍ଥାନାନ୍ତର କରାଯାଇଛି । ରାସ୍ତା କଡରେ ବସୁଥିବା ସାପ୍ତାହିକ ହଟିବାରୁ ଏବେ ସହରରେ ଦିନକୁଦିନ ବୃଦ୍ଧି ପାଉଥିବା ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇବ ବୋଲି ଆଲୋଚନା ହେଉଛି । ଦୀର୍ଘ ବର୍ଷ ଧରି ବସୁଥିବା ସାପ୍ତାହିକ ହାଟ ପ୍ରାଙ୍ଗଣରେ ସୁଉଚ୍ଚ ବସଷ୍ଟାଣ୍ଡ କୋଠା ନିର୍ମାଣ, ହାଟ ଚତୁଃପାର୍ଶ୍ୱରେ ୭୦ଟି ସ୍ଥାୟୀ ଦୋକାନ ଗୃହ ନିର୍ମାଣ ହେତୁ ସ୍ଥାନ କମ ହୋଇଥିଲା । ଏଥିଯୋଗୁ ହାଟର

### ଟ୍ରାଫିକ ସମସ୍ୟା ସୁଧୁରିବ

ପାଖାପାଖି ୩୦ ପ୍ରତିଶତ ବ୍ୟବସାୟୀଙ୍କୁ ସହର ମୁଖ୍ୟ ସଡକ ୨ପାର୍ଶ୍ୱ ରାସ୍ତା କଡରେ ବସିବାକୁ ପଡୁଥିଲା । ଏହା ସାଙ୍ଗକୁ ରାସ୍ତାକୁ ଲାଗି ଦୁଇ ଚକିଆ ଯାନବାହନ ରଖାଯିବା ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇ ପଡିଥିଲା । ଏହି ମୁଖ୍ୟରାସ୍ତା ଦେଇ ପ୍ରତିଦିନ ୪ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀ ଯିବା ଆସିବା, ବୃଦ୍ଧାବୃଦ୍ଧଙ୍କ ଯାତାୟାତରେ ଅସୁବିଧା ହେଉଥିଲା । ଏ ନେଇ ବିଭିନ୍ନ ସଙ୍ଗଠନ ହାଟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦୀର୍ଘ ୨୦ ବର୍ଷ ଧରି ଦାବି କରି ଆସୁଥିଲେ । ଗଣମାଧ୍ୟମରେ ମଧ କ୍ରମାଗତ ତଥ୍ୟ ପ୍ରକାଶିତ ହୋଇଆସୁଥିଲା । ୨୦ ବର୍ଷ ପରେ ସରପଞ୍ଚ ଚିତ୍ତରଞ୍ଜନ ବାଗ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ହାଟ ସ୍ଥାନାନ୍ତର କରିଛନ୍ତି । ସାପ୍ତାହିକ ହାଟ ମ.ରାମପୁର ଗ୍ରାମ ପଞ୍ଚାୟତର ନିଜସ୍ୱ ଜାଗା ହୋଇଥିବା ଯୋଗୁ ହାଟ ନିଲାମ, ଦୁଇ ଚକିଆ ଯାନ ପାର୍କିଂ ନିଲାମ ହେତୁ ବାର୍ଷିକ ପାଖାପାଖି ୫ ଲକ୍ଷ ଟଙ୍କା ରୋଜଗାର ହେଉଥିଲା। ସମ୍ପ୍ରତି ଉକ୍ତ ହାଟ ଶିବ ମନ୍ଦିର କମିଟି ପରିଚାଳିତ ଜାଗାରେ ସ୍ଥାପନ ହେତୁ ଲାଭାଂଶର କିଛି ଅଂଶ ମନ୍ଦିର କମିଟିକୁ ନିଆଯିବ । ହାଟ ସ୍ଥାନାନ୍ତର ଜନିତ ଦୂରତ୍ୱକୁ ଜନ ସାଧାରଣକୁ ସାମାନ୍ୟ ଅସୁବିଧା ଭୋଗ କରିବାକୁ ପଡିବ । କିନ୍ତୁ ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ଦୂରିକରଣ ହେବା ନେଇ ଜନସାଧାରଣ ଖୁସି ଜାହିର କରିଛନ୍ତି ।

# ଖବର ପ୍ରକାଶ ପରେ ହୋର୍ଡିଂ କଢ଼ାଗଲା

ଜୁନାଗଡ,୧୯।୩(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

ନିର୍ବାଚନ ତାରିଖ ଘୋଷଣାର ୮ଦିନ ପରେ ମଧ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ଛକ ନିକଟସ୍ଥ ୨୬ ନଂ. ଜାତୀୟ ରାଜପଥ କଡର ଏକ କୋଠାର କାନ୍ଥରେ ଓ କନ୍ଦୁପାଟିର ଏକ କୋଠାର କାନ୍ଥରେ ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଏକ ହୋର୍ଡିଂ ଲାଗିଥିଲା । ଏହି ଘଟଣାକୁ ନେଇ ମଙ୍ଗଳବାର ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଏହା ପରେ ଉକ୍ତ ଦିନ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ହୋର୍ଡିଂ ଲଗାଯାଇଥିବା ଉକ୍ତ ୨ଟି ସ୍ଥାନରୁ ତରବରିଆ ଭାବେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଦେଖିବାକୁ ମିଳିଛି। ନିର୍ବାଚନ ଆଚରଣ ବିଧି ପରେ ମଧ ହୋର୍ଡିଂ ଲାଗି ରହିବା ସ୍ଥାନୀୟ ପ୍ରଶାସନର ଅବହେଳାର ଏକ ନମୁନା ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା ।




ହୋର୍ଡିଂ ଖୋଲାଯାଉଛି ।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଧମା, ୧୯।୩ (ଡି.ଏନ.ଏ.)

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଳତୀଗୁଣ୍ଡେରପୁର ଫାଣ୍ଡି ନିକଟସ୍ଥ ସୁବନପୁର ଗାଁ ବ୍ରିଜରେ ମଙ୍ଗଳବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକ୍ ଚାଳକ ବଦୁଆପାଲି ଗ୍ରାମର ରାମକୃଷ୍ଣ ଭୋଇ (୫୨) ଗୁରୁତର ହୋଇଛନ୍ତି । ପୋଲିସ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାଗ୍ରସ୍ତ ବାଇକ (ନଂ.ଓଡି ୧୫ ଇ- ୬୯୭୫)କୁ ପୋଲିସ ଜବତ କରି ମାମଲା ରୁଜୁ କରିଛି ।

### ବଳବସପୁରରେ ରକ୍ତଦାନ ଶିବିର

ହୀରାକୁଦ, ୧୯।୩ (ଡି.ଏନ.ଏ)

ବଳବସପୁର ଗ୍ରାମରେ ହୀରାକୁଦ ରକ୍ତଦାତା ଗ୍ରୁପ ତରଫରୁ ବୁର୍ଲା ବ୍ଲଡ ବ୍ୟାଙ୍କ ସହାୟତାରେ ପଞ୍ଚମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଶିବିରକୁ ବଳବସପୁର ଯୁବକ ସଂଘର ସଭ୍ୟମାନେ ପରିଚାଳନା କରିଥିଲେ । କରୁଣାକର ବିଶ୍ୱାଳ, ପ୍ରଦୀପ ମାହାନା, ଅମିତ ମିଶ୍ର, କେ. ସାଇ ପ୍ରସାଦ ରାଓ, ଜଗଦୀଶ ମିଶ୍ର, ହରେକୃଷ୍ଣ ବେହେରା, ବଳବସପୁରର ସୁବାଷ ବେହେରା, ଦିନେଶ ବେହେରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ତାଲିମ ନାଁରେ ଶ୍ରମିକଙ୍କୁ ଠକେଇ ଅଭିଯୋଗ

ଭବାନୀପାଟଣା,(ସ୍ୱ.ପ୍ର.)/ ନୂଆପଡା ଅଫିସ,୧୯।୩

**ପ୍ରୋତ୍ସାହନ, ପ୍ରମାଣପତ୍ର ପାଇଁ କଳାହାଣ୍ଡିର ଜିଲା ଶ୍ରମିକ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜମରା ପଞ୍ଚାୟତ ଦୁଲକିବନ୍ଧ ଗାଁର ଶ୍ରମିକଙ୍କୁ ତାଲିମ ଦେବା ନାଁରେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ଶ୍ରମିକମାନଙ୍କୁ ଅନ୍ୟ ଜିଲାରେ ପ୍ରୋତ୍ସାହନ ଓ ପ୍ରମାଣପତ୍ର ମିଳିବା ଆଶା ଦେଖାଇ ଶ୍ରମିକମାନଙ୍କୁ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ନିକଟକୁ ପଠାଇବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ସେପ୍ଟେମ୍ବର ୧୫ ତାରିଖରେ ଥୁଆମୂଳ ରାମପୁରର ଭାସ୍କର ଫାଉଣ୍ଡେଶନ ନାମକ ସଂସ୍ଥା ଜରିଆରେ କଲମପୁର ବ୍ଲକ ଦୁଲକିବନ୍ଧ ଗାଁର ଅଣକୁଶଳୀ ଶ୍ରମିକମାନଙ୍କୁ ଦକ୍ଷତା ବୃଦ୍ଧି କରିବା ପାଇଁ ତାଲିମ ଦିଆଯାଇଥିଲା । ଏଥିରେ ଗାଁର ୩୫ ଜଣ ଶ୍ରମିକ ୧୫ ଦିନ ଧରି ତାଲିମ ନେଇଥିଲେ। ସେହି ସମୟରେ ଶ୍ରମିକମାନଙ୍କୁ ଦୈନିକ ୨୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ ଓ ତାଲିମ ଶେଷରେ ସମସ୍ତଙ୍କୁ ପ୍ରମାଣପତ୍ର ମିଳିବା ବୋଲି କହିଥିଲେ। ସେହି ପ୍ରମାଣପତ୍ର ଜରିଆରେ ଶ୍ରମିକମାନଙ୍କୁ ସରକାରଙ୍କ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ମିଳିବ ବୋଲି ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ଆଶାରେ ଗରିବ, ଅସହାୟ, ନିରିହ ଶ୍ରମିକମାନେ ୧୫ ଦିନ ଧରି କାମ ଧନ୍ଦା ଛାଡି ତାଲିମ ଗ୍ରହଣ କରିଥିଲେ । ତାଲିମ ଶେଷରେ ଶ୍ରମିକମାନଙ୍କୁ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର କିଛି ନ ଦେଇ ସମ୍ପୃକ୍ତ ସଂସ୍ଥା ଚମ୍ପଟ ମାରିଥିଲା । ଆଜି କାଲି କହି ୬ ମାସ ଧରି ଶ୍ରମିକମାନଙ୍କୁ ଦିନ ଗଡାଇ ଚାଲିଥିଲେ । ଶେଷରେ ସୋମବାର ଉକ୍ତ ସଂସ୍ଥାର ହିମାଞ୍ଚଳ ନାଏକ(ମୁନୁ) ନାମକ ଜଣେ କର୍ମଚାରୀ ଶ୍ରମିକଙ୍କୁ ନୂଆପଡ଼ା ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ମିଳିବ ବୋଲି କହିଥିଲେ । ରାତିରେ ଗାଁରେ ତାଲିମ ନେଇଥିବା ଶ୍ରମିକମାନେ ଏକ ବୈଠକ କରିଥିଲେ। ସେଠାରେ ଜଣ ପିଛା ୨୫୦ ଟଙ୍କା ଆଦାୟ କରି ଏକ ପିକ୍‌ଅପ ଗାଡି ଭଡା କରି ମଙ୍ଗଳବାର ଭୋର ୫ଟାରୁ ଶ୍ରମିକମାନେ ୨ ଶହ କି.ମି. ଅତିକ୍ରମ କରି ଖରିଆରରୋଡସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିରେ ଶ୍ରମିକମାନେ ଜିଲା ଶ୍ରମ ନିରୀକ୍ଷକ ଗୌରାଙ୍ଗ ଚରଣ ସାମନ୍ତରାୟଙ୍କୁ ଭେଟି ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ପାଇଁ ଦାବି କରିଥିଲେ । ସେଠାରେ ଶ୍ରମ ନିରୀକ୍ଷକ ସାମନ୍ତରାୟ ଶ୍ରମିକମାନଙ୍କୁ ବୁଝାଶୁଝା କରି କହିଥିଲେ ଯେ, ଯେଉଁ ଜିଲାର ଶ୍ରମିକମାନଙ୍କୁ ସେହି ଜିଲା ଅଧିକାରୀ କାର୍ଯ୍ୟାଳୟରେ ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ଦେଇ ପାରିବେ ବୋଲି କହିଥିଲେ। ଫଳରେ ଶ୍ରମିକମାନେ ଖର୍ଚ୍ଚାନ୍ତରେ ପଡି ଭୋକ ଉପବାସରେ ଖରାତାତିରେ ନିରାଶ ହୋଇ ଘରକୁ ଫେରିଯାଇଥିଲେ । ଅନ୍ୟପକ୍ଷରେ ଏହି ଗରୀବ ଶ୍ରମିକମାନେ ୧୫ ଦିନ ଧରି କାମ ଧନ୍ଦା ଛାଡି ତାଲିମ ନେଇଥିଲେ । ପରବର୍ତ୍ତି ସମୟରେ ଶ୍ରମିକମାନଙ୍କୁ ଭୁଲ ତଥ୍ୟ ଦେଇ ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ପ୍ରୋତ୍ସାହନ ଓ ପ୍ରମାଣ ପତ୍ର ପାଇଁ ପଠାଇଲେ । ଏଭଳି ସ୍ଥିତିରେ ଶ୍ରମିକମାନେ ଖର୍ଚ୍ଚାନ୍ତରେ ପଡି ହଇରାଣ ହରକତ ହୋଇ ଏବେ ହତାଶ ହୋଇ ପଡିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ତଥା ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଆଇନଗତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି । ତୁରନ୍ତ ଶ୍ରମିକମାନଙ୍କୁ ପ୍ରୋତ୍ସାହନ ଓ ପ୍ରମାଣପତ୍ର ଯୋଗାଇ ଦେବାକୁ ରାଜେନ୍ଦ୍ର ଗହୀର, ଯୋଗେନ୍ଦ୍ର ରାଉତ, ପାର୍ଥ ବାଗ, ସୋମନାଥ ରାଉତ, ଅନତ ବାଗ, ଅକ୍ରୁର ମାଝି, ଖଗେଶ୍ୱର ଭୋଇ, ଦୁଷ୍ମନ୍ତ ଗହିର, ଗିରିଧାରୀ ମାଝି, ଦୟା ପୋଡ, ଜୟରାମ ଗହୀର, ତହସିଲ ମାଝି, ଉମୃଧର ନାଏକ, ଦେବେନ୍ଦ୍ର ମାଝି, କୈବଲ ପୋଡ, ବଳିରାମ ମାଝି ପ୍ରମୁଖ ଶ୍ରମିକ ଦାବି କରିଛନ୍ତି । ଏ ନେଇ ଧର୍ମଗଡ ଅତିରିକ୍ତ ଶ୍ରମ ଅଧିକାରୀ ଜୟନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ, ଆମକୁ ଶ୍ରମିକମାନେ ଲିଖିତ ଅଭିଯୋଗ କଲେ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ପ୍ରକାଶ କରିଥିଲେ।




ଖରିଆରରୋଡସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କଲମପୁର ବ୍ଲକ ବିଜମରା ପଞ୍ଚାୟତ ଦୁଲକିବନ୍ଧ ଗାଁର ଶ୍ରମିକମାନେ ।

### ପୋଡପଡା ଭକ୍ତରାମ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଧର୍ମଗଡ,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ନିକଟସ୍ଥ ପୋଡପଡା ଗ୍ରାମର ଭକ୍ତରାମ ପୋଢ (୨୦)ଙ୍କ ଗତ ୮ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। କେତେକ ଲୋକ ଏହା ଦୁର୍ଘଟଣା ଜନିତ ଘଟଣା ବୋଲି କହୁଥିବା ବେଳେ ପରିବାର ଲୋକେ ଏହାକୁ ହତ୍ୟା ଅଭିଯୋଗ ଆଣିଛନ୍ତି । ଏ ନେଇ ପରିବାର ଲୋକଙ୍କ ତରଫରୁ ମଙ୍ଗଳବାର ଧର୍ମଗଡ ଥାନାରେ ଲିଖିତ ଏତାଲା ଦେବା ସହ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ପାଖରେ ମଧ୍ୟ ଅଭିଯୋଗ କରିଛନ୍ତି ।

ଅଭିଯୋଗରୁ ଜଣାଯାଇଛି ଯେ, ଗତ ୮ ତାରିଖରେ ଧର୍ମଗଡ ଥାନା ଅନ୍ତର୍ଗତ ପୋଡପଡାର ଭକ୍ତରାମ ପୋଡଙ୍କ ମୃତ୍ୟୁ ହୋଇଯାଇଛି । ସେ ବର୍ତ୍ତମାନ ଧର୍ମଗଡ ଡାକ୍ତରଖାନାରେ ପଡିଥିବା ତାଙ୍କ ବାପା ଜୟରାମଙ୍କୁ ଫୋନ ଯୋଗେ ଖବର ଆସିଥିଲା। ଖବର ପାଇ ପରିବାର ଲୋକେ ହଠାତ ଚକିତ ହୋଇପଡ଼ିଥିଲେ । ଧର୍ମଗଡ ଡାକ୍ତରଖାନାକୁ ଯାଇ ଦେଖିବା ବେଳେ ଭକ୍ତରାମଙ୍କ ମୃତଦେହ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଭକ୍ତରାମଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରକାନାକୁ ଅଣାଯାଇ ଥିବା ସେଠାରେ ଜାଣିବାକୁ ପାଇଥିଲେ । ସେଠାରୁ ହିଁ ପରିବାରବର୍ଗଙ୍କ ସନ୍ଦେହ ଜାତ ହୋଇଥିଲା। ଶବ ବ୍ୟବଚ୍ଛେ ପରେ ମୃତଦେହ ଘରକୁ ଆଣି ଶବ ଦାହ କରିବା ସହ ପୋଲିସରେ ଜଣାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ସେହି ପୂର୍ବ ଦିନ ରାତିରେ ଅର୍ଥାତ ୭ ତାରିଖରେ ଭକ୍ତରାମ ଜଣେ ସାଙ୍ଗଙ୍କ ସହ ଭୋଜି ଖାଇଥିବା ପ୍ରକାଶ କରିଥିବା ବେଳେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଧର୍ମଗଡ ଥାନାରେ ଲିଖିତ ଏତାଲା ଦିଆଯାଇଛି । ଅପରପକ୍ଷରେ ଯଦି ଭକ୍ତରାମଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ତେବେ ଯେଉଁ ବ୍ୟକ୍ତି ଆମ୍ବୁଲାନ୍ସକୁ ଜଣାଇଥିଲା ସେହି ଲୋକ କାହିଁକି ପରିବାର ଲୋକଙ୍କୁ ଜଣାଇଲା ନାହିଁ ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି । ଏହାକୁ ଦୁର୍ଘଟଣାର ରୂପ ଦିଆଯାଇଛି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଗଡ ଥାନା ଅଧିକାରୀ ଉମୁ ପରଜାଙ୍କୁ ପଚାରିବାରୁ ଏହାକୁ ପ୍ରଥମେ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ବୋଲି ଏକ କେସ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ତାଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ସନ୍ଦେହ କରୁଥିବାରୁ ସେହି ଦିଗକୁ ନେଇ ତଦନ୍ତ ଚାଲୁ ରହିଥିବା ପ୍ରକାଶ କରିଛନ୍ତି।



ପ୍ରଥମେ ଆଦେଶ ମାନିବାକୁ ଶିଖ, ଆଦେଶ ଦେବା ବଳେ ବଳେ ଆସିବ। ପ୍ରଥମେ ସେବକ ହେବାକୁ ଶିକ୍ଷା କର, ତା'ପରେ ତୁମେ ସେବ୍ୟ ହେବାକୁ ଉପଯୁକ୍ତ ହେବ। -ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ସତ୍ୟସନାତନ ଆଶ୍ରମରେ ବସନ୍ତରାସ ଉତ୍ସବ

ରିଷିଡା,୧୯।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡା ସତ୍ୟସନାତନ ଆଶ୍ରମରେ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ବସନ୍ତରାସ୍ ଉତ୍ସବ ପାଇଁ ଅଧିବାସ, ଘଟସ୍ଥାପନା ଓ ଅଖଣ୍ଡଦୀପ ଜାଗ୍ରତ ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାସଲୀଳା, ଭଜନ କୀର୍ତ୍ତନ, ପୂର୍ଣ୍ଣାହୁତି ପରେ ୨୨ ତାରିଖରେ ହୋଲି ଖେଳ ହେବ ବୋଲି ଆୟୋଜନ ମହନ୍ତ ବସନ୍ତ ରଣା ଜଣାଇଛନ୍ତି। ସେହିପରି ଫାଲଗୁନ ପୂର୍ଣ୍ଣିମା ଅବସରରେ ଗାନ୍ଧୀନଗରଠାରେ ଦଣ୍ଡନୃତ୍ୟ ସହିତ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ଚାଲିଛି ।



### ଗୋରୁ ଚାଷୀଙ୍କୁ ଦାଉ ସାଧୁଛନ୍ତି

ରିଷିଡା,୧୯।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳର ଚାଷୀ ମୁଖ୍ୟତଃ ଖରିଫ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି । ଖରିଫ ଚାଷ ପରେ ଚାଷ ଜମିରେ ମୁଗ, କୋଳଥ, ଚଣା, ବିରି ପ୍ରଭୃତି ଡାଲି ଜାତୀୟ ଫସଲ ଚାଷ କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି । ହେଲେ ଏହି ଅଞ୍ଚଳର ବୁଲା ଗାଈ ଗୋରୁ ଚାଷୀଙ୍କ ନିଦ ହଜାଇ ଦେଇଛି । ବୁଲା ଗାଈଗୋରୁଗୁଡିକ ରାତି ୧୧ଟାରୁ ସକାଳ ପର୍ଯ୍ୟନ୍ତ ଚାଷୀଙ୍କ ଫସଲ ଖାଇଯାଉଛନ୍ତି । ଚାଷୀମାନେ ଅନିଦ୍ରା ହୋଇ ଜଗି ରହିଲେ ବି ଗାଈଗୋରୁ ଚାଷ ନଷ୍ଟ କରୁଛନ୍ତି । ରିଷିଡାର ପୀତାମ୍ବର ରଣା, କନ୍ଦର୍ପ ରଣା, ଶେଷଦେବ ରଣା ପ୍ରଭୃତି ଅନେକଙ୍କ ଫସଲ ଗାଈ ଗୋରୁ ସମ୍ପୂର୍ଣ୍ଣ ନଷ୍ଟ କରି ସାରିଲେଣି । ରିଷିଡା ଅଞ୍ଚଳର ଗୋରୁମାନଙ୍କ ମାଲିକ ଗୁହାଳରେ ବାନ୍ଧି ନ ରଖିବାରୁ ରାସ୍ତା କଡରେ ସନ୍ଧ୍ୟାରେ ରହୁଛନ୍ତି। ରାତି ହେଲେ ଫସଲ ଖାଇଯାଉଛନ୍ତି। ସନ୍ଧ୍ୟାରେ ରାସ୍ତା ଉପରେ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ଏହି ଗାଈଗୋରୁ ମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଚାଷୀମାନେ ଦାବି କରୁଛନ୍ତି ।



### ଶ୍ରୀରାଧାକୃଷ୍ଣ ଦୋଳ ସହର ପରିକ୍ରମା

ମ.ରାମପୁର,୧୯।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ମ.ରାମପୁର ସହରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଓ ଶ୍ରୀରାଧାକୃଷ୍ଣ ମନ୍ଦିର କମିଟି ମିଳିତ ଉଦ୍ୟମକ୍ରମେ ପଞ୍ଚ ଦିନାତ୍ମକ ଶ୍ରୀରାଧାକୃଷ୍ଣ ଦୋଳକୁ ସହର ପରିକ୍ରମା କରାଯାଉଛି । ରବିବାରଠାରୁ ଆରମ୍ଭ ହେଇଥିବା ଉକ୍ତ ଉତ୍ସବର ୨ୟ ଦିବସ ସନ୍ଧ୍ୟା ପରେ ସହର ମୁଖ୍ୟ ସଡକ ପାର୍ଶ୍ୱ ଜନବସତି ଅଞ୍ଚଳରେ ଶ୍ରୀରାଧାକୃଷ୍ଣ ଯୁଗଳଙ୍କୁ ଦୋଳରେ ବସାଇ ଘର ଦାଣ୍ଡ ଦୁଆରକୁ ବୁଲାଯାଇଥିଲା। ଚଳିତ ବର୍ଷ ଦୋଳ ମେଳ ପରେ ବିଭିନ୍ନ ବର୍ଗ ଶ୍ରଦ୍ଧାଳୁଙ୍କ ସହିତ ମହିଳାଙ୍କୁ ସାମିଲ କରାଯାଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଠାକୁର ଠାକୁରାଣୀଙ୍କୁ ଶ୍ରଦ୍ଧାଳୁ ଭକ୍ତଙ୍କ ଦାଣ୍ଡ ଦୁଆରେ ଉତ୍ସାହ ଉଦ୍ଦିପନା ସହିତ ପୂଜା କରାଯାଉଛି। ପୁରୋହିତ ଅଶୋକ ତ୍ରିପାଠୀ, ତ୍ରିଲୋଚନ ଦାସ ପୂଜା କାର୍ଯ୍ୟ ସମ୍ପାଦିତ କରୁଥିବା ବେଳେ ରାମସିଂହ ପୋଢ଼, ସୁଚରିତା ପୋଢ଼ ଶୋହଳ ପ୍ରହର ନାମଯଜ୍ଞ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ଦୁତିଆ ଭୋଇ, କୃଷ୍ଣ ସାହୁ, ସୁନ୍ଦର ସିଂ ପୋଢ଼, ଅନାଦି ଭୋଇ, ଗୋପ ବାଗ, ଟିକେଧର ବାଗ ପ୍ରମୁଖ ଦୋଳ ପରିଚାଳନା କରୁଛନ୍ତି । ମଙ୍ଗଳବାର କଳସ ଯାତ୍ରା ଓ ଅଧିବାସ କରାଯାଇଛି । ଶ୍ରୀରାଧାକୃଷ୍ଣ ମନ୍ଦିର ନିକଟରେ ହୋମଯଜ୍ଞ ଆରମ୍ଭ ହୋଇଛି ।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ସମ୍ବଲପୁର, ୧୯।୩ (ବ୍ୟୁରୋ)
ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ଚତୁର୍ଥ ସୋପାନ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ଶିଶୁ ବାଟିକା ସହ ପ୍ରମୁଖ ସୁଭାଷ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଶ୍ଚିମ ସମ୍ଭାଗ ସହସଂଯୋଜକ ପ୍ରଦୀପ କୁମାର ମିଶ୍ର, ସ୍କୁଲ ପରିଚାଳନା ସମିତି ସମ୍ପାଦକ ହେମାଞ୍ଚଳ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଲାଞ୍ଜିଗଡ଼ ବେଦାନ୍ତରେ ଉତ୍ତେଜନା ଦେଖାଦେବା ଘଟଣା

# ପ୍ରଶାସନର ଶାନ୍ତି ପ୍ରତିଷ୍ଠା ଉଦ୍ୟମ ବିଫଳ

ଲାଞ୍ଜିଗଡ,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତରେ ସୋମବାର ସୃଷ୍ଟି ହୋଇଥିବା ଅଭାବନୀୟ ଘଟଣାକୁ ନେଇ ମଙ୍ଗଳବାର ଦିନତମାମ କମ୍ପାନୀ ପରିସରରେ ଉତ୍ତେଜନା ଜାରି ରହିଥିବା ବେଳେ ପ୍ରଶାସନ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଲାଞ୍ଜିଗଡ ଥାନାରେ ଡିଆଇଜି ହିମାଂଶୁ କୁମାର ଲାଲ, ଏସ୍‌ପି ବାତୁଲା ଗଙ୍ଗାଧର ଓ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କ ନେତୃତ୍ୱରେ ଲାଞ୍ଜିଗଡ, ଛତ୍ରପୁର, ବସନ୍ତପଡା, ଗୋପୀନାଥପୁର, ରେଙ୍ଗୋପାଲି, କଂସାରୀ ଆଦି ଗାଁର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କୁ ନେଇ ଶାନ୍ତି କମିଟି ବୈଠକ ବସିଥିଲା । ଏଥିରେ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀ ରାଜୀବ ରଞ୍ଜନ ଓ ବାହ୍ୟ ସମ୍ପର୍କ ନିର୍ଦ୍ଦେଶକ ସଞ୍ଜୀବ କୁମାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କମ୍ପାନୀ ଅଧୀନରେ ଥିବା ୪ଟି ପଞ୍ଚାୟତ ଲୋକଙ୍କୁ ନେଇ ଖୋଲାରେ ଆଲୋଚନା କରାଯାଉ ଏବଂ କମ୍ପାନୀରେ ନିୟୋଜିତ ଓଆଇଏସ୍‌ଏଫ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)ର ସୁରକ୍ଷାକର୍ମୀଙ୍କୁ




ମଙ୍ଗଳବାର ସନ୍ଧ୍ୟାରେ ଲାଞ୍ଜିଗଡ ଥାନାରେ ଅନୁଷ୍ଠିତ ଶାନ୍ତି ବୈଠକ।

ହଟାଇବାକୁ ଲୋକେ ଦାବି କରିଥିବା ବେଳେ ବୈଠକ ଶେଷ ଯାଏଁ ଆଲୋଚନା ବିଫଳ ହୋଇଥିବା ଜଣାପଡିଛି। ଡିଆଇଜି, ଏସ୍‌ପି ଓ ଆଡିସିନାଲ ଏସ୍‌ପିଙ୍କ ନେତୃତ୍ୱରେ ୭ ପ୍ଲାଟୁନ୍ ପୋଲିସ ଫୋର୍ସ୍ କମ୍ପାନୀକୁ ଘେରି ରହିଥିବାବେଳେ ଉକ୍ତ ଶିଳ୍ପ ସୁରକ୍ଷା ବଳର ଯବାନମାନେ ମଙ୍ଗଳବାର ସକାଳେ କମ୍ପାନୀର ମୁଖ୍ୟ ସୁରକ୍ଷା ଅଧିକାରୀ ରାଜୀବ ରଞ୍ଜନଙ୍କ ଉପରେ ଆକ୍ରମଣ କରିବାକୁ ପଛାଇନାହାନ୍ତି। ଏଥିରେ ରଞ୍ଜନଙ୍କ ଗାଡି କାଚ ଭାଙ୍ଗିଯାଇଥିବାବେଳେ ସେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ଗାଁଗୁଡିକରେ କମ୍ପାନୀ ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ଗୁପ୍ତ

- ଏବେ ବି ବେଦାନ୍ତ ପରିସରରେ ଚାପା ଉତ୍ତେଜନା
- ୧୪୪ ଧାରା ଜାରି, ପୋଲିସ ବଳୟରେ କମ୍ପାନୀ, ଗାଁ ଗାଁରେ ଗୁପ୍ତ ବୈଠକ
- ଓଆଇଏସ୍‌ଏଫ୍ ଶିବିରରେ ବି ଉତ୍ତେଜନା, କମ୍ପାନୀ ସୁରକ୍ଷା ମୁଖ୍ୟଙ୍କୁ ଆକ୍ରମଣ

ବୈଠକମାନ ଚଳାଇଥିବା ଜଣାପଡିଥିବା ବେଳେ ଓଡିଶା ଶିଳ୍ପ ସୁରକ୍ଷା ବଳ ଶିବିରରେ ମଧ ଉତ୍ତେଜନା ଲାଗି ରହିଛି । ସେହିପରି କମ୍ପାନୀ ଅଞ୍ଚଳରେ ୧୪୪ ଧାରା ଜାରି ରହିଥିବାବେଳେ ଆକ୍ରମଣ ଭୟରେ କମ୍ପାନୀ କର୍ମଚାରୀ ଓ ବହୁ ସଂଖ୍ୟାରେ ଶ୍ରମିକ ଶ୍ରେଣୀର ଲୋକେ ଲାଞ୍ଜିଗଡ ଛାଡି ପଳାଉଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ବେଦାନ୍ତ କର୍ତ୍ତୃପକ୍ଷ ମୃତ ଶ୍ରମିକ ଓ ହାବିଲଦାରଙ୍କ ପରିବାରବର୍ଗଙ୍କୁ ୨୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଦେବାକୁ ଘୋଷଣା କରିଥିବାବେଳେ ମୃତ ଶ୍ରମିକଙ୍କ ସ୍ତ୍ରୀଙ୍କୁ କମ୍ପାନୀରେ ଚାକିରି ଓ ତାଙ୍କ ପୁଅଝିଅଙ୍କୁ ଲାଞ୍ଜିଗଡ ଡିଏଭି ସ୍କୁଲରେ ମାଗଣା ପାଠ ପଢାଇବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା । ଏହା ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ଓଡିଶା ଶିଳ୍ପ ସୁରକ୍ଷା ବଳଙ୍କ ହାତରୁ ଓଡିଶା ପୋଲିସ କମ୍ପାନୀର ସୁରକ୍ଷା ଦାୟିତ୍ୱ ସାମୟିକ ଭାବେ ହାତକୁ ନେଇଛି ।

ଉଲ୍ଲେଖନୀୟ ଯେ, ସୋମବାର ସକାଳୁ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସାମ୍ନାରେ ବିସ୍ଥାପିତ ରେଙ୍ଗୋପାଲି ଗ୍ରାମବାସୀ ଧାରଣାରେ ବସିଥିଲେ । କମ୍ପାନୀରେ ନିୟୋଜିତ ଓଆଇଏସ୍‌ଏଫ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)ର ସୁରକ୍ଷାକର୍ମୀମାନେ ସେମାନଙ୍କୁ ହଟାଇବାକୁ ଯାଇ ହଠାତ୍ ଲାଠି ଚାଳନା କରିଥିଲେ। ଏହାର ପ୍ରତିବାଦ କରିବାରୁ ସୁରକ୍ଷା କର୍ମଚାରୀମାନେ ଧାରଣାରତ ଗ୍ରାମବାସୀଙ୍କୁ ଗୋଡ଼ାଇ ପିଟିଥିଲେ । ଏଥିରେ କମ୍ପାନୀରେ କାମ କରୁଥିବା ଛତ୍ରପୁର ଗାଁର ଜଣେ ଶ୍ରମିକ ଦାନି ବାତ୍ରା (୪୦)ଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ କମ୍ପାନୀ ମୁଖ୍ୟ ଫାଟକ ଡେଇଁ ଭିତରକୁ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ । ସୁରକ୍ଷା କର୍ମୀମାନେ ପୁଣିଥରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଲାଠି ମାଡ କରିଥିଲେ । ଫଳରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ । କେବଳ ସେତିକି ନୁହେଁ, ଓଆଇଏସ୍‌ଏଫ୍ ୨ ଶହରୁ ଉର୍ଦ୍ଧ୍ୱ ଗାଡିକୁ ଭଙ୍ଗାରୁଜା କରିଥିଲେ । ସେହି ନିଆଁରେ ପୋଡି ହୋଇ ଓଆଇଏସ୍‌ଏଫ୍‌ର ଜଣେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜଙ୍କ ମୃତ୍ୟୁ ଘଟିଥିଲା ।

### ବ୍ୟାଙ୍କ ଆକାଉଣ୍ଟରୁ ୧.୦୨ ଲକ୍ଷ ଟଙ୍କା ଗାଏବ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ସ୍ଥାନୀୟ ଏସବିଆଇ ବଜାର ଶାଖାଠାରେ ଥିବା ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ଆକାଉଣ୍ଟରୁ କେହି ଜଣେ ମାର୍ଚ୍ଚ ୮, ୯ ଓ ୧୦ ତାରିଖ ୩ ଦିନ ମଧ୍ୟରେ ବିଭିନ୍ନ କମ୍ପାନୀ ଜରିଆରେ ଅନଲାଇନ୍ ସପିଂ କରି ୧ ଲକ୍ଷ ୨ ହଜାର ୬୬୩ ଟଙ୍କା ଲୁଟ କରିଛନ୍ତି । ଏ ନେଇ ନିହାରେନ୍ଦ୍ର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ୍ ଥାନାରେ ଡାକ୍ତରଙ୍କ ଅଭିଯୋଗ ଅନୁଯାଇ ଆମାଜନ, ଏଜିଓ, ମେନ୍ତ୍ରା, ନିଆକାଡଟକମ୍, ପରପଲଡଟକମ୍ ଓ ସିସିଆମୋଟୋ କମ୍ପାନୀ ଜରିଆରେ ୮, ୯ ଓ ୧୦ ମାର୍ଚ୍ଚ ୩ ଦିନ ଧରି ୨୦ଟି ଟ୍ରାଜେକ୍ସନ ଜରିଆରେ ଡାକ୍ତରଙ୍କ ଆକାଉଣ୍ଟ ହ୍ୟାକ୍ କରି ଡେବିଟ୍ କାର୍ଡ ମାଧ୍ୟମରେ ସପିଂ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧ ତାରିଖରେ ପଣ୍ଡାଙ୍କ ଫୋନ୍‌କୁ ଏଲଆସି ଜମା ନେଇ ଏକ ମେସେଜ ଆସିଥିବା ବେଳେ ଏହି ହେକ୍ କରାଯାଇଥିବା ସମୟରେ କୌଣସି ମେସେଜ କିମ୍ବା ଓଟିପି ଆସି ନ ଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ଟାଉନ୍ ଥାନା ଏବଂ ଏସବିଆଇ ବ୍ୟାଙ୍କ ପକ୍ଷରୁ ଜମାକାରୀଙ୍କ ହ୍ୟାକ୍ କରାଯାଇଥିବା ଟଙ୍କା ସମ୍ପର୍କରେ ସାଇବରକ୍ରାଇମ୍ ଦ୍ୱାରା ତଦନ୍ତ କରାଯିବା ବୋଲି ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି। ଡାକ୍ତର ପଣ୍ଡାଙ୍କ ଏସବିଆଇ ଶାଖାରୁ ଟଙ୍କା ଗାଏବ୍ ହେବା ଘଟଣା ଜଣାପଡିବା ପରେ ଏସବିଆଇ ଜମାକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।




କଳସ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଉଛି ।

## ମହାକାଳେଶ୍ୱରୀ ମନ୍ଦିର ପ୍ରତିଷ୍ଠା, ଦେବ ପ୍ରାଣ ପ୍ରତିଷ୍ଠା

ମ.ରାମପୁର,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ସହର ତଳସାଗରପଡାଠାରେ ୫ ଦିନ ବ୍ୟାପି ଚାଲିଥିବା ମହାକାଳେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଓ ଦେବଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଭାଗବତ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତଳସାଗପଡା ସମେତ ୮ଟି ଗ୍ରାମର ମା' କାଳୀ କାମନା ଦର୍ସ୍ତ ଦଳ ଯୋଗଦାନ କରି ସ୍ଥାୟୀ ମନ୍ଦିର ପ୍ରତିଷ୍ଠା କରିବାରେ ସହଯୋଗ କରିଥିଲେ । ଗୁରୁବାର କଳସ ଯାତ୍ରା, ଗଙ୍ଗା ଆବାହନ, ଅଙ୍କୁରାରୋପଣ, ଶୁକ୍ରବାର ଓ ଶନିବାର ଯଜ୍ଞାରମ୍ଭ, ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହର, ସୋମବାର ମହାସ୍ନାନ, ପ୍ରାଣ ପ୍ରତିଷ୍ଠା, ନଗର ପରିକ୍ରମା, ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି । ଅର୍ଦ୍ଧଶତାବ୍ଦି ଧରି ଅସ୍ଥାୟୀ ମନ୍ଦିରଠାରେ ମା' କାଳୀଙ୍କ ଉପାସନା, ପୂଜାପାଠ ଚାଲିଥିଲା । ସ୍ଥାୟୀ ମନ୍ଦିର ନିର୍ମାଣ ପରେ ଶ୍ରଦ୍ଧାଳୁ ଭକ୍ତ ଉତ୍ସାହିତ ହୋଇଛନ୍ତି । ପଦ୍ମଲୋଚନ ମହାକୁଡ, ଚିନ୍ତାମଣି ଭୋଇ, କ୍ଷମା ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ରଜନୀକାନ୍ତ ମହାକୁଡ କର୍ତ୍ତା, ଅଶୋକ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ପୁରୋହିତ କାର୍ଯ୍ୟ ସାଧନ କରିଥିଲେ ।

### କମ୍ପାନୀ ବିରୋଧରେ ହତ୍ୟା ମାମଲା ରୁଜୁ ଦାବି

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ଭବାନୀପାଟଣାଠାରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ଆବାହକ ସତ୍ୟ ମାହାରଙ୍କ ଅଧକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ଚାଲିଥିବା ଆନ୍ଦୋଳନକୁ ରୋକିବା ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ପୋଲିସ ସହାୟତାରେ ହତ୍ୟାକାଣ୍ଡ ଭିଆଉଥିବା ଯୋଗୁ କର୍ତ୍ତୃପକ୍ଷଙ୍କୁ ବିରୋଧରେ ହତ୍ୟା ମାମଲା ରୁଜୁ କରିବା, ସୁପ୍ରିମକୋର୍ଟ ଖଣି ଖନନକୁ ବନ୍ଦ କରିଥିବା ବେଳେ ବିସ୍ଥାପିତମାନଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ ନ କରିବା, କେନ୍ଦ୍ର, ରାଜ୍ୟ ଓ କମ୍ପାନୀ ମିଳିତ ଭାବେ ସୋମବାରର ଘଟଣା ପାଇଁ ଦାୟି ଅଟନ୍ତି। ତେଣୁ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏଥିରେ ସିପିଆଇର ରାଜ୍ୟ ପରିଷଦ ସଦସ୍ୟ ଦାମୋଦର ବେହେରା, ସିପିଆଇର ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା କୃଷକ ସଂଘର୍ଷ ସମିତି ସଭାପତି ନିରଞ୍ଜନ ପ୍ରଧାନ, ସମାଜବାଦୀ ଜନପରିଷଦ ରାଷ୍ଟ୍ରୀୟ ଉପସଭାପତି ଲିଙ୍ଗରାଜ ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ମହିଳା ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଗଲା ଲୋକଙ୍କ ମତାମତ

ଜୁନାଗଡ,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗତ ୧୦ ତାରିଖଠୁ ବିଜୁ ମହିଳା ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ଦଳୀୟ ମହିଳା କର୍ମୀମାନେ ଘରକୁ ଘର ଯାଇ ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ବୁଝାଇ ଲୋକଙ୍କ ମନଜିଣିବାକୁ ଚେଷ୍ଟା କରୁଛନ୍ତି। ସେହିପରି ଲୋକଙ୍କ ମତାମତକୁ ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ଫରମ ମାଧ୍ୟମରେ ଲୋକଙ୍କ ମତାମତ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜୁନାଗଡ ସହରଠାରେ ଜିଲାସ୍ତରୀୟ ବିଜୁ ମହିଳା ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଏକ ବୈଠକ ହୋଇଥିଲା। ଏଥିରେ ଜିଲାର ସମସ୍ତ ବ୍ଲକର ବିଜେଡି ବ୍ଲକ ମହିଳା ସଂଘର ସଦସ୍ୟା, ସଭାନେତ୍ରୀ, ସମ୍ପାଦିକାମାନେ ଯୋଗଦେଇଥିଲେ। ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକଙ୍କ ଅଧ୍ୟକ୍ଷତାରେ ଜିଲା ଉପ ସଭାନେତ୍ରୀ ତଥା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ବିଜେଡି ବ୍ଲକ ମହାସଂଘର ପଙ୍କଜିନୀ ମଙ୍ଗରାଜ, ଦିପ୍ତୀ ଆଚାରୀ, କସ୍ତୁରୀ ପରିଡା, ଜୟନ୍ତୀ କର, ବିଜୟା ଲକ୍ଷ୍ମୀ ପାଢୀ, ସୀତା ଶବର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ଜିଲାର ସମସ୍ତ ବ୍ଲକରୁ ସଂଗ୍ରହ କରାଯାଇଥିବା ୩ ଲକ୍ଷ ୫୦ ହଜାର ଲୋକଙ୍କ ମତାମତ ଫରମକୁ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ପଠାଯାଇଥିଲା। ସେହି ମତାମତ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଇସ୍ତାହାର ପ୍ରଦାନ କରିବେ ବୋଲି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ବିଜେଡି ସଭାନେତ୍ରୀ ପ୍ରଗତୀ ନାୟକ, ମିନାକ୍ଷୀ ଭରାସାଗର, କେସିଙ୍ଗାର କବିତା ବାଗ, ଧର୍ମଗଡର ମିଥିଳା ବଛା, ଗୋଲାମୁଣ୍ଡାର ଚେତନା ମାଝି, କୋକସରାର ଅଶୋକା ନାଏକ, ଜୟପାଟଣାର ଗଗନମଞ୍ଜରୀ ନାଏକ, କଲମପୁରର ମଧୁଛନ୍ଦା ଭଞ୍ଜ, ବିନୟ ବାସିନୀ ମହାପାତ୍ର, ମଦନପୁର ରାମପୁରର ସୁଷମା ସାହୁ, କର୍ଲାମୁଣ୍ଡାର ଦୀପା ବାଗ, ନର୍ଲାର ପଙ୍କଜିନୀ ନାଏକ, ଲାଞ୍ଜିଗଡର ସରସ୍ୱତୀ ମୁଣ୍ଡା, ଥୁ. ରାମପୁରର ଯଶୋବନ୍ତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଜୁନାଗଡଠାରେ ଅନୁଷ୍ଠିତ ବିଜୁ ମହିଳା ଜନତା ଦଳର କାର୍ଯ୍ୟକ୍ରମ ।

## ରୁପ୍ରାରେ ଭାଜପାର ବିଜୟ ସଂକଳ୍ପ ସମାବେଶ

ସେରଗଡ/ପଲମ,୧୯।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାଠାରେ ମଙ୍ଗଳବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଭାଜପାରେ ନୂତନ ଭାବେ ଯୋଗଦାନ କରିଥିବା ଡ. ଦାମୋଦର ରାଉତ ଏବଂ ସିନେ ତାରକା ଶ୍ରୀତମ ଦାସ ଯୋଗଦେଇ ବିପୁଳ ପରିମାଣରେ ଭାଜପାକୁ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସେହିପରି ରାଜ୍ୟରୁ ନବୀନ ଶାସନ ହଟାଇବାକୁ ଦାମୋଦର ରାଉତ ଜନସାଧାରଣଙ୍କୁ ଭାଷଣରେ ପ୍ରବର୍ତ୍ତାଇଥିଲେ । ଏହି ସମାବେଶରେ ନର୍ଲା ନିର୍ବାଚନ ମଣ୍ଡଳୀର ବିଜେଡିର ଯୁବ ନେତା ଜିତୁ ମିଶ୍ର ଓ ତାଙ୍କ ସହଯୋଗୀ ଏବଂ ସରିଆଁ ବହୁ ବିଜେଡି କର୍ମୀ ଭାଜପାରେ ମିଶିଥିଲେ। ସମାବେଶରେ ଜିଲା ସଭାପତି ପ୍ରଦୀପ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସାଧାରଣ ସମ୍ପାଦକ ଯୁଗଲ ପୋଡ, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅନିରୁଦ୍ଧ ପଧାନ, ଜିଲା ସାଧାରଣ ସମ୍ପାଦକ ବସନ୍ତ ପୁରୋହିତ, କେଦାର ରଣା ଏବଂ ସମସ୍ତ ଭାଜପା କର୍ମୀ ଉପସ୍ଥିତ ଥିଲେ । ସମାବେଶରେ ଶତାଧିକ ମହିଳାପୁରୁଷ ଯୋଗଦାନ କରିଥିଲେ।



ରୁପ୍ରାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଆଚରଣବିଧି, ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ନଜର ରଖାଯାଇଛି: ଅତିରିକ୍ତ ଜିଲାପାଳ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

- ୫ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୪୦୫ ମତଦାନ କେନ୍ଦ୍ର
- ୧୭୪ ସମ୍ବେଦନଶୀଳ, ଅତି ସମ୍ବେଦନଶୀଳ ବୁଥ

କଳାହାଣ୍ଡି ଜିଲା ଭବାନୀପାଟଣା ଉପଖଣ୍ଡ ଅଧୀନରେ ଥିବା ୩ଟି ଓ ଧର୍ମଗଡ ଉପଖଣ୍ଡରେ ଥିବା ୨ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ନିର୍ବାଚନ ଆଚରଣ ବିଧି କଡାକଡି ଭାବେ ପାଳନ କରାଯିବ ବୋଲି କଳାହାଣ୍ଡି ଅତିରିକ୍ତ ଜିଲାପାଳ ତଥା ଜିଲା ସହକାରୀ ନିର୍ବାଚନ ଅଧିକାରୀ ଶରତଚନ୍ଦ୍ର ଶ୍ରୀଚନ୍ଦନ ପ୍ରକାଶ କରିଛନ୍ତି। ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡ ଅଧୀନରେ ଥିବା କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଥିବାବେଳେ ନୂଆପଡା ଜିଲାର କଳାହାଣ୍ଡି ଲୋକସଭା ନିର୍ବାଚନମଣ୍ଡଳୀର ନୂଆପଡା ଓ ଖରିଆର ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ମୋଟ୍ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୪୦୫ ମତଦାନ କେନ୍ଦ୍ର ରହିଛି। ସେଥିରୁ ୧୭୪ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବା ଯୋଗୁ ତାହା ସମ୍ବେଦନଶୀଳ ଓ ଅତିସମ୍ବେଦନଶୀଳ ବୁଥ ଭାବେ ଗ୍ରହଣ କରାଯାଇଛି। ପ୍ରତି ବୁଥରେ ଦୁଇଟି ଲେଖାଏଁ ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ରହିବ ଏବଂ ଗୋଟିଏ ସେଟ୍ ରିଜର୍ଭରେ ରହିବ। ପ୍ରତି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୁଲିଙ୍ଗ ଅଫିସର ଏବଂ ଜଣେ ପୋଲିସକୁ ମିଶାଇ ମୋଟ ୭ ଜଣ ଅଧିକାରୀ ରହିବେ। ଏପ୍ରିଲ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବାକୁ ଥିବାରୁ ୯ ତାରିଖରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ରିପୋର୍ଟ କରିବେ। କଳାହାଣ୍ଡି ସରକାରୀ ଇଞ୍ଜିନିୟରିଙ୍ଗ କଲେଜରେ ପୂର୍ବରୁ ଆସି ଇଭିଏମ୍ ଏବଂ ଭିଭିପାଟ୍ ଗଚ୍ଛିତ ରହିବ। ଭିନ୍ନକ୍ଷମଙ୍କୁ ଘରୁ ବୁଥକୁ ଆଣିବା ପାଇଁ ଟାଟା ମ୍ୟାଜିକ୍ ଗାଡିର ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି। ଆଦର୍ଶ ଆଚରଣ ବିଧି ପାଳନ ପାଇଁ ଜିଲାସ୍ତର ଏବଂ ଉପଖଣ୍ଡସ୍ତରରେ ବିଭିନ୍ନ ସେଲ ଗଠନ କରାଯାଇଛି। ୧୦ ତାରିଖରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଚରଣବିଧି ଲାଗୁ ହୋଇଛି ଏବଂ ସେହି ଦିନଠାରୁ ସାଧାରଣ ସ୍ଥାନରେ ଥିବା ବିଭିନ୍ନ ହୋର୍ଡିଂ ଏବଂ ପୋଷ୍ଟର ହଟାଯିବା କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି ଅତିରିକ୍ତ ଜିଲାପାଳ ଶ୍ରୀଚନ୍ଦନ କହିଛନ୍ତି। ପ୍ରଥମ ଥର ପାଇଁ ନିର୍ବାଚନ କମିଶନ ସିଟିଜନ ଭିଜିଲାନ୍ସ ଆପ୍ଲିକେସନ ଆରମ୍ଭ କରିଛନ୍ତି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେଉଥିବା ଦେଖିଲେ ଯେକୌଣସି ସାଧାରଣ ନାଗରିକ ମଧ୍ୟ ଏହି ଆପ୍ଲିକେସନ ମାଧ୍ୟମରେ ଅଭିଯୋଗ କରିପାରିବେ। ସମ୍ପୃକ୍ତ ଅଭିଯୋଗ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ସମୟସୀମା କମିଶନର ଧାର୍ଯ୍ୟ କରିଛନ୍ତି । ଆଚରଣବିଧି ପାଳନ ସର୍ବେକ୍ଷଣ ପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଥିବା ଉପଜିଲାପାଳ ମିଢ଼ା ଟପୋ କହିଛନ୍ତି। ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାର୍ଡ ମାଧ୍ୟମରେ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଚରଣବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏଥିରେ ଜଣେ ମାଜିଷ୍ଟ୍ରେଟ, ଜଣେ ପୋଲିସ ଏବଂ ଅନ୍ୟ ଜଣେ ପ୍ରଶାସନିକ ଅଧିକାରୀ ରହିଛନ୍ତି। ପ୍ରାର୍ଥିମାନଙ୍କ ଖର୍ଚ୍ଚ ଉପରେ ନଜର ରଖିବା ପାଇଁ ଆସିଷ୍ଟାଣ୍ଟ ଏକ୍ସପେଣ୍ଡିଚର ଅବଜର୍ଭର ନିଯୁକ୍ତି ହୋଇଛନ୍ତି। ତାଙ୍କ ପାଖରେ ଏକ ଆକାଉଣ୍ଟିଙ୍ଗ ଟିମ୍ ମଧ୍ୟ ରହିଛନ୍ତି। ପ୍ରାର୍ଥିପତ୍ର ଦାଖଲ ଦିନଠାରୁ ନିର୍ବାଚନ ପର୍ଯ୍ୟନ୍ତ ପ୍ରତି ଦିନ ଏମାନେ ଖର୍ଚ୍ଚ ତଦାରଖ କରିବେ ଏବଂ ପ୍ରତିଦିନ ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଅନ୍ୟପକ୍ଷେ ଭାରତୀୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାଇ କଳାହାଣ୍ଡି ଜିଲା ଲୋକସଭା ଓ ସମସ୍ତ ବିଧାନସଭା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରର୍ଥୀମାନଙ୍କ ଖର୍ଚ୍ଚ ତଦାରଖ କରିବା ପାଇଁ ବରିଷ୍ଠ ଅଧିକାରୀ ବି.କେ. ସିଂହଙ୍କ ନେତୃତ୍ୱରେ ଏସ୍.ପି. ସିଂହ ଓ ଶୈଳେଷ ଜାମ୍ଦାଦକର ସୋମବାର କଳାହାଣ୍ଡି ଆସିଥିବା ପ୍ରକାଶ କରିଥିଲେ। ସେହିପରି ଯେଉଁ ପ୍ରାର୍ଥୀ ଓ ଦଳମାନେ ନିର୍ବାଚନ ଆଚରଣ ବିଦ୍ଧି ଉଲ୍ଲଂଘନ କରୁଛନ୍ତି ସେ ସମ୍ପର୍କରେ ଜିଲା ପ୍ରଶାସନ ତରଫରୁ ମାଗଣା ଟୋଲ ଫ୍ରି ଫୋନ ନଂ.୧୯୫୦ରେ ନିଜର ତଥ୍ୟ ସମ୍ବଳିତ ଅଭିଯୋଗ କରିପାରିବେ ଓ ଏହି ଅଭିଯୋଗ ପାଇବା କ୍ଷଣି ତୁରନ୍ତ ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ତଥା ଜିଲା ସହକାରୀ ନିର୍ବାଚନ ଅଧିକାରୀ ଶ୍ରୀଚନ୍ଦନ ପ୍ରକାଶ କରିଥିଲେ।





ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ
- ରବର୍ଟ ବର୍ଟନ



## ସଂକ୍ଷେପରେ

### ଖର୍ସେଲବାଞ୍ଜିରେ ସୁନ୍ଦରାକାଣ୍ଡ ପାରାୟଣ

**ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ରାମଚରିତ ମାନସ ମଣ୍ଡଳି ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମ ଦାଶ ବ୍ୟାସ ରହିଥିଲେ। ସିକୁନ ମାଝି, ଟିକେନନ୍ଦ ମାଝି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ବେହେରା ପ୍ରବଚନ ଦେଇଥିଲେ। ହୃଷୀକେଶ ନାଏକ, ତୃତୀୟା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଦର୍ଶ ଯୁବକ ସଂଘ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି: ଟିକ୍ରାପଡ଼ା ଅନ୍ଧାରରେ

**ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ମଙ୍ଗଳବାର ସକାଳୁ କରେଣ୍ଟ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ଜଣାପଡିଛି। ଏନେଇ ସ୍ଥାନୀୟ କର୍ମଚାରୀମାନେ ଘଟଣା ସଂକ୍ରାନ୍ତରେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବା ଦିଗରେ ଉର୍ଦ୍ଧ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ମଦ, ବାଇକ୍ ଜବତ: ୪ ଗିରଫ

**ରାଜଗାଙ୍ଗପୁର, ୧୯।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ଓ ବଡ଼ଗାଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ବେଆଇନ ଦେଶୀମଦ ବିକ୍ରି କରୁଥିବା ସ୍ଥାନରେ ଚଢ଼ାଉ କରି ୯୦ ଲିଟର ଦେଶୀ ମଦ ଜବତ କରିବା ସାଙ୍ଗକୁ ଏକ ବାଇକ ଜବତ କରାଯାଇଛି। ଏଥିରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲଙ୍କଠାରୁ ଜାଣିବାକୁ ମିଳିଛି ଯେ, ରାଜଗାଙ୍ଗପୁର ଓ ବଡଗାଁ ଅବକାରୀ ବିଭାଗ ମିଳିତ ଭାବେ ରାଜଗାଙ୍ଗପୁର ବ୍ଲକର ଝଗରପୁରଠାରେ ଚଢ଼ାଉ କରି ସିମନ ଏକ୍କାଙ୍କୁ ଗିରଫ କରିବା ସାଙ୍ଗକୁ ତାଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି କାର୍ଯ୍ୟରେ ବ୍ୟବହାର କରାଯାଇଥିବା ଏକ ବାଇକ ନଂ. ଓଆର ୧୬ ସି-୯୧୨୬କୁ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି ବଡଗାଁ ବ୍ଲକର ସାହାଜବାହାଲ ଗ୍ରାମରେ ଚଢ଼ାଉ କରି ଜୈସ୍ବା ସାହୁଙ୍କଠାରୁ ୨୦ ଲିଟର, ସଞ୍ଜୟ ନାୟକଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଓ ଗୌତମ ଗରତିଆଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁନ୍ଦରଗଡ ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡା ଓ ସତ୍ୟଜିତ ଖଟୁଆଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲ, ରବୀନ୍ଦ୍ର ପ୍ରଧାନ ଓ ବଡଗାଁ ଅଧିକାରୀ ହୀରା ଦଳପତି ଓ ରବୀନ୍ଦ୍ର ପ୍ରଧାନଙ୍କ ସମେତ କନଷ୍ଟେବଲ ରାଜେଶ ପଟେଲ, ଚନ୍ଦ୍ରଶେଖର ଖଣ୍ଡା, ଶ୍ରୀନିବାସ ବିଶୋଇ, ସଞ୍ଜୟ କୁମାର ଅମାତ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ସୁଶାନ୍ତ ପଟେଲ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ, ଗାୟତ୍ରୀ ସା, ଜୈତି କେରକେଟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଆୟୁବଙ୍କୁ ଟିକେଟ ନ ମିଳିବା ପରେ

# କଣ୍ଟାବାଞ୍ଜି ବିଜେଡିରେ ବିଦ୍ରୋହ ଆଶଙ୍କା

**କଣ୍ଟାବାଞ୍ଜି,୧୯।୩(ଡି.ଏନ.ଏ.)**

କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ୍‌ଙ୍କୁ ଚଳିତ ନିର୍ବାଚନ ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଟିକେଟ ମିଳିନାହିଁ। ତାଙ୍କ ସ୍ଥାନରେ ଆମ୍ ଆଦ୍‌ମୀ ପାର୍ଟିରୁ ବିଜେଡି ଦଳକୁ ଡିଆଁ ମାରିଥିବା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଧାନସଭା ଆସନରୁ ଟିକଟ ଦିଆଯାଇଛି। ଏନେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ଆୟୁବ୍ ଖାନ୍‌ଙ୍କ ସମର୍ଥକ ମହଲରେ ନିରାଶା ଭାବ ଦେଖାଦେଇଛି।

ଟିକଟ ଆଶାୟୀ ଖାନ୍ ଭୁବନେଶ୍ୱରରୁ ଖାଲି ହାତରେ ଫେରିବା ପରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ମାରାଥନ୍ ବୈଠକ କରିଥିଲେ। ଏଥିରେ ବିଧାୟକ ଆୟୁବ୍ ଖାନ୍‌ଙ୍କ ସହ ତୁରେକେଲା ବ୍ଲକ୍ ବିଜେଡି ସଭାପତି ଆସାତୁଲ୍ଲା ଖାନ୍, ମୁରିବାହାଲ ବ୍ଲକ୍ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ମୁରିବାହାଲ ଯୁବ ବିଜେଡି ସଭାପତି ହରିବନ୍ଧୁ ମେହେର, ତୁରେକେଲା ଯୁବ ବିଜେଡି ସଭାପତି ସୁଦାମ ବେହେରା, ବିଜେଡି ନେତା ବିଷ୍ଣୁ ଜୁଏଲ୍, ଚୈତନ୍ୟ ହଂସ, ବିଭିନ ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଖାନ୍‌ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକଟ ଦିଆଯାଇ ନ ଥିବାରୁ ଏହାକୁ ନିନ୍ଦା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟ ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଥିବା ସତ୍ତ୍ୱେ ତାଙ୍କୁ ବିଜେଡି ବିଧାୟକ ଟିକେଟ ଦିଆଯାଇ ନ ଥିବାରୁ ଏହାକୁ ବହୁ ସମର୍ଥକ ବିରୋଧ କରିଥିଲେ। ଆବଶ୍ୟକ ପଡିଲେ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ କରି ଆୟୁବ୍ ଖାନ୍‌ଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏହା ନ ହେଲେ ଖାନ୍ ଏଥର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ମତ ଜଣାଇଥିଲେ। ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଅଜୟ ଦାସଙ୍କ ବିରୋଧରେ ବୈଠକରେ ସ୍ଲୋଗାନ ଦିଆଯାଇଥିଲା। ବିଜେଡି ଏମ୍‌ପି ସିଂଦେଓଙ୍କ ଯୋଗୁ ଆୟୁବ୍‌ଙ୍କ ଟିକଟ କଟିଥିବା ଅଭିଯୋଗ କରାଯାଇ ତାଙ୍କୁ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଏଭଳି ପ୍ରତିକ୍ରିୟା ଶୁଣିବା ପରେ ବିଧାୟକ ଆୟୁବ୍ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ଦେବାକୁ ଦାବି କରିବେ ବୋଲି କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀର ଆସନରେ ହରେକୃଷ୍ଣ ଷଡଙ୍ଗୀଙ୍କ ନାମ ଘୋଷଣା ପରେ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଅନଙ୍ଗ ଉଦୟ ସିଂଦେଓ ପ୍ରାର୍ଥୀ ହୋଇଥିବା ଉଦାହରଣ ଦେଇ କଣ୍ଟାବାଞ୍ଜିରେ ମଧ୍ୟ ପ୍ରାର୍ଥୀ ନାମ ପରିବର୍ତ୍ତନ କରିବାକୁ ଦାବି ଜଣାଇବେ ବୋଲି କହିଥିଲେ। ଏହା ନ ହେଲେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯାହା ନିଷ୍ପତ୍ତି ନେବେ ସେ ଗ୍ରହଣ କରିବେ ବୋଲି ବିଧାୟକ ଖାନ୍ ଜଣାଇଛନ୍ତି । ବୈଠକ ପରେ ଖବରାଦାତା ସମ୍ମିଳନୀ କରି ଉପରୋକ୍ତ ବିଷୟରେ ବିଧାୟକ ଖାନ୍ ସୂଚନା ଦେଇଥିଲେ। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ବଦଳ ପରେ ଦଳୀୟ ବିଦ୍ରୋହ ଆଶଙ୍କା ଦେଖାଦେଇଛି।

**କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ**
- ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ବୈଠକ
- ସାମୂହିକ ଇସ୍ତଫା ଧମକ
- ସ୍ୱାଧୀନ ପ୍ରାର୍ଥୀ ହେବାକୁ ପରାମର୍ଶ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଷ୍ପତ୍ତି ନେବେ ଆୟୁବ୍

### ଛାତ୍ରୀଛାତ୍ରଙ୍କୁ ନିଆଁଲିଭା କୌଶଳ ତାଲିମ

**ବଡ଼ଗାଁ,୧୯।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର କୁତ୍ରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବା କୌଶଳ ତାଲିମ ଦେଇଛନ୍ତି। ସ୍ଥାନୀୟ ହିଟରର କ୍ଲବ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ପୁର୍କାପାଲି ହାଇସ୍କୁଲ, ୟୁପି ସ୍କୁଲ ଓ ଲତାଲଗା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁତ୍ରା ଦମକଳ କେନ୍ଦ୍ରର ଅଧିକାରୀ ବାହାଦୁର କୁମାର ସେନାପତି ଓ କର୍ମଚାରୀ ଫାୟାର ଟ୍ରାଙ୍ଗେଲ,ଫାୟାର ସେଫ୍ଟି, ଗ୍ରାଉଣ୍ଡ ରେସକ୍ୟୁ, ରୋଷେଇ ଗ୍ୟାସ ଆଦିରୁ ନିଆଁ ଲାଗିଲେ କିପରି ଲିଭାଇବେ ଓ ଏହା ଉପରେ ସତର୍କତା ସମ୍ବନ୍ଧରେ ପିଲାଙ୍କୁ ବୁଝାଇଥିଲେ। ହାଇସ୍କୁଲର ଶିକ୍ଷକ ତ୍ରିଲୋଚନ ନାଏକ, ଦେବାନନ୍ଦ ରଣା, ମହେନ୍ଦ୍ର କରସେଲ, କ୍ଲବର ସଭାପତି ସୁମନ୍ତ କୁମାର ସା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।

ବଲାଙ୍ଗୀରରୁ କଂଗ୍ରେସ ପ୍ରାର୍ଥୀ ନରସିଂହ

# ବିଜେଡି, ଭାଜପାର ଗଣିତ ଛିଣ୍ଡୁନି

**ବଲାଙ୍ଗୀର ଅଫିସ, ୧୯।୩**

**ଟିକେଟ ଘୋଷଣା ବିଳମ୍ବ: ଚାପରେ ପ୍ରାର୍ଥୀ, କର୍ମୀ**

ବଲାଙ୍ଗୀର ବିଧାନସଭା ଆସନ ପାଇଁ ପୁରୁଖା ନେତା, ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପୁଣି ଦଳୀୟ ଟିକେଟ ଦେଇଛି । ଏନେଇ ସୋମବାର ବିଳମ୍ବିତ ରାତ୍ରିରେ ବିଧିବଦ୍ଧ ଘୋଷଣା ହେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ, ନେତା ଓ ସମର୍ଥକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନ୍ୟପଟେ ପ୍ରତିପକ୍ଷ ବିଜେଡି ଓ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଗଣିତ ଛିଣ୍ଡୁ ନ ଥିବା ଜଣାପଡିଛି । ବିଜେଡି ପକ୍ଷରୁ ୫୪ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଥିଲେ ମଧ୍ୟ ବଲାଙ୍ଗୀର ଜିଲାର ବଲାଙ୍ଗୀର ସଦର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କଂଗ୍ରେସ ମିଶ୍ରଙ୍କ ନାମ ଘୋଷଣା କରି ପ୍ରତିପକ୍ଷ ବିଜେଡି ଓ ଭାଜପା ଉପରେ ଚାପ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଶୁଣିବାକୁ ମିଳୁଛି।

ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ଆସନ ଯଥା ପାଟଣାଗଡ଼, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଆସନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବିଜେଡି ଶିବିରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ପୁଅ ଅର୍କେଶ ନାରାୟଣ ସିଂଦେଓ, ସମାଜିକ କର୍ମୀ ଲଳିତ କୁମାର ନାୟକ, ହରେକୃଷ୍ଣ ଷଡଙ୍ଗୀ, ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ନବୀନ ନିବାସରେ ତନାଘନା ଉଦ୍ୟମ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନଙ୍ଗଙ୍କ ବଡପୁଅ ତଥା ଲୋକସଭା ଏମପି କଳିକେଶ ନାରାୟଣ ସିଂଦେଓଙ୍କୁ ଚଳିତ ନିର୍ବାଚନ ପାଇଁ ଦଳ ପୁଣି ଥରେ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି। ଏଭଳି କ୍ଷେତ୍ରରେ ଗୋଟିଏ ପରିବାରରୁ ଅନଙ୍ଗଙ୍କ ସାନପୁଅ ଅର୍କେଶଙ୍କୁ ଆଉ ଗୋଟିଏ ଦଳୀୟ ଟିକେଟ ମିଳିବ କି ନାହିଁ ସେନେଇ ବିଜେଡି କର୍ମୀ ଓ ସମର୍ଥକ ମହଲରେ ବି ଆଶଙ୍କା ଦେଖାଦେଇଛି । ଅର୍କେଶଙ୍କ କିଛି ସମର୍ଥକ ଦଳୀୟ ଟିକେଟ ନିଶ୍ଚୟ ପାଇବେ ବୋଲି ଦୃଢ଼ ଆଶାବାଦୀ ଥିଲେ ମଧ୍ୟ ଟିକେଟ ଘୋଷଣାକୁ ନେଇ ବିଳମ୍ବ ହେଉଥିବାରୁ ଚାପର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଜେଡି ଆଶାୟୀ ତାଲିକାରେ ଥିବା ଲଳିତ, ଷଡଙ୍ଗୀ, ଶ୍ରୀମୟୀ ଟିକେଟ ହାତେଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିବା କୁହାଯାଉଛି।

ଭାଜପାରେ ଡା. ବାସୁଦେବ ପତି, ଗୋପାଲଜୀ ପାଣିଗ୍ରାହୀ, ଅନନ୍ତ ଦାଶ ଟିକେଟ ଦୌଡରେ ରହିଥିଲେ ମଧ୍ୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ସମର୍ଥକଙ୍କ ମହଲରେ ମଧ୍ୟ ଶଙ୍କା ବଢ଼ିବାରେ ଲାଗିଛି। ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ନିଧନ ପରେ ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବା କୁହାଯାଉଛି । ତେବେ କଂଗ୍ରେସ ପ୍ରଥମରୁ ନରସିଂହ ମିଶ୍ରଙ୍କ ନାମ ଘୋଷଣା କରିଥିବାରୁ ହେଭିୱେଟ୍ ନେତାଙ୍କୁ ଟକ୍କର ଦେବାପାଇଁ ପ୍ରତିପକ୍ଷ ଭାଜପା ଓ ବିଜେଡି କେଉଁ ଆଶାୟୀଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେବ ତାହା ଚର୍ଚ୍ଚାର ବିଷୟ ହୋଇଛି।

### ସବୁ ହିତାଧିକାରୀଙ୍କୁ ମିଳି ପାରିନି ଏଲ୍‌ଇଡି ବଲବ୍

**ଗୁଡ଼ଭେଲା,୧୯।୩(ଡି.ଏନ.ଏ.)**

ରାଜ୍ୟ ସରକାର ସମସ୍ତ ରାଶନ କାର୍ଡଧାରୀଙ୍କୁ କାର୍ଡ ପ୍ରତି ଚାରୋଟି ଏଲଇଡି ବଲବ ଯୋଗାଇ ଦେବାର ବ୍ୟବସ୍ଥା ଆରମ୍ଭ କରିଥିଲେ। ହେଲେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକରେ ଏ ଯାଏ ସମସ୍ତ ହିତାଧିକାରୀଙ୍କୁ ଏଲ୍‌ଇଡିବଲବ ମିଳିପାରିନାହିଁ। ବ୍ଲକରେ ୧୨ହଜାରରୁ ଅଧିକ ଖାଉଟି କାର୍ଡଧାରୀ ଥିବା ବେଳେ ପିଠା କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତରେ ତିନି ଶହ ହିତାଧିକାରୀଙ୍କୁ ବଲବ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲା। ହେଲେ ଅନେକ ପଞ୍ଚାୟତରେ ଅବଧି ପର୍ଯ୍ୟନ୍ତ ଶହେ ହିତାଧିକାରୀଙ୍କୁ ବଲବ ଯୋଗାଇ ଦିଆଯାଇପାରି ନଥିବା ଅଭିଯୋଗ ହେଉଛି। ପଞ୍ଚାୟତ ଅଫିସରେ ରହି ଯାଇଥିବା ବଲବଗୁଡିକୁ ଏବେ କାର୍ଟୁନରେ ଭର୍ତ୍ତି କରି ରଖାଯାଇଛି। ନିର୍ବାଚନ ସରିବା ପରେ ପୁଣି ବଣ୍ଟା ଯିବ ବୋଲି ଜିପିଓ ହିମାଂଶୁ ଶେଖର ମିଶ୍ର କହିଛନ୍ତି । ଏ ନେଇ ବିଡିଓ ରାମବିଳାସ ମଙ୍ଗରାଜ କହିଛନ୍ତି ଯେ, ଏଲ୍‌ଇଡି ବଲବ ବଣ୍ଟନ ଏବେ ବନ୍ଦ କରି ଦିଆଯାଇଛି । ନିର୍ବାଚନ ସରିଲେ ପୁଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ନାତିଙ୍କ ମୁଣ୍ଡରେ ଆଈର ଚିକିତ୍ସା ଚିନ୍ତା

**ଖପ୍ରାଖୋଲ,୧୯।୩(ଡି.ଏନ୍.ଏ.)**

**ଦୁଇ ଦିନ ହେଲା କୋମାରେ ଆଈ**



ଚିକିତ୍ସିତ ଆଈଙ୍କ ପାଖରେ ନାତି କୋମଳ।

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ଗାଁର ଅସହାୟ ବୃଦ୍ଧା କ୍ଷୀରବତୀ କପାଟ(୭୦)। ଦୀର୍ଘ ଦିନ ହେଲା ସେ ସ୍ୱାମୀଙ୍କୁ ହରାଇଥିବା ବେଳେ ତାଙ୍କ ପୁଅ, ବୋହୂ ମଧ୍ୟ ଆରପାରିକି ଚାଲିଯାଇଛନ୍ତି। ଘରେ ଦିବ୍ୟାଙ୍ଗ ଝିଅ(୨୩)ଙ୍କ ସହ ୨ ନାତି କମଳ(୧୨), ସୁବଳ(୬), ନାତୁଣୀ ଝରଣା(୮) ରହୁଛନ୍ତି। ଅନ୍ୟ ଦୁଇ ନାତୁଣୀ ଦାଦନ ଖଟିବାକୁ ଯାଇଛନ୍ତି। ସୋମବାର କ୍ଷୀରବତୀ ଜ୍ୱରରେ ଆକ୍ରାନ୍ତ ହୋଇ ତଳେ ପଡିଯାଇଥିଲେ। ପାଖପଡିଶା ଏହା ଜାଣି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ୧୦୮ ଆମ୍ବୁଲାନ୍ସ ପହଞ୍ଚି କ୍ଷୀରବତୀଙ୍କୁ ଖପ୍ରାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲ। ଡାକ୍ତର ତାଙ୍କ ଚିକିତ୍ସା କରିଥିଲେ। ହେଲେ ଉଚ୍ଚ ରକ୍ତଚାପ ଯୋଗୁ କ୍ଷୀରବତୀ କୋମାକୁ ଚାଲିଯାଇଥିବା ଜଣାପଡିଛି। ମଙ୍ଗଳବାର ସକାଳେ ଖପ୍ରାଖୋଲ ବିଡିଓ ତରଣି ସୁନା, ମେଡିକାଲ ଅଫିସର ଡା. ଦିଲୀପ ମେହେର, ଫାର୍ମାସିଷ୍ଟ ବିନୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୧୦୮ ଆମ୍ବୁଲାନ୍ସ ଯୋଗେ ଅସହାୟ କ୍ଷୀରବତୀଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହେଲେ ରୋଗିଣା ଆଈଙ୍କ ସାଙ୍ଗରେ ନାବାଳକ ନାତି କମଳ ରହିଥିବା ବେଳେ ତାଙ୍କ ମୁଣ୍ଡରେ ବର୍ତ୍ତମାନ ଆଈର ଚିକିତ୍ସା ଚିନ୍ତା। ଏ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବୃଦ୍ଧାଙ୍କ ଚିକିତ୍ସା ପାଇଁ ଯାହା ଖର୍ଚ୍ଚ ହେବ ପଞ୍ଚାୟତ ଏବଂ ବ୍ଲକ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏପରି କି ବୃଦ୍ଧାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରହିଥିବା କହିଛନ୍ତି।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ମହିଳାଙ୍କ ତ୍ରୁଟିପୂର୍ଣ୍ଣ ପରିବାର ନିୟୋଜନ ଅସ୍ତ୍ରୋପଚାର

**ଲୋଇସିଂହା,୧୯।୩(ଡି.ଏନ.ଏ)**



ମାଗୁରବେଡ଼ାର ପ୍ରମିଳା ପଟେଲ।

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକର ମାଗୁରବେଡ଼ା ଗ୍ରାମର ଜଣେ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର ତ୍ରୁଟିପୂର୍ଣ୍ଣ ହୋଇଥିବା ଜଣାପଡିଛି। ଅସ୍ତ୍ରୋପଚାର କରୁଥିବା ଡାକ୍ତର ଏହା ଜାଣି ଅଧାରୁ ଅସ୍ତ୍ରୋପଚାର ବନ୍ଦ କରି ମହିଳାଙ୍କ ସ୍ୱତନ୍ତ୍ର ଚିକିତ୍ସା କରୁଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏହି ଘଟଣା ମଙ୍ଗଳବାର ପ୍ରଘଟ ହୋଇଛି।

ମିଳିଥିବା ସୂଚନା ମୁତାବକ, ସୋମବାର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ୟାମ୍ପ ରହିଥିଲା। କ୍ୟାମ୍ପକୁ ୨ଜଣ ମହିଳା ଅସ୍ତ୍ରୋପଚାର ହେବାକୁ ଆସିଥିଲେ। ପ୍ରଥମେ ବ୍ଲକର ମାଗୁରବେଡା ଗ୍ରାମର ଦଶରଥ ପୁଟେଲଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ଅସ୍ତ୍ରୋପଚାର ପାଇଁ ନିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସ୍ମିତା ଶତପଥୀ ଅସ୍ତ୍ରୋପଚାର କରିଥିଲେ। ହେଲେ ସେ ଭୁଲ କ୍ରମେ ମହିଳାଙ୍କ ଖାଦ୍ୟ ନଳି କାଟିଦେଇଥିବା ଜଣାପଡିଛି। ଏହା ଜାଣି ସେ ଅଧାରୁ ଅସ୍ତ୍ରୋପଚାର ବନ୍ଦ କରି ଦେଇଥିଲେ। ପରେ ସେ ମହିଳା ଓ ତାଙ୍କ ପରିବାର ଲୋକଙ୍କୁ ଫାଇବ୍ରେଡ ଥିବାରୁ ଅସ୍ତ୍ରୋପଚାର ହୋଇ ପାରିବ ନାହିଁ ବୋଲି କହିଥିଲେ। ହେଲେ ଡାକ୍ତର ଅଧିକ ଚିକିତ୍ସା ପାଇଁ ମହିଳାଙ୍କ ସ୍ୱାମୀ ଓ ପରିବାରବର୍ଗଙ୍କୁ ବୁର୍ଲା ନେବାକୁ କହିଥିଲେ। ଏଠି ସବୁ ଠିକ୍ ହୋଇ ଯିବ କହି ପ୍ରମିଳାଙ୍କୁ ସ୍ୱତନ୍ତ୍ର ଭାବେ ଚିକିତ୍ସା କରାଯାଉଥିବା ମହିଳାଙ୍କ ସ୍ୱାମୀ ଦଶରଥ ଓ ତାଙ୍କ ସମ୍ପର୍କୀୟ ଜଣେ ମହିଳା ପ୍ରକାଶ କରିଛନ୍ତି। ଏପରି କି ପ୍ରମିଳାଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପରେ ଡାକ୍ତରାଣୀ ଜଣକ ମଙ୍ଗଳବାର ମୁଣ୍ଡ ଠିକ ନ ଥିବା କହି ଅନ୍ୟ ଜଣେ ମହିଳାଙ୍କୁ ଅସ୍ତ୍ରୋପଚାର ନ କରି ଫେରାଇ ଦିଆଯାଇଥିବା ଜଣାପଡିଛି। ବର୍ତ୍ତମାନ କୌଣସି ସମସ୍ୟା ହେଉ ନ ଥିବା ପ୍ରମିଳା ପ୍ରକାଶ କରିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି। ଏ ନେଇ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା.ସ୍ମିତା ଶତପଥୀଙ୍କୁ ପଚାରିବାରୁ, ମହିଳାଙ୍କୁ ଫାଇବ୍ରେଡ ଥିବାରୁ ଅସ୍ତ୍ରୋପଚାର ଅଧାରୁ ବନ୍ଦ କରାଯାଇଥିଲା। ବର୍ତ୍ତମାନ ମହିଳାଙ୍କ ସ୍ୱତନ୍ତ୍ର ଚିକିତ୍ସା ଚାଲିଛି। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା କହିଥିଲେ।

ଜନପ୍ରତିନିଧି, ଜିଲାପ୍ରଶାସନର ଅଣଦେଖା

# ବୁର୍ଡା-ନଅଗାଁ(ଖ) ରାସ୍ତା ଶୋଚନୀୟ

**ଲୋଇସିଂହା,୧୯।୩(ଡି.ଏନ.ଏ)**

ନିର୍ବାଚନ ପରେ ନିର୍ବାଚନ ବିତିଯାଉଛି । ଅଥଚ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମରୁ ନଅଗାଁ(ଖ) ପର୍ଯ୍ୟନ୍ତ ୩ କି.ମି. ରାସ୍ତା ଅବସ୍ଥା ବଦଳି ପାରୁନାହିଁ। ଅଞ୍ଚଳବାସୀଙ୍କ ଦାବି ସତ୍ତ୍ୱେ ଜନପ୍ରତିନିଧି ଓ ପ୍ରଶାସନ ଉକ୍ତ ରାସ୍ତା ପ୍ରତି ଆଖିବୁଜି ଦେଇଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ଯାତ୍ରୀମାନେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋଇସିଂହା ବ୍ଲକ ବୁର୍ଡା ୨୬ ନଂ ଜାତୀୟ ରାଜପଥରୁ ଆଗଲପୁର ବ୍ଲକ ନଅଗାଁ(ଖ)କୁ ରାସ୍ତା ସଂଯୋଗ ରହିଛି । ଏହି ରାସ୍ତା ଦେଇ ଆଗଲପୁର ବ୍ଲକର ନଅଗାଁ(ଖ), ବଡ଼ଟିକା ଓ ଝରନୀପାଲି ପଞ୍ଚାୟତବାସୀ ଲୋଇସିଂହା, ବଲାଙ୍ଗୀର ଯାତାୟାତ କରିଥାନ୍ତି। ଗତ ବର୍ଷ ବୁର୍ଡା-ସିଆଲବାହାଲି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ହୋଇଥିବାରୁ ବୁର୍ଡା ଜାତୀୟ ରାଜପଥରୁ ମାତ୍ର ୧ଶହ ମିଟର ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କରେ କଂକ୍ରିଟ ହୋଇଛି । ବାକି ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ସେହିପରି ବାଟମଙ୍ଗଳା ରାସ୍ତା ଅବସ୍ଥା ନ କହିବା ଭଲ। ମରାମତି ଅଭାବାରୁ ରାସ୍ତାରେ ବଡବଡ ଖାଲ ସୃଷ୍ଟି ହୋଇଛି। ଲୋକେ ଯାତାୟାତ ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣ ଜନପ୍ରତିନିଧିଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ସମସ୍ୟା ସଂକ୍ରାନ୍ତରେ ଜଣାଇଛନ୍ତି। ଥିଲେ କୌଣସି ସମାଧାନ ହୋଇପାରୁ ନାହିଁ। ଏନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

# ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀସେବା

**ଲାଠୋର, ୧୯।୩ (ଡି.ଏନ.ଏ.)**




**ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**
- ଅବିଳମ୍ବେ ନିଯୁକ୍ତି ନ ଦେଲେ ଆନ୍ଦୋଳନ
- ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡିଛି। ବର୍ତ୍ତମାନ ଆୟୁଷ ଡାକ୍ତରଙ୍କ ଭରସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଥିବା ଦେଖାଯାଉଛି। ୧୯୭୫ ମସିହାରୁ ସ୍ଥାପିତ ଏହି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖପ୍ରାଖୋଲ ବ୍ଲକ ଅଞ୍ଚଳର ୩୦, ବେଲପଡା ବ୍ଲକର ୧୦, ତୁରେକେଲା ବ୍ଲକର ୧୫ଗାଁ ସହ ପଡୋଶୀ ନୂଆପଡା ଜିଲା କୋମନା ବ୍ଲକ ୧୦ଖଣ୍ଡ ଗ୍ରାମର ଅଧିବାସୀ ନିର୍ଭର କରନ୍ତି। ଏଠାରେ ଦୁଇ ଜଣ ଏମବିବିଏସ ଡାକ୍ତର ରହିବାକୁ ଥିବା ବେଳେ ମାତ୍ର ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ବିଭିନ୍ନ ସମୟରେ ରାସ୍ତାକୁ ଓହ୍ଲାଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏହା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ପୁନଶ୍ଚ ଯେଉଁ ଏମବିବିଏସ ଡାକ୍ତର ନିଯୁକ୍ତି ହୋଇଥିଲେ ତାଙ୍କର ଅନ୍ୟତ୍ର ପୋଷ୍ଟିଂ ହୋଇଯାଇଥିବାରୁ ସେ ଗତ ତା୧୦।୩।୧୯ରିଖଠାରୁ ଅନ୍ୟତ୍ର ଚାଲି ଯାଇଛନ୍ତି। ସେ ଗଲାପରେ ବିଭାଗ ପକ୍ଷରୁ କୌଣସି ଡାକ୍ତର ଏଠାରେ ନିଯୁକ୍ତି ଦିଆ ନ ଯାଇ ଜଣେ ଆୟୁଷ ଡାକ୍ତରଙ୍କ ଉପରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାର ଲଦି ଦିଆଯାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ଆନ୍ଦୋଳନର ଦାନା ବାନ୍ଧୁଛି। ଏ ନେଇ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସଞ୍ଜୁକ୍ତା ସାହୁଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ଯୋଗୁଁ ଡାକ୍ତରଙ୍କ ନିଯୁକ୍ତି ଉପରେ କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ। ନିର୍ବାଚନ ପରେ ଏହା ଉପରେ ବିଚାର କରାଯିବ। ତେବେ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଉଛି।

**ଏମାନେ ଯାହା କୁହନ୍ତି...**

“ଗତ ୧୦ ତାରିଖରୁ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନ୍ୟତ୍ର ଯାଇଥିଲେ ସୁଦ୍ଧା କୌଣସି ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। ରାଜ୍ୟର ଅନ୍ୟ କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ହୋଇଥିବା ବେଳେ ଏଠାରେ ଅଣଦେଖା କରାଯାଇଛି।
**- ସନ୍ତୋଷ କୁମାର ଭଇଁଷାଲ, ବୁଦ୍ଧିଜୀବୀ**

“ମୁଁ ଉଭୟ ଏସ୍‌ଡିଏମ୍‌ଓ ଏବଂ ସିଡିଏମଓଙ୍କ ସହ ଯୋଗାଯୋଗ କରିଛି। ନିର୍ବାଚନ ପରେ ଡାକ୍ତର ନିଯୁକ୍ତି ଦେବେ ବୋଲି କହୁଛନ୍ତି। ସେହି ସମୟ ମଧ୍ୟରେ ଏଠାରେ ସାମୟିକଭାବେ ଡାକ୍ତର ନିଯୁକ୍ତି ନ ଦେଲେ ସମସ୍ୟା ଉପୁଜିବ।
**- ପ୍ରବୀଣ କୁମାର ଅଗ୍ରୱାଲ, ସରପଞ୍ଚ**

“ଲାଠୋରରେ ଡାକ୍ତର ସମସ୍ୟା ବହୁ ଦିନ ପୂର୍ବରୁ ଲାଗି ରହିଛି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତୁରନ୍ତ ଏହାର ସମାଧାନ କରା ନ ଗଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦିଆଯିବ।
**-ଘାସିରାମ ଅଗ୍ରୱାଲ, ସାମାଜିକ କର୍ମୀ**

“ଡାକ୍ତର ସମସ୍ୟା ନେଇ ଅନେକ ଥର ଆନ୍ଦୋଳନ କରାଯାଇଛି। ହେଲେ ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବହେଳିତ ଅବସ୍ଥାରେ ରଖି ଦିଆଯାଇଛି। ଏହାର ଖୁବଶୀଘ୍ର ସମାଧାନ ନହେଲେ ଆଗାମୀ ଦିନରେ ନିଶ୍ଚିତ ରୂପେ ଆନ୍ଦୋଳନ କରାଯିବ।
**-ସୁଶୀଲ ଅଗ୍ରୱାଲ, ସାମାଜିକ କର୍ମୀ**



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### କେଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

**ରାଉରକେଲା ଅଫିସ,୧୯।୩**
କୋଶଳ ଜନତା ଦଳ (କେଜେଡି) ଏହାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ସୋମବାର ସନ୍ଧ୍ୟାରେ ଘୋଷଣା କରିଛି। ମୋଟ ୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୨ ମହିଳା ସ୍ଥାନ ପାଇଛନ୍ତି। ରାଉରକେଲା ବିଧାନସଭା ଆସନରୁ ଦଳ ମୁଖପାତ୍ର ସୁରମା ମିଶ୍ର, ଦେବଗଡ଼ରୁ ଅଞ୍ଜନା ପ୍ରଧନ, ରଘୁନାଥପାଲିରୁ ବିଶ୍ୱକର୍ମା ବାଗ ଓ ରାଜଗାଙ୍ଗପୁରରୁ ପବୁଆ ଏକ୍କାଙ୍କୁ ପ୍ରାର୍ଥୀ ଭାବେ ଚୟନ କରାଯାଇଥିବା ଏକ ବିବୃତିରେ କୁହାଯାଇଛି। ଦଳର ନୀତିଆଦର୍ଶକୁ ନେଇ ପ୍ରାର୍ଥୀମାନେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର କହିଛନ୍ତି। ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସ୍ୱତନ୍ତ୍ର କୋଶଳ ରାଏଜ ଗଠନ କରିବା ଦଳର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରୁ ନିର୍ବାଚନରେ ଅବତୀର୍ଣ୍ଣ ହେବାକୁ ଘୋଷଣା କରିଥିବାରୁ ତାଙ୍କ ବିରୋଧରେ ଜଣେ ଯୋଗ୍ୟ ପ୍ରାର୍ଥୀ ଦେବାକୁ କେଜେଡି ଘୋଷଣା କରିଛି।

### ଆଖଣ୍ଡଳମଣି ମନ୍ଦିର ହୁଣ୍ଡି ଚୋରି

**ରାଉରକେଲା ଅଫିସ,୧୯।୩**
ଉଦିତନଗର ଥାନା ଅନ୍ତର୍ଗତ ପାୱାର ହାଉସ ରୋଡ୍ ଅଞ୍ଚଳରେ ଥିବା ଆଖଣ୍ଡଳମଣି ମନ୍ଦିର ହୁଣ୍ଡିକୁ କେହି ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ ଚୋରାଇ ନେଇଛନ୍ତି। ସକାଳେ ଏ ନେଇ ଶ୍ରଦ୍ଧାଳୁ ଅବଗତ ହେବା ପରେ ପୋଲିସକୁ ଖବର ଦେଇଥିଲେ। କୁହାଯାଇଛି ଯେ ଗତ ମହାଶିବରାତ୍ରିଠାରୁ ଏହି ହୁଣ୍ଡି ଖୋଲାଯାଇ ନ ଥିଲା। ତେଣୁ ଏଥିରେ ଅଧିକ ଟଙ୍କା ଥିବା ଭାବି ଦୁର୍ବୃତ୍ତ ଏହାକୁ ଉଠାଇ ନେଇଥିବା ସନ୍ଦେହ କରାଯାଉଛି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

# ବିଜେଡିକୁ ଟକ୍କର ଦେବା ଭଳି ପ୍ରାର୍ଥୀ ଖୋଜା ଚାଲିଛି

**ରାଉରକେଲା ଅଫିସ,୧୯।୩**

ଶାସକ ବିଜେଡି ପ୍ରଥମେ ପ୍ରାର୍ଥୀ ଘୋଷଣା କରି ରାଜନୈତିକ ମାଇଲେଜ୍ ନେଇଛି। ରାଉରକେଲା ଓ ରଘୁନାଥପାଲିରୁ ଦୁଇ ଦୃଢ଼ ସଂଗଠକଙ୍କୁ ଦଳ ପ୍ରାର୍ଥୀ କରିଛି। ରାଉରକେଲା ବିଧାନସଭା ଆସନ ପାଇଁ ସାରଦା ନାୟକ ଓ ରଘୁନାଥପାଲି ପାଇଁ ସୁବ୍ରତ ତରାଇଙ୍କ ନାମ ଘୋଷଣା ସରିଛି। ଏପରି ଅବସ୍ଥାରେ ପ୍ରାର୍ଥୀ ଦେବା ନେଇ ଚିନ୍ତାରେ ପଡ଼ିଛନ୍ତି ବିରୋଧୀ କଂଗ୍ରେସ ଓ ଭାଜପା। ସାରଦା ଓ ସୁବ୍ରତଙ୍କୁ ଟକ୍କର ଦେବା ଭଳି ଉଭୟ ଜାତୀୟ ଦଳ ପ୍ରାର୍ଥୀ ଦେଇପାରନ୍ତି ବୋଲି ଆଲୋଚନା ହେଉଛି। ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଛି। ଶୁଣାଯାଉଛି ଯେ ରାଉରକେଲା କଂଗ୍ରେସ ପ୍ରାର୍ଥୀ ଭାବେ ଆବେଦନକାରୀଙ୍କ ସଂଖ୍ୟା ଆଶାତୀତ ରହିଛି। ଜିଲା କଂଗ୍ରେସ ସଭାପତି ରବି ରାୟ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପ୍ରମୋଦ ପ୍ରଧାନଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତି ଏଠାରୁ ପ୍ରାର୍ଥୀ ହେବାକୁ ଆବେଦନ କରିଛନ୍ତି। ଏହା ଉପରେ ଦଳ ଗମ୍ଭୀରତାର ସହ ବିଚାର କରୁଛି। ସେହିଭଳି ଭାଜପାର ମୁଖ୍ୟ ଟିକେଟ ଦାବିଦାର କୁହାଯାଉଥିବା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ଓ ରଘୁ ବଳଙ୍କ ଭଳି ନେତାଙ୍କ ନାମ ବିଚାରାଧୀନ ରହିଛି। କେଉଁ ନେତାଙ୍କ ପ୍ରାର୍ଥିତ୍ୱ ଉପରେ ଦଳ ମୋହର ମାରିବ ତାହାକୁ ଉତ୍ସୁକତାର ସହ ଚାହିଁ ବସିଛନ୍ତି ସମର୍ଥକ ଓ ଶୁଭେଚ୍ଛୁ। ସେହିଭଳି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ପ୍ରାର୍ଥୀ ତଥା ପାନପୋଷ ସାଂଗଠନିକ ଜିଲା ସଭାପତି ଜଗବନ୍ଧୁ ବେହେରା ମୁଖ୍ୟ ଦାବିଦାର ଥିବାବେଳେ ତାଙ୍କୁ ଅଡୁଆରେ ପକାଇଛନ୍ତି ଦଳର ପୁରୁଖା କର୍ମୀ ଦୁର୍ଗା ତନ୍ତୀ। ତେଣୁ ଉଭୟ ଦଳର ନେତାଙ୍କ ସମର୍ଥକମାନେ ପ୍ରାର୍ଥିତ୍ୱ ନେଇ ସନ୍ଦେହରେ ରହିଛନ୍ତି। କଂଗ୍ରେସ ଇତିମଧ୍ୟରେ ବୀରମିତ୍ରପୁର ଓ ରାଜଗାଙ୍ଗପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଛି। ହେଲେ ରାଉରକେଲା ଓ ରଘୁନାଥପାଲିରୁ କିଏ ପ୍ରାର୍ଥୀ ହେବେ ସେ ନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ଏନେଇ ଶ୍ରମିକ ନେତା ଗୋପାଳ ଦାସ, ଗଜେନ୍ଦ୍ର ତନ୍ତୀ ଓ ଅନ୍ୟ ଜଣେ ଦୁଇଜଣ ଆଶାୟୀଙ୍କ ନାମ ଚର୍ଚ୍ଚାରେ ରହିଛି। ଉଭୟ ଦଳ ନେତାଙ୍କ ମଧ୍ୟରୁ ଅନେକେ ଆଶାୟୀ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ବୁଧବାର କିମ୍ବା ଗୁରୁବାର ସୁଦ୍ଧା ଏହି ଦଳର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ସମ୍ଭାବନା ରହିଛି। ଭୁବନେଶ୍ୱର ସହ ନେତାଙ୍କ ଅନୁଗାମୀ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ପ୍ରାର୍ଥିତ୍ୱ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ଏଣେ ବିଜେଡି ଶିବିରରେ ନିର୍ବାଚନ ତଥା ନାମାଙ୍କନ ନେଇ ସଜବାସ ଆରମ୍ଭ ହୋଇଯାଇଛି। ଏପରି ଅବସ୍ଥାରେ କଂଗ୍ରେସ ଓ ଭଜପା କର୍ମୀଙ୍କ ଶୁଖିଲା ମୁହଁରେ କେବେ ହସ ଫୁଟିବ ତାହାକୁ ଅପେକ୍ଷା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ପୂନେଇଁ ଫଗୁ**
**ଯେ ଯା'ର ସେ ତା'ର।**
**କହିଲା ଲୋକ ଲଘୁ।**

ଯିଏ ଯାହାର ସିଏ ତାହାର । ତାଙ୍କ ମଧ୍ୟରେ ରହିଥିବା ସମ୍ପର୍କ ସବୁବେଳେ ଅତୁଟ ହୋଇ ରହିଥାଏ। ଯେତେବେଳେ ହେଲେ ବି ସେମାନେ ମିଶିଯିବାକୁ ବା ଏକାଠି ହୋଇଯିବାକୁ ବେଶି ସମୟ ଲାଗି ନ ଥାଏ। ପରନ୍ତୁ ତାଙ୍କ ଭିତରେ ରହି ବାହାର ଲୋକ ଶେଷରେ ଧରାପଡ଼ି ଯାଇଥାଏ। ଯିଏ ଯାହା ସଙ୍ଗେ ରହିବା କଥା ରହୁଥିବା ସ୍ଥଳେ ଅନ୍ୟ ଲୋକ ଖରାପ ନାମ ନେଇ ସେଠାରୁ ବାଦ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦଇବ ! ଏହା କାହା ଦେହ ସହିବ।**
**ଝିଅ ପାଳିଥିଲି ଚମ୍ପାଫୁଲ ପରି**
**ସେ ପର ପୁଅ ଘେନି ରହିବ।**

ଝିଅ ଯେବେ ଘରଯୋଗ୍ୟା ହୁଏ ତାକୁ ହାତକୁ ଦି'ହାତ କରିଦିଆଯାଏ, ତେବେ ଝିଅ ଯଦି ଅଜାତିରେ ବାହାହୋଇଯାଏ ସେତେବେଳେ ତାକୁ ସହ୍ୟ କରିବା ପିତାମାତା ପକ୍ଷେ ଅତିବ କଷ୍ଟକର ହୋଇଯାଏ। ଏପରିସ୍ଥଳେ ଅଲିଅଳରେ ବଢ଼ାଇ ଆସିଥିବା ଝିଅର ଭବିଷ୍ୟତ କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜିଲା ଲେଖକ ସାମ୍ମୁଖ୍ୟର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୯।୩**



ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ସୋମବାର ଛେଣ୍ଡ କଲୋନୀଠାରେ ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟର ଦ୍ୱାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ପୂର୍ବତନ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଧ୍ରୁବରାଜ ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ନଳିନୀ ପଟ୍ଟନାୟକ କହିଥିଲେ, ସାହିତ୍ୟ ହିଁ ସମାଜକୁ ଉପଯୁକ୍ତ ମାର୍ଗଦର୍ଶନ କରାଇପାରିବ। ଏ ଦିଗରେ କବି, ଲେଖକ ଅଧିକ ଆଗ୍ରହୀ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ନାୟକ କହିଥିଲେ, ସାମାଜିକ ବ୍ୟବସ୍ଥାରେ ସାହିତ୍ୟ ହେଉଛି ଅନ୍ୟତମ ବିଶ୍ୱାସ ଯାହା ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରେ। ସୃଜନଶୀଳ ସାହିତ୍ୟ ସର୍ବଦା ଗ୍ରହଣୀଏ ହୋଇଥାଏ। ଏହାର ରଚନାତ୍ମକ ଦିଗ ପ୍ରେରଣାଦାୟୀ ନ ହେଲେ ଲେଖକୀୟ ଗାରିମା ମୂଲ୍ୟହୀନ ହୋଇଥାଏ ବୋଲି ନାୟକ ମତ ପ୍ରକାଶ କରିଥିଲେ। ଏ ଦିଗରେ କବି, ସାହିତ୍ୟିକ ମନୋନିବେଶ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଗିରି ଦଣ୍ଡସେନା, ପ୍ରଫୁଲ୍ଲ ମହାପାତ୍ର, ସଞ୍ଜୁକ୍ତା ମହାନ୍ତି, ମାଧବୀ ପଟେଲ, ଅଙ୍ଗୁରବାଳା ପରିଡ଼ା ଓ ସୁସ୍ମିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ଗୀତାଞ୍ଜଳି ପତ୍ରୀଙ୍କ ଅଧ୍ୟକ୍ଷତାରେ କବିତା ପାଠର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାପକ ଡ. ସଞ୍ଜୟ ହାତୀ, ଅଧାପକ ମାହେଶ୍ୱତା ସାହୁ ଓ ମଞ୍ଜୁଳା ରଥ ପ୍ରମୁଖ ବକ୍ତବ୍ୟ ରଖି ସାହିତ୍ୟିକ ରୁଚିବୋଧ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ମାନ୍ଦାକିନୀ ଶତପଥୀ, ଡ. ସୁପ୍ରିୟା ପାଲ, ଅଧାପିକା ପ୍ରଣତି ପଟ୍ଟନାୟକ, ତ୍ରିନାଥ ସିଂ, କୃପାସିନ୍ଧୁ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲା। ସାହିତ୍ୟିକ ଭୂପେନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭୟ ଦାସ ଓ ଅନ୍ୟମାନେ ସାହିତ୍ୟ ଓ ସାମାଜିକ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଲୋପାମୁଦ୍ରା ମହାନ୍ତିଙ୍କ ସାହିତ୍ୟ ପତ୍ରିକା ନାଗରା ଉନ୍ମୋଚିତ ହୋଇଥିଲା। ପ୍ରଧାପିକା ମିନତୀ ମିଶ୍ର, ଜ୍ୟୋତ୍ସ୍ନାକୁମାରୀ ନାୟକ, ଉର୍ବଶୀ ଦାସ ପତି, ରଶ୍ମିବାଳା ରାଉତରାୟ, ଚିତ୍ତରଞ୍ଜନ ବ୍ରାହ୍ମା, ଶଙ୍କର ତ୍ରିପାଠୀ, ସ୍ନେହଲତା ନାୟକ, କିଶୋରୀ ମହୋନ କର, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମନୋହର ପାରିକରଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୧୯।୩**

ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ତଥା ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କୁ ମଙ୍ଗଳବାର ଫର୍ଟିଲାଇଜର ଟାଉନଶିପ ଅଞ୍ଚଳବାସୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ରାହାସବିହାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗାୟତ୍ରୀ ପରିବାର, ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ, ସେକ୍ଟର-୨୨ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବେଦବ୍ୟାସ ସାହିତ୍ୟ ଓ ସଂସ୍କୃତି ପରିଷଦ, ସୃଜନୀ ସାହିତ୍ୟ ସଂସଦର କର୍ମକର୍ତ୍ତା ଉପସ୍ଥିତ ରହି ପାରିକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ତାଙ୍କ ନିରାଡ଼ମ୍ବର ଜୀବନଶୈଳୀ, ଦେଶଭକ୍ତି ନେଇ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରିଥିଲେ। ଡା. ଅକ୍ଷୟ ସାମଲ, ଡି.କେ. ନାୟକ, ଚିତ୍ରାନନ୍ଦ ଦାସ, ଅରୁଣ ପରିଡ଼ା, ଅଧାପକ କମଳ କିଶୋର ନାୟକ, ସମାଇ ସୋରେନ, ଏସ୍.କେ. ସିଂ, ସରୋଜ ବେହେରା, ଏସ୍.କେ. ବାରିକ, ଉଜ୍ଜ୍ୱଳିନ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।



ମନୋହର ପାରିକରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ସୁନ୍ଦରଗଡ଼ ସହରରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ସୁନ୍ଦରଗଡ଼, ୧୯।୩ (ଡି.ଏନ୍.ଏ)**

ମଙ୍ଗଳବାର ଠାରୁ ସାଧାରଣ ନିର୍ବାଚନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଓ ହୋଲିପର୍ବକୁ ଆଖି ଆଗରେ ରଖି ମଙ୍ଗଳବାର ଅପରାହ୍ନରେ ଟାଉନ ଥାନା ପୋଲିସ ପକ୍ଷରୁ ସୁନ୍ଦରଗଡ ସହରରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ସଦର ଏସଡିପିଓ ବଳଭଦ୍ର ଦୀପ, ଡିଏସପି ମଧୁସିକ୍ତା ମିଶ୍ର ଓ ଟାଉନ ଥାନା ଆଇଆଇସି ବିଭିସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଫ୍ଲାଗମାର୍ଚ୍ଚରେ ୩ ପ୍ଲାଟୁନ ସ୍ୱତନ୍ତ୍ର ପୋଲିସ ଫୋର୍ସ ଭାଗ ନେଇଥିଲେ।



ସୁନ୍ଦରଗଡ ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି।

### ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ
# ଫାଇନାଲରେ ରାଉରକେଲା

**ସମ୍ବଲପୁର/ହୀରାକୁଦ,୧୯।୩(ବ୍ୟୁରୋ/ଡି.ଏନ.ଏ.):**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁଭାଷ ମଇଦାନଠାରେ ହୀରାକୁଦ କପ୍ ଫୁଟବଲ ଟୁର୍ନାମେଣ୍ଟ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଦଳ ୪-୦ ଗୋଲରେ ସମ୍ବଲପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚରେ ରାଉରକେଲା ଦଳର ଅଖିଳେଶ ଟପ୍ପୋ ୨ଟି ଦର୍ଶନୀୟ ଗୋଲ କରିଥିଲେ । ତେଣୁ ତାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ହୀରାକୁଦ କ୍ରୀଡା ସଂଘ ଉପଦେଷ୍ଟା ବାଳକୃଷ୍ଣ ତ୍ରିପାଠୀ ଓ ଗୌରାଙ୍ଗ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ ହୀରାକୁଦ କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି, ଫୁଟବଲ ସମ୍ପାଦକ କ୍ଷୀରୋଦ ନାୟକ, କ୍ରିକେଟ ସମ୍ପାଦକ ବିଘ୍ନ ପାଣିଗ୍ରାହୀ, ସୁଦେଶ ନାଗ, ତ୍ରିଲୋଚନ ନାୟକ, ଅଭିଷେକ ଦାଶ, ଶରଥ ସେଠୀ ମ୍ୟାଚ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

+PILES CLINIC+
Near Budheswari Temple, ମଧ୍ୟ ବିଦ୍ୟୁତ ହେଡ୍ ଅଫିସ୍, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ଗୁଜରାଟରେ ଫସିଛନ୍ତି ଦାଦନ ଶ୍ରମିକ
## ଉଦ୍ଧାର ପାଇଁ ସମ୍ପର୍କୀୟଙ୍କ ନିବେଦନ

**ରାଉରକେଲା ଅଫିସ,୧୯।୩**

ମଧ୍ୟସ୍ଥ ପ୍ରରୋଚନାରେ ଦାଦନ ଖଟିବାକୁ ଗୁଜରାଟକୁ ଯାଇଥିବା ବିଶ୍ରା ଅଞ୍ଚଳର ନିରୀହ ଶ୍ରମିକ ସେଠାରୁ ଫେରିପାରୁ ନାହାନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ପୀଡ଼ିତଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ଶ୍ରମିକ ନେତା ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ଜିଲା ସହକାରୀ ଶ୍ରମ କମିଶନରଙ୍କୁ ସୋମବାର ନିବେଦନ କରିଛନ୍ତି। ଶ୍ରମିକ ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରମିକ ନେତା ମହାନ୍ତି ଦାବି କରିଛନ୍ତି।
ସେକ୍ଟର-୬ ଓ ବିଶ୍ରା ଅଞ୍ଚଳର ଦୁଇଜଣ ଶ୍ରମିକ ଚାଲାଣକାରୀ ମଧ୍ୟସ୍ଥ ଗୁଜରାଟରେ କାମ ଦେବାକୁ କହି ଗତ ଫେବୃଆରୀ ୩ରେ ୬ଜଣଙ୍କୁ ଏଠାରୁ ଟ୍ରେନ୍ ଯୋଗେ ଚାଲାଣ କରିଥିଲେ। ଶ୍ରମିକଙ୍କ ମଧ୍ୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳକ ଅଛନ୍ତି। ଅନ୍ୟମାନେ ହେଲେ ସୁଫଳ ମିଞ୍ଜ (୪୦), ମନୋହର ଟପ୍ପୋ (୨୪), ଉଷା ବଡ଼ାଇକ (୨୮), ସନ୍ତୋଷ ସୁରନ, ଆଶିଷ ଖାଲକୋ (୨୬)। ସେଠାରେ ଏମାନଙ୍କୁ ଏକ ଟାଇଲ କାରଖାନାରେ ଦିନକୁ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯାଉଥିଲା। ହେଲେ ପାରିଶ୍ରମିକ ଦୂର କଥା ଭଲରେ ଗଣ୍ଡେ ଖାଇବାକୁ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ୮ ତାରିଖରେ ମନୋହର, ଉଷା ଓ ସନ୍ତୋଷ କୌଣସି ମତେ ଫେରି ଆସିଥିବାବେଳେ ନାବାଳକ ଓ ଅନ୍ୟ ୨ଜଣ ଫସି ରହିଛନ୍ତି। ଫେରି ଆସିଥିବା ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ ଆଦୌ ପାରିଶ୍ରମିକ ଦେଇନାହାନ୍ତି। ଫଳରେ ସେଠାରେ ଫସି ରହିଥିବା ୩ଜଣ ଶ୍ରମିକଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହାନ୍ତି ଉପଶ୍ରମ କମିଶନରଙ୍କ ସମେତ ସୁନ୍ଦରଗଡ଼ ଜିଲାପାଳ, ରାଉରଲେକେଲା ଏସ୍‌ପି ଓ ଏଡିଏମ୍‌ଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସୁନ୍ଦରଗଡ଼ ଜିଲାରେ ଦାଦନ ଚାଲାଣ ରୋକିବାକୁ ସେ ଦୃଢ଼ ଦାବି କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**GENERAL ELECTION 2019**
- FLEX PRINTING
- POSTER PRINTING
- LEAFLET
- PUSHING CARDS
- T-SHIRTS & CAPS
- FLAGS

In Very Very Competitive Rates
Same Day Delivery
For Special Rate Contact :
7008994500
7894410000

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

AAROHAN FOUNDATION | Tech Mahindra FOUNDATION SMART
ସାମାଜିକ ତଥା ଅର୍ଥନୈତିକ ଅନଗ୍ରସର ଯୁବଗୋଷ୍ଠୀ ନିମନ୍ତେ ମାଗଣା ଶିକ୍ଷା ଓ ନିଶ୍ଚିତ ନିଯୁକ୍ତିର ସୁଯୋଗ
• କମ୍ପ୍ୟୁଟର • ଇଂରାଜୀ ଟାଇପିଂ
• ସ୍ପୋକନ୍ ଏବଂ ଲିସେନିଂ ଇଂରାଜୀ
• ସ୍ପୋକନ ହିନ୍ଦି • ବିପିଓ ଟ୍ରେନିଂ
• ପର୍ସନାଲିଟି ଡେଭେଲପମେଣ୍ଟ
• ବେସିକ ୱେବ୍ ଡିଜାଇନିଂ
Employer can contact us for Hiring
Student can contact us for joining the course
ବୟସ ସୀମା- ୧୮ ବର୍ଷରୁ ଊର୍ଦ୍ଧ୍ୱ, ଯୋଗ୍ୟତା- ୧୦ମ ବା ତଦୂର୍ଦ୍ଧ୍ୱ
JEEBIKA IT SCHOOL
(AAROHAN FOUNDATION) N2/30, IRC Village, Nayapalli, Bhubaneswar
Ph : 0674-2550482, 8658656804, 6371569229
Email : jeebikaitschool30@gmail.com

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE — * GST 5% Extra

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସନ୍ତୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୦ ମାର୍ଚ୍ଚ, ୨୦୧୯



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



**ସଂକ୍ଷେପରେ**

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି: ଟିକ୍ରାପଡ଼ା ଅନ୍ଧାରରେ

ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ମଙ୍ଗଳବାର ସକାଳୁ କରେଣ୍ଟ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ଜଣାପଡିଛି। ଏନେଇ ସ୍ଥାନୀୟ କର୍ମଚାରୀମାନେ ଘଟଣା ସଂକ୍ରାନ୍ତରେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଯୋଗାଇ ଦେବା ଦିଗରେ ଉର୍ଦ୍ଧ୍ୱ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଖର୍ସେଲବାଞ୍ଜିରେ ସୁନ୍ଦରାକାଣ୍ଡ ପାରାୟଣ

ଟିକ୍ରାପଡ଼ା,୧୯।୩(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିଠାରେ ରାମଚରିତ ମାନସ ମଣ୍ଡଳି ଆନୁକୂଲ୍ୟରେ ସୁନ୍ଦରାକାଣ୍ଡ ପାରାୟଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମ ଦାଶ ବ୍ୟାସ ରହିଥିଲେ। ସିକୁନ ମାଝି, ଟିକେନନ୍ଦ ମାଝି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଲିଙ୍ଗରାଜ ବେହେରା ପ୍ରବଚନ ଦେଇଥିଲେ। ହୃଷୀକେଶ ନାଏକ, ତୃତୀୟା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଦର୍ଶ ଯୁବକ ସଂଘ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

### ଜବରଦଖଲକାରୀଙ୍କୁ ପ୍ରଶାସନର ନୀରବ ସମର୍ଥନ ନେଇ ଜନଅସନ୍ତୋଷ

# ଜବରଦଖଲ ଉଚ୍ଛେଦ କଲେ ପଡ଼ାବାସୀ

ବଡ଼ଗାଁ, ୧୯।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ତହସିଲ ଅଧିନ ଲଟାଗାଁ, ଇଲେକ୍ଟ୍ରିପଡାଠାରେ ଜବରଦଖଲ କରି ଗୃହ ନିର୍ମାଣ କରାଯାଉଛି। ଏନେଇ ପଡାବାସୀ ଆର୍‌ଆଇଙ୍କୁ ଲିଖିତ ଅଭିଯୋଗ ଦେବା ସତ୍ତ୍ୱେ ସେ ପଦକ୍ଷେପ ନେଇ ନ ଥିଲେ। ତହସିଲଦାରଙ୍କୁ ଜଣାଇ ନିରାଶ ହେଲା ପରେ ସୋମବାର ଅସନ୍ତୁଷ୍ଟ ପଡାବାସୀ ଜବରଦଖଲକୁ ଉଚ୍ଛେଦ କରିଛନ୍ତି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଇଲେକ୍ଟ୍ରିପଡାଠାରେ ଗନି ଅନସାରୀ ଓ ତାଙ୍କ ୪ ଭାଇଙ୍କୁ ୪ ଡିସିମିଲ ଲେଖାଏଁ ସରକାରଙ୍କ ପକ୍ଷରୁ ଜମି ଯୋଗାଇ ଦିଆଯାଇଛି। ଏହା ସତ୍ତ୍ୱେ ସେ ମିଳିଥିବା ଜମି ନିକଟରେ ପ୍ରାୟ ୮ଡିସିମିଲ ଜମି ଜବରଦଖଲ କରି ଘର ତିଆରି କରୁଥିଲେ। ପଡାବାସୀ ମନା କରିବା ସତ୍ତ୍ୱେ ନ ମାନିବାରୁ ବଡ଼ଗାଁ ଆର୍‌ଆଇଙ୍କୁ ଲିଖିତ ଜଣାଇଥିଲେ।୧୦ଦିନ ବିତିଗଲା ପରେ ମଧ୍ୟ ରାଜସ୍ୱ ନିରୀକ୍ଷକ ପଦକ୍ଷେପ ନେବା ତ ଦୂରର କଥା ନିର୍ମାଣ ହେଉଥିବା ସ୍ଥାନକୁ ଦେଖିବାକୁ ମଧ୍ୟ ଯାଇ ନ ଥିଲେ। ଫଳରେ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋମବାର ୫୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଏ ସମ୍ପର୍କରେ ବଡଗାଁ ତହସିଲଦାରଙ୍କୁ ସାକ୍ଷାତକରି ଜଣାଇଥିଲେ। ସେ



ଆରଆଇ ବବିତା ନାଏକ ଜବରଦଖଲ ସ୍ଥାନରେ ତଦନ୍ତ କରୁଛନ୍ତି ।

ଘଟଣାସ୍ଥଳକୁ ଯାଅ ମୁଁ ଯାଉଛି କହିଥିଲେ। ପରେ ମହିଳାମାନେ ନିର୍ମାଣଧିନ ସ୍ଥାନରେ ଜଗି ରହିଥିଲେ ମଧ୍ୟ ସେ ନ ଯିବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା। ଉତ୍ୟକ୍ତ ମହିଳାମାନେ ବହୁ ସମୟ ଅପେକ୍ଷା କଲା ପରେ ଘରକୁ ଭାଙ୍ଗିଦେଇଥିଲେ। ଏହାକୁ ନେଇ ଜବରଦଖଲକାରୀ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସେଠାରେ ମହିଳାମାନେ ସରକାରଙ୍କ ପକ୍ଷରୁ ଗନି ଅନସାରୀ ପାଇଥିବା ଜମି ଦେଖାଇବା ସହ ଗରିବ ଅଧିବାସୀମାନେ ୪ ଡିସିମିଲ ଜମି ପାଉ ନ ଥିଲାବେଳେ ଜଣେ ବ୍ୟକ୍ତି ବିଭିନ୍ନ ସ୍ଥାନରେ ବହୁ ପରିମାଣର ଜମି ଜବରଦଖଲ କରିଥିବା ଦେଖାଇଥିଲେ। ଆଇଆଇସି ଦାସ ତଦନ୍ତ କରି ବାସ୍ତବତା ହୃଦୟଙ୍ଗମ କଲା ପରେ ଗନି ଅନସାରୀଙ୍କୁ ଜବରଦଖଲ ସ୍ଥାନ ଖାଲିକରି ଗଦା ଯାଇଥିବା ଇଟା, ବାଲି ଉଠାଇନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉତ୍ୟକ୍ତ ମହିଳାମାନେ ଶାନ୍ତ ହୋଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଜବରଦଖଲ କରି ଗୃହ ନିର୍ମାଣ କରାଯାଉଥିବା ସମ୍ପର୍କରେ ଲିଖିତ ଅଭିଯୋଗ ସତ୍ତ୍ୱେ ଆରଆଇ ଦୀର୍ଘଦିନ ପଦକ୍ଷେପ ନ ନେବା ଓ ତହସିଲଦାର ଯାଉଛି କହି ନ ଯିବା ପଛରେ କେଉଁ କାରଣ ଅଛି ତାକୁ ନେଇ ସ୍ୱାଭାବିକ ସନ୍ଦେହ ପ୍ରକଟ କରାଯାଇଛି। ଏହି ଘଟଣା ପଛରେ କେତେକ ବ୍ୟକ୍ତି ଅନ୍ତରାଳରେ ରହି ଜବରଦଖଲକାରୀଙ୍କୁ ସହଯୋଗ କରୁଥିବା ଆଲୋଚନା ହେଉଛି। ଏହା ଉପରେ ମଙ୍ଗଳବାର ତହସିଲଦାର ସୋନାଲି ଚାନ୍ଦଙ୍କୁ ପଚାରିବାରେ ସେ, ଆରଆଇଙ୍କୁ ତଦନ୍ତ କରିବାକୁ କହିଥିବା ଜଣାଇଥିଲେ। ଆରଆଇ ବବିତା ନାଏକ, ବର୍ତ୍ତମାନ ତଦନ୍ତ କରିବାକୁ ଯିବି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଡଗାଁ ଅଞ୍ଚଳର ବହୁ ସଂଖ୍ୟକ ଗରିବ ପରିବାର ୪ ଡିସିମିଲ ଜମି ପାଇ ନ ଥିଲାବେଳେ ଥିଲାବାଲା ଲୋକେ ଅନେକ ସରକାରୀ ଜମି ଜବରଦଖଲ କରିଛନ୍ତି। ଅନାବାଦୀ ଜମି ଦଖଲ କରିନେଇଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉନାହିଁ। ଏପରିକି ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନେଉ ନ ଥିବାରୁ ଜବରଦଖଲକାରୀଙ୍କ ସହିତ ସରକାରୀ କର୍ମଚାରୀଙ୍କ ଭିତିରି ବୁଝାମଣା ଥିବା ଲୋକେ ସନ୍ଦେହ କରୁଛନ୍ତି। ବଡଗାଁର କେତେକ ସରକାରୀ ଜମିରେ ଥିଲାବାଲା ବ୍ୟକ୍ତି ଘର କରି ଭଡାରେ ଦେଇଥିଲା ବେଳେ ସେଠାରେ ବାହାର ରାଜ୍ୟର ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳି କରାଯାଇଛି। ଆଉ କେତେକ ବ୍ୟକ୍ତି ଜବରଦଖଲ କରି ମୋଟା ଅଙ୍କ ନେଇ ବୁଝାମଣାରେ ବିକ୍ରି କରୁଛନ୍ତି । ପ୍ରଶାସନର ନିରବ ସମର୍ଥନରେ ଧନୀ ଓ ଘରବାଡି ଥିବା ଲୋକେ ଯେଭଳି ସରକାରୀ ଜମି ଦଖଲ କରିଛନ୍ତି ଓ କରି ଚାଲିଛନ୍ତି ତାହା ଆଗାମୀ ଭବିଷ୍ୟତରେ ସମସ୍ୟା ସୃଷ୍ଟି କରିବ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବ୍ୟାଙ୍କ ଆକାଉଣ୍ଟରୁ ୧.୦୨ ଲକ୍ଷ ଟଙ୍କା ଗାଏବ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ସ୍ଥାନୀୟ ଏସବିଆଇ ବଜାର ଶାଖାଠାରେ ଥିବା ଡାକ୍ତର ନିହାରେନ୍ଦ୍ର ପଣ୍ଡାଙ୍କ ଆକାଉଣ୍ଟରୁ କେହି ଜଣେ ମାର୍ଚ୍ଚ ୮, ୯ ଓ ୧୦ ତାରିଖ ୩ ଦିନ ମଧ୍ୟରେ ବିଭିନ୍ନ କମ୍ପାନୀ ଜରିଆରେ ଅନଲାଇନ୍ ସପିଂ କରି ୧ ଲକ୍ଷ ୨ ହଜାର ୬୬୩ ଟଙ୍କା ଲୁଟ କରିଛନ୍ତି । ଏ ନେଇ ନିହାରେନ୍ଦ୍ର ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ୍ ଥାନାରେ ଡାକ୍ତରଙ୍କ ଅଭିଯୋଗ ଅନୁଯାଇ ଆମାଜନ, ଏଜିଓ, ମେନ୍ତ୍ରା, ନିଆକାଡଟକମ୍, ପରପଲଡଟକମ୍ ଓ ସିସିଆମୋଟୋ କମ୍ପାନୀ ଜରିଆରେ ୮, ୯ ଓ ୧୦ ମାର୍ଚ୍ଚ ୩ ଦିନ ଧରି ୨୦ଟି ଟ୍ରାଜେକ୍ସନ ଜରିଆରେ ଡାକ୍ତରଙ୍କ ଆକାଉଣ୍ଟ ହ୍ୟାକ୍ କରି ଡେବିଟ୍ କାର୍ଡ ମାଧ୍ୟମରେ ସପିଂ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧ ତାରିଖରେ ପଣ୍ଡାଙ୍କ ଫୋନ୍‌କୁ ଏଲଆସି ଜମା ନେଇ ଏକ ମେସେଜ ଆସିଥିବା ବେଳେ ଏହି ହେକ୍ କରାଯାଇଥିବା ସମୟରେ କୌଣସି ମେସେଜ କିମ୍ବା ଓଟିପି ଆସି ନ ଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ଟାଉନ୍ ଥାନା ଏବଂ ଏସବିଆଇ ବ୍ୟାଙ୍କ ପକ୍ଷରୁ ଜମାକାରୀଙ୍କ ହ୍ୟାକ୍ କରାଯାଇଥିବା ଟଙ୍କା ସମ୍ପର୍କରେ ସାଇବରକ୍ରାଇମ୍ ଦ୍ୱାରା ତଦନ୍ତ କରାଯିବା ବୋଲି ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି। ଡାକ୍ତର ପଣ୍ଡାଙ୍କ ଏସବିଆଇ ଶାଖାରୁ ଟଙ୍କା ଗାଏବ୍ ହେବା ଘଟଣା ଜଣାପଡିବା ପରେ ଏସବିଆଇ ଜମାକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀ ଚୟନକୁ ନେଇ ଆଶାୟୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

କୁଆଁରମୁଣ୍ଡା,୧୯।୩(ଡି.ଏନ.ଏ.)

ଉଭୟ ବିଜୁ ଜନତା ଦଳ ଓ କଂଗ୍ରେସ ପକ୍ଷରୁ ୧ମ ଓ ୨ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମନ୍ତେ ସୋମବାର ପ୍ରାର୍ଥୀ ତାଲିକା ଘୋଷଣା ହୋଇଛି। କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବୀରମିତ୍ରପୁର ବିଧାୟକ ଜର୍ଜଙ୍କ ନାମ ଘୋଷିତ ହୋଇଥିବାବେଳେ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ତାଙ୍କ ପୁଅ ରୋହିତ ଯୋସେଫ ତିର୍କୀଙ୍କ ନାମ ମଧ୍ୟ ଏକକାଳୀନ ଘୋଷଣା କରାଯାଇଛି। ହେଲେ ଏହାକୁ ନେଇ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପୁରୁଣା କଂଗ୍ରେସ ନେତା ଓ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେତେକ ନେତା ଏ ନେଇ ସର୍ବସାଧାରଣରେ ମୁହଁ ଖୋଲୁ ନ ଥିଲେ ମଧ୍ୟ ଆଗାମୀ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିବାକୁ ପଛାଇବେ ନାହିଁ ବୋଲି ଏବେ ଠାରୁ ଜଳଜଳ ଦେଖାଗଲାଣି। ମାତ୍ର କଂଗ୍ରେସ ପାର୍ଟି ପକ୍ଷରୁ ଗତ ନିର୍ବାଚନରେ ବୀରମିତ୍ରପୁରରୁ ପ୍ରାର୍ଥୀ ହୋଇଥିଲେ ରାଜେଶ କେର୍କେଟ୍ଟା। ଏଥର ମଧ୍ୟ ସେ ଟିକେଟ୍ ଦୌଡରେ ଥିଲେ। ମାତ୍ର ଦଳ ତାଙ୍କୁ ନିରାଶ କରି ଜର୍ଜଙ୍କ ପୁଅ ରୋହିତ ଯୋସେଫଙ୍କ ନାମ ଘୋଷଣା କରିଛି। ଏହାକୁ ରାଜେଶ ଖୋଲାଖୋଲି ବିରୋଧ କରିଛନ୍ତି। ଏପରିକି କଂଗ୍ରେସ ପକ୍ଷରୁ ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ଦିଆଯିବା ପ୍ରସଙ୍ଗକୁ ସେ ଉଠାଇବା ସହ ଏହାକୁ କିଭଳି ଆଦିବାସୀବହୁଳ ସୁନ୍ଦରଗଡ଼ ଜିଲାରେ ଅପବ୍ୟବହାର କରାଗଲା ତାହାକୁ ନେଇ ସେ କଂଗ୍ରେସ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉଭୟ ଜର୍ଜ ଓ ତାଙ୍କ ପୁଅଙ୍କୁ ଗୋଟିଏ ଜିଲାରୁ ପ୍ରାର୍ଥୀ କରାଯାଇଥିବାରୁ ଏହାର ପୁନଃବିଚାର କରାଯିବା ଉଚିତ୍ ବୋଲି ରାଜେଶ ଦାବି କରିଛନ୍ତି। ସେହିପରି ବିଜେଡ଼ି ପକ୍ଷରୁ ସୁନ୍ଦରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଅନ୍ୟ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯାଇଛି। ସୁନ୍ଦରଗଡ଼ ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନ୍ୟ ଆଶାୟୀଙ୍କ ମଧ୍ୟରେ ଦଳୀୟ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଅନ୍ୟ ପକ୍ଷରେ ବିଜେଡ଼ି ପକ୍ଷରୁ କେବଳ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅଦ୍ୟାବଧି କାହାରି ନାମ ଘୋଷଣା କରା ନ ଯାଇ ଝୁଲାଇ ରଖାଯାଇଛି। ହେଲେ ବିଜେଡ଼ିର ଲୋକସଭା ପାଇଁ ଆଶାୟୀ ଜଣେ ବରିଷ୍ଠ ନେତାଙ୍କୁ ଲୋକସଭା ପାଇଁ ଟିକେଟ ଦିଆ ନ ଯାଇ ଏଠାରୁ ବିଧାନସଭା ପ୍ରାର୍ଥୀ କରି ସନ୍ତୁଷ୍ଟ କରିବା ପାଇଁ ଉଦ୍ୟମ ଚାଲିଥିବା ଭିତିରି ସୂତ୍ରରୁ ଜଣାପଡିଛି। ମାତ୍ର ଉକ୍ତ ନେତା ଜଣଙ୍କ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ବାସିନ୍ଦା ହୋଇ ନ ଥିବାବେଳେ ତାଙ୍କର ଏଠାରେ ଆଦୌ ସଙ୍ଗଠନ ନାହିଁ ବୋଲି ସ୍ଥାନୀୟ ବିଜେଡ଼ି ଆଶାୟୀ ପ୍ରାର୍ଥୀମାନଙ୍କ ସହ ସାଧାରଣ କର୍ମୀ ମହଲରେ ଆଲୋଚନା ହେଉଛି। ଏପରିକି ଯଦି ଦଳ ସମ୍ପୃକ୍ତ ନେତାଙ୍କୁ ଏଠାରୁ ପ୍ରାର୍ଥୀ କରେ ତେବେ ସୁନ୍ଦରଗଡ଼ ସଦର ନିର୍ବାଚନମଣ୍ଡଳୀ ଭଳି ବୀରମିତ୍ରପୁର ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡ଼ି ନେତାମାନେ ଦଳ ବିରୋଧୀ କାର୍ଯ୍ୟ କରିବାକୁ ଆଦୌ ପଛଘୁଞ୍ଚା ଦେବେ ନାହିଁ ବୋଲି ଆଲୋଚନା ହେଉଛି। ବିଜେଡ଼ି ସଭାପତି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦଳୀୟ ପର୍ଯ୍ୟବେକ୍ଷକମାନଙ୍କ ମତାମତକୁ ଗୁରୁତ୍ୱ ଦେବା ସହ ସ୍ଥାନୀୟ ଆଶାୟୀ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେଲେ ଦଳ ଏହି ଆସନରେ ବିଜୟ ଲାଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ନଚେତ୍ ଅନ୍ତର୍କନ୍ଦଳ ଠାରୁ ଦୂରେଇ ରହିଥିବା ଓ ଗତ ବିଧାନସଭା ନିର୍ବାଚନରେ ୨ୟ ସ୍ଥାନରେ ଥିବା ଭାଜପା ଏହି ଆସନକୁ ହାତେଇ ବାବେ ସକ୍ଷମ ହେବାର ସମ୍ଭାବନା ରହିଛି।

### ଲାଞ୍ଜିବେର୍ଣ୍ଣାରେ ଏସ୍‌ଏଚ୍‌ଜି କନକ୍ଲେଭ-୨୦୧୯ ଆୟୋଜିତ

# ଯୋଗଦେଲେ ୫୦୦ ଏସ୍‌ଏଚ୍‌ଜି ସଦସ୍ୟା



ଏସ୍‌ଏଚ୍‌ଜି କନକ୍ଲେଭରେ ଉପସ୍ଥିତ ମହିଳା ଓ ଅଞ୍ଚଳର ଲୋକ।

ରାଜଗାଙ୍ଗପୁର, ୧୯।୩ (ଡି.ଏନ.ଏ)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ଲାଞ୍ଜିବେର୍ଣ୍ଣା ସ୍ଥିତ ଲାଇମ ଷ୍ଟୋନ ଏବଂ ଡୋଲମାଇଟ ଖଣିଠାରେ ଏସ୍‌ଏଚ୍‌ଜି କନକ୍ଲେଭ–୨୦୧୯ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୧ଟି ଗ୍ରାମ ଓ ୫ ପଞ୍ଚାୟତର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସଦସ୍ୟା, ପିଆରଆଇ ପ୍ରତିନିଧି ଏବଂ ଆଖପାଖ ଗ୍ରାମବାସୀ ଯୋଗଦେଇଥିଲେ। ଡାଲମିଆ ଭାରତ ସିମେଣ୍ଟ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ମହେନ୍ଦ୍ର ସିଂଘି ଏବଂ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା, ସଙ୍ଗମ ମହିଳା ମଣ୍ଡଳର ଚନ୍ଦ୍ରା ସିଂଘି ଏବଂ ସୁନିତା ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସିଏସଆର ବିଭାଗ ମୁଖ୍ୟ ଡ. ନୀଳାଦ୍ରି ଭୂଷଣ ପାଢ଼ୀ ଏସଏଚଜି କନକ୍ଲେଭ ଓ ଡାଲମିଆ ସିମେଣ୍ଟ ସିଏସଆର ବିଭାଗ ଦ୍ୱାରା ମହିଳାମାନଙ୍କ ସଶକ୍ତିକରଣ ପାଇଁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ବାଞ୍ଜିବେର୍ଣ୍ଣା ଖଣି ମୁଖ୍ୟ ସରୋଜ କୁମାର ରାଉତ କାର୍ଯ୍ୟକ୍ରମରେ ଯୋଗଦାନ କରି ମହିଳାମାନଙ୍କ ସଶକ୍ତିକରଣ ଯଥାର୍ଥତା ବୁଝାଇଥିଲେ ଓ ମହିଳାମାନେ ଚାହିଁଲେ କିପରି ନିଜର ପରିବାର ଓ ସମାଜର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକାରେ ଉନ୍ନତି ଆଣିପାରିବେ ସେହି ବିଷୟରେ ବୁଝାଇଥିଲେ। ସୁନୀଲ ଗୁପ୍ତା କମ୍ପାନୀର ନୂତନ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ। ମହିଳାମାନଙ୍କୁ ଅଧିକ ପରିମାଣରେ ଆଗକୁ ଆସି ସିଏସଆର ଦ୍ୱାର ଚାଲିଥିବା ଜୀବିକା ବିକାଶ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏସଏଚଜି ମାଧ୍ୟମରେ ସ୍ଥାନୀୟ ମହିଳାମାନେ ଲାଭ କରିଥିବା ଅନେକ ଉପଲବ୍ଧି ପାଇଁ ସିଂଘି ଏସ୍‌ଏଚ୍‌ଜିର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭବିଷ୍ୟତରେ ଡାଲମିଆ ଭାରତ ଫାଉଣ୍ଡେସନର ସିଏସଆର କାର୍ଯ୍ୟକ୍ରମ ସହିତ ଜଡିତ ହୋଇ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ବିଏସଡବ୍ଲୁ ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତୀ ବାଳିକାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହିଳା ନେତ୍ରୀଙ୍କୁ ତାଙ୍କ ଶ୍ରେଷ୍ଠ ଉଲ୍ଲେଖନୀୟ କାମ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବରେ କଟାଙ୍ଗ ଗ୍ରାମ ପଞ୍ଚାୟତ ପୁଷ୍ପା କେରକେଟା, ଝାନପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଇନ୍ଦିରା ଖାଲଖୋ ଏବଂ କଟାଙ୍ଗ ପଞ୍ଚାୟତ ସମିତି ସଭ୍ୟା ସଞ୍ଜିତା ତନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ସୁନ୍ଦରଗଡ ଲୋକସଭା, ୭ ବିଧାନସଭା ଆସନରେ ନିର୍ବାଚନ**

# ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଲା ବିଜ୍ଞପ୍ତି

ସୁନ୍ଦରଗଡ଼, ୧୯।୩ (ଡି.ଏନ୍.ଏ)

ଆସନ୍ତା ଏପ୍ରିଲ ୧୮ରେ ସୁନ୍ଦରଗଡ ଲୋକସଭା ସମେତ ଏହି ଜିଲା ଅନ୍ତର୍ଗତ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ନିମନ୍ତେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଦିବାସୀ ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ସୁନ୍ଦରଗଡ ଲୋକସଭା ଆସନ ନିମନ୍ତେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଶ୍ମିତା ପଣ୍ଡା ବିଜ୍ଞପ୍ତି ପ୍ରକାଶ କରିଥିବା ବେଳେ ଅନ୍ୟ ୭ଟି ବିଧାନସଭା ଆସନ ନିମନ୍ତେ ବଣେଇଁ, ରାଉରକେଲା ଓ ସୁନ୍ଦରଗଡ ସଦର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀମାନେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସୁନ୍ଦରଗଡ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଜଣେ ସଭ୍ୟଙ୍କ ନିର୍ବାଚନ ସକାଶେ ପ୍ରାର୍ଥୀମାନେ ଚଳିତ ମାର୍ଚ୍ଚ ୨୬ ତାରିଖ ସୁଦ୍ଧା ସାଧାରଣ ଛୁଟିଦିବସ ବ୍ୟତୀତ ଯେ କୌଣସି ଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ ଟା ମଧ୍ୟରେ ପ୍ରାର୍ଥୀମାନେ ନିଜେ କିମ୍ବା ତାଙ୍କର କୌଣସି ଜଣେ ପ୍ରସ୍ତାବକ ମନୋନୟନପତ୍ର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୁନ୍ଦରଗଡଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ସ୍ଥାନରେ ରିଟର୍ଣ୍ଣିଂ ଅଧିକାରୀ କିମ୍ବା ଅତିରିକ୍ତ ଜିଲାପାଳ ସୁନ୍ଦରଗଡ, ସହାୟକ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ। ଏହି ସମୟସୀମା ମଧ୍ୟରେ ମନୋନୟନ ପତ୍ର ଫର୍ମ ମିଳିପାରିବ। ମାର୍ଚ୍ଚ ୨୭ ପୂର୍ବାହ୍ନ ୧୧ଟାରେ ମନୋନୟନପତ୍ର ଯାଞ୍ଚ, ମାର୍ଚ୍ଚ ୨୯ ଅପରାହ୍ନ ୩ଟା ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ଆବେଦନ। ଏହା ପରେ ଏପ୍ରିଲ ୧୮ରେ ସକାଳ ୭ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ।

# ଛାତ୍ରୀଛାତ୍ରଙ୍କୁ ନିଆଁଲିଭା କୌଶଳ ତାଲିମ

ବଡ଼ଗାଁ,୧୯।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍କାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର କୁତ୍ରା ଦମକଳ କେନ୍ଦ୍ରର କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବା କୌଶଳ ତାଲିମ ଦେଇଛନ୍ତି । ସ୍ଥାନୀୟ ହିଟରର କ୍ଲବ ପକ୍ଷରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ପୁର୍କାପାଲି ହାଇସ୍କୁଲ, ୟୁପି ସ୍କୁଲ ଓ ଲତାଲଗା ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁତ୍ରା ଦମକଳ କେନ୍ଦ୍ରର ଅଧିକାରୀ ବାହାଦୁର କୁମାର ସେନାପତି ଓ କର୍ମଚାରୀ ଫାୟାର ଟ୍ରାଙ୍ଗେଲ,ଫାୟାର ସେଫ୍ଟି, ଗ୍ରାଉଣ୍ଡ ରେସକ୍ୟୁ, ରୋଷେଇ ଗ୍ୟାସ ଆଦିରୁ ନିଆଁ ଲାଗିଲେ କିପରି ଲିଭାଇବେ ଓ ଏହା ଉପରେ ସତର୍କତା ସମ୍ବନ୍ଧରେ ପିଲାଙ୍କୁ ବୁଝାଇଥିଲେ। ହାଇସ୍କୁଲର ଶିକ୍ଷକ ତ୍ରିଲୋଚନ ନାଏକ, ଦେବାନନ୍ଦ ରଣା, ମହେନ୍ଦ୍ର କରସେଲ, ହିଟଲର କ୍ଲବର ସନ୍ତୋଷ ସା, ପରିକ୍ଷୀତ ସା, ସଞ୍ଜୟ ସା, ଜେନାମଣୀ ଟପ୍ପୋ, ମହେନ୍ଦ୍ର ବୁଡା, କ୍ଲବର ସଭାପତି ସୁମନ୍ତ କୁମାର ସା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ ।



ଛାତ୍ରୀଛାତ୍ରଙ୍କୁ ନିଆଁ ଲିଭାଇବା କୌଶଳ ତାଲିମ ଦିଆଯାଉଛି।

# ୬ ଲୋକ ସଭା, ୩୬ ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଚୂଡ଼ାନ୍ତ



ଭକ୍ତଚରଣ ଦାସ



ପ୍ରଦୀପ ମାଝି



ଜର୍ଜ ତିର୍କୀ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ରାଜ୍ୟରେ ହେବାକୁ ଥିବା ପ୍ରଥମ ଦୁଇଟି ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପ୍ରଥମ ଦଫାରେ ୬ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ହୋଇଛି। ପୂର୍ବଥର ଭଳି ନବରଙ୍ଗପୁର ଏବଂ କଳାହାଣ୍ଡି ଲୋକ ସଭା ପାଇଁ ଯଥାକ୍ରମେ ପ୍ରଦୀପ ମାଝି ଏବଂ ଭକ୍ତ ଦାସଙ୍କ ନାମ ଘୋଷଣା କରାଯାଇଛି। ବରଗଡ ଲୋକ ସଭା ଆସନ ପାଇଁ ପ୍ରଦୀପ କୁମାର ଦେବତା ଏବଂ ସୁନ୍ଦରଗଡ ଆସନରେ ଜର୍ଜ ତିର୍କୀଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କନ୍ଧମାଳ ଲୋକ ସଭା ଆସନରୁ ମନୋଜ କୁମାର ଆଚାର୍ଯ୍ୟ ଏବଂ ବ୍ରହ୍ମପୁର ପାଇଁ ଚନ୍ଦ୍ର ଶେଖର ନାଇଡୁଙ୍କୁ ଦଳ ଟିକେଟ ଦେଇଛି। ବିଧାନସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ବଲାଙ୍ଗୀରରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ନୂଆପଡାରୁ ଘାସିରାମ ମାଝି, ଡାବୁଗାଁରୁ ବିଧାୟକ ଭୁଜବଳ ମାଝି, ଲାଞ୍ଜିଗଡରୁ ଶିବାଜୀ ମାଝି, ସାନଖେମୁଣ୍ଡିରୁ ରମେଶ ମାଝି, ମୋହନାରୁ ଦାଶରଥୀ ଗମାଙ୍ଗ, ଜୟପୁରରୁ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ବାକିଥିବା ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଦଳ ପକ୍ଷରୁ ଘୋଷଣା କରାଯିବ। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରଭାରୀ ମୁକୁଲ ୱାସନିକ୍‌ଙ୍କ ଦ୍ୱାରା ଏହି ତାଲିକା ପ୍ରକାଶ ପାଇଛି।

**ଲୋକ ସଭା ଆସନ ପ୍ରାର୍ଥୀ ତାଲିକା**

| | | | |
|---|---|---|---|
| ୧ | କଳାହାଣ୍ଡି: ଭକ୍ତଚରଣ ଦାସ | ୪ | ନବରଙ୍ଗପୁର: ପ୍ରଦୀପ ମାଝି |
| ୨ | ବରଗଡ଼: ପ୍ରଦୀପ କୁମାର ଦେବତା | ୫ | କନ୍ଧମାଳ: ମନୋଜ କୁମାର ଆଚାର୍ଯ୍ୟ |
| ୩ | ସୁନ୍ଦରଗଡ଼: ଜର୍ଜ ତିର୍କୀ | ୬ | ବ୍ରହ୍ମପୁର: ଭି. ଚନ୍ଦ୍ରଶେଖର ନାଇଡୁ |

**ବିଧାନସଭା ଆସନ ପ୍ରାର୍ଥୀ ତାଲିକା**

| | | | |
|---|---|---|---|
| ୧ | ପଦମପୁର: ସତ୍ୟ ଭୂଷଣ ସାହୁ | ୧୯ | ଭଞ୍ଜନଗର: ସଞ୍ଜୟ କୁମାର ତ୍ରିପାଠୀ |
| ୨ | ବରଗଡ଼: ନୀପନ ଦାସ | ୨୦ | ପୋଲସରା: ହରିଚରଣ ସ୍ୱାଇଁ |
| ୩ | ଅତାବିରା: ନିହାର ମହାନନ୍ଦ | ୨୧ | କବିସୂର୍ଯ୍ୟନଗର: ବିଜୟ କୁମାର ସାହୁ |
| ୪ | ବୀରମିତ୍ରପୁର: ରୋହିତ ଯୋଶେଫ ତିର୍କୀ | ୨୨ | ଆସିକା: ମନୋଜ କୁମାର ଜେନା |
| ୫ | ରାଜଗାଙ୍ଗପୁର: ଡ. ସି.ଏସ୍. ରାଜନ | ୨୩ | ସାନଖେମୁଣ୍ଡି: ରମେଶ ଚନ୍ଦ୍ର ଜେନା |
| ୬ | ବୀରମହାରାଜପୁର: ବିନୋଦ କୁମାର ପାତ୍ର | ୨୪ | ହିଞ୍ଜିଳି: ରାମକୃଷ୍ଣ ପଣ୍ଡା |
| ୭ | ବଲାଙ୍ଗୀର: ନରସିଂହ ମିଶ୍ର | ୨୫ | ଗୋପାଳପୁର: ଏସ୍. ଧର୍ମରାଜ ରେଡ୍ଡି |
| ୮ | ନୂଆପଡ଼ା: ଘାସିରାମ ମାଝି | ୨୬ | ବ୍ରହ୍ମପୁର: ଲିଙ୍ଗରାଜ ଚୌଧୁରୀ |
| ୯ | ଖଡ଼ିଆଳ: ଅଧିରାଜ ପାଣିଗ୍ରାହୀ | ୨୭ | ଦିଗପହଣ୍ଡି: ବିସ୍ମୟ ମହାପାତ୍ର |
| ୧୦ | ଝରିଗାଁ: ଉଲାଧର ମାଝି | ୨୮ | ଚିକିଟି: ସୁବାସ ଚନ୍ଦ୍ର ରାଉତ |
| ୧୧ | ନବରଙ୍ଗପୁର: ସଦନ ନାୟକ | ୨୯ | ମୋହନା: ଦାଶରଥୀ ଗମାଙ୍ଗ |
| ୧୨ | ଡାବୁଗାଁ: ଭୁଜବଳ ମାଝି | ୩୦ | ଗୁଣପୁର: ପୁରୁଷୋତ୍ତମ ଗମାଙ୍ଗ |
| ୧୩ | ଲାଞ୍ଜିଗଡ଼: ଶିବାଜୀ ମାଝି | ୩୧ | ବିଷମକଟକ: ନୀଳମାଧବ ହିକ୍କା |
| ୧୪ | ଧର୍ମଗଡ଼: ଦିଗମ୍ବର ଦୁରିଆ | ୩୨ | ଜୟପୁର: ତାରାପ୍ରସାଦ ବାହିନୀପତି |
| ୧୫ | ବାଲିଗୁଡ଼ା: ସାଇମନ ମଲ୍ଲିକ | ୩୩ | କୋରାପୁଟ: କୃଷ୍ଣଚନ୍ଦ୍ର କୁଳଦୀପ |
| ୧୬ | ଫୁଲବାଣୀ: କିଶୋର ଚନ୍ଦ୍ର କହଁର | ୩୪ | ପଟାଙ୍ଗୀ: ରାମଚନ୍ଦ୍ର କାଡାମ |
| ୧୭ | କଣ୍ଟାମାଳ: ପ୍ରଶାନ୍ତ ସାହୁ | ୩୫ | ମାଲକାନଗିରି: ମାଲା ମାଢ଼ି |
| ୧୮ | ଦଶପଲ୍ଲା: ପ୍ରଶାନ୍ତ କୁମାର ନାୟକ | ୩୬ | ଚିତ୍ରକୋଣ୍ଡା: ଲକ୍ଷ୍ମୀପ୍ରିୟା ନାୟକ |



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍‌ସପିଅର



## ସଂକ୍ଷେପରେ

### ଗୋରୁ ଚାଷୀଙ୍କୁ ଦାଉ ସାଧୁଛନ୍ତି

ରିଷିଡା,୧୯।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳର ଚାଷୀ ମୁଖ୍ୟତଃ ଖରିଫ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି । ଖରିଫ ଚାଷ ପରେ ଚାଷ ଜମିରେ ମୁଗ, କୋଳଥ, ଚଣା, ବିରି ପ୍ରଭୃତି ଡାଲି ଜାତୀୟ ଫସଲ ଚାଷ କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି । ହେଲେ ଏହି ଅଞ୍ଚଳର ବୁଲା ଗାଈ ଗୋରୁ ଚାଷୀଙ୍କ ନିଦ ହଜାଇ ଦେଇଛି । ବୁଲା ଗାଈଗୋରୁଗୁଡିକ ରାତି ୧୧ଟାରୁ ସକାଳ ପର୍ଯ୍ୟନ୍ତ ଚାଷୀଙ୍କ ଫସଲ ଖାଇଯାଉଛନ୍ତି । ଚାଷୀମାନେ ଅନିଦ୍ରା ହୋଇ ଜଗି ରହିଲେ ବି ଗାଈଗୋରୁ ଚାଷ ନଷ୍ଟ କରୁଛନ୍ତି । ରିଷିଡାର ପୀତାମ୍ବର ରଣା, କନ୍ଦର୍ପ ରଣା, ଶେଷଦେବ ରଣା ପ୍ରଭୃତି ଅନେକଙ୍କ ଫସଲ ଗାଈ ଗୋରୁ ସମ୍ପୂର୍ଣ୍ଣ ନଷ୍ଟ କରି ସାରିଲେଣି । ରିଷିଡା ଅଞ୍ଚଳର ଗୋରୁମାନଙ୍କ ମାଲିକ ଗୁହାଳରେ ବାନ୍ଧି ନ ରଖିବାରୁ ରାସ୍ତା କଡରେ ସନ୍ଧ୍ୟାରେ ରହୁଛନ୍ତି। ରାତି ହେଲେ ଫସଲ ଖାଇଯାଉଛନ୍ତି। ସନ୍ଧ୍ୟାରେ ରାସ୍ତା ଉପରେ ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ଏହି ଗାଈଗୋରୁ ମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଚାଷୀମାନେ ଦାବି କରୁଛନ୍ତି ।

### କମ୍ପାନୀ ବିରୋଧରେ ହତ୍ୟା ମାମଲା ରୁଜୁ ଦାବି

ଭବାନୀପାଟଣା,୧୯।୩(ଡି.ଏନ.ଏ.)
ଭବାନୀପାଟଣାଠାରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ଆବାହକ ସତ୍ୟ ମାହାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଗଣତାନ୍ତ୍ରିକ ପଦ୍ଧତିରେ ଚାଲିଥିବା ଆନ୍ଦୋଳନକୁ ରୋକିବା ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ପୋଲିସ ସହାୟତାରେ ହତ୍ୟାକାଣ୍ଡ ଭିଆଉଥିବା ଯୋଗୁ କର୍ତ୍ତୃପକ୍ଷଙ୍କୁ ବିରୋଧରେ ହତ୍ୟା ମାମଲା ରୁଜୁ କରିବା, ସୁପ୍ରିମକୋର୍ଟ ଖଣି ଖନନକୁ ବନ୍ଦ କରିଥିବା ବେଳେ ବିସ୍ଥାପିତମାନଙ୍କୁ ପ୍ରତିଶ୍ରୁତି ଦେଇ ପୂରଣ ନ କରିବା, କେନ୍ଦ୍ର, ରାଜ୍ୟ ଓ କମ୍ପାନୀ ମିଳିତ ଭାବେ ସୋମବାରର ଘଟଣା ପାଇଁ ଦାୟି ଅଟନ୍ତି। ତେଣୁ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏଥିରେ ସିପିଆଇର ରାଜ୍ୟ ପରିଷଦ ସଦସ୍ୟ ଦାମୋଦର ବେହେରା, ସିପିଆଇର ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା କୃଷକ ସଂଘର୍ଷ ସମିତି ସଭାପତି ନିରଞ୍ଜନ ପ୍ରଧାନ, ସମାଜବାଦୀ ଜନପରିଷଦ ରାଷ୍ଟ୍ରୀୟ ଉପସଭାପତି ଲିଙ୍ଗରାଜ ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ସମ୍ବଲପୁର, ୧୯।୩ (ବ୍ୟୁରୋ)
ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମର ଚତୁର୍ଥ ସୋପାନ ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ଶିଶୁ ବାଟିକା ସହ ପ୍ରମୁଖ ସୁଭାଷ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପଶ୍ଚିମ ସମ୍ଭାଗ ସହସଂଯୋଜକ ପ୍ରଦୀପ କୁମାର ମିଶ୍ର, ସ୍କୁଲ ପରିଚାଳନା ସମିତି ସମ୍ପାଦକ ହେମାଞ୍ଚଳ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବଡ଼ଗାଁ ବ୍ଲକରେ ରାଜନୀତି ସରଗରମ

# ଅଡୁଆ କରିବ ଅଫିସରରାଜ ପ୍ରସଙ୍ଗ

ବଡଗାଁ, ୧୯।୩ (ଡି.ଏନ.ଏ)

ଆଗାମୀ ବିଧାନସଭା ନିର୍ବାଚନରେ ବିଜେଡିକୁ ଅଡୁଆ କରିବ ଅଫିସର ରାଜ ପ୍ରସଙ୍ଗ। ଏହା ଶାସକ ଦଳର ବିରୋଧିମାନେ କେବଳ କହୁ ନାହାନ୍ତି, ଗାଁ ଗହଳିର ସଚେତନ ଲୋକେ ମଧ୍ୟ ୫ବର୍ଷ ମଧ୍ୟରେ କିପରି ଥାନା, ବ୍ଲକ, ତହସିଲ, ଆରଆଇ ଅଫିସ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ, ଦାବି ଜଣାଇ ନିରାଶ ହୋଇଛନ୍ତି ତାକୁ ନେଇ ପେଡି ଖୋଲୁଛନ୍ତି। ଏଭଳି ଅଭିଯୋଗ ସୁନ୍ଦରଗଡ ଜିଲାର ବଡଗାଁ ବ୍ଲକ ଅଞ୍ଚଳରେ ଶୁଣାଯାଉଛି। ବଡ଼ଗାଁ ବ୍ଲକ ଅଞ୍ଚଳର କେତେକ ଘଟଣାରେ 'ଅଫିସର ରାଜ'ର ଜ୍ୱଳନ୍ତ ଉଦାହରଣ ଦେଖାଯାଏ। ରାଜ୍ୟ ସରକାର ନାରୀକୁ ସମ୍ମାନ କହୁଥିଲେ ମଧ୍ୟ ଏ ଦିଗରେ ସରକାରୀ କଳ କେତେ ସମ୍ବେଦନ ବଡଗାଁ ବସଷ୍ଟାଣ୍ଡରେ ଅତି ଆବଶ୍ୟକ ଶୌଚାଳୟ ନିର୍ମାଣ ଘଟଣାରୁ ଜଣାପଡେ। ରାସ୍ତା ପ୍ରଶସ୍ତୀକରଣ ପରେ ଭଙ୍ଗା ଯାଇଥିବା ଶୌଚାଳୟ ସ୍ଥାନକୁ ଜଣେ ରାଜନୀତିର ଲାଞ୍ଜ ଧରିଥିବା ଠିକାଦାର ଜବରଦଖଲ କରିବାରୁ ସେହି ସ୍ଥାନରେ ଶୌଚାଳୟ ନିର୍ମାଣ ପାଇଁ ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଆନ୍ଦୋଳନ କଲେ। ପ୍ରଶାସନ ଶୀଘ୍ର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଲେ। କିନ୍ତୁ ବର୍ଷେ ବିତିଯାଇଥିଲେ ମଧ୍ୟ ନିର୍ମାଣ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ପିଡବ୍ଲୁଡି ଅଧିକାରୀଙ୍କୁ କହିଲେ ଲୋକେ ଶୌଚାଳୟ ପାଇଁ ପାଣି ବ୍ୟବସ୍ଥା କରନ୍ତୁ କହି ଦାୟୀତ୍ୱ ଖସାଇ ହାତ ବାନ୍ଧି ବସିଛନ୍ତି। ବସଷ୍ଟାଣ୍ଡରେ ବିଶେଷ କରି ମହିଳାଙ୍କ ପାଇଁ ଶୌଚାଳୟ ଅତି ଆବଶ୍ୟକ ହୋଇଥିଲେ ମଧ୍ୟ ଶାସକ ଦଳର କର୍ମୀ, ନେତାମାନେ ସାମାନ୍ୟ ସୁଦ୍ଧା ଚେଷ୍ଟା କରି ନ ଥିଲା ବେଳେ ଆନ୍ଦୋଳନରେ ମଧ୍ୟ ସାମିଲ ହୋଇ ନ ଥିଲେ। ସ୍ଥାନୀୟ ବିଧାୟକ ଓ କଂଗ୍ରେସ ଦଳର ନେତା ମଧ୍ୟ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ କେବେ ଚେଷ୍ଟା କରିଥିବାର ଦୃଷ୍ଟାନ୍ତ ନାହିଁ। ଶାସକ ଦଳର ସର୍ବାଧିକ ଆଗଧାଡିର କର୍ମୀ ଠିକାକୋଟାରେ ଅଧିକ ଧ୍ୟାନ ଦେଉଥିଲା ବେଳେ କଂଗ୍ରେସ ଦଳର ହାତଗଣତି ୫ଜଣ ଆଗ ଧାଡିର କର୍ମକର୍ତ୍ତା ଠିକା କାମରେ ବ୍ୟସ୍ତ ରହୁଥିବାରୁ ଶାସକ ଓ ବିରୋଧି ଦଳର କର୍ମକର୍ତ୍ତାଙ୍କୁ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ସ୍ୱର ଉତ୍ତୋଳନ କରିବା କେବେ ଦେଖାଯାଇନାହିଁ । ବଡଗାଁ ବ୍ଲକର ଜରଙ୍ଗଲୋଇ ଗ୍ରାମରେ ଓ ଜିଲାର ୧୦ଟି ସ୍ଥାନରେ ସେଣ୍ଟ୍ରାଲ ମଡେଲ ସ୍କୁଲ ଖୋଲି ଶିକ୍ଷକ ନିଯୁକ୍ତି ଏବଂ ଟ୍ରେନିଂ କରାଇଦେବାକୁ କହି ଜଣେ ଉପକୂଳ ଅଞ୍ଚଳର ସ୍କୁଲ ଖୋଲିଥିବା ବ୍ୟକ୍ତି ୧୨୦ ବେକାର ଯୁବତୀ ଯୁବକଙ୍କଠାରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। ବେକାର ଯୁବତୀ ଯୁବକମାନେ ବ୍ଲକ ଶିକ୍ଷା ଅଧିକାରୀ ବେସରକାରୀ ସ୍କୁଲ ଖୋଲିବାକୁ ଅନୁମତି ଦେଇଥିବାରୁ ବିଶ୍ୱାସ କରି ଟଙ୍କା ଦେଇଥିଲେ ବୋଲି ଉକ୍ତ ଅଧିକାରୀଙ୍କ ଠାରୁ ବିଇଓ ଏବଂ ଥାନା, ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ ମଧ୍ୟ ଥାନାରେ କେସ କରାଯାଇ ନ ଥିଲା। ବିଭାଗୀୟ ତଦନ୍ତ କରି ଅଧିକାରୀମାନେ ଚୁପ ହୋଇ ବସିଛନ୍ତି। ଏପରିକି ଥାନାରେ ଅଭିଯୋଗକାରୀଙ୍କୁ ହଇରାଣ କରି ପଠାଇ ଦିଆଯାଇଥିଲା। ରାଜ୍ୟରେ ଚିଟଫଣ୍ଡ ଠକଙ୍କୁ ସରକାର ଘଣ୍ଟ ଘୋଡାଇଥିବା ଅଭିଯୋଗ ଥିଲାବେଳେ ଏଠାରେ ମଧ୍ୟ ଠକଙ୍କୁ ସରକାରୀ କଳର ଅନୁକମ୍ପା ସ୍ପଷ୍ଟ ଜଣାପଡେ । ଏହି ପରି ଅନେକ ଦୁର୍ନୀତୀକୁ ଜିଲା ବ୍ଲକ ସ୍ତରୀୟ ଅଧିକାରୀମାନେ ଘୋଡାଇ ଦେଇଛନ୍ତି। ବଡଗାଁ ବ୍ଲକ ଅଫିସ ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କ ଘରକୁ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବିଧାୟକ ସୁପାରିଶ କରିଥିଲେ। ନିୟମ ଉଲଂଘନ କରି ସରକାରୀ ଅଧିକାରୀମାନେ ରାସ୍ତା କାମ କରିଥିଲେ। ଏଠାରୁ ମାତ୍ର ୨ଶହ ମିଟର ଦୂର ଆଦିବାସୀ ବସ୍ତିକୁ ରାସ୍ତା, ପୋଖରୀ ରାସ୍ତା କଂକ୍ରିଟର ଆବଶ୍ୟକତା ଉପରେ ସରକାରୀ ଅଧିକାରୀ ଓ କଂଗ୍ରେସ କର୍ମକର୍ତ୍ତା, ଠିକାଦାର ମୁହଁ ମୋଡି ଜଣେ ବ୍ୟକ୍ତିଙ୍କ ଘରକୁ ଯାଇଥିବା ରାସ୍ତା କଂକ୍ରିଟ କରିଥିଲେ। ଏପରିକି ଏହି କାମ ଚମ୍ପାପଡାକୁ ରାସ୍ତା ଲେଖିଥିଲେ। ଯାହାକି ଚମ୍ପାପଡା ନାମରେ କୌଣସି ପଡା ନାହିଁ । ଲୋକଙ୍କ ଆଖିରେ ଅଙ୍ଗୁଳି ଖେଞ୍ଚି ଦୁର୍ନୀତି କରାଯାଇଥିଲା । ଏହିପରି ଅଫିସର ରାଜ ଓ ନେତାଙ୍କ ଦୁର୍ନୀତିକୁ ଘୋଡାଇବା ଭଳି ଅନେକ ଘଟଣାର ଲମ୍ବା ତାଲିକା ରହିଛି। ତେବେ ଜିଲାପାଳଙ୍କଠାରେ ଅଭିଯୋଗ କଲେ କିଛି ହେବ, ସେ ଆଶା ଲୋକେ ହରାଇଛନ୍ତି। ବାରମ୍ବାର ଦାବି ଅଭିଯୋଗ କରି ବର୍ଷ ବର୍ଷ ନିରାଶ ହୋଇଛନ୍ତି। ଗ୍ରାମର ଗରିବ ଅଧିବାସୀ ୪ ଡିସିମିଲ ଜମି ପାଇଁ ଆରଆଇ, ତହସିଲ ଅଫିସ ବାରମ୍ବାର ଧାଇଁଥିଲେ ମଧ୍ୟ ମିଳୁନାହିଁ । ଅଥଚ ଥିଲାବାଲା ଓ ବାହାର ଜିଲା ରାଜ୍ୟରୁ ଆସୁଥିବା ଲୋକେ ରାଜସ୍ୱ ଅଧିକାରୀଙ୍କୁ ହାତେଇ ଏକର ଏକର ଜମି ଦଖଲ କରିନେଉଛନ୍ତି । ଏଥିରେ ରାଜନୈତିକ ଦଳର କର୍ମକର୍ତ୍ତା ମଧ୍ୟ ସାମିଲ ରହୁଛନ୍ତି। ନିଜ ଅଞ୍ଚଳର ଗରିବ ଅଧିବାସୀମାନେ କିପରି ୪ ଡିସିମିଲ ଜମି ପାଇବେ, ସେଥିପାଇଁ ୫ବର୍ଷ ମଧ୍ୟରେ ଶାସକ ଦଳର କର୍ମକର୍ତ୍ତାଙ୍କୁ ସମୟ ମିଳିନାହିଁ । ରାଜ୍ୟ ସରକାର କିଛି ବର୍ଷ ଅନ୍ତରରେ ଜଳସେଚନର ବର୍ଷ କହି ଆସୁଥିଲେ ମଧ୍ୟ ଜମିକୁ ପାଣି ଯିବା ଦେଖା ଯାଏନାହିଁ । ଏପରିକି ଗତ ଖରିଫ ଧାନ ଚାଷ ପୂର୍ବରୁ ଅଞ୍ଚଳର କେତେକ ଉଠାଜଳସେଚନ ପ୍ରକଳ୍ପ ମରାମତି ସତ୍ତ୍ୱେ ଅଧିକାରୀମାନେ କାର୍ଯ୍ୟକ୍ଷମ ନ କରାଇବାରୁ ମରୁଡିରେ ଧାନ ବଞ୍ଚାଇ ପାରି ନ ଥିଲେ ଚାଷୀ। ଚରମ ଅବ୍ୟବସ୍ଥା ମଧ୍ୟରେ ବିଭିନ୍ନ ଯୋଜନା ଚାଲିଥିବା ବେଳେ ଅଫିସର ଓ କିଛି ନେତା ଫାଇଦା ଉଠାଉଛନ୍ତି । ଏହି ଗ୍ରାମାଞ୍ଚଳରେ ଆଲୋଚନାର ବିଷୟ ହୋଇଛି । କେଉଁ ନେତା କଣ କରିଛନ୍ତି, ସ୍ଥାନୀୟ ନେତା, କର୍ମୀମାନେ ଲୋକଙ୍କ ସମସ୍ୟା ଦୂର କରିବାରେ ସହଯୋଗୀ ହୋଇଥିଲେ ନା ନିଜ ସ୍ୱାର୍ଥ ସିଦ୍ଧିରେ ବ୍ୟସ୍ତ ଥିଲେ ତାକୁ ନେଇ ଚର୍ଚ୍ଚା ହେଉଛି । ଏସବୁକୁ ଶୁଣିଲେ, ଦେଖିଲେ ଶାସକ ଦଳକୁ ଅଫିସର ରାଜ ପ୍ରସଙ୍ଗ ଅବଶ୍ୟ ଅଡୁଆରେ ପକାଇବ ରାଜନୈତିକ ସ୍ତରରେ ଶୁଣାଯାଉଛି ।

## ରାସ୍ତା କାମ ଆରମ୍ଭ, ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଭବାନୀପାଟଣା,୧୯।୩(ଡି.ଏନ.ଏ.)

ଆସନ୍ତା ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ତେବେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କୌଣସି ଉନ୍ନୟନମୂଳକ କାମ କରା ନ ଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ସୋମବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ମୁଣ୍ଡରାଗୁଡା– ଗୋଜିଆପଡା ରାସ୍ତାରେ ମେଟାଲ, ବାଲି ପକା ଯାଇଥିବା ଦେଖିବାକୁ ମିଳିଛି। ଏହାଛଡା ରାସ୍ତାକଡରେ ସୂଚନା ଫଳକରେ କିଛି ଲେଖାଯାଇ ନାହିଁ। ଏପରି କି ସୋମବାର ଟ୍ରାକ୍ଟରରେ ବାଲି ଆଣି ରାସ୍ତା ମଝିରେ ପକାଇ ଦେଇଥିବାରୁ ଲୋକମାନେ ଯାତାୟାତ କରିବାରେ ଅସୁବିଧା ଭୋଗିଥିଲେ। ଏହି କାମ କିଏ କରୁଛି ଓ କେଉଁ ବିଭାଗ କରୁଛି ସେ ସମ୍ପର୍କରେ ଗ୍ରାମବାସୀ ଜାଣିପାରି ନାହାନ୍ତି। ଅନ୍ୟପକ୍ଷେ ନିର୍ବାଚନ ସମୟରେ ଆଚରଣ ବିଧି ଉଲ୍ଲଂଘନ କରାଯାଇ ଏପରି କାମ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଏହି ରାସ୍ତାରେ ଚାଲି ଚାଲି ଯିବା କଷ୍ଟକର ହୋଇଥିବା ବେଳେ ସୋମବାର ହଠାତ୍ ମେଟାଲ ପକା ଯାଉଥିବାରୁ ଏହା ରାଜନୈତିକ ଚାଲ ବୋଲି ସାଧାରଣରେ ଅଭିଯୋଗ ହେଉଛି ।

## ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ନୂଆଗାଁ ଶାଖାର ପୁନର୍ଗଠନ



ଉପସ୍ଥିତ ଶିକ୍ଷକ ସଂଘର କର୍ମକର୍ତ୍ତା।

ନୂଆଗାଁ, ୧୯।୩ (ଡି.ଏନ.ଏ)

ଶିକ୍ଷକ ବୈଠକ ପ୍ରକଷ୍ଠରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଭୁକ୍ତ) ନୂଆଗାଁ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନୂଆଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଘ ସଭାପତି ଶିକ୍ଷକ ପର୍ଶୁରାମ ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇ ସଂଘ ସମ୍ପାଦକ ଶିକ୍ଷକ ମଙ୍ଗଳ କେର୍କେଟାଙ୍କୁ ବୈଠକର ବିଷୟବସ୍ତୁ ଏବଂ ଆଲୋଚନାକୁ ଆଗେଇବାକୁ କହିଥିଲେ । ଏହି ବୈଠକରେ ନୂଆଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକଙ୍କ ସମସ୍ୟାଗୁଡିକ ଯଥା ଅନିୟମିତ ଦରମା ପ୍ରଦାନ, ଜିଆଇଏସ, ଏନପିଏସ କାମ, ଇନକ୍ୟୁରମେଣ୍ଟ ଏରିଅର ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷା ଓ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ, ଭବିଷ୍ୟତର ସୁନାଗରିକ ଗଢ଼ି ତୋଳିବା ଉପରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚ୍ୟ ବିଷୟବସ୍ତୁ ଅନୁଯାୟୀ ପୁରାତନ ଶିକ୍ଷକ ସଂଘକୁ ଭାଙ୍ଗି ନୂତନ କମିଟି ସର୍ବସମ୍ମତିକ୍ରମେ ନିର୍ବାଚନ କରାଯାଇଥିଲା । ଏଥିରେ ସଭାପତି ଭାବରେ ରମେଶ ଚନ୍ଦ୍ର ଜେନା, ଉପସଭାପତି ସୀତା ବଡାଇକ, ସାଧାରଣ ସମ୍ପାଦକ ଗଙ୍ଗାଧର ସିଂ, ସହ ସମ୍ପାଦକ ସସ୍ମିତା ବେହେରା ଓ କୋଷାଧ୍ୟକ୍ଷ ଭାବରେ ଅଗନୁ ବଡାଇକଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ୧୩ କ୍ଲଷ୍ଟରରୁ ୬୭ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ରଞ୍ଜିତ ଏକ୍କା ଧନ୍ୟବାଦ ଦେଇଥିଲେ।

## ବେଆଇନ ଘରୋଇ ସ୍କୁଲ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ହେମଗିର, ୧୯।୩ (ଡି.ଏନ.ଏ)

ଦିନକୁଦିନ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ଗଢ଼ି ଉଠୁଥିବା ବିଦ୍ୟାଳୟମାନଙ୍କ ଉପରେ ସରକାରଙ୍କ ତରଫରୁ ଏବେ ଅଙ୍କୁଶ ଲଗାଯାଇଛି। ଛତୁ ଫୁଟିଲା ଭଳି ବେଆଇନ ସ୍କୁଲ ଖୋଲୁଛି। ଏନେଇ ଓଡିଶା ସରକାରଙ୍କ ଚେତା ପଶିବା ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯେଉଁ ଘରୋଇ ସ୍କୁଲର ସିଓଆର ଓ ଏନଓସି ସାର୍ଟିଫିକେଟ ନାହିଁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସ୍କୁଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ବିଭାଗର ଯୁଗ୍ମ ସଚିବଙ୍କ ପତ୍ର ସଂଖ୍ୟା ୭୩୫୨/ ୧୬.୦୩.୨୦୧୯ ଅନୁଯାୟୀ ପ୍ରତ୍ୟେକ ଜିଲା ଶିକ୍ଷାଧିକାରୀ ତଥା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ପଷ୍ଟ ଭାବରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣେଇ ଦିଆଯାଇଛି। ହେମଗିର ବ୍ଲକରେ ୧୦ଘରୋଇ ସ୍କୁଲ ରହିଥିବା ବେଳେ ସେମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ଆନୁସଙ୍ଗୀକ କାଗଜପତ୍ର ଏଯାଏଁ ପ୍ରସ୍ତୁତ କରି ନ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଜଣାଇଛନ୍ତି । ଦଶଟି ସ୍କୁଲ ମଧ୍ୟରୁ ବସୁନ୍ଧରାରେ ଥିବା ଡିଏଭି ପବ୍ଲିକ ସ୍କୁଲ ଓ ହେମଗିରର କମଳଗାଠାରେ ଥିବା ସେଣ୍ଟ ଫ୍ରାନସିସ ସ୍କୁଲର ଅନୁମତିପତ୍ର ରହିଛି। ବାକି ୮ଟି ସ୍କୁଲର ସରକାରୀ ସ୍ୱୀକୃତ କାଗଜପତ୍ର ନାହିଁ। ବର୍ତ୍ତମାନ ସରକାରଙ୍କ ଏହି ନିର୍ଦ୍ଦେଶ ମୁତାବକ କାଗଜପତ୍ର ପ୍ରସ୍ତୁତ କରି ନ ପାରିଲେ ସ୍କୁଲଗୁଡିକ ଅଦିନରେ ବନ୍ଦ କରିବାକୁ ବାଧ୍ୟ ହେବେ। ଏହା ଦ୍ୱାରା ଛାତ୍ରୀଛାତ୍ର ଶିକ୍ଷା ଆହରଣରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଅଭିଭାବକଙ୍କ ଚିନ୍ତାକୁ ଦିଗୁଣିତ କରିବ ।

## ମଦ ବ୍ୟବସାୟୀଙ୍କ ପ୍ରତି ପୋଲିସର ଅନୁକମ୍ପା



ଜବତ ମଦ ସହ ସାମଗ୍ରୀ।

ସବ୍‌ଡେଗା, ୧୯।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ତଲସରା ପୋଲିସ ମଦ ବ୍ୟବସାୟୀଙ୍କ ପ୍ରତି ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ରବିବାର ସକାଳ ସାଢ଼େ ୧୦ଟାରେ ତଲସରା ପୋଲିସ ପକ୍ଷରୁ ଏକ ଟିମ୍ କିରାଲଗା ପଞ୍ଚାୟତର ସାଲେଘଘରା ଗ୍ରାମରେ ଚଡାଉ କରିଥିଲେ। ଦେଶୀ ମହୁଲି ତିଆରି ହେଉଥିବା ଆଡ୍ଡାରେ ଚଢ଼ାଉ କରି ଦୁଇ ଜଣ ବ୍ୟବସାୟୀଙ୍କ ପାଖରୁ ହାରାହାରି ୩ଶହ ଲିଟର ମଦ ଜବତ କରିବା ସହ ତିଆରି କରାଯାଉଥିବା ସାମଗ୍ରୀ ଜବତ କରିଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ଏହିକି ଯେ, ଉକ୍ତ ବ୍ୟବସାୟୀମାନଙ୍କଠାରୁ ଥାନାରେ ଟଙ୍କା ନେଇ ୧୦ ଲିଟର ମଦ ଜବତ ହୋଇଥିବାର କାଗଜପତ୍ର କରାଯାଇଥିବାର କୌଣସି ସୂତ୍ରରୁ ଖବର ମିଳିଥିଲା । ପରେ ଅଞ୍ଚଳର ଅନ୍ୟ ମଦ ବ୍ୟବସାୟୀମାନଙ୍କୁ ଥାନାକୁ ଡାକି ସେମାନଙ୍କଠାରୁ ମଧ୍ୟ ମୋଟା ଅଙ୍କ ଅର୍ଥ ଆଦାୟ କରିଥିବାର କେତେଜଣ ବ୍ୟବସାୟୀ କହିଛନ୍ତି। ଦୀର୍ଘ ଦିନରୁ ଅଞ୍ଚଳରେ ଅନେକ ଚୋରି, ଅନେକ ଅପରାଧ ଘଟଣା ଘଟିଛି। ହେଲେ ପୋଲିସ ସେହି ଅପରାଧିମାନଙ୍କୁ ଚିହ୍ନିଥିଲେ ମଧ୍ୟ ଗିରଫ କରୁନାହିଁ। ଲୋକେ ପୋଲିସ ଉପରୁ ଆସ୍ଥା ବିଶ୍ୱାସ ହରାଇଲେଣି। ଏଥିପ୍ରତି ଏସ୍‌ପି ଓ ଜିଲାପାଳ ଦୃଷ୍ଟିଦେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ମଦ ବ୍ୟବସାୟୀ, ଅଭିଯୁକ୍ତମାନଙ୍କୁ ଅନୁକମ୍ପା ଦେଖାଉଥିବା ପୋଲିସର ବଦଳି ପାଇଁ ଦାବି ଉଠୁଛି।

## ଅବକାରୀ ବିଭାଗର ଚଢ଼ାଉ

# ମଦ ଓ ବାଇକ ଜବତ: ୪ ଗିରଫ

ରାଜଗାଙ୍ଗପୁର, ୧୯।୩ (ଡି.ଏନ.ଏ)



ଜବତ ମଦ ସାମଗ୍ରୀ, ବାଇକ ସହ ଅବକାରୀ ଅଧିକାରୀ, କର୍ମଚାରୀ ଓ ଅଭିଯୁକ୍ତ।

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ଓ ବଡ଼ଗାଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ବେଆଇନ ଦେଶୀମଦ ବିକ୍ରି କରୁଥିବା ସ୍ଥାନରେ ଚଢ଼ାଉ କରି ୯୦ ଲିଟର ଦେଶୀ ମଦ ଜବତ କରିବା ସାଙ୍ଗକୁ ଏକ ବାଇକ ଜବତ କରାଯାଇଛି। ଏଥିରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲଙ୍କଠାରୁ ଜାଣିବାକୁ ମିଳିଛି ଯେ, ରାଜଗାଙ୍ଗପୁର ଓ ବଡଗାଁ ଅବକାରୀ ବିଭାଗ ମିଳିତ ଭାବେ ରାଜଗାଙ୍ଗପୁର ବ୍ଲକର ଝଗରପୁରଠାରେ ଚଢ଼ାଉ କରି ସିମନ ଏକ୍କାଙ୍କୁ ଗିରଫ କରିବା ସାଙ୍ଗକୁ ତାଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଜବତ କରିଥିଲେ। ଏହି କାର୍ଯ୍ୟରେ ବ୍ୟବହାର କରାଯାଇଥିବା ଏକ ବାଇକ ନଂ. ଓଆର ୧୬ ସି–୯୧୨୬କୁ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି ବଡଗାଁ ବ୍ଲକର ସାହାଜବାହାଲ ଗ୍ରାମରେ ଚଢ଼ାଉ କରି ଜୈସ୍ମା ସାହୁଙ୍କଠାରୁ ୨୦ ଲିଟର, ସଞ୍ଜୟ ନାୟକଙ୍କ ଠାରୁ ୨୦ ଲିଟର ଦେଶୀ ମଦ ଓ ଗୌତମ ଗରତିଆଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁନ୍ଦରଗଡ ଅବକାରୀ ଅଧିକାରୀ ଲକ୍ଷ୍ମୀଧର ପରିଡା ଓ ସତ୍ୟଜିତ ଖଟୁଆଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା। ରାଜଗାଙ୍ଗପୁର ଅବକାରୀ ଅଧିକାରୀ ରାମଜୀ ପଟେଲ, ରବୀନ୍ଦ୍ର ପ୍ରଧାନ ଓ ବଡଗାଁ ଅଧିକାରୀ ହୀରା ଦଳପତି ଓ ରବୀନ୍ଦ୍ର ପ୍ରଧାନଙ୍କ ସମେତ କନଷ୍ଟେବଲ ରାଜେଶ ପଟେଲ, ଚନ୍ଦ୍ରଶେଖର ଖଣ୍ଡା, ଶ୍ରୀନିବାସ ବିଶୋଇ, ସଞ୍ଜୟ କୁମାର ଅମାତ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ସୁଶାନ୍ତ ପଟେଲ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ, ଗାୟତ୍ରୀ ସା, ଜୈତି କେରକେଟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ପରମ୍ପରାଗତ ଜୈବିକ କୃଷି ମେଳା ଉଦ୍‌ଘାଟିତ

ସୁନ୍ଦରଗଡ, ୧୯।୩ (ଡି.ଏନ୍.ଏ)



ମେଳାରେ ଆଦିବାସୀ ନୃତ୍ୟ ଗୀତ ପରିବେଷଣ ହେଉଛି।

ହଜି ଯାଉଥିବା ଦେଶୀ ବିହନର ସୁରକ୍ଷା ଓ ଜୈବିକ ପ୍ରଣାଳୀରେ ଦେଶୀ ବିହନ ଚାଷ କରି ଚାଷୀମାନେ କିଭଳି ଅଧିକ ଲାଭବାନ ହେବେ ଏହି ଲକ୍ଷ୍ୟ ନେଇ ସୁନ୍ଦରଗଡ ସିଆଇଆରଟିଡି (ସମନ୍ୱିତ ଗ୍ରାମୀଣ ଏବଂ ଆଦିବାସୀ ଉନ୍ନୟନ କେନ୍ଦ୍ର) ଆନୁକୂଲ୍ୟରେ ୨ଦିନିଆଁ ପରମ୍ପରାଗତ ଜୈବିକ କୃଷି ମେଳା ମଙ୍ଗଳବାର ଉଦଘାଟିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କ ଦ୍ୱାରା ୩୦ଟି ଷ୍ଟଲ ଜରିଆରେ ଜୈବିକ ପ୍ରଣାଳୀରେ ଚାଷ ହୋଇ ୧୯୬କିସମର ଦେଶୀ ବିହନ ଓ ଫଳ,ପନିପରିବା ଆଦି ସ୍ଥାନ ପାଇଛି। ଏଠାରେ ପ୍ରଦର୍ଶିତ ଧାନ ଦେଶୀ ବିହନଗୁଡିକ ମଧ୍ୟରେ ମଲ୍ଲୀ ଫୁଲ, କୁସୁମ କଳି, ସପୁରି, କଳାବତୀ ରହିଛି। ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା କୃଷି ଉପନିର୍ଦ୍ଦେଶକ ରବିନାରାୟଣ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପରମେଶ୍ୱର ଜଗୁଡ, କିରେଇ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସତ୍ୟମୟ ଶତପଥୀ, ନାବାର୍ଡର ଡିଡିଏମ୍ ଶକ୍ତିପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପକାରିତା ଓ ଏହି ଚାଷର ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଆୟୋଜକ ଅନୁଷ୍ଠାନର କର୍ମକର୍ତ୍ତା ପ୍ରକଳ୍ପ ସଂଯୋଜକ ଅଶୋକ ଦାଶ, ଅହଲ୍ୟା ସା ଓ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସରକାରୀ କଲେଜ ରୋଡସ୍ଥିତ ସିଆଇଆରଟିଡି ପ୍ରାଙ୍ଗଣରେ ଏହି ମେଳା ଦେଖିବା ପାଇଁ ସୁନ୍ଦରଗଡ ତଥା ଆଖପାଖ ଅଞ୍ଚଳରୁ ବହୁ ଚାଷୀ ଓ ଜନସାଧାରଣଙ୍କର ସମାଗମ ହୋଇଛି। ସନ୍ଧ୍ୟାରେ ମେଳାରେ ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ପରିବେଷିତ ହୋଇଥିଲା । ବୁଧବାର ଏହି ମେଳା ଉଦଯାପିତ ହେବ।

ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ପାଣିରେ ବୁଡ଼ି ଯୁବକ ମୃତ

ଲଇକେରା,୧୯।୩(ଡି.ଏନ୍.ଏ.): ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲଇକେରା ଗ୍ରାମର ଟେକରାମ ନାଗ (୨୭) ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଟେକରାମଙ୍କର ପୂର୍ବରୁ ବାତ ରୋଗ ଥିଲା। ମଙ୍ଗଳବାର ସକାଳେ ସେ ବାଘରବନ୍ଧ ପୋଖରୀକୁ ଗାଧୋଇବା ପାଇଁ ଆସିଥିଲେ। ଘାଟରେ ନିଜ ଚପଲ, କପଡ଼ା ଓ ମୋବାଇଲ ରଖି ପାଣିରେ ପଶିଥିଲେ। ଏହି ସମୟରେ ତାଙ୍କୁ ବାତ ମାରିଥିଲା। ଫଳରେ ସେ ବୁଡ଼ିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ନ ପାଇବାରୁ ପୋଖରୀ ନିକଟକୁ ଆସି ଘାଟରେ ଟେକରାମଙ୍କ ଚପଲ ଓ ଗାମୁଛା ଥିବା ଦେଖିଥିଲେ। ସନ୍ଦେହରେ ପାଣିରେ ପଶି ଖୋଜିବା ବେଳକୁ ତାଙ୍କ ମୃତଦେହ ମିଳିଥିଲା। ଲଇକେରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ପାନମସଲା ବୋଝେଇ ଟ୍ରକ୍ ଓଲଟିଲା

ବାମରା,୧୯।୩ (ସ୍ୱ.ପ୍ର.)
ସମ୍ବଲପୁର ଜିଲା ବାମରା ସିଆଲଯୋର ପୁଲିଆଠାରେ ସୋମବାର ବିଳମ୍ବିତ ରାତିରେ ଏକ ପାନମସଲା ବୋଝେଇ ଟ୍ରକ୍ ଓଲଟି ପଡିଛି। ସେଥିରେ ଥିବା ପାନମସଲା ବିଲ୍କୁ ସନ୍ଦେହ କରି ବିକ୍ରୟକର ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସମ୍ବଲପୁର ଶାସନର ନାରାୟଣ ଟ୍ରେଡ଼ିଂରୁ ଝାଡଖଣ୍ଡ ରାଞ୍ଚିର ବାଲମୁକୁନ୍ଦ ଆଣ୍ଡ ସନ୍ସକୁ ଏକ ୧୦ ଚକିଆ ଟ୍ରକ (ଓଡି ୧୫ କେ- ୫୦୪୭)ରେ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପାନମସଲା ବୋଝେଇ ହୋଇ ଯାଉଥିଲା। ହେଲେ ଗାଡିଟି ବାମରା-ଲଇକେରା ମୁଖ୍ୟ ମାର୍ଗ ସିଆଲଯୋର ପୁଲିଆଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଚାଳକ ଓ ସହଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। କିନ୍ତୁ ଉକ୍ତ ଗାଡିରେ ପାନମସଲା (ଗୁଟଖା) ଥିବା ଜାଣିବା ପରେ ଗୋବିନ୍ଦପୁର ପୋଲିସ ବିକ୍ରୟ କର ବିଭାଗକୁ ଖବର ଦେଇଥିଲା। ଖବର ପାଇ ଝାରସୁଗୁଡ଼ା ବିକ୍ରୟ କର ବିଭାଗର ସୁବୋଧ ପଣ୍ଡାଙ୍କ ସହ ଅନ୍ୟ ଅଧିକାରୀ ଆସି ଯାଞ୍ଚ ଆରମ୍ଭ କରିଥିଲେ।

■ ଏସ୍ଏଚ୍ଜି ସଭାଗୃହ ନିର୍ମାଣ ସ୍ଥାନ ନିରୂପଣକୁ ବିରୋଧ

# ପଞ୍ଚାୟତ ଅଫିସ ଘେରିଲେ ମହିଳା

ଲଖନପୁର,୧୯।୩(ଡି.ଏନ୍.ଏ.)


ଏସ୍ଏଚ୍ଜି ସଦସ୍ୟାମାନେ ପଞ୍ଚାୟତ ଅଫିସ ଘେରାଉ କରି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଓ ହିତାଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ଅସନ୍ତୋଷ ଦେଖାଦେଉଛି। ଫଳରେ ବିକାଶରେ ବାଧା ସୃଷ୍ଟି ହେଉଛି। ଏଭଳି ସ୍ଥିତି ଦେଖାଦେଇଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କଣ୍ଡେଇକେଲା ପଞ୍ଚାୟତରେ। କଣ୍ଡେଇକେଲା ଗ୍ରାମରେ ଏସ୍ଏଚ୍ଜି ସଭାଗୃହ ନିର୍ମାଣ ପାଇଁ ସରକାରୀ ଅନୁଦାନ ଆସିଛି। ତେବେ ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚ ଏସ୍ଏଚ୍ଜି ସଦସ୍ୟାଙ୍କ ସହ ଆଲୋଚନା ନ କରି ସଭାଗୃହ ନିର୍ମାଣ ପାଇଁ ଗ୍ରାମ ବାହାରେ ସ୍ଥାନ ନିରୂପଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଗ୍ରାମର ୭ ଏସ୍ଏଚ୍ଜିର ଶତାଧିକ ମହିଳା ବିରୋଧ କରି ମଙ୍ଗଳବାର ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ମା' ଗଙ୍ଗା, ମା' ତାରିଣୀ, ମା' ସରସ୍ୱତୀ, ମା' ପତ୍ରାହାସିନୀ, ମା' ଲକ୍ଷ୍ମୀ, ମା' ଦୁର୍ଗା ଆଦି ଏସ୍ଏଚ୍ଜିର ଶତାଧିକ ସଦସ୍ୟା ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଏସ୍ଏଚ୍ଜି ସଦସ୍ୟାଙ୍କ ଦାବି ମୁତାବକ ଆମ ଗାଁ ଆମ ବିକାଶ ଯୋଜନାରେ ସାଢ଼େ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସଭାଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ହେଲେ ଗ୍ରାମ ବାହାରେ ଥିବା ଏକ ଜଳାଶୟ ନିକଟରେ ଏହି ସଭାଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇ ପ୍ରକଳ୍ପର ନାମଫଳକ ଲଗାଯାଇଛି। ଏହି ସ୍ଥାନ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ। ମହିଳାମାନେ ଏହାକୁ ବିରୋଧ କରୁଛନ୍ତି। ତେଣୁ ଏଠାରେ କାହା ସ୍ୱାର୍ଥରେ ସଭାଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି ବୋଲି ପ୍ରଶ୍ନ କରାଯାଇଛି। ଯଦି ସଭାଗୃହ ନିର୍ମାଣ ସ୍ଥାନ ପରିବର୍ତ୍ତନ କରା ନ ଯାଏ ତେବେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଗାମୀ ଦିନରେ ପଞ୍ଚାୟତ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ କଂସରାଳୀ କହିଛନ୍ତି, ସରପଞ୍ଚ ଓ ସମିତିସଭ୍ୟ ସ୍ଥାନ ନିରୂପଣ କରିଛନ୍ତି। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି କଂସରାଳୀ ସଫେଇ ଦେଇଛନ୍ତି। ସରପଞ୍ଚ ଯାଜ୍ଞସେନୀ ଖଡ଼ିଆ କହିଛନ୍ତି, ସମ୍ପୃକ୍ତ ଜଳାଶୟ ନିକଟରେ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ମନ୍ଦିରକୁ ବହୁ ଭକ୍ତ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସେଠାରେ ସଭାଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯଦି ମହିଳାମାନେ ଏହାକୁ ବିରୋଧ କରୁଛନ୍ତି ତେବେ ଅନ୍ୟ ସ୍ଥାନରେ ନିର୍ମାଣ କରାଯିବ ବୋଲି ଖଡ଼ିଆ କହିଛନ୍ତି।

# ୧୪ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଗଲା

ଲଇକେରା / ଲଖନପୁର,୧୯।୩ (ଡି.ଏନ୍.ଏ.)

ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଅବକାରୀ ଚଢ଼ାଉ ଜୋରଦାର କରାଯାଇଛି। ମଙ୍ଗଳବାର ଝାରସୁଗୁଡ଼ା ଜିଲା ଲଇକେରା ଓ ରେଙ୍ଗାଲି ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୪ କୁଇଣ୍ଟାଲରୁ ଅଧିକ ମହୁଲ ପୋଚ ନଷ୍ଟ କରିଛି। ଲଇକେରା ଥାନାଧିକାରୀ ବିଶ୍ୱପତି ପଣ୍ଡାଙ୍କ ନିର୍ଦ୍ଦେଶରେ ସାହାସପୁର ଫାଣ୍ଡି ଅଧିକାରୀ ସୁନାପଡ଼ା ଜଙ୍ଗଲରେ ଚଢ଼ାଉ କରି ୩.୫ କୁଇଣ୍ଟାଲରୁ ଅଧିକ ପୋଚ ନଷ୍ଟ କରିଛନ୍ତି। ସେଠାରୁ ୫୦ ଲିଟର ମହୁଲ ମଧ୍ୟ ଜବତ କରାଯାଇଛି। ସେହିପରି ବାଗଡିହି ଫାଣ୍ଡି ଅଧିକାରୀ ଦେଓପାଏନ, କୁବାପଡ଼ା ଜଙ୍ଗଲରେ ଚଢ଼ାଉ କରି ୬.୫ କୁଇଣ୍ଟାଲ ପୋଚ ନଷ୍ଟ କରିବା ସହ ୧୦ ଲିଟର ମହୁଲ ଜବତ କରିଛନ୍ତି। ତେବେ ଏହି ଦୁଇ ଘଟଣାରେ କାହାକୁ ଗିରଫ କରାଯାଇ ପାରିନାହିଁ। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି।

ରେଙ୍ଗାଲି ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ ଲିମ୍ଡିହି ଗ୍ରାମ ନାଳ ନିକଟରେ ଚଢ଼ାଉ କରି ୪ କୁଇଣ୍ଟାଲ ପୋଚ ନଷ୍ଟ କରିଛି। ପୋଲିସର ଏଭଳି ଚଢ଼ାଉ ଯୋଗୁ ବେଆଇନ ମଦ ବ୍ୟସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚଢ଼ାଉରେ ଥାନା ଏସ୍ଆଇ ସବିତା ନାୟକ, ଏଏସ୍ଆଇ ପ୍ରହ୍ଲାଦ ପ୍ରଧାନ, ବିଜୟ ପ୍ରଧାନ, ଦୀପକ ଭୋଇ, ସୌଦାମିନୀ ପାଣିଗ୍ରାହୀ, ମନୋଜ ଭୋଇ, ସୁରେଶ ପୂଜାରୀ, ହୃଦାନନ୍ଦ ପ୍ରଧାନ, ଧିରଜ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

# ବେଆଇନ ବନ୍ଧୁକ ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୧୯।୩

ଝାରସୁଗୁଡ଼ା ଜିଲା ବଡ଼ମାଲ ପୋଲିସ ମଙ୍ଗଳବାର ଏକ ବେଆଇନ ମାଉଜର ଜବତ କରିଛି। ମାଉଜର ରଖିଥିବା ବେହେରାପାଲିର ମୃତ୍ୟୁଞ୍ଜୟ ଅଢ଼ା (୪୦)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ମୃତ୍ୟୁଞ୍ଜୟ ବେଆଇନ ବନ୍ଧୁକ ରଖିଥିବାବେଳେ ପୂର୍ବରୁ ତାଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଥିଲା। ଏ ବାବଦରେ ବଡ଼ମାଲ ଥାନାରେ ସୂଚନା ରହିଥିଲା। ମଙ୍ଗଳବାର ମୃତ୍ୟୁଞ୍ଜୟ ମାଉଜର ଧରି ଏକ ପେଟ୍ରୋଲ ପମ୍ପ ନିକଟରେ ଠିଆ ହୋଇଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ମୃତ୍ୟୁଞ୍ଜୟଙ୍କୁ ଗିରଫ କରିଛି।


ଜବତ ମାଉଜର ଓ ଗିରଫ ଅଭିଯୁକ୍ତ।

■ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

# ପ୍ରଥମ ଦିନରେ ୧୩ ନାମାଙ୍କନ ଫର୍ମ ବିକ୍ରି

ଝାରସୁଗୁଡ଼ା ଅଫିସ,୧୯।୩

ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳ ଓ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଝାରସୁଗୁଡ଼ା ଉପଜିଲାପାଳ ତଥା ନିର୍ବାଚନ ରିଟର୍ନିଂ ଅଫିସର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶ ପରେ ମଙ୍ଗଳବାରଠାରୁ ହିଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ କେହି ନାମାଙ୍କନପତ୍ର ଦାଖଲ କରି ନ ଥିଲେ ମଧ୍ୟ ୧୩ ଫର୍ମ ବିକ୍ରି ହୋଇଥିବା ସୂଚନା ମିଳିଛି। ଜିଲାର ଝାରସୁଗୁଡ଼ା ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ୧୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଫର୍ମ କ୍ରୟ କରିଛନ୍ତି। ନାମାଙ୍କନପତ୍ର କ୍ରୟ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ଏପରି କି କେତେକ ରାଜନୈତିକ ଦଳ ଟିକେଟ ଆଶାୟୀ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି।

ଝାରସୁଗୁଡ଼ା ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରଥମ ଦିନରେ ୭ ଜଣ ଓ ବ୍ରଜରାଜନଗର ପାଇଁ ୬ ଜଣ ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ବ୍ରଜରାଜନଗର ଆସନ ପାଇଁ ଭାଜପାରୁ ରାଧାରାଣୀ ପଣ୍ଡା, ବିଜେଡିରୁ ଆଇନଜୀବୀ ସନ୍ଦୀପ ଅୱସ୍ଥୀ, ସିପିଆଇରୁ ରମେଶ ତ୍ରିପାଠୀ, ଏନ୍ସିପିରୁ ଶଙ୍କର ପ୍ରସାଦ ପାତ୍ର ଏବଂ ସ୍ୱାଧୀନ ଭାବେ ଅଜୟ ପ୍ରସାଦ ମଣ୍ଡଳ ଓ ପାର୍ବତୀ ବେହେରା ନାମାଙ୍କନ ଫର୍ମ କ୍ରୟ କରିଛନ୍ତି। ସେହିପରି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ବିଜେଡିରୁ ପୂର୍ବତନ ବାର୍ ସଭାପତି ରଘୁମଣି ପଟେଲ, କଂଗ୍ରେସରୁ ଅଶୋକ ମିଶ୍ର, ସୁଦୀପ୍ତା ପାତ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବା ଲକ୍ଷ୍ୟରେ ସୀୟାରାମ ଦାସ, ମାନସ ଦାସ, ଲକ୍ଷ୍ମଣ ଯାଦବ ଏବଂ ଦୀପକ କୁମାର ପଟେଲ ମଙ୍ଗଳବାର ନାମାଙ୍କନ ଫର୍ମ କ୍ରୟ କରିଥିବା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।



ଝଣ୍ଡା ଛକରେ ଚାଇନା ସାମଗ୍ରୀ ପୋଡ଼ାଯାଉଛି।

■ ବଲାଙ୍ଗୀରରୁ କଂଗ୍ରେସ ପ୍ରାର୍ଥୀ ନରସିଂହ

# ବିଜେଡି, ଭାଜପାର ଗଣିତ ଛିଣ୍ଡୁନି

ବଲାଙ୍ଗୀର ଅଫିସ, ୧୯।୩

ବଲାଙ୍ଗୀର ବିଧାନସଭା ଆସନ ପାଇଁ ପୁରୁଖା ନେତା, ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରଙ୍କୁ ଚଳିତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପୁଣି ଦଳୀୟ ଟିକେଟ ଦେଇଛି । ଏନେଇ ସୋମବାର ବିଳମ୍ବିତ ରାତ୍ରିରେ ବିଧିବଦ୍ଧ ଘୋଷଣା ହେବା ପରେ ବଲାଙ୍ଗୀରରେ କଂଗ୍ରେସ କର୍ମୀ, ନେତା ଓ ସମର୍ଥକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଅନ୍ୟପଟେ ପ୍ରତିପକ୍ଷ ବିଜେଡି ଓ ଭାଜପା ଆଶାୟୀ ପ୍ରାର୍ଥୀଙ୍କ ଗଣିତ ଛିଣ୍ଡୁ ନ ଥିବା ଜଣାପଡିଛି । ବିଜେଡି ପକ୍ଷରୁ ୫୪ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଥିଲେ ମଧ୍ୟ ବଲାଙ୍ଗୀର ଜିଲାର ବଲାଙ୍ଗୀର ସଦର ଓ ଲୋଇସିଂହା ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କଂଗ୍ରେସ ମିଶ୍ରଙ୍କ ନାମ ଘୋଷଣା କରି ପ୍ରତିପକ୍ଷ ବିଜେଡି ଓ ଭାଜପା ଉପରେ ଚାପ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ଶୁଣିବାକୁ ମିଳୁଛି। ବଲାଙ୍ଗୀର ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୩ଟି ବିଧାନସଭା ଆସନ ଯଥା ପାଟଣାଗଡ଼, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଆସନରେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ମଧ୍ୟ ବଲାଙ୍ଗୀର ଓ ଲୋଇସିଂହା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ବିଜେଡି ଶିବିରରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବଲାଙ୍ଗୀର ବିଧାନସଭା ଆସନ ପାଇଁ ବିଜେଡି ଆଶାୟୀ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ପୁଅ ଅର୍କେଶ ନାରାୟଣ ସିଂଦେଓ, ସମାଜିକ କର୍ମୀ ଲଳିତ କୁମାର ନାୟକ, ହରେକୃଷ୍ଣ ଷଡଙ୍ଗୀ, ନାରୀନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱର ନବୀନ ନିବାସରେ ତନାଘନା ଉଦ୍ୟମ ଚଳାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନଙ୍ଗଙ୍କ ବଡପୁଅ ତଥା ଲୋକସଭା ଏମପି କଲିକେଶ ନାରାୟଣ ସିଂଦେଓଙ୍କୁ ଚଳିତ ନିର୍ବାଚନ ପାଇଁ ଦଳ ପୁଣି ଥରେ ଲୋକସଭା ପ୍ରାର୍ଥୀ ଘୋଷଣା କରିଛି। ଏଭଳି କ୍ଷେତ୍ରରେ ଗୋଟିଏ ପରିବାରରୁ ଅନଙ୍ଗଙ୍କ ସାନପୁଅ ଅର୍କେଶଙ୍କୁ ଆଉ ଗୋଟିଏ ଦଳୀୟ ଟିକେଟ ମିଳିବ କି ନାହିଁ ସେନେଇ ବିଜେଡି କର୍ମୀ ଓ ସମର୍ଥକ ମହଲରେ ବି ଆଶଙ୍କା ଦେଖାଦେଇଛି । ଅର୍କେଶଙ୍କ କିଛି ସମର୍ଥକ ଦଳୀୟ ଟିକେଟ ନିଶ୍ଚୟ ପାଇବେ ବୋଲି ଦୃଢ଼ ଆଶାବାଦୀ ଥିଲେ ମଧ୍ୟ ଟିକେଟ ଘୋଷଣାକୁ ନେଇ ବିଳମ୍ବ ହେଉଥିବାରୁ ଚାପର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଜେଡି ଆଶାୟୀ ତାଲିକାରେ ଥିବା ଲଳିତ, ଷଡଙ୍ଗୀ, ଶ୍ରୀମୟୀ ଟିକେଟ ହାତେଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିବା କୁହାଯାଉଛି।

ଭାଜପାରେ ଡା. ବାସୁଦେବ ପତି, ଗୋପାଲଜୀ ପାଣିଗ୍ରାହୀ, ଅନନ୍ତ ଦାଶ ଟିକେଟ ଦୌଡରେ ରହିଥିଲେ ମଧ୍ୟ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ସେମାନଙ୍କ ସମର୍ଥକଙ୍କ ମହଲରେ ମଧ୍ୟ ଶଙ୍କା ବଢ଼ିବାରେ ଲାଗିଛି। ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ନିଧନ ପରେ ଟିକେଟ ବଣ୍ଟନରେ ବିଳମ୍ବ ହେଉଥିବା କୁହାଯାଉଛି। ତେବେ କଂଗ୍ରେସ ପ୍ରଥମରୁ ନରସିଂହ ମିଶ୍ରଙ୍କ ନାମ ଘୋଷଣା କରିଥିବାରୁ ହେଭିୱେଟ୍ ନେତାଙ୍କୁ ଟକ୍କର ଦେବାପାଇଁ ପ୍ରତିପକ୍ଷ ଭାଜପା ଓ ବିଜେଡି କେଉଁ ଆଶାୟୀଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେବ ତାହା ଚର୍ଚ୍ଚାର ବିଷୟ ହୋଇଛି।

■ ଆତଙ୍କବାଦକୁ ସମର୍ଥନର ପ୍ରତିବାଦ

# ଚାଇନା ସାମଗ୍ରୀ ପୋଡ଼ିଦେଲେ ବ୍ୟବସାୟୀ

ଝାରସୁଗୁଡ଼ା ଅଫିସ,୧୯।୩

ପୁଲୱାମା ଆକ୍ରମଣ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ମାସୁଦ୍ ଆଝାରକୁ ଆନ୍ତର୍ଜାତିକ ଆତଙ୍କବାଦୀ ଘୋଷଣାରେ ଚାଇନାର ପ୍ରତିବନ୍ଧକକୁ ଦୃଢ଼ ବିରୋଧ କରିଛି ଝାରସୁଗୁଡ଼ା ଚାମ୍ବର ଅଫ୍ କମର୍ସ। ମଙ୍ଗଳବାର ଚାମ୍ବର ସଦସ୍ୟମାନେ ଝଣ୍ଡା ଛକଠାରେ ଚାଇନା ପ୍ରସ୍ତୁତ ସାମଗ୍ରୀ ପୋଡ଼ି ଏହାର ପ୍ରତିବାଦ କରିଛନ୍ତି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଡାକରାରେ ମଙ୍ଗଳବାର ସମଗ୍ର ଦେଶରେ ଏଭଳି ପ୍ରତିବାଦ କରାଯାଇଛି। ଦୋକାନ ବଜାରରୁ ସଂଗୃହୀତ ଚାଇନା ସାମଗ୍ରୀ ପୋଡ଼ାଯାଇଛି। ଏହାସହ ଚାଇନା ସାମଗ୍ରୀ ବ୍ୟବହାର ଏବଂ ବିକ୍ରି ନ କରିବାକୁ ଗ୍ରାହକ ଏବଂ ବ୍ୟବସାୟୀଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଚାମ୍ବର ଅଫ୍ କମର୍ସର ହୀରାଲାଲ ଲୋକଚନ୍ଦାନୀ, ବରିଷ୍ଠ ନାଗରିକ ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ଗୋପାଳରାୟ ଅଗ୍ରୱାଲ, ଚୁନିଲାଲ ଖକ୍କାନି, ଶୈଳେଶ ଗିଦୱାନୀ, ଫକୀର ମୋହନ ବାରିକ, ଘନଶ୍ୟାମ ମନୋଜା, ରଘୁମଣି ପଟେଲ, ଦୟାଲ ନିରୱାନି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆୟୁବ୍ଙ୍କ ଟିକେଟ କଟିବା ପରେ କଣ୍ଟାବାଞ୍ଜିରେ ବିଦ୍ରୋହ ଆଶଙ୍କା

କଣ୍ଟାବାଞ୍ଜି,୧୯।୩(ଡି.ଏନ.ଏ.)

■ ବିଜେଡି କର୍ମୀ, କାର୍ଯ୍ୟକର୍ତ୍ତାଙ୍କ ବୈଠକ
■ ସାମୂହିକ ଇସ୍ତଫା ଧମକ
■ ସ୍ୱାଧୀନ ପ୍ରାର୍ଥୀ ହେବାକୁ ପରାମର୍ଶ
■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ନିଷ୍ପତ୍ତି ନେବେ ଆୟୁବ୍

କଣ୍ଟାବାଞ୍ଜି ବିଧାୟକ ଆୟୁବ୍ ଖାନ୍ଙ୍କୁ ଚଳିତ ନିର୍ବାଚନ ପାଇଁ ବିଜେଡି ବିଧାନସଭା ପ୍ରାର୍ଥୀ ଟିକେଟ ମିଳିନାହିଁ। ତାଙ୍କ ସ୍ଥାନରେ ଆମ୍ ଆଦ୍ମୀ ପାର୍ଟିରୁ ବିଜେଡି ଦଳକୁ ଡିଆଁ ମାରିଥିବା ଅଜୟ ଦାସଙ୍କୁ କଣ୍ଟାବାଞ୍ଜି ବିଧାନସଭା ଆସନରୁ ଟିକଟ ଦିଆଯାଇଛି। ଏନେଇ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ଆୟୁବ୍ ଖାନ୍ଙ୍କ ସମର୍ଥକ ମହଲରେ ନିରାଶା ଭାବ ଦେଖାଦେଇଛି।

ଟିକଟ ଆଶାୟୀ ଖାନ୍ ଭୁବନେଶ୍ୱରରୁ ଖାଲି ହାତରେ ଫେରିବା ପରେ କଣ୍ଟାବାଞ୍ଜି ମୁସଲିମ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଦୀର୍ଘ ୩ ଘଣ୍ଟା ଧରି ମାରାଥନ୍ ବୈଠକ କରିଥିଲେ। ଏଥିରେ ବିଧାୟକ ଆୟୁବ୍ ଖାନ୍ଙ୍କ ସହ ତୁରେକେଲା ବ୍ଲକ୍ ବିଜେଡି ସଭାପତି ଆସାତୁଲ୍ଲା ଖାନ୍, ମୁରିବାହାଲ ବ୍ଲକ୍ ବିଜେଡି ସଭାପତି ସିଦ୍ଧେଶ୍ୱର ଦାସ, ମୁରିବାହାଲ ଯୁବ ବିଜେଡି ସଭାପତି ହରିବନ୍ଧୁ ମେହେର, ତୁରେକେଲା ଯୁବ ବିଜେଡି ସଭାପତି ସୁଦାମ ବେହେରା, ବିଜେଡି ନେତା ବିଷ୍ଣୁ ଜୁଏଡ୍, ଚୈତନ୍ୟ ହଂସ, ବିଭିନ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଖାନ୍ଙ୍କୁ ଚଳିତ ନିର୍ବାଚନ ସକାଶେ ଦଳୀୟ ଟିକଟ ଦିଆଯାଇ ନ ଥିବାରୁ ଏହାକୁ ନିନ୍ଦା କରାଯାଇଥିଲା । ଉନ୍ନୟନମୂଳକ କାର୍ଯ୍ୟ ସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିଥିବା ସତ୍ତ୍ୱେ ତାଙ୍କୁ ବିଜେଡି ବିଧାୟକ ଟିକେଟ ଦିଆଯାଇ ନ ଥିବାରୁ ଏହାକୁ ବହୁ ସମର୍ଥକ ବିରୋଧ କରିଥିଲେ। ଆବଶ୍ୟକ ପଡିଲେ ଏଭଳି ନିଷ୍ପତ୍ତିର ପ୍ରତିବାଦରେ ସମସ୍ତ ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ କରି ଆୟୁବ୍ ଖାନ୍ଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଏହା ନ ହେଲେ ଖାନ୍ ଏଥର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ମତ ଜଣାଇଥିଲେ। ବଲାଙ୍ଗୀର ଏମ୍ପି କଲିକେଶ ନାରାୟଣ ସିଂଦେଓ ଓ ଅଜୟ ଦାସଙ୍କ ବିରୋଧରେ ବୈଠକରେ ଶ୍ଲୋଗାନ ଦିଆଯାଇଥିଲା। ବିଜେଡି ଏମ୍ପି ସିଂଦେଓଙ୍କ ଯୋଗୁ ଆୟୁବ୍ଙ୍କ ଟିକଟ କଟିଥିବା ଅଭିଯୋଗ କରାଯାଇ ତାଙ୍କୁ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକଙ୍କ ଏଭଳି ପ୍ରତିକ୍ରିୟା ଶୁଣିବା ପରେ ବିଧାୟକ ଆୟୁବ୍ ଖାନ୍ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଟିକେଟ ଦେବାକୁ ଦାବି କରିବେ ବୋଲି କହିଥିଲେ। ୨୦୧୪ ନିର୍ବାଚନରେ ବଲାଙ୍ଗୀର ଆସନରେ ହରେକୃଷ୍ଣ ଷଡଙ୍ଗୀଙ୍କ ନାମ ଘୋଷଣା ପରେ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ଅନଙ୍ଗ ଉଦୟ ସିଂଦେଓ ପ୍ରାର୍ଥୀ ହୋଇଥିବା ଉଦାହରଣ ଦେଇ କଣ୍ଟାବାଞ୍ଜିରେ ମଧ୍ୟ ପ୍ରାର୍ଥୀ ନାମ ପରିବର୍ତ୍ତନ କରିବାକୁ ଦାବି ଜଣାଇବେ ବୋଲି କହିଥିଲେ। ଏହା ନ ହେଲେ ଦଳୀୟ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯାହା ନିଷ୍ପତ୍ତି ନେବେ ସେ ଗ୍ରହଣ କରିବେ ବୋଲି ବିଧାୟକ ଖାନ୍ ଜଣାଇଛନ୍ତି। ବୈଠକ ପରେ ଖବରାଦାତା ସମ୍ମିଳନୀ କରି ଉପରୋକ୍ତ ବିଷୟରେ ବିଧାୟକ ଖାନ୍ ସୂଚନା ଦେଇଥିଲେ। କଣ୍ଟାବାଞ୍ଜିରେ ବିଜେଡି ପ୍ରାର୍ଥୀ ବଦଳ ପରେ ଦଳୀୟ ବିଦ୍ରୋହ ଆଶଙ୍କା ଦେଖାଦେଇଛି।